ନନ୍ଦିନୀ ଶତପଥୀ

ଲେଖକ : ଆଶିଷ ରଞ୍ଜନ ମହାପାତ୍ର

Digitized by PPRACHIN, SOA

ନନ୍ଦିନୀ ଶତପଥୀ

୧୯୩୧ – ୨୦୦୬

ଲେଖକ :

ଆଶିଷ ରଞ୍ଜନ ମହାପାତ୍ର

Digitized by PPRACHIN, SOA

'ନନ୍ଦିନୀ ଶତପଥୀ'

ଲେଖକ :
ଆଶିଷ ରଞ୍ଜନ ମହାପାତ୍ର

ପ୍ରକାଶକ :
ଅରୋଶ୍ରୀ ପବ୍ଲିକେଶନ
ଏନ୍-୪/୧୫୧, ଆଇ.ଆର୍.ସି ଭିଲେଜ୍, ଭୁବନେଶ୍ୱର

ଡିଟିପି ଓ ମୁଦ୍ରଣ :
ଅରୋପ୍ରଭା ପ୍ରିଣ୍ଟର୍ସ, ଭୁବନେଶ୍ୱର

ପ୍ରଚ୍ଛଦ :
ଏମ୍. ଟାଲି
(ପୃଥିବୀ ପ୍ରସିଦ୍ଧ ଚିତ୍ରକର ଏମ୍.ଟାଲି
ଏହି ପୋଟ୍ରେଟ୍‌କୁ ୧୯୭୬ ମସିହାରେ
ଶ୍ରୀମତୀ ନନ୍ଦିନୀ ଶତପଥୀଙ୍କୁ ଉପହାର ଦେଇଥିଲେ)

ପ୍ରଥମ ସଂସ୍କରଣ : ଜୁନ୍, ୨୦୧୨

ମୂଲ୍ୟ : ସାଦା ବନ୍ଧେଇ-ଟ. ୨୫୦.୦୦
ହାର୍ଡ ବନ୍ଧେଇ-ଟ. ୩୦୦.୦୦

'NANDINI SATPATHY'

Author :
Ashisa Ranjan Mohapatra

Published by :
Auroshree Publication
N4/151, IRC Village, Bhubaneswar-15

D.T.P. & Printed at :
Auroprava Printers
Bhubaneswar

Cover :
Shri M.Talli
(This Portrait of Smt. Nandini Satpathy was crafted by world renowned artist Shri M. Tali in 1976. The same was personally gifted to Smt. Satpathy by Shri Tali)

First Edition : June, 2012

Price : P.B - Rs. 250.00
H.B - Rs. 300.00

part proceeds from the sale of this book will be shared by the publisher towards the social cause 'project nandini'.

Digitized by PPRACHIN, SOA

"ଜେଜେମା'ଙ୍କର କଣ୍ଟକିତ ଚଲାପଥର କାହାଣୀକୁ ନେଇ
ପୂର୍ଣ୍ଣାଙ୍ଗ ପୁସ୍ତକଟିଏ ଓଡ଼ିଶାବାସୀଙ୍କୁ ଉପହାର ଦେବାକୁ ଯିଏ ଅହରହ
ମନେପକାଇ ଦେଉଥିଲେ ଏବଂ ଯାହାଙ୍କୁ ଶ୍ରୀମତୀ ନନ୍ଦିନୀ ଶତପଥୀ ପ୍ରାଣଠାରୁ
ଅଧିକ ଭଲ ପାଉଥିଲେ, ସେହି ଯୁବପ୍ରତିଭା ଶ୍ରୀଯୁକ୍ତ ସୁପର୍ନୋ ଶତପଥୀଙ୍କ ହାତରେ
ଶ୍ରଦ୍ଧାର ସହ ଏହି ପୁସ୍ତକକୁ ଅର୍ପଣ କରୁଛି ।"

—ଆଶିଷ ରଞ୍ଜନ ମହାପାତ୍ର

Digitized by PPRACHIN, SOA

Digitized by PPRACHIN, SOA

ନିଜ କଥା

ଊଣେଇଶ ଅନେଶୋତ ଓ ଦୁଇ ହଜାର ଏଗାର ମଧ୍ୟରେ ବ୍ୟବଧାନ ଗୋଟାଏ ଯୁଗର– ବାରବର୍ଷରୁ ଊର୍ଦ୍ଧ୍ୱ । ଏହି ଅବଧି ଭିତରେ ସାରା ପାର୍ଥିବ ଜଗତରେ ଉଲ୍ଲେଖନୀୟ ପରିବର୍ତ୍ତନ ଘଟିବା ସଙ୍ଗେ ସଙ୍ଗେ ବହୁ ବ୍ୟକ୍ତି ପୃଥିବୀରୁ ବିଦାୟ ନେଇଛନ୍ତି ଏବଂ ନୂତନ ସମ୍ଭାବନା ନେଇ ଆସିଛନ୍ତି ଅନେକେ । ଏହି ଯିବାଆସିବା ଭିତରେ ଯେଉଁମାନେ ଛାଡ଼ିଯାଇଛନ୍ତି ପୃଥିବୀ ପୃଷ୍ଠରେ ଏକ ବଳିଷ୍ଠ ପଦଚିହ୍ନ–ନିଜର କର୍ମ ମାଧ୍ୟମରେ, ମୂଲ୍ୟବୋଧ ମାଧ୍ୟମରେ; ସେମାନଙ୍କର ଅମୂଲ୍ୟ କର୍ମମୟ ଜୀବନର କାହାଣୀ ଏବଂ ଦର୍ଶନକୁ ଟିପାଖାତାରେ ଲେଖିରଖି ପରବର୍ତ୍ତୀ ପିଢ଼ିଙ୍କ ନିମନ୍ତେ ପରିବେଷଣ କରିବା ନିଶ୍ଚିତ ଭାବେ ଏକ କଷ୍ଟକର ବ୍ୟାପାର । ତେବେ ସମାଜ ପ୍ରତି ଏହା ଏକ ଦାୟିତ୍ୱବୋଧ । ଉତ୍କଳମାତାଙ୍କର ଏଭଳି ଜଣେ ସୁଯୋଗ୍ୟା ସନ୍ତାନ ଥିଲେ ଶ୍ରୀମତୀ ନନ୍ଦିନୀ ଶତପଥୀ । ସ୍ୱାଧୀନତା ସଂଗ୍ରାମ, ସମାଜସେବା, ରାଜନୀତି, ସାରସ୍ୱତ ସୃଷ୍ଟି ଆଦି ବହୁ ଦୃଷ୍ଟିକୋଣରୁ ତାଙ୍କର ଜୀବନ ଦର୍ଶନ ଏବଂ କାର୍ଯ୍ୟାବଳୀ ସମାଜ ପାଇଁ ଏକ ଦୁର୍ମୂଲ୍ୟ ଉପାଦାନ ଅନୁଭବ କରି ୧୯୯୯ ମସିହାରେ ମୁଁ ଲେଖିଥିଲି ତାଙ୍କର ଜୀବନୀ ପୁସ୍ତକ 'ମାଟିର ନନ୍ଦିନୀ' । ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକଙ୍କ ଦ୍ୱାରା ପ୍ରକାଶିତ ଏହି ପୁସ୍ତକର ଲୋକପ୍ରିୟତା ଏବଂ ଆବଶ୍ୟକତା ଦୀର୍ଘ ବାରବର୍ଷ ପରେ ଏବେ ବି ଅନୁଭୂତ ହୁଏ । ପ୍ରଫେସରଙ୍କଠାରୁ ସମାଜସେବୀ ଏବଂ ଗବେଷଣାରତ ଛାତ୍ରଛାତ୍ରୀଙ୍କ ପର୍ଯ୍ୟନ୍ତ ଅନେକେ ଏହି ପୁସ୍ତକ ନ ପାଇ ମୋ ସହ ଯୋଗାଯୋଗ କରିଆସୁଥିଲେ । ଏହି ଅଭାବବୋଧ ଦ୍ୱାରା ସଂକ୍ରମିତ ହୋଇ ଏହାର ଏକ ପୂର୍ଣ୍ଣାଙ୍ଗ କଳେବରର ପ୍ରସ୍ତୁତି ନିମନ୍ତେ ମନରେ ଭ୍ରୂଣଟିଏ ସୃଷ୍ଟି ହୋଇଯାଇଥିଲା ନିଜ ଅଲକ୍ଷ୍ୟରେ । ବିଗତ ତିନି ଚାରିବର୍ଷ ଧରି ପୁସ୍ତକଟିରେ ଆଉକିଛି ନୂତନ ତଥ୍ୟ ସନ୍ନିବେଶିତ କରିବା ସହିତ ମୁଦ୍ରଣଜନିତ ତ୍ରୁଟି ବିଚ୍ୟୁତିରେ ସୁଧାର ଆଣି ଏକ ନୂଆ ରୂପରେ ଜୀବନୀ ପୁସ୍ତକଟି ଉପସ୍ଥାପନ କରିବାର

Digitized by PPRACHIN, SOA

ଚେଷ୍ଟାରେ ରହିଥିଲି । ନିଶ୍ଚିତ ଭାବରେ ଏହା ପୂର୍ଣ୍ଣାଙ୍ଗ ବୋଲି ମୁଁ ଦାବି କରିପାରିବି ନାହିଁ । କିନ୍ତୁ ଏକଥା ସତ୍ୟ, ଯେଉଁ କାର୍ଯ୍ୟଟି ବିଗତ ବାରବର୍ଷ ତଳେ ଆରମ୍ଭ ହୋଇଥିଲା, ଏହି ପୁସ୍ତକଟି ସେହି ଉଦ୍ୟମର ଏକ ପୂର୍ଣ୍ଣାଙ୍ଗ ପରିପ୍ରକାଶ ।

୧୯୯୦ ମସିହାରେ ନନ୍ଦିନୀଦେବୀଙ୍କ ସଙ୍ଗେ ପରିଚୟ ହେବାବେଳକୁ ରାଜନୈତିକ ଆକାଶରେ ସେ ସମ୍ପୂର୍ଣ୍ଣ କ୍ଷମତା ନିଃଷ୍ପ୍ରଭ ହୋଇଯାଇଥିଲେ ମଧ ତାଙ୍କ ଭିତରେ ମୁଁ ଅନୁଭବ କରିଥିଲି ଦାଉ ଦାଉ ଜଳୁଥିବା ଏକ ସ୍ଫୁଲିଙ୍ଗ । ପୁଣି ପ୍ରତ୍ୟକ୍ଷ କରିଥିଲି ମାତୃ ହୃଦୟର ଏକ ବିଶାଳତା, ଆଉ ନିଜ ଦେଶ, ପ୍ରଦେଶ ଓ ଜାତିକୁ ଭଲ ପାଉଥିବା ଜଣେ ବିପ୍ଲବିଣୀର ନିଛକ ସ୍ୱାଭିମାନ । ବିଧାୟିକା ବ୍ୟତିରେକ କୌଣସି ବିଶେଷ କ୍ଷମତାରେ ନ ଥିଲେ ବି ଦେଶ ଓ ରାଜ୍ୟର ତୁଙ୍ଗ କ୍ଷମତାଧାରୀମାନେ ତାଙ୍କ ନିକଟରେ ମଳିନ ଦିଶୁଥିଲେ, ତାଙ୍କ ଅନୁରୋଧକୁ ଆଦେଶ ଭାବେ ଗ୍ରହଣ କରୁଥିଲେ । ଲାଗୁଥିଲା ସେ ଯେପରି ସର୍ବକାଳୀନ ଏକ ଅଦୃଷ୍ଟ ଅଖଣ୍ଡ କ୍ଷମତାର ଅଧିକାରିଣୀ । ବୋଧହୁଏ ଏକଥା କେବଳ ସମ୍ଭବ ହୋଇଥିଲା, ଖୁସାମତି, ତୋଷାମଦି ବା କାହା ଗୋଡ଼ ହାତଧରି କ୍ଷମତାସୀନ ହେବାର ଆଜିର ପରମ୍ପରା ପ୍ରତି ସର୍ବଦା ତାଙ୍କର ତୀବ୍ର ଘୃଣା ଓ ତାଚ୍ଛଲ୍ୟ, ପୁଣି କ୍ଷମତାସୀନ ହୋଇ ଧନୀଲୋକ, ପ୍ରଚୁର ଭୂସମ୍ପତ୍ତିର ମାଲିକ, ଅତ୍ୟାଚାରୀ ବା ଶୋଷକ ଦୁର୍ନୀତିଖୋର ଶିଳ୍ପପତିଙ୍କ ହାତରେ କ୍ରୀଡ଼ନକ ନ ସାଜି ସାଧାରଣ ଜନତାଙ୍କ ଗହଣରେ ରହି ସମାଜର ସବା ତଳେ ପଡ଼ିରହିଥିବା ମଣିଷମାନଙ୍କ ପାଇଁ ତାଙ୍କର ଦରଦ ଓ ଯତ୍‌ସାମର୍ଥ୍ୟ କର୍ମ ଯୋଗୁଁ । ଇନ୍ଦିରା ଗାନ୍ଧୀଙ୍କ ମୃତ୍ୟୁ ପରେ ରାଜୀବ ଗାନ୍ଧୀ ତାଙ୍କୁ ପୂର୍ବବତ୍ ସମ୍ମାନ ଜଣାଉଥିଲେ ଏବଂ ୧୯୮୯ ମସିହାରେ ଓଡ଼ିଶା କଂଗ୍ରେସ ଦାୟିତ୍ୱ ସମ୍ଭାଳିବା ପାଇଁ ଆମନ୍ତ୍ରଣ ଜଣାଇଥିଲେ । ତିନିମାସିଆ ପ୍ରଧାନମନ୍ତ୍ରୀତ୍ୱ ସମୟରେ ଚନ୍ଦ୍ରଶେଖର ଓଡ଼ିଶା ଗସ୍ତରେ ଆସିଥିବାବେଳେ, ନନ୍ଦିନୀଙ୍କୁ ତାଙ୍କ ବାସଭବନରେ ଭେଟି ରାଜନୀତି ବିଷୟରେ ଆଲୋଚନା କରିବାବେଳେ, ସତରେ ଜାଣି ହେଉନଥିଲା ଉଭୟଙ୍କ ମଧ୍ୟରୁ କିଏ ପ୍ରଧାନମନ୍ତ୍ରୀ ! ଭାରତବର୍ଷର ବହୁ ପ୍ରଖ୍ୟାତ ଜନନେତା, ସମାଜସେବୀ ଏବଂ ବୁଦ୍ଧିଜୀବୀଙ୍କର ନନ୍ଦିନୀଙ୍କ ପ୍ରତି ଶ୍ରଦ୍ଧା ଏବଂ ସମ୍ମାନ ଅତୁଟ ରହିଥିଲା ଶେଷ ପର୍ଯ୍ୟନ୍ତ । ଓଡ଼ିଶାର ବରିଷ୍ଠ ରାଜନେତା ଓ ବିଶିଷ୍ଟ ବ୍ୟକ୍ତିଙ୍କର ତାଙ୍କ ପ୍ରତି ଥିଲା ଯଥେଷ୍ଟ ସମ୍ଭ୍ରମ । ନବେ ଦଶକରେ ବିଜୁବାବୁ ମୁଖ୍ୟମନ୍ତ୍ରୀ ଥିବାବେଳେ ବିଧାନସଭାରେ କୌଣସି ଆଲୋଚନାରେ କିଛି ବିଷୟରେ ସ୍ପଷ୍ଟୀକରଣ ଲୋଡୁଥିବା ସଭ୍ୟମାନଙ୍କୁ ସେ ନନ୍ଦିନୀଙ୍କ ଆଡ଼କୁ ବହୁବାର ଅଙ୍ଗୁଳି ନିର୍ଦ୍ଦେଶ କରି କହୁଥିଲେ, "ସେଠି ଜଣେ 'ଲେଡି ଚିଫ୍ ମିନିଷ୍ଟର' ବସିଛନ୍ତି ତାଙ୍କୁ ପଚାର ।" ନନ୍ଦିନୀଦେବୀ ସଙ୍ଗେ ସଙ୍ଗେ ବିଜୁବାବୁଙ୍କୁ ପ୍ରତିପ୍ରଶ୍ନ

Digitized by PPRACHIN, SOA

କରୁଥିଲେ, "ଗୋଟିଏ ହାଉସ୍‌ରେ କ'ଣ ଦୁଇଜଣ ମୁଖ୍ୟମନ୍ତ୍ରୀ ଥାଆନ୍ତି କି ? ତା'ଛଡ଼ା ମୁଖ୍ୟମନ୍ତ୍ରୀ ତ ମୁଖ୍ୟମନ୍ତ୍ରୀ, ପୁଣି ଲେଡି ମୁଖ୍ୟମନ୍ତ୍ରୀ ଗୋଟାଏ କ'ଣ ?" ଏଥିରୁ ସ୍ପଷ୍ଟ ସୂଚନା ମିଳେ ଯେ, ବିଜୁବାବୁ ସର୍ବଦା ଜଣେ ମୁଖ୍ୟମନ୍ତ୍ରୀ ଭଳି ବିଚାରୁଥିଲେ ନନ୍ଦିନୀଙ୍କୁ ।

ସେହିଭଳି ଜାନକୀବାବୁ ମଧ୍ୟ ବହୁ ସମୟରେ ବହୁ କଥାରେ ନନ୍ଦିନୀଦେବୀଙ୍କୁ ଗୁରୁତ୍ୱ ଦେଉଥିଲେ । କିବା ଶତ୍ରୁ, କିବା ମିତ୍ର ସଭିଏଁ ଯେପରି ଏହି ମହିଳାଙ୍କ ପ୍ରଜ୍ଞା, ସ୍ୱାଭିମାନ, ସ୍ପଷ୍ଟବାଦୀତା ଆଗରେ ଆପଣାଛାଏଁ ସ୍ତିମିତ ହୋଇଯାଉଥିଲେ । ଦେଶର ଖ୍ୟାତନାମା ଲେଖକ ଲେଖିକା, ଏପରିକି ଖୁସୱନ୍ତ ସିଂହଙ୍କଠାରୁ ଆରମ୍ଭ କରି ଅମ୍ରିତା ପ୍ରୀତମ୍ ଏବଂ ମହାଶ୍ୱେତାଦେବୀଙ୍କ ପର୍ଯ୍ୟନ୍ତ ସଭିଏଁ ତାଙ୍କ ବ୍ୟକ୍ତିତ୍ୱ ଏବଂ ସାରସ୍ୱତ ପ୍ରତିଭାର ଜଣେ ଜଣେ ମୁଗ୍ଧ ପ୍ରଶଂସକ ଥିଲେ । ଏହିପରି ଅନେକ ଘଟଣାର ପ୍ରତ୍ୟକ୍ଷଦର୍ଶୀ ଭାବରେ ଓଡ଼ିଶା ମାଟିରେ ଜନ୍ମିଥିବା ଏଭଳି ପ୍ରଚଣ୍ଡ ସ୍ୱାଭିମାନୀ ଜଣେ ଜନନେତ୍ରୀଙ୍କ ଜୀବନୀ ଲେଖିବା ପାଇଁ ମୋ ନିଜ ଭିତରୁ କିଭଳି ଗୋଟାଏ ପ୍ରେରଣା ଆପଣାଛାଏଁ ସୃଷ୍ଟି ହୋଇଥିଲା । ଏଭଳି ମହାର୍ଘ୍ୟ ଓ ମହତ୍ କାର୍ଯ୍ୟଟିଏ ପାଇଁ ଓଡ଼ିଶାର ବହୁ ବୁଦ୍ଧିଜୀବୀ, ପ୍ରଫେସର, ସମାଜସେବୀ ମଧ୍ୟ ବ୍ୟକ୍ତିଗତ ଭାବେ ଉତ୍ସାହିତ କରିଥିଲେ । ବିଶେଷକରି ଏ କ୍ଷେତ୍ରରେ ମୋର ପ୍ରାଥମିକ ପ୍ରୟାସ ଦେଖି ସ୍ୱୟଂ ନନ୍ଦିନୀଦେବୀ ମଧ୍ୟ ଅନେକବାର ପରିହାସରେ ଶୁଣାଇଥିଲେ, "ମୋର ତ ଜୀବନ ନାହିଁ, ଆଉ ଜୀବନୀ ଆସିବ କେଉଁଠୁ !"

ପ୍ରଥମ ପୁସ୍ତକ ପ୍ରକାଶିତ ହେବାପରେ ଆଶା ଥିଲା ଅନ୍ତତଃ ଓଡ଼ିଶାର ବରିଷ୍ଠମାନଙ୍କ କଲମରୁ ଏଭଳି ଜଣେ ପ୍ରତିଭା ସମ୍ପନ୍ନ, ବାସ୍ତବବାଦୀ ତଥା ସ୍ୱୟଂସିଦ୍ଧା ଅପରାଜିତା ଜନନେତ୍ରୀଙ୍କ ଜୀବନୀ ଉପରେ ଆଉ କିଛି ଗଭୀର ଅନୁଶୀଳନ, ଅନୁସନ୍ଧାନ ପୂର୍ବକ ତାଙ୍କ ସମ୍ବନ୍ଧରେ ନୂତନ କିଛି ତଥ୍ୟ ଭିତ୍ତିକ ଭିନ୍ନ ଏକ ପୁସ୍ତକ ରଚିତ ହେବ । ମାତ୍ର ଇତିମଧ୍ୟରେ ବାରବର୍ଷରୁ ଊର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ ହୋଇସାରିଥିଲେ ବି ନାରୀ ଜାଗରଣ, ନାରୀ ସଶକ୍ତିକରଣ; ସର୍ବୋପରି ନାରୀମାନଙ୍କ ଉତ୍‌ଥାନ ପାଇଁ ସର୍ବଦା ସାମାଜିକ ସ୍ତରରେ ଅଭିବ୍ୟକ୍ତି ପ୍ରକାଶ ପାଇଚାଲୁଥିଲେ ବି ନନ୍ଦିନୀଦେବୀଙ୍କ ପରି ଜଣେ ଦୃଷ୍ଟାନ୍ତମୂଳକ ନେତ୍ରୀଙ୍କ ବିଷୟରେ କିଛି ଲେଖିବା ପାଇଁ କେହି ଉଦ୍ୟମ କରିନାହାନ୍ତି । ଏପରିକି ୧୮୯୮ ମସିହାରେ ସର୍ବପ୍ରଥମେ 'ନାରୀ' ଚରିତ୍ର ଉପରେ ଗୁରୁତ୍ୱାରୋପ କରିଥିବା କଥା ସମ୍ରାଟ ଫକୀରମୋହନଙ୍କ ଓଡ଼ିଆ ସାହିତ୍ୟର ପ୍ରଥମ ଗଳ୍ପ 'ରେବତୀ'କୁ ଉପଜୀବ୍ୟ କରି ନିତି ନୂଆ ନୂଆ କାହାଣୀ ଗଢୁଥିବା ଆଜିର ଲେଖିକାମାନଙ୍କର କଲମ ମଧ୍ୟ ପୁରୁଷ ପ୍ରଧାନ ସମାଜକୁ ଟକ୍କର ଦେଇ ସ୍ୱଜାତିର ମଥାଟେକି ନିଜକୁ ବ୍ୟକ୍ତି ଭାବରେ ସାବ୍ୟସ୍ତ କରିଥିବା 'ନନ୍ଦିନୀଦେବୀ'ଙ୍କ ବିଷୟରେ ଏକପ୍ରକାର ନୀରବ ।

Digitized by PPRACHIN, SOA

ଯାହାହେଉ, ଏତେବର୍ଷ ଭିତରେ ଏହିସବୁ କଥା ପ୍ରତ୍ୟକ୍ଷ କରି ଏବଂ ଆଗାମୀ ପିଢ଼ି ପାଇଁ ନନ୍ଦିନୀଦେବୀଙ୍କ ଜୀବନୀର ଐତିହାସିକ ଆବଶ୍ୟକତାର ଅନୁଭବ କରି ଏକ ସାମାଜିକ ଆହ୍ୱାନକୁ ଏଡ଼ାଇ ନପାରି ପୂର୍ବ ପୁସ୍ତକ "ମାଟିର ନନ୍ଦିନୀ"ର ଦ୍ୱିତୀୟ ସଂସ୍କରଣ କରିବାକୁ ଚିନ୍ତା କରୁ କରୁ ଏହି ପୁସ୍ତକଟି ନୂତନ ପରିପାଟୀ ନେଇ ଆତ୍ମପ୍ରକାଶ କରିବାକୁ ଲାଗିଲା ।

ଏଥିରେ ସନ୍ନିବେଶିତ ଘଟଣାବଳୀ ବସ୍ତୁତଃ ମୂଳ ପୁସ୍ତକରୁ ଉଦ୍ଧାର କରାଯାଇଥିବାବେଳେ ପ୍ରଥମ ପ୍ରକାଶନର ପରବର୍ତ୍ତୀ ସମୟରେ ନନ୍ଦିନୀଦେବୀଙ୍କ ସହ ଆଉକିଛି କଥାବାର୍ତ୍ତା, ଆଲୋଚନା ସମୟର ତଥ୍ୟ ନୂତନ ଭାବେ ପରିବେଷଣ କରାଯାଇଛି । ଏତଦ୍‌ବ୍ୟତୀତ ବିଭିନ୍ନ ପତ୍ରପତ୍ରିକା, ଦୈନିକ ଇଂରାଜୀ ଓ ଓଡ଼ିଆ ଖବରକାଗଜରୁ ତାଙ୍କର ସାକ୍ଷାତକାର, ସମକାଳୀନ ପୁସ୍ତକ—ନୀଳମଣି ରାଉତରାୟଙ୍କ 'ସ୍ମୃତି ଓ ଅନୁଭୂତି', ଡକ୍ଟର ଶ୍ରୀରାମଚନ୍ଦ୍ର ଦାଶଙ୍କ 'ମୋ ଅକୁହା କାହାଣୀ', ଅନ୍ନପୂର୍ଣ୍ଣା ମହାରଣାଙ୍କ 'ଅମୃତ ଅନୁଭବ', ଭାଗବତ ପ୍ରସାଦ ମହାନ୍ତିଙ୍କ 'ଅର୍ଦ୍ଧଶତାବ୍ଦୀର ଓଡ଼ିଶା କଂଗ୍ରେସ' ଆଦି ପୁସ୍ତକ ସମୂହର କେତେକ ତଥ୍ୟ ଏହି ପୁସ୍ତକକୁ ପରିପୁଷ୍ଟ କରାଇବାରେ ସହାୟକ ହୋଇଛନ୍ତି । ପୁସ୍ତକ ରଚନାର ଅବ୍ୟବହିତ ପୂର୍ବରୁ ବିଗତ ବାରବର୍ଷ ଭିତରେ ନନ୍ଦିନୀଦେବୀଙ୍କ ସମକାଳୀନ ବହୁ ବୟସ୍କ ସମାଜସେବୀ, ରାଜନୀତିଜ୍ଞ, ପ୍ରଶାସକ ଏବଂ ଲେଖକ ଲେଖିକାମାନଙ୍କ ସହ ମୋର ସାକ୍ଷାତ ଆଲୋଚନା ମଧ୍ୟ ଏହାକୁ ଅଧିକ ତଥ୍ୟଯୁକ୍ତ ଏବଂ ପ୍ରାଣବନ୍ତ କରିଛି । ବିଶେଷକରି ନବେ ଦଶକରେ କେତେକ ଘଟଣାରେ ମୋର ପ୍ରତ୍ୟକ୍ଷ ଅନୁଭୂତି ଏଥିରେ ସ୍ଥାନିତ ହୋଇଥିବାବେଳେ, ୧୯୫୦ରୁ ୧୯୮୦ ଦଶକ ମଧ୍ୟରେ ଓଡ଼ିଶାର ରାଜନୈତିକ ଇତିହାସକୁ ନେଇ ଜନମାନସରେ ରହିଆସିଥିବା କେତେକ ବିଭ୍ରାନ୍ତି ଦୂରୀଭୂତ କରିବାକୁ ପ୍ରଚେଷ୍ଟା କରାଯାଇଛି ।

ସବୁଠାରୁ ଉଲ୍ଲେଖଯୋଗ୍ୟ କଥାଟି ହେଉଛି, ବିଗତ ଦୀର୍ଘ ସମୟ ଧରି ନିରବଚ୍ଛିନ୍ନ ଭାବରେ ଏହି ପୁସ୍ତକ ରଚନା କାଳରେ ପ୍ରାୟ ପ୍ରତିଟି ମୁହୂର୍ତ୍ତରେ ମୋର ଅନୁଭବ ହୋଇଛି, ସତେଯେମିତି କେହି ଜଣେ ଆଗେ ଆଗେ ମୋତେ ବାଟ କଢ଼ାଇ ନେଉଛି ଆଉ ଅନୁପ୍ରେରିତ କରିଚାଲିଛି ସକଳ ପରୀକ୍ଷା ନୀରିକ୍ଷା ପୂର୍ବକ ସଠିକ୍ ତଥ୍ୟର ଅବତାରଣା ପାଇଁ । ଏହି ଅବସରରେ ସେହି ଅଜଣା ପଥପ୍ରଦର୍ଶକଙ୍କ ନିକଟରେ ମୋର ବିନମ୍ର କୃତଜ୍ଞତା ।

ପୂର୍ଣ୍ଣାଙ୍ଗ ପାଣ୍ଡୁଲିପିଟିକୁ ଅତ୍ୟନ୍ତ ଶ୍ରଦ୍ଧାର ସହିତ ଗଭୀର ବିଶ୍ଲେଷଣ କରି କେତେକ ତ୍ରୁଟି ସୁଧାରିବାରେ ଓଡ଼ିଶା ହୋମିଓପ୍ୟାଥି (ଭେଷଜ) ଚିକିତ୍ସା ଜଗତର ଉଜ୍ଜ୍ୱଳ ଜ୍ୟୋତିଷ୍କ, ଲେଖକ, ସର୍ବୋପରି ମୋର ପିତୃବ୍ୟ ଡାକ୍ତର କମଳାକାନ୍ତ କର ଏକ ସାମାଜିକ ଗୁରୁଦାୟିତ୍ୱ ସମ୍ପନ୍ନ କରିଥିବାବେଳେ; ଭାଷା ବିନ୍ୟାସ କ୍ଷେତ୍ରରେ ମୋର ଅଗ୍ରଜ, ଶ୍ରୀଯୁକ୍ତ ଅଭୟ ସିଂହ,

Digitized by PPRACHIN, SOA

ଅଧ୍ୟାପକ ନିରଞ୍ଜନ ପାଢ଼ୀ ଏବଂ ବନ୍ଧୁ ଶ୍ରୀଯୁକ୍ତ ସୂର୍ଯ୍ୟ ଦାଶ ପୁସ୍ତକକୁ ଅଧିକ ରୁଚିବନ୍ତ କରିବାରେ ସହାୟକ ହୋଇଛନ୍ତି । ପୁସ୍ତକର ପ୍ରଥମ ପାଠକ ପାଠିକା ଭାବରେ ଓଡ଼ିଶାର ଜଣାଶୁଣା ଶଲ୍ୟ ଚିକିତ୍ସକ ଡାକ୍ତର ବୈକୁଣ୍ଠ ନାଥ ମିଶ୍ର ଏବଂ ଜଣେ ଆଦର୍ଶ ଶିକ୍ଷୟିତ୍ରୀ ଡକ୍ଟର ପ୍ରମିଳା ଶତପଥୀଙ୍କ ଭଳି ଦୁଇଜଣ ଗୁରୁଜନଙ୍କ ସ୍ୱତଃସ୍ଫୁର୍ତ୍ତ ମତାମତ ଏଠାରେ ପ୍ରଣିଧାନଯୋଗ୍ୟ–"ନନ୍ଦିନୀଙ୍କ ପରି ଜଣେ ସ୍ୱାଭିମାନୀ ଏବଂ ସଂଗ୍ରାମୀ ମହିଳାଙ୍କ ଜୀବନର ସମସ୍ତ ଭଲଗୁଣ ଓ କର୍ମର ଏକ ସଫଳ ସମାହାର ଏହି ପୁସ୍ତକ । ସମାଜ ପ୍ରତି ଉତ୍ସର୍ଗୀକୃତ ମନୋଭାବ ପୋଷଣ କରି ଅତ୍ୟନ୍ତ ସ୍ନେହ ଓ ଶ୍ରଦ୍ଧାର ସହ ଏହା ରଚନା କରାଯାଇଛି । ସୁତରାଂ, ପୁସ୍ତକଟି ପୁରସ୍କାରର ପ୍ରହେଳିକା ମଧ୍ୟରେ ନିଜର ସ୍ଥାନ ଖୋଜି ପାଉ କି ନ ପାଉ, ପାଠକୀୟ ସ୍ୱୀକୃତି ଯେ ନିଶ୍ଚୟ ପାଇବ ଏହା ସୁନିଶ୍ଚିତ ।" ଡାକ୍ତର ମିଶ୍ର ଏବଂ ପ୍ରମିଳାଦେବୀଙ୍କ ଏହି ପାଠକୀୟ ସ୍ୱୀକାରୋକ୍ତି ପୃଥିବୀର ଯେକୌଣସି ପୁରସ୍କାର ଅପେକ୍ଷା ଯେ ଗରୀୟାନ, ତାହା ଅନସ୍ୱୀକାର୍ଯ୍ୟ ।

ଏହି ପୁସ୍ତକ ପ୍ରକାଶନ ଅନ୍ତରାଳରେ ଅନେକ ଘଟଣା ଏବଂ ବ୍ୟକ୍ତିବିଶେଷଙ୍କର ପ୍ରତ୍ୟକ୍ଷ ଓ ପରୋକ୍ଷ ପ୍ରେରଣା ରହିଥିଲେ ମଧ୍ୟ ଦୁଇଜଣଙ୍କର ନିରବଚ୍ଛିନ୍ନ ତାଗିଦ୍ ମୋତେ ଶେଷ ପର୍ଯ୍ୟନ୍ତ ବାଟକଢ଼ାଇ ଆଣିଥିଲା । ସେମାନେ ହେଲେ ମୋ ଝିଅ ଅରୋଶ୍ରୀ ଏବଂ ପତ୍ନୀ ସୁପ୍ରଭା । ସକଳ ଅଭାବବୋଧକୁ ହୃଦୟରେ ଚାପିରଖି ପାଣ୍ଡୁଲିପି ପ୍ରସ୍ତୁତି ସମୟରେ ଆବଶ୍ୟକୀୟ ପତ୍ରପତ୍ରିକା, ପୁସ୍ତକ, କାଗଜ ଟୁକୁଡ଼ାସବୁକୁ ସଯତ୍ନରେ ପରଷିଦେବା ସହ, ଗୋଟିଏ ପାଠ ସରିଲେ ତାକୁ ତନ୍ନତନ୍ନ କରି ପଢ଼ି ଦୋଷତ୍ରୁଟି ସଜାଡ଼ିବାରେ କାର୍ପଣ୍ୟ କରିନାହାନ୍ତି । ଇତିମଧ୍ୟରେ ଥର ଥର ହୋଇ ପାଞ୍ଚଥର ଭଡ଼ାଘର ବଦଳାଇବା ଭିତରେ ମୂଳ ପାଣ୍ଡୁଲିପି ସହିତ ବିଭିନ୍ନ ସମୟରେ ସଂଗୃହୀତ ତଥ୍ୟର ବିକ୍ଷିପ୍ତ ଦସ୍ତାବିଜକୁ ସଯତ୍ନରେ ସାଇତି ରଖିବାରେ, ସୁପ୍ରଭାଙ୍କ ଆତ୍ମୀୟତା ସର୍ବାଧିକ ।

ପୁସ୍ତକର ପ୍ରକାଶନ ଅବସରରେ ସମସ୍ତଙ୍କ ନିକଟରେ ମୁଁ ଗଭୀର କୃତଜ୍ଞ ।

ଶେଷରେ ସିନ୍ଧୁରୁ ବିନ୍ଦୁଟିଏ ସଂଗ୍ରହ ପୂର୍ବକ ବହୁ କଷ୍ଟ ସ୍ୱୀକାର କରି, ଭବିଷ୍ୟତ ପିଢ଼ି ପାଇଁ ସାଇତି ରଖିବାକୁ ଉଦ୍ୟମ କରିଥିବା ଏହି ପୁସ୍ତକଟି ଯଦି ପ୍ରଗତିଶୀଳ ଚିନ୍ତାଧାରା ପୋଷଣ କରୁଥିବା ବ୍ୟକ୍ତିମାନଙ୍କର ଉପକାରରେ ଲାଗିପାରିବ ତେବେ ନିଜକୁ କୃତାର୍ଥ ମଣିବି ।

ଆଶିଷ ରଞ୍ଜନ ମହାପାତ୍ର

Digitized by PPRACHIN, SOA

Digitized by PPRACHIN, SOA

୧

ଈଶ୍ୱରଙ୍କ ଅନନ୍ୟ ଅବଦାନ : ନନ୍ଦିନୀ

୧ ୯ ୨ ୯ ମସିହାର ଏକ ଶୀତୁଆ ସକାଳ । ହଠାତ୍ ଦେଖାଗଲା, ଗୋଟିଏ ପୁଷ୍କରିଣୀର ଶାନ୍ତ-ସ୍ନିଗ୍ଧ-ନୀଳ ଜଳରାଶି ଉପରେ ଶୁଭ୍ରବର୍ଣ୍ଣର ଅଜଣା ନାରୀ ମୂର୍ତ୍ତିଟିଏ ଅଣ୍ଟାଏ ପାଣିରେ ଦଣ୍ଡାୟମାନା । ନିମୀଳିତ ଚକ୍ଷୁ ଏବଂ ଯୋଡ଼ହସ୍ତରେ ଧ୍ୟାନରତା । ସୂର୍ଯ୍ୟୋଦୟଠାରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ହାଡ଼ଭଙ୍ଗା ଶୀତ, ଭକ୍ତମାନଙ୍କର ଆତଯାତ ସାମାନ୍ୟ ବ୍ୟାଘାତ ସୃଷ୍ଟି କରିପାରୁନଥିଲା ତାଙ୍କ ଏକାଗ୍ରତାରେ । ବିଭିନ୍ନ ପ୍ରାନ୍ତରୁ ଶିବ ଦର୍ଶନାର୍ଥେ ଆସୁଥିବା ଭକ୍ତମାନେ ପୁଷ୍କରିଣୀରେ ବୁଡ଼ ପକାଉଥିବାବେଳେ ମହିଳାଙ୍କୁ ଦେଖି ସେମାନଙ୍କ ମନରେ ଅନେକ ପ୍ରଶ୍ନବାଚୀ ଉଙ୍କି ମାରୁଥିଲା—କିଏ ଏହି ନାରୀ, କେଉଁଠୁ ଆସିଛନ୍ତି, କ'ଣ ବା ତାଙ୍କର ଉଦ୍ଦେଶ୍ୟ ! ସମସ୍ତେ ତାଙ୍କୁ ଦେଖୁଥିଲେ ଏବଂ ନାନା ପ୍ରକାର ଭାବନା ମଧ୍ୟରେ ଛନ୍ଦି ହୋଇଯାଉଥିଲେ । ବହୁ ଭକ୍ତଙ୍କ ଦୃଷ୍ଟି ଆକର୍ଷିତ କରୁଥିବା ଏହି ମହିଳାଜଣଙ୍କର କାହାରି ପ୍ରତି କିନ୍ତୁ ନିଘା ନଥିଲା । ବୋଧହୁଏ ଏକାଗ୍ର ଚିତ୍ତରେ ସେଇ ପରମ ପୁରୁଷ ଭୀମେଶ୍ୱରଙ୍କ ସାନ୍ନିଧ ଲାଭ କରିବା ଥିଲା ତାଙ୍କ କୃଚ୍ଛ୍ର ସାଧନାର ଚରମ ଲକ୍ଷ୍ୟ । ଏହି ଭୀମେଶ୍ୱର ପୀଠ ଥିଲା ପୁରୀ ଜିଲ୍ଲା ଅନ୍ତର୍ଗତ ବ୍ରହ୍ମଗିରି ଅଞ୍ଚଳରେ ପାଣ୍ଡବ ପାଞ୍ଚଭାଇଙ୍କ ନାମରେ ନାମିତ ପାଞ୍ଚଗୋଟି ମନ୍ଦିର ମଧ୍ୟରୁ ଗୋଟିଏ । ମନ୍ଦିର ସାମ୍ନାରେ ଥିବା ପୁଷ୍କରିଣୀରେ ମହାଦେବଙ୍କର ଚାପଖେଳ ହେଉଥିବାରୁ ଏହାକୁ ଚାପ ପୋଖରୀ ବୋଲି ମଧ୍ୟ କୁହାଯାଏ । ଏହି ପବିତ୍ର ପୁଷ୍କରିଣୀରେ ସ୍ନାନକରି ଭୀମେଶ୍ୱରଙ୍କୁ ଦର୍ଶନ କଲେ ମନୋବାଞ୍ଛା ପୂର୍ଣ୍ଣ ହୁଏ ବୋଲି ଭକ୍ତମାନଙ୍କର ବିଶ୍ୱାସ ।

ଦିନେ ନୁହେଁ, ଦୁଇଦିନ ନୁହେଁ; ଏହିଭଳି ସାତଦିନ ପର୍ଯ୍ୟନ୍ତ ମହିଳା ଜଣକ ସକାଳୁ ଆସି ଅଣ୍ଟାଏ ପାଣିରେ ଧ୍ୟାନମଗ୍ନ ରୁହନ୍ତି ଏବଂ ସନ୍ଧ୍ୟା ହେଲେ ସେହି ମନ୍ଦିର

Digitized by PPRACHIN, SOA

ବେଢ଼ା ଭିତରେ ରାତ୍ରିଯାପନ କରନ୍ତି । ଏହି ପ୍ରକାରେ ସପ୍ତମ ଦିବସରେ ସେ ଭୀମେଶ୍ୱରଙ୍କ ଠାରୁ କି ସଙ୍କେତ ପାଇଲେ କେଜାଣି, ଖୁସିମନରେ ଭୋଗରାଗ କରି ବାହୁଡ଼ିଗଲେ ନିଜ ଘରକୁ । ଏହି ମହିୟସୀ ମହିଳା ଆଉ କେହି ନୁହନ୍ତି; ସେ ହେଉଛନ୍ତି ସବୁଜ ଯୁଗର ସ୍ରଷ୍ଟା ପଦ୍ମଭୂଷଣ ଶ୍ରୀଯୁକ୍ତ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ଧର୍ମପତ୍ନୀ ଶ୍ରୀମତୀ ରତ୍ନମଣି ଦେବୀ । ପୂର୍ବରୁ ତାଙ୍କ ଗର୍ଭରୁ ଗୋଟିଏ ପୁଅ ଏବଂ ଗୋଟିଏ ଝିଅ ଜନ୍ମହୋଇ ମରିଯାଇଥିଲେ । ସନ୍ତାନଟିଏ କୋଳରେ ଦେଖିବାକୁ ଉଦ୍‌ବିଗ୍ନ ହୋଇଉଠିଥିଲେ ପତି-ପତ୍ନୀ । ଅନେକ ଓଷା ବ୍ରତ ପରେ ଶେଷରେ ଭୀମେଶ୍ୱର ମହାଦେବଙ୍କଠାରେ ଶରଣ ପଶିଲେ । ସାତଦିନ ଶୀତ-ଖରା ସହି ଈଶ୍ୱରଙ୍କୁ ଜଣାଇଥିଲେ ମନର ବେଦନା । ସାଙ୍ଗରେ ଥିଲେ ଶାଶୁ ସରସ୍ୱତୀଦେବୀ ଏବଂ ସ୍ୱାମୀ କାଳିନ୍ଦୀଚରଣ ।

ଏହାର ଠିକ୍ ବର୍ଷେ କି ଦେଢ଼ବର୍ଷ ପରର ଘଟଣା । ସେଦିନ ଥାଏ ୧୯୩୧ ମସିହା ଜୁନ୍ ୯ ତାରିଖ । ସନ୍ଧ୍ୟା ନଇଁ ଆସୁଥାଏ । ବିହଙ୍ଗମାନେ ଦିନକଯାକର କ୍ଳାନ୍ତି ମେଣ୍ଟାଇବା ପାଇଁ କଳରବ କରି ଫେରିଆସୁଥାନ୍ତି ନିଜନିଜର ସୁରକ୍ଷା ନୀଡ଼କୁ । ଦେବାଳୟମାନଙ୍କରୁ ସନ୍ଧ୍ୟା ଆଳତୀର ଶୁଭ ଘଣ୍ଟଧ୍ୱନୀ ଭାସିଆସୁଥାଏ । ଏଥିସହିତ କଟକର ବକ୍ସିବଜାର ନିକଟସ୍ଥ ଯାଚକ ଲେନ୍‌ର କ୍ଷୁଦ୍ର ଖ୍ରୀଷ୍ଟିଆନ୍ ସାହି ସତେ ଯେମିତି କାହାର ଆଗମନୀ ପାଇଁ ଅପେକ୍ଷାରତ । ଅଖିଳ ଜଗତର ଆଲୋକଦାତା ନିଜର କର୍ତ୍ତବ୍ୟ ସମ୍ପାଦନର ଅନ୍ତିମ ଘଡ଼ିରେ କାର୍ଯ୍ୟଭାର ଅର୍ପଣ ପାଇଁ ଉଦ୍‌ବିଗ୍ନ । ପରବର୍ତ୍ତୀ ଦାୟିତ୍ୱ ନିର୍ବାହ ପାଇଁ ସତେ ଯେପରି ପ୍ରାଚୀପଟରୁ ଉଇଁ ଆସୁଥିଲେ ଶୀତଳ ଚନ୍ଦ୍ରଦେବ । ବିଶ୍ୱବ୍ରହ୍ମାଣ୍ଡର ସ୍ଥିତି ରକ୍ଷା ପାଇଁ ଏକାନ୍ତ ଅପରିହାର୍ଯ୍ୟ ଆଲୋକ ପ୍ରଦାନକାରୀ ଏହି ଦୁଇ ମହାଶକ୍ତିର ମହାମିଳନର ସନ୍ଧିକ୍ଷଣରେ ମହାମାୟୀ ଦୁର୍ଗାଙ୍କର ଭିନ୍ନ ଏକ ଅବତାର ଧରି ମାଟିରେ ପାଦ ଥାପିଲେ ମାଟିର ଏହି ମହାନାୟିକା, ମାଟିର ନନ୍ଦିନୀ - ନନ୍ଦିନୀ । ଯାଚକଲେନ୍‌ଟି କୁଆଁ କୁଆଁ ରାବରେ ମୁଖରିତ ହେଲା । ଜହ୍ନର ଶୀତଳ ଜ୍ୟୋତ୍ସ୍ନା ଯେମିତି ଚନ୍ଦନ ଲେପନ କଲା ସମଗ୍ର ବାୟୁମଣ୍ଡଳରେ ସମସ୍ତ ଉଦ୍‌ବିଗ୍ନତାକୁ ଶେଷ କରି ।

ଭୀମେଶ୍ୱର ମହାଦେବଙ୍କର ଆଶୀର୍ବାଦ ନେଇ କାଳିନ୍ଦୀଚରଣ ଏବଂ ରତ୍ନମଣିଦେବୀଙ୍କ କୋଳମଣ୍ଡନ କରି ସେଦିନ ଯେଉଁ କନ୍ୟାରତ୍ନଟି ଭୂମିଷ୍ଠ ହୋଇଥିଲା, ସେ ହେଉଛନ୍ତି ଓଡ଼ିଶାର ଗର୍ବ ଆଉ ଗୌରବର ପ୍ରତୀକ, ସମଗ୍ର ନାରୀଜାତିର ସମ୍ମାନ ନନ୍ଦିନୀ ପାଣିଗ୍ରାହୀ; ଯିଏ କି ପରବର୍ତ୍ତୀ ସମୟରେ ଶତପଥୀ ସାଙ୍ଗିଆ ଥିବା ପରିବାରରେ ବିବାହ କରି ନନ୍ଦିନୀ ଶତପଥୀ ନାମରେ ଖ୍ୟାତିଲାଭ କଲେ ।

Digitized by PPRACHIN, SOA

"ଦୁନିଆର ହାଟେ
କୋଟି ହୀରା ନୀଳା
ମଣି ମାଣିକର ତୁଲ
ମାଟିର ପିତୁଳା
ଗଢ଼ି ରଖିଦେଲି
କିଏ ପଚାରିବ ମୂଲ !"

—ସବୁଜ ଯୁଗର ଅନ୍ୟତମ ଉଜ୍ଜ୍ୱଳ ଜ୍ୟୋତିଷ୍କ କାଳିନ୍ଦୀଚରଣ ପାଣିଗ୍ରାହୀ ଉପରୋକ୍ତ କବିତା ପଂକ୍ତିଟିକୁ "ମାଟିର ମଣିଷ" ଉପନ୍ୟାସର ଉପୋଦ୍‌ଘାତରେ ଜୀବନ୍ୟାସ ଦେଇ ଯେଉଁ ଉଦାରତା ପ୍ରଦର୍ଶନ କରିଛନ୍ତି, ନିଜ ହୃଦୟର ମାଟିର ପିତୁଳା "ନନ୍ଦିନୀ"ଙ୍କୁ ଉପହାର ଦେଇ ଓଡ଼ିଶାବାସୀଙ୍କୁ ଠିକ୍ ସେହିପରି ଅନୁଗୃହୀତ ମଧ କରିଛନ୍ତି । "ମାଟିର ମଣିଷ" ଏବଂ "ମାଟିର ନନ୍ଦିନୀ" ଦୁହିଁଙ୍କର ଅପୂର୍ବ ସଂଯୋଗ ଘଟିଛି କାଳିନ୍ଦୀଚରଣଙ୍କ ଜୀବନରେ । ଅର୍ଥାତ୍, ଓଡ଼ିଆ ସାହିତ୍ୟର କାଳଜୟୀ ଉପନ୍ୟାସ "ମାଟିର ମଣିଷ" ଯେଉଁଦିନ କାଳିନ୍ଦୀ-କଲମର ଶେଷ ସ୍ପର୍ଶ ପାଇଥିଲା, ଠିକ୍ ସେହିଦିନ ହିଁ ଭୂମି ସ୍ପର୍ଶ କରିଥିଲେ ଉତ୍କଳ ମାଟିର ମହାନାୟିକା, ଓଡ଼ିଶାର ଲୌହମାନବୀ—"ନନ୍ଦିନୀ" ।

କାଳିନ୍ଦୀବାବୁ ଖ୍ରୀଷ୍ଟିଆନ୍ ସାହିର ଯେଉଁ ଘରଟିରେ ଭଡ଼ାରେ ରହୁଥିଲେ, ସେହି ଘରର ଅଧାଭାଗରେ ରହୁଥାନ୍ତି ଓଡ଼ିଶାର ସ୍ୱନାମଧନ୍ୟ କବି ବୈକୁଣ୍ଠନାଥ ପଟ୍ଟନାୟକ । ଆଉ ତାଙ୍କ ଘରର ଠିକ୍ ସାମ୍ନାରେ ରହୁଥାନ୍ତି ଶ୍ରୀଯୁକ୍ତ ଲାଲମୋହନ ପଟ୍ଟନାୟକ । ଲାଲମୋହନବାବୁଙ୍କର ଚାରୋଟି ଝିଅ ଏବଂ ଦୁଇଟି ପୁଅ । ସେ ଥିଲେ ଗଞ୍ଜାମ ଜିଲ୍ଲାର ବାସିନ୍ଦା । ତାଙ୍କ ଜ୍ଞାତି କୁଟୁମ୍ବ ସମସ୍ତେ କରଣ ଥିଲେ ବି, ତାଙ୍କ ପରିବାରଟି ଖ୍ରୀଷ୍ଟିଆନ୍ ଧର୍ମ ଗ୍ରହଣ କରିନେଇଥିଲେ । ପରବର୍ତ୍ତୀ ସମୟରେ ଲାଲମୋହନ ପଟ୍ଟନାୟକ ଓଡ଼ିଶା ବିଧାନସଭାର ବାଚସ୍ପତି ହୋଇଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ସମସ୍ତ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସେଦିନ ସେହି ସଦ୍ୟଜାତ ଶିଶୁକନ୍ୟାଟିର ଯତ୍ନ ନେବାକୁ ଆଗେଇ ଆସିଥିଲେ ଲାଲମୋହନବାବୁ ଏବଂ ତାଙ୍କର ପରିବାରବର୍ଗ । ଶିଶୁଟିର ଜନ୍ମ ପରେ ପରେ ସାରା ସାହିଟିରେ ଖେଳିଯାଇଥିଲା ଆନନ୍ଦର ଲହରୀ । ଲାଲମୋହନବାବୁଙ୍କ ସ୍ତ୍ରୀ ସଙ୍ଗେ ସଙ୍ଗେ ଯାଇ ନର୍ସ ଡାକିଆଣିଥିଲେ ଏବଂ ପିଲାଟିକୁ କିପରି ରଖିବାକୁ ହେବ, ଗାଧୋଇଦେବାକୁ ହେବ, ଅନ୍ୟାନ୍ୟ ସେବାଯତ୍ନ କରିବାକୁ ହେବ; ସେ ବିଷୟରେ

Digitized by PPRACHIN, SOA

ଟିକିନିଖି କରି ରତ୍ନମଣିଦେବୀଙ୍କୁ ବୁଝାଇ ଦେଇଥିଲେ । ସେ ଯେଉଁ ଢଙ୍ଗରେ ସବୁ କରିବାକୁ କହୁଥିଲେ ରତ୍ନମଣିଦେବୀ ଏବଂ ତାଙ୍କ ଶାଶୁ ସରସ୍ୱତୀଦେବୀ ସେଇ ଅନୁସାରେ କାମ କରୁଥିଲେ । ବେଶ୍ କିଛିଦିନ ଧରି ଲାଲମୋହନବାବୁଙ୍କ ସ୍ତ୍ରୀ ଏବଂ ଝିଅମାନେ ଆସି ପ୍ରତ୍ୟହ ଶିଶୁଟିର ଦେଖାଶୁଣା କରିଥିଲେ ।

ଶିଶୁଟି ବିଛାରାଶିରେ ଜନ୍ମ ହୋଇଥିବାରୁ ଜାତକରେ ନାମ ଦିଆଯାଇଥିଲା "ନର୍ମଦା"; କିନ୍ତୁ କାଳିନ୍ଦୀଚରଣ ଝିଅର ନାଁ ରଖିଥିଲେ ନନ୍ଦିନୀ ଏବଂ ଶ୍ରଦ୍ଧାରେ ସମସ୍ତେ ଡାକୁଥିଲେ 'କୁନି' । ଏଠାରେ କହିବା ବାହୁଲ୍ୟ ଯେ, ସେହି 'କୁନି' ଯେବେ ବଡ଼ ହେଲା, ଓଡ଼ିଶାର ପୁରପଲ୍ଲୀଠାରୁ ସାରା ଭାରତବର୍ଷ ପର୍ଯ୍ୟନ୍ତ ସେ ଖ୍ୟାତିଲାଭ କରିଥିଲା– "ନନ୍ଦିନୀ ଶତପଥୀ" ନାମରେ । ବାସ୍ତବରେ ଏହି ନନ୍ଦିନୀ ଥିଲେ ଈଶ୍ୱରଙ୍କର ଏକ ଅନନ୍ୟ ଅବଦାନ ।

⁂

Digitized by PPRACHIN, SOA

ପରିବାର : ଏକ ଶିକ୍ଷାଶାଳା

ପିଲାଟିଏ ଜନ୍ମ ହେବାପରେ ନିଜ ପରିବାରରୁ ହିଁ ସେ ତା'ର ପ୍ରାଥମିକ ଶିକ୍ଷା ଆହରଣ କରିଥାଏ । ହସ, କାନ୍ଦଠାରୁ ଆରମ୍ଭକରି କଥା କହିବା ଓ ଚାଲିବା ପର୍ଯ୍ୟନ୍ତ ପ୍ରତ୍ୟେକଟି କଥା ସେ ନିଜ ଚାରିପାଖରେ ଥିବା ଆତ୍ମୀୟମାନଙ୍କ ନିକଟରୁ ଧୀରେ ଧୀରେ ଶିଖିଥାଏ । ପରିବାରର ପାରିପାର୍ଶ୍ୱିକ ଅବସ୍ଥା, ଶିକ୍ଷା, ସଂସ୍କୃତି, ସ୍ୱାଧୀନତା ଇତ୍ୟାଦି ପିଲାକୁ କ୍ରମଶଃ ପ୍ରଭାବିତ କରିଥାଏ । ତେଣୁ ପରିବାରକୁ ଏକ ଉନ୍ନତ ଶିକ୍ଷାଶାଳା ରୂପେ ବିବେଚନା କରାଯାଏ । ଏହି ଦୃଷ୍ଟିରୁ ବିଚାର କଲେ, ନନ୍ଦିନୀ ଯେଉଁ ପରିବାରରେ ଜନ୍ମଗ୍ରହଣ କରିଥିଲେ ସେଭଳି ଏକ ପରିବାର କ୍ୱଚିତ୍ ଲୋକଙ୍କ ଭାଗ୍ୟରେ ଜୁଟିଥାଏ । ପିତା ପଦ୍ମଭୂଷଣ ଡକ୍ଟର କାଳିନ୍ଦୀଚରଣ ପାଣିଗ୍ରାହୀ; ଯିଏକି ଥିଲେ ଜଣେ ଉଚ୍ଚକୋଟୀର ସାହିତ୍ୟ ସାଧକ । ଓଡ଼ିଆ କଥାସାହିତ୍ୟର ଜନକ ତଥା କଥାସମ୍ରାଟ ଫକୀରମୋହନ ସେନାପତି ଓଡ଼ିଆ ସାହିତ୍ୟରେ ପ୍ରଥମ କରି ଏକ ଭାଷାଶୈଳୀ ସୃଷ୍ଟି କରିଥିଲେ ହେଁ, କାଳିନ୍ଦୀଚରଣ ତାଙ୍କୁ ଅତିକ୍ରମୀ ଯାଇ ନିଜର ଏକ ସ୍ୱତନ୍ତ୍ର ହୃଦୟସ୍ପର୍ଶୀ ଗ୍ରାମ୍ୟ ଭାଷାଶୈଳୀ ସୃଷ୍ଟି କରିବାରେ ଦକ୍ଷତା ଅର୍ଜନ କରିପାରିଥିଲେ । ଗାନ୍ଧିଜୀଙ୍କ ସତ୍ୟାଗ୍ରହ ଓ ଅଂହିସା ସଂଗ୍ରାମ ଦ୍ୱାରା ଅନୁପ୍ରେରିତ ହୋଇ ସେ ଲେଖିଥିଲେ କୋଟି ଜନତାର ହୃଦୟରେ ଉଦ୍‌ବେଳନ ସୃଷ୍ଟି କରିଥିବା ଓଡ଼ିଆ ଭାଷାର ବିଖ୍ୟାତ କାଳଜୟୀ ଉପନ୍ୟାସ ତ୍ରୟ–'ମାଟିର ମଣିଷ', 'ଲୁହାର ମଣିଷ' ଏବଂ 'ଆଜିର ମଣିଷ' । କହିବା ବାହୁଲ୍ୟ, ମଣିଷ ଚେଷ୍ଟା କଲେ ସବୁକିଛି ହୋଇପାରିବ, କିନ୍ତୁ ନିଛକ ସାହିତ୍ୟିକଟିଏ ହେବା ଅସମ୍ଭବ । ଏଥିପାଇଁ ଯଥେଷ୍ଟ ପାରିପାର୍ଶ୍ୱିକ ପ୍ରେରଣା, ଅନୁଭୂତି, ସ୍ଥିରଚିତ୍ତ ଏବଂ ଅଭିଜ୍ଞତା ଲୋଡ଼ା । ଯେଉଁମାନେ କାଳଜୟୀ ସାହିତ୍ୟ ସୃଷ୍ଟି କରିଯାଇଛନ୍ତି, ସାହିତ୍ୟକୁ ମାଧ୍ୟମ କରି ଏକ ନବଯୁଗର ଉନ୍ମେଷ କରିପାରିଛନ୍ତି, ଲେଖନୀ ଚାଳନା କରି ଜୀବନକୁ ବଦଳେଇ ଦେଇପାରିଛନ୍ତି, ଯନ୍ତ୍ରଣାକୁ ଲାଘବ କରିପାରିଛନ୍ତି; ସେଭଳି

Digitized by PPRACHIN, SOA

ବ୍ୟକ୍ତିମାନଙ୍କ ମଧ୍ୟରେ କାଳିନ୍ଦୀଚରଣ ଥିଲେ ଅଗ୍ରଗଣ୍ୟ । ସେ ଥିଲେ ସବୁଜ ଯୁଗର ଅନ୍ୟତମ ସ୍ରଷ୍ଟା ତଥା ଭାରତର ସ୍ୱାଧୀନତା ଆନ୍ଦୋଳନକୁ ନିଜର ବଳିଷ୍ଠ ଲେଖା ମାଧ୍ୟମରେ ଇନ୍ଧନ ଯୋଗାଇଥିବା ଜଣେ ସଚ୍ଚା ଦେଶଭକ୍ତ । ପରାଧୀନ ଭାରତବର୍ଷର ମୁକ୍ତି ପାଇଁ ସେ ଯେପରି ବ୍ୟଗ୍ର ହୋଇଉଠିଥିଲେ ତାହା ତାଙ୍କର ଲେଖାଗୁଡ଼ିକରେ ସୁପ୍ରସ୍ଫୁଟିତ—

"ଜନ୍ମ ଆମର ମଣିଷ କୁଳରେ ନାହିଁ ଇଜ୍ଜତ୍ ମାନ,
ଆମ ଝିଅ ବୋହୂ ସବୁରି ଶାଳୀ ହେ ଆମେ ଶଳା ଶଇତାନ୍ ।"

ଯେଉଁ ସମୟରେ ବ୍ରିଟିଶ୍ ଶାସକଙ୍କ ବିନା ଆଦେଶରେ ସାରା ଭାରତବର୍ଷରେ ସୂର୍ଯ୍ୟ-ଚନ୍ଦ୍ର ଆତଯାତ ହେବାକୁ ଭୟ କରୁଥିଲେ ଓ ସେଇ ଗୋରା ଶାସକଙ୍କ ଛତ୍ରଛାୟା ତଳେ ରହିଥିବା ରାଜା, ଜମିଦାରଙ୍କ ଅତ୍ୟାଚାରରେ ସାଧାରଣ ମଣିଷ ଯେତେବେଳେ ଜର୍ଜରିତ, ଠିକ୍ ସେହି ସମୟରେ ସବୁଜ ସାରଥୀ କାଳିନ୍ଦୀଚରଣ ଏହିଭଳି କବିତାମାନ ରଚନା କରି ଜନତାଙ୍କ ଅନ୍ତରରେ ବିଜୁଳିର ଚମକ ସୃଷ୍ଟି କରିଥିଲେ । କାଳିନ୍ଦୀଚରଣ ବାସ୍ତବରେ ଥିଲେ ଜଣେ ସଫଳ ସାହିତ୍ୟ ସ୍ରଷ୍ଟା । ଆଉ ଏହି କାଳଜୟୀ ସାହିତ୍ୟ ସାଧକଙ୍କ ଜ୍ୟେଷ୍ଠା କନ୍ୟା ଥିଲେ ନନ୍ଦିନୀ ପାଣିଗ୍ରାହୀ-ସବୁରି ପ୍ରିୟ 'କୁନି' । ଏହିପରି ଜଣେ ମହାନ୍ ବ୍ୟକ୍ତିଙ୍କୁ ପିତା ଭାବରେ ପାଇ ନନ୍ଦିନୀ ମଧ୍ୟ ଖୁବ୍ ଗର୍ବ ଅନୁଭବ କରୁଥିଲେ ।

ପରିବାରର ଅନ୍ୟ ଜଣେ ସଫଳ ବ୍ୟକ୍ତିତ୍ୱ ଥିଲେ ନନ୍ଦିନୀଙ୍କ କକେଇ ତଥା କାଳିନ୍ଦୀଚରଣଙ୍କ ସାନଭାଇ ଭଗବତୀଚରଣ ପାଣିଗ୍ରାହୀ, ଯାହାଙ୍କ କାର୍ଯ୍ୟଧାରା ନନ୍ଦିନୀଙ୍କୁ ବହୁ ଭାବରେ ପ୍ରଭାବିତ କରିଥିଲା । ଭଗବତୀଚରଣ ପାଣିଗ୍ରାହୀ କେବଳ ଯେ ଓଡ଼ିଶାରେ ମାର୍କ୍ସବାଦୀ କମ୍ୟୁନିଷ୍ଟର ଆଦ୍ୟ ଜନକ ଥିଲେ ତାହା ନୁହେଁ; ସେ ଏକାଧାରରେ ଥିଲେ ସ୍ୱାଭିମାନୀ ଲେଖକ, ପ୍ରଚଣ୍ଡ ଦେଶଭକ୍ତ, ନିସ୍ପେଷିତ-ଶୋଷିତ-ଅତ୍ୟାଚାରିତ ମଣିଷମାନଙ୍କର ଜଣେ ପରମ ବନ୍ଧୁ ଏବଂ ସର୍ବୋପରି ଭାରତୀୟ ସ୍ୱାଧୀନତା ସଂଗ୍ରାମର ଅନ୍ୟତମ ଅଗ୍ରଦୂତ । ବଡ଼ଭାଇଙ୍କ ଭଳି ସେ ମଧ୍ୟ କୌଣସି ଗୁଣରେ ଊଣା ନଥିଲେ । ଖୁବ୍ କମ୍ ବୟସରୁ ଭାରତର ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇ ବହୁବାର କାରାବରଣ କରିଥିଲେ । ଆଜିକାଲିକା ଭଳି ପଙ୍କିଳ ରାଜନୀତିର ଧାର ଧାରିନଥିବା ଭଗବତୀବାବୁ ପିଲାଟି ଦିନରୁ ସାମ୍ୟବାଦୀ ଚିନ୍ତାଧାରାରେ ଉଦ୍‌ବୁଦ୍ଧ ହୋଇଥିଲେ, ଯେଉଁଥିପାଇଁ ଓଡ଼ିଶାରେ କମ୍ୟୁନିଷ୍ଟ ପାର୍ଟି ପ୍ରତିଷ୍ଠା କରି ଅତ୍ୟାଚାରୀ ଇଂରେଜ ଶାସକଙ୍କ ବିରୁଦ୍ଧରେ ସେ ଲଢ଼େଇ ଆରମ୍ଭ କରିଦେଇଥିଲେ ।

ସାହିତ୍ୟ କ୍ଷେତ୍ରକୁ ଭଗବତୀଙ୍କର ଦାନ ଥିଲା ମହାର୍ଘ୍ୟ । ତାଙ୍କ ସାହିତ୍ୟରେ କଳ୍ପନା-ବିଳାସର ଲେଶମାତ୍ର ସ୍ପର୍ଶ ନଥିଲା; ବରଂ ଥିଲା ନିସ୍ପେଷିତ ଜନତାର ଆର୍ତ୍ତନାଦ ଏବଂ

Digitized by PPRACHIN, SOA

ପ୍ରତିବାଦ । ଜୀବନର ସ୍ୱଳ୍ପତା କାରଣରୁ ସାହିତ୍ୟ କ୍ଷେତ୍ରରେ ସେ ଆଖିଦୃଶିଆ କାର୍ଯ୍ୟ କରିବାକୁ ସମୟ ପାଇନଥିଲେ । ତଥାପି, ଯେତିକି ବି କ୍ଷୁଦ୍ରଗଳ୍ପ, କବିତା ଓ ପ୍ରବନ୍ଧ ସେ ଲେଖିଯାଇଛନ୍ତି, ତାହା ଅତ୍ୟନ୍ତ ହୃଦୟସ୍ପର୍ଶୀ । ସେ ସମୟରେ ପ୍ରକାଶ ପାଉଥିବା 'ଯୁଗବୀଣା' ସାହିତ୍ୟ ପତ୍ରିକାରେ ତାଙ୍କର ଅନେକ ଲେଖା ପ୍ରକାଶିତ ହୋଇଅଛି । ଗୋଟିଏ ନିଷ୍କପଟ ସରଳ ଆଦିବାସୀ ଲୋକର ଚରିତ୍ର ଉପରେ ପର୍ଯ୍ୟବେଶିତ ତାଙ୍କର ଏକ ଲୋକପ୍ରିୟ କ୍ଷୁଦ୍ରଗଳ୍ପ 'ଶିକାର' ବିଦ୍ୟାଳୟର ପାଠ୍ୟକ୍ରମରେ ସ୍ଥାନୀତ ହୋଇ ବହୁ ଛାତ୍ରଛାତ୍ରୀଙ୍କ ହୃଦୟକୁ ଗଭୀର ଭାବେ ପ୍ରଭାବିତ କରିଥିଲା । ଏହିପରି ସରଳ ନିରୀହ ମଣିଷର ଚରିତ୍ରକୁ ଭିତ୍ତିକରି ସାହିତ୍ୟ ମାଧ୍ୟମରେ ଭଗବତୀ ସୃଷ୍ଟି କରିବାକୁ ଚେଷ୍ଟା କରିଥିଲେ ଅନ୍ୟାୟ, ଅତ୍ୟାଚାର ବିରୁଦ୍ଧରେ ପ୍ରତିବାଦର ସ୍ୱର, ସଂଗ୍ରାମ । ପରବର୍ତ୍ତୀ ସମୟରେ ଏହି 'ଶିକାର' ଗଳ୍ପର କଥାବସ୍ତୁକୁ ନେଇ ବିଶିଷ୍ଟ ଫିଲ୍ମ ନିର୍ଦ୍ଦେଶକ ମୃଣାଳ ସେନ୍ 'ମୃଗୟା' ନାମରେ ଏକ ବଙ୍ଗଳା ସିନେମା ନିର୍ମାଣ କରିଥିଲେ । ଏଥିରେ ବଲିଉଡ୍ ଜଗତର ବହୁ ଚର୍ଚ୍ଚିତ ନାୟକ ଏବଂ ଅନ୍ୟତମ ଶ୍ରେଷ୍ଠ ଅଭିନେତା ମିଥୁନ ଚକ୍ରବର୍ତ୍ତୀ ପ୍ରଥମ କରି ତାଙ୍କର ଅଭିନୟ ଜୀବନ ଆରମ୍ଭ କରିଥିଲେ । ସେ ଯାହାହେଉ, ଖୁବ୍ କମ୍ ଅର୍ଥାତ୍ ମାତ୍ର ୩୯ ବର୍ଷ ବୟସରେ ସନ୍ଦେହାଚ୍ଛନ୍ନ ଭାବରେ ମୃତ୍ୟୁ ବରଣ କରିଥିବା ଏହି ସଂଗ୍ରାମୀ ପୁରୁଷ ଭଗବତୀଚରଣ ପାଣିଗ୍ରାହୀଙ୍କ ଅବଦାନକୁ ଓଡ଼ିଆ ଜାତି କଦାପି ଭୁଲିପାରିବ ନାହିଁ । ଅନ୍ୟଭାବରେ କହିଲେ, ଭଗବତୀବାବୁଙ୍କ ସମ୍ପର୍କରେ ଏକ ମହତ୍ତ୍ୱପୂର୍ଣ୍ଣ ଅଧ୍ୟାୟକୁ ବାଦଦେଇ ଗୋଟିଏ ସମ୍ପୂର୍ଣ୍ଣ ଓଡ଼ିଶା ଇତିହାସ ଲେଖିବା କୌଣସି ଐତିହାସିକଙ୍କ ପକ୍ଷେ ସମ୍ଭବ ହେବନାହିଁ । ସମାଜସେବା କହ, ରାଜନୀତି କହ, ସଂଗ୍ରାମ କହ ଅବା ସାହିତ୍ୟ; ଯେଉଁ ବିଷୟରେ ଆଲୋଚନା କରାଯିବ ସେଥିରେ ଭଗବତୀବାବୁଙ୍କ ନାମ ନିଶ୍ଚୟ ଆସିବ ହିଁ ଆସିବ । ଏମାନଙ୍କ ବ୍ୟତୀତ ନନ୍ଦିନୀଙ୍କ ଜେଜେବାପା ସ୍ୱପ୍ନେଶ୍ୱର ପାଣିଗ୍ରାହୀ ଏବଂ ତାଙ୍କ ବୋଉ ରତ୍ନମଣିଦେବୀ ମଧ୍ୟ ଲେଖାଲେଖି କରୁଥିବାର ଜଣାଯାଏ ।

ବିଶେଷକରି ବାପା କାଳିନ୍ଦୀଚରଣ ଏବଂ କକେଇ ଭଗବତୀଚରଣଙ୍କ ଭଳି ଦୁଇ ସଫଳ ବ୍ୟକ୍ତିତ୍ୱଙ୍କର ଉପଯୁକ୍ତ ଦାୟାଦ ଥିଲେ ନନ୍ଦିନୀ ପାଣିଗ୍ରାହୀ, ଯାହାଙ୍କ ପ୍ରତିଭାର ଉଜ୍ଜ୍ୱଳ ଆଲୋକ ରଶ୍ମି ହିଁ ନନ୍ଦିନୀଙ୍କ ଜୀବନକୁ ଉଦ୍‌ଭାସିତ କରିବାରେ ସହାୟକ ହୋଇଥିଲା । ବାସ୍ତବରେ ନନ୍ଦିନୀ ହିଁ ଥିଲେ ଏ ଦୁହିଁଙ୍କର ସୁଯୋଗ୍ୟ ଉତ୍ତରାଧିକାରିଣୀ । ଏହି କଥାଟିକୁ କହିବାକୁ ଯାଇ ସାହିତ୍ୟ ପତ୍ରିକା 'କ୍ରାନ୍ତିଧାରା'ର 'ଆମ ସାମ୍ନାରେ' ଶୀର୍ଷକରେ ସଂଜୟ ଦାସବର୍ମା ଲେଖିଛନ୍ତି, "ଯାହାଙ୍କର ବାପା କାଳିନ୍ଦୀ ପାଣିଗ୍ରାହୀ, କକେଇ ଭଗବତୀ ପାଣିଗ୍ରାହୀ ସେ ନନ୍ଦିନୀ ଶତପଥୀ ହେବାକୁ ବାଧ୍ୟ ।" ସେହି ଶୀର୍ଷକରେ ସେ

Digitized by PPRACHIN, SOA

ଆହୁରି ମଧ୍ୟ ଲେଖନ୍ତି, "ଯେଉଁଠି ପଡ଼ିଛି ନନ୍ଦିନୀଙ୍କ ପାଦ, ତାହା ପାଲଟିଛି ତାଙ୍କର ସାମ୍ରାଜ୍ୟ । ସୃଜନର ଅମୃତ ଫସଲଠାରୁ ରାଜନୀତିର ନିଆଁଖେଳ; ସ୍ୱାଧୀନତା ସଂଗ୍ରାମର ଚର୍ଚ୍ଚିତ କ୍ଷେତ୍ରଠୁ ସେବାର ବୃହତ୍ତର ବୃତ୍ତ; ଜନଜାଗରଣର ମନ୍ତ୍ରୋଚ୍ଚାରଣଠୁ ସାଫଲ୍ୟର ଶୀର୍ଷାରୋହଣ; ସବୁଠି ନନ୍ଦିନୀଙ୍କ ଉଜ୍ଜ୍ୱଳ ଚିହ୍ନ । 'ମାଟିର ମଣିଷ' କାଳିନ୍ଦୀ ପାଣିଗ୍ରାହୀଙ୍କ ଶ୍ରେଷ୍ଠତମ କୃତି : ନନ୍ଦିନୀ ଶତପଥୀ ।"

ଏସବୁ ଦୃଷ୍ଟିରୁ ବିଚାର କଲେ ତାଙ୍କ ପରିବାରର ପ୍ରତ୍ୟେକ ବ୍ୟକ୍ତିଙ୍କର ଚିନ୍ତାଧାରା ଥିଲା ଖୁବ୍ ଉନ୍ନତ ତଥା ରୁଚିଶୀଳ । ସେଠାରେ ସୃଜନ ଓ ସଂଗ୍ରାମର ଏକ ସୁନ୍ଦର ସ୍ରୋତସ୍ୱିନୀ ପ୍ରବାହିତ ହେଉଥିଲା; ଯେଉଁ ସ୍ରୋତରେ ପିଲାଟି ଦିନରୁ ହିଁ ନନ୍ଦିନୀ ନିଜକୁ ସାମିଲ କରିଦେଇଥିଲେ । ପ୍ରତ୍ୟହ ସକାଳେ ଏବଂ ସନ୍ଧ୍ୟାରେ ଘରେ ଜମୁଥିଲା ସାହିତ୍ୟର ଆସର । ରାଜ୍ୟର ତଥା ରାଜ୍ୟ ବାହାରର ବହୁ ବିଶିଷ୍ଟ ବ୍ୟକ୍ତିମାନଙ୍କର ସେଠାରେ ଥିଲା ଅବାଧ ପ୍ରବେଶ । ମାୟାଧର ମାନସିଂହ, ସଚ୍ଚି ରାଉତରାୟ, ଗୋପୀନାଥ ମହାନ୍ତି, କାହ୍ନୁଚରଣ ମହାନ୍ତିଙ୍କଠାରୁ ଆରମ୍ଭ କରି ବାହାର ପ୍ରଦେଶର ଅନ୍ନଦା ଶଙ୍କର ରାୟ, ମୃଣାଳ ସେନ୍, ମୂଲକରାଜ ଆନନ୍ଦ, ତାରାଶଙ୍କର ବନ୍ଦୋପାଧ୍ୟାୟ, ଶମ୍ଭୁ ମିତ୍ର, ତୃପ୍ତି ମିତ୍ର ପ୍ରମୁଖଙ୍କ ଭଳି ଆହୁରି ବହୁ ବିଶିଷ୍ଟ ଲେଖକ ଓ ସଂଗ୍ରାମୀଙ୍କର ବୈଠକ ବସି ଅନେକ ବିଷୟରେ ଆଲୋଚନା ଓ ସମାଲୋଚନା ଚାଲୁଥିଲା । କେତେବେଳେ ସାହିତ୍ୟ ଚର୍ଚ୍ଚା ତ ଆଉ କେତେବେଳେ ଭାରତର ମୁକ୍ତି ସଂଗ୍ରାମ ପାଇଁ ସରଗରମ ଆଲୋଚନା । ଯଥାର୍ଥରେ କଟକର ଏହି ପିଠାପୁରସ୍ଥ ବାସଭବନର ନାଁ କାଳିନ୍ଦୀବାବୁ ନିଜ ପିତା ସ୍ୱପ୍ନେଶ୍ୱର ପାଣିଗ୍ରାହୀଙ୍କ ନାମାନୁସାରେ ରଖିଥିଲେ 'ସ୍ୱପ୍ନପୁରୀ' । ସତରେ ! ଦେଶଟାଯାକର ସବୁ ସ୍ୱପ୍ନ ଯେମିତି ସେହି ଘର ଭିତରେ ଜମାଟ ବାନ୍ଧି ରହିଥିଲା । ଘର ସାରା ପ୍ରବାହିତ ହେଉଥିଲା ସାହିତ୍ୟ ଓ ସ୍ୱାଧୀନତାକୁ ନେଇ ସଂଗ୍ରାମର ଏକ ଆବହାଓ୍ୱା । ଆଉ ଏହିପରି ପରିବେଶ ମଧ୍ୟରେ ସେଦିନର 'କୁନି' ଆଖିରେ ଆଖିଏ ସ୍ୱପ୍ନ ନେଇ ନିଜକୁ ପ୍ରସ୍ତୁତ କରୁଥିଲା ଲମ୍ଫ ପ୍ରଦାନ କରିବାକୁ ଜୀବନ-ଯୁଦ୍ଧର ମଇଦାନରେ । ଅତ୍ୟନ୍ତ ପିଲାଦିନୁ ବଡ଼ମାନଙ୍କର ଏପରି ଆଲୋଚନା ସବୁକୁ ଖୁବ୍ ଧ୍ୟାନର ସହ ଶୁଣୁଥିଲେ ନନ୍ଦିନୀ । ଏହି ଆଲୋଚନା ଶୁଣି ତାଙ୍କର ଉତ୍ସାହ ଶତଗୁଣ ବଢ଼ିଯାଉଥିଲା । ବୟସ ବଢ଼ିବା ସଙ୍ଗେ ସଙ୍ଗେ ନନ୍ଦିନୀଙ୍କର ଏହି ଦୁଇଟି ଦିଗ ପ୍ରତି କ୍ରମେ ଆଗ୍ରହ ବଢ଼ିବାରେ ଲାଗିଲା । ସେ ବାପାଙ୍କୁ ଲେଖାଲେଖିରେ ସାହାଯ୍ୟ କରିବା ସହ ବାପାଙ୍କଠାରୁ କେତେବେଳେ କେମିତି ଡିକ୍ଟେସନ୍ ମଧ୍ୟ ନେଉଥିଲେ । କକେଇ ଭଗବତୀବାବୁ ମଧ୍ୟ କମ୍ୟୁନିଷ୍ଟମାନଙ୍କ ପାଇଁ ସୋଭିଏତ୍ ରୁଷ୍‌ରୁ ବହି ମଗାଇ ତାଙ୍କୁ ଅନୁବାଦ କରାଉଥିଲେ ନନ୍ଦିନୀଙ୍କ ଦ୍ୱାରା ।

Digitized by PPRACHIN, SOA

ଏହିଭଳି ଏକ ପରିବେଶରେ ଖୁବ୍ କମ୍ ବୟସରୁ ନନ୍ଦିନୀ ବଡ଼ମାନଙ୍କ କାର୍ଯ୍ୟଶୈଳୀରେ ନିଜକୁ ଗଢ଼ିବାର ସୁଯୋଗ ଲାଭ କରିଥିଲେ ।

କଥାରେ ଅଛି, ଯେଉଁ ଘରର ସଂସ୍କୃତି, ସଂସ୍କାର ଓ ଦର୍ଶନ ଯେତେ ଉନ୍ନତ; ସେ ଘରର ପିଲାମାନେ ସେତିକି ଯୋଗ୍ୟ । ଖୁବ୍ ପିଲାବେଳୁ ସେମାନଙ୍କ ମୁଣ୍ଡରେ ଯାହା ପଶିଯାଇଥାଏ, ବୟସ ବଢ଼ିବା ସଙ୍ଗେ ସଙ୍ଗେ ତାହା ତାଙ୍କୁ ପ୍ରଭାବିତ କରିଥାଏ । ଏହା ହିଁ ଘଟିଥିଲା ନନ୍ଦିନୀଙ୍କ ବାଲ୍ୟକାଳରେ । ସେ ସ୍ୱୀକାର୍ କରିଥିଲେ, ସାନବେଳେ ବାପା ତାଙ୍କୁ ଶୁଣାଇଥିବା ସ୍ୱପ୍ନ ବୃତ୍ତାନ୍ତ–"ବାପା ମୋତେ ହଠାତ୍ ଦିନେ କହିଲେ, ମୁଁ ଗୋଟେ ସ୍ୱପ୍ନ ଦେଖିଲି ଯେ, ତୁ ମିଲିଟାରୀ ଡ୍ରେସ୍ ପିନ୍ଧି ବାହାରିଛୁ । ଗୋଟେ ଦୀପ ହାତରେ ଧରି ଫ୍ରାନ୍‌ସ ଲଢ଼େଇରେ 'ଫ୍ଲୋରେନ୍‌ସ ନାଇଟିଙ୍ଗଲ' ଭଳି ଯେତେ ପୀଡ଼ିତ ଲୋକ ସବୁ ଅଛନ୍ତି, ତୁ ସମସ୍ତଙ୍କର ସେବା କରିଚାଲିଛୁ । –ଏହାର କିଛିଦିନ ପରେ ପୁଣିଥରେ ଡାକି କହିଲେ, ମୁଁ ଆଜି ଆଉ ଏକ ସ୍ୱପ୍ନ ଦେଖିଲି । ତୁ 'ଯୋଆନ୍ ଅଫ ଆର୍କ' ଭଳି ଲଢ଼େଇ କରିଯାଉଛୁ । ସେତେବେଳେ ତ ଏ ବିଷୟରେ ମୋର କିଛି ଧାରଣା ହିଁ ନଥାଏ । ଅବଶ୍ୟ ପରେ ବାପା ମୋତେ ଏହିସବୁ କଥାକୁ ଗପ ଛଳରେ ବୁଝାଇ ଦେଇଥିଲେ । ଗୋଟେ ପଟେ ଫ୍ଲୋରେନ୍‌ସ ନାଇଟିଙ୍ଗଲ୍ ଏବଂ ଆର ପଟେ ଯୋଆନ୍ ଅଫ ଆର୍କ ! ପ୍ରକୃତରେ ପିଲାଦିନରୁ ହିଁ ବାପାଙ୍କର ଏଇ କଥାଟା ମୋ ମୁଣ୍ଡ ଭିତରେ ପଶିଗଲା ।" ମନେହୁଏ, ନିଜର ଅବଚେତନ ମସ୍ତିଷ୍କରେ ଥିବା କଥାଟି ବାପାଙ୍କ ସ୍ୱପ୍ନ ବୃତ୍ତାନ୍ତ ସହ ମେଳ ଖାଇଯାଇ ତାଙ୍କର ପରବର୍ତ୍ତୀ ଜୀବନକୁ ଏହା ଅନୁପ୍ରେରିତ କରିଥିଲା ନିଶ୍ଚୟ ।

ନନ୍ଦିନୀ ମୁକ୍ତ କଣ୍ଠରେ ସ୍ୱୀକାର କରିଛନ୍ତି ଏବଂ ସମ୍ମାନ ଦେଇଛନ୍ତି ପିତା କାଳିନ୍ଦୀଚରଣଙ୍କ ଉଦାରପଣିଆକୁ-ସେ ଯେତେବେଳେ ଯେଉଁ କାମ କରିବାକୁ ଚାହିଁଛନ୍ତି ତାଙ୍କୁ ବାପା କେବେ ବି ବାଧା ଦେଇନାହାନ୍ତି । କାଳିନ୍ଦୀବାବୁଙ୍କର ନନ୍ଦିନୀଙ୍କ ଉପରେ କିଭଳି ଗୋଟାଏ ଅଗାଧ ବିଶ୍ୱାସ ଥିଲା–ତାଙ୍କ 'କୁନି' କେବେ କିଛି ଭୁଲ୍ କରିବ ନାହିଁ; ଯାହା ବି କାମ କରିବ ଠିକ୍ କରିବ । ତେଣୁ ଝିଅକୁ ସେ ସମ୍ପୂର୍ଣ୍ଣ ସ୍ୱାଧୀନତା ଦେଇଥିଲେ । ସ୍ୱାଧୀନତା ମାନେ ନୁହେଁ ଯଥେଚ୍ଛାଚାର, ଭୁଲ୍ କାମରେ ବି ସେ ତାଙ୍କୁ ଆକଟ କରୁଥିଲେ । ନନ୍ଦିନୀଙ୍କର ପିତାଙ୍କ ପ୍ରତି ସମ୍ମାନ ଏବଂ ମାଆଙ୍କ ପ୍ରତି ଗଭୀର ଭଲପାଇବା ଅତୁଟ ରହିଥିଲା ଶେଷ ପର୍ଯ୍ୟନ୍ତ । ବାପା-ମାଆଙ୍କର ସ୍ମୃତିଚାରଣ କରି ସେ କହୁଥିଲେ–"ମା' ମୋର ବହୁତ ସ୍ନେହୀ ମଣିଷ ଥିଲେ । ତାଙ୍କର ଆଉ କୋଉ କଥାରେ ମନ ନଥାଏ । କେବଳ ମତେ ଖାଇବାକୁ ତାଗିଦ୍ କରୁଥିବେ । ମୁଁ ପେଟପୂରା ଖାଇଦେଲେ ସେ ଖୁସି ହୋଇଯାଆନ୍ତି । ଥରକର ଘଟଣା, ମୁଁ ମାଟ୍ରିକ୍ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ପାଶ୍ କରି

Digitized by PPRACHIN, SOA

ଘରେ ଆସି ଜଣେଇଲି । ଏତିକିବେଳେ ବୋଉ ଆସି କହିଲେ, କୁନିକି ଏଥର ବାହା କରିଦେବା । ବାପା କିନ୍ତୁ କହିଲେ, ନାଇଁ ସେ ପଢୁଛି ତ ପଢୁଥାଉ ! ସେତେବେଳକୁ ମୋ ଦଦେଇ ଦିବ୍ୟସିଂହ ପାଣିଗ୍ରାହୀଙ୍କ ବଡ଼ଝିଅ ଇନ୍ଦୁମତି ପତି ଦଶବର୍ଷ ବୟସରୁ ବାହାହୋଇ ଏଗାର ବର୍ଷ ବୟସରେ ତାଙ୍କର ପୁଅଟିଏ ହୋଇସାରିଥାଏ । ବୋଉ ତାକୁ ଦେଖି ବ୍ୟସ୍ତ ହେଲେ ମୋତେ ବାହା କରିଦେବାକୁ । କହିଲେ, ନାଇଁ ସେ ବହୁତ ପଢ଼ିଲାଣି । ବ୍ରାହ୍ମଣଘର ଝିଅ, ଆଉ କେବେ ବାହାହେବ ? ଏଣିକି ଘରେ ରହୁ, ଘର କାମ କରୁ, ଘରକରଣା ବି ସବୁ ଶିଖୁ । ମୁଁ କଲେଜରେ ପଢ଼ିବା ପାଇଁ ବୋଉଙ୍କର ଏକଦମ୍ ଅରାଜି, ମୋର କିନ୍ତୁ କଲେଜରେ ପଢ଼ିବା ପାଇଁ ଖୁବ୍ ଇଚ୍ଛା । ବାପା କ'ଣ କଲେ ନା, ମୋତେ ଚୁପ୍ କରି କହିଲେ, ତୁ କଲେଜ ଯାଆ, ନାଁ ଲେଖା । ବାପାଙ୍କୁ ତ ବୋଉ ଖୁବ୍ ମାନୁଥିଲେ । ସେ ଆଉ କିଛି ନ କହି ଚୁପ୍ ରହିଥାନ୍ତି । ମୁଁ ତା'ପରେ ଏକା ଏକା ବିଭିନ୍ନ କଲେଜ ଯାଇ ଫର୍ମ ଆଣି ପକାଇଲି । କିନ୍ତୁ ରେଭେନ୍ସା କଲେଜରୁ ଆଗ ଇଣ୍ଟିମେସନ୍ ଆସିଲାରୁ ମୁଁ ସେଇଠି ଆଡ୍‌ମିଶନ କରିଦେଲି । ପରେ ଅବଶ୍ୟ ବୋଉ ଯେତେବେଳେ ଏକଥା ଜାଣିଲେ, ପ୍ରତିବାଦ କଲେନାହିଁ, ଚୁପ୍ ପଡ଼ିଗଲେ । ତେଣୁ ପ୍ରକୃତରେ ବାପାଙ୍କର ଯଦି ସମର୍ଥନ ପାଇନଥାନ୍ତି, ମୁଁ ଜୀବନରେ କିଛି କରିପାରିନଥାନ୍ତି ।"

ସତରେ ! ଏବେ ବି ଭାବିଲେ ଖୁବ୍ ଆଶ୍ଚର୍ଯ୍ୟ ଲାଗେ, ସେଭଳି ଏକ ରକ୍ଷଣଶୀଳ ସମାଜ ବ୍ୟବସ୍ଥା ଭିତରେ, ପୁଣି ବ୍ରାହ୍ମଣ କୁଳରେ ଝିଅ ଜନ୍ମ ହୋଇ ଏତେ ଦୃଢ଼ମନା ହେବା ସହଜ କଥା ନଥିଲା । ଅପରପକ୍ଷରେ, ଝିଅ ପ୍ରତି ଅତ୍ୟନ୍ତ ଉଦାର ମନୋଭାବ ପୋଷଣ କରି ତାକୁ ଏତେ ସ୍ୱାଧୀନତା ଦେବା ବା ତାକୁ ଆଗକୁ ବଢ଼ିବା ପାଇଁ ପ୍ରେରଣା ଯୋଗାଇଦେବା ଭଳି ପିତାମାତାଙ୍କ ସଂଖ୍ୟା ମଧ୍ୟ ଖୁବ୍ କ୍ୱଚିତ୍ ଦେଖିବାକୁ ମିଳେ । ପିଲାର ସାମୂହିକ ଉନ୍ନତି ନିମନ୍ତେ ଏକ ଉତ୍ତମ ପରିବେଶ ସହିତ ଆତ୍ମୀୟସ୍ୱଜନମାନଙ୍କର ଶୃଙ୍ଖଳିତ ଆଚରଣ ନିତାନ୍ତ ଆବଶ୍ୟକ; ଯାହାକି ନନ୍ଦିନୀଙ୍କୁ ତାଙ୍କ ପରିବାରରେ ଉପଲବ୍ଧ ହୋଇଥିଲା । ତେଣୁ ଏଭଳି ଏକ ପରିବାର ନନ୍ଦିନୀଙ୍କ ପାଇଁ ଯେ ଉପଯୁକ୍ତ ଶିକ୍ଷାଶାଳା ଥିଲା, ଏହା ନିଃସନ୍ଦେହ ।

⁂

Digitized by PPRACHIN, SOA

୩

ପିଲାଦିନର କେତୋଟି ଅଭୁଲା ମୁହୂର୍ତ୍ତ

ଜନ୍ମମାଟି କଟକ ସହରରେ ହିଁ ନନ୍ଦିନୀଙ୍କର ବାଲ୍ୟଶିକ୍ଷା ଏବଂ ଉଚ୍ଚଶିକ୍ଷା ସମ୍ପନ୍ନ ହୋଇଥିଲା । ପ୍ରଥମେ କଟକର ରେଭେନ୍ସା ଗାର୍ଲ ସ୍କୁଲରୁ ବିଦ୍ୟାରମ୍ଭ କରି ପ୍ରାକ୍‌ଟିସିଂ ମିଡିଲ୍ ସ୍କୁଲ ଏବଂ ପୁନଃ ସେଇ ରେଭେନ୍ସା ଗାର୍ଲ ସ୍କୁଲରୁ ମାଟ୍ରିକ୍ୟୁଲେସନ୍ ପାଶ୍ କରିବା ପରେ, ରେଭେନ୍ସା କଲେଜରୁ କୃତୀତ୍ୱର ସହ ଓଡ଼ିଆରେ ଅନର୍ସ ରଖି ବି.ଏ ପାଶ୍ କରିବା ସହିତ ଏମ୍.ଏ ପାଶ୍ କରିଥିଲେ । ଅତଏବ୍ ତାଙ୍କ ଜୀବନର ସମ୍ପୂର୍ଣ୍ଣ ବାଲ୍ୟ ଏବଂ କୈଶୋର ସମୟ କଟିଥିଲା କଟକ ସହରରେ । ସାଧାରଣତଃ ବାଲ୍ୟାବସ୍ଥାରୁ ପିଲାମାନେ ଯେଉଁଭଳି ଭାବରେ ଦୁଷ୍ଟାମୀ ଆରମ୍ଭ କରିଦେଇଥାନ୍ତି, ନନ୍ଦିନୀ ମଧ୍ୟ ସେଥିରୁ ବାଦ୍ ପଡ଼ିନଥିଲେ । ସେଦିନର କୁନି ସେତେବେଳକୁ ମାତ୍ର ବର୍ଷକର କୋମଳମତି ଶିଶୁ । ଘରେ ତାଙ୍କର ବାଞ୍ଛା ବୋଲି ଗୋଟିଏ ପିଲା କାମ କରୁଥାଏ । ସେ ସବୁବେଳେ କୁନିକୁ ତା' କାନ୍ଧ ଉପରେ ବସାଇ ଘରସାରା ବୁଲାଏ, ଆଉ ଅବୋଧ କୁନି ତା'ର କୁନି କୁନି ହାତ ଯୁଆଡ଼େ ପାଏ ସବୁଆଡ଼େ ଅଣ୍ଡାଳୁ ଥାଏ । ଏମିତି ଥରେ ଅଣ୍ଡାଳୁ ଅଣ୍ଡାଳୁ କୁନି ହାତରେ ପଡ଼ିଗଲା ଗୋଟାଏ ସ୍ପିରିଟ୍ ବୋତଲ । ସେ ଟିକିଏ ବି କାଳବିଳମ୍ବ ନ କରି ବୋତଲରୁ ଠିପି ଖୋଲି ସ୍ପିରିଟ୍‌ତକ ଢକଢକ କରି ପିଇଦେଲା । ବାଞ୍ଛା କାନ୍ଧରେ ତ କୁନି ବସିଥାଏ; ସେ ବା ଏତେକଥା ଜାଣିବ କିପରି ! ଟିକିଏ ପରେ ହଠାତ୍ କୁନିର ନିସ୍ତେଜତାକୁ ଅନୁଭବ କରି ସେ ଯେତେବେଳେ କାନ୍ଧରୁ ଓହ୍ଲାଇ ତାକୁ ଦେଖିଲା ଓ ଘଟଣା ବିଷୟରେ ଅବଗତ ହେଲା, ତା'ର ଖୁବ୍ ଭୟ ହୋଇଗଲା । କ'ଣ କରିବ କିଛି ବୁଦ୍ଧିବାଟ ନ ପାଇ ସେ ସଙ୍ଗେ ସଙ୍ଗେ ଯାଇ କାଳିନ୍ଦୀବାବୁଙ୍କୁ ଏ ବିଷୟରେ ଜଣାଇଲା । କାଳିନ୍ଦୀବାବୁ ତୁରନ୍ତ ଡାକ୍ତର ଡାକି କୁନିକୁ ଲୁଣପାଣି ପିଆଇ ତା'ର ପେଟ ୱାସ୍ କରାଇଲେ ଏବଂ କିଛି ସମୟ ପରେ କୁନି ସୁସ୍ଥ ହେଲା । ପରିଣତ ବୟସରେ ବି ନନ୍ଦିନୀ ଏହି କଥାକୁ ମନେପକାଇ ହସି ହସି କହୁଥିଲେ,

Digitized by PPRACHIN, SOA

"ଏହି ଘଟଣା ପରେ ସଭିଏଁ କହିଲେ, 'ବାଞ୍ଝା ମଣିଷ ମାରୁ' । ଅନ୍ୟମାନଙ୍କ ସହିତ ତାଳଦେଇ ମୋ ବୁଢ଼ୀ ମା' ବି କହିବାକୁ ଲାଗିଲେ, 'ବାଞ୍ଝା ଅସଲ ମଣିଷମାରୁ । ମୋ ନାତୁଣୀକୁ ମାରିଦେଇଥାନ୍ତା !' ମୋ ହେତୁ ହେବା ପରେ ମୁଁ ଆଶ୍ଚର୍ଯ୍ୟ ହୋଇ ପଚାରିଲି, ଆଚ୍ଛା ! ମୁଁ ତ ସ୍ପିରିଟ୍ ପିଇଦେଲି, ଆଉ ବାଞ୍ଝା କିପରି ମଣିଷମାରୁ ହେଲା ?"

ଏଇ ବର୍ଷକର କୁନି ଯେତେବେଳେ ଚପଳମତି ବାଳିକାରେ ପରିଣତ ହେଲା, ସେତେବେଳେ ଧୂଳିଖେଳ ଛାଡ଼ି ଦଉଡ଼ି ଯାଇଥିଲା ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ଅନ୍ୟତମ କର୍ଣ୍ଣଧାର ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କୁ ଦେଖିବା ପାଇଁ । ଭାରତୀୟ ମୁକ୍ତି ସଂଗ୍ରାମର ଏହି ଅସଲ ଯୋଦ୍ଧାଙ୍କୁ ଦେଖିବା ଲାଗି ତା' ମନରେ ଜାଗିଉଠିଥିଲା ଅପୂର୍ବ ଉନ୍ମାଦନା । ସେଦିନ ସୁଭାଷ ବୋଷଙ୍କର କଟକ ମ୍ୟୁନିସ୍‌ପାଲିଟି ପଡ଼ିଆରେ ଏକ ସଭାରେ ଯୋଗଦେବାର କାର୍ଯ୍ୟକ୍ରମ ରହିଥାଏ । ଏଇ କଥାଟି କୁନି କେଉଁଠୁ ଶୁଣିଦେଇଥାଏ । ସକାଳୁ ଉଠି ସେ କାହାରିକୁ କିଛି ନ କହି ଚାଲିଆସିଲା ମ୍ୟୁନିସ୍‌ପାଲିଟି ଡାକ୍ତରଖାନାର ପାଚେରୀ ନିକଟକୁ । ପାଚେରୀ ଉପରେ ଚଢ଼ିଯାଇ ଚୁପ୍‌ଚାପ୍ ଅପେକ୍ଷା କରି ରହିଲା ସୁଭାଷଙ୍କର ଆସିବା ସମୟକୁ । ବେଶ୍ କିଛି ସମୟ ଅପେକ୍ଷା କରିବା ପରେ ସୁଭାଷ ବୋଷ ଏକ ଧଳା ସାଲ ଖଣ୍ଡିଏ କାନ୍ଧରେ ପକାଇ ଗୋଟିଏ ଧଳାରଙ୍ଗର ଘୋଡ଼ା ଉପରେ ବସି ସେହି ବାଟ ଦେଇ ଚାଲିଗଲେ । ବାସ୍ ! ସେତିକିରେ କୁନି ମନରେ ଆନନ୍ଦ କହିଲେ ନସରେ । ସେପଟେ କିନ୍ତୁ ଘରେ ଖୋଜା ପଡ଼ିଛି କୁନିକୁ । କୁଆଡ଼େ ଗଲା ? କୁନି ଆନନ୍ଦ ମନରେ ଘରକୁ ଫେରିବା ଦେଖି ବୋଉ ତାଙ୍କର ପାଟିକରି ଉଠିଲେ । ମାତ୍ର ବୋଉର ଆକଟକୁ ଭ୍ରୂକ୍ଷେପ ନଥିଲା କୁନିର । ବରଂ ଉଲ୍ଲସିତ ବଦନରେ ଗର୍ବର ସହିତ କହିଲା, ମୁଁ ଆଜି ସୁଭାଷ ବୋଷଙ୍କୁ ଦେଖିଲି । ସେତେବେଳକୁ ତାଙ୍କୁ ବୟସ ମୋଟେ ଆଠବର୍ଷ ହୋଇଥାଏ । ଜୀବନରେ ସେଇ ଥରେ ମାତ୍ର ସୁଭାଷଙ୍କୁ ଦେଖିଥିବା ନନ୍ଦିନୀ ତାଙ୍କରି ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିଚାଲିଥିଲେ । ପରେ ସେ ଯେତେବେଳେ ଅଷ୍ଟମ ଶ୍ରେଣୀରେ ପଢୁଥାଆନ୍ତି, ଥରେ ସରୋଜିନୀ ନାଇଡୁ କଟକର ଓ.ଏମ୍.ପି. ପଡ଼ିଆରେ ଗୋଟିଏ ସଭାରେ ଯୋଗ ଦେଉଥାଆନ୍ତି । ଏକଥା ଶୁଣି ସେ ସ୍କୁଲରୁ ପଳାଇଆସି ସେହି ସଭାରେ ବସି ସରୋଜିନୀ ନାଇଡୁଙ୍କ ସମ୍ପୂର୍ଣ୍ଣ ଭାଷଣଟିକୁ ଖୁବ୍ ଧୀରସ୍ଥିର ହୋଇ ଶୁଣିଥିଲେ । ଏମିତି ଅନେକବାର ସ୍କୁଲରୁ, ଘରୁ ଲୁଚି ପଳାଇଆସି ଏହିପରି କଥାରେ ସେ ମାତିଯାଉଥିଲେ ।

ପିଲାଦିନୁ ନନ୍ଦିନୀଙ୍କ ଉପରେ ଅନେକ ବ୍ୟକ୍ତିଙ୍କର ପ୍ରଭାବ ପଡ଼ିଛି । ବହୁ ପ୍ରତିଭାଦୀପ୍ତ ବ୍ୟକ୍ତିଙ୍କ ଆଲୋକରେ ତାଙ୍କର ପିଲାଦିନ ହୋଇଛି ଜାଜ୍ୱଲ୍ୟମାନ । ତନ୍ମଧ୍ୟରୁ

Digitized by PPRACHIN, SOA

ଜଣେ ଥିଲେ ତାଙ୍କ ପିଉସୀପୁଅ ଭାଇ ସ୍ୱର୍ଗତଃ ବୃନ୍ଦାବନ ଆଚାର୍ଯ୍ୟ । ବୃନ୍ଦାବନବାବୁ ପିଲାଟି ଦିନରୁ କାଳିନ୍ଦୀଚରଣଙ୍କ ଘରେ ରହି ପଢ଼ାପଢ଼ି କରୁଥିଲେ । ସେ ଖୁବ୍ କଡ଼ା ସ୍ୱଭାବର ଥିଲେ । ନନ୍ଦିନୀ ସେତେବେଳକୁ ରେଭେନ୍ସା ଗାର୍ଲ୍ସ ସ୍କୁଲରେ ୩ୟ ଶ୍ରେଣୀରେ ପଢୁଥାଆନ୍ତି । ବୃନ୍ଦାବନବାବୁ ତାଙ୍କ ପଢ଼ାପଢ଼ି ଦେଖୁଥାନ୍ତି । ହରିହର ମହାପାତ୍ରଙ୍କ ଝିଅ ସୁମିତ୍ରା ମହାପାତ୍ର (ମିନି) ସେତେବେଳେ ନନ୍ଦିନୀଙ୍କ ସହପାଠିନୀ ଥାଆନ୍ତି । ଥରେ କ'ଣ ହୋଇଛି ନା, ସୁମିତ୍ରାଦେବୀ ଭଲ ମିଠା ମସଲା ପକାଇ ଗୋଟିଏ ସାଧା ପାନ ନନ୍ଦିନୀଙ୍କୁ ଖାଇବାକୁ ଦେଲେ ଓ ସେ ତାକୁ ଖାଇଦେଲେ । ବଡ଼ମଣିଷଙ୍କ ପରି ପାନ ଚୋବାଇ ପାଟିକୁ ଲାଲ ଟହଟହ କରି ନନ୍ଦିନୀ ଯେତେବେଳେ ଘରକୁ ଆସନ୍ତି, ବୃନ୍ଦାବନ ଭାଇନାଙ୍କ ପାଖରେ ସେଇଟା ଧରାପଡ଼ିଗଲା । ବୃନ୍ଦାବନବାବୁ ତାଙ୍କୁ ପାଖକୁ ଡାକି କହିଲେ, 'ଓଃ ! ପାନ ଖାଇବା ଯା' ଭିତରେ ଆରମ୍ଭ ହୋଇଗଲାଣି !' କହି ଠାଏକିନା ଗୋଟାଏ ଚଟକଣା ପକାଇଲେ । ନନ୍ଦିନୀ ବିଚରା କାନ୍ଦି କାନ୍ଦି କହିଲେ, ମିନି ଗୋଟେ ପାନ ଦେଲା, ଖାଇଦେଲି । ବୃନ୍ଦାବନବାବୁ ଆକଟ କରି କହିଥିଲେ, ଯିଏ ଯାହା ଦେବ ତୁ ତାକୁ ଖାଇଦେବୁ ? ବାସ୍, ସେତିକିରେ ଶେଷ ଜୀବନ ପର୍ଯ୍ୟନ୍ତ ନନ୍ଦିନୀଙ୍କୁ ଆଉ ପାନ ଖାଇବା କେହି କେବେ ଦେଖିନାହାନ୍ତି ।

ସେହିବର୍ଷ ଆଉ ଏକ ଘଟଣା । ନନ୍ଦିନୀଙ୍କର ପିଲାଦିନୁ ଗଳ୍ପ, ଉପନ୍ୟାସ ପଢ଼ିବାରେ ଖୁବ୍ ନିଶା ଥାଏ । ଲୁଚେଇ ଲୁଚେଇ ଅନେକ ବହି ସେ ପଢ଼ନ୍ତି । ଥରକର କଥା । କିଏ କାଳେ ଦେଖିଦେବ ସେଥିପାଇଁ ପଢ଼ାଘରେ ଲଣ୍ଠନ ଜାଳି ନ ପଢ଼ି ସେ ରୋଷେଇଘର ଚୁଲିମୁଣ୍ଡେ ଡିବିଟିଏ ଜାଳି ଚନ୍ଦ୍ରମଣି ଦାସଙ୍କର ଏକ ପ୍ରେମ ଉପନ୍ୟାସ 'ଭୟ କାହାର' ବହିଟିକୁ କୋଳରେ ରଖି ପଢୁଥାଆନ୍ତି । ଏଣେ ବୃନ୍ଦାବନ ଭାଇନା ପଢ଼େଇବା ପାଇଁ କୁନିକୁ ଖୋଜି ଖୋଜି ସେଠାରେ ଆସି ପହଞ୍ଚିଗଲେ । ପାଖକୁ ଡାକି ପଚାରିଲେ, 'କ'ଣ ପଢ଼ାହେଉଛି ଡିବି ଆଲୁଅରେ ?' କୁନି ଭାଇନାଙ୍କୁ ଦେଖିଦେଇ ସେତେବେଳକୁ ଭୟରେ ଥରିବାକୁ ଲାଗିଲାଣି । ବହିଟିକୁ ବୃନ୍ଦାବନବାବୁ ଦେଖିଦେଇ 'ଓଃ ! ଚନ୍ଦ୍ରମଣି ଦାସଙ୍କ ଉପନ୍ୟାସ ପଢ଼ାହେଉଛି' କହି ଚଟକଣାଟେ ପକେଇ ପଢ଼ାଘରକୁ ଘୋଷାରି ଘୋଷାରି ନେଇଯାଇଥିଲେ । ଏମିତି ଥରେ ନୁହେଁ, ବହୁଥର ସେ ଉପନ୍ୟାସ ପଢ଼ିବାରେ ଧରାପଡ଼ି ମାଡ଼ ଖାଇଛନ୍ତି, ଗାଳି ବି ଶୁଣିଛନ୍ତି; ହେଲେ ଉପନ୍ୟାସ ପଢ଼ା ଛାଡ଼ିପାରିନାହାନ୍ତି ଜୀବନର ଶେଷ ସମୟ ପର୍ଯ୍ୟନ୍ତ ।

କଥାରେ ଅଛି ପିଲାବେଳର ସବୁ ସ୍ମୃତି ମଧୁର । କିନ୍ତୁ ଏଠାରେ ଯେଉଁ ସ୍ମୃତି ବିଷୟରେ ଆଲୋକପାତ କରାଯାଉଛି, ତାହା ଶୁଣିବା ନିମନ୍ତେ ଖୁବ୍ ମଧୁର ହୋଇଥିଲେ

Digitized by PPRACHIN, SOA

ହେଁ ଏହାର ବାସ୍ତବ ସ୍ୱରୂପ ଥିଲା ଅତ୍ୟନ୍ତ ଚମକପ୍ରଦ । ଏଥିରେ ଭରି ରହିଥିଲା ଅଙ୍ଗୀକାରବଦ୍ଧତା, ତା' ପୁଣି ଏଗାର ବର୍ଷର ଗୋଟିଏ ଝିଅ କ୍ଷେତ୍ରରେ । ୧୯୪୨ ମସିହାର ଘଟଣା । କଟକର ପ୍ରାକ୍ଟିସିଂ ମିଡିଲ୍ ସ୍କୁଲରେ ନନ୍ଦିନୀ ସପ୍ତମ ଶ୍ରେଣୀରେ ପଢୁଥାଆନ୍ତି । ସ୍କୁଲର ପ୍ରଧାନ ଶିକ୍ଷକ ଥାଆନ୍ତି ରହମତ୍ ଅଲ୍ଲୀ । ସେ ଜଣେ ଭଲ ଗଣିତ ଶିକ୍ଷକ ଥିଲେ ଏବଂ ଅନେକ ଗଣିତ ବହି ମଧ୍ୟ ଲେଖିଥିଲେ । ତାଙ୍କ ଲିଖିତ ଗଣିତ ବହି ସେତେବେଳେ ସ୍କୁଲର ପାଠ୍ୟକ୍ରମରେ ପ୍ରଚଳିତ ହେଉଥିଲା । ନନ୍ଦିନୀଙ୍କର ଗଣିତରେ ଦକ୍ଷତା ଥିବାରୁ ରହମତ୍ ଅଲ୍ଲୀ ତାଙ୍କୁ ଖୁବ୍ ଭଲ ପାଉଥିଲେ । ସେତେବେଳେ ୧୯୪୨ ମସିହାର ଐତିହାସିକ ଭାରତଛାଡ଼ ଆନ୍ଦୋଳନ ଜୋର୍‌ରେ ଚାଲିଥାଏ । ଏହି ଆନ୍ଦୋଳନରେ ସାମିଲ ହୋଇ କଟକ କଲିଜିଏଟ୍ ସ୍କୁଲର ଛାତ୍ରଛାତ୍ରୀମାନେ ଇଂରେଜ ସରକାରଙ୍କ ବିରୁଦ୍ଧରେ ଗୋଟିଏ ଶୋଭାଯାତ୍ରା ବାହାର କରି ବିଭିନ୍ନ ସ୍ଲୋଗାନ୍ ଦେଇ ସହର ପରିକ୍ରମା କରୁଥାଆନ୍ତି । ଶୋଭାଯାତ୍ରାଟି ପ୍ରାକ୍ଟିସିଂ ମିଡିଲ୍ ସ୍କୁଲ ପାଖ ଦେଇ ଅତିକ୍ରମ କଲାବେଳକୁ ନନ୍ଦିନୀ ବିଦ୍ୟାଳୟ ପ୍ରକୋଷ୍ଠରେ ବସି ଜଣେ ଶୃଙ୍ଖଳିତ ଛାତ୍ରୀ ଭାବରେ ଅଙ୍କ କଷିବାରେ ନିମଗ୍ନ । ଏତିକିବେଳେ ହଠାତ୍ ତାଙ୍କ କାନରେ ବାଜିଲା 'ଇନ୍‌କ୍ଲାବ୍ ଜିନ୍ଦାବାଦ୍' ଧ୍ୱନୀ । ସବୁରି ଅଲକ୍ଷ୍ୟରେ ସେ ଟିକିଏ ଇତଃସ୍ତତ ହୋଇଉଠିଲେ । ବାହାରେ 'ଇନ୍‌କ୍ଲାବ୍ ଜିନ୍ଦାବାଦ୍' ସ୍ଲୋଗାନ୍‌ର ଗୁରୁଗମ୍ଭୀର ସ୍ୱର ତାଙ୍କର ଚପଳମତି ମନକୁ କ୍ଷଣକ ପାଇଁ ଦୋହଲାଇ ଦେଲା । ସେ ନିଜକୁ ଆଉ ସମ୍ଭାଳି ପାରିଲେ ନାହିଁ । ଖାତା-କଲମ ଛାଡ଼ି ଶ୍ରେଣୀ ଗୃହରୁ ଦୌଡ଼ିଆସି ସ୍କୁଲର ପାଚେରୀ ନିକଟରେ ଠିଆ ହୋଇଗଲେ । ତାଙ୍କ ଦେଖାଦେଖି ଶ୍ରେଣୀର ଦୁଇଚାରିଜଣ ପୁଅପିଲା ମଧ୍ୟ ଦୌଡ଼ିଆସିଥିଲେ, ଯେଉଁମାନଙ୍କ ଭିତରେ ଏବେକାର ବିଶିଷ୍ଟ ଶିକ୍ଷାବିତ୍, ରଥଯାତ୍ରାର ଧାରାବିବରଣୀ ପାଠକ, ପ୍ରଗଳ୍‌ଭ ବକ୍ତା ହୃଦାନନ୍ଦ ରାୟ ଥିଲେ ଅନ୍ୟତମ । ଗୋଟିଏ ପଟେ ଭାରତର ମୁକ୍ତିକାମୀମାନଙ୍କ ଶୋଭାଯାତ୍ରା, ଅନ୍ୟପଟେ ନନ୍ଦିନୀଙ୍କ ସମେତ କେତେଜଣ ସହପାଠୀ, ମଝିରେ ଲକ୍ଷ୍ମଣରେଖା ଭଳି ଦଣ୍ଡାୟମାନ ସ୍କୁଲର ପାଚେରୀ । ଏଣେ କିନ୍ତୁ ଶୋଭାଯାତ୍ରାରେ ମିଶିଯିବାକୁ ସଭିଙ୍କ ମନରେ ଦୁର୍ବାର ଲାଳସା । ଶେଷରେ ସାର୍‌ଙ୍କ ମାଡ଼, ବାପାମାଆଙ୍କ ଗାଳି ଏବଂ ନିଜର ପାଠପଢ଼ା କ୍ୟାରିୟର ଭୟରେ ହୃଦାନନ୍ଦବାବୁଙ୍କ ସମେତ ଅନ୍ୟ ପୁଅମାନେ କ୍ଲାସ୍‌ରୁମ୍‌କୁ ଫେରିଆସିଥିଲେ, ମାତ୍ର ଭାରତକୁ ସ୍ୱାଧୀନ କରିବାର ସୁନେଲୀ ସ୍ୱପ୍ନରେ ବିଭୋର। ନନ୍ଦିନୀ ସେଦିନ ପଛକୁ ନ ଚାହିଁ ସହ୍‌ପାଠୀମାନଙ୍କୁ ସ୍ତମ୍ଭୀଭୂତ କରି ପାଚେରୀ ଡେଇଁ ସିଧା ମିଶିଯାଇଥିଲେ ଶୋଭାଯାତ୍ରାରେ–କୌଣସି କଥାକୁ ଭୟ ନକରି । ତାଙ୍କର ଏହି ଅସୀମ ସାହସିକତା ଆଗରେ ଶ୍ରେଣୀରେ ପ୍ରଥମ ହେଉଥିବା ପୁଅମାନେ ହାର ମାନିଯାଇଥିଲେ ସେଦିନ ।

Digitized by PPRACHIN, SOA

ଏହାର ପରିଣତି ଥିଲା ଆହୁରି ଭୟଙ୍କର । ଶୋଭାଯାତ୍ରାରେ ଯାଉଥିବା ପିଲାମାନଙ୍କ ଉପରେ ଆରମ୍ଭ ହୋଇଗଲା ପୋଲିସର ନିର୍ମମ ପ୍ରହାର । ପିଲାମାନଙ୍କୁ ନିସ୍ତୁକ ମାଡ଼ଦେଇ ଏକ ଭ୍ୟାନ୍‌ରେ ପୁରେଇ ପୁଲିସବାଲା ସେମାନଙ୍କୁ ଛାଡ଼ିଦେଇ ଆସିଥିଲେ ଚନ୍ଦକା ଜଙ୍ଗଲରେ । କାରଣ ପିଲାମାନେ ନାବାଳକ ଥିବାରୁ ସେମାନଙ୍କ ନାଁରେ କେସ୍ କରିବା ସମ୍ଭବ ନଥିଲା । ସେତେବେଳେ ଚନ୍ଦକା ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ଥାଏ । ଅନନ୍ୟୋପାୟ ହୋଇ ପିଲାମାନେ ସେଇ ଚନ୍ଦକା ଜଙ୍ଗଲରୁ ମେଳିବାନ୍ଧି ଚାଲି ଚାଲି କଟକ ଫେରିଥିଲେ । ନନ୍ଦିନୀ ମଧ୍ୟ ସେମାନଙ୍କ ସହିତ ଚାଲି ଚାଲି କଟକ ଆସୁଥାଆନ୍ତି । ଏପଟେ କିନ୍ତୁ ତାଙ୍କ ବୋଉ ରତ୍ନମଣିଦେବୀ ଖୁବ୍ ବ୍ୟସ୍ତ ହୋଇପଡ଼ିଲେଣି ଝିଅର ସ୍କୁଲରୁ ନ ଫେରିବାକୁ ନେଇ । ତାଙ୍କର ତ ଏକାନ୍ନବର୍ତ୍ତୀ ପରିବାର ଥାଏ । ନନ୍ଦିନୀଙ୍କ ଦଦେଇ ତାଙ୍କ ପିଲାମାନଙ୍କ ସହ ବାରିପଦାରେ ରହୁଥାନ୍ତି, ଆଉ ବାପା କାଳିନ୍ଦୀଚରଣ ତ ସାହିତ୍ୟ ଲେଖାରେ ସବୁବେଳେ ବ୍ୟସ୍ତ । ଘରେ ଏକା ଥାଆନ୍ତି କକେଇ ଭଗବତୀବାବୁ । ତେଣୁ ରତ୍ନମଣିଦେବୀ ବ୍ୟସ୍ତହୋଇ ତାଙ୍କୁ ହିଁ କୁନିକୁ ଖୋଜିବା ପାଇଁ ପଠେଇଲେ । ଭଗବତୀବାବୁ ସାଇକେଲ ଖଣ୍ଡେ ଧରି କଟକ ସାରା କୁନିକୁ ଖୋଜି ଖୋଜି ଶେଷକୁ ଦେଖା ହୋଇଗଲେ ଚାନ୍ଦିନୀଚୌକଠାରେ । ସେ ଥଟ୍ଟାମିଶା ସ୍ୱରରେ ପଚାରିଲେ, 'କୁଆଡ଼େ ଯାଇଥିଲ ?' କୁନି କହିଲା, 'ନାଇଁ ମୁଁ ଯାଇନି, ପୁଲିସ୍ ମୋତେ ଧରି ନେଇଥିଲା ।' ଭଗବତୀବାବୁ ଆଉ କିଛି ନକହି ତାଙ୍କୁ ସାଇକେଲ ପଛରେ ବସାଇ ଘରକୁ ଆଣିଥିଲେ ଏବଂ ଘରେ ଆସି ପରିହାସରେ କହିଥିଲେ, 'ଗାନ୍ଧି, ନେହେରୁ ତ ଭାରତକୁ ସ୍ୱାଧୀନ କରିପାରିବେ ନାହିଁ, କୁନି ଆମର ଦେଶକୁ ସ୍ୱାଧୀନ କରିଦେବ ।'

ସେଇ ଏଗାରବର୍ଷର କୁନିଝିଅଟି ସେତେବେଳ ସମୟରେ କମ୍ୟୁନିଷ୍ଟ କ'ଣ, କଂଗ୍ରେସ କ'ଣ ଜାଣିନଥିଲେ ବି କେବଳ ଚିନ୍ତା କରୁଥିଲା ଦେଶ କିପରି ସ୍ୱାଧୀନ ହେବ । ମହାତ୍ମାଗାନ୍ଧୀ କିଏ, କ'ଣ କିଛି ବୁଝିନଥିବା ନନ୍ଦିନୀ କିନ୍ତୁ ସେଇ ବୟସରୁ ଗାନ୍ଧୀଙ୍କ ଡାକରାରେ ନିଜେ ସୂତା କାଟି ଖଦଡ଼ ପିନ୍ଧିବା ଆରମ୍ଭ କରିଦେଇଥିଲେ । ଏହା ଦେଖି ସାଙ୍ଗସାଥୀମାନେ ତାଙ୍କୁ ଥଟ୍ଟାକରି କହୁଥିଲେ, ବାପା ମାଆ କିଛି ନୂଆ ଲୁଗା ଦେଇନାହାନ୍ତି କୁମାର ପୂର୍ଣ୍ଣିମାରେ ? ହେଲେ କଟକର ସୂତାହାଟରେ ବଢୁଥିବା ଏଇ କୁନିଝିଅ 'କୁନି' ଯେ ଦିନେ ରାଜ୍ୟର ମୁଖ୍ୟମନ୍ତ୍ରୀ ଗାଦିରେ ବସିବ ଏବଂ କେନ୍ଦ୍ରରେ ମନ୍ତ୍ରୀପଦ ଅଳଂକୃତ କରି ଦେଶର କୋଟି କୋଟି ଜନତାଙ୍କର ଭାଗ୍ୟନିୟନ୍ତା ହେବ, ସେକଥା ସେତେବେଳେ କେହି ଭାବିପାରିନଥିଲେ । କିନ୍ତୁ କୁନିର ଏଭଳି ସାହସିକତା ଏବଂ ଦେଶପ୍ରେମ ଦେଖି ସେଇ ପ୍ରାକ୍ଟିସିଂ ମିଡିଲ୍ ସ୍କୁଲର ପ୍ରଧାନ ଶିକ୍ଷକ ରହମତ୍ ଅଲ୍ଲୀ

Digitized by PPRACHIN, SOA

କହିଥିଲେ, 'ଦିନେ ଏ ପିଲା ବାପା ମାଆଙ୍କର ନାଁ ରଖିବ ।' ପ୍ରକୃତରେ ତାଙ୍କରି କଥା ହିଁ ସତ୍ୟ ହେଲା ଶେଷରେ ।

ଏହାର କିଛିଦିନ ପରେ ମାଇନର ସ୍କୁଲ ପରୀକ୍ଷା ପୂର୍ବରୁ ନନ୍ଦିନୀ ମ୍ୟାଲେରିଆରେ ପଡ଼ିଗଲେ । ସେତେବେଳେ ଚାରିଆଡ଼େ ବହୁତ ମ୍ୟାଲେରିଆ ବ୍ୟାପୁଥିଲା । ନନ୍ଦିନୀଙ୍କର ପିଲାଦିନୁ ଖାଇବାରେ ମୋଟେ ଆଗ୍ରହ ନଥିଲା, ଯେଉଁଥିପାଇଁ କକେଇ ଭଗବତୀବାବୁ କହନ୍ତି, 'ଆମ କୁନିର ଖାଇବା ଯୋଗ୍ୟ ଚିଜ ପୃଥିବୀରେ ବୋଧହୁଏ କିଛି ନାହିଁ ।' ଯାହାଫଳରେ ସେ କେବଳ ବାର୍ଲି ଖାଇ ମାଇନର ପରୀକ୍ଷା ଦେଲେ । ଜ୍ୱରରେ ପଡ଼ି ମଧ୍ୟ ସେ ପ୍ରଥମ ଶ୍ରେଣୀରେ ପାସ୍ କରିଥିଲେ ।

ପିଲାଟି ଦିନରୁ ବୁଢ଼ୀମା' ଓ ବାପା ବୋଉଙ୍କ ଗହଣରେ ନନ୍ଦିନୀ ଖୁବ୍ ଅଲିଅଳରେ ବଢ଼ିଆସିଥିଲେ । ତା'ଛଡ଼ା ପରିବାରର ପ୍ରତ୍ୟେକ ବ୍ୟକ୍ତି ତାଙ୍କୁ ଖୁବ୍ ଆଦର ଓ ସ୍ନେହ କରୁଥିଲେ । ସବୁରି ଭିତରେ ତାଙ୍କ ବୁଢ଼ୀମା' ସରସ୍ୱତୀଦେବୀ ତାଙ୍କୁ ଟିକେ ବେଶୀ ସ୍ନେହ ଆଦର କରୁଥିଲେ । ନନ୍ଦିନୀ କଟକରେ ଜନ୍ମ ହୋଇଥିଲେ ମଧ୍ୟ ତାଙ୍କ ଗାଁ ମାଟି ପୁରୀ ଜିଲ୍ଲାର ବିଶ୍ୱନାଥପୁରକୁ କେବେ ଭୁଲିପାରି ନଥିଲେ । ପିଲାବେଳେ ସେ ଅନେକ ସମୟରେ ଗାଁକୁ ଯାଉଥିଲେ । ସ୍କୁଲ ଛୁଟି ହେବାକ୍ଷଣି କଟକ ଛାଡ଼ି ଜେଜେମା'ଙ୍କ ସାଥୀରେ ସେ ବିଶ୍ୱନାଥପୁରକୁ ଚାଲିଯାଆନ୍ତି । ଗାଁ ବିଷୟରେ ନିଜର ସ୍ମୃତି ବଖାଣିବାକୁ ଯାଇ ସେ କହୁଥିଲେ, "ମୁଁ ଗାଁକୁ ଗଲାମାତ୍ରେ ଚୁଡ଼ାଘଷା ହେବ । ମୋତେ ଚୁଡ଼ାଘଷା ବହୁତ ଭଲ ଲାଗେ । ମାମୁଁଅଜା ଥାଆନ୍ତି ବାବନ ଶତପଥୀ । ସେ ଚୁଡ଼ାଘଷା କରିବେ, ଆଉ ବୁଢ଼ୀମା'ଙ୍କର ଆରମ୍ଭ ହେବ ଯାତ୍ରା ଆୟୋଜନ । ଆମ ଗାଁର ବାଉରିମାନେ ଗାଁ ଦାଣ୍ଡରେ ନାଚିବେ । ମୋ ପାଇଁ ବୁଢ଼ୀମା' ବହୁତ ବିକଳ ହୋଇପଡ଼ନ୍ତି । ମୁଁ ବି ସବୁବେଳେ ତାଙ୍କ ପିଛା ଧରିଥାଏ । ଥରେ ମୁଁ ଗାଁକୁ ଯାଇଥାଏ । ସେହିଦିନ ବାରିପଦାରୁ ଦଦେଇ ଆସି ପହଞ୍ଚିଥାନ୍ତି । ମା' ସେତେବେଳକୁ ତା' ବାପଘରକୁ ପଠାଇବା ପାଇଁ ଚାଉଳପତ୍ର ସବୁ ସଜାଡୁଥାଏ । ଏହାଦେଖି ଦଦେଇ ରାଗିଗଲେ । ବାପା, କକେଇ ତ କିଛି କହନ୍ତିନି । ଦଦେଇ କହିଲେ, ବୋଉ, ତୁ ସବୁ ଜିନିଷ ଏମିତି ଦେଇଦେଉଛୁ କାହିଁକି ? ମା' କହିଲେ, କ'ଣ ହେଲା ! ମୋ ଜମିବାଡ଼ି, ମୁଁ ଦେବିନି ? ଦଦେଇ କହିଲେ, ହଉ, ତୋ ଜମିବାଡ଼ି ତୁ ସବୁ ଦେଇଦେ । ଆମେ କିଛି ଖାଇବୁନି । ମା' କହିଲେ, କି ହେଲା ! ଇଏତ ମୋ ଜମି, କେମନ୍ତ ମୁଁ ଦେବିନି ? ତୁମେ ତ ରୋଜଗାର କରୁଛ । ମୋର ଯାହା ଇଚ୍ଛା ମୁଁ ଦେଇଦେବି । ବୁଢ଼ୀର ତା' ଭାଇପ୍ରତି ଟିକିଏ ସ୍ନେହ ଥାଏ । ବୁଢ଼ୀ ଦଦେଇଙ୍କ କଥାରେ ରାଗିଗଲା । କହିଲା, ମୁଁ ଯାଉଛି । ଏହା କହି ଧରିଲେ ଲଣ୍ଠନ, ଚାଲିଲେ ବାପଘର ।

Digitized by PPRACHIN, SOA

ତାଙ୍କ ବାପଘର ବି ସେଇ ବିଶ୍ୱନାଥପୁରରେ । ମା' ଭାରି ମଜବୁତ୍ ଲୋକ ଥିଲେ । ମା' ଗଲେ ତ ମୁଁ ବି ଚାଲିଲି ତାଙ୍କ ପଛରେ । କହିଲି, ମା' ମୁଁ ଲଣ୍ଠଣ ଧରିବି ?

'ତୁ କୁଆଡ଼େ ଯିବୁ ?'

'ତମ ସାଙ୍ଗରେ !'

ମୋ କଥା ଶୁଣି ମା' ବହୁତ ବ୍ୟସ୍ତ ହୋଇପଡ଼ିଲେ । ତାଙ୍କ ପାନକୁଟା ଆଉ ଲଣ୍ଠଣ ଧରି ମୁଁ ଚାଲିଲି ତାଙ୍କ ପଛେ ପଛେ । ମା' ଯାଇ ତାଙ୍କ ପିଣ୍ଡାରେ ବସିପଡ଼ିଲେ । ମୁଁ ବି ବସିଲି ତାଙ୍କ ପାଖରେ । କିଛି ସମୟ ପରେ ମୁଁ କହିଲି, 'ମା' ! ପାନ ଛେଚିଦେବି ?' ସେ ଚିଡ଼ିଉଠି କହିଲେ, 'ତୁ କାହିଁକି ଆସିଛୁ ମୋ ପଛେ ପଛେ ?' ମୁଁ କହିଲି, 'ଚାଲୁନ ଯିବା ଘରକୁ ! ଦଦେଇ ତମ ପୁଅ, କ'ଣ ଟିକେ କହିଦେଲେ, ସେଥିରେ ଏତେ ରାଗ ? ଚାଲ ଖିଆପିଆ କରିବା, ସମସ୍ତେ ଅପେକ୍ଷା କରିଥିବେ ।' ସେଇଠୁ ବୁଢ଼ୀ ଫେରିଲେ ପୁଣି ଘରକୁ । ଏମିତି ଅନେକଥର ହୋଇଛି ।

"ଆମ ଗାଁରେ ସେତେବେଳେ ଜମିଦାରୀ ଥାଏ । ଯୋଗୀ ବୁଢ଼ାବାପା, ଗୋପୀ ବୁଢ଼ାବାପା, ଏମାନେ ଥାନ୍ତି ଜମିଦାର । କକେଇ ଆମ ଗାଁର ବାଉରିମାନଙ୍କୁ ମତେଇ ଦିଅନ୍ତି । ସେମାନଙ୍କୁ କହନ୍ତି, ତୁମେ କୁହ ଆମେ ଜମିର ମାଲିକ । ମୁଁ ବି କକେଇଙ୍କ ପଛେ ପଛେ ଥାଏ । କକେଇ ଦାଣ୍ଡବାଟେ ଯାଇ ସେମାନଙ୍କୁ ମେଳି କରନ୍ତି, ମୁଁ ବାଡ଼ିପଟେ ଲୁଚି ପଳାଏ ଭୋଇ ସାହିକୁ । ତାଙ୍କ ପିଣ୍ଡାରେ ବସିପଡ଼ି ପିଲାମାନଙ୍କୁ ଡାକି ପଚାରେ, ତୁମେ ସ୍କୁଲକୁ ଯାଉଛ କି ନାହିଁ ? ଏମିତି ସେମାନଙ୍କୁ ପଚାରି ବୁଝି ସ୍କୁଲକୁ ତଡ଼ି ପଠାଏ ।"

ବାସ୍ତବରେ ନନ୍ଦିନୀ ଖୁବ୍ ସାନବେଳୁ ଗରିବ, ଦୁଃଖୀ, ଅସହାୟ ମଣିଷମାନଙ୍କ ସହ ମିଶିଛନ୍ତି, ସେମାନଙ୍କ ଦୁଃଖଦୁର୍ଦ୍ଦଶାରେ ନିଜକୁ ଭାଗୀଦାର କରିଛନ୍ତି, ଶେଷରେ ସେମାନଙ୍କ ପାଇଁ ଲଢ଼େଇ ବି କରିଛନ୍ତି । ପିଲାଟି ଦିନରୁ ଜାତିଭେଦ ଭୁଲି ଦଳିତମାନଙ୍କ ଭିତରେ ସାମାଜିକ ସଚେତନତା ସୃଷ୍ଟି କରାଇ, ସେମାନଙ୍କ ପିଲାମାନେ କିପରି ପାଠପଢ଼ି ସମାଜର ମୁଖ୍ୟସ୍ରୋତରେ ସାମିଲ ହେବେ ତାହାର ବ୍ୟବସ୍ଥା କରିଛନ୍ତି ।

ନନ୍ଦିନୀଙ୍କୁ ଯେତେବେଳେ ମୋଟେ ବାରବର୍ଷ ବୟସ, ସେତେବେଳେ ସେ ଦୁଇଟି ବିଶେଷ ଘଟଣାରେ ଖୁବ୍ ଭାଙ୍ଗିପଡ଼ିଥିଲେ । ସେଇ ଦୁଃଖଦ ଘଟଣା ପରିଣତ ବୟସରେ ମଧ୍ୟ ଆଖି ସାମ୍ନାରେ ଭାସିଉଠି ତାଙ୍କ ହୃଦୟକୁ ଅସ୍ଥିର କରିପକାଉଥିଲା । ପ୍ରଥମ ଘଟଣାଟି ସାର୍ବଜନୀନ ଥିବାବେଳେ, ଦ୍ୱିତୀୟଟି ଥିଲା ପାରିବାରିକ । କିନ୍ତୁ ତାଙ୍କ

Digitized by PPRACHIN, SOA

ପାଇଁ ଦୁଇଟିଯାକ ସମାନ ଦୁଃଖଦାୟକ ବିଷୟ ଥିଲା । ଏହି ଘଟଣାର ଅବଧି ଥିଲା ୧୯୪୩ ମସିହା । ଗୋଟିଏ ପଟେ ଦ୍ୱିତୀୟ ନଅଙ୍କ ଭାରତବର୍ଷ ଉପରେ ତା'ର ତାଣ୍ଡବନୃତ୍ୟ ସାରି ଫେରିଯାଇଥାଏ । ଅନ୍ୟପଟେ ତାଙ୍କ ଜୀବନର ଆଦର୍ଶ ପୁରୁଷ ତଥା କକେଇ ଭଗବତୀଚରଣ ପାଣିଗ୍ରାହୀ ଅକାଳରେ ମୃତ୍ୟୁବରଣ କରିଥାନ୍ତି । ତାଙ୍କ ବାଲୁତ ମନରେ ଏହି ଦୁଇଟି ଘଟଣା ଗଭୀର ରେଖାପାତ କରିଥିଲା, ଯାହାକୁ କି ସେ ଏହାର ତିନିବର୍ଷ ପରେ ଅର୍ଥାତ୍ ୧୯୪୬ ମସିହା ଅକ୍ଟୋବର ଏଗାର ତାରିଖରେ 'ଅତୀତର ପେଡ଼ିରୁ' ଶୀର୍ଷକ ଏକ ଲେଖାରେ ପ୍ରକାଶ କରିଛନ୍ତି । ପରବର୍ତ୍ତୀ କାଳରେ ତ୍ରୟମାସିକ ସାହିତ୍ୟ ପତ୍ରିକା 'ସୁଲେଖା'ର ୧୬ଶ ବର୍ଷ ୧/୨ୟ ସଂଖ୍ୟାରେ ତାହା ପ୍ରକାଶିତ ହୋଇଅଛି—

"ଆଜି କୁମାର ପୂର୍ଣ୍ଣମୀ । ପୂଜା ପାଇଁ ଘରେ ଘରେ ବାଳିକାମାନେ ପ୍ରସ୍ତୁତ ହେଉଛନ୍ତି । କାହାରି କାହାରି ଘରୁ ହୁଳହୁଳି ଧ୍ୱନି ମଧ୍ୟ ଶୁଣାଗଲାଣି । ପିଲାମାନେ ଆନନ୍ଦରେ ରାସ୍ତାରେ ଦୌଡ଼ାଦୌଡ଼ି କରୁଛନ୍ତି । ଆମ ଘରେ ମଧ୍ୟ ପୂଜା ପାଇଁ ଆୟୋଜନ ଚାଲିଛି । ସାନ ଭଉଣୀଟା ନୂଆ ଜାମା ପିନ୍ଧି ବେଶଭୂଷା ହୋଇ ଏପାଖ ସେପାଖ ହେଉଛି । ବୋଉ ଖୁବ୍ ପାଟିକରି ପୂଜା ପାଇଁ ଯୋଗାଡ଼ କରିବାକୁ ବରାଦ ଦେଉଛନ୍ତି । ଚାରିଆଡ଼େ ଏମିତି ଗଣ୍ଡଗୋଳ ଲାଗିଛି ।

"ଏସବୁ ଆଦୌ ଭଲ ଲାଗିଲାନି । ସମସ୍ତଙ୍କ ଅଗୋଚରରେ କୋଠା ଉପରକୁ ଚାଲିଗଲି । ମନେ ହେଉଥିଲା ଛାତି ଭିତରେ ବହୁତଗୁଡ଼ାଏ କଥା ଜମାଟ ବାନ୍ଧିଯାଇ ନିଃଶ୍ୱାସ ମାରିବାକୁ କଷ୍ଟ ହେଉଛି । ଭାବିବା ପାଇଁ ଟିକିଏ ସ୍ଥାନ ମିଳିଗଲେ ଉଶ୍ୱାସ ଲାଗିବ ପରା ।

"ଜହ୍ନଟା ଠିକ୍ ଦେବଦାରୁ ଗଛ ସେପଟୁ ଉଙ୍କି ମାରୁଥିଲା । ତାକୁ ଦେଖି ମନେହେଲା, ସେ ବର୍ଷ ତ ଠିକ୍ ଜହ୍ନ ଏମିତି ଉଙ୍କି ମାରୁଥିଲା । କିନ୍ତୁ ଆଜି ଆଉ ତିନିବର୍ଷ ତଳେ ୧୯୪୩ ମଧ୍ୟରେ ଏତେ ଓଲଟପାଲଟ ହୋଇଗଲା କେମିତି ?

"୧୯୪୩, ନାଁ ଶୁଣିଲେ ଛାତି ଥରିଉଠେ । କି ଝଡ଼ ବୋହି ନଗଲା ଭାରତବର୍ଷ ଉପରେ ! ନଅଙ୍କ ବିଷୟରେ ଗପ ଶୁଣୁଥିଲୁ । ଦିନେ ଆମକୁ ଯେ ଦେହରେ ଦ୍ୱିତୀୟ ନଅଙ୍କ ବରଦାସ୍ତ କରିବାକୁ ହେବ, ଏକଥା କିଏ କଳ୍ପନା କରିଥିଲା ?

"ଅନାହାର, ଭାରତବର୍ଷର ଚତୁର୍ଦ୍ଦିଗରେ ତା'ର ବୀଭତ୍ସ ନୃତ୍ୟ ଆରମ୍ଭ କରିଛି । ତା' ସାଙ୍ଗରେ ପୁଣି ଝଡ଼, ତୋଫାନ, ବଢ଼ି ଲାଗିରହିଛି । ଯୁଦ୍ଧର କୋକୁଆ ଭୟ ମଧ୍ୟ

Digitized by PPRACHIN, SOA

ସଙ୍ଗେ ସଙ୍ଗେ ଅଛି । ୧୯୪୨ରେ ତାର କାଟି, ଘର ପୋଡ଼ି ଫାଶୀ ପାଇଥିଲେ ଅବା ଆଜି ସେମାନେ ଶହୀଦ ବୋଲି ସମ୍ମାନ ପାଇଥାଆନ୍ତେ । କିନ୍ତୁ ତାହା ହେଲାନାହିଁ । ଆଜି ଗଣ୍ଡେ ଖାଦ୍ୟ ପାଇଁ କୁକୁର ବିଲୁଆଙ୍କ ସହିତ ଲଢୁ ଲଢୁ ଶହ ଶହ ଲୋକ ଢଳିପଡ଼ିଲେ । ଆଉ ବେଶୀ ଦୂର ଯାଇ ସେମାନଙ୍କୁ ଇଂରେଜ ସରକାର ସଙ୍ଗେ ଲଢ଼ିବାକୁ ପଡ଼ିନଥିଲା । ଖାଦ୍ୟ ସଙ୍ଗେ ସଙ୍ଗେ ବସ୍ତ୍ରର ଅଭାବ ମଧ୍ୟ ଜନସାଧାରଣଙ୍କୁ ବିବ୍ରତ କରିପକାଇଲା । କେତେ ଯେ ନାରୀ ଲଜ୍ଜା ନିବାରଣ ପାଇଁ ଆତ୍ମହତ୍ୟା କଲେ, ସେକଥା କଳନା କରିହେବ ନାହିଁ ।

"ବୋଉ ଡାକିଲେ, ମା' ନୂଆ ଲୁଗାଟା ପିନ୍ଧି ପକାଇ ଜଲ୍‌ଦି ଆ, ଚାନ୍ଦ ଯେ ବୁଡ଼ା ହୋଇଯାଉଛି ! ଭାବନାରେ କ୍ଷଣକ ପାଇଁ ବାଧା ପଡ଼ିଲା । ସେତେବେଳେ ହଠାତ୍ ମୋର କାହିଁକି ମନେହେଲା, ହୁଏତ ୧୯୪୩ର କୁମାର ପୂର୍ଣ୍ଣମୀରେ କୌଣସି ନାରୀ ବସ୍ତ୍ର ଅଭାବରେ ଆତ୍ମହତ୍ୟା କରିଥିବ । ଆଜି ମୁଁ କିପରି ଆନନ୍ଦରେ ନୂଆ ଲୁଗା ପିନ୍ଧି ବୁଲିବି ? ଆଜି ମଧ୍ୟ ହୁଏତ ଆମରି କୁଟୁମ୍ବ ଭିତରେ କାହାରି ନୂଆ ଲୁଗା ହୋଇପାରି ନଥିବ । କିନ୍ତୁ ମୋର ସୌଭାଗ୍ୟରୁ କିମ୍ବା ଦୁର୍ଭାଗ୍ୟରୁ ହେଉ ମୁଁ ଖଣ୍ଡେ ଲୁଗା ପାଇଛି । ତାକୁ ପିନ୍ଧିବା ପାଇଁ ତ ମୋର ହାତ ଯାଉନାହିଁ ।

"ସେହି ୧୯୪୩ର କୁମାର ପୂର୍ଣ୍ଣମୀ । ଆମ ପରିବାର ଭିତରେ ମଧ୍ୟ ତା'ର ବିଶେଷତ୍ୱ ଅଛି ବହୁତ । ଆଜି ସକାଳେ କକେଇ ଫେରିଆସିଥିଲେ ସେଇ ଗଡ଼ରୁ କୃଷକ ସଭାରେ ସଭାପତିତ୍ୱ ସାରି । ପିଲାମାନଙ୍କର ଆଦେଶ ଥିଲା, ବାପା ! କୁମାର ପୂର୍ଣ୍ଣମୀ ଦିନ ନିଶ୍ଚୟ ଫେରିଆସିବେ । ସେ ମଧ୍ୟ ଠିକ୍ ଫେରିଆସିଥିଲେ । ସେଦିନ କିନ୍ତୁ ପିଲାଙ୍କର ଆନନ୍ଦ ଦେଖିବା ପୂର୍ବରୁ ତାଙ୍କୁ ଡାକ୍ତରଖାନାକୁ ସ୍ଥାନାନ୍ତରୀତ ହେବାକୁ ପଡ଼ିଥିଲା ।

"ଆଜି କକେଇ ନାହାନ୍ତି । ତାଙ୍କର ପିଲାମାନେ ଚିରଦିନ ପାଇଁ ପିତୃସ୍ନେହରୁ ବଞ୍ଚିତ । ଆଜି ସେମାନେ କୁମାର ପୂର୍ଣ୍ଣମୀ କରିବେ କିପରି ? କିଏ ତାଙ୍କୁ ନୂଆ ଲୁଗା, ମିଠେଇ ଆଣିଦେବ ?

"ଏ ସବୁ ଭାବନା ଓ ସ୍ମୃତି ମନ ଭିତରେ ରଖି କେହି କି କେବେ ଆନନ୍ଦରେ ଖେଳି ନୂଆ ଲୁଗା ପିନ୍ଧି ମଉଜ କରିପାରେ ? ତେବେ ମୁଁ ନୂଆ ଲୁଗା ନ ପିନ୍ଧିଲେ ଆଶ୍ଚର୍ଯ୍ୟ ହେବାର କ'ଣ ଅଛି ?

"୧୯୪୭, ଆଜି ଭାରତବର୍ଷର ଚାରିଆଡ଼େ ଗୋଟାଏ ଆନନ୍ଦର ଉତ୍ସ ଖେଳି ବୁଲୁଛି । ଆମର ସରକାର ଗଢ଼ାହେବ । ଭାରତ ଏଥର ସ୍ୱାଧୀନ ହେବ ।

Digitized by PPRACHIN, SOA

"ଅବଶ୍ୟ ଏ କଥାର ସତ୍ୟାସତ୍ୟ ମୁଁ ଏଠାରେ ଆଲୋଚନା କରୁନାହିଁ । କେବଳ କହୁଛି ଜନସାଧାରଣ ଯାହା ଭାବୁଛନ୍ତି । ହୁଏତ ତାଙ୍କର ବିଶ୍ୱାସ ଅନ୍ଧ ହୋଇଥାଇପାରେ । ତଥାପି ୧୯୪୩ ପରେ ଯଥେଷ୍ଟ ପରିବର୍ତ୍ତନ ହୋଇଛି ଦେଶରେ । ଯଦିଓ ସାଧାରଣ ଲୋକ ସେମାନଙ୍କର ସମ୍ପୂର୍ଣ୍ଣ ଖାଦ୍ୟ ସଂଗ୍ରହ କରିପାରୁନାହାନ୍ତି, ତଥାପି ମଧ୍ୟ ଅବସ୍ଥା ବଦଳିଛି । ଯୁଦ୍ଧର ଭୟ ଲୋପ ପାଇଛି । ଲୋକମାନେ ଶାନ୍ତିରେ ନିଃଶ୍ୱାସ ମାରୁଛନ୍ତି ।

"ପୁଣିଥରେ କକେଇଙ୍କ କଥା ମନେପଡ଼େ, ସଙ୍ଗେ ସଙ୍ଗେ ତାଙ୍କ ଜୀବନର ଶ୍ରେଷ୍ଠ ଚିନ୍ତା, ତାଙ୍କ ପାର୍ଟିର କଥା ମଧ୍ୟ । ଆଜି ପୃଥିବୀର ଚତୁର୍ଦ୍ଦିଗରେ ତାଙ୍କ ଆଦର୍ଶ ଉପରେ କୁଠାରାଘାତ କରାହେଉଛି । ତାଙ୍କ ଦୋଷ ହେଉଛି ଯେ, ସେ ମଣିଷକୁ ମଣିଷ ପରି ବଞ୍ଚି ରହିବାକୁ ଦାବି କରିବାକୁ ଶିଖାନ୍ତି । ଆଜି ସେ ବଞ୍ଚି ରହିଥିଲେ କ'ଣ କରୁଥାଆନ୍ତେ ?

"କ'ଣ ଆଉ କରନ୍ତେ ! ତାଙ୍କ ଦଳର ଅନ୍ୟମାନଙ୍କ ପରି ରହୁଥାଆନ୍ତେ ।

"ଏ ବିଷୟରେ ଭାବନା ଆଉ ବେଶିଦୂର ଆଗେଇ ପାରେନି । ସେହିଠାରେ ପୂର୍ଣ୍ଣଚ୍ଛେଦ ପଡ଼େ ।

"ବୋଉଙ୍କର ଘନ ଘନ ଆହ୍ୱାନରେ ତଳକୁ ଆସିଲି । ଶେଷଥର ପାଇଁ ମନ ଭିତରେ କହିଆସିଲି, "ଆଜି ଏହି କୁମାର ପୂର୍ଣ୍ଣମୀ ପରିବାରର ଶ୍ରେଷ୍ଠ ଚିନ୍ତାନାୟକଙ୍କର ସ୍ମୃତି ରୂପେ ମୋ ଜୀବନରେ ଚିରସ୍ମରଣୀୟ ହୋଇ ରହୁ ।"

ମାତ୍ର ପନ୍ଦର ବର୍ଷ ବୟସରୁ ଅନ୍ୟର ଦୁଃଖରେ ମ୍ରିୟମାଣା ନନ୍ଦିନୀ କୁମାର ପୂର୍ଣ୍ଣମୀରେ ନୂଆ ଲୁଗା ପିନ୍ଧିବା ବନ୍ଦ କରିଥିଲେ । ନଅଙ୍କ ଦୁର୍ଭିକ୍ଷର ତାଣ୍ଡବ ନୃତ୍ୟରେ ସେ ହତବାକ୍ ହୋଇଯାଇଥିଲେ । ଖାଦ୍ୟ ଗଣ୍ଡେ ପାଇଁ, ବସ୍ତ୍ର ଖଣ୍ଡେ ପାଇଁ ଯେଭଳି ଭାବେ ମଣିଷ ପୋକ ମାଛି ପରି ଜୀବନ ହରାଉଥିଲେ, ତାହା ତାଙ୍କୁ ଗଭୀର ବ୍ୟଥା ଦେଇଥିଲା । ଦେଶର ଦୁର୍ଗତ ଲୋକମାନଙ୍କ ପାଇଁ ସେ ବ୍ୟାକୁଳିତ ହୋଇଉଠିଥିଲେ । ତା' ସାଙ୍ଗକୁ ପୁଣି ଯାହାଙ୍କ ଆଦର୍ଶରେ ସେ ବାଟ ଚାଲି ଶିଖିବା ଆରମ୍ଭ କରିଥିଲେ ସେଇ କକେଇ ଭଗବତୀଚରଣଙ୍କ ଦେହାନ୍ତ ନନ୍ଦିନୀଙ୍କ ପାଇଁ ଥିଲା ଏକ ଅପୂରଣୀୟ କ୍ଷତି । ଖୁବ୍ ପିଲାଦିନୁ ଏଭଳି ବିପର୍ଯ୍ୟୟ ତାଙ୍କ ପରବର୍ତ୍ତୀ ଜୀବନକୁ ଯେ ଗଭୀର ଭାବରେ ପ୍ରଭାବିତ କରିଥିଲା ଏହା ନିଃସନ୍ଦେହ ।

⁂

Digitized by PPRACHIN, SOA

୪

ଛାତ୍ରାବସ୍ଥାରେ ଦେଶଚିନ୍ତା

ଛାତ୍ରାବସ୍ଥାରେ ନନ୍ଦିନୀ ପାଠପଢ଼ା ବିଷୟରେ ଯେତିକି ଭାବୁ ନ ଥିଲେ, ତା'ଠାରୁ ଅଧିକ ଭାବୁଥିଲେ ଦେଶକଥା । ପିଲାଟି ଦିନରୁ ଦେଶକାମ କରିବା ଥିଲା ତାଙ୍କର ମୂଳ ଲକ୍ଷ୍ୟ । କକେଇ ଭଗବତୀଙ୍କ ମୃତ୍ୟୁବେଳକୁ ସେ ରେଭେନ୍ସା ଗାର୍ଲସ୍କୁଲର ଅଷ୍ଟମ ଶ୍ରେଣୀର ଛାତ୍ରୀ । ସେହି ସମୟରେ ତାଙ୍କର ପ୍ରଚଣ୍ଡ ଦେଶପ୍ରେମ ତଥା ସମାଜସେବାରେ ଅଭିଭୂତ ହୋଇ କମ୍ୟୁନିଷ୍ଟ ଦଳର ଶରତ ପଟ୍ଟନାୟକ, ବୈଦ୍ୟନାଥ ରଥ ପ୍ରମୁଖ ତାଙ୍କୁ ପାର୍ଟିରେ ମିଶିବା ପାଇଁ ପ୍ରବର୍ତ୍ତାଇଥିଲେ । ନନ୍ଦିନୀ ଏହାକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରି ନ ଥିଲେ ମଧ୍ୟ କମ୍ୟୁନିଷ୍ଟ ପାର୍ଟି ପାଇଁ ଅନେକ କାମ କରୁଥିଲେ । କିନ୍ତୁ ପାର୍ଟିର କାର୍ଡ ହୋଲଡ଼ର ହୋଇନଥିଲେ ।

ମାଟ୍ରିକ୍ୟୁଲେସନ ପଢ଼ିବା ସମୟରୁ ହିଁ କାହାରି ତଳେ ରହି କାମ କରିବାକୁ ସେ ପସନ୍ଦ କରୁନଥିଲେ । ସେହି ବୟସରେ ୟୁ.ଏନ୍.ଓ.କୁ ଯିବା ପାଇଁ ସ୍ୱପ୍ନ ଦେଖୁଥିବା ନନ୍ଦିନୀ ତାଙ୍କ ବାପାଙ୍କର ଶତପ୍ରଶଂସା କରି କହୁଥିଲେ, "ବାପା ମୋତେ ଖୁବ୍ ସ୍ୱାଧୀନତା ଦେଇଥିଲେ । ମୋ କାମରେ କେବେ ବି ବାଧା ସୃଷ୍ଟି କରୁନଥିଲେ । ମୁଁ ଯେମିତି ଭାବରେ କାମ କରିବାକୁ ଚାହିଁଛି ସୌଭାଗ୍ୟବଶତଃ ମୋତେ କେହି ବାଧା ଦେଇନାହାନ୍ତି । ବାପା ଜାଣିଥିଲେ କୁନି ଯାହା ବି କରିବ, ଠିକ୍ କାମ କରିବ । ମୁଁ ଆଜି ପର୍ଯ୍ୟନ୍ତ କେଉଁ ବାବୁ ଫାବୁଙ୍କୁ ମାନେନି କି କିଏ ମୋ ଉପରେ ହାକିମ ହେବ ତା' ବି ମାନେନି । ମୁଁ ମୂଳରୁ ଭାବିନେଇଛି, ମୁଁ ସ୍ତ୍ରୀ ଲୋକ ନୁହେଁ, ମୁଁ ମଣିଷ । I am a person, I am a human being. ମୁଁ struggle କରି ବଞ୍ଚିଛି । You do not live for yourself, you live for the society, for the country. This is my principle."

Digitized by PPRACHIN, SOA

ସତରେ ! ସେତେବେଳର ରକ୍ଷଣଶୀଳ ସାମାଜିକ ବ୍ୟବସ୍ଥା ଭିତରେ ଖୁବ୍ କମ୍ ଝିଅଙ୍କୁ ଏଭଳି ସ୍ୱାଧୀନତା ମିଳୁଥିଲା । ସେମାନଙ୍କ ମଧ୍ୟରୁ ମୁଷ୍ଟିମେୟ ଝିଅ ରାଷ୍ଟ୍ର ବା ସମାଜ ପାଇଁ ଉତ୍ସର୍ଗୀକୃତ ମନରେ କାମ କରିବାକୁ ବାହାରୁଥିଲେ । ହେଲେ ଆଜି ସମୟ ସମ୍ପୂର୍ଣ୍ଣ ବଦଳି ଯାଇଛି । ଯେଉଁ ସ୍ୱାଧୀନତା ଝିଅମାନଙ୍କୁ ବା ନାରୀମାନଙ୍କୁ ମିଳୁଛି, ତାହା କେବଳ ସଂରକ୍ଷଣ ଜରିଆରେ ଅଥବା ନାରୀ ସଶକ୍ତିକରଣ ନାଁରେ । ତା'ଛଡ଼ା ଏଇକ୍ଷଣି ସ୍ୱାଧୀନତା ନାଁରେ ସ୍ୱେଚ୍ଛାଚାରିତା ବେଶୀ । ଅଧିକାଂଶ ନାରୀ ଫେସନ କରିବା, କ୍ଲବ୍‌କୁ ଯିବାରେ ସ୍ୱାଧୀନତାକୁ ବ୍ୟବହାର କରୁଥିବାବେଳେ, କେତେଜଣ ନାରୀ ନିଜକୁ ମଣିଷ ଭାବରେ ପ୍ରତିଷ୍ଠା କରୁଛନ୍ତି ? ନିଜକୁ ବ୍ୟକ୍ତି ଭାବରେ ଜାହିର କରୁଛନ୍ତି ? ଦେଶ କଥା ଓ ଜାତି କଥା କେତେଜଣ ଭାବୁଛନ୍ତି ?

ସର୍ବଦା ଦେଶକାମ, ସଭା, ଶୋଭାଯାତ୍ରା, ଆନ୍ଦୋଳନ, ଅନଶନ ଭିତରେ କଟିଥିଲା ନନ୍ଦିନୀଙ୍କ ଛାତ୍ରୀ ଜୀବନ । ବ୍ରିଟିଶ୍ ବିରୁଦ୍ଧରେ, ସରକାରର ଅନ୍ୟାୟ ନୀତି ବିରୁଦ୍ଧରେ, ଅସାମାଜିକ କାର୍ଯ୍ୟ ବିରୁଦ୍ଧରେ ଅବା ବନ୍ୟା-ବାତ୍ୟା-ମରୁଡ଼ି କି ଅନ୍ୟାୟ-ଅତ୍ୟାଚାର-ଶୋଷଣ ବିରୁଦ୍ଧରେ ହେଉ; ପ୍ରାୟ ପ୍ରତିଦିନ ଏହିଭଳି କିଛି ନା କିଛି କାର୍ଯ୍ୟକ୍ରମର ନେତୃତ୍ୱ ନେଉଥିଲେ ନନ୍ଦିନୀ । କିନ୍ତୁ ସବୁଠାରୁ ବଡ଼ କଥା ହେଲା, ଏସବୁ ଭିତରେ ପାଠପଢ଼ା ବି ଚାଲିଥିଲା ଠିକ୍ ଭାବରେ । କୌଣସି କ୍ଲାସ୍‌ରେ ସେ ପ୍ରଥମ ଶ୍ରେଣୀରୁ ତଳକୁ ଖସୁନଥିଲେ । ସେଥିପାଇଁ ଘରେ, ବାହାରେ କିମ୍ବା ବିଦ୍ୟାଳୟରେ କେହି ତାଙ୍କୁ ଭରସିକରି ଟାଣ କଥା ପଦେ କହିପାରୁନଥିଲେ । ସେ ଥିଲେ ସମସ୍ତଙ୍କର ପ୍ରିୟପାତ୍ରୀ ।

୧୯୪୬ ମସିହାରେ କଟକର ରେଭେନ୍‌ସା ଗାର୍ଲସ୍କୁଲରୁ ପ୍ରଥମ ଶ୍ରେଣୀରେ ମାଟ୍ରିକ୍ୟୁଲେସନ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ ନନ୍ଦିନୀ । ଏଇକଥାକୁ ନେଇ ତାଙ୍କ ଘରେ ସେତେବେଳେ ଗୋଟାଏ ମଜା ଘଟଣା ଘଟିଥିଲା । ତାହାହେଲା—ସେତେବେଳକୁ କାଳିନ୍ଦୀଚରଣ ଆକାଶବାଣୀ କଟକ କେନ୍ଦ୍ରର ଇଷ୍ଟର୍ଣ୍ଣ ଷ୍ଟେଟ୍ ପବ୍ଲିସିଟି ଅଫିସର ଥାଆନ୍ତି । ନନ୍ଦିନୀ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ପାସ୍ କରିଥିବା କଥା ଯେତେବେଳେ ଆସି ପ୍ରଥମେ ଘରେ ବାପାଙ୍କୁ ଜଣାଇଲେ, କାଳିନ୍ଦୀବାବୁ ଟିକେ ହସିଦେଇ କହିଲେ, 'ତୁ ଗଧ ପିଲାଙ୍କ ଭିତରେ ଫାଷ୍ଟ ହୋଇଥିବୁ ।' ଏଥିରେ ବୋଉ ରତ୍ନମଣିଦେବୀ ଖୁବ୍ ଦୁଃଖିତ ହେଲେ ଏବଂ କହିଲେ, 'ଶିଶିର (ନନ୍ଦିନୀଙ୍କ ସାନଭାଇ) ପାସ୍ କଲେ ତା' ପାଇଁ ଘରେ ଭୋଜି ହେବ, ଆଉ କୁନି ଫାଷ୍ଟ ହେଲେ ବି ତା' ପାଇଁ କିଛି ନାହିଁ !' ଏହାଶୁଣି କାଳିନ୍ଦୀବାବୁ ଟିକିଏ ହସିଦେଇ ଝିଅକୁ ଲୁଚେଇ ଲୁଚେଇ ସ୍ତ୍ରୀଙ୍କୁ କହିଲେ, 'ଶିଶିର ଫେଲ୍ ହେଉ ହେଉ ଯଦି ବାଇଚାନ୍‌ସ ପାସ୍ କରିଗଲା, ତେବେ ବଡ଼ ଭାଗ୍ୟର କଥା । ହେଲେ କୁନି

Digitized by PPRACHIN, SOA

ତ କେଉଁଥିରେ ଫେଲ୍ ହେବନାହିଁ, ସେ ତ ଫାଷ୍ଟ ହିଁ ହେବ । ଏଥିରେ ଭୋଜି କାହିଁକି ହେବ ?' ଏଇ କଥା ପଦକରେ ରତ୍ନମଣିଦେବୀ ଖୁବ୍ ଖୁସି ହୋଇଯାଆନ୍ତି । ପରବର୍ତ୍ତୀ ସମୟରେ ବୋଉଙ୍କଠାରୁ ଏକଥା ଶୁଣିଦେଇ ନନ୍ଦିନୀ ମଧ୍ୟ ଆହୁରି ଆଗକୁ ମାଡ଼ିଯିବା ପାଇଁ ଶତସିଂହର ବଳ ପାଇଯାଆନ୍ତି । ଏବେ ଯଦି ନିଜ ପୁଅ କି ଝିଅ କପି କରି କିମ୍ବା ପରୀକ୍ଷା ଖାତାରେ ଅସଦ୍ ଉପାୟରେ ନମ୍ବର ବଢ଼େଇ ଖାଲି ପାସ୍ ହୋଇଯାଉଛନ୍ତି, ତା'ହେଲେ ବାପା ମା'ମାନେ ତାଙ୍କ ପାଇଁ ସଙ୍ଗେ ସଙ୍ଗେ ଗାଡ଼ି ଘୋଡ଼ା କିଣି ଗର୍ବରେ ଫାଟି ପଡୁଛନ୍ତି । କେହି କେହି ବାପା ମାଆ ତ ସ୍ୱୟଂ ଧରାଧରି କରି ପିଲାର ନମ୍ବର ବଢ଼ାଇବାରେ ଆନନ୍ଦ ଲାଭ କରୁଛନ୍ତି । ତେଣେ ପିଲାମାନେ ପଛେ ଫେସନ କରିବାରେ ବ୍ୟସ୍ତ । ନନ୍ଦିନୀ କିନ୍ତୁ ପିଲାଟି ଦିନରୁ ଏସବୁର ଊର୍ଦ୍ଧ୍ୱରେ ଥିଲେ । ତାଙ୍କ ବାପା ମାଆ ବି ପିଲାଙ୍କ କୃତୀତ୍ୱରେ ଆତ୍ମହରା ହେଉନଥିଲେ । ବରଂ ସମସ୍ତେ ନିଜ ନିଜ କାମ ନେଇ ବ୍ୟସ୍ତ ରହୁଥିଲେ ।

କାଳିନ୍ଦୀଚରଣଙ୍କର ଇଚ୍ଛା ଥିଲା କୁନି (ନନ୍ଦିନୀ) କଲେଜରେ ବାୟୋଲୋଜି ବିଷୟ ରଖି ପଢ଼ିବ ଏବଂ ଭବିଷ୍ୟତରେ ଡାକ୍ତର ହେବ । ହେଲେ ଭଗବାନଙ୍କର ଇଚ୍ଛା ଥିଲା ଅନ୍ୟ ପ୍ରକାରର । କଥାରେ ପରା ଅଛି, 'ମଣିଷ ପାଞ୍ଚେ ଦଇବ ଭାଙ୍ଗେ ।' ନନ୍ଦିନୀ ଆଇ.ଏସ୍‌ସି ପାସ୍ କଲାବେଳକୁ ସମ୍ପୂର୍ଣ୍ଣ ରୂପେ ରାଜନୀତିରେ ବୁଡ଼ିଯାଇଥାନ୍ତି । ରାଜନୀତି କହିଲେ ଭୁଲ ହେବ, ସମାଜସେବାରେ ମଜ୍ଜି ଯାଇଥିଲେ । ସ୍ୱାଧୀନତାର ଠିକ୍ ବର୍ଷକ ଆଗରୁ ଅର୍ଥାତ୍, ୧୯୪୬ ମସିହାରେ ସେ ଐତିହ୍ୟସମ୍ପନ୍ନ ରେଭେନ୍‌ସା କଲେଜରେ ନୂଆହୋଇ ପାଦ ଥାପିଲେ । ଆଉ ସେହିଠାରୁ ହିଁ ତାଙ୍କ ଜୀବନରେ ଯୋଡ଼ି ହୋଇଗଲା ଆନ୍ଦୋଳନର ନୂଆ ନୂଆ ଅଧ୍ୟାୟ ସବୁ । ସେହିବର୍ଷ ଡିସେମ୍ବର ୧୮ ତାରିଖ ଦିନ ରେଭେନ୍‌ସା କଲେଜରେ ବାର୍ଷିକ କ୍ରୀଡ଼ା ଉତ୍ସବ ପାଳିତ ହେଉଥାଏ । ଏହି ଉତ୍ସବରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଚନ୍ଦୁଲାଲ ତ୍ରିବେଦୀ ଏବଂ ରାଜସ୍ୱ ମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ସମ୍ମାନନୀୟ ଅତିଥି ରୂପେ ନିମନ୍ତ୍ରିତ ହୋଇ ଆସିଥାନ୍ତି । କ୍ରୀଡ଼ା ଆରମ୍ଭ ହେବାର ଅବ୍ୟବହିତ ପୂର୍ବରୁ ଜାତୀୟ ପତାକା ଟାଣିବାକୁ ନେଇ ଏକ ସମସ୍ୟା ସୃଷ୍ଟି ହେଲା । ସେତେବେଳେ ଛାତ୍ରସଂଘ ତରଫରୁ ନନ୍ଦିନୀଙ୍କ ସମେତ ମନମୋହନ ମିଶ୍ର, ଜଗତକୃଷ୍ଣ ଦାସ, ପୂର୍ଣ୍ଣାନନ୍ଦ ଦାସ, ବସନ୍ତ କୁମାର ମିଶ୍ର, ଗିରିଜା ପଟ୍ଟନାୟକ, ଦେବେନ୍ଦ୍ର ଶତପଥୀ, ନିରୂପମା ରଥ, ଶ୍ୟାମଳୀ ଲାହିରି ପ୍ରମୁଖ କର୍ମୀମାନେ ଭାରତର ଜାତୀୟ ପତାକା ଉଡ଼ାଇବାକୁ ଜିଦ୍ କଲେ । ପୂର୍ବରୁ ସେଠାରେ ୟୁନିଅନ୍ ଜ୍ୟାକ୍ ଟଙ୍ଗା ଯାଇଥିଲା । ଏମାନେ ତାହାକୁ ତଳକୁ ଖସେଇଦେଇ ତା' ଜାଗାରେ ତ୍ରିରଙ୍ଗା ପତାକା ଉଡ଼ାଇଦେଲେ । ଏହି ଘଟଣା ପରେ ପୋଲିସ୍ ସମସ୍ତଙ୍କୁ ଗିରଫ କରିନେଲେ । ଯେହେତୁ ଏମାନଙ୍କର ଜେଲ୍‌କୁ ଯିବାର ବୟସ

Digitized by PPRACHIN, SOA

ହୋଇନଥାଏ, କି ଜୁଭେନାଇଲ୍ ଜେଲ୍ ବି ନଥାଏ ଅଠର ବର୍ଷରୁ କମ୍ ବୟସର ବନ୍ଦୀମାନଙ୍କୁ ରଖିବାପାଇଁ, ସେହେତୁ ପୁଲିସ ସେମାନଙ୍କୁ ନେଇ ରାଣୀହାଟ ଛକରେ ଦିନସାରା ବସେଇଲେ । ସନ୍ଧ୍ୟା ହେବାରୁ ଘରକୁ ଛାଡ଼ିଲେ । ନନ୍ଦିନୀ ସେତେବେଳେ ଏ ସମ୍ପର୍କରେ ଏକ ନିର୍ଭୀକ ମତ ରଖିଥିଲେ—"ଯଦି ସ୍ୱାଧୀନତା ଆସିବାଟା ସ୍ଥିର ବୋଲି ହରେକୃଷ୍ଣ ମହତାବ ଜାଣିଥିଲେ, ତାହାହେଲେ କାହିଁକି ସେଠାରେ ୟୁନିଅନ୍ ଜ୍ୟାକ୍ ଟଙ୍ଗାଗଲା ? ତେଣୁ ସେଠାରେ ତ୍ରିରଙ୍ଗା ପତାକା ଉଡ଼ାଇବାର ଆବଶ୍ୟକତା ଥିଲା ।" ମାତ୍ର ପନ୍ଦର ବର୍ଷ ବୟସରେ ବ୍ରିଟିଶ୍ ବିରୋଧରେ ବିଦ୍ରୋହ ଘୋଷଣା କରି ୟୁନିଅନ୍ ଜ୍ୟାକ୍ ତଳକୁ ଓହ୍ଲାଇଆଣି ସେହି ସ୍ଥାନରେ ଭାରତର ଜାତୀୟ ପତାକା ଟାଣିବା କିଛି ଛୋଟିଆ ଘଟଣା ନଥିଲା । କଲେଜ ଜୀବନରେ କେବଳ ବ୍ରିଟିଶ ସରକାର ବିରୋଧରେ ନୁହେଁ, ନିଜ ପ୍ରଦେଶର ରାଜନେତାଙ୍କ ଅପରିଣାମଦର୍ଶୀ ନୀତି ଏବଂ ଅସାମାଜିକ ବ୍ୟକ୍ତିଙ୍କ ବିରୋଧରେ ସେ ସେଇଦିନୁ ଲଢ଼େଇ ଆରମ୍ଭ କରିଦେଇଥିଲେ ।

ଥରେ ଦୀପାବଳି ଆଗରୁ କଲେଜର କେତେକ ପୁଅ ମିଶି ଝିଅମାନଙ୍କୁ ଡରାଇବା ପାଇଁ ଏକ ସଂଘବଦ୍ଧ ଯୋଜନା କରିଥିଲେ । ଯୋଜନା ଅନୁସାରେ ଝିଅମାନେ ତାଙ୍କ କମନ୍‌ରୁମ୍‌ରୁ କ୍ଲାସ୍‌ରୁମ୍‌କୁ ଯିବା ବାଟରେ ସେମାନେ ଛକି ରହିଲେ । ସେମାନେ କ୍ଲାସ୍‌ରୁମ୍‌କୁ ଯିବାବେଳକୁ ଆଠ ଦଶଜଣ ପୁଅ ମିଶି ତାଙ୍କ ସାମ୍ନାରେ କେତେଟା ଫୋଟକା ଫୁଟାଇଦେଲେ । ଝିଅମାନେ ଭୀଷଣ ଡରିଯାଇ ଯିଏ ଯୁଆଡ଼େ ପଳାଇଲେ । ମାତ୍ର ଦୃଢ଼ମନା ନନ୍ଦିନୀ ସେଠାରେ ଏକା ଠିଆହୋଇ ରହିଲେ । ତା'ପରେ ସେ କ୍ଲାସ୍ କରିସାରି ପ୍ରିନ୍‌ସପାଲଙ୍କୁ ଏ କଥା ଜଣାଇଲେ ଏବଂ ଅଭିଯୋଗ କଲେ ଯେ, ଝିଅମାନଙ୍କୁ ଏଠି ଚାଲିବାକୁ ଦେଉନାହାନ୍ତି, ସେମାନେ କ୍ଲାସ୍ କରିପାରୁନାହାନ୍ତି । ସେତେବେଳେ ରେଭେନ୍‌ସା କଲେଜର ପ୍ରିନ୍‌ସପାଲ ଥାଆନ୍ତି ଗୋଲକ ବାନାର୍ଜୀ । ସେ ପଚାରିଲେ, 'ତୁମେ ସେମାନଙ୍କୁ ଚିହ୍ନିଛ ?' ନନ୍ଦିନୀ ଉତ୍ତର ଦେଲେ, 'ହଁ, ମୁଁ ସେମାନଙ୍କୁ ଚିହ୍ନିଛି ।' ତହିଁ ପରଦିନ ପ୍ରିନ୍‌ସପାଲ ସବୁ ପୁଅଙ୍କୁ ଧାଡ଼ିକରି ଠିଆ କରିଦେଲେ ଏବଂ ନନ୍ଦିନୀଙ୍କୁ ଚିହ୍ନାଇଦେବାକୁ ଡାକିଲେ । ଯେଉଁମାନେ ଫୋଟକା ଫୁଟାଇଥିଲେ ସମସ୍ତଙ୍କୁ ଗୋଟି ଗୋଟି କରି ନନ୍ଦିନୀ ଚିହ୍ନାଇଦେଲେ । ଧରାପଡ଼ିଥିବା ପିଲାମାନଙ୍କଠାରୁ ସେ ଦିନରେ କୋଡ଼ିଏ ଟଙ୍କା ଲେଖାଁ ଜରିମାନା ଆଦାୟ କରାଯାଇଥିଲା । ଏହାପରେ ସେ ପିଲାମାନେ ନନ୍ଦିନୀଙ୍କୁ ଧମକ ଦେଲେ ବୋମା ମାରି ତାଙ୍କୁ କଲେଜରୁ ଏକାଥରେ ଡାକ୍ତରଖାନା ପଠେଇଦେବେ । ଏହା ଶୁଣି ନନ୍ଦିନୀଙ୍କ ସାଙ୍ଗମାନେ ଖୁବ୍ ଡରିଯାଇ ତାଙ୍କୁ କହିଲେ, ଏଇଟା ଗୋଟାଏ ଖରାପ କାମ ହେଲା । ସେମାନେ ସତକୁସତ ବୋମା ପକାଇଦେବେ । ନିର୍ଭୀକଚେତା ନନ୍ଦିନୀ କିନ୍ତୁ ଡରି ନ ଯାଇ କହିଥିଲେ, 'ଦେଖିବା, କିଏ ଡାକ୍ତରଖାନା

Digitized by PPRACHIN, SOA

ଯିବ ?' ତା' ପରଦିନ ସେ କଲେଜର ଲନ୍ ବାଟଦେଇ ଏକା ଲାଇବ୍ରେରୀକୁ ଯାଉଥାନ୍ତି । ସମ୍ପୃକ୍ତ ଯୁବକମାନେ ସେଠାରେ ଠିଆହୋଇ ତାଙ୍କୁ ଦେଖିଲେ । ନନ୍ଦିନୀ ସେଇ ବାଟ ଦେଇ ଏକା ବି ଫେରିଲେ । ମାତ୍ର କେହି ସାହସ କରିପାରିନଥିଲେ ତାଙ୍କୁ କିଛି କହିବାକୁ । ନନ୍ଦିନୀଙ୍କ ସାଙ୍ଗମାନେ ଏକଥା ଦେଖି ଆଶ୍ଚର୍ଯ୍ୟଚକିତ ହେଲେ । ପରବର୍ତ୍ତୀ ସମୟରେ ସେହି ଯୁବକମାନେ ତାଙ୍କର ବନ୍ଧୁ ପାଲଟି ଯାଇଥିଲେ ।

କେବଳ କଲେଜ ପଢ଼ା ଭିତରେ ନନ୍ଦିନୀ ନିଜକୁ ଆବଦ୍ଧ କରି ରଖିପାରିନଥିଲେ । ସ୍ୱାଧୀନତାର ଠିକ୍ ବର୍ଷକ ପୂର୍ବରୁ ସେ ନୂଆହୋଇ କଲେଜରେ ପଶିଥିଲେ ମଧ୍ୟ ତାଙ୍କ ମନ ଆଦୌ କଲେଜ ପଢ଼ାପଢ଼ିରେ ଲାଗୁନଥାଏ । କାରଣ ସନ୍ତାନଟି ଭୂମିଷ୍ଠ ହେବା ପୂର୍ବରୁ ଗର୍ଭିଣୀଟି ଯେପରି କଷ୍ଟ ପାଏ, ଠିକ୍ ସେହିପରି ଭାରତ ସ୍ୱାଧୀନତା ପାଇବାର ପୂର୍ବ ସମୟଟି ସମସ୍ତଙ୍କ ପକ୍ଷରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା । ଭୀଷଣ ଏକ ଉତ୍ତେଜନାର ସମୟ । ସେହି ସମୟରେ ବିଭିନ୍ନ ସଂଗଠନ କରି, ବହୁ ଶୋଭାଯାତ୍ରା ବାହାର କରି ବ୍ରିଟିଶ୍ ସରକାରକୁ ହଟାଇବାକୁ ଆପ୍ରାଣ ଉଦ୍ୟମ ଜାରି ରଖିଥିଲେ ନନ୍ଦିନୀ । ସେତେବେଳେ ସେମାନଙ୍କର ସ୍ଲୋଗାନ ଥିଲା—

"ଏ ଆଜାଦି ଝୁଟା ହୈ, ଭୁଲୋ ମତ, ଭୁଲୋ ମତ
ଆଜାଦି ଲଢ଼କର ଲେନା ହୈ, ଲଢ଼କର ଲେନା ହୈ ।"

ମହାତ୍ମାଗାନ୍ଧୀଙ୍କ ଆଦର୍ଶରେ ନନ୍ଦିନୀ ଅନୁପ୍ରାଣିତ ହୋଇଥିଲେ ପିଲାଟି ଦିନରୁ । ହେଲେ, କେବଳ ଯେ ଅହିଂସା ନୀତିରେ ଭାରତକୁ ସ୍ୱାଧୀନ କରାଯାଇପାରିବ, ଏଥିରେ ସେ ସନ୍ଦିହାନ ଥିଲେ । ଯେଉଁଥିପାଇଁ ସେ ଛାତ୍ରସଂଘରେ ଯୋଗଦେଇ କାର୍ଯ୍ୟ ଆରମ୍ଭ କରିଥିଲେ । ଏହି ସମୟରେ କମ୍ୟୁନିଷ୍ଟ ପାର୍ଟି ତାଙ୍କ ଉପରେ ବହୁତଗୁଡ଼ିଏ କାମ ଦେଇଥିଲା ଏବଂ ନନ୍ଦିନୀ ସମସ୍ତ କାର୍ଯ୍ୟ ଅତ୍ୟନ୍ତ ନିଷ୍ଠାର ସହ ପାଳନ କରିଥିଲେ । ପରେ ଯେତେବେଳେ ସୁଭାଷ ବୋଷଙ୍କ ବିଷୟରେ ଜାଣିଲେ ସେ ଗାନ୍ଧିଜୀଙ୍କ ଆଦର୍ଶକୁ ଛାଡ଼ିପାରିନଥିଲେ ସତ, କିନ୍ତୁ ତାଙ୍କର ଧାରଣା ହୋଇଥିଲା ଯେ, ସୁଭାଷ ବୋଷ ଯେପରି ଭାବରେ ସ୍ୱାଧୀନତା ଆଣିବା ପାଇଁ ଚାହୁଁଛନ୍ତି ସେଇଟା ହିଁ ଠିକ୍ ବାଟ । ଏ ସମ୍ପର୍କରେ ନନ୍ଦିନୀ କହୁଥିଲେ, "ମୋର ତ ବୟସ କମ ଥିଲା । ତଥାପି ମୁଁ ଯାହା ବୁଝିଥିଲି, ସୁଭାଷ ଯେମିତି ଚାହୁଁଛନ୍ତି, ସେଇ ଭାବରେ ସ୍ୱାଧୀନତା ହାସଲ କଲେ ଆମେ ଠିକ୍ ଜାଗାରେ ପହଞ୍ଚିବୁ । ତା'ଛଡ଼ା ସେ ବି ଯଦି ପ୍ରଧାନମନ୍ତ୍ରୀ ହୋଇଥାନ୍ତେ ଖୁବ୍ ଭଲ ହୋଇଥାନ୍ତା ।"

୧୯୪୭ ଅଗଷ୍ଟ ୧୫ରେ ଭାରତବର୍ଷ ସ୍ୱାଧୀନ ହେଲା । ହେଲେ ନନ୍ଦିନୀଙ୍କର କାର୍ଯ୍ୟ କମିବା ପରିବର୍ତ୍ତେ ବଢ଼ିଚାଲିଲା । ବିଶେଷକରି ସ୍ୱାଧୀନତା ପରବର୍ତ୍ତୀ ସମୟର

Digitized by PPRACHIN, SOA

ବିଭିନ୍ନ ସମସ୍ୟା ନେଇ ତାଙ୍କର ଆନ୍ଦୋଳନ ପୂର୍ବବତ୍ ଚାଲୁ ରହିଲା । ସ୍ୱାଧୀନତାର ଠିକ୍ ପରେ ପରେ କମ୍ୟୁନିଷ୍ଟ ପାର୍ଟିକୁ ବ୍ୟାନ୍ କରିଦିଆଯାଇଥିଲା । ମନମୋହନ ମିଶ୍ର, ବୈଦ୍ୟନାଥ ରଥଙ୍କ ପରି ପ୍ରମୁଖ କମ୍ୟୁନିଷ୍ଟ ନେତାମାନେ ଅଣ୍ଡରଗ୍ରାଉଣ୍ଡରେ ରହିଲେ । ସେତେବେଳେ ନନ୍ଦିନୀ ହିଁ ସେମାନଙ୍କ ସଙ୍ଗେ ଚୋରାରେ ସମ୍ପର୍କ ସ୍ଥାପନ କରି ଦରକାରୀ ଜିନିଷପତ୍ର ଯୋଗାଇଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଏ ସମ୍ପର୍କରେ ନନ୍ଦିନୀ କହୁଥିଲେ, "କଲେଜକୁ ଯିବା ପରେ ମୁଁ ଗୋଟିଏ ବାଟ ପାଇଗଲି । ସବୁବେଳେ ଲାଇବ୍ରେରୀକୁ ତ ଯାଏ । ସେଠାରେ ମୋତେ ଗୋଟିଏ କଣ୍ଟାକ୍ଟ ମ୍ୟାନ୍ ମିଳିଗଲା, ଯାହାଦ୍ୱାରା ଅଣ୍ଡରଗ୍ରାଉଣ୍ଡ କମ୍ୟୁନିଷ୍ଟମାନଙ୍କ ପାଇଁ ଖାଦ୍ୟ, ପୋଷାକ, ଚିଠିପତ୍ର ଇତ୍ୟାଦି ପଠାଇବାରେ ମୋର କୌଣସି ବିଶେଷ ଅସୁବିଧା ହେଲାନାହିଁ । ସେତେବେଳେ ମୁଁ ଏସବୁ ଜିନିଷ ପୁଣି ଚାନ୍ଦା କରି ଆଣୁଥିଲି । ମୁଁ ସେତେବେଳେ ଆଇ.ଏସ୍‌ସି ପଢୁଥାଏ । ମୋତେ କୁହାଗଲା କମ୍ୟୁନିଷ୍ଟ ବହି ପଢ଼ି କଟକର ଶଙ୍କରପୁର, ମେଡିକାଲ କଲେଜ୍, ଖ୍ରୀଷ୍ଟ କଲେଜ୍ ଏବଂ ଅନ୍ୟାନ୍ୟ ପିଲାମାନଙ୍କୁ ବୁଝେଇବା ପାଇଁ । ରାତିସାରା ବହି ପଢ଼େ, ସକାଳ ହେଲେ ଚାଲି ଚାଲି ବିଭିନ୍ନ ଜାଗାକୁ ଯାଇ ପିଲାମାନଙ୍କର କ୍ଲାସ୍ ନିଏ । ମୋର ସେତେବେଳେ ଗୋଟିଏ ଧାରଣା ଥିଲା, କଂଗ୍ରେସ ଆନ୍ଦୋଳନରେ ସ୍ୱାଧୀନତା ପାଇବା ଡେରି ହେବ । ତେଣୁ କମ୍ୟୁନିଷ୍ଟ ପାଇଁ କାମ କରୁଥିଲି । ଯେଉଁମାନେ ମାର୍କସିଷ୍ଟ ସେମାନଙ୍କର ପ୍ରଥମ ଲଢ଼େଇ ସାମ୍ରାଜ୍ୟବାଦ ବିରୁଦ୍ଧରେ, ଦ୍ୱିତୀୟରେ ପୁଞ୍ଜିବାଦ ବିରୁଦ୍ଧରେ । ତା'ପରେ ଯାଇ ସାମ୍ୟବାଦ ।"

କମ୍ୟୁନିଷ୍ଟ ପାର୍ଟିର ଏହି ବ୍ୟାନ୍ ସମୟରେ ଦଳର କୃଷକ ଶାଖା ତରଫରୁ କଟକର ଗୌରୀଶଙ୍କର ପାର୍କରେ ଗୋଟିଏ ମିଟିଂ ଡକାଯାଇଥାଏ । ସେତେବେଳକୁ ନନ୍ଦିନୀ ଖୁବ୍ ସାନ ନଥିଲେ ବି ଅନ୍ୟାନ୍ୟ ବଡ଼ ବଡ଼ ନେତାଙ୍କ ଠାରୁ ଯଥେଷ୍ଟ ସାନ ଥିଲେ । ନିର୍ଦ୍ଧାରିତ ସମୟରେ ମିଟିଂ ହେଲା । ନନ୍ଦିନୀ ମଧ୍ୟ ସଭାରେ ବକ୍ତୃତା ଦେଇ ଘରକୁ ଫେରିଆସିଲେ । ସେ ସେତେବେଳେ ପିଠାପୁରସ୍ଥ ଘରେ ରହୁଥାନ୍ତି । ଘରେ ଆସି ଦେଖନ୍ତି ତ ତାଙ୍କ ଘର ଚାରିପଟେ ପୁଲିସ ଠିଆ ହୋଇଛନ୍ତି । ତାଙ୍କର ଟିକେ ଭୟ ହୋଇଗଲା, କାରଣ ତାଙ୍କ ନିକଟରେ କମ୍ୟୁନିଷ୍ଟ ପାର୍ଟିର ଅନେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଥାଏ । ତଥାପି ମନରେ ସାହସ ବାନ୍ଧି ସେ ପୁଲିସଙ୍କୁ ପଚାରିଲେ, 'ଆପଣମାନେ କୁଆଡ଼େ ଆସିଛନ୍ତି ?' ପୁଲିସ କହିଲେ, 'ଆପଣଙ୍କୁ ଗିରଫ କରିବାକୁ ।' ନନ୍ଦିନୀ ସେମିତି ଦବିନଯାଇ କହିଲେ, 'ବାବୁ ! ମୁଁ ଯେବେ ମୁଖ୍ୟମନ୍ତ୍ରୀ ହେବି, ତୁମେ ତ ସେତେବେଳେ ମୋର ବୋକଚା ବୋହିବ, ଆଉ ଏଇକ୍ଷଣି କ'ଣ ଆରେଷ୍ଟ କରିବାକୁ ଆସିଛ ?' ପ୍ରକୃତରେ ଏପରି କଥାବାର୍ତ୍ତା

Digitized by PPRACHIN, SOA

ଭିତରେ ସେ ଚାହୁଁଥିଲେ ପୁଲିସଙ୍କୁ କିଛି ସମୟ ଅଟକାଇ ଦେବାପାଇଁ । ଯାହାହେଉ, ତାଙ୍କ ଚାଲରେ ସେ ସଫଳ ହେଲେ । ସେଇ ସମୟ ଭିତରେ ସୁଯୋଗ ଉଣ୍ଡି ସେ ବାଥ୍ରୁମ୍କୁ ଯାଇ କିଛି ଗୁରୁତ୍ୱପୂର୍ଣ୍ଣ କାଗଜକୁ ଖାଇଦେଲେ ଏବଂ ତା' ସହିତ ନିଜର ଅଜାଣତରେ ବାପାଙ୍କର କେତେକ ମୂଲ୍ୟବାନ ପାଣ୍ଡୁଲିପିକୁ ମଧ୍ୟ ଘର ପଛପଟେ ଯାଇଥିବା ଡ୍ରେନ୍‌ରେ ଫୋପାଡ଼ି ଦେଇଥିଲେ । ଏହାପରେ ତାଙ୍କୁ ଗିରଫ କରିନିଆଗଲା ।

ଯେଉଁ କୋର୍ଟରେ ତାଙ୍କର ବିଚାର ହେଲା ସେଠାରେ ମାଜିଷ୍ଟ୍ରେଟ୍ ଥାଆନ୍ତି ଗୋପୀନାଥ ମହାନ୍ତି । ସେତେବେଳେ ନନ୍ଦିନୀ ଖୁବ୍ ବିପଜ୍ଜନକ ବ୍ୟକ୍ତି ହିସାବରେ ବିବେଚିତ ହେଉଥିବାରୁ ତାଙ୍କ କେଶ୍ କୋର୍ଟରେ ବିଚାର ନ ହୋଇ ସେହି ଜେଲ୍ ଭିତରେ କରାଗଲା । ଦୃଢ଼ମନା ନନ୍ଦିନୀ କୌଣସି ଓକିଲ ନ ଦେଇ କହିଥିଲେ, "ମୋ କେଶ୍ ମୁଁ ଲଢ଼ିବି ।" ତାଙ୍କ ବିରୁଦ୍ଧରେ ସେତେବେଳେ ଅଭିଯୋଗ ଥିଲା ଯେ, ସେ ସରକାରୀ ଦଳର ଗୋଟିଏ ସଭାରେ ଲାଗିଥିବା ମାଇକ୍‌ର ତାରକୁ ଦେବଦାରୁ ଗଛରେ ଚଢ଼ି କାଟି ଦେଇଥିଲେ । ବିଚାର ହେବା ସମୟରେ ଗୋପୀନାଥବାବୁ ତାଙ୍କୁ ଏ ସମ୍ପର୍କରେ ପଚାରିବାରୁ ନନ୍ଦିନୀ ନିଜ ପକ୍ଷରୁ ଓକିଲାତି କରି କହିଥିଲେ ଯେ, 'ଆପଣଙ୍କର ଏହା ବିଶ୍ୱାସ ହେଉଛି ଯଦି, ତାହାହେଲେ ପୁଲିସଙ୍କ କଥା ସତ ହୋଇଥିବ । ଆଜ୍ଞା ! ଆପଣ ତ ଜଣେ ବିଶିଷ୍ଟ ଲେଖକ । ଆପଣ କ'ଣ ଭାବିପାରୁଛନ୍ତି ଯେ, ମୁଁ ଦେବଦାରୁ ଗଛରେ ଚଢ଼ିପାରେ, ଆଉ ତାର କାଟିପାରେ ? ତେବେ ମୋର କିଛି କହିବାର ନାହିଁ । କିନ୍ତୁ ଏଇଟା ମୋ ବିରୁଦ୍ଧରେ ମିଛ ଅଭିଯୋଗ ।' ଏହାଶୁଣି ଗୋପୀନାଥବାବୁ କହିଲେ, 'ତୁମେ ରେଳଲାଇନ୍‌ରୁ ଫିସ୍‌ପ୍ଲେଟ୍ କାଟି ଦେଇଛ ।' ନନ୍ଦିନୀ ଏହାର ଦୃଢ଼ ବିରୋଧ କରି କହିଲେ, 'ଫିସ୍‌ପ୍ଲେଟ୍ କ'ଣ ମୁଁ ମୋଟେ ଜାଣିନି । ତା'ଛଡ଼ା କିଏ ଦେଖିଛି ଏ କଥା ?' ବିଚାର ସରିଲା, ତାଙ୍କୁ ଛଅମାସ ଜେଲ୍ ହେଲା । ପ୍ରକୃତରେ ଏଇଟା ତାଙ୍କ ବିରୋଧରେ ଗୋଟିଏ ମିଥ୍ୟା କେଶ୍ ଥିଲା । ଯେହେତୁ ସେ ମାର୍କସିଷ୍ଟକୁ ଦୃଢ଼ ଭାବେ ସମର୍ଥନ କରୁଥିଲେ, ସେଥିପାଇଁ ତାଙ୍କୁ ଏ ଦଣ୍ଡ ଦିଆଯାଇଥିଲା ।

ଏହାପରେ ନନ୍ଦିନୀଙ୍କର ଆରମ୍ଭ ହେଲା ଜେଲ୍ ଜୀବନ । ତାଙ୍କୁ କଟକ ଜେଲ୍‌ରେ ରଖାଗଲା । ସେଠାରେ ଆଗରୁ ବନମାଳୀ ଦାସ, ମନମୋହନ ମିଶ୍ର, ସାବିତ୍ରୀ ଆଚାର୍ଯ୍ୟ ପ୍ରଭୃତି ରହିଥାନ୍ତି । କିଛିଦିନ ପରେ ସେମାନେ ସାବିତ୍ରୀ ଆଚାର୍ଯ୍ୟଙ୍କୁ ଛାଡ଼ିଦେଲେ । ମହିଳା ୱାର୍ଡରେ ନନ୍ଦିନୀ ଏକା । ଏହି ସମୟରେ କେତେକ କାରଣରୁ କମ୍ୟୁନିଷ୍ଟମାନେ ସେଇ ଜେଲ୍ ଭିତରେ ହଙ୍ଗର ଷ୍ଟ୍ରାଇକ୍ ଆରମ୍ଭ କରିଦେଲେ । ଜେଲ୍‌ରେ ଚପଲ ଦିଅନ୍ତି ନାହିଁ, ଖାଇବାକୁ ଭଲ ଦିଅନ୍ତି ନାହିଁ, ଲୁଗାପଟା ଦିଅନ୍ତି ନାହିଁ ଇତ୍ୟାଦି । ଏଇ କଥାକୁ

Digitized by PPRACHIN, SOA

ନେଇ ନେତୃବୃନ୍ଦମାନେ ଅନଶନ କରିବାକୁ ନିଷ୍ପତ୍ତି ନେଲେ । ଆଉ କମ୍ୟୁନିଷ୍ଟ ନେତୃବୃନ୍ଦ ଯେଉଁ ନିଷ୍ପତ୍ତି ନିଅନ୍ତି ତାହା ମାନିବାକୁ ସମସ୍ତେ ଏକବାରେ ବାଧ୍ୟ । ନନ୍ଦିନୀଙ୍କ ଦୃଷ୍ଟିରେ ଏହା ଏକ ଛୋଟିଆ ଘଟଣା ଥିଲା । ଏତେ ଛୋଟ କଥାରେ ପୁଣି ଅନଶନ ! ନନ୍ଦିନୀ ଆଶ୍ଚର୍ଯ୍ୟ ହେଲେ । କିନ୍ତୁ କିଛି କରିବାର ଉପାୟ ନଥିଲା । ତେଣୁ ବାଧ୍ୟହୋଇ ସେ ନିଜର ଇଚ୍ଛା ବିରୁଦ୍ଧରେ ଅନଶନରେ ଭାଗ ନେଲେ । ଦିନେ ନୁହେଁ ଦୁଇଦିନ ନୁହେଁ, ପନ୍ଦର ଦିନ ଧରି ଅନାହାରରେ କଟେଇଥିଲେ ନନ୍ଦିନୀ । ତାଙ୍କ ଦେହ ଖୁବ୍ ଦୁର୍ବଳ ହୋଇଯିବାରୁ ପିତା କାଳିନ୍ଦୀଚରଣଙ୍କ ନିକଟରେ ଖବର ପହଞ୍ଚିଲା । ସେତେବେଳେ ହରେକୃଷ୍ଣ ମହତାବ ଥାଆନ୍ତି ମୁଖ୍ୟମନ୍ତ୍ରୀ । କାଳିନ୍ଦୀବାବୁ ତାଙ୍କୁ ଭେଟି କହିଲେ, 'ମୁଁ ଯାହା ଶୁଣିଲି ମୋ ଝିଅ ଦେହ ବହୁତ ଖରାପ । ଯଦି ସିଏ ମରିଯିବ ତେବେ ଏଥିପାଇଁ ଆପଣ ଦାୟୀ ରହିବେ ।' ଏହା ଶୁଣି ମହତାବବାବୁ କେତେକ ସର୍ତ୍ତରେ ନନ୍ଦିନୀଙ୍କୁ ପନ୍ଦରଦିନ ପାଇଁ ପାରୋଲରେ ଛାଡ଼ିଲେ । ସେ ପିଠାପୁରଠାରୁ ଚୌଧୁରୀବଜାର ପର୍ଯ୍ୟନ୍ତ ଯାଇପାରିବେନି କି କୌଣସି ରାଜନୈତିକ ସଭାରେ ଯୋଗ ଦେବେନାହିଁ । କାଳିନ୍ଦୀବାବୁ ଏଥିରେ ରାଜିହୋଇ ଦସ୍ତଖତ କଲାରୁ ନନ୍ଦିନୀ ଜେଲ୍‌ରୁ ଛାଡ଼ ପାଇଲେ । କିନ୍ତୁ ଜେଲ୍‌ରୁ ଆସି ନନ୍ଦିନୀ ଦୁଇଚାରିଦିନ ଖାଇପିଇ ଦମ୍ଭ ହେଇଯିବାରୁ ପୁଣି କଟକ ଟାଉନ୍ ହଲରେ ସଭା କରି ଭାଷଣ ଦେଲେ । ଛଅ ସାତଦିନ ପରେ ସର୍ତ୍ତ ଖିଲାପରେ ତାଙ୍କୁ ପୁଣିଥରେ ଗିରଫ କରିନିଆଗଲା ।

ସେହି ଜେଲ୍‌ରେ ଥିବାବେଳେ ଏକ ବିଶେଷ ଘଟଣାରେ ଅତ୍ୟନ୍ତ ନାଟକୀୟ ଭାବରେ କମ୍ୟୁନିଷ୍ଟ ପାର୍ଟି ପ୍ରତି ସେ ହୋଇଉଠିଲେ ବୀତସ୍ପୃହ । ତାଙ୍କର ସ୍ପଷ୍ଟବାଦୀ ଦୃଷ୍ଟିଭଙ୍ଗୀ କମ୍ୟୁନିଷ୍ଟ ନେତୃବୃନ୍ଦଙ୍କ ଅଂହକାରରେ ବାଧା ଉପୁଜାଇଲା । ସେତେବେଳେ କମ୍ୟୁନିଷ୍ଟ ପାର୍ଟିର ନିୟମ ଥିଲା, କୌଣସି ଆନ୍ଦୋଳନ ପରେ ସେଥିରେ ଭାଗ ନେଇଥିବା କର୍ମୀ ବା ନେତାମାନେ ତାଙ୍କର ମତାମତ ପଲିଟିବ୍ୟୁରୋକୁ ଦେବେ । ସେହି ପରିପ୍ରେକ୍ଷୀରେ ନନ୍ଦିନୀ ତାଙ୍କର ମତ ଦେଲେ ଯେ, ଅନଶନ ହେଉଛି ଗାନ୍ଧିଆନ୍ ପନ୍ଥା । ଯଦି କମ୍ୟୁନିଷ୍ଟ ହେବ, ତେବେ ଗାନ୍ଧିଆନ୍ ନୀତି ଆଦର୍ଶରେ କିପରି ଚାଲିବ ? ନନ୍ଦିନୀଙ୍କ ଏହି ମତାମତ ସମ୍ବଳିତ ଚିଠିଟି ବନମାଳୀ ଦାସଙ୍କ ମାଧ୍ୟମରେ ପଲିଟିବ୍ୟୁରୋର ମୁଖ୍ୟ ଏସ.ଏଲ୍.ଡାଙ୍ଗେଙ୍କ ନିକଟକୁ ଗଲା । ବନମାଳୀବାବୁଙ୍କର ଏ ପ୍ରକାର ଚିଠିରେ ରାଗ ହୋଇଗଲା । ସେ ନନ୍ଦିନୀଙ୍କୁ କହିଲେ, 'ତୁମେ ଖାଲି ଭଗବତୀ ପାଣିଗ୍ରାହୀଙ୍କ ଝିଆରୀ ବୋଲି କିଛି କହୁନି । ନଚେତ୍ ତୁମେ ଯାହା ଲେଖିଛ ମୁଁ ତୁମକୁ ପାର୍ଟିରୁ ବହିଷ୍କାର କରିଦିଅନ୍ତି ।' ନନ୍ଦିନୀ ବି ଏହାର କଡ଼ା ଉତ୍ତର ଦେଲେ, 'କରନ୍ତୁ ବହିଷ୍କାର ।' ଏତିକି କଥାରେ ଜେଲ୍‌ରେ ଥିବା ସମୟରେ

Digitized by PPRACHIN, SOA

ହିଁ ନନ୍ଦିନୀ ହେଲେ କମ୍ୟୁନିଷ୍ଟ ପାର୍ଟିରୁ ଏକସ୍‌ପେଲ୍ । ଛଅମାସ ପୂରଣ ହେବାରୁ ସେ ଯେତେବେଳେ ଜେଲ୍‌ରୁ ମୁକୁଳିଲେ, ସେତେବେଳେ ଗୁରୁଚରଣ ପଟ୍ଟନାୟକ ତାଙ୍କୁ ବୁଝେଇଲେ ଯେ, ଏଇଟା ଠିକ୍ ହୋଇନି । ତୁ ଫେରିଆ କମ୍ୟୁନିଷ୍ଟ ପାର୍ଟିକୁ । ଏକ୍ସପେଲ୍ ଅର୍ଡର ମଧ୍ୟ ଉଠାଇଦେଲେ । ମାତ୍ର ନନ୍ଦିନୀ ତାଙ୍କ ଜିଦ୍‌ରେ ଅଟଳ ରହି କହିଥିଲେ, "ଆପଣଙ୍କର ନୀତି ନାହିଁ, ଆଦର୍ଶ ନାହିଁ । ଯାହାର ଏସବୁ ନାହିଁ ସେ କି ମଣିଷ ? ମୋର ବହୁତ କାମ କରିବାକୁ ଅଛି । ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ । ବି.ଏ ପାଶ୍ କରି ଏମ୍.ଏ ପଢ଼ିବି ତ !"

ଆଉଥରେ ୧୯୫୧ ମସିହା ଜୁଲାଇ ୧୯ ତାରିଖରେ ଘଟିଥିଲା ଏକ ଲୋମହର୍ଷକ ଘଟଣା । ହଠାତ୍ ଛାତ୍ରଛାତ୍ରୀମାନଙ୍କର ମାସିକ ଦରମା ବୃଦ୍ଧିକୁ ନେଇ ସାରା ରାଜ୍ୟରେ ବ୍ୟାପିଥିଲା ଭୀଷଣ ଛାତ୍ର ଅଶାନ୍ତି ଜନିତ ଆନ୍ଦୋଳନ, ଯେଉଁ ଛାତ୍ର ଆନ୍ଦୋଳନର ମୁଖ୍ୟ କେନ୍ଦ୍ର ଥିଲା ରେଭେନ୍‌ସା କଲେଜ ଏବଂ ଏହାର ମୁଖ୍ୟ ପୁରୋଧା ଥିଲେ ନନ୍ଦିନୀ । କଥିତ ସମୟରେ ଗାର୍ଲ୍ସ ଷ୍ଟୁଡେଣ୍ଟସ୍ ଆସୋସିଏସନ୍‌ର ସମ୍ପାଦିକା ଥାଆନ୍ତି ନନ୍ଦିନୀ । ସଂଘର କାମ ଥିଲା ବନ୍ୟା, ମରୁଡ଼ି ଏବଂ ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟରେ ବିପନ୍ନ ଲୋକମାନଙ୍କୁ ସାହାଯ୍ୟ କରିବା ଏବଂ ଏହି କାମରେ ଅନ୍ୟମାନଙ୍କୁ ସାମିଲ କରିବା ପାଇଁ ସଂଗଠିତ କରିବା । ଜୁଲାଇ ମାସ ଆରମ୍ଭରୁ କଲେଜ ଖୋଲିବା କ୍ଷଣି ନବକୃଷ୍ଣ ଚୌଧୁରୀ ସରକାର ହଠାତ୍ କଲେଜ ପିଲାମାନଙ୍କର ଦରମା ବଢ଼େଇଦେଲେ । ନନ୍ଦିନୀ ସେତେବେଳକୁ ଓଡ଼ିଆ ଏମ୍.ଏ.ର ଛାତ୍ରୀ । ଅଚାନକ ଦରମା ବୃଦ୍ଧି ଅନେକ ଲୋକଙ୍କୁ ବାଧିବ ଚିନ୍ତାକରି ସେ ଏହାର ଦୃଢ଼ ପ୍ରତିବାଦ କରିବା ପାଇଁ ଯୋଜନା କଲେ । ସେତିକିବେଳେ ତାଙ୍କ ସାନ ଭଉଣୀ ଯଶୋଧାରାଙ୍କ ଦେହ ଖରାପ ଥିବାରୁ ସେ ଡାକ୍ତରଖାନାରେ ଥାଆନ୍ତି ଏବଂ ନନ୍ଦିନୀ ତାଙ୍କର ଦେଖାରଖା ଦାୟିତ୍ୱ ନେଇଥାନ୍ତି । ତା'ରି ଭିତରେ ସମୟ କାଢ଼ି ନନ୍ଦିନୀ ଡାକ୍ତରଖାନାରୁ ପଳାଇଆସି ପ୍ରବୀର ପାଲିତ, ବ୍ରଜ ମିଶ୍ର ପ୍ରମୁଖଙ୍କୁ ଏକାଠି କରି ବିଧାନସଭା ହଲ୍‌କୁ ଯିବାପାଇଁ ଯେଉଁ ଫାଟକ ଥାଏ, ତା'ର ବାହାରପଟେ ଚାରି ପାଞ୍ଚ ଲାଇନ୍ ହୋଇ ଧାରଣାରେ ବସିରହିଲେ । ସେମାନଙ୍କ ସହିତ ଗୋବିନ୍ଦ ଦାସ, ରାଜେନ୍ଦ୍ର ପ୍ରସାଦ ଦାସ ଏବଂ ଶିବାଜୀ ପଟ୍ଟନାୟକ ପ୍ରମୁଖ ମଧ୍ୟ ସାମିଲ ହୋଇଥାନ୍ତି । ଦରମା ବୃଦ୍ଧିକୁ ନେଇ ଆରମ୍ଭ ହୋଇଥିବା ଏହି ଛାତ୍ର ଆନ୍ଦୋଳନରେ ନିଆଁରେ ଘିଅ ଢାଳିଲା ଭଳି ବିଜୁ ପଟ୍ଟନାୟକ ବିଧାନସଭାରୁ ବାହାରିଆସି ଅଧ୍ୟକ୍ଷଙ୍କ କୋଠରୀରେ ପଶି ଖୁବ୍ ବଡ଼ପାଟିରେ କହିଲେ, "ତୁମ କଲେଜରେ ଧର୍ମଘଟ ହୋଇ ଛାତ୍ରଛାତ୍ରୀମାନେ ବିଧାନସଭାକୁ ଅଚଳ କରିଦେଲେଣି । ତୁମେ ସେମାନଙ୍କୁ ସମ୍ଭାଳି ପାରୁନ ! ତୁମେ ଅଧ୍ୟକ୍ଷ ନୁହଁ, ଗୋଟିଏ

Digitized by PPRACHIN, SOA

କାଠଘୋଡ଼ା (ଉଡେନ୍ ହର୍ଷ) ।" ବିଜୁବାବୁଙ୍କର ଏପରି ଅପରିଣାମଦର୍ଶୀ ମନ୍ତବ୍ୟ ଫଳରେ ଅଧ୍ୟାପକମାନେ ଛାତ୍ରଛାତ୍ରୀମାନଙ୍କ ସହିତ ଯୋଗଦେବାରୁ ଆନ୍ଦୋଳନ ଆହୁରି ଭୟଙ୍କର ରୂପ ନେଲା । ସେତେବେଳେ ବିଧାନସଭା ରେଭେନ୍ସା କଲେଜ ଭିତରେ ଚାଲୁଥାଏ । ନବକୃଷ୍ଣ ଚୌଧୁରୀ ଥାଆନ୍ତି ମୁଖ୍ୟମନ୍ତ୍ରୀ । ଏହା ଦେଖି ସେ ନିଜେ ଆସି ପିଲାମାନଙ୍କ ସଙ୍ଗେ ବସିଲେ ଏବଂ ନନ୍ଦିନୀଙ୍କ ଉପରେ ରାଗମିଶା ଅଭିମାନ କରି କହିଲେ, 'ଆମେ ଆଜି ଭୂସଂସ୍କାର ବିଲ୍ ପାସ୍ କରିବାକୁ ଯାଉଛୁ । ତୁ ଏଠି କାହିଁକି ଧାରଣା ଦେଉଛୁ ?' ଧାରଣା ସ୍ଥଳରେ ପ୍ରଚଣ୍ଡ ଖରା ହେଉଥାଏ । ମୁଖ୍ୟମନ୍ତ୍ରୀ ସେମାନଙ୍କ ସଙ୍ଗରେ ବସିବା ଦେଖି ନନ୍ଦିନୀ ସଙ୍ଗେ ସଙ୍ଗେ ଛତାଟିଏ ମଗାଇ ତାଙ୍କ ମୁଣ୍ଡ ଉପରେ ଧରି ଠିଆ ହେବାକୁ ଜଣେ ପିଲାକୁ କହିଲେ । ଯେମିତି ଜଣେ ପିଲା ଛତାଟିଏ ମାରି ଠିଆହେଲା, ନବବାବୁ ରାଗିମାଗି ଛତାକୁ ଫୋପାଡ଼ି ଦେଲେ ଆଉ କହିଲେ, 'ତୁମେ ଏ ଷ୍ଟ୍ରାଇକ୍ ବନ୍ଦ କରିଦିଅ ।'

ନବବାବୁଙ୍କ କଥା ଶୁଣି ନନ୍ଦିନୀ ଏବଂ ସାଥୀ ପିଲାମାନେ ଏକସ୍ୱରରେ କହିଉଠିଲେ, ଆମେ ପଚାଶ କି ଷାଠିଏଟା ଦାବି କରୁନାହୁଁ । ଆମେ ଖାଲି ଦରମାଟା କମେଇ ଦେବାପାଇଁ କହୁଛୁ । ନବବାବୁ କିନ୍ତୁ ରାଗରେ ସେଠାରୁ ଉଠି ସିଧା ବିଧାନସଭା ଭିତରକୁ ପଳେଇଲେ । ଅନ୍ୟ ବିଧାୟକମାନଙ୍କୁ ପିଲାମାନଙ୍କ ତରଫରୁ ବାଧା ଦିଆଯାଇଥିଲା, ତଥାପି ସମସ୍ତ ବିଧାୟକ ପୋଲିସ ସହାୟତାରେ ବିଧାନସଭା ଭିତରକୁ ଗଲେ । ହେଲେ ଧାରଣା ଦେବା ପୂର୍ବବତ୍ ଚାଲୁ ରହିଲା । କିଛି ସମୟ ପରେ ହଠାତ୍ ଧାରଣା ସ୍ଥଳରେ ୧୪୪ ଧାରା ଜାରି ହୋଇଗଲା । ଏହାକୁ ଅମାନ୍ୟ କରି ପିଲାମାନେ ନ ଉଠିବାରୁ ନିକଟରେ ଆଗରୁ ସଜ୍ଜିତ ହୋଇ ରହିଥିବା ଦମ୍‌କଳର ହୋସ୍ ପାଇପ୍‌ରେ ଧାରଣାକାରୀମାନଙ୍କ ଉପରକୁ ଆଖିବୁଜା ପାଣି ମାଡ଼ ଚାଲିଲା, ତାହା ପୁଣି ସେହି ଅଦମନୀୟ ବିଦ୍ରୋହୀ ନେତ୍ରୀ ନନ୍ଦିନୀଙ୍କ ଉପରକୁ କେନ୍ଦ୍ରକରି । ସେତେବେଳକୁ ନନ୍ଦିନୀ ଥାଆନ୍ତି ଗର୍ଭବତୀ । ଦମ୍‌କଳ ପାଣିର ପ୍ରଚଣ୍ଡ ପ୍ରହାର ସହ୍ୟ କରିବା କୌଣସି ବଳବାନ ପୁରୁଷ ପକ୍ଷରେ ସମ୍ଭବ ନଥିବାବେଳେ, କିଛି ସମୟ ପର୍ଯ୍ୟନ୍ତ ନନ୍ଦିନୀ ସହି ନେଇଥିଲେ ସେହି ପାଣି ମାଡ଼ । ତତ୍‌ପରେ ଗର୍ଭସ୍ଥ ଶିଶୁଟିକୁ ରକ୍ଷା କରିବା ନିମନ୍ତେ ସେ କିଛି ଉପାୟ ନଦେଖି ଆଣ୍ଠୁ ଭିତରେ ମୁଣ୍ଡକୁ ପୂରାଇ ପାଣିପଟକୁ ପିଠି ଦେଖାଇ ବସିରହିଲେ । ତାଙ୍କର ଏକମାତ୍ର ଚିନ୍ତା ଥିଲା, ନିଜର ପଛକେ ଯାହା ହୋଇଯାଉ, ମାତ୍ର ଗର୍ଭସ୍ଥ ସନ୍ତାନର ଯେପରି କିଛି ଅନିଷ୍ଟ ନ ହେଉ । ଏହାପରେ ବି ପିଲାମାନେ ଧାରଣାସ୍ଥଳରୁ ନ ଉଠିବାରୁ ପୁଲିସ୍‌ବାଲା ସଙ୍ଗେ ସଙ୍ଗେ ଲାଠି ଚାର୍ଜ କରିଦେଲେ । ଏଥିରେ ଅନେକ ଛାତ୍ର ଆହତ ହୋଇ ପ୍ରାଣ ବିକଳରେ ଏଣେତେଣେ ଦୌଡ଼ାଦୌଡ଼ି କଲେ । ମାତ୍ର ସେତେବେଳେ ମହିଳା ପୋଲିସ୍ ନ ଥିବାରୁ ନନ୍ଦିନୀଙ୍କୁ

Digitized by PPRACHIN, SOA

ସେଠାରୁ ଉଠାଇବା ସମ୍ଭବପର ହୋଇନଥିଲା । ଲାଠିମାଡ଼ରେ କିନ୍ତୁ ତାଙ୍କର ମୁଣ୍ଡ ଫାଟିଗଲା । ହୋସ୍ ପାଇପ୍‌ର ପାଣି ସାଙ୍ଗକୁ ମୁଣ୍ଡରୁ ଝରୁଥିବା ରକ୍ତରେ ସେ ଲାଲରଙ୍ଗ ଧାରଣ କରି ସେମିତି ବସିରହିଥାନ୍ତି ଧାରଣା ସ୍ଥଳରେ । କିଛି ସମୟ ପରେ ମୁଣ୍ଡ ଟେକି ଚାହିଁଲାବେଳକୁ ତାଙ୍କ ପାଖଆଖରେ କେହି କୁଆଡ଼େ ନାହାନ୍ତି । ପୁଲିସ୍ ମାଡ଼ ଭୟରେ ଯିଏ ଯୁଆଡ଼େ ଛତ୍ରଭଙ୍ଗ ଦେଇ ପଳାୟନ କରିଥିଲେ । ନନ୍ଦିନୀ ବସିବା ସ୍ଥାନରୁ ଉଠିବା ଅବସ୍ଥାରେ ନଥାନ୍ତି । ଦେଖଣାହାରୀଙ୍କ ଭିତରୁ ତାଙ୍କର ଦୁଇଜଣ ଶୁଭାକାଂକ୍ଷୀ ସି.ପି.ଏମ୍.ର ଶରତ ପଟ୍ଟନାୟକ ଏବଂ ଶଙ୍କର ବେହେରା ତାଙ୍କୁ ଟାଣି ଟାଣି ଆଣୁଥାଆନ୍ତି । ଏତିକିବେଳେ କୌଣସି କାରଣ ନଥାଇ ଫାୟାର୍‌ର ସର୍ଜେଣ୍ଟ ହରିଶଙ୍କର ଦାଶ ମେଜରଙ୍କ ଅର୍ଡରରେ ହଠାତ୍ ଫାୟାରିଂ କଲେ । ତା' ପୁଣି ନନ୍ଦିନୀଙ୍କ ଉପରକୁ ଲକ୍ଷ୍ୟ କରି । ସୌଭାଗ୍ୟବଶତଃ ଗୁଳିଟି ତାଙ୍କ ଉପରେ ନ ବାଜି ଜଣେ ସାଇକେଲ ଆରୋହୀଙ୍କ ଉପରେ ବାଜିଲା । ନନ୍ଦିନୀ ଅଳ୍ପକେ ବର୍ତ୍ତିଗଲେ । ତା'ପରେ ନନ୍ଦିନୀଙ୍କୁ ସେମାନେ ନିକଟରେ ଥିବା ନାନୁଭାଇ ଚୁଡ଼ାଭଜା ଓ ଗାଣ୍ଠିଆ ଦୋକାନକୁ ନେଇ ମୁଣ୍ଡରେ ପୋଡ଼ାକନା ଦେଲେ । ସାଷ୍ଟାମ କଲେ ।

ଏତେ କଥା ପରେ ବି ଏକଜିଦିଆ ନନ୍ଦିନୀ ଓମେନ୍‌ସ ହଷ୍ଟେଲକୁ ଯାଇ ରକ୍ତଭିଜା ଲୁଗା ବଦଳାଇଲେ ଏବଂ ହଷ୍ଟେଲ ପାଚେରୀ ଡେଇଁ କଲେଜରେ ପଶିଲେ । ସେତେବେଳକୁ କଲେଜର ପିଲାମାନେ ଯେ ଯୁଆଡ଼େ ଚାଲିଗଲେଣି । ଏତିକିବେଳେ ବାପା କାଳିନ୍ଦୀଚରଣ ଓ ବଡ଼ ଭାଇନା ନୀହାର ରଞ୍ଜନ ପାଣିଗ୍ରାହୀ ତାଙ୍କୁ ଖୋଜି ଖୋଜି ଆସି କଲେଜରେ ପହଞ୍ଚିଲେ । ନୀହାରବାବୁ ପଚାରିଲେ, 'ପୁଣି କୁଆଡ଼େ ବାହାରିଲୁ ? ତୁ ନଗଲେ ଷ୍ଟ୍ରାଇକ୍ ଚାଲୁନି ନା ?' କହି ଶକ୍ତ ଚଟକଣାଟିଏ ମାରି ଡାକ୍ତରଖାନାକୁ ନେଇଗଲେ । କାଳିନ୍ଦୀବାବୁଙ୍କର କିନ୍ତୁ ଖୁବ୍ ଚିନ୍ତା ହେଉଥାଏ ଯେ, ତାଙ୍କ ପେଟରେ ଥିବା ଶିଶୁଟିର କ'ଣ ହେବ ! ଅବଶ୍ୟ ପରବର୍ତ୍ତୀ ସମୟରେ ପିଲାଟି ତାଙ୍କର ଆଠମାସରେ ଜନ୍ମଲାଭ କରିଥିଲା । ସେଇ ଘଟଣାରେ କିନ୍ତୁ ଚାରିଆଡ଼େ ପ୍ରଘଟ ହୋଇଯାଇଥାଏ ଯେ, ନନ୍ଦିନୀ ଶତପଥୀ ଗୁଳିମାଡ଼ରେ ପ୍ରାଣ ହରାଇଲେ । ଏପରିକି ସେଇ ରେଭେନ୍‌ସା କଲେଜରେ ତାଙ୍କ ପାଇଁ ଏକ ଶୋକସଭାର ମଧ୍ୟ ଆୟୋଜନ ଚାଲିଥିଲା । ମାତ୍ର ତାଙ୍କର ଶବ ନ ଦେଖି ଏପରି ଶୋକସଭା କରିବା ଅସମିଚୀନ ହେବ ବୋଲି କେତେକ ଅଧ୍ୟାପକ କହିବାରୁ ତାଙ୍କ ବିଷୟରେ ଖୋଜଖବର ନିଆଗଲା । ପରେ ସେ ଜୀବିତ ଥିବା ଜାଣିବା ପରେ ଆଉ ଶୋକସଭାର ଆବଶ୍ୟକତା ପଡ଼ିନଥିଲା । କିନ୍ତୁ ଅନେକ ସମବେଦନାଭରା ଚିଠି କାଳିନ୍ଦୀବାବୁଙ୍କ ନିକଟରେ ପହଞ୍ଚିଥିଲା । ସମ୍ବଲପୁର ଗଙ୍ଗାଧର ମେହେର କଲେଜରେ ପ୍ରିନ୍‌ସପାଲ ଥିବା ମାୟାଧର ମାନସିଂହ ଶୋକବାର୍ତ୍ତା ବି ପଠେଇ ସାରିଥିଲେ । ଅବଶେଷରେ

Digitized by PPRACHIN, SOA

ସରକାର ତାଙ୍କ ଦାବିକୁ ମାନିନେଇ ପିଲାଙ୍କ ଦରମା କମାଇ ଦେଇଥିଲେ । ରାଜ୍ୟବ୍ୟାପୀ ଛାତ୍ର ଆନ୍ଦୋଳନରେ ପୂର୍ଣ୍ଣଚ୍ଛେଦ ପଡ଼ିଥିଲା । ନବବାବୁଙ୍କ ସରକାର ଯଦି ପିଲାମାନଙ୍କର ଏହି ଛୋଟିଆ ଦାବିଟିକୁ ପ୍ରଥମରୁ ହିଁ ପୂରଣ କରିଦେଇଥାନ୍ତେ, ହୁଏତ ଏଭଳି ଅଭାବନୀୟ ଘଟଣାଟିଏ ଘଟିନଥାନ୍ତା କି ପଥଚାରିଟିଏ ଗୁଳିମାଡ଼ରେ ଆହତ ହୋଇନଥାନ୍ତା ।

କଲେଜ ପଢ଼ା ଶେଷ ହେବାପରେ ନନ୍ଦିନୀ ସମାଜସେବାରେ ନିଜକୁ ସମ୍ପୂର୍ଣ୍ଣ ଭାବେ ନିୟୋଜିତ କରିଥିଲେ । ୧୯୫୫ ମସିହାରେ ଓମେନ୍‌ସ ଫ୍ଲଡ୍ ରିଲିଫ୍ ଆସୋସିଏସନ୍‌ର ସଭାପତି ଥାଆନ୍ତି ରଣପୁର ରାଜମାତା ଏବଂ ନନ୍ଦିନୀ ସମ୍ପାଦିକା । ସେହିବର୍ଷ ସେପ୍ଟେମ୍ବର ପ୍ରଥମ ସପ୍ତାହରେ ଓଡ଼ିଶାରେ ସେ ସମୟରେ ବହୁଚର୍ଚ୍ଚିତ ତଥା ବୃହତ୍ ବିପର୍ଯ୍ୟୟ ଭାବେ ପରିଗଣିତ ହେଉଥିବା କଟକର ଦଳେଇଘାଇ ଭାଙ୍ଗିଗଲା । ସଙ୍ଗେ ସଙ୍ଗେ ନନ୍ଦିନୀ, ରାଜମାତା ଏବଂ ଅନ୍ୟାନ୍ୟ ସହଯୋଗୀମାନେ ମାଗିକରି ଲୁଗାପଟା, ଚାଉଳ, ଚୁଡ଼ା ପ୍ରଭୃତି ସାମଗ୍ରୀମାନ ଧରି ରିଲିଫ୍ ବାଣ୍ଟିବାକୁ ବାହାରିଗଲେ । ସେତେବେଳେ ବନ୍ୟା ବିପନ୍ନଙ୍କୁ ଚୁଡ଼ା ଚାଉଳ ବାଣ୍ଟି ବାଣ୍ଟି ସେମାନେ ଦଳେଇଘାଇ ପାଖରୁ ଡଙ୍ଗାରେ ବାହାରି ପୁରୀର ବ୍ରହ୍ମଗିରିଠାରେ ପହଞ୍ଚି ଯାଇଥିଲେ । କହିବା ବାହୁଲ୍ୟ ଯେ, ନନ୍ଦିନୀ ଗୋପବନ୍ଧୁଙ୍କ ଆଦର୍ଶରେ ମଧ୍ୟ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିଛନ୍ତି ।

ସେତେବେଳେ ରାଜଭବନ କଟକରେ ଥାଏ । ଅଧୁନା ଯେଉଁଟା ଶିଶୁଭବନ ହୋଇଛି, ସେଇଠି ଥିଲା ରାଜଭବନ । ଦିନେ ମହାତ୍ମାଗାନ୍ଧୀଙ୍କର ଖୁବ୍ ଘନିଷ୍ଠ ଥିବା ସୁଶିଳା ନାୟାର୍ ରାଜଭବନକୁ ଆସିଥିଲେ । ତାଙ୍କ ସମ୍ମାନାର୍ଥେ ରାଜ୍ୟପାଳ ଚା' ପାର୍ଟି ଦେଉଥାନ୍ତି । 'ଆସୋସିଏସନ୍ ଫର୍ ସୋସିଆଲ ଏଣ୍ଡ ମୋରାଲ ହାଇଜିନ୍' ନାମରେ ଏକ ସଂଗଠନ କରିଥିଲେ ସୁଶୀଳା ନାୟାର । ଯେଉଁ ଶିଶୁମାନଙ୍କୁ ବିକ୍ରି ଉଦ୍ଦେଶ୍ୟରେ ବାହାରକୁ ଚାଲାଣ କରିଦିଆଯାଏ ଏବଂ ଝିଅମାନଙ୍କୁ ଚାଲାଣ କରି ବେଶ୍ୟାବୃତ୍ତି କାର୍ଯ୍ୟରେ ଲଗାଯାଏ, ସେମାନଙ୍କୁ ଉଦ୍ଧାର କରି ପାଠ ପଢ଼ାଇବା ଏବଂ ବିଭିନ୍ନ କାମରେ ନିଯୁକ୍ତ କରିବା ଥିଲା ଏହି ସଂଗଠନର ମୁଖ୍ୟ କାର୍ଯ୍ୟ । ସେହି ଚା' ପାର୍ଟିରେ ନନ୍ଦିନୀ ଯୋଗଦେବା ଅବସରରେ ସୁଶୀଳା ନାୟାର ତାଙ୍କୁ ଓଡ଼ିଶାରେ ଏହାର ଏକ ଶାଖା ଖୋଲିବାକୁ ପରାମର୍ଶ ଦେଇଥିଲେ । ଏ ସମ୍ପର୍କରେ ନନ୍ଦିନୀ କହୁଥିଲେ, "ହଠାତ୍ ସେ ମୋତେ କହିଲେ, 'ଆମେ ଓଡ଼ିଶାରେ ଗୋଟିଏ ବ୍ରାଞ୍ଚ କରିବୁ ଆଉ ତୁମେ ଏହାର ସମ୍ପାଦିକା ହେବ ।' ଏହାଶୁଣି ମୁଁ କହିଲି, ଏ ବିଷୟରେ ତ ମୁଁ କିଛି ଜାଣିନାହିଁ । ସୁଶୀଳା ନାୟାର କହିଲେ, 'ମୁଁ ସବୁ ଠିକ୍‌ଠାକ୍ କରିଦେଇ ଯିବି, ତୁମେ ବ୍ୟସ୍ତ ହେବାର କିଛି ନାହିଁ ।' ତା'ପରେ ସେ ଏଥିପାଇଁ ପୁଣି ଦୁଇଦିନ ଏଠାରେ ରହି ସୋସାଇଟି ଗଠନ କଲେ ଏବଂ ମୋତେ

Digitized by PPRACHIN, SOA

ସେକ୍ରେଟାରୀ ଦାୟିତ୍ୱରେ ରଖି ଚାଲିଗଲେ । ମୁଁ ଅନେକ ଦିନ ପର୍ଯ୍ୟନ୍ତ ଏହି ଦାୟିତ୍ୱରେ ରହି କାର୍ଯ୍ୟ କରିଥିଲି । ସେତେବେଳେ ଓଡ଼ିଶାରୁ ଝିଅମାନଙ୍କୁ ଟ୍ରେନ୍‌ରେ ଚାଲାଣ କରିଦେଉଥିଲେ । ମୁଁ ରାତିରେ ଘରେ ଶୋଇଥିବି, ହଠାତ୍ ଜି.ଆର୍. ପୋଲିସ ମୋ ପାଖକୁ ଟେଲିଫୋନ୍ କରିବେ । ମୁଁ ସେଇ ରାତିରେ ଗୋଟେ ହେଉ ଦି'ଟା ହେଉ; ଯାଇ ରେଳ ଷ୍ଟେସନ୍‌ରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିବି । ସେ ସମୟରେ ଅନେକ ଝିଅଙ୍କୁ ମୁଁ ଉଦ୍ଧାର କରିଛି । ପର୍‌ବର୍ତ୍ତୀ ସମୟରେ ପ୍ରଭାମୟୀ ଦାସ, ନବକିଶୋର ଦାସ ପ୍ରଭୃତିଙ୍କୁ ମୁଁ ଏହି ସଂଗଠନରେ ସାମିଲ କରେଇଥିଲି । ଥରେ ମଧ୍ୟ ଏହି ସଂଗଠନର ଏକ ସେମିନାର ଆୟୋଜନ କରି ମୁଁ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବଙ୍କୁ ଡାକିଥିଲି । ସେ ମୋତେ କହିଲେ, 'ତୁମେ ଏ ସବୁରେ କାହିଁକି ଲାଗିଛ ? ତୁମେ କଂଗ୍ରେସରେ ଯୋଗ ଦେଉନ ?' ମୁଁ ତାଙ୍କୁ କହିଲି, 'ଏଇଟା କ'ଣ ଆଜ୍ଞା କଂଗ୍ରେସ କାମ ନୁହେଁ ! ମୁଁ କ'ଣ କଂଗ୍ରେସ ବିରୋଧୀ କାମ କରୁଛି ?' ସେ କହିଲେ, 'ନାହିଁ, କଂଗ୍ରେସକୁ ଆସ ହୋ, ଦେଖାଯିବ ।' ନାରୀ ସେବା ସଦନରେ ସେଦିନ ସେ ତାଙ୍କ ଭାଷଣରେ ମୋତେ ଖୁବ୍ ପ୍ରଶଂସା କରିଥିଲେ ।"

ସେତେବେଳେ ବିଜୁ ପଟ୍ଟନାୟକ 'କଳିଙ୍ଗ' ନାମରେ ଗୋଟିଏ ଖବରକାଗଜ ବାହାର କଲେ । ମନମୋହନ ମିଶ୍ର ତା'ର ସମ୍ପାଦକ ଥାଆନ୍ତି । ବିଜୁବାବୁ, ଭବାନୀଚରଣ ପଟ୍ଟନାୟକଙ୍କ ହାତରେ ନନ୍ଦିନୀଙ୍କୁ ଖବର ପଠାଇଲେ ତାଙ୍କ କାଗଜରେ ସହ-ସମ୍ପାଦିକା ଭାବରେ ଯୋଗ ଦେବାକୁ । ନନ୍ଦିନୀ ଭବାନୀବାବୁଙ୍କୁ ମନା କରିଦେଲେ ଯେ, ସେ ଚାକିରି କରିବେନି । ଏ ସମ୍ପର୍କରେ ନନ୍ଦିନୀ କହୁଥିଲେ, "ଭବାନୀବାବୁ ମୋତେ ଅନେକ ବୁଝାଇଲେ । 'ଭଲ ପଇସା ମିଳିବ, ତୁମର ସାନ ପିଲା ଦୁଇଟା, ହଇରାଣ ହେଉଛ, କାହିଁକି ମନା କରୁଛ ?' ଏହାର କିଛିଦିନ ପରେ ମନମୋହନ ମିଶ୍ର ଆସି କହିଲେ, 'ତୋର ଏତେ ଜିଦ୍ କ'ଣ ?' ମୁଁ ତାଙ୍କୁ କହିଲି, 'ଆଜ୍ଞା ! ଖାଇବାକୁ ନାହିଁ ବୋଲି କ'ଣ ଯୁଆଡ଼େ ଇଚ୍ଛା ସେୟାଡ଼େ ପଶିଯିବି ?' ତା'ପରେ ସେ ଯାଇ ବାପାଙ୍କୁ କହିଲେ । ବାପା ତାଙ୍କୁ କହିଲେ, ତୁମେ ତ ଜାଣିଛ ସେ କେଡ଼େ ଜିଦ୍‌ଖୋର । ସେ କାହାରି କଥା ଶୁଣିବନି । ଯାହାହେଉ ମୁଁ ସେଥିରୁ ରକ୍ଷା ପାଇଗଲି ।"

ପ୍ରକୃତରେ ସକଳ ଅଭାବ ଅନଟନ ଭିତରେ ବି ନନ୍ଦିନୀ ନିଜ ଆଦର୍ଶରେ ଦୃଢ଼ ରହିଥିଲେ । ସ୍ୱାମୀଙ୍କର ରୋଜଗାର କିଛି ନାହିଁ, ଦୁଇଟି ସାନ ସାନ ପିଲା, ଆର୍ଥିକ ପରିସ୍ଥିତି ବହୁତ ଖରାପ । ତଥାପି ବି କାହା ନିକଟରେ ଚାକିରି ନ କରିବା ଜିଦ୍‌ରେ ସେ ଅଟଳ ରହିଥିଲେ । ଏହାର କିଛିଦିନ ପରେ ବନମାଳୀ ପଟ୍ଟନାୟକଙ୍କ ହାତରେ ହରେକୃଷ୍ଣ ମହତାବ ସ୍ୱରାଜ ଆଶ୍ରମକୁ ନନ୍ଦିନୀଙ୍କୁ ଡକାଇ ପଠାଇଲେ । ବନମାଳୀବାବୁ ଥାଆନ୍ତି

Digitized by PPRACHIN, SOA

ପ୍ରଦେଶ କଂଗ୍ରେସ କମିଟିର ସଭାପତି । ସେ ତାଙ୍କୁ ଡାକିବାରେ ନନ୍ଦିନୀ ମନା କରିଦେଲେ ଯିବାପାଇଁ । ଏହାପରେ ମହତାବ କାଳିନ୍ଦୀବାବୁଙ୍କ ନିକଟକୁ ବନମାଳୀବାବୁଙ୍କୁ ପଠାଇଲେ ନନ୍ଦିନୀଙ୍କୁ ବୁଝାଇବା ପାଇଁ । ଶେଷରେ କାଳିନ୍ଦୀଚରଣ ମଧ୍ୟସ୍ଥି ହେଲେ ଏବଂ ଝିଅକୁ କହିଲେ, 'ସେ ପିତୃପ୍ରତିମ ଲୋକ, ତତେ ଡାକୁଛନ୍ତି, ଯିବୁନି ?' ବାପାଙ୍କ କଥା ଶୁଣି ନନ୍ଦିନୀ ରାଜିହୋଇ ବନମାଳୀବାବୁଙ୍କ ସଙ୍ଗରେ ସ୍ୱରାଜ ଆଶ୍ରମରେ ପହଞ୍ଚି ମହତାବଙ୍କୁ ନମସ୍କାର ହେଲେ । ହରେକୃଷ୍ଣ ମହତାବ ତାଙ୍କୁ କହିଲେ, 'ତୁମେ ଏଇକ୍ଷଣି କଂଗ୍ରେସରେ ଜଏନ୍ କରିବ । ଇନ୍ଦିରାଗାନ୍ଧୀ କହିଛନ୍ତି, ନନ୍ଦିନୀ ପାଣିଗ୍ରାହୀଙ୍କୁ କଂଗ୍ରେସକୁ ଆଣିବ । ତେଣୁ ତୁମେ ଏବେ ମହିଳା କଂଗ୍ରେସ ଦାୟିତ୍ୱ ନେବ ।' ଏଥିସହିତ ବନମାଳୀ ପଟ୍ଟନାୟକଙ୍କୁ କହିଲେ, 'ବୁଝିଲ ବନମାଳୀ ! କଂଗ୍ରେସ କାର୍ଯ୍ୟକାରୀ କମିଟିରେ ନନ୍ଦିନୀକୁ ନେବ ।' ବନମାଳୀବାବୁ କହିଲେ, 'ମହିଳା କଂଗ୍ରେସରେ ତ କିଛି କାମ ହୋଇନାହିଁ । ଯାହା ହୋଇଛି ସେସବୁ ଲଜ୍ଜାକର କଥା । ଆପଣଙ୍କୁ ସବୁକଥା ଦେଖିବାକୁ ପଡ଼ିବ !' ପ୍ରକୃତରେ ସେହିଠାରୁ ହିଁ ନନ୍ଦିନୀ କଂଗ୍ରେସରେ ଯୋଗଦେଲେ ଏବଂ ବିଧିବଦ୍ଧ ଭାବେ ଆରମ୍ଭ କରିଦେଲେ କଂଗ୍ରେସ କାମ ।

ଏହା ପୂର୍ବରୁ ନନ୍ଦିନୀ ଛାତ୍ରସଂଘରେ ରହି ସକ୍ରିୟ ଭାବରେ ସ୍ୱାଧୀନତା ଆନ୍ଦୋଳନ ପାଇଁ କାର୍ଯ୍ୟ କରୁଥିଲେ । ୧୯୪୬ ମସିହା ପୂର୍ବରୁ ବୈପ୍ଳବିକ ଚିନ୍ତାଧାରାରେ ଅନୁପ୍ରାଣିତ ହୋଇ ସେ ଏଥିରେ ଯୋଗ ଦେଇଥିଲେ । ତାଙ୍କର ବଡ଼ଭାଇ ଭଗବତୀଚରଣ ପାଣିଗ୍ରାହୀ ପ୍ରଥମରୁ ଗାନ୍ଧିବାଦୀ ଥିଲେ । ପରବର୍ତ୍ତୀ ସମୟରେ ସେ ଓଡ଼ିଶାରେ କମ୍ୟୁନିଷ୍ଟ ପାର୍ଟି ତିଆରି କରିଥିଲେ ମଧ୍ୟ ସବୁବେଳେ ଖଦଡ଼ ପିନ୍ଧୁଥିଲେ । ତାଙ୍କୁ ଗୋଟିଏ ମିଲ୍ ଗାମୁଛା ମିଳିଲେ ବି ସେ ବ୍ୟବହାର କରୁନଥିଲେ । ସେହିପରି ନନ୍ଦିନୀଙ୍କ ପିତା କାଳିନ୍ଦୀଚରଣ ପାଣିଗ୍ରାହୀ ମଧ୍ୟ ଗାନ୍ଧୀ-ନେହେରୁଙ୍କ ବିଷୟରେ ସର୍ବଦା ଆଲୋଚନା କରୁଥିଲେ । କିନ୍ତୁ ପରୋକ୍ଷରେ ସେ ବି ଭଗବତୀଙ୍କ ଚିନ୍ତାଧାରାରେ ପରିବର୍ତ୍ତିତ ହୋଇଗଲେ । ଯାହାଫଳରେ ସେ ଛଦ୍ମନାମରେ 'ବାଜି ରାଉତ' ଭଳି କବିତାମାନ ରଚନା କରିଥିଲେ । ତେଣୁ ନନ୍ଦିନୀଙ୍କ ଉପରେ ପିତା କାଳିନ୍ଦୀଚରଣ ଏବଂ ବଡ଼ଭାଇ ଭଗବତୀଙ୍କର ଗଭୀର ପ୍ରଭାବ ପଡ଼ିଥିଲା । ଯାହାଫଳରେ ସେ ଛାତ୍ରସଂଘରେ ଯୋଗଦେଇ କାର୍ଯ୍ୟ କରୁଥିଲେ । ସେତେବେଳେ ଛାତ୍ରସଂଘର ସଭାପତି ଥିଲେ ନିରୂପମା ରଥ ଏବଂ ନନ୍ଦିନୀ ଥିଲେ ସମ୍ପାଦିକା । କଟକର ଚାନ୍ଦିନୀଚୌକଠାରେ ଏକ ଛୋଟିଆ ଘରେ ଅଫିସ୍ କରି ଏମାନେ କମ୍ୟୁନିଷ୍ଟ ପାଇଁ କାର୍ଯ୍ୟ କରୁଥିଲେ । ଏ ପ୍ରସଙ୍ଗରେ ନନ୍ଦିନୀ କହୁଥିଲେ, "ସେତେବେଳେ ଛାତ୍ରସଂଘ ଏକମାତ୍ର ଅନୁଷ୍ଠାନ ଥିଲା, ଯେ କି ସ୍ୱାଧୀନତା ସଂଗ୍ରାମୀଙ୍କୁ ଉଦ୍‌ବୁଦ୍ଧ କରୁଥିଲା । ସେହି

Digitized by PPRACHIN, SOA

ସମୟରେ ଏପରି ବୈପ୍ଳବିକ କାର୍ଯ୍ୟରୁ ନିବୃତ୍ତ ରହିବାକୁ ଛାତ୍ରସଂଘରେ ଫାଟ ସୃଷ୍ଟି କରିବା ପାଇଁ ଛାତ୍ର କଂଗ୍ରେସ ଗଢ଼ାଗଲା । ତେଣୁ ଛାତ୍ରସଂଘ ଓ ଛାତ୍ର କଂଗ୍ରେସ ଭିତରେ ମତଗତ ତଫାତ୍ ଥିଲା । ଛାତ୍ର କଂଗ୍ରେସ କୌଣସି ବୈପ୍ଳବାତ୍ମକ ପଦକ୍ଷେପ ନେବାପାଇଁ ଚାହୁଁନଥିଲେ । ସେ ସମୟରେ ଖୁବ୍ କମ୍ ଝିଅ ଏ କାର୍ଯ୍ୟରେ ଯୋଗ ଦେଉଥିଲେ । ଅନ୍ନପୂର୍ଣ୍ଣା ମହାରଣା, ନିରୂପମା ରଥ, ସାବିତ୍ରୀ ମିଶ୍ର ପ୍ରମୁଖଙ୍କ ଭଳି ବହୁତ କମ୍ ଝିଅ ଥିଲେ । ରମାଦେବୀଙ୍କ ଝିଅ ଅନ୍ନପୂର୍ଣ୍ଣା ମହାରଣାଙ୍କ କାର୍ଯ୍ୟ ମୋତେ ଖୁବ୍ ଆକୃଷ୍ଟ କରିଥିଲା । ମୁଁ ସେତେବେଳେ ବରୀରେ ଯାଇ ରହୁଥିଲି । ସେଠାରେ 'ଭୂଦାନ ଯଜ୍ଞ' ନାମରେ ଗୋଟିଏ କାଗଜ ବାହାରୁଥିଲା । ମୁଁ ତା'ର ସମ୍ପାଦନା କରୁଥିଲି । ସେଇଥିରେ ଲେଖା ମାଧ୍ୟମରେ ସ୍ୱାଧୀନତା ସଂଗ୍ରାମ ପାଇଁ ମୁଁ ସେମାନଙ୍କୁ ଉଦ୍‌ବୁଦ୍ଧ କରୁଥିଲି ।"

ନନ୍ଦିନୀଙ୍କର ସମଗ୍ର ଛାତ୍ର ଜୀବନଟି କଟିଥିଲା କଣ୍ଟକିତ ପଥରେ । 'ଦେଶ କିପରି ସ୍ୱାଧୀନ ହେବ' ସେଇ ଚିନ୍ତା ନଈରେ ପହଁରି ପହଁରି ସେ ଆସି ପହଞ୍ଚିଥିଲେ ସ୍ୱାଧୀନତାର ଦ୍ୱାରଦେଶରେ । ମାତ୍ର ବହୁ ପ୍ରତିକ୍ଷୀତ ସ୍ୱାଧୀନତା ପ୍ରାପ୍ତି ପରେ ତାଙ୍କର ପୁନଃ ମୋହଭଙ୍ଗ ହୋଇଥିଲା, 'କି ପ୍ରକାର ସ୍ୱାଧୀନତା ହୋଇଛି ?' କୁହାଯାଉଛି ଯେ, ରାଜନୈତିକ ସ୍ୱାଧୀନତା ପାଇଛୁ, ଆଉ ଅର୍ଥନୈତିକ ସ୍ୱାଧୀନତା ପାଇନୁ ! ଏହା ପୁଣି କିଭଳି କଥା ! ବାସ୍ତବରେ ସଂଗ୍ରାମୀର ସଂଗ୍ରାମ କେବେ ସରେନାହିଁ । ଗୋଟିଏ ଅନ୍ୟାୟ ବିରୁଦ୍ଧରେ ଲଢ଼ି ଲଢ଼ି ମୁକ୍ତିର ସ୍ୱାଦ ଚାଖିବା ବେଳକୁ ତା' ସାମ୍ନାରେ ଆସି ଉଭାହୁଏ ଆହୁରି ଅନେକ ସମସ୍ୟା । ଏହିଭଳି ସଂଗ୍ରାମୀ ଜୀବନର ପିଚ୍ଛିଳ ରାସ୍ତାରେ ଗତି କରୁ କରୁ ନନ୍ଦିନୀ କଂଗ୍ରେସର ଜଣେ ସଚ୍ଚା କର୍ମୀ ପାଲଟିଥିଲେ । ଯେତେବେଳେ ଯେଉଁ କାମ ତାଙ୍କୁ ମିଳିଛି, ସେ ଅତ୍ୟନ୍ତ ନିଷ୍ଠାର ସହିତ ସେହି କାମରେ ଲାଗିପଡୁଥିଲେ । ପରବର୍ତ୍ତୀ ସମୟରେ କଂଗ୍ରେସରେ କାମ କରୁଥିବାବେଳେ ହରେକୃଷ୍ଣ ମହତାବ ଏବଂ ବିଜୁ ପଟ୍ଟନାୟକଙ୍କ ମଧ୍ୟରେ ଝଗଡ଼ାର ସୂତ୍ରପାତ ହେଲା । ୧୯୬୧ ମସିହାରେ ବିଜୁବାବୁ କଂଗ୍ରେସର ସଭାପତି ହେବାରୁ ନନ୍ଦିନୀ ତାଙ୍କ ସହ ମିଶି ରହିଲେ । ସେହିବର୍ଷ ରାଜ୍ୟ ବିଧାନସଭା ନିର୍ବାଚନ ପାଇଁ ପ୍ରଚାର କରୁ କରୁ ଏକ ସଡ଼କ ଦୁର୍ଘଟଣାରେ ତାଙ୍କର ଗୋଟିଏ ଗୋଡ଼ ଭାଙ୍ଗିଯାଇ ଛଅମାସରୁ ଊର୍ଦ୍ଧ୍ୱ ସମୟ ସେ ଡାକ୍ତରଖାନରେ ପଡ଼ିରହିଲେ । ବିଜୁବାବୁ ହେଲେ ମୁଖ୍ୟମନ୍ତ୍ରୀ । ତା'ପରେ ୧୯୬୨ ମସିହାରେ ନନ୍ଦିନୀ ରାଜ୍ୟସଭାର ସଭ୍ୟା ଭାବରେ ଯୋଗ ଦେଇଥିଲେ, ଯାହାର ବିଷଦ ବିବରଣୀ ପରବର୍ତ୍ତୀ ଅଧ୍ୟାୟରେ ପ୍ରଦାନ କରାଯାଇଅଛି ।

⁂

Digitized by PPRACHIN, SOA

୫

ବିବାହ ବନ୍ଧନରେ ନନ୍ଦିନୀ

ନନ୍ଦିନୀ ମାଟ୍ରିକ୍ୟୁଲେସନ୍ ପାସ୍ କଲାପରେ ବୋଉ ରତ୍ନମଣିଦେବୀ ଝିଅର ବିବାହ ପାଇଁ ଖୁବ୍ ବ୍ୟଗ୍ର ହୋଇପଡ଼ିଥିଲେ । ସେତେବେଳେ ବ୍ରାହ୍ମଣଘରର ଝିଅ ଏତେବର୍ଷ ଯାଏଁ ଅବିବାହିତା ରହିବା ସମାଜସମ୍ମତ ନଥିଲା । ଅନ୍ୟପକ୍ଷରେ ନନ୍ଦିନୀଙ୍କ ଦଦେଇ ଝିଅ ଭଉଣୀ ଇନ୍ଦୁମତୀଦେବୀ ଦଶ ବର୍ଷ ବୟସରେ ବିବାହ କରି, ୧୧ ବର୍ଷ ବୟସ ବେଳକୁ ଗୋଟିଏ ସନ୍ତାନର ଜନନୀ ମଧ୍ୟ ହୋଇସାରିଥିଲେ । ନନ୍ଦିନୀ ତ ତାଙ୍କ ବିବାହ ବୟସଠାରୁ ଯଥେଷ୍ଟ ବଡ଼ ଅର୍ଥାତ୍, ୧୫ ବର୍ଷର ହୋଇସାରିଥିଲେ । ସେ ସମୟର ସମାଜରେ କଠୋର ରକ୍ଷଣଶୀଳ ମନୋଭାବ ଥିଲା । ହେଲେ ସେଇ ପନ୍ଦର ବର୍ଷ ବୟସ୍କା କୁନିର ପାଠ ପଢ଼ିବାର ଅଦମ୍ୟ ଉତ୍ସାହ ଏବଂ କାଳିନ୍ଦୀଚରଣଙ୍କର ଝିଅକୁ ଅଧିକ ପଢ଼ାଇବାର ଦୃଢ଼ଇଚ୍ଛା ନିକଟରେ ରତ୍ନମଣିଦେବୀ ହାର ମାନିଥିଲେ । ବହୁ ବାଦାନୁବାଦ ପରେ ଶେଷକୁ ନନ୍ଦିନୀ ୧୯୪୬ ମସିହାରେ ରେଭେନ୍ସା କଲେଜରେ ନାମ ଲେଖାଇଥିଲେ ।

ପାଠପଢ଼ା ଏବଂ ସଂଗ୍ରାମ ଭିତରେ ନନ୍ଦିନୀ ନିଜର ବିଭାଘର କଥା ସମ୍ପୂର୍ଣ୍ଣ ଭୁଲିଯାଇଥିଲେ । ତା'ଛଡ଼ା ତାଙ୍କର ବିବାହ କରିବା ପାଇଁ ସେପରି କିଛି ପୂର୍ବପରିକଳ୍ପିତ ଯୋଜନା ମଧ୍ୟ ନଥିଲା । ମାତ୍ର ବିଧିର ବିଧାନ ଥିଲା ବିଚିତ୍ର । ସଂଗ୍ରାମୀ କୁନି ପାଇଁ ଏକ ସଂଗ୍ରାମୀ ପୁରୁଷଙ୍କର ଯେ ଆବିର୍ଭାବ ହୋଇସାରିଥିଲା, ସେକଥା ଆଗରୁ କେହି ଜାଣିପାରିନଥିଲେ । ସେ ଆଉ କେହି ନୁହନ୍ତି, ସଭିଙ୍କର ପ୍ରିୟ ଦେବବାବୁ—ଦେବେନ୍ଦ୍ରନାଥ ଶତପଥୀ । ଦେବେନ୍ଦ୍ରବାବୁଙ୍କ ପିତା ଥିଲେ ସ୍ୱର୍ଗତଃ ବିଶ୍ୱନାଥ ଶତପଥୀ ଏବଂ ମାତା ଥିଲେ ହାରାବତୀଦେବୀ । ସେ ୧୯୨୯ ମସିହା ସେପ୍ଟେମ୍ବର ୯ ତାରିଖ ଦିନ ଫୁଲବାଣୀ ଜିଲ୍ଲାର ବଉଦ୍ଧଠାରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ବାପା ସେତେବେଳେ

Digitized by PPRACHIN, SOA

ସୈନ୍ୟବାହିନୀରେ ଚାକିରି କରୁଥିଲେ । ତେଣୁ ସପରିବାର ସେ ବଉଦରେ ଅବସ୍ଥାନ କରୁଥିଲେ । ଦେବେନ୍ଦ୍ରବାବୁ ଥିଲେ ପରିବାରର ବଡ଼ପୁଅ । ତାଙ୍କ ତଳେ ଆହୁରି ତିନିଭାଇ ଯଥା, ବ୍ରଜେନ୍ଦ୍ର, ନରେନ୍ଦ୍ର, ରାଜେନ୍ଦ୍ର ଏବଂ ଗୋଟିଏ ଭଉଣୀ ଥିଲେ କୁନ୍ତଳା କୁମାରୀ ଶତପଥୀ । ବିଶ୍ୱନାଥବାବୁ ଚାକିରିରୁ ଅବସର ଗ୍ରହଣ ପରେ ନିଜ ଗ୍ରାମ ଢେଙ୍କାନାଳ ଜିଲ୍ଲାର ସଦର ଥାନା ଅନ୍ତର୍ଗତ ଧଳପୁର ଗ୍ରାମକୁ ଫେରିଆସିଥିଲେ । ତେଣୁ ପ୍ରାୟତଃ ସେଇ ଢେଙ୍କାନାଳରେ ହିଁ ଦେବବାବୁଙ୍କର ବାଲ୍ୟଜୀବନ କଟିଥିଲା । ପ୍ରାଥମିକ ଶିକ୍ଷା ପରେ ସେ ଢେଙ୍କାନାଳର ବ୍ରଜନାଥ ବଡ଼ଜେନା ହାଇସ୍କୁଲରେ ଅଧ୍ୟୟନ କରିଥିଲେ । ପିଲାଟି ଦିନରୁ ତାଙ୍କଠାରେ ମଧ୍ୟ ସଂଗ୍ରାମୀ ଜୀବନର ଆଭାସ ମିଳିଥିଲା । ସେ ହାଇସ୍କୁଲରେ ପଢ଼ିବାବେଳେ ଗଡ଼ଜାତ ମିଶ୍ରଣ ଆନ୍ଦୋଳନ ଆରମ୍ଭ ହୋଇଯାଇଥିଲା । ଆନ୍ଦୋଳନ ସମ୍ପର୍କରେ ଲୋକଙ୍କୁ ବୁଝାଇବା ପାଇଁ ସେତେବେଳେ ଯେଉଁ ଛାତ୍ର ସ୍ୱେଚ୍ଛାସେବୀ ବାହିନୀ ଗଠନ ହୋଇଥିଲା, ସେଥିରେ ଦେବବାବୁ କମାଣ୍ଡର ଭାବରେ କାର୍ଯ୍ୟ କରୁଥିଲେ ।

ପରେ ସେ ମାଟ୍ରିକ୍ ପାସ୍ କରି ୧୯୪୮ ମସିହାରେ କଟକ ଖ୍ରୀଷ୍ଟ କଲେଜରେ ନାମ ଲେଖାଇଥିଲେ । କଲେଜରେ ପଢ଼ିବାବେଳେ ଦେବେନ୍ଦ୍ର ଶତପଥୀ ଷ୍ଟୁଡେଣ୍ଟ ଫେଡେରେସନ ସହିତ ମିଶି କମ୍ୟୁନିଷ୍ଟ ଆନ୍ଦୋଳନରେ ସକ୍ରିୟ ଭାଗ ନେଇଥିଲେ । ଏହି ଆନ୍ଦୋଳନରେ ସାମିଲ ହୋଇ ୧୯୫୦ ମସିହାରେ ୨୧ ବର୍ଷ ବୟସରେ ସେ ଜେଲ୍ ବରଣ କରିଥିଲେ । ଦେବବାବୁଙ୍କୁ ଅନ୍ୟାନ୍ୟ ଆନ୍ଦୋଳନକାରୀଙ୍କ ସହିତ କଟକ ଜେଲ୍‌ରେ ରଖାଯାଇଥିଲା । ନନ୍ଦିନୀ ମଧ୍ୟ ସେଇ କମ୍ୟୁନିଷ୍ଟ ଆନ୍ଦୋଳନରେ ଜେଲ୍ ଯାଇଥିଲେ । ଏହାଛଡ଼ା ନନ୍ଦିନୀ, ଦେବବାବୁଙ୍କ ଠାରୁ ପାଠପଢ଼ାରେ ଦୁଇଟି କ୍ଲାସ୍ ଉପରେ ଥିଲେ ଏବଂ ସେ ଖ୍ରୀଷ୍ଟ କଲେଜରେ କମ୍ୟୁନିଷ୍ଟ ପିଲାମାନଙ୍କର କ୍ଲାସ୍ ନେଉଥିଲେ, ଯେଉଁ କ୍ଲାସ୍‌ରେ ଦେବବାବୁ ମଧ୍ୟ ଯୋଗ ଦେଉଥିଲେ । ଏହି ମହା ଜନଆନ୍ଦୋଳନ ମଧ୍ୟରୁ ଜନ୍ମ ନେଇଥିଲା ନନ୍ଦିନୀଙ୍କ ସହିତ ଦେବବାବୁଙ୍କର ସମ୍ପର୍କ ଏବଂ ତାହା ପରବର୍ତ୍ତୀ ସମୟରେ ଘନିଷ୍ଠତାର ରୂପ ନେଇ, ବିବାହ ବନ୍ଧନରେ ହିଁ ସମାପ୍ତ ହୋଇଥିଲା ।

୧୯୫୧ ମସିହାରେ ନନ୍ଦିନୀଙ୍କ ବିଭାଘର ପରେ ସେମାନେ ସପ୍ତମଙ୍ଗଳା ପର୍ଯ୍ୟନ୍ତ କଟକରେ ରହୁଥିବା ତାଙ୍କର ଜଣେ ନଣନ୍ଦଙ୍କ ଘରେ ରହିଥିଲେ । ତତ୍‌ପରେ ଦେବେନ୍ଦ୍ରବାବୁଙ୍କ ନିଜ ଗାଁ ଢେଙ୍କାନାଳର ଧଳପୁର ଗ୍ରାମକୁ ଯାଇଥିଲେ । ଏହି ବିବାହରେ ଦେବବାବୁଙ୍କ ପରିବାରବର୍ଗ ଅସୁଖୀ ଥିଲେ ଏବଂ ଆପତ୍ତି ମଧ୍ୟ ଉଠାଇଥିଲେ । ସେମାନଙ୍କର ଧାରଣା ଥିଲା ଯେ, ନନ୍ଦିନୀ ହେଉଛନ୍ତି ଖ୍ରୀଷ୍ଟିଆନ୍ ଝିଅ । ଏହା ପଛରେ ବି ଗୋଟାଏ ଯୁକ୍ତି ଥିଲା । ସେ ସମୟରେ ଏକ ସାମାଜିକ ଧାରଣା ଥିଲା ଯେ, କେବଳ ଖ୍ରୀଷ୍ଟିଆନ୍‌ମାନେ

Digitized by PPRACHIN, SOA

ଇଂରାଜୀ ପଢ଼ନ୍ତି । ଆଉ ଯିଏ ଇଂରାଜୀ ପଢ଼ନ୍ତି ସେମାନେ ଖ୍ରୀଷ୍ଟିଆନ୍ ହୋଇଯାଆନ୍ତି । ଏହି ଦୃଷ୍ଟିରୁ ବିଶ୍ୱନାଥ ଶତପଥୀଙ୍କ ପରିବାର ଲୋକଙ୍କ ମନରେ ଗୋଟାଏ ଭୁଲ ଚିନ୍ତାଧାରା ଥିଲା ଯେ, ବ୍ରାହ୍ମଣଘରର ଝିଅ ହୋଇ ଇଂରାଜୀ ପଢ଼ିଛି ଅର୍ଥ ନନ୍ଦିନୀ ହେଉଛି ଗୋଟିଏ ଖ୍ରୀଷ୍ଟିଆନ୍ ଝିଅ । ଅବଶ୍ୟ ଏହି ଧାରଣା ସେମାନଙ୍କ ମନରେ ବେଶୀଦିନ ରହିନଥିଲା । ଯାହାହେଉ, ଘରକୁ ବୋହୂହୋଇ ଆସିବା ପରେ ନନ୍ଦିନୀ ଚିରାଚରିତ ପ୍ରଥା ଅନୁସାରେ ଘରର ସମସ୍ତ କାମ କରିବା ସଙ୍ଗେ ସଙ୍ଗେ ଅନ୍ୟମାନଙ୍କୁ ବି ନିଜର କରିବାକୁ ଆରମ୍ଭ କରିଦେଇଥିଲେ । କିନ୍ତୁ ସବୁ କରିବା ପରେ ମଧ୍ୟ ଶାଶୁ ଏବଂ ନଣନ୍ଦଙ୍କ ଅତ୍ୟାଚାରରୁ ସେ ବର୍ତ୍ତି ନଥିଲେ । ସେ କହୁଥିଲେ, "ମତେ କହିଲେ ସକାଳୁ ଉଠି ଗୋବରରେ ଘର, ବାରଣ୍ଡା, ଦୁଆର ସବୁ ଲିପାଲିପି କରିବାକୁ । କୂଅରୁ ପାଣି କାଢ଼ିବାକୁ । ମୁଁ ଏ ସବୁ କରିଦିଏ । କେବଳ ରୋଷେଇ କଲାବେଳକୁ ମୋତେ ଖୁବ୍ କଷ୍ଟ ଲାଗେ । କାରଣ କାଠ-ଘଷି-ଗୁଣ୍ଡାରେ ଚୁଲି ଜାଳି ରୋଷେଇ କରିବାକୁ ପଡ଼େ । ଯେତେବେଳେ ଚୁଲି ନ ଜଳେ ଧୂଆଁ ସବୁ ନାକ ପାଟିରେ ପଶିଯାଇ ମତେ ବଡ଼ ଅଶ୍ୱସ୍ତି ଲାଗେ । ତାଙ୍କ ଘରେ ଅନ୍ୟ ଏକ କଟକଣା ଥାଏ ଯେ, ନୂଆବୋହୂ ହିସାବରେ ଦାଣ୍ଡକୁ ବାହାରିବା ମନା । କେହି ଦେଖିବେନି, କାହା ସଙ୍ଗେ କଥା ହେବନି ଇତ୍ୟାଦି । ଏଇଟା କିପରି ସମ୍ଭବ ?"

ସତରେ, ନନ୍ଦିନୀ ଯେଉଁ ପରିବେଶରେ ବଢ଼ିଆସିଥିଲେ, ତାଙ୍କ ଶାଶୁଘରର ପରିବେଶ ଥିଲା ତା'ର ସମ୍ପୂର୍ଣ୍ଣ ବିପରୀତ । ପିଲାଟି ଦିନରୁ ସ୍ୱାଧୀନଚେତା ନନ୍ଦିନୀଙ୍କ ଲଲାଟରେ ତ ଲେଖାହୋଇ ସାରିଥିଲା କୋଟି କୋଟି ଜନତାଙ୍କର ସେବା କରିବାକୁ । ସେ କୁଆଡ଼େ ଶାଶୁଘରର ଚାରିକାନ୍ଥ ଭିତରେ ଆବଦ୍ଧ ହୋଇ ରହିପାରିଥାନ୍ତେ ! ଶାଶୁଘରର ପାରମ୍ପରିକ ରୀତି ନୀତି ଭିତରେ ସେ କ୍ରମଶଃ ଅଣନିଶ୍ୱାସୀ ହେବାକୁ ଲାଗିଲେ । ହଠାତ୍ ବିରାଡ଼ି କପାଳକୁ ଶିକା ଛିଣ୍ଡିବା ପରି ଶାଶୁଘରକୁ ଯିବାର ପନ୍ଦର ଦିନ ପରେ ଏମ୍.ଏ. ପ୍ରଥମବାର୍ଷିକ ପରୀକ୍ଷା ଦେବାପାଇଁ ତାଙ୍କ ନିକଟରେ ଚିଠି ଆସି ପହଞ୍ଚିଲା । ପରିବାରରେ ଅନ୍ୟମାନେ ଏ କଥାରେ ଅମଙ୍ଗ ହେବାରୁ ସେ ପରୀକ୍ଷା ଦେବାପାଇଁ ଦେବବାବୁଙ୍କ ନିକଟରେ ଜିଦ୍ କଲେ । ଶେଷରେ ମାସଟିଏ ନ ପୂରୁଣୁ ଶାଶୁଘରୁ ଗୋଡ଼କାଢ଼ି ଦେବବାବୁଙ୍କ ସହିତ କଟକ ଚାଲିଆସିଲେ । ବାପାଙ୍କ ଘରେ ରହି ପରୀକ୍ଷା ଦେଲେ ଏବଂ ପରେ କାଳିନ୍ଦୀଚରଣ ତାଙ୍କ ନାମରେ ସେଇ ପିଠାପୁରରେ କିଣି ଦେଇଥିବା ଘରେ ହିଁ ରହିଗଲେ । ସେଇଠାରେ ହିଁ ତାଙ୍କର ଦୁଇପୁତ୍ର ନଚିକେତା ଏବଂ ତଥାଗତ ଜନ୍ମ ଗ୍ରହଣ କରିଥିଲେ ।

⁂

Digitized by PPRACHIN, SOA

ଚାକିରି କରିବା ନୋହିଲା

୧୯୫୨ ମସିହାରେ ଓଡ଼ିଆରେ ଅନର୍ସ ରଖି ରେଭେନ୍‌ସା କଲେଜରୁ ନନ୍ଦିନୀ ଏମ୍.ଏ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ । ସେତେବେଳକୁ ସେ ସମ୍ପୂର୍ଣ୍ଣ ରୂପେ ସମାଜସେବା କାର୍ଯ୍ୟରେ ନିଜକୁ ନିୟୋଜିତ କରିଦେଇଥାନ୍ତି । ହେଲେ ଚଳିବା ପାଇଁ ତ କିଛି ଅର୍ଥ ଦରକାର ! ସେ ମୂଳରୁ ଥିଲେ ସ୍ୱାଧୀନଚେତା । ତା'ଛଡ଼ା ବିଭାଘର ମଧ୍ୟ ସରିଯାଇଥାଏ । ସ୍ୱାମୀ ଦେବେନ୍ଦ୍ର ଶତପଥୀ କୌଣସି ଚାକିରିବାକିରି କରୁନଥାନ୍ତି । ସେ କମ୍ୟୁନିଷ୍ଟମାନଙ୍କ ସଙ୍ଗେ ମିଶି କାମ କରୁଥାଆନ୍ତି । ପିତା କାଳିନ୍ଦୀଚରଣ ତାଙ୍କ ନାମରେ କଟକର ପିଠାପୁରଠାରେ ଘର ଖଣ୍ଡିଏ କିଣିଦେଇଥାନ୍ତି । ସେହି ଘରେ ସେ ସ୍ୱାମୀଙ୍କ ସଙ୍ଗେ ରହୁଥାନ୍ତି । ରହିବା କଥାଟା ସିନା ଠିକ୍ ହୋଇଗଲା, ହେଲେ ଖାଇବା, ପିନ୍ଧିବା ଏବଂ ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ତ ଆଉ ବାପାଙ୍କ ଉପରେ ସବୁବେଳେ ନିର୍ଭର କରିହେବନି ! ଅନ୍ୟପକ୍ଷରେ ତାଙ୍କ ଶ୍ୱଶୁରଘରର ଅବସ୍ଥା ସ୍ୱଚ୍ଛଳ ଥିଲେ ବି ସେ ଶାଶୁଘରର ଚାରିକାନ୍ଥ ଭିତରେ ନିଜକୁ ଆବଦ୍ଧ କରି ରଖିବା ଭଳି ବ୍ୟକ୍ତି ନଥିଲେ । ଯାହାଫଳରେ ବିଭାଘର ପରେ ପରେ ହିଁ କଟକରେ ଆସି ରହୁଥିଲେ । କଥାରେ ଅଛି, ଇଚ୍ଛା ଥିଲେ ଉପାୟ ବନେ ବନେ ଆସେ । କାହାରି ଉପରେ ନିର୍ଭର ନ କରି ଆରମ୍ଭ କରିଦେଲେ ଟିଉସନ । ଦିନବେଳା ସମାଜସେବା ଏବଂ ସନ୍ଧ୍ୟାବେଳେ ଟିଉସନ । ସାହିର କିଛି ପିଲା ଆସି ତାଙ୍କ ପାଖରେ ପାଠ ପଢ଼ିବାକୁ ବସିଗଲେ । ଯାହାହେଉ ସକାଳେ ଓ ସନ୍ଧ୍ୟାରେ ଦୁଇବେଳା ଟିଉସନ୍ କରି ସେ ନିଜର ଆବଶ୍ୟକ ମୁତାବକ ଖର୍ଚ୍ଚ ବେଶ୍ ଭଲ ଭାବରେ ତୁଲାଇପାରିଲେ ।

ଏମିତି ଏକ ଅଭାବୀ ପରିସ୍ଥିତିରେ ଗତି କରୁଥିବାବେଳେ, ଚାକିରିଟିଏ ପାଇଁ ସେ ପବ୍ଲିକ୍ ସର୍ଭିସ୍ କମିଶନ (ପି.ଏସ୍.ସି) ପରୀକ୍ଷା ନିମନ୍ତେ ଆବେଦନ କଲେ । ନିର୍ଦ୍ଧାରିତ

Digitized by PPRACHIN, SOA

ସମୟରେ ପି.ଏସ୍.ସି.ର ଇଣ୍ଟରଭ୍ୟୁ ଡକାହେଲା । ନନ୍ଦିନୀ ସକାଳୁ ସକାଳୁ ନିଜର ନିତ୍ୟକର୍ମ ସାରି ଇଣ୍ଟରଭ୍ୟୁ ଦେବାକୁ ବାହାରି ପଡ଼ିଲେ । ରତ୍ନମଣିଦେବୀ ଝିଅର ଶୁଭ ମନାସୀ କଳସୀରେ ଆମ୍ବଡ଼ାଳ, ଫୁଲ, ଗୁଆ ରଖି ଘରର ଦୁଆରମୁହଁରେ ପୂର୍ଣ୍ଣକୁମ୍ଭଟିଏ ବସାଇ ଦେଇଥାନ୍ତି । ଏତିକିବେଳେ ବାପା ତାଙ୍କର ଉପର ମହଲାରୁ ତଳକୁ ଓହ୍ଲାଉ ଓହ୍ଲାଉ ଝିଅ କୁଆଡ଼େ ବାହାରିଥିବାର ଦେଖି ତାଙ୍କୁ ପଚାରିଦେଲେ, 'କୁଆଡ଼େ ବାହାରିଲ ?' ନନ୍ଦିନୀ ଟିକେ ଭୟମିଶା ଅଭିମାନରେ କହିଲେ, 'ପି.ଏସ୍.ସି. ଇଣ୍ଟରଭ୍ୟୁ ଦେବାକୁ ଯାଉଛି ।' କାଳିନ୍ଦୀବାବୁଙ୍କର ଅନ୍ତର୍ଦୃଷ୍ଟି (ଇନ୍‌ଟ୍ୟୁସନ) ଖୁବ୍ ଗଭୀର ଥିଲା । ସେ ସଙ୍ଗେ ସଙ୍ଗେ ଥଟ୍ଟାକରି କହିଲେ, 'ଚାକିରି କରିବ ! କାହା କପାଳ ଫାଟିଲା ତତେ ସେ ଚାକିରି ଦେବ ?' ଏହାଶୁଣି ରତ୍ନମଣିଦେବୀ ସ୍ୱାମୀଙ୍କୁ ମନଦୁଃଖ କରି କହିଲେ, 'ସବୁବେଳେ ପିଲାଟାକୁ ଏଭଳି କାହିଁକି କହୁଛ ? ସେ ଗୋଟେ ପରୀକ୍ଷା ଦେବାକୁ ଯାଉଛି, ଅନ୍ତତଃ ଆଜିଭଳି ଦିନରେ ଏମିତି ନ କହିଲେ ଚଳନ୍ତାନି ?' ମାତ୍ର କାଳିନ୍ଦୀବାବୁ ସେଇ ନିର୍ଲିପ୍ତ ସ୍ୱରରେ କହିଲେ, 'ସେ କ'ଣ କାହାରି ତଳେ ଚାକିରି କରିପାରିବ ? ସେ ତ ସମସ୍ତଙ୍କ ମୁଣ୍ଡ ଉପରେ ବସିବ ।'

ଯାହାହେଉ, ଯଥା ସମୟରେ ନନ୍ଦିନୀ ଇଣ୍ଟରଭ୍ୟୁ ସ୍ଥାନରେ ପହଞ୍ଚିଲେ । ସେଠାରେ ସମସ୍ତଙ୍କୁ ଜଣ ଜଣ କରି ଡକା ହେଉଥାଏ । ଯେତେବେଳେ ତାଙ୍କର ପାଳି ପଡ଼ିଲା ସେ ଭିତରକୁ ଗଲେ । ଦେଖିଲେ ସେଠାରେ ଯେଉଁମାନେ ଇଣ୍ଟରଭ୍ୟୁ ବୋର୍ଡରେ ବସିଛନ୍ତି, ସେମାନଙ୍କ ମଧ୍ୟରେ ପ୍ରଫେସର ସୁନ୍ଦରମ୍ ଅଛନ୍ତି । ରେଭେନ୍ସାରେ ପଢ଼ିବାବେଳେ ସୁନ୍ଦରମ୍ ତାଙ୍କର ପ୍ରଫେସର ଥିଲେ । ଏବେ ପି.ଏସ୍.ସି.ର ସଭ୍ୟ । ନନ୍ଦିନୀଙ୍କୁ କୁହାଗଲା, ତୁମେ ଗୋପବନ୍ଧୁଙ୍କ ବିଷୟରେ ପାଞ୍ଚ ମିନିଟ୍ କୁହ । ବିରାଡ଼ି କପାଳକୁ ଶିକା ଛିଣ୍ଡିବା ପରି, ନନ୍ଦିନୀ ତ ପ୍ରଥମରୁ ଗୋପବନ୍ଧୁଙ୍କୁ ନିଜର ଆଦର୍ଶ ରୂପେ ବିବେଚନା କରୁଥିଲେ । ତାଙ୍କରି ଆଚରଣରେ ଉଦ୍‌ବୁଦ୍ଧ ହୋଇ ଦୁର୍ଗତ ଲୋକମାନଙ୍କ ସେବା କରିବାକୁ ଆଗଭର ହୋଇ ବାହାରି ପଡୁଥିଲେ । ତେଣୁ ସେ ମନେ ମନେ ଅତ୍ୟନ୍ତ ଖୁସି ହୋଇଗଲେ । ତା'ପରେ ଖୁବ୍ ଭଲଭାବରେ ଗୋପବନ୍ଧୁଙ୍କ ବିଷୟରେ କହିଲେ । ମଝିରେ ମଝିରେ ତାଙ୍କ କବିତାର କିଛି ଅଂଶ ବି ଉଦ୍ଧୃତ କରିବାକୁ ଭୁଲିନଥିଲେ । କହିସାରି ରୁମ୍ ଭିତରୁ ବାହାରିବାକୁ ଉଦ୍ୟତ ହେଉଥିବାବେଳେ, ପ୍ରଫେସର ସୁନ୍ଦରମ୍ ଡାକି ତାଙ୍କୁ କହିଲେ, 'ତୁମେ ପରୀକ୍ଷାରେ ଖୁବ୍ ଭଲ ଉତ୍ତର ଦେଇଛ । ଯେତେ ପିଲା ସାକ୍ଷାତକାର ଦେଇଛନ୍ତି ସମସ୍ତଙ୍କ ଅପେକ୍ଷା ତୁମେ ଭଲ କରିଛ, କିନ୍ତୁ ତୁମେ ଚାକିରି ପାଇବନି । କାହିଁକି ନା ତୁମ ନାଁରେ ବହୁତଗୁଡ଼ିଏ

Digitized by PPRACHIN, SOA

ପୁଲିସ୍ କେସ୍ ଅଛି ।' ଏହା ଶୁଣି ନନ୍ଦିନୀ ତାଙ୍କୁ ନମସ୍କାରଟିଏ ପକାଇ ଚୁପ୍‌ଚାପ୍ ଘରକୁ ଆସିଲେ । କାଳିନ୍ଦୀବାବୁ ତାଙ୍କୁ ଦେଖି ପଚାରିଲେ, 'କ'ଣ ହେଲା, ପରୀକ୍ଷାରେ ଭଲ କଲୁ ତ ?' ନନ୍ଦିନୀ କେବଳ ଉତ୍ତର ଦେଲେ, 'ତୁମେ ତ ପଛରୁ ଡାକିଲ, ଯାହା ହେବା କଥା ତାହାହିଁ ହେଲା !'

ଏତିକିରେ ଦବି ନ ଯାଇ ନନ୍ଦିନୀ ଚାକିରିଟିଏ ପାଇଁ ନିଜର ଉଦ୍ୟମ ଜାରି ରଖିଥାନ୍ତି । ୧୯୫୬ ମସିହାର କଥା । ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥାଆନ୍ତି ନବକୃଷ୍ଣ ଚୌଧୁରୀ । ସେତେବେଳେ ବିଧାନସଭା ଏବଂ ସଚିବାଳୟ ଦୁଇଟିଯାକ କଟକରେ ଥାଏ । ନବବାବୁ କିନ୍ତୁ ଭୁବନେଶ୍ୱରର ଛଅ ନମ୍ବରରେ ରହୁଥାନ୍ତି । ତାଙ୍କ ସହିତ କାଳିନ୍ଦୀବାବୁଙ୍କର ଉତ୍ତମ ପାରିବାରିକ ସମ୍ପର୍କ ଥାଏ । ନନ୍ଦିନୀ ଦିନେ ଭୁବନେଶ୍ୱର ଆସି ନବବାବୁଙ୍କୁ ତାଙ୍କ ଘରେ ଦେଖା କଲେ ଏବଂ ଅନୁରୋଧ କରି କହିଲେ, 'ବାପି, ମୋତେ କେଉଁଠି ଗୋଟେ କାମ ଦିଅନ୍ତୁ । ମୁଁ ଭୀଷଣ ଅସୁବିଧାରେ ଅଛି ।' ନବବାବୁ କହିଲେ, 'ତୁ ! ତୁ କି କାମ କରିବୁ ? ହଉ ଦେଖିବା, ତୁ ସେକ୍ରେଟାରୀଏଟ୍‌କୁ ଆସିବୁ ।' ନନ୍ଦିନୀ ମନେମନେ ଖୁସିହୋଇ କଟକ ଫେରିଯାଇଥିଲେ । ସେତେବେଳେ ସାଧାରଣ ଲୋକେ ସେକ୍ରେଟାରୀଏଟ୍‌କୁ ଯିବା ପାଇଁ ବର୍ତ୍ତମାନ ଭଳି ଏତେ କଟକଣା ନଥିଲା । ତେଣୁ ତା' ପରଦିନ ନନ୍ଦିନୀ ଯାଇ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରକୁ ଖବର ପଠାଇଲେ । ମୁଖ୍ୟମନ୍ତ୍ରୀ ମଧ୍ୟ ତାଙ୍କୁ ସଙ୍ଗେ ସଙ୍ଗେ ଡକାଇଲେ । ନନ୍ଦିନୀ ପୂର୍ବଦିନର କଥା ନବବାବୁଙ୍କୁ ସ୍ମରଣ କରାଇଦେଇ କହିଲେ, 'ମୋତେ ଆପଣ କହିଥିଲେ ଏଠାରେ ଦେଖା କରିବା ପାଇଁ ।' ନବବାବୁ କହିଲେ, 'ହଁ, ତୁ କୋରାପୁଟ ଯିବୁ ?' ନନ୍ଦିନୀ ଟିକିଏ ବି ଚିନ୍ତା ନ କରି ହଁ ଭରିଦେଲେ । ସେ ଏଭଳି ଆର୍ଥିକ ଦୁର୍ଗତିରେ ଥିଲେ ଯେ, ଚାକିରିଟିଏ ତାଙ୍କ ପାଇଁ ନିତାନ୍ତ ଜରୁରୀ ହୋଇପଡ଼ିଥିଲା । ସେ କହିଲେ, 'ଆପଣ ଯୁଆଡ଼େ ପଠାଇବେ ମୁଁ ସେଠାକୁ ଯିବାକୁ ରାଜି ଅଛି ।' ସେଇଠୁ ନବବାବୁ ତାଙ୍କୁ ସାମାନ୍ୟ ଭୟ ଦେଖାଇ ପୁଣି କହିଲେ, 'କୋରାପୁଟରେ ବଣ ଜଙ୍ଗଲ, ପାହାଡ଼ ପର୍ବତରେ ବୁଲିବାକୁ ପଡ଼ିବ, ଆଦିବାସୀ ଲୋକଙ୍କ ସଙ୍ଗେ ମିଶି କାମ କରିବାକୁ ପଡ଼ିବ, ଏ ସବୁ ତୁ ପାରିବୁ ?' ନନ୍ଦିନୀ ତ ନଛୋଡ଼ବନ୍ଧା । ସେ ଏଥିରେ ମଧ୍ୟ ସମ୍ମତି ପ୍ରଦାନ କଲେ । ନବବାବୁ ଅସୁବିଧାରେ ପଡ଼ିଗଲେ । କାରଣ ଅସଲ କଥାଟା ହେଲା ପ୍ରକୃତରେ ସେ ଚାହୁଁ ନଥିଲେ ନନ୍ଦିନୀଙ୍କୁ ଚାକିରି ଦେବାପାଇଁ । ତାଙ୍କର ପ୍ରତ୍ୟେକ କଥାରେ ନନ୍ଦିନୀ ରାଜି ହୋଇଯିବାର ଦେଖି ଅନନ୍ୟୋପାୟ ହୋଇ କହିଲେ, 'ହଁ ଯିବୁ ଯେ, ହେଲେ ଚାକିରିଟା ତତେ କେମିତି ଦେବି ? ତୋ ନାଁରେ ତ ବହୁତ ପୁଲିସ୍ କେସ୍ ଅଛି । ତତେ ଚାକିରି ଦେଇହେବନି ।'

Digitized by PPRACHIN, SOA

ନନ୍ଦିନୀଙ୍କ ଆଶା ନିରାଶାରେ ପରିଣତ ହେଲା । ପୂର୍ବଦିନର ସ୍ୱପ୍ନସବୁ ହଠାତ୍ ପାଣିଫୋଟକା ପରି ମିଳାଇ ଯିବାକୁ ବସିଲା । ତାଙ୍କୁ ପାଠ ପଢ଼ାଇଥିବା ପ୍ରଫେସର ସୁନ୍ଦରମ୍‌ଙ୍କଠାରୁ ଆରମ୍ଭ କରି ବାପାଙ୍କର ପାରିବାରିକ ବନ୍ଧୁ ତଥା ମହାମହିମ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ପର୍ଯ୍ୟନ୍ତ କେହି ଚାହୁଁନଥିଲେ ତାଙ୍କୁ ଚାକିରିଟିଏ ଦେବାପାଇଁ ପୁଲିସ୍ କେସ୍‌କୁ ଆଳ କରି । ହେଲେ ତାଙ୍କର ଦୋଷ କ'ଣ ସେକଥା କେହି ତାଙ୍କୁ ବୁଝାଇ ପାରିନଥିଲେ ବା ସେ ନିଜେ ବି କିଛି ବୁଝିପାରୁନଥିଲେ । ସେଦିନ ଖୁବ୍ ହତୋତ୍ସାହିତ ଅବସ୍ଥାରେ ନବବାବୁଙ୍କୁ ନମସ୍କାରଟିଏ ପକାଇ ଫେରିଆସିଥିଲେ ଘରକୁ । ପରେ ଦୃଢ଼ ନିଷ୍ପତ୍ତି ନେଇଥିଲେ ଯେ, ଜୀବନରେ ଯେତେ ଅଭାବ ଅସୁବିଧା ଆସୁ ପଛକେ ସେ ଆଉ କେବେ ଚାକିରି କରିବେ ନାହିଁ । ସେଇ ଟିଉସନ୍ ଜାରି ରଖି ଘରର ଆର୍ଥିକ ଅବସ୍ଥାକୁ ସୁଧାରିବା ସଙ୍ଗେ ସଙ୍ଗେ ସମାଜସେବା ପୂର୍ବବତ୍ ଚାଲୁ ରହିଲା । କଥାରେ ଅଛି, ଦଇବ ଦଉଡ଼ି ମଣିଷ ଗାଇ, ଯେଣିକି ଟାଣଇ ସେଣିକି ଯାଇ । ହେଲେ ଭାଗ୍ୟର ବିଡ଼ମ୍ବନା, ପରବର୍ତ୍ତୀ ସମୟରେ ନନ୍ଦିନୀ ସେହି ନବବାବୁଙ୍କ ମୁଖ୍ୟମନ୍ତ୍ରୀ ଚଉକିରେ ଥରେ ନୁହେଁ, ଦୁଇ ଦୁଇଥର ବସି ଓଡ଼ିଶାର ଶାସନ ଡୋରିକୁ ନିଜ ହାତମୁଠାରେ ଧରି ରଖିପାରିଥିଲେ ଏବଂ ଅନେକ ବେକାରଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରି ଜଣେ ଦୃଢ଼ ପ୍ରଶାସିକା ଭାବେ ଇତିହାସର ପୃଷ୍ଠା ମଣ୍ଡନ କରିଥିଲେ ।

⁂

Digitized by PPRACHIN, SOA

୭

ବ୍ରହ୍ମଦୈତ୍ୟକୁ ଡର : ଭାଇନାଙ୍କୁ ଡର

ନନ୍ଦିନୀ ପିଲାଟିଦିନରୁ ବହୁ ଦୁଃସାହସିକ କାର୍ଯ୍ୟ କରି ସମସ୍ତଙ୍କୁ ଚକିତ କରିଦେବା ସଙ୍ଗେ ସଙ୍ଗେ ଚର୍ଚ୍ଚିତ ମଧ୍ୟ ହୋଇଥିଲେ । ମାତ୍ର ସପ୍ତମ ଶ୍ରେଣୀରେ ପଢୁଥିବା ସମୟରେ ସବୁରି ଅଲକ୍ଷ୍ୟରେ ସ୍କୁଲର ପାଚେରୀ ଡେଇଁ ୧୯୪୨ର ଭାରତଛାଡ଼ ଆନ୍ଦୋଳନରେ ବାହାରିଥିବା ଶୋଭାଯାତ୍ରାରେ ନିଜକୁ ସାମିଲ କରି, ବିଦ୍ୟାଳୟର ପ୍ରଧାନଶିକ୍ଷକ ରହମତ୍ ଅଲ୍ଲୀଙ୍କଠାରୁ ଢେର ପ୍ରଶଂସା ପାଇଥିଲେ; ପୁଣି କକେଇ ଭଗବତୀଚରଣଙ୍କଠାରୁ ଗାଳି ବି ଶୁଣିଥିଲେ । ବ୍ରିଟିଶ ଶାସକଙ୍କୁ ହଟେଇବା ପାଇଁ କମ୍ୟୁନିଷ୍ଟମାନଙ୍କ ସହିତ ମିଶି ସାହସର ସହିତ ଲଢ଼େଇ କରିଥିଲେ, ଛାତ୍ରାବସ୍ଥାରେ ଅନେକ ଦୁଃସାହସିକ ପଦକ୍ଷେପ ନେଇ ସଫଳତା ପାଇବା ସହ ସାଥୀ ପିଲାଙ୍କର ପ୍ରିୟଭାଜନ ହୋଇଥିଲେ, ତେଣେ ନୀହାର ଭାଇନାଙ୍କଠାରୁ ଚଟକଣା ବି ଖାଇଥିଲେ । କୌଣସି ପରିସ୍ଥିତିରେ କେବେ କାହାରିକୁ ଭୟ ନ କରିବା ଥିଲା ତାଙ୍କ ଜୀବନର ଅନ୍ୟ ଏକ ବିଶେଷତ୍ୱ । ସାଥୀ ପିଲାଙ୍କ ତାଚ୍ଛଲ୍ୟ ସତ୍ତ୍ୱେ ଖଦଡ଼ ଫ୍ରକ୍ ପିନ୍ଧି ସ୍କୁଲକୁ ଯିବା, ଗାନ୍ଧୀଙ୍କ ସମ୍ପର୍କରେ ଟିକିନିଖି ଖବର ରଖିବା ଏବଂ ତାଙ୍କଠାରୁ ସାନ ଏବଂ ବଡ଼ ପିଲାମାନଙ୍କୁ ଏକାଠି କରି ଯୁଦ୍ଧ କରିବା ଶୈଳୀରେ ପ୍ୟାରେଡ୍ କରାଇବା ପର୍ଯ୍ୟନ୍ତ ସବୁକିଛି ନିର୍ଭୟରେ ସେ କରିଚାଲିଥିଲେ । ତାଙ୍କ ଛୋଟବେଳର ଏହି ସାହସିନୀପଣ ସେତେବେଳେ ମୁକ୍ତିଯୋଦ୍ଧାମାନଙ୍କୁ ବି ଆକର୍ଷିତ କରିଥିଲା । ହେଲେ ଦୁଇଜଣ ବ୍ୟକ୍ତିଙ୍କ ନିକଟରେ ସେ ତାଙ୍କର ସମସ୍ତ ସାହସକୁ ହରେଇ ବସୁଥିଲେ । ସେମାନଙ୍କ ମଧ୍ୟରୁ ଜଣେ ହେଲେ ତାଙ୍କ ଦଦେଇଙ୍କ ପୁଅ ଭାଇ ନୀହାର ରଞ୍ଜନ ପାଣିଗ୍ରାହୀ ଏବଂ ଅନ୍ୟଜଣେ ହେଲେ କାଳ୍ପନିକ ଅଦୃଶ୍ୟ ଦାନବ ବ୍ରହ୍ମଦୈତ୍ୟ ।

Digitized by PPRACHIN, SOA

ପିଲାଟି ଦିନରୁ ନନ୍ଦିନୀ ଖୁବ୍ ଦୁଷ୍ଟାମୀ ଆରମ୍ଭ କରିଦେଇଥିଲେ । ତାଙ୍କୁ କେହି ଟାଣକରି ପଦେ କଥା କହିଦେଲେ, ସେ ରାଗିଯାଇ ଘରର ଜିନିଷପତ୍ର ଫିଙ୍ଗା ଫୋପଡ଼ା କରୁଥିଲେ । ନିଜେ ରାଗିଗଲେ ଅନ୍ୟଙ୍କୁ ଆକ୍ରମଣ କରିବା ବଦଳରେ ସେ ନିଜକୁ କଷ୍ଟ ଦେଇ ଶାନ୍ତ ହେବା ତାଙ୍କ ଶୈଶବର ଅନ୍ୟ ଏକ ଲକ୍ଷଣ ଥିଲା । ଖୁବ୍ କମ୍ ବୟସରୁ ବଡ଼ମାନଙ୍କ ପରି ଆଚରଣ କରି ପରିବାରର ଅନ୍ୟମାନଙ୍କୁ ଆଶ୍ଚର୍ଯ୍ୟ କରିଦେଉଥିଲେ । କାହାରିଠାରୁ 'ନା' ଶୁଣିବାରେ ସେ ଅଭ୍ୟସ୍ତ ନଥିଲେ । ଏ ସବୁ ସତ୍ତ୍ୱେ ତାଙ୍କ ଭିତରେ ଥିବା ସହଜାତ ନେତୃତ୍ୱର ପରିପ୍ରକାଶ ପ୍ରଥମରୁ ହିଁ ଫୁଟି ଉଠିଥିଲା । ଯାହାଫଳରେ ତାଙ୍କର ଦୁଷ୍ଟାମୀକୁ ସମସ୍ତେ ସହିଯାଉଥିଲେ । ହେଲେ ନୀହାର ଭାଇନାଙ୍କୁ ତାଙ୍କର ଭୀଷଣ ଡର ଥିଲା । ସେ ଯେତେ ରାଗିଥାନ୍ତୁ, କି ଦୁଷ୍ଟାମୀ କରୁଥାନ୍ତୁ, ହଠାତ୍ ଯଦି ନୀହାର ଭାଇନା ଘର ଭିତରକୁ ପଶିଆସିଲେ, ତାଙ୍କ ଦୁଷ୍ଟାମୀ ସଙ୍ଗେ ସଙ୍ଗେ ପାଣି ପରି ମିଳେଇ ଯାଉଥିଲା । ସୁନାପିଲା ପରି ଏକବାରେ ଚୁପ୍ ପଡ଼ିଯାଉଥିଲେ । ନୀହାର ଭାଇନାଙ୍କ ପ୍ରତି ଭକ୍ତି ମିଶ୍ରିତ ଭୟ ତାଙ୍କର ସବୁବେଳେ ରହିଥିଲା । କଲେଜ ପିଲାମାନଙ୍କର ଦରମା ବୃଦ୍ଧି ପ୍ରତିବାଦରେ ଛାତ୍ର ଆନ୍ଦୋଳନବେଳେ ତାଙ୍କଠାରୁ ଚଟକଣା ଖାଇଥିବା କଥା ଜୀବନର ଶେଷ ପର୍ଯ୍ୟନ୍ତ ତାଙ୍କର ସ୍ମୃତିକୁ ଉଜ୍ଜୀବିତ କରି ରଖିଥିଲା । ତା'ଛଡ଼ା ପିଲାଦିନେ ସ୍କୁଲ ଛୁଟି ହେବା ମାତ୍ରକେ ନନ୍ଦିନୀ ନିଜ ଗାଁ ବିଶ୍ୱନାଥପୁର ଚାଲିଯାଇ ସେଠାରେ ଆରମ୍ଭ କରିଦେଉଥିଲେ ଅଭିନବ ପ୍ରକାରର ଦୁଷ୍ଟାମୀ ସବୁ । ସମସ୍ତଙ୍କ ଅଲକ୍ଷ୍ୟରେ ବାଡ଼ିପଟେ ଲୁଚି ବାଉରିସାହିକୁ ଚାଲିଯାଇ ସେମାନଙ୍କ ପିଲାମାନଙ୍କୁ ପାଠ ପଢ଼ାଇବା ସହିତ, ଜମିଦାରମାନଙ୍କ ବିରୋଧରେ ମତେଇବା ଥିଲା ତାଙ୍କର ପିଲାଦିନର ମୁଖ୍ୟ କାର୍ଯ୍ୟ । ଗାଁରେ ଏ ମୁଣ୍ଡରୁ ସେ ମୁଣ୍ଡ ବୁଲିବା ଦେଖି ନୀହାର ଭାଇନା ରାଗିକରି କହିବେ, 'ଏଇଟା ଗୋଟାଏ ଦାଣ୍ଡବୁଲା କୁତୀ ।' ନନ୍ଦିନୀଙ୍କୁ କିନ୍ତୁ ଏଭଳି ଗାଳି ବିଶେଷ ଭାବରେ ପ୍ରଭାବିତ କରିପାରିନଥିଲା । କୌଣସି ନିନ୍ଦା, ପ୍ରଶଂସା ପ୍ରତି ତାଙ୍କର ଖାତିର ବି ନଥିଲା । କେବଳ ଯାହା ଭାଇନାଙ୍କ ପ୍ରତି ମନ ଭିତରେ ପ୍ରବଳ ଡର ଥିଲା ।

ନନ୍ଦିନୀ ଅନ୍ୟାୟ, ଅନୀତି ବିରୋଧରେ ଆନ୍ଦୋଳନ କରି ପୁଲିସ୍‌ଠାରୁ ମାଡ଼ ଖାଇ ଲହୁଲୁହାଣ ହୋଇଛନ୍ତି, ଅନେକବାର ଜେଲ୍ ବି ଯାଇଛନ୍ତି, ହେଲେ ଏହି ମୁକ୍ତିକାମୀ ଝିଅକୁ କେଉଁ ଆଦେଶନାମା କେବେ ବି ବାନ୍ଧି ରଖିପାରିନାହିଁ କିମ୍ବା କୌଣସି ଡର, ଭୟରେ ସେ ଆତଙ୍କିତ ହୋଇଯାଇନାହାନ୍ତି । କିନ୍ତୁ ପ୍ରଥମଥର ପାଇଁ ବ୍ରହ୍ମଦୈତ୍ୟ ନିକଟରେ ସେ ଖୁବ୍ ଡରିଯାଇଥିଲେ । କକେଇ ଭଗବତୀଚରଣ ପାଣିଗ୍ରାହୀଙ୍କ ଆଦର୍ଶରେ ଉଦ୍‌ବୁଦ୍ଧ ନନ୍ଦିନୀ କମ୍ୟୁନିଷ୍ଟମାନଙ୍କ ସହ ମିଶି ଆନ୍ଦୋଳନ କରି ସେତେବେଳେ କଟକ ଜେଲ୍‌ରେ

Digitized by PPRACHIN, SOA

ବନ୍ଦିନୀ । ବନ୍ଦୀମାନଙ୍କ ଭିତରେ ସେ କେବଳ ସର୍ବକନିଷ୍ଠା ନଥିଲେ, ଜେଲ୍‌ର ଯେଉଁ କୋଠରୀ ମଧ୍ୟରେ ରହୁଥିଲେ ସେଠାରେ ମଧ୍ୟ ସେ ଥିଲେ ଏକାକିନୀ । ଜେଲ୍ କୋଠରୀର ନିଃସଙ୍ଗତାରେ ଅସ୍ଥିର ନନ୍ଦିନୀ ରାତିରେ ତାଙ୍କ କୋଠରୀ ସମ୍ମୁଖରେ ଅନେକ ରାତ୍ରି ଯାଏଁ ବୁଲାବୁଲି କରିବା ସହିତ, ଅନେକ ସମୟ ଯାଏଁ ଚିନ୍ତାମଗ୍ନ ହୋଇ ବସିରହିବା ଜେଲ୍ କର୍ତ୍ତୃପକ୍ଷ ତଥା ସହଯୋଗୀ ବନ୍ଦୀମାନଙ୍କୁ ଖୁବ୍ ଚିନ୍ତାରେ ପକାଇଥାଏ । କାରଣ ଏହି ବିସ୍ମୟ ବାଳିକା କେତେବେଳେ ଯେ କ'ଣ କରିବସିବ, ତାହା ଜାଣିବା କାହାରି ପକ୍ଷରେ ସମ୍ଭବ ନଥିଲା । ତେଣୁ ତାଙ୍କର ଏହି ରାତି ବୁଲାକୁ ବନ୍ଦ କରିବା ପାଇଁ ସେମାନେ ନାନା ଉପାୟ ଚିନ୍ତା କରୁଥିଲେ । ଦିନେ ଜେଲ କର୍ତ୍ତୃପକ୍ଷ ତାଙ୍କୁ ଡାକି କହିଲେ, ରାତି ହେଲେ ଜେଲ୍‌ର ପାଚେରୀ ଉପରେ ଗୋଟାଏ ବ୍ରହ୍ମଦୈତ୍ୟ ଆସି ବସେ । ଆଉ ସେ ଯେପରି ଭାବରେ ବ୍ରହ୍ମଦୈତ୍ୟର ଆକାର ପ୍ରକାର ବର୍ଣ୍ଣନା କଲେ ସେଥିରେ ନନ୍ଦିନୀ ଭୀଷଣ ଭାବରେ ଭୟଭୀତ ହୋଇଗଲେ । ଯେଉଁ ଝିଅର ବ୍ରିଟିଶ୍‌ମାନଙ୍କୁ ଡର ନଥିଲା, ପୁଲିସ୍ ଗୁଳିକୁ ଭ୍ରୂକ୍ଷେପ ନଥିଲା, ସେ ହଠାତ୍ ବ୍ରହ୍ମଦୈତ୍ୟକୁ ଡରିବାକୁ ଲାଗିଲା । ତହିଁ ପରଠାରୁ ସନ୍ଧ୍ୟା ହେବାମାତ୍ରକେ ସେଇ ଜେଲ୍ କୋଠରୀ ଭିତରେ ଆଖି ବନ୍ଦକରି ଶୋଇପଡୁଥିଲେ ନନ୍ଦିନୀ ସକାଳ ହେବା ପର୍ଯ୍ୟନ୍ତ । ଅସ୍ଥିର ମନରେ ଯଦି କେତେବେଳେ କେମିତି କବାଟ ଖୋଲନ୍ତି ବାହାରକୁ ଯିବାପାଇଁ, ତାଙ୍କ ଆଖିରେ ପଡ଼ିଯାଏ ଜେଲ୍‌ର ପାଚେରୀ ଏବଂ ତା' ଉପରେ ବସିଥିବା ମିଛିମିଛିକା ବ୍ରହ୍ମଦୈତ୍ୟର ଏକ କାଳ୍ପନିକ ରୂପକଳ୍ପ । ବାସ୍, ଆଉ ସାହସ କରିପାରନ୍ତିନି ସେ ବାହାରକୁ ଯିବାପାଇଁ ।

⁂

Digitized by PPRACHIN, SOA

୮

ପିଠାପୁରରୁ ନର୍ଥ ଆଭେନ୍ୟୁ

୧୯୬୧ ମସିହାର ପ୍ରାରମ୍ଭରେ ପ୍ରଦେଶ କଂଗ୍ରେସ କମିଟିର ସଭାପତି ପଦରୁ ବନମାଳୀ ପଟ୍ଟନାୟକଙ୍କ ଇସ୍ତଫା ପ୍ରଦାନ ପରେ, ଏହି ପଦବୀକୁ ନିର୍ବାଚିତ ହୋଇଥିଲେ ବିଜୁ ପଟ୍ଟନାୟକ । ଏଠାରେ ଉଲ୍ଲେଖନୀୟ ଯେ, ଏହା ପୂର୍ବରୁ ଅର୍ଥାତ୍ ୧୯୫୭ର ରାଜ୍ୟ ବିଧାନସଭା ନିର୍ବାଚନରେ କୌଣସି ଦଳଙ୍କୁ ସଂଖ୍ୟାଗରିଷ୍ଠତା ନ ମିଳିବାରୁ, କିଛି ସ୍ୱାଧୀନ ପ୍ରାର୍ଥୀଙ୍କୁ ନେଇ କଂଗ୍ରେସ ଦଳ ହରେକୃଷ୍ଣ ମହତାବଙ୍କ ନେତୃତ୍ୱରେ ଏକ ସଂଖ୍ୟାଲଘୁ ସରକାର ଗଠନ କରିଥିଲା । ମାତ୍ର ସରକାରରେ ଅଚଳାବସ୍ଥା ସୃଷ୍ଟି ହେବାରୁ ପରବର୍ତ୍ତୀ ସମୟରେ ବିରୋଧୀଦଳ ଥିବା ଗଣତନ୍ତ୍ର ପରିଷଦ ସହିତ ମିଶି ୧୯୫୯ ମସିହା ମେ ମାସରେ ପ୍ରଥମଥର ପାଇଁ ଏକ ମିଳିତ ସରକାର ଗଠନ ହେଲା, ଯେଉଁଥିରେ ବିଜୁ ପଟ୍ଟନାୟକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । କିନ୍ତୁ ଚତୁର ମହତାବ, ବୀରେନ୍ ମିତ୍ର ଏବଂ ବିଜୁବାବୁଙ୍କୁ ମନ୍ତ୍ରିମଣ୍ଡଳରେ ନ ନେଇ ନିଜର ଗାଦୀ ରକ୍ଷା କରିବା ପାଇଁ ଗଣତନ୍ତ୍ର ପରିଷଦର ରାଜାରାଜୁଡ଼ାମାନଙ୍କୁ ଗୁରୁତ୍ୱ ଦେବା ସହ କଂଗ୍ରେସ ସାଥୀମାନଙ୍କ ଠାରୁ ନିଜର ବିଶ୍ୱାସ ହରାଇଲେ । ଫଳରେ ମହତାବଙ୍କ ରାଜନ୍ୟ ପ୍ରୀତିକୁ ନାପସନ୍ଦ କରି ବିଜୁ ପଟ୍ଟନାୟକ କଂଗ୍ରେସ ସଂଗଠନକୁ ମଜବୁତ୍ କରିବା ପାଇଁ କିଛି ଯୁବନେତାମାନଙ୍କୁ ଏକାଠି କରି ଏକ ସଂଗଠନ ଗଢ଼ିବାରେ ସଫଳ ହୋଇଥିଲେ । ନିଜ ଦଳ ଭିତରେ ବିରୋଧର ସମ୍ମୁଖୀନ ହୋଇ ମହତାବ, ସରକାର ଆଉ ବେଶୀଦିନ ଚଳାଇ ରଖିବା ଅସମ୍ଭବ ମନେକରି ଫେବୃୟାରୀ ଶେଷ ସପ୍ତାହରେ ଅନୁଷ୍ଠିତ ବିଧାନସଭା ଅଧିବେଶନରେ ବଜେଟ୍ ଉପସ୍ଥାପିତ ନ କରି ଏକ ସାମ୍ବିଧାନିକ ସଂକଟ ସୃଷ୍ଟି କଲେ, ଯାହାଫଳରେ ପ୍ରଥମଥର ପାଇଁ ଓଡ଼ିଶାରେ ରାଷ୍ଟ୍ରପତି ଶାସନ ଜାରି ହୋଇଥିଲା । ଶେଷରେ ବିଜୁ

Digitized by PPRACHIN, SOA

ପଟ୍ଟନାୟକ ଏବଂ ହରେକୃଷ୍ଣ ମହତାବଙ୍କ ବିବାଦ ଭିତରେ ହିଁ ବର୍ଷକ ପୂର୍ବରୁ ଅର୍ଥାତ୍ ୧୯୬୧ ମସିହା ଫେବୃୟାରୀ ମାସରେ ବିଧାନସଭା ଭଙ୍ଗହୋଇ ଏକ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନକୁ ଆମନ୍ତ୍ରଣ କରାଗଲା । ତତ୍‌ପରେ ପ୍ରଦେଶ କଂଗ୍ରେସ କମିଟିର ନୂତନ ସଭାପତି ବିଜୁ ପଟ୍ଟନାୟକଙ୍କ ନେତୃତ୍ୱରେ ଜୁନ୍ ମାସରେ ନିର୍ବାଚନ ଅନୁଷ୍ଠିତ ହେଲା ଏବଂ ଏଥିରେ କଂଗ୍ରେସ ଦଳ ୮୨ଟି ଆସନ ଲାଭ କରି ଆଶାତୀତ ସଫଳତା ହାସଲ କରିଥିଲା । ଏହି ବିଜୟରେ ଅତ୍ୟନ୍ତ ଉଲ୍ଲସିତ ବିଜୁବାବୁ ସେ ସମୟରେ ଏକ ଅରୁଚିକର ମନ୍ତବ୍ୟ ପ୍ରଦାନ କରିଥିବାର ଲୋକମୁଖରୁ ଶୁଣିବାକୁ ମିଳିଥାଏ–"ଦଶ ଲକ୍ଷ ଟଙ୍କା ଖର୍ଚ୍ଚ କରି ମୁଖ୍ୟମନ୍ତ୍ରୀ ହେଲି, ଦୁଇକୋଟି ଖର୍ଚ୍ଚ କଲେ ପ୍ରଧାନମନ୍ତ୍ରୀ ହେବି", ଏହି କଥାଟି ସେତେବେଳେ ବହୁଚର୍ଚ୍ଚିତ ହେବା ସହ ତାଙ୍କୁ ବିବଦମାନ କରିଥିଲା ।

ସେ ଯାହାହେଉ, ଏହି ନିର୍ବାଚନରେ ନନ୍ଦିନୀ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ପ୍ରଚାର କାର୍ଯ୍ୟରେ ଦିନରାତି ପ୍ରାଣମୂର୍ଚ୍ଛା ଲାଗିପଡ଼ିଥିଲେ । ନିର୍ବାଚନ ଶେଷରେ ବିଜୁବାବୁ ସରକାର ଗଢ଼ିବା ପାଇଁ ତତ୍ପର ହେଉଥିବାବେଳେ, ପ୍ରଚାର କାର୍ଯ୍ୟରୁ ଅବ୍ୟାହତି ନେଇ ନନ୍ଦିନୀ ସପରିବାର ଜଗନ୍ନାଥ ଦର୍ଶନ ନିମନ୍ତେ ପୁରୀ ଯିବା ବାଟରେ ସାକ୍ଷୀଗୋପାଳ ନିକଟରେ ଏକ ଭୟଙ୍କର ଦୁର୍ଘଟଣାର ସମ୍ମୁଖୀନ ହେଲେ । ସେ ଯେଉଁ ଜିପ୍‌ରେ ଯାଉଥିଲେ ସେଥିରେ ଥିଲେ ତାଙ୍କ ସ୍ୱାମୀ ଦେବେନ୍ଦ୍ର ଶତପଥୀ, ବଡ଼ପୁଅ ନଚିକେତା (୧୧ ବର୍ଷ), ସାନପୁଅ ତଥାଗତ (୬ ବର୍ଷ), ସତ୍ୟବାଦୀ ମିଶ୍ର ଏବଂ ମାଳତୀ ମହାପାତ୍ର । ଦୁର୍ଘଟଣାର ଭୟାବହତା ଏତେ ଥିଲା ଯେ, ଜିପ୍‌ଟି ଗଡ଼ି ଗଡ଼ି ଯାଇ ରାସ୍ତା କଡ଼ରେ ଥିବା ଏକ ଗଛରେ ଅଟକି ରହିଥିଲା । ଗଛଟି ନଥିଲେ ବୋଧହୁଏ କେହି ବଞ୍ଚିବା ସମ୍ଭବ ହୋଇନଥାନ୍ତା । କାରଣ ରାସ୍ତାଠାରୁ ଭୂମି ଥିଲା ପ୍ରାୟ ତିରିଶ କି ଚାଳିଶ ଫୁଟ ଗଭୀର । ଦୁର୍ଘଟଣାରେ ଦୁଇପୁଅଙ୍କର ମୁଣ୍ଡ ଫାଟି ରକ୍ତ ଝରୁଥାଏ ଏବଂ ନନ୍ଦିନୀଙ୍କର ଗୋଟିଏ ଗୋଡ଼ ଭାଙ୍ଗିଯାଇ ଅସୁବିଧାଜନକ ଭାବରେ ଗାଡ଼ିର ଏକ ପାର୍ଶ୍ୱରେ ଲାଗିଯାଇଥାଏ । ତା'ଛଡ଼ା ତାଙ୍କର ଆଖିପତାଟି ଫାଟି ଯିବା ସହିତ ମୁଣ୍ଡଟି ଆଗସିଟ୍‌ର ଲୁହା ରଡ୍ ଭିତରେ ଏପରି ଭାବେ ପଶିଯାଇଥାଏ ଯେ, ବହୁତ କଷ୍ଟରେ ସେ ରଡ୍ ଭିତରୁ ତାଙ୍କୁ ବାହାର କରାଯାଇଥିଲା । ଅନ୍ୟମାନେ ଆଶ୍ଚର୍ଯ୍ୟଜନକ ଭାବେ ରକ୍ଷା ପାଇଯାଇଥାନ୍ତି । ନନ୍ଦିନୀଙ୍କୁ ଗାଡ଼ିରୁ ବାହାର କରିଆଣି ଯେତେବେଳେ ଏକ ପଡ଼ିଆରେ ଶୁଆଇ ଦିଆଗଲା, ସେତେବେଳେ ସେ ବାରମ୍ବାର ପଚାରୁଥାଆନ୍ତି ଯେ, ମାଳତୀର କିଛି ହୋଇନି ତ ? ଏତିକି କହି ସେ ଚେତାଶୂନ୍ୟ ହୋଇଗଲେ । ସେହି ସମୟରେ ପୁରୀଆଡୁ ଏକ ଫାଙ୍କା ବସ୍‌ଟିଏ ଆସୁଥାଏ । ସେ ବି ଏଭଳି ଭୟଙ୍କର ଦୁର୍ଘଟଣା ଦେଖି ସ୍ୱତଃସ୍ଫୂର୍ତ୍ତ ଭାବେ

Digitized by PPRACHIN, SOA

ଅଟକିଗଲା । ସ୍ଥାନୀୟ ଲୋକମାନେ ସେହି ବସ୍ ସାହାଯ୍ୟରେ ଏମାନଙ୍କୁ ନେଇ ସାକ୍ଷୀଗୋପାଳ ସରକାରୀ ଡାକ୍ତରଖାନାରେ ପହଞ୍ଚାଇଲେ । ସେଠାରେ ମୁଖ୍ୟ ଡାକ୍ତର ଥାଆନ୍ତି ରାଧାନାଥ ରଥଙ୍କ ଜ୍ୱାଇଁ ସୋମନାଥ ମହାପାତ୍ର । ସେ ତତ୍‌କ୍ଷଣାତ ଚିକିତ୍ସା ଆରମ୍ଭ କରିଦେଲେ । ଦୁଇପୁଅଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡ଼ିଦେଇ ନନ୍ଦିନୀଙ୍କୁ ଆଡ୍‌ମିଶନ କରାଗଲା । ଏତିକିବେଳେ ନନ୍ଦିନୀ ଚେତା ଫେରିପାଇ ସୋମନାଥବାବୁଙ୍କୁ ବିବ୍ରତ ହୋଇ ପଚାରୁଥାଆନ୍ତି, 'ଆଜ୍ଞା ! ଆପଣ ତ ଏଠି ଡାକ୍ତର ଅଛନ୍ତି, କହିଲେ, ମୁଁ କ'ଣ ମରିଯିବି ? ମୋର କ'ଣ ହୋଇଛି ?' ସୋମନାଥବାବୁ ତାଙ୍କୁ ଦମ୍ଭ ଦେଇ କହୁଥାଆନ୍ତି, 'ତୁମର କିଛି ତ ହେଇନି ! ଗୋଡ଼ଟା ବୋଧେ ଭାଙ୍ଗିଯାଇଛି, ସେ ଠିକ୍ ହୋଇଯିବ । ଆଉ କ'ଣ ଗୋଟାଏ ହେବ ?'

ସେଇ ସାକ୍ଷୀଗୋପାଳରୁ କେହି ଜଣେ କାଳିନ୍ଦୀଚରଣଙ୍କୁ ଫୋନ୍ କରି ଏ ବିଷୟ ଜଣାଇଦେଲେ । ସେତେବେଳେକୁ ସେ ଏବଂ ରତ୍ନମଣିଦେବୀ ଖାଇ ବସିଥିଲେ । ସେମାନେ କାଳବିଳମ୍ବ ନ କରି ସାକ୍ଷୀଗୋପାଳ ଡାକ୍ତରଖାନାରେ ଆସି ପହଞ୍ଚିଥିଲେ । ତହିଁପରଦିନ ସକାଳୁ ସକାଳୁ କେଉଁଠୁ ଖବର ପାଇ ବିଜୁବାବୁ ଗୋଟାଏ ଆମ୍ବୁଲାନ୍‌ସ ଧରି ଡାକ୍ତରଖାନାରେ ହାଜର ହୋଇଗଲେ ଏବଂ ସଙ୍ଗେ ସଙ୍ଗେ ନନ୍ଦିନୀଙ୍କୁ କଟକ ବଡ଼ ଡାକ୍ତରଖାନାକୁ ନେଇଆସିଲେ । ବାଟରେ ଏଇ ଅବସ୍ଥାରେ ବି ନନ୍ଦିନୀଙ୍କୁ ରାଗିକରି କହୁଥାନ୍ତି, 'ମୁଁ କାଲି ଓଥ୍ (ଶପଥ) ନେବି, ତୋର ଆକ୍ସିଡେଣ୍ଟ ହୋଇଗଲା ?'

ସେହି ଦୁର୍ଘଟଣାରେ ନନ୍ଦିନୀ କଟକ ବଡ଼ଡାକ୍ତରଖାନାରେ ପଡ଼ିଲେ ଛଅମାସ କାଳ, ଯେଉଁଥିରେ କି ତାଙ୍କର ମୁଣ୍ଡର ଚୁଟି ସବୁ ପାଚିଗଲା । ବିଜୁବାବୁ ନିୟମିତ କଟକ ଯାଇ ତାଙ୍କର ସ୍ୱାସ୍ଥ୍ୟ ସମ୍ପର୍କରେ ବୁଝୁଥାନ୍ତି । ଡକ୍ଟର ଖାଡ଼େଙ୍ଗା ନନ୍ଦିନୀଙ୍କ ଚିକିତ୍ସା ଦାୟିତ୍ୱରେ ଥାନ୍ତି । ଦିନେ ବିଜୁବାବୁ ତାଙ୍କ ଉପରେ ରାଗି କହିଲେ, 'କ'ଣ ଗୋଟାଏ ଗୋଡ଼ ଭାଙ୍ଗିଯାଇଛି, ତୁମେ ତାକୁ ଭଲ କରିପାରୁନାହଁ ? ତାଙ୍କୁ ରେଫର୍ କରିଦିଅ, ମୁଁ ତାଙ୍କୁ ଷ୍ଟେଟ୍‌ସକୁ ପଠାଇଦେବି ।' ପରେ ଅବଶ୍ୟ ସେଇ କଟକ ଡାକ୍ତରଖାନାରେ ହିଁ ତାଙ୍କର ନେଲ୍ ଟୁ ନେଲ୍ ଯୋଡ଼ାଯାଇ ଅଣ୍ଟା ପର୍ଯ୍ୟନ୍ତ ପ୍ଲାଷ୍ଟର ହୋଇଥିଲା ।

ସେଇ ଡାକ୍ତରଖାନାରେ ହିଁ ଦିନେ ବିଜୁବାବୁ, ନନ୍ଦିନୀଙ୍କୁ କହିଲେ, 'ତୁ ରାଜ୍ୟସଭାକୁ ଯିବୁ ।' ଏହି ପ୍ରସ୍ତାବ ଶୁଣି ନନ୍ଦିନୀ କହିଥିଲେ, 'ମୁଁ ସେଠାକୁ ଯାଇ କ'ଣ କରିବି ? ରାଜ୍ୟସଭାକୁ ତ ବୁଢ଼ାଲୋକମାନେ ଯାଆନ୍ତି । ମୁଁ ଏଇଠି ରହିବି ।'

'ଏଠି କ'ଣ କରିବୁ ?'

Digitized by PPRACHIN, SOA

'ତୁମେ ଯେଉଁଠି ବସିଛ ମୁଁ ସେଇଠି ବସିବି (ମୁଖ୍ୟମନ୍ତ୍ରୀ ଚଉକିରେ) ।'

ନନ୍ଦିନୀଙ୍କ କଥା ଶୁଣି ବିଜୁବାବୁ ମୁରୁକି ହସି କହିଲେ, 'ସଞ୍ଜୀବ ରେଡ୍ଡି ମତେ କହିଛନ୍ତି ତୋ ନାଁଟା ରାଜ୍ୟସଭା ପଦ ପାଇଁ ରେକମଣ୍ଡେସନ୍ କରି ପଠାଇବାକୁ । ତେଣୁ ତୋତେ ରାଜ୍ୟସଭାକୁ ଯିବାକୁ ପଡ଼ିବ ।'

ସେଦିନ କଥା ସେତିକିରେ ରହିଲା ।

ସ୍ୱାସ୍ଥ୍ୟରେ ସାମାନ୍ୟ ଉନ୍ନତି ଆସିବା ପରେ ନନ୍ଦିନୀ ଫେରିଥିଲେ ପିଠାପୁରସ୍ଥିତ ନିଜର ଘରକୁ । ଗୋଡ଼ଟି ସେଯାଏଁ ସମ୍ପୂର୍ଣ୍ଣ ଭଲ ହୋଇନଥାଏ, ଫଳରେ ଗୋଟିଏ ଗୋଡ଼ରେ ଛୋଟେଇ ଛୋଟେଇ ସେଇ ଘର ଭିତରେ ହିଁ ସେ ଯାହା ଚଲାବୁଲା କରୁଥାନ୍ତି । ବାହାରର କୌଣସି ଖବର ଜାଣିବାର ଉପାୟ ନଥିଲା କି ସମ୍ଭବ ମଧ୍ୟ ନଥିଲା ତାଙ୍କ ପକ୍ଷରେ । କିନ୍ତୁ ମେଡିକାଲରେ ଥିବାବେଳେ ରାଜ୍ୟସଭା ପ୍ରାର୍ଥୀ ନିମନ୍ତେ ତାଙ୍କର ପ୍ରାର୍ଥୀପତ୍ର ଦାଖଲର ସମସ୍ତ ବନ୍ଦୋବସ୍ତ ବିଜୁବାବୁ କରି ତାଙ୍କଠାରୁ ଆବଶ୍ୟକୀୟ ଦସ୍ତଖତ ନେଇଯାଇଥିଲେ । ଡାକ୍ତରଖାନାରୁ ଘରକୁ ଫେରିବାର ଠିକ୍ ଦୁଇମାସ ପରେ ହଠାତ୍ ପିଠାପୁର ଠିକଣାରେ ରାଜ୍ୟସଭା ସେକ୍ରେଟାରୀଏଟ୍‌ରୁ ଏକ ଚିଠି ଆସି ପହଞ୍ଚିଲା; ଯେଉଁ ଚିଠିରେ ସେ ରାଜ୍ୟସଭାର ସଭ୍ୟା ଭାବରେ ଶପଥ ନେବାକୁ ନିର୍ଦ୍ଦେଶିତ ହୋଇଥିଲା । ଘଟଣାକ୍ରମେ ଏ.ଆଇ.ସି.ସି.ର ସଭାପତି ସଂଜୀବ ରେଡ୍ଡିଙ୍କ ନିର୍ଦ୍ଦେଶ କ୍ରମେ ବିଜୁବାବୁ ନନ୍ଦିନୀଙ୍କ ନାମଟି ରାଜ୍ୟସଭା ପ୍ରାର୍ଥୀ ନିମନ୍ତେ ଅନୁମୋଦନ କରି ପଠାଇ ଦେଇଥିଲେ । ବିଧାନସଭାରେ କଂଗ୍ରେସ ଦଳର ସଂଖ୍ୟା ଗରିଷ୍ଠତା ଥିବା ଯୋଗୁଁ ସେ ନିର୍ବାଚିତା ମଧ୍ୟ ହୋଇଥିଲେ ।

ଚିଠିଟି ପାଇବା ପରେ ଦିଲ୍ଲୀ ଯିବାପାଇଁ ସେ ସଜବାଜ ହେଲେ । ହେଲେ ଗୋଡ଼ଟି ତାଙ୍କର ସମ୍ପୂର୍ଣ୍ଣ ରୂପେ ଭଲ ହୋଇନଥାଏ । ଭଙ୍ଗା ଗୋଡ଼ଟିକୁ ଘୋଷାରି ଘୋଷାରି ଚାଲୁଥାନ୍ତି । କିନ୍ତୁ ଯାହାହେଲେ ବି ତ ଦିଲ୍ଲୀ ଯିବାକୁ ହେବ । ସେଇଠୁ ଦେବେନ୍ଦ୍ର ଶତପଥୀଙ୍କୁ ସାଙ୍ଗରେ ଧରି ସେମିତି ଛୋଟେଇ ଛୋଟେଇ ଟ୍ରେନ୍ ଯୋଗେ ଯାଇ ଦିଲ୍ଲୀରେ ପହଞ୍ଚିଲେ । ୧୯୬୨ ମସିହାର ଏଇ ଶୁଭଲଗ୍ନରୁ ହିଁ ବାସ୍ତବରେ ନନ୍ଦିନୀ ପ୍ରତ୍ୟକ୍ଷ ରାଜନୈତିକ ମହାସ୍ରୋତରେ ଲମ୍ଫ ପ୍ରଦାନ କରିଥିଲେ । ତାଙ୍କର ଏହି ମହାଯାତ୍ରାର ଶୁଭାରମ୍ଭ କରିଥିଲେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଏବଂ ଅଖିଳ ଭାରତ କଂଗ୍ରେସ କମିଟିର ସଭାପତି ସଂଜୀବ ରେଡ୍ଡି । ଅବଶ୍ୟ ବିଧାନସଭା ନିର୍ବାଚନରେ କଂଗ୍ରେସ ପାଇଁ ପ୍ରାଣମୂର୍ଚ୍ଛା ପ୍ରଚାର ଚଳେଇ ଶେଷରେ ଦୁର୍ଘଟଣାଗ୍ରସ୍ତ ହୋଇ ସବୁଦିନ ପାଇଁ ଗୋଟିଏ ଗୋଡ଼ ଛୋଟା କରିଦେଇଥିଲେ ନନ୍ଦିନୀ । ଯାହାହେଲେ ବି ଏ ଦୁହିଁଙ୍କର ଆଶୀର୍ବାଦ ମିଳି ନଥିଲେ,

Digitized by PPRACHIN, SOA

ବିଶେଷକରି ସଂଜୀବ ରେଡ୍ଡୀ ବିଜୁବାବୁଙ୍କୁ ନିର୍ଦ୍ଦେଶ ଦେଇନଥିଲେ, ବୋଧହୁଏ ନନ୍ଦିନୀଙ୍କ ଜୀବନର ଗତିପଥ ବଦଳି ଯାଇଥାନ୍ତା, ନତୁବା ନବକୃଷ୍ଣ ଚୌଧୁରୀଙ୍କଠାରୁ ଚାକିରିଟିଏ ପାଇଯାଇଥିଲେ, ହୁଏତ ସବୁଦିନ ପାଇଁ ସେ ଚାକିରିଜୀବୀ ହୋଇ ରହିଯାଇଥାନ୍ତେ !

ସେ ଯାହାହେଉ, ଶେଷରେ ନନ୍ଦିନୀ ବିଧିବଦ୍ଧ ଭାବରେ ରାଜ୍ୟସଭା ସଦସ୍ୟା ଭାବରେ ଶପଥ ଗ୍ରହଣ କଲେ । ତତ୍‌ସହିତ ତାଙ୍କର ରହିବା ପାଇଁ ସଙ୍ଗେ ସଙ୍ଗେ ଦିଲ୍ଲୀର ନର୍ଥ ଆଭେନ୍ୟୁରେ ଏକ ସରକାରୀ ଘର ମଧ୍ୟ ମିଳିଗଲା । ଏକଥା କହିବା ନିଷ୍ପ୍ରୟୋଜନ ଯେ, ନନ୍ଦିନୀ ସେତେବେଳେ ଥିଲେ ରାଜ୍ୟସଭାରେ ସର୍ବକନିଷ୍ଠ ସଦସ୍ୟମାନଙ୍କ ଭିତରୁ ଅନ୍ୟତମ । ତା'ଛଡ଼ା ସେ ସମୟରେ ରାଜ୍ୟସଭାରେ ଦେଶର ବହୁ ବରିଷ୍ଠ, ଅଭିଜ୍ଞ ଏବଂ ପ୍ରବୀଣ ଜନନେତା ତଥା ସ୍ୱାଧୀନତା ସଂଗ୍ରାମୀମାନଙ୍କ ଉପସ୍ଥିତିରେ ଓଡ଼ିଶାରୁ ସଦ୍ୟ ନିର୍ବାଚିତ ହୋଇଥିବା ଏହି ସ୍ୱଳ୍ପ ବୟସ୍କା ନାରୀନେତ୍ରୀ ଅନ୍ୟକାହାରି ଦୃଷ୍ଟି ଆକର୍ଷଣ ନ କରିବା ସ୍ୱାଭାବିକ କଥା । ମାତ୍ର ଏହାକୁ ଏକବାରେ ମିଥ୍ୟା ପ୍ରମାଣିତ କରି ରାଜ୍ୟସଭାରେ ତାଙ୍କର ପ୍ରଥମ ବକ୍ତବ୍ୟରେ ଭାରତବର୍ଷର ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କୁ ସେ କରିଥିଲେ ମନ୍ତ୍ରମୁଗ୍ଧ । ନନ୍ଦିନୀ ତାଙ୍କର ସାଂସଦ ଜୀବନର ପ୍ରଥମ ଅଭିଜ୍ଞତାରୁ କହୁଥିଲେ, "ମୁଁ ମୋର ପ୍ରଥମ ବକ୍ତୃତାରେ ପ୍ଲାନିଂ ବିଷୟରେ କହିଲି । ମୁଁ ବକ୍ତୃତା ଦେଉଥିବା ସମୟରେ ଜବାହରଲାଲ ମୋତେ ବାରମ୍ବାର ପଛକୁ ବୁଲି ଚାହୁଁଥାନ୍ତି । କିଛି ସମୟ ପରେ ତାଙ୍କ ନିକଟରେ ବସିଥିବା ଜଣେ ସାଂସଦଙ୍କୁ ସେ ପଚାରିଲେ, 'Who is this girl ?' ସାଂସଦ ଜଣକ କହିଥିଲେ, 'She has come from Orissa' ।"

ସତରେ ! ମାତ୍ର ୩୧ ବର୍ଷ ବୟସରେ ଭାରତବର୍ଷର ଉଚ୍ଚତମ ସଦନରେ, ପୁଣି ଏତେ ବଡ଼ ବଡ଼ ଜ୍ଞାନୀ, ଗୁଣୀ ନେତୃମଣ୍ଡଳୀଙ୍କ ସମ୍ମୁଖରେ ଦେଶର ସର୍ବୋଚ୍ଚ ଶାସନ କର୍ତ୍ତାଙ୍କୁ ନିଜର ଭାଷଣ ମାଧ୍ୟମରେ ଆକର୍ଷିତ କରିପାରିବା କିଛି ସହଜ କଥା ନଥିଲା । ଅନ୍ତତଃପକ୍ଷେ ସ୍ୱାଧୀନତାର ୬୪ ବର୍ଷ ଭିତରେ ଏବଂ ପରେ ଆଜି ମଧ୍ୟ ଯେଉଁମାନେ ସଂସଦର ଉଭୟ ଗୃହକୁ ଓଡ଼ିଶାରୁ ନିର୍ବାଚିତ ହୋଇ ଯାଉଛନ୍ତି, ସଂସଦରେ ସେମାନଙ୍କ ଆଚରଣକୁ ଲକ୍ଷ୍ୟ କଲେ ଏହା ବେଶ୍ ସ୍ପଷ୍ଟ ହୋଇଉଠେ । ବରଂ ଏକଥା ନ କହିବା ଭଲ ଯେ, ବିଗତ ବର୍ଷମାନଙ୍କରେ ଓଡ଼ିଆଙ୍କ ପାଖରେ ଷଣ୍ଢ ବୋଲାଉଥିବା ନେତାମାନଙ୍କ ମଧ୍ୟରୁ ଅନେକ ସାଂସଦ ସଂସଦରେ ନିଜର ପାଟି ଖୋଲିନାହାନ୍ତି । ଅର୍ଥାତ୍ ମାଣ୍ଡେଟ୍ ଦେବାରେ ନିଜର ଅସାମର୍ଥ୍ୟତା ପ୍ରତିପାଦିତ କରିଛନ୍ତି ।

⁂

Digitized by PPRACHIN, SOA

୯

ଇନ୍ଦିରାଙ୍କ ସଙ୍ଗେ ପରିଚୟ

ପ୍ରଥମ ବକ୍ତବ୍ୟରୁ ହିଁ ନନ୍ଦିନୀଙ୍କ ବାଗ୍ମୀତାରେ ଆକର୍ଷିତ ହୋଇ ପଣ୍ଡିତ ନେହେରୁ ତାଙ୍କ ବିଷୟରେ ଖବର ସଂଗ୍ରହ କରିଥିଲେ । ୧୯୬୨ରେ ନେହେରୁ କେନ୍ଦ୍ର ସାହିତ୍ୟ ଏକାଡେମୀର ସଭାପତି ଥିବାବେଳେ, କାଳିନ୍ଦୀଚରଣ ଥିଲେ ପ୍ରଥମ ଓଡ଼ିଆ 'ଫେଲୋ' । ଏହି ମର୍ମରେ ସେ ଜାଣିଥିଲେ କାଳିନ୍ଦୀଚରଣଙ୍କୁ । ପରେ ସେ ଯେତେବେଳେ ଜାଣିବାକୁ ପାଇଲେ ଯେ, ନନ୍ଦିନୀ ହେଉଛନ୍ତି ଓଡ଼ିଶାର ସେହି ସୁନାମଧନ୍ୟ ଲେଖକଙ୍କ କନ୍ୟା; ସେତେବେଳେ ତାଙ୍କ ପ୍ରତି ତାଙ୍କର ସ୍ନେହ ଶ୍ରଦ୍ଧା ବଢ଼ିଯାଇଥିଲା । ପରେ ଝିଅ ଇନ୍ଦିରାଙ୍କୁ କହି ନନ୍ଦିନୀଙ୍କୁ ଡକାଇଥିଲେ । ଦିନେ ଅପ୍ରତ୍ୟାଶିତ ଭାବେ ଇନ୍ଦିରା ଗାନ୍ଧୀଙ୍କଠାରୁ ଟେଲିଫୋନ୍ ପାଇ ନନ୍ଦିନୀ ପ୍ରଥମ କରି ପଦାର୍ପଣ କରିଥିଲେ ପ୍ରଧାନମନ୍ତ୍ରୀଙ୍କ ବାସଭବନରେ । ନେହେରୁଙ୍କ ସହିତ ସମ୍ୟକ କଥା ହେବାପରେ ତାଙ୍କର ଅନ୍ତରଙ୍ଗତା ଆରମ୍ଭ ହୋଇଥିଲା ଇନ୍ଦିରାଙ୍କ ସହିତ । ସେଇଠାରୁ ହିଁ ଶ୍ରୀମତୀ ଗାନ୍ଧୀଙ୍କ ସହିତ ତାଙ୍କ ସମ୍ପର୍କର ସେତୁବନ୍ଧ ସ୍ଥାପିତ ହୋଇଥିଲା । ଏ ସମ୍ପର୍କରେ ନନ୍ଦିନୀ କହୁଥିଲେ, "ସେତେବେଳେ ଇନ୍ଦିରା ଗାନ୍ଧୀ ମୋତେ 'ଶତପଥୀ' ବୋଲି କହିପାରୁନଥିଲେ, 'ସତ୍ୟବତୀ' ବୋଲି ଡାକୁଥାନ୍ତି । ସବୁବେଳେ ମୋତେ ଘରକୁ ଡାକିବେ କିଛି ନା କିଛି ଆଲୋଚନା କରିବା ପାଇଁ । ମୋତେ ଡାକିବା ସଙ୍ଗେ ସଙ୍ଗେ କେ.ସି. ପନ୍ଥ, ଇନ୍ଦ୍ର କୁମାର ଗୁଜୁରାଲ ଏବଂ ଦୀନେଶ ସିଂଙ୍କୁ ମଧ୍ୟ ଡାକନ୍ତି । ଆମେ ଚାରିଜଣଯାକ ପ୍ରାୟ ନିୟମିତ ଯାଉ । ଅନେକ ଆଲୋଚନା ଚାଲେ । ତା' ଭିତରେ ସେ ସବୁବେଳେ ଆମକୁ ଗୋଟାଏ କଥା ବାରମ୍ବାର କହନ୍ତି ଯେ, ପାର୍ଲାମେଣ୍ଟରେ ଗୋଟିଏ ଗୋଟିଏ ବିଷୟରେ ତୁମେ Expertise କର ଏବଂ ପଣ୍ଡିତଜୀଙ୍କୁ ସାହାଯ୍ୟ କର । ଏହିଭଳି ଭାବରେ ମୁଁ ପରେ ଇନ୍ଦିରାଙ୍କ ମନ୍ତ୍ରିମଣ୍ଡଳରେ ସୂଚନା ଓ ପ୍ରସାରଣ ବିଭାଗର ମନ୍ତ୍ରୀ ହେଲି ।"

⁂

Digitized by PPRACHIN, SOA

୧୦

ପଣ୍ଡିତଜୀଙ୍କୁ ଶେଷ ଦର୍ଶନ

ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ବିୟୋଗ ସମଗ୍ର ଭାରତବର୍ଷ ଏବଂ ବିଶେଷକରି ଓଡ଼ିଶା ପାଇଁ ଏକ ଅପୂରଣୀୟ କ୍ଷତି ଥିଲା । ୧୯୬୩ ମସିହା ଶେଷବେଳକୁ ଅଖିଳ ଭାରତ କଂଗ୍ରେସ କମିଟିର ଏକ ଐତିହାସିକ ଅଧିବେଶନ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଥିଲା । ସେଥିରେ ଯୋଗଦେବାକୁ ନେହେରୁ ଓଡ଼ିଶା ଆସିଥାନ୍ତି । ବିଜୁ ପଟ୍ଟନାୟକ ଥାଆନ୍ତି ଓଡ଼ିଶାର ମୁଖ୍ୟମନ୍ତ୍ରୀ । ତାଙ୍କର ନେହେରୁଙ୍କ ପାଖରେ ଖୁବ୍ ପତିଆରା ଥାଏ । ନେହେରୁଙ୍କର ମଧ୍ୟ ଅନୁନ୍ନତ ଓଡ଼ିଶା ପ୍ରତି ଗଭୀର ସହାନୁଭୂତି ରହିଥାଏ । ଏହାକୁ ଏକ ସୁଯୋଗ ଭାବେ ଗ୍ରହଣ କରିନେଇ ଓଡ଼ିଶାର ସବୁଆଡ଼େ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରିବାକୁ ବିଜୁବାବୁ ଜୋର୍‌ସୋର୍‌ରେ ଲାଗିପଡ଼ିଥାନ୍ତି । ତାଙ୍କ ମୁଣ୍ଡରେ ହଠାତ୍ ପଶିଗଲା, ମହାନଦୀର ସାତକୋଶିଆ ଗଣ୍ଡଠାରେ ଏକ ବ୍ରିଜ୍ ନିର୍ମାଣ କରିବା ପାଇଁ । ସାତକୋଶିଆଠାରେ ନଈଟି ଖୁବ୍ ଖାଲୁଆ ଏବଂ ସରୁଆ ହୋଇଯାଇ ପ୍ରଖର ସୁଅ ହେଉଥିବାରୁ ତାହାକୁ ସାତକୋଶିଆ ଗଣ୍ଡ ବୋଲି କୁହାଯାଇଥାଏ । ସେହି ବ୍ରିଜ୍‌ର ଶୁଭ ଦେବାପାଇଁ ସେ ନେହେରୁଙ୍କୁ ଡାକିନେଲେ । ନେହେରୁ ସେଠାରେ ପାହାଡ଼ ଚଢ଼ି ଚଢ଼ି ଗଲେ ଏବଂ ଫେରିଲେ ମଧ୍ୟ । ତା'ଛଡ଼ା ସେହି ସମୟରେ ଟିକରପଡ଼ା ପ୍ରୋଜେକ୍ଟର ଶୁଭ ଦିଆଯିବା ସଙ୍ଗେ ସଙ୍ଗେ ଅନ୍ୟାନ୍ୟ କେତେକ ସ୍ଥାନ ବୁଲାବୁଲି କରି ନେହେରୁ ଖୁବ୍ କ୍ଲାନ୍ତ ହୋଇପଡ଼ିଥିଲେ । ଫଳରେ ସେ ହୃଦ୍‌ଘାତର ଶିକାର ହେଲେ । ଅତ୍ୟଧିକ ପରିଶ୍ରମ ହିଁ ତାଙ୍କ ହୃଦ୍‌ଘାତର କାରଣ ଥିଲା ବୋଲି କେହି କେହି ଆଶଙ୍କା ପ୍ରକାଶ କରିଥାନ୍ତି । ଏହାପରେ ସେ ଦିଲ୍ଲୀ ଫେରିଗଲେ । ତା'ପରେ କିଛିଦିନ ପର୍ଯ୍ୟନ୍ତ ସେ ପାର୍ଲାମେଣ୍ଟକୁ ଯାଉଥିଲେ । କିନ୍ତୁ ସେହିଦିନଠାରୁ ତାଙ୍କର ଅସୁସ୍ଥତା ଲାଗି ରହିଲା । ୧୯୬୪ ମସିହା

Digitized by PPRACHIN, SOA

ମେ ମାସରେ ତାଙ୍କର ଦ୍ୱିତୀୟ ଥର ପାଇଁ ହୃଦ୍‌ଘାତ ହେଲା ଏବଂ ସେଇ ମାସ ୨୭ ତାରିଖରେ ସେ ପ୍ରାଣ ହରାଇଲେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଅଦ୍ୟାବଧି ସେଇ ସାତକୋଶିଆ ଗଣ୍ଡଠାରେ ବ୍ରିଜ୍‌ଟିଏ ତ ହୋଇପାରିଲା ନାହିଁ । ଆଉ ଟିକରପଡ଼ା ବନ୍ଧ ଯୋଜନା ମନେପଡ଼ିଲା ୨୦୧୧ ମସିହା ବନ୍ୟାର ପ୍ରକୋପ ମଧ୍ୟରେ ।

ନେହେରୁଙ୍କ ମୃତ୍ୟୁରେ ନନ୍ଦିନୀ ଗଭୀର ମର୍ମାହତ ହୋଇପଡ଼ିଥିଲେ । ସେଦିନ ସେ ପାର୍ଲାମେଣ୍ଟ କାମ ସାରି ନର୍ଥ ଆଭେନ୍ୟୁ ସ୍ଥିତ ନିଜ ବାସଭବନକୁ ଚାଲି ଚାଲି ଫେରୁଥାନ୍ତି । ବାଟରେ କିଏ ଜଣେ ତାଙ୍କୁ କହିଲେ, ଜାଣିଛନ୍ତି ! ନେହେରୁ ଚାଲିଗଲେ । ସେତେବେଳକୁ ତାଙ୍କୁ ପ୍ରବଳ ଭୋକ ହେଉଥାଏ । ସେ ଆଉ ଘରକୁ ଫେରି ଖାଇବେ କ'ଣ, ସେହିଠାରୁ ହିଁ ସେମିତି ଛୋଟା ଗୋଡ଼ରେ ଚାଲି ଚାଲି ପ୍ରଧାନମନ୍ତ୍ରୀଙ୍କ ବାସଭବନକୁ ଗଲେ । ସେତେବେଳକୁ ସେଠାରେ ପ୍ରବଳ ଭିଡ଼ ଲାଗିଯାଇଥାଏ । ପୁଲିସ୍‌ମାନେ ଘେରି ରହିଥାନ୍ତି ସମଗ୍ର ପରିସରକୁ । ପୁଲିସ୍ ଆଉ ନନ୍ଦିନୀଙ୍କୁ ଭିତରକୁ ଛାଡ଼ିଲେ ନାହିଁ । ସେ ନିଜର ନାମ ଏବଂ ଜଣେ ପାର୍ଲାମେଣ୍ଟ ସଦସ୍ୟ ବୋଲି ପରିଚୟ ଦେବା ପରେ ଅବଶ୍ୟ ସେମାନେ ତାଙ୍କୁ ଭିତରକୁ ଛାଡ଼ିଥିଲେ । ଏ ବିଷୟରେ ନନ୍ଦିନୀ କହୁଥିଲେ, "ମୁଁ ଭିତରକୁ ଯାଇ ଦେଖିଲି, ନେହେରୁଙ୍କ ମରଶରୀର ଚାରିପଟେ ଅନେକ ସ୍ତ୍ରୀ ଲୋକ ଜମା ହୋଇ କାନ୍ଦୁଛନ୍ତି । ଇନ୍ଦିରା ଗାନ୍ଧୀ ବି ସେଠାରେ ଠିଆ ହୋଇଥାନ୍ତି । ମୁଁ ତାଙ୍କ ମରଶରୀର ପାଖରେ ମୁଣ୍ଡିଆ ମାରି ଘରକୁ ଫେରିଆସିଲି । ଘରେ ପିଲାମାନେ ସବୁ ଥାନ୍ତି । ହାସି (ନନ୍ଦିନୀଙ୍କ କକେଇ ଝିଅ ସାନଭଉଣୀ ଚନ୍ଦ୍ରିକା ମହାପାତ୍ର) ବି ମୋ ପାଖରେ ସେତେବେଳେ ରହୁଥାଏ । ଆମେ ସମସ୍ତେ ପାଉଁରୁଟି-ବଟର ଖାଇ ଅପେକ୍ଷା କରି ରହିଲୁ । ପଣ୍ଡିତ୍‌ଜୀଙ୍କ ମରଶରୀର ସଂସ୍କାର ହେବା ପରେ ରାଜୀବ, ସଂଜୟ ତାଙ୍କର ଚିତାଭସ୍ମ ନେଇ ଆଲ୍ଲାହାବାଦ ଗଲେ । ସେଇ ଟ୍ରେନ୍‌ରେ ମୁଁ ବି ଯାଇଥାଏ । ହିମାଳୟ ଇତ୍ୟାଦି ବିଭିନ୍ନ ସ୍ଥାନରେ ତାଙ୍କର ଚିତାଭସ୍ମ ପକାଗଲା ପରେ ଆମେ ସମସ୍ତେ ସଂଗମ ଗଲୁ । ସେଠାରୁ ଆଲ୍ଲାହାବାଦରେ ଥିବା ତାଙ୍କ ଘର ଆନନ୍ଦ ଭବନକୁ ମଧ୍ୟ ଗଲୁ ।"

⁂

Digitized by PPRACHIN, SOA

୧୧

ଇନ୍ଦିରା ଗାନ୍ଧୀଙ୍କ ପ୍ରଧାନମନ୍ତ୍ରୀ ପଦ ଅଳଂକୃତ : କେନ୍ଦ୍ର ମନ୍ତ୍ରୀପଦରେ ନନ୍ଦିନୀ

ଜବାହରଲାଲ ନେହେରୁଙ୍କ ମୃତ୍ୟୁ ପରେ ଦେଶର ପ୍ରଧାନମନ୍ତ୍ରୀ ପଦକୁ ନେଇ ଅନେକ କଳ୍ପନା ଜଳ୍ପନା ପ୍ରକାଶ ପାଇଥିଲା । କେତେକ ମୋରାରଜୀ ଦେଶାଇଙ୍କୁ ସମର୍ଥନ କରୁଥିବାବେଳେ, କେତେକ ଲାଲବାହାଦୂର ଶାସ୍ତ୍ରୀଙ୍କୁ ସମର୍ଥନ କରୁଥିଲେ । ଶେଷରେ କେନ୍ଦ୍ର ପାର୍ଲାମେଣ୍ଟାରୀ ବୋର୍ଡ ବୈଠକରେ ନେତା ମନୋନୟନ ବିଷୟ ଆଲୋଚନା ହେବାପରେ ଲାଲବାହାଦୂର ଶାସ୍ତ୍ରୀ ହିଁ ଆନୁଷ୍ଠାନିକ ଭାବରେ ଦେଶର ଦ୍ୱିତୀୟ ପ୍ରଧାନମନ୍ତ୍ରୀ ରୂପେ ଶାସନଭାର ଗ୍ରହଣ କଲେ । ସେହି ସମୟରେ ୧୯୬୪ ମସିହା ୨୭ ମଇରୁ ୯ ଜୁନ୍, ଚଉଦ ଦିନ ପାଇଁ ଶ୍ରୀଯୁକ୍ତ ଗୁଲଜାରୀଲାଲ ନନ୍ଦା ଅସ୍ଥାୟୀ ପ୍ରଧାନମନ୍ତ୍ରୀ ରୂପେ ଶାସନଭାର ଗ୍ରହଣ କରିଥିଲେ । ଶାସ୍ତ୍ରୀଜୀ ପ୍ରଧାନମନ୍ତ୍ରୀ ହେବାପରେ ତାଙ୍କ ମନ୍ତ୍ରିମଣ୍ଡଳରେ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କୁ ସେ ପ୍ରଥମକରି ସୂଚନା ଓ ପ୍ରସାରଣ ବିଭାଗର କ୍ୟାବିନେଟ୍ ମନ୍ତ୍ରୀ କଲେ । ସେତେବେଳକୁ ଇନ୍ଦିରା ଗାନ୍ଧୀ ପାର୍ଲାମେଣ୍ଟର କୌଣସି ଗୃହର ସଭ୍ୟା ନଥାନ୍ତି । ମନ୍ତ୍ରୀ ହେବାପରେ ସେ ଉତ୍ତରପ୍ରଦେଶରୁ ରାଜ୍ୟସଭାକୁ ନିର୍ବାଚିତ ହୋଇ ଆସିଲେ । ଶାସ୍ତ୍ରୀଜୀ ପ୍ରାୟ ଦେଢ଼ବର୍ଷ କାଳ ପ୍ରଧାନମନ୍ତ୍ରୀ ପଦରେ ରହିବା ପରେ ହଠାତ୍ ଭାରତ-ପାକିସ୍ଥାନ ଯୁଦ୍ଧ (୧୯୬୫) ଆରମ୍ଭ ହୋଇଯାଇଥିଲା । ଯୁଦ୍ଧ ବିରତି ପରେ ଏହାର ସ୍ଥାୟୀ ସମାଧାନ ପାଇଁ ସେ ଏକ ଶାନ୍ତି ଚୁକ୍ତି ସ୍ୱାକ୍ଷର କରିବାକୁ ସୋଭିଏତ୍ ୟୁନିଅନ୍ ଯାଇଥିବା ଅବସରରେ ତାସ୍‌କେଣ୍ଟଠାରେ ୧୯୬୬ ମସିହା ଜାନୁଆରୀ ୧୧ ତାରିଖ ଦିନ ତାଙ୍କର ଆକସ୍ମିକ ମୃତ୍ୟୁ ଘଟିଲା । ସେତେବେଳେ ଶାସ୍ତ୍ରୀଜୀଙ୍କ ମୃତ୍ୟୁ ପଛରେ ଏକ ଆନ୍ତର୍ଜାତିକ ଷଡ଼ଯନ୍ତ୍ର ରହିଥିବାର ସନ୍ଦେହ କରାଯାଉଥିଲେ ମଧ୍ୟ ତାହା ଏଯାବତ୍ ଅସ୍ପଷ୍ଟ ରହିଛି ।

Digitized by PPRACHIN, SOA

ଶାସ୍ତ୍ରୀଙ୍କ ପରେ ତାଙ୍କ ମନ୍ତ୍ରିମଣ୍ଡଳରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଥିବା ଶ୍ରୀଯୁକ୍ତ ଗୁଲଜାରୀଲାଲ ନନ୍ଦା ପୁନଃ ୨ୟ ଥର ପାଇଁ ୧୧ ଜାନୁଆରୀରୁ ୨୪ ଜାନୁଆରୀ ପର୍ଯ୍ୟନ୍ତ କାମଚଳା ପ୍ରଧାନମନ୍ତ୍ରୀ ରୂପେ ଦାୟିତ୍ୱ ନିର୍ବାହ କରିଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ନନ୍ଦାଜୀ ଜଣେ ଭ୍ରଷ୍ଟାଚାର ବିରୋଧୀ, ସଚ୍ଚୋଟ ଏବଂ ଅମାୟିକ ନେତା ଭାବରେ ସର୍ବଜନବିଦିତ । ଏପରିକି କେନ୍ଦ୍ରରେ ମନ୍ତ୍ରୀ ଥାଇ ଏବଂ ପରେ ଦୁଇ ଦୁଇଥର କାମଚଳା ପ୍ରଧାନମନ୍ତ୍ରୀ ପଦ ଅଳଂକୃତ କରି ମଧ୍ୟ ସେ ସେତେବେଳେ ଦିଲ୍ଲୀରେ ଘର ଖଣ୍ଡେ କରିପାରିନଥିଲେ । କେବଳ ସେତିକି ନୁହେଁ, ସେ ଘରଭଡ଼ା ଦେଇପାରି ନ ଥିବାରୁ ଘର ମାଲିକ ତାଙ୍କର ଜିନିଷପତ୍ର ଫୋପାଡ଼ିଦେବା ପର୍ଯ୍ୟନ୍ତ କଥା ଯାଇଥିଲା । ସେ ବାଧ୍ୟହୋଇ ଦିଲ୍ଲୀ ଛାଡ଼ି ନିଜର ଝିଅ ପାଖରେ ରହିଥିଲେ ଏବଂ ସେଇଠାରେ ହିଁ ଇହଲୀଳା ସମ୍ବରଣ କରିଥିଲେ । ସେ ଯାହାହେଉ, ଶାସ୍ତ୍ରୀଜୀଙ୍କ ମୃତ୍ୟୁ ପରେ ଦିଲ୍ଲୀ ସିଂହାସନ ପାଇଁ ଏକ ପ୍ରକାର ସଂଘର୍ଷମୟ ପରିସ୍ଥିତି ଆରମ୍ଭ ହୋଇଥିଲା । ସେତେବେଳେ ଦୀର୍ଘଦିନ ଧରି ମାଡ୍ରାସର ମୁଖ୍ୟମନ୍ତ୍ରୀ ଥିବା କାମରାଜ ନାଦର ଜାତୀୟ କଂଗ୍ରେସର ସଭାପତି ଥାନ୍ତି । ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ପଦ ପାଇଁ କାହାକୁ ସର୍ବସମ୍ମତି କ୍ରମେ ଗ୍ରହଣ କରାଯାଇପାରିଲା ନାହିଁ । ତେଣୁ ପ୍ରଧାନମନ୍ତ୍ରୀ ପଦ ନିମନ୍ତେ ଦେଶରେ ପ୍ରଥମଥର ପାଇଁ ନିର୍ବାଚନ କରାଗଲା । ଏହି ନିର୍ବାଚନରେ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଓ ଅର୍ଥମନ୍ତ୍ରୀ ଥିବା ଶ୍ରୀଯୁକ୍ତ ମୋରାରଜୀ ଦେଶାଇଙ୍କ ମଧ୍ୟରେ ସିଧାସଳଖ ପ୍ରତିଦ୍ୱନ୍ଦ୍ୱିତା ହେଲା ।

ଏହି ପ୍ରଧାନମନ୍ତ୍ରୀ ନିର୍ବାଚନକୁ ନେଇ ଜାତୀୟ କଂଗ୍ରେସରେ ଦୁଇ ଗୋଷ୍ଠୀର ଉଦ୍‌ଭବ ହେଲା ଏବଂ ରାଜ୍ୟ କଂଗ୍ରେସରେ ମଧ୍ୟ ତାହାର ପ୍ରଭାବ ବେଶ୍ ଅନୁଭୂତ ହେବାକୁ ଲାଗିଲା । ନନ୍ଦିନୀ ଏହି ନିର୍ବାଚନରେ ଇନ୍ଦିରା ଗାନ୍ଧୀଙ୍କୁ ସମର୍ଥନ କରିବା ନିମିତ୍ତ ନିଷ୍ପତ୍ତି ନେଇଥିଲେ । ମାତ୍ର ବିଜୁ ପଟ୍ଟନାୟକ ତାଙ୍କ ଉପରେ ପ୍ରବଳ ଚାପ ପକାଉଥିଲେ ମୋରାରଜୀ ଦେଶାଇଙ୍କୁ ସମର୍ଥନ କରିବାକୁ । ଯାହାଫଳରେ କି ପ୍ରଥମ ଥର ପାଇଁ ବିଜୁବାବୁଙ୍କ ସଙ୍ଗେ ନନ୍ଦିନୀଙ୍କର ମତାନ୍ତର ସୃଷ୍ଟି ହୋଇଥିଲା । ଏକଥା ସତ୍ୟ ଯେ, ତାଙ୍କୁ ରାଜ୍ୟସଭାକୁ ପଠାଇବା ପଛରେ ବିଜୁବାବୁଙ୍କର ପ୍ରଚ୍ଛନ୍ନ ସହଯୋଗ ରହିଥିଲା । ମାତ୍ର ନନ୍ଦିନୀ ଚାହୁଁଥିଲେ ଜଣେ ମହିଳା ଦେଶର ପ୍ରଧାନମନ୍ତ୍ରୀ ହେବା ନିମିତ୍ତ ଏହା ଏକ ସୁବର୍ଣ୍ଣ ସୁଯୋଗ । ତା'ଛଡ଼ା ଇନ୍ଦିରା ଗାନ୍ଧୀଙ୍କ ସହ ଘନିଷ୍ଠତା ଯୋଗୁଁ ବ୍ୟକ୍ତିଗତ ଭାବରେ ତାଙ୍କୁ ସମର୍ଥନ କରିବାକୁ ତାଙ୍କ ହୃଦୟର ଆହ୍ୱାନରେ ସେ ନିଷ୍ପତ୍ତି ନେଇଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ବିଜୁବାବୁଙ୍କର ନେହେରୁଙ୍କ ପରିବାର ସହିତ ଘନିଷ୍ଠତା ଥିଲା । ବିଶେଷକରି ଇନ୍ଦିରାଙ୍କ ସହ ମଧ୍ୟ ତାଙ୍କର ସୁସମ୍ପର୍କ ରହିଥିଲା । ଏଭଳି ସମ୍ପର୍କ ଥିବା

Digitized by PPRACHIN, SOA

ସତ୍ତ୍ୱେ ସେ ଇନ୍ଦିରା ଗାନ୍ଧୀଙ୍କ ପ୍ରଧାନମନ୍ତ୍ରୀ ପ୍ରାର୍ଥୀତ୍ୱକୁ ସମର୍ଥନ ନ କରି ଭିତରେ ଭିତରେ ମୋରାରଜୀ ଦେଶାଇଙ୍କ ପାଇଁ ସମର୍ଥନ ଯୋଗାଡ଼ କରିବାରେ ଲାଗିପଡ଼ିଥିଲେ । କିନ୍ତୁ ଉପରେ ଉପରେ ଇନ୍ଦିରାଙ୍କୁ ସମର୍ଥନ କରିବାର ମିଛ ଅଭିନୟ କରୁଥିଲେ । ବିଜୁବାବୁଙ୍କର ଏପରି ଛଳନାକୁ ଇନ୍ଦିରା ଗାନ୍ଧୀଙ୍କ ଭଳି ଜଣେ ବିଚକ୍ଷଣା ନେତ୍ରୀ ଯେ ଜାଣିପାରି ନଥିବେ, ଏହା ଅବିଶ୍ୱାସଯୋଗ୍ୟ । ତେଣୁ ନନ୍ଦିନୀଙ୍କ ନିନ୍ଦୁକମାନେ ଉପରଠାଉରିଆ ଭାବେ ଯେଉଁ ଅଭିଯୋଗଟି ଆଣିଥାନ୍ତି ଯେ, ନନ୍ଦିନୀ ହିଁ ଇନ୍ଦିରାଙ୍କ କାନରେ ବିଜୁବାବୁଙ୍କ ବିରୁଦ୍ଧରେ କୁତ୍ସାରଟନା କରି ତାଙ୍କୁ ନେହେରୁ ପରିବାର ଏବଂ କଂଗ୍ରେସଠାରୁ ଦୂରେଇ ଦେଲେ, ଏହା ସମ୍ପୂର୍ଣ୍ଣ ଅମୂଳକ ଏବଂ ଅବାସ୍ତବ । ବରଂ ବିଜୁବାବୁଙ୍କର ଚକ୍ରାନ୍ତ ଧରାପଡ଼ିଯିବା ପରେ ଇନ୍ଦିରା ଗାନ୍ଧୀ ନିଜଠାରୁ ଏବଂ କଂଗ୍ରେସଠାରୁ ତାଙ୍କୁ ଦୂରେଇ ରଖିଥିବା ଅଧିକ ପ୍ରାସଙ୍ଗିକ ମନେହୁଏ । ଅନ୍ୟପକ୍ଷରେ ବିଜୁବାବୁ ସେଭଳି କିଛି ନୀତିଗତ ବା ଆଦର୍ଶଗତ ଭାବେ ମୋରାରଜୀଙ୍କୁ ଯେ ସମର୍ଥନ କରୁଥିଲେ କିମ୍ବା ନେହେରୁଙ୍କ ପାରିବାରିକ ରାଜନୀତିକୁ ନାପସନ୍ଦ କରି ଇନ୍ଦିରାଙ୍କୁ ବିରୋଧ କରୁଥିଲେ ତାହା ମଧ୍ୟ ନୁହେଁ । ଯଦି ତାହା ହୋଇଥାନ୍ତା, ତେବେ ନେହେରୁଙ୍କ ପରେ ସେ ଏବଂ ବୀରେନ୍ ମିତ୍ର ଲାଲବାହାଦୂରଙ୍କ ପରି ଜଣେ ନେତାଙ୍କ ପ୍ରଧାନମନ୍ତ୍ରୀତ୍ୱକୁ ବିରୋଧ କରି ମୋରାରଜୀ ଦେଶାଇଙ୍କୁ ସମର୍ଥନ କରିନଥାନ୍ତେ । ବରଂ ତାଙ୍କର ଏ ପ୍ରକାର ନିଷ୍ପତ୍ତି ଏକ ହାମବଡ଼ା ଏବଂ ଜିଦ୍‌ଖୋର ମନୋବୃତ୍ତିର ପରିଚାୟକ ଥିଲା । ସୁତରାଂ, ମୋରାରଜୀ ଦେଶାଇଙ୍କୁ ପ୍ରଧାନମନ୍ତ୍ରୀ ଭାବରେ ଦେଖିବାର ସ୍ୱପ୍ନ ଇନ୍ଦିରାଙ୍କ ସମୟରେ ନୁହେଁ, ବରଂ ଶାସ୍ତ୍ରୀଜୀଙ୍କ ସମୟରୁ ହିଁ ବିଜୁବାବୁଙ୍କ ଅବଚେତନ ମନରେ ବସା ବାନ୍ଧିଥିଲା ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ଏଠାରେ ରାଜନୀତିର ଅନ୍ୟ ଏକ ଦିଗ ପ୍ରତି ମଧ୍ୟ ଅଣଦେଖା କରାଯାଇ ନପାରେ । ତାହାହେଲା, ସେତେବେଳେ କଂଗ୍ରେସ ପାର୍ଲାମେଣ୍ଟାରୀ ବୋର୍ଡର ବହୁ ନେତୃବୃନ୍ଦ ଇନ୍ଦିରାଙ୍କ ସପକ୍ଷରେ ଥିବାବେଳେ, ବିଶେଷକରି ଇନ୍ଦିରା ଗାନ୍ଧୀ ପ୍ରଧାନମନ୍ତ୍ରୀ ଭାବେ ନିର୍ବାଚିତ ହେବା ଏକପ୍ରକାର ସୁନିଶ୍ଚିତ ଜାଣି ନନ୍ଦିନୀ ଯଦି ବିଜୁବାବୁଙ୍କ କଥାରେ ପଡ଼ି ମୋରାରଜୀ ଦେଶାଇଙ୍କୁ ସମର୍ଥନ କରିଥାନ୍ତେ, ତେବେ ବିଜୁବାବୁଙ୍କ ଦଶା ହିଁ ନନ୍ଦିନୀ ଭୋଗିଥାନ୍ତେ ଏବଂ ତାଙ୍କର ପରବର୍ତ୍ତୀ ରାଜନୈତିକ ଜୀବନ ଅନ୍ଧକାରମୟ ହୋଇଥାନ୍ତା । ଓଡ଼ିଶା କଂଗ୍ରେସରେ ସେମିତି ଏକ ଅବସ୍ଥା ସୃଷ୍ଟି ହୋଇଥିଲା ନେହେରୁଙ୍କ ମୃତ୍ୟୁ ପରେ ଲାଲବାହାଦୂର ଶାସ୍ତ୍ରୀ ପ୍ରଧାନମନ୍ତ୍ରୀ ହେବା ସମୟରେ । ସେତେବେଳେ ଶାସ୍ତ୍ରୀଜୀ ପ୍ରଧାନମନ୍ତ୍ରୀ ହେବାର ସମସ୍ତ ସମ୍ଭାବନା ଜାଣି ସୁଦ୍ଧା ରାଜନୈତିକ ଅପରିଣାମଦର୍ଶିତା ଯୋଗୁଁ ବିଜୁବାବୁ, ବୀରେନ୍ ମିତ୍ର ଏବଂ ଭବାନୀ ପଟ୍ଟନାୟକଙ୍କ ଭଳି ଦୂରଦୃଷ୍ଟିବିହୀନ ନେତାମାନେ ଖୋଲାଖୋଲି ଭାବେ

Digitized by PPRACHIN, SOA

ମୋରାରଜୀ ଦେଶାଇଙ୍କ ପ୍ରଧାନମନ୍ତ୍ରୀତ୍ୱ ସପକ୍ଷରେ ମତପୋଷଣ କରି ନିଜର ଏବଂ ରାଜ୍ୟର ପ୍ରଭୂତ କ୍ଷତି ଘଟାଇଥିଲେ ବୋଲି ନୀଳମଣି ରାଉତରାୟ ତାଙ୍କ ରଚିତ ପୁସ୍ତକ 'ସ୍ମୃତି ଓ ଅନୁଭୂତି'ରେ କଟାକ୍ଷପାତ କରିଛନ୍ତି—"xx xx ବିଜୁବାବୁ ସେତେବେଳେ କେନ୍ଦ୍ର କଂଗ୍ରେସ କାର୍ଯ୍ୟକାରୀ କମିଟିର ଜଣେ ପ୍ରଭାବଶାଳୀ ସଭ୍ୟ ଥିଲେ । ବିଜୁବାବୁ ଓ ମୁଖ୍ୟମନ୍ତ୍ରୀ ହିସାବରେ ବୀରେନ୍‌ବାବୁ ଉଭୟ ଉକ୍ତ ପାର୍ଲିଆମେଣ୍ଟାରୀ ବୋର୍ଡ ବୈଠକରେ ଯୋଗ ଦେଇଥିଲେ । ଶ୍ରୀ ମୋରାରଜୀ ଦେଶାଇ ପ୍ରଧାନମନ୍ତ୍ରୀ ନ ହେଲେ ଦେଶରେ ମିଲିଟାରୀ ଶାସନ ଆସନ୍ନ ବୋଲି ଉଭୟ ବିଜୁବାବୁ ଓ ବୀରେନ୍‌ବାବୁ ଦୃଢ଼ତାର ସହିତ ପାର୍ଲିଆମେଣ୍ଟାରୀ ବୋର୍ଡ ବୈଠକରେ କହିଥିଲେ ବୋଲି ପଶ୍ଚିମ ବଙ୍ଗଳାର ସେତେବେଳକାର ମୁଖ୍ୟମନ୍ତ୍ରୀ ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ସେନ୍ ମୋତେ କହିଥିଲେ । ବୀରେନ୍‌ବାବୁ କୁଆଡ଼େ ଅତି ଉତ୍ତେଜିତ ହୋଇ ଲଗାମଛଡ଼ା ଭାବରେ ଶ୍ରୀ ଦେଶାଇ ପ୍ରଧାନମନ୍ତ୍ରୀ ନ ହେଲେ ମିଲିଟାରୀ ଶାସନ ହୋଇଯିବ ବୋଲି ଉକ୍ତ ବୈଠକରେ କହିଥିଲେ । ତା'ପରେ ପ୍ରଫୁଲ୍ଲବାବୁ ମୋତେ କହିଥିଲେ, 'ନୀଳମଣି, ତୁମର ଦୁଇ ବନ୍ଧୁ ବିଜୁ ଓ ବୀରେନ୍ ଯେପରି ଭାବରେ ମିଲିଟାରୀ ଶାସନ ସମ୍ବନ୍ଧରେ କଥାବାର୍ତ୍ତା କରୁଛନ୍ତି, ସେମାନଙ୍କ ସ୍ଥାନ ଜେଲ୍‌ରେ ହେବା ଉଚିତ । ବେଶି ତୁମର ବୀରେନ୍ ।' (ଦ୍ରଷ୍ଟବ୍ୟ-ସ୍ମୃତି ଅନୁଭୂତି, ପୃ-୪୦୯) ।" ଏହି ଘଟଣା ପରିପ୍ରେକ୍ଷୀରେ ଓଡ଼ିଶା ପ୍ରତି ସର୍ବଦା ସହାନୁଭୂତିଶୀଳ ଥିବା ଶାସ୍ତ୍ରୀଜୀ ଓଡ଼ିଶା କଂଗ୍ରେସ ନେତାମାନଙ୍କର କୌଣସି ସମସ୍ୟାରେ ସାହାଯ୍ୟ କରିବାକୁ ଆଗ୍ରହ ପ୍ରକାଶ କରିନଥିଲେ ।

ଉପର୍ଯ୍ୟୁକ୍ତ ଘଟଣାବଳୀରୁ ବିଚାର କଲେ, ଇନ୍ଦିରା ଗାନ୍ଧୀଙ୍କ ପ୍ରଧାନମନ୍ତ୍ରୀତ୍ୱ ସପକ୍ଷରେ ନିଜର ସମର୍ଥନ ଘୋଷଣା କରି ମାତ୍ର ୩୫ ବର୍ଷ ବୟସରେ ନନ୍ଦିନୀ ନିଜର ରାଜନୈତିକ ପରିପକ୍ୱତାର ପରିଚୟ ପ୍ରଦାନ କରିଥିଲେ । ଏହି ଘଟଣାକ୍ରମରେ ନନ୍ଦିନୀ କହୁଥିଲେ, "ବିଜୁବାବୁ ଥରେ ଦିଲ୍ଲୀରେ ଥିବା ତାଙ୍କ ଘରକୁ ମୋତେ ଡକେଇ ପଠେଇଲେ । ଓଡ଼ିଶାର ଅନ୍ୟାନ୍ୟ ଏମ୍.ପି.ମାନେ ମଧ୍ୟ ଯାଇଥାନ୍ତି । ବିଜୁବାବୁ ସମସ୍ତଙ୍କୁ କହିଲେ ଯେ, 'ଏହି ପ୍ରଧାନମନ୍ତ୍ରୀ ନିର୍ବାଚନରେ ଓଡ଼ିଶାର ସବୁ ଏମ୍.ପି. ମୋରାରଜୀ ଦେଶାଇଙ୍କୁ ଭୋଟ ଦେବା ଦରକାର ।' ସମସ୍ତେ ତାଙ୍କ କଥା ମାନିନେଇ ନୀରବ ରହିଲେ । ମୁଁ କେବଳ କହିଲି ଯେ, ମୁଁ ଠିକ୍ କରିଛି ଇନ୍ଦିରା ଗାନ୍ଧୀଙ୍କୁ ଭୋଟ୍ ଦେବାପାଇଁ । ସେ କହିଲେ, 'ଏଇଟା ଠିକ୍ କଥା ନୁହେଁ । ଇନ୍ଦିରା ଗାନ୍ଧୀ ଦେଶକୁ ଚଳେଇ ପାରିବେ ନାହିଁ ।' ସେତେବେଳେ ସେ ଅନେକ କଥା କହିଥିଲେ । ସେଥିମଧ୍ୟରୁ ମୁଖ୍ୟକଥାଟି ଥିଲା, ସାଧାରଣତଃ ସ୍ତ୍ରୀ ଲୋକମାନେ ଈର୍ଷାପରାୟଣ । ସେଥିପାଇଁ ଇନ୍ଦିରା ଗାନ୍ଧୀଙ୍କ ହାତରେ ଦେଶ ପଡ଼ିଗଲେ ଯେଉଁମାନେ ତାଙ୍କୁ ବିରୋଧ କରୁଛନ୍ତି ସେ ଖୋଜି ଖୋଜି ସେମାନଙ୍କ ଉପରେ ପ୍ରତିଶୋଧ

Digitized by PPRACHIN, SOA

ନେବେ । କଥାଟା ମୋର ସେତେବେଳେ ଖାଲି ଯେ ନାପସନ୍ଦ ହୋଇଥିଲା ତାହା ନୁହେଁ, ମୋର ମନେ ହୋଇଥିଲା ବିଜୁବାବୁଙ୍କ ମନରେ ସ୍ତ୍ରୀ ଲୋକମାନଙ୍କ ପ୍ରତି ଏକ ଭୁଲ୍ ଧାରଣା ରହିଛି । ତା'ପରେ ସେଦିନ ସେଠାରୁ ଆମେ ସବୁ ଏମ୍.ପି.ମାନେ ଚାଲିଆସିଥିଲୁ । ମୋର ପ୍ରତିକ୍ରିୟାଟା ବୋଧହୁଏ ବିଜୁବାବୁଙ୍କୁ ଖୁବ୍ ନାପସନ୍ଦ ହୋଇଥିବ । ନ ହୋଇଥିଲେ ତା' ପରଦିନ ଦ୍ୱିପ୍ରହରେ ସେ ମୋର ଶହେ ଛଅ, ନର୍ଥ ଆଭେନ୍ୟୁ ସ୍ଥିତ କ୍ୱାର୍ଟରକୁ ଏଭଳି ହଠାତ୍ ଆସି ପହଞ୍ଚିଯାଇନଥାନ୍ତେ । ତାଙ୍କୁ ମୁଁ ମୋ କ୍ୱାର୍ଟରରେ ଦେଖି ଯେତିକି ବିସ୍ମିତ ହେଲି, ମୋ ଭିତରେ ସେତିକି କୌତୂହଳ ମଧ୍ୟ ଜନ୍ମିଲା । କିଛି ନ କହି ହଠାତ୍ ବିଜୁ ପଟ୍ଟନାୟକ ମୋ ଭଳି ଜଣେ ସାଧାରଣ ଏମ୍.ପି. ଘରକୁ ଏମିତି ଚାଲିଆସିବାଟା ନିଶ୍ଚିତ ଭାବରେ ଆଶ୍ଚର୍ଯ୍ୟର କଥା । ମୋ ଡ୍ରଇଂରୁମ୍‌ରେ ବସିପଡ଼ି ସେ ପୁଣି ସେଇ ପ୍ରଧାନମନ୍ତ୍ରୀ ନିର୍ବାଚନ କଥା ଉଠାଇଲେ । ସାଧାରଣତଃ ବିଜୁବାବୁଙ୍କ ସାଙ୍ଗରେ ଓଡ଼ିଶା ଏମ୍.ପି.ମାନେ କେହି ଯୁକ୍ତିତର୍କ କରନ୍ତି ନାହିଁ । ମୁଁ କିନ୍ତୁ ତାଙ୍କ ଘରେ ପୂର୍ବଦିନ ଯାହା କହିଥିଲି, ତାହା ପୁଣି ଦୋହରାଇଲି । ଶେଷରେ କହିଲି, ଆପଣଙ୍କର ଯେତେ ଏମ୍.ପି. ଅଛନ୍ତି ପାର୍ଲାମେଣ୍ଟରେ ସମସ୍ତେ ଆପଣଙ୍କ କଥା ଅନୁସାରେ ମୋରାରଜୀ ଦେଶାଇଙ୍କୁ ଭୋଟ ଦେବେ । ମୁଁ ଗୋଟିଏ ମାତ୍ର ଏମ୍.ପି. ଆପଣଙ୍କ ଅନୁମତି କ୍ରମେ ଇନ୍ଦିରା ଗାନ୍ଧୀଙ୍କୁ ଭୋଟ୍ ଦେବାକୁ ସ୍ଥିର କରିଛି । ସେଥିରେ କାହାର ଲାଭ ବା କ୍ଷତି ହେବନାହିଁ । ଏହା ଶୁଣି ବିଜୁବାବୁ ବୋଧେ ମୋତେ ଆଉ କିଛି କହିବାକୁ ଚାହିଁନଥିଲେ । ଏହାର ଅଳ୍ପ ସମୟ ପରେ ସେ ଫେରିଯାଇଥିଲେ ।" ଏଥିରୁ ସ୍ପଷ୍ଟ ଅନୁମେୟ ଯେ, ନନ୍ଦିନୀ ଖୋଲାଖୋଲି ଭାବରେ କାହାରିକୁ କିଛି ନ ଲୁଚାଇ, କୌଣସି ମିଥ୍ୟା ବା ଛଳନାର ଆଶ୍ରୟ ନ ନେଇ ବିଜୁବାବୁଙ୍କ ପ୍ରତି ସମସ୍ତ ସମ୍ମାନ ସତ୍ତ୍ୱେ ତାଙ୍କ ଅନୁମତି ଲୋଡ଼ି ଓଡ଼ିଶାରୁ ସେ ଏକମାତ୍ର ଏମ୍.ପି. ହିସାବରେ ଇନ୍ଦିରା ଗାନ୍ଧୀଙ୍କୁ ଭୋଟ୍ ଦେଇଥିଲେ ।

୧୯୬୬ ମସିହା ଜାନୁଆରୀ ୧୯ ତାରିଖ ଦିନ କଂଗ୍ରେସ ପାର୍ଲାମେଣ୍ଟାରୀ କମିଟିର ଏହି ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ସେଦିନ ଶ୍ରୀମତୀ ଗାନ୍ଧୀ ସକାଳୁ ରାଜଘାଟ ଓ ଶାନ୍ତିବନ ଯାଇ ମହାତ୍ମାଗାନ୍ଧୀ ଓ ଜବାହରଲାଲ ନେହେରୁଙ୍କ ସମାଧିପୀଠରେ ଫୁଲ ଦେଇ ତିନ୍‌ମୂର୍ତ୍ତି ଭବନ ଗଲେ ଏବଂ ସେଠାରୁ ପାର୍ଲାମେଣ୍ଟ ଭବନ । ତାଙ୍କ ସଙ୍ଗରେ ଥିଲେ ନନ୍ଦିନୀଙ୍କ ସମେତ ଅସ୍ଥାୟୀ ପ୍ରଧାନମନ୍ତ୍ରୀ ଗୁଲଜାରୀଲାଲ ନନ୍ଦା ଏବଂ ସୁଭଦ୍ରା ଯୋଶୀ । ସେଦିନ ପାର୍ଲାମେଣ୍ଟ ଭବନରେ ନେତୃତ୍ୱ ପାଇଁ ହୋଇଥିବା ଭୋଟ୍‌ରେ ଉଭୟ ଲୋକସଭା ଏବଂ ରାଜ୍ୟସଭାର ମୋଟ ୫୨୪ ଜଣ କଂଗ୍ରେସ ଏମ୍.ପି. ଉପସ୍ଥିତ ଥିଲେ । ଏଥିମଧ୍ୟରୁ ଶ୍ରୀଯୁକ୍ତ ଦେଶାଇ ମାତ୍ର ୧୬୯ଟି ଭୋଟ ପାଇଥିବାବେଳେ, ଶ୍ରୀମତୀ ଗାନ୍ଧୀ ୩୫୫ଟି

Digitized by PPRACHIN, SOA

ଭୋଟ ପାଇ ଜିତିଲେ ଏବଂ ୨୪ ତାରିଖ ଦିନ ପ୍ରଧାନମନ୍ତ୍ରୀ ଦାୟିତ୍ୱ ଗ୍ରହଣ କଲେ । ନିର୍ବାଚନ ପରେ ଇନ୍ଦିରା ଗାନ୍ଧୀଙ୍କୁ 'ଶ୍ରୀମା'ଙ୍କର ବ୍ଲେସିଙ୍ଗ ପ୍ୟାକେଟ୍‌ଟିଏ ଦେଇ ନନ୍ଦିନୀ ନିଜର ବାସଭବନକୁ ଚାଲି ଆସିଥିଲେ ।

ଇନ୍ଦିରା ଗାନ୍ଧୀ ଜିତିଯିବା ପରେ ରାଉରକେଲାର ବିନୟ ମହାନ୍ତି ଏବଂ ନିମାପଡ଼ାର ଭବାନୀ ଚରଣ ପଟ୍ଟନାୟକ ନନ୍ଦିନୀଙ୍କ ବିପକ୍ଷରେ ବିଭିନ୍ନ ପ୍ରକାର ଅଶାଳୀନ ଟିପ୍ପଣୀମାନ ଦେଉଥାନ୍ତି । କାରଣ ଏମାନେ ଥିଲେ ଦେଶାଇଙ୍କ ସପକ୍ଷରେ । ସେତେବେଳକୁ ଓଡ଼ିଶା ରାଜନୀତିରେ ବି ଅନେକ ପଟ୍ଟପରିବର୍ତ୍ତନ ହୋଇସାରିଥାଏ । କାମରାଜ ପ୍ଲାନ୍‌ରେ ବିଜୁ ପଟ୍ଟନାୟକ ୧୯୬୩ ମସିହା ଅକ୍ଟୋବର ୨ ତାରିଖରେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବାପରେ ବୀରେନ୍ ମିତ୍ର ମୁଖ୍ୟମନ୍ତ୍ରୀ ହୋଇସାରିଥାନ୍ତି । ବୀରେନ୍‌ବାବୁ ମୁଖ୍ୟମନ୍ତ୍ରୀ ହେବାପରେ ତାଙ୍କ ବିରୁଦ୍ଧରେ ଦୁର୍ନୀତିଜନିତ ବହୁ ଅଭିଯୋଗ ଉଠିଲା ଏବଂ ସେ ବାଧହୋଇ ଇସ୍ତଫା ପ୍ରଦାନ କଲେ । ତାଙ୍କ ପରେ ପୁଣି ଜଣେ ନିର୍ବିବାଦୀୟ ନେତା ଭାବରେ ସଦାଶିବ ତ୍ରିପାଠୀଙ୍କୁ ମୁଖ୍ୟମନ୍ତ୍ରୀ କରାଗଲା । ସେଇ ପାଞ୍ଚବର୍ଷ ସମୟ ପ୍ରକୃତରେ ଓଡ଼ିଶାର ଜନସାଧାରଣଙ୍କ ପାଇଁ ଚିରସ୍ମରଣୀୟ ହୋଇ ରହିବ । କାରଣ ୮୨ ଜଣ ସଭ୍ୟଙ୍କୁ ନେଇ କଂଗ୍ରେସ ଦଳର ସଂଖ୍ୟାଗରିଷ୍ଠତା ଥିଲେ ମଧ୍ୟ ତା'ରି ଭିତରେ ତିନି ତିନିଜଣ ମୁଖ୍ୟମନ୍ତ୍ରୀ ପଦରେ ବସିଲେ । ଏହି ପ୍ରଧାନମନ୍ତ୍ରୀ ନିର୍ବାଚନ ସମୟରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଥାଆନ୍ତି ବିଜୟ ପାଣି ଏବଂ ମୁଖ୍ୟମନ୍ତ୍ରୀ ଥାନ୍ତି ସଦାଶିବ ତ୍ରିପାଠୀ । ଏ ଦୁହେଁ ମଧ୍ୟ ସେତେବେଳେ ଦିଲ୍ଲୀ ଯାଇଥାନ୍ତି । ସେଠାରେ ବିନୟ ମହାନ୍ତି ଏବଂ ଭବାନୀ ପଟ୍ଟନାୟକଙ୍କର ନନ୍ଦିନୀଙ୍କ ପ୍ରତି ବ୍ୟବହାର ଦେଖି ଏମାନେ ତାଙ୍କୁ କହିଥିଲେ, 'ନନ୍ଦିନୀ ! ତୁମକୁ ଆମେ ଛାଡ଼ି ଯିବୁନି । ତୁମେ ଆମ ସାଙ୍ଗରେ ଚାଲ ।' ସେଠାରୁ ରାଜ୍ୟ ସରକାରଙ୍କ ବିମାନ ଯୋଗେ ନନ୍ଦିନୀ ମଧ୍ୟ ସେମାନଙ୍କ ସାଙ୍ଗରେ ଭୁବନେଶ୍ୱର ଆସିଲେ ଏବଂ ସେଠାରୁ ସଦାଶିବବାବୁ ତାଙ୍କ ନିଜ ଗାଡ଼ିରେ ନନ୍ଦିନୀଙ୍କୁ କଟକର ପିଠାପୁରକୁ ପଠାଇଥିଲେ ।

ଏହାର ଦୁଇଦିନ ପରେ ଭବାନୀ ପଟ୍ଟନାୟକ ଏବଂ ବିଭୁଧେନ୍ଦ୍ର ମିଶ୍ର ପାହାନ୍ତିଆରୁ ଉଠି ନନ୍ଦିନୀଙ୍କୁ ଫୋନ୍ ଯୋଗେ ଜଣାଇଥିଲେ ସେ କେନ୍ଦ୍ରରେ ମନ୍ତ୍ରୀପଦ ପାଇଛନ୍ତି ବୋଲି । ନନ୍ଦିନୀ ଏମାନଙ୍କ କଥାକୁ ପରିହାସ ଭାବି ସେମାନଙ୍କ ଉପରେ ବିରକ୍ତ ହୋଇ କହିଥିଲେ, "କାହିଁକି ସେମିତି ବାଜେ କଥାବାର୍ତ୍ତା କରୁଛନ୍ତି ?" ସେମାନେ କହିଥିଲେ, 'ନାଇଁ ଆଜ୍ଞା, ଇନ୍ଦିରା ଗାନ୍ଧୀ ତୁମକୁ ସତରେ ମନ୍ତ୍ରୀ କରିଛନ୍ତି ।' ନନ୍ଦିନୀ ଟିକେ ଆଶ୍ଚର୍ଯ୍ୟ ହୋଇ ସମୟକୁ ଅପେକ୍ଷା କଲେ ।

Digitized by PPRACHIN, SOA

ସକାଳୁ ସକାଳୁ ସେ ନିଜର ନିତ୍ୟକର୍ମ ସାରି ଘର ଓଳାଇବାରେ ବ୍ୟସ୍ତ ଥାଆନ୍ତି, ଏତିକିବେଳେ ରେଡିଓ ଷ୍ଟେସନ୍‌ରୁ କେତେଜଣ କର୍ମଚାରୀ ଆସି ତାଙ୍କୁ କହିଲେ, 'ଟିକେ ନନ୍ଦିନୀ ଶତପଥୀଙ୍କୁ ଡାକି ଦିଅନ୍ତୁ ।' ନନ୍ଦିନୀ ତାଙ୍କୁ ପଚାରିଥିଲେ, 'କ'ଣ କୁହନ୍ତୁ ।' ସେମାନେ କହିଥିଲେ, 'ନା, ତୁମେ ତାଙ୍କୁ ଡାକିଦିଅ, ତାଙ୍କ ପାଖରେ ଆମର କାମ ଅଛି ।' ସେମାନେ ସତରେ ବିଶ୍ୱାସ କରିପାରୁନଥିଲେ ଯେ, ସେଇ ଘରଓଳା କାମରେ ବ୍ୟସ୍ତ ଥିବା ମହିଳାଟି ହିଁ ପ୍ରକୃତରେ ନନ୍ଦିନୀ ଶତପଥୀ, ନୂଆ ସକାଳର କେନ୍ଦ୍ରମନ୍ତ୍ରୀ ଏବଂ ବିଶେଷକରି ତାଙ୍କ ବିଭାଗର ଭାବି ମନ୍ତ୍ରୀ ହୋଇଥିବେ ବୋଲି ! "ମୁଁ ହିଁ ନନ୍ଦିନୀ ଶତପଥୀ, ଆପଣଙ୍କର କ'ଣ କହିବା କଥା କୁହନ୍ତୁ" କହିବା ପରେ ସେମାନେ ଟିକିଏ ହଡ଼ବଡ଼େଇ ଗଲେ । ତା'ପରେ ତାଙ୍କଠାରୁ ଏକ ସାକ୍ଷାତକାର ନେଇ ଫେରିଯାଇଥିଲେ । ଏହାର କିଛି ସମୟ ପରେ ଦିଲ୍ଲୀରେ ଶୀଘ୍ର ପହଞ୍ଚିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଦପ୍ତରରୁ ତାଙ୍କ ନିକଟକୁ ଟେଲିଫୋନ୍ ଆସିଲା । ନନ୍ଦିନୀ ସେହିଦିନ ହିଁ ଦିଲ୍ଲୀ ଚାଲିଗଲେ ।

ଏ ସମ୍ପର୍କରେ ନନ୍ଦିନୀ କହୁଥିଲେ, "ଜାନୁଆରୀ ୨୫ ତାରିଖରେ ଦିଲ୍ଲୀରେ ପହଞ୍ଚି ତା' ପରଦିନ ଅର୍ଥାତ୍ ୨୬ ତାରିଖ ସାଧାରଣତନ୍ତ୍ର ଦିବସରେ ରାଷ୍ଟ୍ରପତିଙ୍କ 'ଏଟ୍ ହୋମ୍'କୁ ଗଲି । ସେହିଠାରେ ଇନ୍ଦିରା ଗାନ୍ଧୀଙ୍କୁ ଦେଖି ନମସ୍କାର କଲି । ମୋତେ ସେ ସଙ୍ଗେ ସଙ୍ଗେ କହିଲେ, 'ତୁ ଏତେ ଡେରି କାହିଁକି କଲୁ ? ଆସିଲୁନି କାହିଁକି ? ଠିକ୍ ଅଛି, କାଲି ତୁ ଓଥ୍ ନେବୁ ।' ମୁଁ ତାଙ୍କୁ କହିଲି, ମୋତେ ଟିକିଏ କହିଲେନି, ମନ୍ତ୍ରୀ କରିଦେଲେ ! ଏହା ଶୁଣି ଇନ୍ଦିରା ଗାନ୍ଧୀ କହିଲେ, 'ତତେ କ'ଣ ଗୋଟେ କହିବି ? ମୁଁ ଯାହା କହିବି ତୁ ତାହାହିଁ ତ କରିବୁ !'

ସେତେବେଳକୁ ନବଗଠିତ ମନ୍ତ୍ରିମଣ୍ଡଳର ସମସ୍ତ ସଦସ୍ୟ ନିଜନିଜର ପଦ ଓ ଗୋପନୀୟତାର ଶପଥ ନେଇ ସାରିଥାନ୍ତି । ଏକା ଥାନ୍ତି ନନ୍ଦିନୀ । ତା' ପରଦିନ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଏବଂ ଅନ୍ୟ ଜଣେ ଦୁଇଜଣ ମନ୍ତ୍ରୀଙ୍କ ଉପସ୍ଥିତିରେ ରାଷ୍ଟ୍ରପତି ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ ତାଙ୍କୁ ଶପଥ ପାଠ କରାଇଲେ । ପ୍ରଥମେ ନନ୍ଦିନୀଙ୍କୁ ସୂଚନା ଓ ପ୍ରସାରଣ ବିଭାଗର ଉପମନ୍ତ୍ରୀ କରାଯାଇଥିଲେ ହେଁ ସେ ଥିଲେ ତାଙ୍କ ବିଭାଗର ସର୍ବମୟ କର୍ତ୍ତ୍ରୀ । କାରଣ ଏହି ବିଭାଗର କ୍ୟାବିନେଟ୍ ମନ୍ତ୍ରୀ ଥିଲେ ସ୍ୱୟଂ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ । ମନ୍ତ୍ରୀପଦରେ ଶପଥ ଗ୍ରହଣ କରିବା ଦିନ ନନ୍ଦିନୀଙ୍କ ଜୀବନରେ ଏକ ସ୍ମରଣୀୟ ମୁହୂର୍ତ୍ତ ଉପସ୍ଥିତ ହୋଇଥିଲା, ଯେତେବେଳେ ଏହି ଖବର ସେ ତାଙ୍କର ପିତା କାଳିନ୍ଦୀଚରଣଙ୍କୁ ଦୂରଭାଷ ଯୋଗେ ଜଣାଇଥିଲେ । ସେ ସମ୍ପର୍କରେ ନନ୍ଦିନୀ କହୁଥିଲେ, "ମୁଁ ଯେତେବେଳେ ଏଇ ଖବରଟି ବାପାଙ୍କୁ ଆସି କହିଲି, ବାପା ହସିଦେଇ କହିଲେ,

Digitized by PPRACHIN, SOA

'ତୁ ପୁଣି ରେଡ଼ିଓ ବିଭାଗରେ ମନ୍ତ୍ରୀ ହୋଇଗଲୁ !' ମତେ ନିଜକୁ ଭାରି ସଂକୋଚିତ ମନେହେଲା । କାରଣ, ବାପା ସେତେବେଳେ ଥିଲେ ଅଲ ଇଣ୍ଡିଆ ରେଡିଓ, କଟକର ପ୍ରୋଗ୍ରାମ ଡାଇରେକ୍ଟର ।"

ନନ୍ଦିନୀ କେନ୍ଦ୍ରରେ ମନ୍ତ୍ରୀ ହେବା ପରେ ଇନ୍ଦିରା ଗାନ୍ଧୀଙ୍କ ସହିତ ତାଙ୍କର ସମ୍ପର୍କ ଆହୁରି ଦୃଢ଼ୀଭୂତ ହେବାକୁ ଲାଗିଲା । ଏହି ଘନିଷ୍ଠତାରୁ କେନ୍ଦ୍ର ସରକାରରେ ମଧ୍ୟ ନନ୍ଦିନୀଙ୍କ ପ୍ରଭାବ କ୍ରମଶଃ ବୃଦ୍ଧି ପାଇଥିଲା । ସେ ସୂଚନା ଓ ପ୍ରସାରଣ ବିଭାଗର ମନ୍ତ୍ରୀ ହୋଇଥିଲେ ସତ, କିନ୍ତୁ ପ୍ରଧାନମନ୍ତ୍ରୀଙ୍କ ଦାୟିତ୍ୱରେ ଥିବା ବିଭାଗଗୁଡ଼ିକ ବିଷୟରେ ଇନ୍ଦିରା ଗାନ୍ଧୀ ପ୍ରାୟ ସବୁବେଳେ ତାଙ୍କଠାରୁ ପରାମର୍ଶ ନେଉଥିଲେ ଏବଂ ତାଙ୍କ କହିବା ଅନୁସାରେ ସେ ଅନେକ କାର୍ଯ୍ୟକ୍ରମ ମଧ୍ୟ ସ୍ଥିର କରୁଥିଲେ ।

ଏଠାରେ ଉଲ୍ଲେଖନୀୟ ଯେ, ଇନ୍ଦିରା ଗାନ୍ଧୀ ପ୍ରଧାନମନ୍ତ୍ରୀ ହେବା ପରେ ତାଙ୍କର ଅତ୍ୟନ୍ତ ବିଶ୍ୱସ୍ତ ବୋଲି ବିଚାର କରି ଯେଉଁ କେତେଜଣଙ୍କୁ ତାଙ୍କ ମନ୍ତ୍ରିମଣ୍ଡଳରେ ସ୍ଥାନୀତ କରିଥିଲେ, ସେଥିମଧ୍ୟରେ ନନ୍ଦିନୀ ଥିଲେ ଅନ୍ୟତମ ଏବଂ ସର୍ବକନିଷ୍ଠ । ସେ ଏତେ କମ୍ ବୟସରେ ଇନ୍ଦିରା ଗାନ୍ଧୀଙ୍କ ଭଳି ପ୍ରଧାନମନ୍ତ୍ରୀଙ୍କର ବିଶ୍ୱସ୍ତ ବନ୍ଧୁ ହୋଇଯିବା ଏବଂ ତାଙ୍କ ମନ୍ତ୍ରିମଣ୍ଡଳରେ ଯୋଗଦେବା କଥା ଦେଖି, ସେତେବେଳେ ଓଡ଼ିଶାର ଅନେକ ଲୋକ ଆଶ୍ଚର୍ଯ୍ୟ ହୋଇଥିଲେ ! କେବଳ ଓଡ଼ିଶାରେ ନୁହେଁ, ସାରା ଦେଶରେ ମଧ୍ୟ ଇନ୍ଦିରା ଗାନ୍ଧୀଙ୍କ ମନ୍ତ୍ରିମଣ୍ଡଳ ବିଷୟରେ ଚର୍ଚ୍ଚା ହୋଇଥିଲା । କୁହାଯାଉଥିଲା ଯେ, ତାଙ୍କର 'କିଚେନ୍ କ୍ୟାବିନେଟ୍' ସେତେବେଳେ ଖୁବ୍ କ୍ଷମତାଶାଳୀ ତଥା ପ୍ରଭାବଶାଳୀ କ୍ୟାବିନେଟ୍‌ରେ ପରିଗଣିତ ହୋଇଥିଲା । ଏ ସମ୍ପର୍କରେ ନେହେରୁ ଏବଂ ଇନ୍ଦିରାଙ୍କର ଘନିଷ୍ଠ ଲେଖିକାବନ୍ଧୁ କ୍ୟାଥେରାଇନ୍ ଫ୍ରାଙ୍କ୍ ତାଙ୍କର ପ୍ରସିଦ୍ଧ "Indira-The Life of Indira Nehru Gandhi" ପୁସ୍ତକରେ ଲେଖିଛନ୍ତି, "xx Her closest advisors the "Kichen Cabinet" comprising Dinesh Singh, Inder Gujral, Nandini Satpathy, a young woman M.P. from Orissa, Uma Sankar Dikshit, D.P. Mishra, the powerful Chief Minister of Madhya Pradesh and three men who were also members of Indira's Official cabinet, C. Subramaniam, Ashok Meheta and Fakhruddin Ali Ahamad. (Part-III-Prime Minister Gandhi-P-299)."

ସେ ଉକ୍ତ ପୁସ୍ତକରେ ଆହୁରି ମଧ୍ୟ ଉଲ୍ଲେଖ କରିଛନ୍ତି ଯେ, "ଶ୍ରୀମତୀ ଗାନ୍ଧୀଙ୍କର ଏହି 'କିଚେନ୍ କ୍ୟାବିନେଟ୍'ର ସଦସ୍ୟମାନେ ବାମପନ୍ଥୀ ଚିନ୍ତାଧାରାର ବ୍ୟକ୍ତି ଥିଲେ ।

Digitized by PPRACHIN, SOA

ସେମାନେ ଶ୍ରୀମତୀ ଗାନ୍ଧୀଙ୍କୁ ବାମପନ୍ଥୀ ଆଦର୍ଶରେ ପ୍ରଭାବିତ କଲେ ଏବ ଆମେରିକା ସହ ସମ୍ପର୍କ ତ୍ୟାଗ କରିବା ପାଇଁ ଚାପ ଦେଲେ । ଫଳରେ ଇନ୍ଦିରା ଗାନ୍ଧୀ କଂଗ୍ରେସର ପୁରୁଣା ନେତାମାନଙ୍କଠାରୁ ଦୂରେଇ ଗଲେ" (ନନ୍ଦିନୀଦେବୀଙ୍କୁ ଯେପରି ଦେଖିଛି-ବରେନ୍ଦ୍ର ଧଳ-ଧରିତ୍ରୀ-୮.୮.୦୬) ।

କର୍ମରେ ବିଶ୍ୱାସ କରୁଥିବା ବ୍ୟକ୍ତି ନିକଟକୁ କାମ ଆପେ ଆପେ ଆସିଥାଏ । ଏଥିପାଇଁ କିଛି ଧରାଧରି କରିବାକୁ କି ଲାଞ୍ଚ ଦେବାକୁ ପଡ଼ିନଥାଏ, ଯାହା କି ଆଜିର ରାଜନୀତିରେ ଦୁର୍ମୂଲ୍ୟ । କର୍ମ କରିବାକୁ ସ୍ପୃହା ନାହିଁ, କେବଳ ଲାଞ୍ଚ, ମିଛ, ତୋଷାମଦ, ଗୁଣ୍ଡାଗିରି କରି ଯେନତେନ ପ୍ରକାରେଣ କ୍ଷମତା ପାଇଗଲେ ଗଲା । ଏବେ ସେବା ବଦଳରେ ନେବା, ତ୍ୟାଗ ବଦଳରେ ଭୋଗ କରିବା ରାଜନୀତିର ମୂଳମନ୍ତ୍ର ହୋଇଛି । ଏଥିସହିତ ଆଉ ଗୋଟାଏ ଅପସଂସ୍କୃତି ମଧ୍ୟ ସମ୍ପ୍ରତି ରାଜନୀତିକୁ ଗ୍ରାସ କରିଛି । ତାହାହେଲା, ଦଳର ମୁଖିଆଙ୍କ ଗୋଡ଼ ଘଷିବା, ପାଦଧୂଳି ନେଇ ମୁଣ୍ଡରେ ମାରିବା । ଯିଏ ଏହି କାମ କରିପାରିଲା ସେ ଟିକେଟ୍ ପାଇଲା, ମନ୍ତ୍ରୀ ହେଲା । ଏହି ପ୍ରକ୍ରିୟାରେ ଅଧୁନା ରାମା, ଦାମା, ଶାମାମାନେ ଓଡ଼ିଶା ବିଧାନସଭାରେ, ଦେଶର ସଂସଦରେ ସଭ୍ୟ, ରାଜ୍ୟ ମନ୍ତ୍ରିମଣ୍ଡଳରେ ପ୍ରଭାବଶାଳୀ ସଦସ୍ୟ । କିନ୍ତୁ ଏ ସବୁର ଘୋର ବିରୋଧୀ ଥିଲେ ନନ୍ଦିନୀ । ତାଙ୍କର ରାଜନୈତିକ ଜୀବଦ୍ଦଶାରେ ସେ କାହାରି ସହିତ ଅନ୍ୟାୟ ଭାବେ ସାଲିସ୍ କରିନାହାନ୍ତି, କି କେଉଁ ନେତାଙ୍କର ଏକଛତ୍ରବାଦୀ ବା ଅନ୍ୟାୟ ନିର୍ଦ୍ଦେଶରେ ପରିଚାଳିତ ହୋଇନାହାନ୍ତି । କ୍ଷମତା ପାଇଁ କେଉଁଠି ମୁଣ୍ଡ ନୁଆଁଇ ନଥିବା ଏହି ଅଦମନୀୟ ନାରୀନେତ୍ରୀ ସର୍ବଦା ଏସବୁର ଊର୍ଦ୍ଧ୍ୱରେ ରହି କାର୍ଯ୍ୟ କରିଆସିଛନ୍ତି । "ମୋତେ ଭଗବାନ ଯେଉଁ କାମ ଦେଉଛନ୍ତି ମୁଁ ସେଇ କାମକୁ ସୂଚାରୁରୂପେ ସମ୍ପାଦନ କରିବି"—ଏହା ହିଁ ଥିଲା ନନ୍ଦିନୀଙ୍କ ଜୀବନର ଏକ ମହାନ୍ ଦର୍ଶନ । ଇନ୍ଦିରା ଗାନ୍ଧୀ ତାଙ୍କ କାର୍ଯ୍ୟଧାରାରେ ଏତେମାତ୍ରାରେ ଆକୃଷ୍ଟ ହୋଇପଡ଼ିଥିଲେ ଯେ, ପ୍ରଧାନମନ୍ତ୍ରୀଙ୍କ ପରି ଏକ ଗୁରୁତ୍ୱପୂର୍ଣ୍ଣ ପଦବୀର କାର୍ଯ୍ୟଭାର ଅନେକ ସମୟରେ ଅନାୟାସରେ ତାଙ୍କ ଉପରେ ନ୍ୟସ୍ତ କରି ସେ ଚିନ୍ତାଶୂନ୍ୟ ରହିପାରୁଥିଲେ । ନନ୍ଦିନୀଙ୍କ କାର୍ଯ୍ୟଧାରା, ବିଚକ୍ଷଣ ବୁଦ୍ଧି, ବହୁ ଭାଷାରେ ପାରଦର୍ଶିତା ଏବଂ ସର୍ବୋପରି ତାଙ୍କର ସାଧାରଣ ଲୋକାଭିମୁଖୀ ଯୋଜନାଗୁଡ଼ିକ ଇନ୍ଦିରା ଗାନ୍ଧୀଙ୍କୁ ଅତି ମାତ୍ରାରେ ପ୍ରଭାବିତ କରିଥିଲା, ଯାହାଫଳରେ ଶ୍ରୀମତୀ ଗାନ୍ଧୀ ତାଙ୍କୁ ଖୁବ୍ ଗୁରୁତ୍ୱ ଦେଉଥିଲେ ଏବଂ ନନ୍ଦିନୀ ତାଙ୍କର ଅତି ନିକଟତମ ବ୍ୟକ୍ତି ଭାବରେ ସର୍ବତ୍ର ପରିଚିତା ହେଉଥିଲେ । ତଥ୍ୟ ଓ ବେତାର ମନ୍ତ୍ରୀ ଥିବାବେଳେ ସେ ପ୍ରଥମ କରି ଓଡ଼ିଶାର ଢେଙ୍କାନାଳରେ ଏକ ଉଚ୍ଚ ଶକ୍ତିସମ୍ପନ୍ନ ଟ୍ରାନ୍ସମିଟର ପ୍ରତିଷ୍ଠା କରି ଦୂରଦର୍ଶନ କେନ୍ଦ୍ର

Digitized by PPRACHIN, SOA

ଆରମ୍ଭ କରିଥିଲେ । ଦେଶର ସମସ୍ତ ବେତାରକେନ୍ଦ୍ରଗୁଡ଼ିକର ଉନ୍ନତୀକରଣ କରାଇ ଉଚ୍ଚ ଶକ୍ତିସମ୍ପନ୍ନ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

ଏକଥା କହିବା ନିଷ୍ପ୍ରୟୋଜନ ଯେ, କେନ୍ଦ୍ରରେ ମନ୍ତ୍ରୀ ଥିବାବେଳେ ନନ୍ଦିନୀ କେନ୍ଦ୍ର ରାଜନୀତିରେ ଖୁବ୍ ପ୍ରଭାବଶାଳୀ ହୋଇଉଠିଥିଲେ । ଏହାର ଏକ ମୁଖ୍ୟ କାରଣ ଥିଲା ଇନ୍ଦିରା ଗାନ୍ଧୀଙ୍କ ସହିତ ତାଙ୍କର ବନ୍ଧୁତା । ଏତଦ୍‌ବ୍ୟତୀତ ଅନ୍ୟ ଏକ ସଂଯୋଗ ମଧ୍ୟ ଉଭୟ 'ଆଇରନ୍ ଲେଡି' (ଲୌହ ମାନବୀ)ଙ୍କୁ ଗୋଟିଏ ସୂତ୍ରରେ ବାନ୍ଧି ରଖିବାରେ ସହାୟକ ହୋଇଥିଲା । ତାହାହେଲା 'ଶ୍ରୀମା'ଙ୍କ ସହିତ ସମ୍ପର୍କ । ଇନ୍ଦିରା ଗାନ୍ଧୀ ଆଗରୁ 'ଶ୍ରୀମା'ଙ୍କ ସମ୍ବନ୍ଧରେ କିଛି କିଛି ଜାଣିଥିଲେ ସୁଦ୍ଧା ତାଙ୍କର ପ୍ରତ୍ୟକ୍ଷ ଦର୍ଶନ କିମ୍ବା ତାଙ୍କ ଆଧ୍ୟାତ୍ମିକ ଜୀବନ ସହିତ ଏତେଟା ପରିଚିତା ନଥିଲେ । ନନ୍ଦିନୀ ହିଁ ତାଙ୍କୁ ପ୍ରଥମେ 'ଶ୍ରୀମା'ଙ୍କର ଆଧ୍ୟାତ୍ମିକ ଦିଗ ସମ୍ପର୍କରେ ଅବଗତ କରାଇଥିଲେ । ନନ୍ଦିନୀ ଥିଲେ ଖୁବ୍ ସ୍ପଷ୍ଟବାଦୀ । ସେ ବୁଝିବିଚାରି ଯାହା ନିଷ୍ପତ୍ତି କରୁଥିଲେ ଏବଂ ସାଧାରଣ ଦୃଷ୍ଟିରୁ ଯାହା ଠିକ୍ ବୋଲି ଭାବୁଥିଲେ ତାହାହିଁ କରୁଥିଲେ । କେହି ତାଙ୍କୁ ସେଥିରୁ ବିଚ୍ୟୁତ କରିବା ସମ୍ଭବ ନଥିଲା । ନେହେରୁଙ୍କ ସମୟରୁ ତାଙ୍କ ପରିବାର ସହିତ ନନ୍ଦିନୀଙ୍କର ଏକ ଦୃଢ଼ ବ୍ୟକ୍ତିଗତ ସମ୍ପର୍କ ଗଢ଼ିଉଠିଥିଲା । ଏପରିକି ଇନ୍ଦିରା ଗାନ୍ଧୀ ତାଙ୍କୁ ନିଜ ପରିବାରର ଜଣେ ସଦସ୍ୟ ପରି ମନେ କରୁଥିଲେ ଏବଂ ଅତ୍ୟନ୍ତ ସ୍ନେହ ମଧ୍ୟ କରୁଥିଲେ । ନନ୍ଦିନୀଙ୍କ ପ୍ରଭାବ ଦେଖି ସେତେବେଳେ କେନ୍ଦ୍ରରେ ତଥା ଓଡ଼ିଶାର ଅନେକ ନେତା ତାଙ୍କ ପ୍ରତି ଖୁବ୍ ଈର୍ଷାନ୍ୱିତ ହୋଇଥିଲେ । ହେଲେ କାହାରି ଈର୍ଷା ବା ପ୍ରଶଂସାରେ ବିଚଳିତ ନ ହୋଇ ସେ ନିଜର କର୍ତ୍ତବ୍ୟ ସମ୍ପାଦନ କରିଚାଲିଥିଲେ । ଅନ୍ୟ ଏକ ଉଲ୍ଲେଖନୀୟ ଘଟଣାକୁ ଅସ୍ୱୀକାର କରାଯାଇ ନପାରେ । ତାହାହେଲା, କେନ୍ଦ୍ରରେ ବଡ଼ ବଡ଼ ନେତାମାନେ ଯେତେବେଳେ ଇନ୍ଦିରାଙ୍କୁ ବିରୋଧ କରୁଥିଲେ, ସେତେବେଳେ ତାଙ୍କ ପାଖେ ପାଖେ ରହି ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବାରେ ନନ୍ଦିନୀ କେବେ ହେଳା କରୁନଥିଲେ । ତା'ଛଡ଼ା ବ୍ୟକ୍ତିଗତ ସ୍ୱାର୍ଥସାଧନ ବା ପଦପଦବୀ ପାଇବାର ଲାଳସା ତାଙ୍କର ଆଦୌ ନଥିଲା । ଏହିସବୁ କାରଣରୁ ବୋଧହୁଏ ଇନ୍ଦିରା ଗାନ୍ଧୀ ତାଙ୍କ ଉପରେ କ୍ରମଶଃ ଅଧିକରୁ ଅଧିକ ନିର୍ଭରଶୀଳ ହେଉଥିଲେ । ଏଠାରେ ଗୋଟିଏ ଘଟଣାକ୍ରମକୁ ଦୃଷ୍ଟାନ୍ତ ରୂପେ ନିଆଯାଇପାରେ–

୧୯୬୮ ମସିହାରେ ଇନ୍ଦିରା ଗାନ୍ଧୀ ତାଙ୍କ ମନ୍ତ୍ରିମଣ୍ଡଳରେ ଅଦଳବଦଳ କରିବା ସମୟରେ କେଉଁମାନେ ମନ୍ତ୍ରୀ ହେବେ ଏବଂ କିଏ କେଉଁ ବିଭାଗ ପାଇବେ ତାହାର ଏକ ତାଲିକା ପ୍ରସ୍ତୁତ କରିବାକୁ ନନ୍ଦିନୀଙ୍କୁ ଦାୟିତ୍ୱ ଦେଇଥିଲେ । ନନ୍ଦିନୀ ମନ୍ତ୍ରିମଣ୍ଡଳର ଏକ

Digitized by PPRACHIN, SOA

ତାଲିକା ପ୍ରସ୍ତୁତ କରି ତାଙ୍କୁ ପ୍ରଦାନ କରିବା ପରେ ଇନ୍ଦିରାଜୀ ତାହା ନ ଦେଖି ରାଷ୍ଟ୍ରପତିଙ୍କ ନିକଟକୁ ପଠାଇଦେଲେ । ତାଲିକା ପ୍ରଦାନ କରିସାରି ନନ୍ଦିନୀ ନିଜର ବାସଭବନକୁ ଫେରିଆସିଥିଲେ । ମନ୍ତ୍ରିମଣ୍ଡଳର ତାଲିକାକୁ ରାଷ୍ଟ୍ରପତି ଅନୁମୋଦନ କରିସାରିବା ପରେ କେହି ଜଣେ ଆବିଷ୍କାର କଲେ ଯେ, ସେଥିରେ ନନ୍ଦିନୀ ଶତପଥୀଙ୍କ ନାମ ନାହିଁ । ଇନ୍ଦିରା ଗାନ୍ଧୀ ଏହା ଜାଣି ସଙ୍ଗେ ସଙ୍ଗେ ଡକାଇଲେ ନନ୍ଦିନୀଙ୍କୁ । ପ୍ରଧାନମନ୍ତ୍ରୀଙ୍କ ଦପ୍ତରରୁ ଟେଲିଫୋନ୍ ପାଇ ତାଲିକାରେ କାଳେ କିଛି ତ୍ରୁଟି ରହିଯାଇଛି ଭାବି ତତ୍‌କ୍ଷଣାତ୍ ସେ ଯାଇ ପହଞ୍ଚିଥିଲେ ଇନ୍ଦିରା ଗାନ୍ଧୀଙ୍କ ନିକଟରେ । ଶ୍ରୀମତୀ ଗାନ୍ଧୀ ଅଭିମାନଭରା ବିରକ୍ତି ପ୍ରକାଶ କରି ତାଙ୍କୁ ମନ୍ତ୍ରିମଣ୍ଡଳରେ ତ ନେଇଗଲେ, ହେଲେ ସେତେବେଳକୁ ସବୁ ବିଭାଗ ବଣ୍ଟନ ସରିଯାଇଥିଲା । ତେଣୁ ପ୍ରଥମଥର ପାଇଁ କେନ୍ଦ୍ର କ୍ୟାବିନେଟ୍‌ରେ "ମିନିଷ୍ଟର ଆଟାଚ୍ ଟୁ ପ୍ରାଇମ୍ ମିନିଷ୍ଟର" ଭଳି ଏକ ନୂତନ ବିଭାଗ ସୃଷ୍ଟି କରାଯାଇ ନନ୍ଦିନୀଙ୍କୁ ଉକ୍ତ ବିଭାଗର ଦାୟିତ୍ୱ ଦିଆଯାଇଥିଲା ।

"ମିନିଷ୍ଟର ଆଟାଚ୍ ଟୁ ପ୍ରାଇମ୍ ମିନିଷ୍ଟର" ପଦବୀରେ ଯୋଗ ଦେବାପରେ ନନ୍ଦିନୀଙ୍କର କାର୍ଯ୍ୟବ୍ୟସ୍ତତା ଅନେକ ବଢ଼ିଯାଇଥିଲା । ପ୍ରଧାନମନ୍ତ୍ରୀଙ୍କ ହାତରେ ଯେତେସବୁ ବିଭାଗ ଥିଲା, ଯଥା : ଆଟମିକ, ପ୍ଲାନିଂ ଇତ୍ୟାଦି ସମସ୍ତ ବିଭାଗର ପ୍ରଶ୍ନୋତ୍ତର ତାଙ୍କୁ ହିଁ ପ୍ରସ୍ତୁତ କରିବାକୁ ଇନ୍ଦିରା ଗାନ୍ଧୀ କହିଲେ । ଏହାଛଡ଼ା ସଂସଦରେ ବିଲ୍ ମୁଭ୍ କରିବାଠାରୁ ଆରମ୍ଭ କରି ତା'ର ଉତ୍ତର ଦେବା ପର୍ଯ୍ୟନ୍ତ ସମସ୍ତ ଦାୟିତ୍ୱ ସେ ତାଙ୍କରି ଉପରେ ନ୍ୟସ୍ତ କଲେ । ନନ୍ଦିନୀଙ୍କ ପୂର୍ବରୁ ପି.ଏନ୍. ହକ୍‌ସର ଏହି ଦାୟିତ୍ୱ ବୁଝୁଥିଲେ ଏବଂ ଇନ୍ଦିରାଜୀଙ୍କ ପାଇଁ ଲେଖାଲେଖି କରିଦେଉଥିଲେ । ଏହି ସମୟରେ ନନ୍ଦିନୀଙ୍କର ଭାରତବର୍ଷକୁ ଏକ ମହାର୍ଘ୍ୟ ଅବଦାନ ଥିଲା, ୧୯୬୮ ଏବଂ ୧୯୭୧ ମସିହାରେ ଚଳଚ୍ଚିତ୍ର ଏବଂ ସାଂସ୍କୃତିକ ବିଭାଗର ପ୍ରତିନିଧି ଦଳର ନେତୃତ୍ୱ ନେଇ ସୋଭିଏତ୍ ରୁଷ ଯିବା ଅବସରରେ, ସେ ହିଁ ଭାରତ-ସୋଭିଏତ୍ ୟୁନିଅନ୍ ବନ୍ଧୁତାର ମୂଳଦୁଆ ପକାଇଥିଲେ । ଯାହାର ସୁଫଳ ଭାରତବର୍ଷ ଭୋଗ କରିଆସୁଅଛି ଏଯାବତ୍ ।

⁂

Digitized by PPRACHIN, SOA

୧୨

'ଶ୍ରୀମା'ଙ୍କ ସହିତ ନନ୍ଦିନୀ ଓ ଇନ୍ଦିରା

କେବଳ ସମାଜସେବା, ରାଜନୀତି ଏବଂ ଲେଖାଲେଖି ଭିତରେ ବାନ୍ଧି ନ ହୋଇ ଆଧ୍ୟାତ୍ମିକ ଚେତନା ପ୍ରତି ମଧ୍ୟ ନିଜର ହୃଦୟକୁ ଉନ୍ମୁକ୍ତ ରଖିଥିଲେ ନନ୍ଦିନୀ । ପିଲାଟି ଦିନରୁ ତାଙ୍କ ଭିତରେ ଆଧ୍ୟାତ୍ମିକତାର ଉନ୍ମେଷ ଘଟି କୃଷ୍ଣ ଚେତନା ପ୍ରତି ଆକୃଷ୍ଟ ହେବା ସଙ୍ଗେ ସଙ୍ଗେ, ପ୍ରତ୍ୟହ ଗୀତାପାଠ ପୂର୍ବକ ସର୍ବଭୂତରେ ସେ ପରମାତ୍ମାଙ୍କ ଦର୍ଶନ ଲାଭ କରିବାରେ ବିଶ୍ୱାସୀ ଥିଲେ । ଗୁରୁଜନଙ୍କର ପଦସ୍ପର୍ଶ କରି ପ୍ରଣାମ କରୁଥିଲେ ଏବଂ ସର୍ବଦା କହୁଥିଲେ, "ସକଳ ଘଟେ ନାରାୟଣ", "ସର୍ବଦେବଃ ନମସ୍କାରଂ କେଶବ ପ୍ରତିଗଚ୍ଛତି ।" —ଏହା ହିଁ ଥିଲା ତାଙ୍କ ଆଧ୍ୟାତ୍ମିକ ଜୀବନର ମୂଳାଧାର । ପିଲାଟି ଦିନରୁ ମାନସଚକ୍ଷୁରେ ତାଙ୍କର ବାରମ୍ବାର ଯେଉଁ କଳ୍ପିତ ନାରୀମୂର୍ତ୍ତିଟିର ରୂପ ଉଦ୍‌ଭାସିତ ହୋଇଉଠି ତାଙ୍କୁ ଅଧିକାଂଶ ସମୟରେ ଆଚ୍ଛନ୍ନ କରି ରଖୁଥିଲା, ତାହା ହିଁ ଥିଲା ତାଙ୍କ ଆଧ୍ୟାତ୍ମିକ ଜୀବନର ଏକ ସୂକ୍ଷ୍ମ ରହସ୍ୟ; ଯାହା ସର୍ବପ୍ରଥମେ ବଳିଷ୍ଠ ରୂପ ନେଲା ୧୯୬୦ ମସିହାରେ ପଣ୍ଡିଚେରୀ ଆଶ୍ରମରେ 'ଶ୍ରୀମା'ଙ୍କ ଦର୍ଶନ ଲାଭକରି । ଜଣେ ପ୍ରବୀଣା ରାଜନୀତିଜ୍ଞ, ସୃଜନଶୀଳ ଲେଖିକା, ଉତ୍ତମ ସଂଗଠିକା ଏବଂ ସୁବକ୍ତା ହିସାବରେ ନନ୍ଦିନୀ ସର୍ବଜନବିଦିତ । ମାତ୍ର ତାଙ୍କ ଆଧ୍ୟାତ୍ମିକ ଜୀବନର ଏହି ସୂକ୍ଷ୍ମ ରହସ୍ୟ ବିଷୟରେ ଅନେକେ ଏବେ ବି ହୁଏତ ଅପରିଚିତ । ତା'ଛଡ଼ା ଆଧ୍ୟାତ୍ମିକତା ଥିଲା ତାଙ୍କର ବଂଶଗତ ଓ ଜନ୍ମଗତ । ଓଡ଼ିଶାରେ ଜନ୍ମଲାଭ କରିଥିବା ଏହି ବରେଣ୍ୟ ନାରୀ ପ୍ରତିଭା ଜଣକ ଏକଦା ଭାରତବର୍ଷର ଆଧ୍ୟାତ୍ମିକ ନେତ୍ରୀ ଭାବେ ଜଣାଶୁଣା 'ଶ୍ରୀମା'ଙ୍କ ସହିତ ଦେଶର ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କର ଘନିଷ୍ଠ ସମ୍ପର୍କ ସ୍ଥାପନ କରିବାରେ ଏକ ବଳିଷ୍ଠ ଭୂମିକା ଗ୍ରହଣ କରିଥିଲେ । ନନ୍ଦିନୀଙ୍କ ଜରିଆରେ ଶ୍ରୀମତୀ ଗାନ୍ଧୀ ଦେଶ, ସରକାର ତଥା ନିଜର ବ୍ୟକ୍ତିଗତ ଅନେକ ସମସ୍ୟା ସମ୍ପର୍କରେ 'ଶ୍ରୀମା'ଙ୍କର ଉପଦେଶ ଲୋଡ଼ି ପାଇପାରୁଥିଲେ ।

Digitized by PPRACHIN, SOA

୧୯୬୦ ମସିହା ନଭେମ୍ବର ମାସରେ ଦେବେନ୍ଦ୍ର ଶତପଥୀ ଏବଂ ବିଶ୍ୱମ୍ଭର ସାମନ୍ତ ପ୍ରଥମ କରି ପଣ୍ଡିଚେରୀର ଶ୍ରୀଅରବିନ୍ଦ ଆଶ୍ରମକୁ ଯାଇଥିଲେ । ସେଠାରୁ ଫେରିବା ପରେ ଦେବେନ୍ଦ୍ରବାବୁ ପଣ୍ଡିଚେରୀ ଆଶ୍ରମ ଯିବା ପାଇଁ ନନ୍ଦିନୀଙ୍କୁ ଉତ୍ସାହିତ କଲେ । ଏହା ପୂର୍ବରୁ ନନ୍ଦିନୀ 'ନବଜ୍ୟୋତି' (ଶ୍ରୀଅରବିନ୍ଦ ଆଶ୍ରମରୁ ପ୍ରକାଶିତ ମାସିକ ପତ୍ରିକା) ନିୟମିତ ପଢୁଥିଲେ ଏବଂ 'ଶ୍ରୀମା'ଙ୍କ ବିଷୟରେ ସେଇଥିରୁ କିଛି କିଛି ଜାଣିଥିଲେ । ଦେବେନ୍ଦ୍ରବାବୁଙ୍କଠାରୁ ପଣ୍ଡିଚେରୀ ଯିବା କଥା ଶୁଣି ସେ ଖୁସି ହୋଇଗଲେ । ତା'ପରେ ସ୍ୱାମୀଙ୍କ ସହିତ ଦୁଇପୁଅ ନଚିକେତା ଏବଂ ତଥାଗତଙ୍କୁ ସାଙ୍ଗରେ ନେଇ ମାଡ୍ରାସ୍ ମେଲ୍‌ର ତୃତୀୟ ଶ୍ରେଣୀ ଡବାରେ ଯାତ୍ରା ଆରମ୍ଭ କରିଦେଲେ । ମାଡ୍ରାସ୍‌ରେ ଓହ୍ଲାଇ ଏଗ୍‌ମୋର ଷ୍ଟେସନ ଗଲେ ଏବଂ ସେଠାରୁ ଯେଉଁ ଗୋଟିଏ ଟ୍ରେନ୍ ପଣ୍ଡିଚେରୀ ଯାଏ, ସେଇଥିରେ ସେମାନେ ପଣ୍ଡିଚେରୀରେ ଯାଇ ପହଞ୍ଚିଲେ । ଦୁଇ ପୁଅ ସାନ ସାନ ହୋଇଥିବାରୁ ନନ୍ଦିନୀ ସେମାନଙ୍କୁ ଦୁଇଗୋଡ଼ରେ ବସେଇ ଦୀର୍ଘପଥ ଯାତ୍ରା କରିଥିବାରୁ ପଣ୍ଡିଚେରୀରେ ଓହ୍ଲାଇଲାବେଳକୁ ତାଙ୍କର ଗୋଡ଼ ଦୁଇଟି ଅସମ୍ଭବ ଭାବେ ଫୁଲିଯାଇ ଭୀଷଣ ଯନ୍ତ୍ରଣା ହେଉଥାଏ । ଦେବେନ୍ଦ୍ରବାବୁ ପିଲାମାନଙ୍କୁ ନେଇ ଜଣକ ଘରେ ରହିବାର ବନ୍ଦୋବସ୍ତ କରିଦେଲେ । ସେତେବେଳେ ନନ୍ଦିନୀ ଖୁବ୍ ଅଭାବ ସମୟ ଦେଇ ଗତି କରୁଥାନ୍ତି । ଟିଉସନ୍ ହିଁ ରୋଜଗାରର ଏକମାତ୍ର ପନ୍ଥା । ଏପରିକି ପଣ୍ଡିଚେରୀ ଯିବା ସମୟରେ ତାଙ୍କ ନିକଟରେ ଦୁଇଟଙ୍କା ମାତ୍ର ଥାଏ । ପ୍ରଥମ ଦିନଟା ଆଶ୍ରମରେ ଖାଇବା ପିଇବା ହେଲା । ସେଠାରେ ଥିବା ରାମକୃଷ୍ଣ ଦାସ ଦେଖିଲେ ଯେ, ଆଶ୍ରମ ପକ୍ଷରୁ ଖାଇବା ପାଇଁ ନିର୍ଦ୍ଧାରିତ ପଇସା ବି ସେମାନଙ୍କ ନିକଟରେ ନଥିଲା । ତେଣୁ ସେ ତାଙ୍କୁ ଡେକ୍‌ଚି, ଷ୍ଟୋଭ୍, ପରିବା ସବୁ ଦେଇ କହିଲେ, ଏଇଠି ରୋଷେଇ କରି ଖାଅ ।

ତହିଁ ପରଦିନ ସକାଳେ 'ଶ୍ରୀମା'ଙ୍କର ଦର୍ଶନ ହେଲା । ମା' ସେତେବେଳେ ବାଲ୍‌କୋନୀ ଦର୍ଶନ ଦେଉଥିଲେ । ଏମାନେ ସବୁ ଭୋର୍ ପାଞ୍ଚଟାରୁ ଉଠି ବାଲ୍‌କୋନୀକୁ ଚାହିଁଥାନ୍ତି । ସେଠାରେ ଆହୁରି ଅନେକ ଲୋକ ବି ଅପେକ୍ଷା କରି ରହିଥାନ୍ତି ମା'ଙ୍କୁ ଦର୍ଶନ କରିବା ନିମିତ୍ତ । କିଛି ସମୟ ପରେ ବାଲ୍‌କୋନୀକୁ 'ଶ୍ରୀମା' ଆସି ଚାରିଆଡ଼କୁ ଚାହିଁଲେ । ନିଜର ଆଧ୍ୟାତ୍ମିକ ଅନୁଭୂତି ବର୍ଣ୍ଣନା କରି ନନ୍ଦିନୀ କହୁଥିଲେ, "ସେ ଯେପରି ଭାବରେ ଆଖି ବୁଲାଉଥାନ୍ତି, ପ୍ରତି ଲୋକର ମନେହୁଏ ଯେ ମା' ତାକୁ ହିଁ ଦେଖୁଛନ୍ତି । ମୁଁ ଗୋଟିଏ ଲୟରେ ଚାହିଁଥାଏ । ମୋର ମା'ଙ୍କୁ ଦେଖି ପ୍ରଥମେ ମନେ ହୋଇଥିଲା ଯେ, ସ୍ୱୟଂ ଭଗବାନ ତ ମଣିଷ ରୂପରେ ଜନ୍ମ ହୋଇଛନ୍ତି ଏଠାରେ ! ଏମାନେ ଜାଣିପାରୁ ନାହାନ୍ତି ! ତା'ପରେ ସେଠାରେ ସାତ ଆଠଦିନ ରହିଲୁ ଏବଂ ସିଧାସଳଖ ଦର୍ଶନ କଲୁ ।

Digitized by PPRACHIN, SOA

ମୁଁ, ଦେବବାବୁ ଏବଂ ପିଲାମାନେ ମା'ଙ୍କୁ ଏକୁଟିଆ ଦର୍ଶନ କଲୁ । ମା' ନାନୁ (ନଚିକେତା), ବାବୁଲୁ (ତଥାଗତ)ଙ୍କ ମୁଣ୍ଡରେ ହାତ ବୁଲାଇ ବହୁତ ଆଶୀର୍ବାଦ କଲେ । ମୋ ମୁଣ୍ଡରେ ବି ହାତ ବୁଲାଇ ଆଶୀର୍ବାଦ କଲେ ।"

ଏହାପରେ ନନ୍ଦିନୀ ୧୯୬୨ ମସିହାରେ ଏମ୍.ପି ହେବାପରେ ଦିଲ୍ଲୀରୁ ସିଧା ପ୍ଲେନ୍‌ରେ ପଣ୍ଡିଚେରୀ ଗଲେ । ଦ୍ୱିତୀୟ ଥର ସେ ଅନୁଭବ କଲେ ଯେ, ମା' ତାଙ୍କୁ ଅତ୍ୟନ୍ତ ଭଲ ପାଉଛନ୍ତି । ଆଶ୍ରମର ଫଟୋ ଦୋକାନ ଦେଖାଶୁଣା କରୁଥିବା ଚାରୁପଦ କାକା କ୍ରମଶଃ ଅନୁଭବ କଲେ ଯେ, ମା' ନନ୍ଦିନୀ ଶତପଥୀଙ୍କୁ ବେଶି ଭଲ ପାଉଛନ୍ତି । ଆଶ୍ରମର ଅନ୍ତେବାସୀ ସମସ୍ତଙ୍କର ମଧ୍ୟ ସେହି ଏକା ଧାରଣା ହୋଇଥିଲା । ଏହା ଦେଖି ଚାରୁପଦ କାକା ମା'ଙ୍କର ମୁଦି, ଫଟୋ, ଧୂପ ପ୍ରଭୃତି ଦେଇ ନନ୍ଦିନୀଙ୍କୁ କହିଥିଲେ, 'ତୁ ମା'ଙ୍କର ପିଲା ।' ତା' ପରଠାରୁ ନନ୍ଦିନୀ ବରାବର ପଣ୍ଡିଚେରୀ ଯିବା ସହିତ, ସେଠାରୁ ଫେରି ଶ୍ରୀମା ଏବଂ ଶ୍ରୀଅରବିନ୍ଦଙ୍କ ଆଧ୍ୟାତ୍ମିକତା ସମ୍ବନ୍ଧରେ ଇନ୍ଦିରା ଗାନ୍ଧୀଙ୍କ ସହିତ ମଝିରେ ମଝିରେ ଆଲୋଚନା ପ୍ରସଙ୍ଗରେ କଥାବାର୍ତ୍ତା ହେଉଥିଲେ । ଇନ୍ଦିରା ଗାନ୍ଧୀ ପ୍ରଧାନମନ୍ତ୍ରୀ ହେବାପରେ ବିଭିନ୍ନ ସମସ୍ୟା ବିଷୟରେ ନନ୍ଦିନୀଙ୍କ ସହିତ ଆଲୋଚନା କରି ସମାଧାନଟା କିପରି ବାହାରିବ ତା' ଚିନ୍ତା କରିବାକୁ କହୁଥିଲେ । ସମାଧାନ ବିଷୟରେ 'ଶ୍ରୀମା'ଙ୍କୁ ପଚାରିବାକୁ ନନ୍ଦିନୀ ତାଙ୍କୁ ପରାମର୍ଶ ଦେଇ ପଣ୍ଡିଚେରୀ ଯାଉଥିଲେ । ସେଠାରୁ ମା'ଙ୍କ ଠାରୁ ପରାମର୍ଶ କରି ସମାଧାନର ପନ୍ଥା ଇନ୍ଦିରାଙ୍କୁ ବତାଉଥିଲେ । ଏହିପରି ଅନେକ ଛୋଟ ବଡ଼ ସମସ୍ୟା କଥା ସେ ମା'ଙ୍କୁ ସିଧାସଳଖ ପଚାରୁଥିଲେ । ଧୀରେ ଧୀରେ ଏମିତି ହେଲା, ଇନ୍ଦିରା ଗାନ୍ଧୀ ତାଙ୍କର ବ୍ୟକ୍ତିଗତ କଥା ବି ମା'ଙ୍କଠାରୁ ବୁଝିବା ପାଇଁ ତାଙ୍କୁ କହିଲେ । ଏକଦା ତାଙ୍କ ବଡ଼ବୋହୂ ସୋନିଆଙ୍କର ପ୍ରଥମ ସନ୍ତାନ ଜନ୍ମ ହେବାର ଥାଏ । ସେଥିପାଇଁ ସେ ବହୁତ ଚିନ୍ତିତ ଥାଆନ୍ତି । ଥରେ ସେ ନନ୍ଦିନୀଙ୍କୁ ଡାକି କହିଲେ, 'ତମେ ଯଦି ପଣ୍ଡିଚେରୀ ଯାଉଛ, ତେବେ ମା'ଙ୍କୁ ସୋନିଆ କଥା କହିବ, ତା' ପାଇଁ ବ୍ଲେସିଙ୍ଗ ଆଣିବ । ରାଜୀବ, ସଂଜୟ ପାଇଁ ମଧ୍ୟ ବ୍ଲେସିଙ୍ଗ ଆଣିବ ।' ନନ୍ଦିନୀ ଯାଇ ମା'ଙ୍କୁ ସବୁକଥା କହି ସମସ୍ତଙ୍କ ପାଇଁ ବ୍ଲେସିଙ୍ଗ ଆଣି ଫେରିଚା ଦିନ ଇନ୍ଦିରା ଗାନ୍ଧୀ ବି ପାଟନାରୁ ଫେରିବାର ଥିଲା । ମାଡ୍ରାସ୍ ପ୍ଲେନ୍‌ଟା ଆଗ ପହଞ୍ଚିବାରୁ ସେ ଦେଖିଲେ, ଏୟାରପୋର୍ଟରେ ପ୍ରଧାନମନ୍ତ୍ରୀଙ୍କ ଷ୍ଟାଫ୍ ଅପେକ୍ଷା କରିଛନ୍ତି । ସେମାନଙ୍କଠାରୁ ନନ୍ଦିନୀ ଖବର ପାଇଲେ ଯେ, ସେହିଦିନ ହିଁ ସୋନିଆଙ୍କର ଭଲରେ ଭଲରେ ପୁତ୍ର ସନ୍ତାନଟିଏ ଜନ୍ମ ହୋଇଛି । କିଛି ସମୟ ସେଠାରେ ସେ ଅପେକ୍ଷା କଲା ପରେ ଇନ୍ଦିରା ଗାନ୍ଧୀଙ୍କ ପ୍ଲେନ୍ ଆସି ପହଞ୍ଚିଲା ଏବଂ ତାଙ୍କୁ ସ୍ୱାଗତ କରି ନାତି ହୋଇଛି ବୋଲି ଅଭିନନ୍ଦନ ଜଣାଇ ମା'ଙ୍କ ବ୍ଲେସିଂ ଦେଇ ନିଜ ଘରକୁ ଗଲେ ।

Digitized by PPRACHIN, SOA

ଆଉ ଥରେ ଇନ୍ଦିରା ଗାନ୍ଧୀଙ୍କ ପ୍ରଧାନମନ୍ତ୍ରୀତ୍ୱ ସମୟରେ ଚଣ୍ଡିଗଡ଼କୁ ନେଇ ଏକ ସମସ୍ୟା ସୃଷ୍ଟି ହୋଇଥିଲା । ହରିଆନା ସରକାର କହୁଥାନ୍ତି ଯେ, ଚଣ୍ଡିଗଡ଼ ତାଙ୍କ ରାଜ୍ୟରେ ରହିବ, ତେଣେ ପଞ୍ଜାବ ସରକାର କହିଲେ ଚଣ୍ଡିଗଡ଼ ତାଙ୍କ ରାଜ୍ୟରେ ରହିବ । ଏହି କଥାକୁ ନେଇ ପଞ୍ଜାବର ସନ୍ଥ ଫତେ ସିଂ ନାମକ ଜନୈକ ବ୍ୟକ୍ତି ଧମକ ଦେଇଥାନ୍ତି, ଯଦି ଚଣ୍ଡିଗଡ଼ ପଞ୍ଜାବକୁ ଦିଆ ନ ଯିବ, ତେବେ ସେ ଆତ୍ମାହୁତି ଦେବେ । ଏହି କଥାକୁ ନେଇ ଇନ୍ଦିରା ଗାନ୍ଧୀ ବଡ଼ ଅଡୁଆରେ ପଡ଼ିଯାଇଥିଲେ । ନନ୍ଦିନୀଙ୍କୁ ଡାକି ପଚାରିଲେ କ'ଣ କରିବା ? ନନ୍ଦିନୀ ମଧ ଚଟାପଟ୍ ଉତ୍ତର ଦେଲେ, 'ମା'ଙ୍କୁ ପଚାରିବା ।' ତା'ପରେ ପଣ୍ଡିଚେରୀ ଯାଇ ମା'ଙ୍କୁ ଘଟଣା ସମ୍ପର୍କରେ ଅବଗତ କଲେ । ସବୁ ଶୁଣିସାରି 'ଶ୍ରୀମା' କହିଥିଲେ, 'ଚଣ୍ଡିଗଡ଼ କାହାକୁ ଦିଆଯିବନାହିଁ । ଶ୍ରୀଅରବିନ୍ଦଙ୍କ ସ୍ୱପ୍ନ, ଦେଶକୁ ଏକତ୍ରିତ କରିବା ପାଇଁ । ସେଇ ସ୍ୱପ୍ନକୁ ତୁମେମାନେ ସାକାର କରିବ ।' ନନ୍ଦିନୀ ସେଠାରୁ ଫେରି ଇନ୍ଦିରା ଗାନ୍ଧୀଙ୍କୁ 'ଶ୍ରୀମା'ଙ୍କର ଏହି ବାର୍ତ୍ତା ପ୍ରଦାନ କରିଥିଲେ । ଏହା ଶୁଣି ଇନ୍ଦିରା ଗାନ୍ଧୀ ଖୁବ୍ ବ୍ୟତିବ୍ୟସ୍ତ ହୋଇଗଲେ । କହିଥିଲେ, 'ତୁ କେମିତି ଏକଥା କହୁଛୁ ! ସେ (ସନ୍ଥ ଫତେ ସିଂ) କହୁଛି ଆତ୍ମାହୁତି (self immolation) କରିବ, ସେମିତି କିଛି ହେଲେ ଦେଶରେ ଗଣ୍ଡଗୋଳ ହୋଇଯିବ ।' ନନ୍ଦିନୀ ସେଦିନ ନିର୍ଭୀକ ଭାବେ କହିଥିଲେ, 'ନା, କିଛି ହେବନାହିଁ । ମା' ମନା କରିଛନ୍ତି ।' ଏହାପରେ ଇନ୍ଦିରା କହିଥିଲେ, 'ଅସୁବିଧା ହେଲେ ତୁ ସମ୍ଭାଳିବୁ ।' ସତରେ ! ଇନ୍ଦିରା ଗାନ୍ଧୀଙ୍କର ନନ୍ଦିନୀଙ୍କ ଉପରେ ଅଗାଧ ବିଶ୍ୱାସ ଥିଲା । ସେ ତାଙ୍କ ଉପରେ ଭରସା କରି ନିଶ୍ଚିନ୍ତରେ ରହିଲେ । ପରେ ସେଇ ସମସ୍ୟାଟିର ଏକ ସରଳ ସମାଧାନ ହୋଇଥିଲା । ଚଣ୍ଡିଗଡ଼ କାହାରି ନ ହୋଇ କେନ୍ଦ୍ରଶାସିତ ଅଞ୍ଚଳ ଭାବରେ ରହିଲା, ଏଥିରେ ଉଭୟ ରାଜ୍ୟ କେହି ବି ଅସନ୍ତୁଷ୍ଟ ହେଲେନି କି କୌଣସି ଗଣ୍ଡଗୋଳ ବି ହେଲାନାହିଁ । ଏହିପରି କଥା ସବୁ ପଚାରୁ ପଚାରୁ ନନ୍ଦିନୀ 'ଶ୍ରୀମା'ଙ୍କର ଅତ୍ୟନ୍ତ ନିକଟତର ହୋଇଥିଲେ । ଏପଟେ ସବୁ କଥାର ସମାଧାନ ମିଳିଯାଉଥିବାରୁ ଦେଶର ସର୍ବମୟୀ କର୍ତ୍ତ୍ରୀ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ମଧ ମା'ଙ୍କର ସମସ୍ତ କଥାକୁ ମାନିନେଉଥିଲେ ଏବଂ ମା'ଙ୍କ ପ୍ରତି କ୍ରମଶଃ ବିଶ୍ୱାସ ତାଙ୍କର ଦୃଢ଼ୀଭୂତ ହୋଇଥିଲା ।

୧୯୬୯ ମସିହାରେ ନନ୍ଦିନୀ ମିନିଷ୍ଟର ଆଟାଚ୍ ଟୁ ପ୍ରାଇମ୍ ମିନିଷ୍ଟର ଥିବାବେଳର କଥା । ଇନ୍ଦିରା ଗାନ୍ଧୀଙ୍କର ମାଡ୍ରାସ୍ ଗସ୍ତ ପଡ଼ିଥାଏ । ନନ୍ଦିନୀ ତାଙ୍କୁ ପରାମର୍ଶ ଦେଲେ, 'ଚାଲନ୍ତୁ ପଣ୍ଡିଚେରୀ ଯିବା ।' ଇନ୍ଦିରାଜୀ ଖୁସିରେ ରାଜିହୋଇ ତାଙ୍କର ମାଡ୍ରାସ କାର୍ଯ୍ୟକ୍ରମ ସାଙ୍ଗରେ ଆଶ୍ରମ କାର୍ଯ୍ୟକ୍ରମକୁ ବି ଯୋଡ଼ିଦେଲେ । ଆଶ୍ରମର ଅନ୍ତେବାସୀ ଇନ୍ଦିରା ଗାନ୍ଧୀ

Digitized by PPRACHIN, SOA

ଆସୁଛନ୍ତି ଜାଣି ବହୁତ ଖୁସି ଥାନ୍ତି । ନିର୍ଦ୍ଧାରିତ ସମୟରେ ଇନ୍ଦିରା ଗାନ୍ଧୀ ପଣ୍ଡିଚେରୀରେ ପହଞ୍ଚିଲେ । ଆଶ୍ରମ ଯିବା ପୂର୍ବରୁ 'ଶ୍ରୀମା' ଆଶ୍ରମର ଜଣେ ସାଧକ 'ଉଦାର' ହାତରେ ନନ୍ଦିନୀଙ୍କୁ ଡକାଇ ପଠାଇଲେ । ନନ୍ଦିନୀ ସେଠାରେ ପହଞ୍ଚି 'ଶ୍ରୀମା'ଙ୍କୁ କହିଥିଲେ, 'ଇନ୍ଦିରା ଗାନ୍ଧୀ ଆପଣଙ୍କୁ କେବଳ ଦର୍ଶନ କରିବାକୁ ଆସିବେ ।' ଏତିକିବେଳେ 'ଉଦାର' ପଚାରିଲେ, 'ମା' ! ଆପଣ ଇନ୍ଦିରା ଗାନ୍ଧୀଙ୍କୁ ଏକୁଟିଆ ଦର୍ଶନ ଦେବେ ?' ମା' ମୁଣ୍ଡ ହଲାଇ କହିଲେ, 'No, Nandini will sit here and Indira will sit there. I cannot hear what Indira will say, I can only hear Nandini.' ମୋଟାମୋଟି ତାଙ୍କର ଇଚ୍ଛା ଥିଲା ନନ୍ଦିନୀ ବଡ଼ ପାଟିରେ ତାଙ୍କ କାନ ପାଖରେ କହିବେ ଏବଂ ସେ ତା'ର ଉତ୍ତର ଦେବେ । ଅଗତ୍ୟା ଇନ୍ଦିରାଜୀଙ୍କ ସାଙ୍ଗରେ ନନ୍ଦିନୀ ମଧ୍ୟ ଗଲେ । ପ୍ରଧାନମନ୍ତ୍ରୀଙ୍କ ସଙ୍ଗେ ତ ଅନେକ ଫଟୋଗ୍ରାଫର ଆଶ୍ରମକୁ ଯାଇଥାନ୍ତି । 'ଶ୍ରୀମା' କିନ୍ତୁ ବାହାରର ଫଟୋଗ୍ରାଫରମାନଙ୍କୁ ଅନୁମତି ଦେଲେନାହିଁ । 'ତାରା' ନାମ୍ନୀ ଝିଅଟିଏ ଆଶ୍ରମର ଫଟୋଗ୍ରାଫର ଥାଏ । 'ଶ୍ରୀମା' କହିଲେ, 'Only Tara will be here.' ସେ ପର୍ଯ୍ୟନ୍ତ 'ଶ୍ରୀମା' ତାଙ୍କ ରୁମ୍‌ରେ କାହା ସହିତ ଫଟୋ ଉଠାଇ ନଥିଲେ । ପ୍ରଥମ କରି ସେ ଇନ୍ଦିରା ଗାନ୍ଧୀ ଏବଂ ନନ୍ଦିନୀଙ୍କ ସହିତ ଫଟୋ ଉଠାଇଲେ । ତା'ପରେ ନନ୍ଦିନୀଙ୍କ ହାତରେ ଇନ୍ଦିରା ଗାନ୍ଧୀଙ୍କ ପାଇଁ ଚାରିଟା ମେସେଜ୍ ଦେଲେ । ଇନ୍ଦିରା ଗାନ୍ଧୀ ଟିକେ ଦୂରରେ ଚଉକି ଉପରେ ବସିଥିବାବେଳେ, ନନ୍ଦିନୀ ତାଙ୍କ ଗୋଡ଼ ପାଖରେ ବସିଥାନ୍ତି । ନନ୍ଦିନୀ କହିଥିଲେ, 'ମା ! ଆପଣ ନିଜେ ତାଙ୍କୁ ମେସେଜ୍ ଦିଅନ୍ତୁ ।' 'ଉଦାର' ବି ସେଇକଥା କହିଥିଲେ । ତା'ପରେ ମା' ନିଜ ହାତରେ ଇନ୍ଦିରାଜୀଙ୍କୁ ମେସେଜ୍ ଦେଇଥିଲେ । ଏହାପରେ 'ଉଦାର' କହିଥିଲେ, 'Maa, Indira wants one of your scarf.' ମା' ସଙ୍ଗେ ସଙ୍ଗେ ନନ୍ଦିନୀଙ୍କୁ ପଚାରିଲେ, 'Do you know Indira Gandhi want's a scarf ?' ସେ ମା'ଙ୍କର ଏଭଳି ଏକ ପ୍ରଶ୍ନରେ, ପୁଣି ଇନ୍ଦିରା ଗାନ୍ଧୀଙ୍କ ସାମ୍ନାରେ କ'ଣ ଉତ୍ତର ଦେବେ ହଠାତ୍ ବୁଝିପାରିଲେ ନାହିଁ । ସେ ତ ଏ ବିଷୟରେ କିଛି ଜାଣିନାହାନ୍ତି, ମା'ଙ୍କୁ ବି ମିଛ କହିହେବ ନାହିଁ । ତାଙ୍କ ମୁଣ୍ଡକୁ ହଠାତ୍ ଗୋଟିଏ ବୁଦ୍ଧି ଜୁଟିଗଲା । ସେ କଥାଟିକୁ ସାମାନ୍ୟ ବୁଲେଇ କହିଥିଲେ, 'Mother ! I do not know whether Indira Gandhi wants a scarf or not, but I want your scarf.' ଏହା ଶୁଣି ମା' କହିଥିଲେ, 'You may take as many as you want.' ତା'ପରେ ନନ୍ଦିନୀ ପିନ୍ଧିଥିବା ଶାଢ଼ିର କାନିଟିକୁ ଧରି କେଉଁ ରଙ୍ଗର ଦେଖିଲେ ଏବଂ ତାଙ୍କ ଦେଖାଶୁଣା କରୁଥିବା 'ବସୁଧା'କୁ ଡାକି କହିଲେ, 'Bring a scarf of this colour for Nandini.' ତା'ପରେ ଇନ୍ଦିରାଜୀଙ୍କୁ ମଧ୍ୟ ଏକ ସ୍କାର୍ଫ ଦେଇଥିଲେ ।

Digitized by PPRACHIN, SOA

ପ୍ରକୃତରେ 'ଶ୍ରୀମା' ନନ୍ଦିନୀଙ୍କୁ ଅତ୍ୟନ୍ତ ସ୍ନେହ କରୁଥିଲେ । ସେହିପରି ଭାବରେ ନନ୍ଦିନୀଙ୍କର ମଧ୍ୟ ମା'ଙ୍କ ପ୍ରତି ଅଗାଧ ବିଶ୍ୱାସ ଥିଲା । ତାଙ୍କର ଭଙ୍ଗା ଗୋଡ଼ ଯୋଗୁଁ ମା' ଦେହ ଛାଡ଼ିବା ପୂର୍ବରୁ ସେ ଥରେ ତାଙ୍କୁ ପଚାରିଥିଲେ, 'ମୁଁ ତ ତଳେ ବସି ଧ୍ୟାନ କରିପାରିବି ନାହିଁ !' ମା' ତାଙ୍କ ଛାତିରେ ହାତ ରଖି କହିଥିଲେ, 'I am here in side you.' ସେଦିନ ସେ ପଞ୍ଜାବ ସମସ୍ୟା ବିଷୟରେ ମା'ଙ୍କ ସଙ୍ଗେ କଥା ହେଉଥାନ୍ତି । ହଠାତ୍ 'ଶ୍ରୀମା' 'ବସୁଧା'କୁ ଡାକି କହିଲେ, 'Get me my chain.' ସେ ସର୍ବଦା ଯେଉଁ ସୁନାଚେନ୍‌ଟି ପିନ୍ଧୁଥିଲେ, ସେଇ ଚେନ୍‌ଟିକୁ 'ବସୁଧା' ଆଣି ଦେବାରୁ ମା' ତାଙ୍କୁ କହିଲେ, 'You go and tell Charupada to get a locket for this.' 'ବସୁଧା' ସଙ୍ଗେ ସଙ୍ଗେ ତଳକୁ ଯାଇ ସେଇ ଚେନ୍‌ରେ ଏକ ଲକେଟ୍ ଲଗାଇ ଆଣିଲେ । 'ଶ୍ରୀମା' ନିଜ ହାତରେ ଚେନ୍‌ଟି ଧରି ନନ୍ଦିନୀଙ୍କ ବେକରେ ଗଳାଇ ଦେଲେ ଏବଂ କହିଥିଲେ, 'This is for your physical protection.' ସେହିଦିନୁ ନନ୍ଦିନୀ ସେଇ ଚେନ୍‌ଟିକୁ ସର୍ବଦା ପିନ୍ଧୁଥିଲେ । ଏହି ଚେନ୍ ବିଷୟରେ ଲେଖକର ମଧ୍ୟ ଏକ ପ୍ରତ୍ୟକ୍ଷ ଅନୁଭୂତି ରହିଛି ।

–୧୯୯୩ ମସିହାର କଥା । ଥରେ ଗୋଟିଏ ସଭାରେ ଯୋଗ ଦେବାପାଇଁ ନନ୍ଦିନୀଦେବୀ କଟକ ଯାଉଥାନ୍ତି । ମୁଁ ବି ତାଙ୍କ ସହିତ ଯାଉଥାଏ । ଟି.କୁଣ୍ଡଲ.ରାଓ ବୋଲି ଜଣେ ଡ୍ରାଇଭର ୩୦ ବର୍ଷ ଧରି ତାଙ୍କ ପାଖରେ କାମ କରୁଥାନ୍ତି । ସମସ୍ତେ ତାଙ୍କୁ 'ରାଓବାବୁ' ବୋଲି ଡାକନ୍ତି । ସେଇ ରାଓବାବୁ ଫିଆଟ୍ କାରଟି ଚଳାଇ ଯାଉଥାନ୍ତି । କଟକରେ ସଭା ସାରି ଭୁବନେଶ୍ୱରର ଏଜି ଛକସ୍ଥିତ ସରକାରୀ ବାସଭବନରେ ନନ୍ଦିନୀଙ୍କୁ ଛାଡ଼ି ରାଓବାବୁ ଏବଂ ମୁଁ ଅନ୍ୟ ଏକ କାର୍ଯ୍ୟରେ ବାହାରକୁ ଚାଲିଗଲୁ । ଘଣ୍ଟାଏ ପରେ କାମ ସାରି ମୁଁ ଯେତେବେଳେ କାରର୍ ଆଗ କବାଟ ଖୋଲି ବସିବାକୁ ଯାଉଛି, ଦେଖିଲି କାରର ଆଗ ସିଟ୍‌ରେ ସୁନାଚେନ୍‌ଟିଏ ପଡ଼ିଛି । ମୁଁ ଦେଖୁ ଦେଖୁ ଚିହ୍ନିଦେଲି ଯେ, ଏଇଟା ନନ୍ଦିନୀଦେବୀଙ୍କର । ମତେ ଆଗରୁ ଏଇ ଚେନ୍ ସମ୍ବନ୍ଧରେ ନନ୍ଦିନୀଦେବୀ ଉପରୋକ୍ତ ସୂଚନା ଦେଇଥିଲେ । ହଠାତ୍ ମୋର ମନେପଡ଼ିଗଲା ସେ ମୋତେ କହିଥିବା କଥା । ଏହି ଚେନ୍‌କୁ 'ଶ୍ରୀମା' ତାଙ୍କର ସୁରକ୍ଷା କବଚ କହି ତାଙ୍କୁ ପିନ୍ଧାଇ ଦେଇଥିଲେ । ରାଓବାବୁଙ୍କୁ କହିଲି, ରାଓ ! ତୁରନ୍ତ ଘରକୁ ଚାଲ । ନନ୍ଦିନୀଦେବୀଙ୍କ ଚେନ୍‌ଟି କିପରି ଏଠାରେ ଗଳିପଡ଼ିଛି । ରାଓ ବି ବ୍ୟସ୍ତ ହେଲା ଏବଂ ଅଳ୍ପ ସମୟ ଭିତରେ ଆମେ ଘରେ ପହଞ୍ଚିଗଲୁ । ମୁଁ ଚେନ୍‌ଟିକୁ ନେଇ ତାଙ୍କୁ ଦେଲାବେଳକୁ ଦେଖିଲି, ସେତିକି ସମୟ ଭିତରେ ସେ ଗାଧୁଆଘରେ ପଡ଼ିଯାଇ ତାଙ୍କର ମୁଣ୍ଡଟି ଫାଟିଯାଇଛି । ଡାକ୍ତର ସେବା

Digitized by PPRACHIN, SOA

ମହାପାତ୍ର ଆସି ସେଥିରେ ପଟି ପକାଇ ସାଷ୍ଟାମ କରୁଛନ୍ତି । ସେ ଚେନ୍‌ଟିକୁ ବେକରେ ପିନ୍ଧୁ ପିନ୍ଧୁ କହିଥିଲେ, "ଯେତେବେଳେ ବି ଏହି ଚେନ୍‌ଟି ମୁଁ ଖୋଲି ଦେଉଛି ବା କେଉଁଠି ଗଳି ପଡୁଛି, ସେଦିନ ମୋର କିଛି ନା କିଛି ଅଘଟଣ ଘଟୁଛି । ହେଇ ଦେଖୁନ ! ଆଜି ମୁଣ୍ଡଟା ଫାଟିଗଲା !"

ରାଜନୀତିର କୁଟୀଳତା ଭିତରେ ଅଣନିଃଶ୍ୱାସୀ ହୋଇ ନନ୍ଦିନୀ ଏକଦା ଚିନ୍ତା କରିଥିଲେ ସବୁଦିନ ପାଇଁ ରାଜନୀତି ଛାଡ଼ିଦେବାକୁ । ସେ ଯାଇ 'ଶ୍ରୀମା'ଙ୍କୁ ଦେଖାକରି ନିଜ ମନର କଥା କହିଥିଲେ–'ମା' ! ମୁଁ ରାଜନୀତି ଛାଡ଼ିଦେବି । ମୁଁ ରିଜାଇନ୍ କରିଦେଉଛି ।' ମା' ତାଙ୍କୁ ଏ କଥାର କିଛି ଉତ୍ତର ନ ଦେଇ 'You are not well.' କହି ସେଇ ପଣ୍ଡିଚେରୀର ଜଣେ ଆୟୁର୍ବେଦ ଡାକ୍ତରଙ୍କୁ ଦେଖା କରିବାକୁ ପରାମର୍ଶ ଦେଇ କହିଥିଲେ, 'ତା' ପାଖକୁ ତୁ ଯିବୁ, ସିଏ ତୋର ଚିକିତ୍ସା କରିବ । Then you will be alright.' ଆଉ କିଛି କହିଲେନି । ନନ୍ଦିନୀ ଆଶ୍ଚର୍ଯ୍ୟ ହୋଇ ଏହି ଘଟଣା ବିଷୟରେ କିଛି ବନ୍ଧୁଙ୍କୁ ମଧ୍ୟ କହିଥିଲେ, 'ମୁଁ ରାଜନୀତିରୁ ରିଜାଇନ୍ କରିଦେବାକୁ କହିବାରୁ ମା' ମତେ କହିଲେ, ତୋ ଦେହ ଖରାପ !' ପରେ କିନ୍ତୁ ମା' ଯାହା କହିଥିଲେ, ସେ ସେୟା ହିଁ କଲେ । ପ୍ରକୃତରେ ଯିଏ ଥରେ ନିଜକୁ ସେଇ ପରମ ସତ୍ତାଙ୍କ ନିକଟରେ ସମର୍ପଣ କରିଦିଏ ତା'ର ଆଉ ଉଚିତ ଅନୁଚିତ, ଠିକ୍ ଭୁଲ ବିଚାର କରିବାର ଆବଶ୍ୟକତା ପଡ଼େନାହିଁ । ଠିକ୍ ସେହିପରି ରାଜନୀତି ଜୀବନର ଆଦ୍ୟଭାଗରୁ ହିଁ ନନ୍ଦିନୀ ସବୁକଥା ସେଇ 'ଶ୍ରୀମା'ଙ୍କ ଉପରେ ଛାଡ଼ିଦେଇ ନିଶ୍ଚିନ୍ତରେ କର୍ମ କରିଚାଲିଥିଲେ । ତାଙ୍କ ଶ୍ରୀଚରଣ ତଳେ ନିଜକୁ ଅର୍ପଣ କରିଦେଇ ମା' ଯେଉଁକଥା ତାଙ୍କୁ କହୁଥିଲେ ସେ ମନରେ କିଛି ନ ଭାବି ନିର୍ବିଘ୍ନରେ ତା' ପାଳନ କରୁଥିଲେ । ସ୍ୱାମୀ ଦେବେନ୍ଦ୍ରବାବୁ ମଧ୍ୟ ନନ୍ଦିନୀଙ୍କ ପାଇଁ ବହୁତ ବ୍ୟସ୍ତ ହେଉଥିଲେ । ସେ ସର୍ବଦା କହୁଥିଲେ, "ମା' କହିଛନ୍ତି ତା' ହାତରେ ଗୋଟେ ବିରାଟ କାମ ହେବ । ସେ କାର୍ଯ୍ୟଟି ଆଉ କାହା ହାତରେ ହୋଇପାରିବ ନାହିଁ । ଯେମିତି ହେଲେ ବି ମା' ତା'ରି ହାତରେ କାର୍ଯ୍ୟଟି କରାଇବେ । ସେ ତା' ସହିତ ଠିଆ ହୋଇଛନ୍ତି ।"

ସେଇ ଆଧ୍ୟାତ୍ମିକ ନେତ୍ରୀ 'ଶ୍ରୀମା'ଙ୍କ ଉପରେ ଅଗାଧ ବିଶ୍ୱାସ ସ୍ଥାପନ କରିଥିବା ନନ୍ଦିନୀ ନିଜ ଅଭିଜ୍ଞତାକୁ ଅତ୍ୟନ୍ତ ଭାବବିହ୍ୱଳ ହୋଇ କହୁଥିଲେ, "ମୁଁ ଯେତେବେଳେ ଏମ୍.ପି. ହୋଇନଥିଲି, ୧୯୬୧ ମସିହାରେ ଏକ ଜିପ୍ ଦୁର୍ଘଟଣାରେ ମୋର ଗୋଟିଏ ଗୋଡ଼ ଭାଙ୍ଗି ଯାଇଥିଲା । ବହୁ ଅଭିଜ୍ଞ ଡାକ୍ତରଙ୍କ ଚିକିତ୍ସା ସତ୍ତ୍ୱେ କୌଣସି ପରିବର୍ତ୍ତନ ନ ହେବାରୁ ଦେବବାବୁ ରୋଜ ମୋତେ କହିବେ, ମା'ଙ୍କୁ କହୁନୁ, ତୋତେ ଭଲ

Digitized by PPRACHIN, SOA

କରିଦେବେ ? ସେତେବେଳକୁ ମୋର ଅଣ୍ଟା ପର୍ଯ୍ୟନ୍ତ ପ୍ଲାଷ୍ଟର ଲାଗିଛି । ବେଡ୍‌ରେ ପଡ଼ି ପଡ଼ି ଚିଡ଼ା ବି ଲାଗୁଛି । ମୁଁ ଚିଡ଼ିଉଠି କହିଲି, ମା' କ'ଣ ଜାଣିପାରୁନାହାନ୍ତି ? ସେ ଯଦି ଭାବୁଥିବେ ଯେ ମୁଁ ଭଲ ହେଲେ କିଛି ଅନିଷ୍ଟ କରିବି କି ବଦମାସି କରିବି ତେବେ ଭଲ କରିବେନି । ସେମିତି ଅକର୍ମଣ୍ୟ ହୋଇ ରହିବି । ନାଇଁ ତ ଯଦି ତାଙ୍କର ଇଚ୍ଛା ଥିବ ତେବେ ଭଲ କରିବେ ! ଦେବବାବୁ ମତେ କହିଲେ, ତୋର କେଡ଼େ ଜିଦ୍ ? ସେ ଖୁବ୍ ବ୍ୟସ୍ତ ହୋଇ ପଣ୍ଡିଚେରୀ ଫୋନ୍ କଲେ । ମା' କହିଲେ, 'ଏକ୍ସ-ରେଟା ପଠାଅ ।' ମୋର ଜଙ୍ଘ ପାଖ ଭାଙ୍ଗିଥାଏ । ଡାକ୍ତର ବି ଦିନେ ଛଡ଼ା ଦିନେ ଜଙ୍ଘ ଦୁଇପାଖର ଏକ୍ସ-ରେ କରି ଦେଖୁଥାନ୍ତି । ସେ କ'ଣ କଲେ ନା ଗୋଟିଏ ଏକ୍ସ-ରେ ଦେଲେ । ତାକୁ ହିଁ ଦେବବାବୁ ପଣ୍ଡିଚେରୀ ପଠାଇଦେଲେ । ତାକୁ ଦେଖି ମା' କହିଲେ, 'ଇଏ ତ ଗୋଟେ ପଟର ଫଟୋ । ଅନ୍ୟ ପାଖର ?' ଦେବବାବୁ ମା'ଙ୍କ ଚିଠି ମୋତେ ଦେଖାଇବାରୁ ମୁଁ ଡାକ୍ତର ଖାଡ଼େଙ୍ଗାଙ୍କୁ କହିଲି, ଆପଣ ଗୋଟାଏ ପାଖର ଏକ୍ସ-ରେ ଦେଲେ, ମା' ଆଉ ଗୋଟେ ପାଖର ମାଗୁଛନ୍ତି ! ଏହା ଶୁଣି ଡାକ୍ତର ଖାଡ଼େଙ୍ଗା କହିଲେ, 'Is she a doctor ? ସେ କିପରି ଜାଣିଲେ ଦି'ପଟ କି ଗୋଟିଏ ପଟ ?' ମୁଁ ତାଙ୍କୁ କହିଲି, ସେ ଡାକ୍ତରଙ୍କ ବୋପାର ବୋପା । ତା'ପରେ ଦି'ପାଖ ଜଙ୍ଘର ଏକ୍ସ-ରେ କରି ମା'ଙ୍କ ପାଖକୁ ପଠାଗଲା । ସେଇଠୁ ମା'ଙ୍କ ପାଖରୁ ଖବର ଆସିଲା ଯେ, କିଛି ଦରକାର ନାହିଁ, ସବୁ ଠିକ୍ ହୋଇଯିବ । ମୁଁ ମନେ ମନେ ଭାବୁଥାଏ, ଆଣ୍ଠୁଟା ଯଦି ଏମିତି ରହିବ, ତେବେ ଆଉ ଆଣ୍ଠୁକୁ ବଙ୍କେଇ କରି ତ ସମାଧିରେ ପ୍ରଣାମ କରିପାରିବିନି ? ଏମିତି ସବୁବେଳେ ଭାବୁଥାଏ । ଦିନେ ହଠାତ୍ ସ୍ୱପ୍ନରେ ଦେଖିଲି, ପଣ୍ଡିଚେରୀର ସାଧକ ବାବାଜୀ ମହାରାଜ ଆସି ମୋ ଭଙ୍ଗା ଗୋଡ଼ଟିକୁ ଟାଣି ଦେଉଛନ୍ତି । ମୁଁ ଗୋଡ଼କୁ ହଲଚଲ କରିବାରୁ ମୋତେ କହିଲେ, ଏଥରକ ଗୋଡ଼ ଠିକ୍ ହୋଇଯିବ । ତୁମେ ପ୍ରଣାମ କରିପାରିବ । ନିଦ ଭାଙ୍ଗିଯିବାରୁ ଦେଖିଲି ସତକୁସତ ମୋତେ ଟିକେ ହାଲକା ଲାଗୁଛି । ଗୋଡ଼ରେ ଏତେଟା କଷ୍ଟ ଲାଗୁନି । ଏହାର ଦୁଇ ଚାରିଦିନ ପରେ ମୁଁ ସେମିତି ଅଧା ପ୍ଲାଷ୍ଟର ଲାଗିଥିବା ଅବସ୍ଥାରେ ଘରକୁ ଚାଲିଆସିଲି । କିଛିଦିନ ପରେ ମୋ ଗୋଡ଼ କ୍ରମଶଃ ସୁସ୍ଥ ହୋଇଯାଇଥିଲା ।"

ଏହିପରି ଭାବରେ ବହୁବାର ମା'ଙ୍କର ସାନ୍ନିଧ ପାଇଥିବାର ନନ୍ଦିନୀ ପ୍ରକାଶ କରିଥିଲେ । ଥରେ ସେ ମୁଖ୍ୟମନ୍ତ୍ରୀ ଥିବାବେଳେ ତାଙ୍କ ନିକଟକୁ ବାରମ୍ବାର ଫୋନ୍‌କଲ ଆସିଲା ଯେ, ଜୋର୍‌ରେ ଝଡ଼ବାତ୍ୟା ଆସୁଛି, ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳ ବିଧ୍ୱସ୍ତ ହୋଇ ସମୁଦ୍ର ମାଡ଼ିଆସିବ । ସେ କିଛି ବୁଦ୍ଧି ବାଟ ନ ପାଇ ମା'ଙ୍କୁ ଟେଲିଗ୍ରାମ୍ କଲେ,

Digitized by PPRACHIN, SOA

'Maa ! save Orissa.' ତା' ପରଦିନ ମା'ଙ୍କ ନିକଟରୁ ଫେରନ୍ତା ଟେଲିଗ୍ରାମ୍ ଆସିଲା ଯେ, 'Tell Nandini, not to worry.' ସତକୁସତ ସେ ଦେଖିଲେ ଓଡ଼ିଶାରେ ଯେଉଁଦିନ ଝଡ଼ ହେବାର ଥିଲା, ସେଦିନ ଝଡ଼ବାତ୍ୟା ଓଡ଼ିଶାର ଉପକୂଳ ଦେଇ ବାଂଲାଦେଶକୁ ପଳେଇଗଲା । ଓଡ଼ିଶାର କିଛି ବି କ୍ଷତି ହେଲାନାହିଁ ।

ଏହା ପୂର୍ବରୁ ଆଉଥରେ ସେହିପରି ଏକ ଘଟଣା ତାଙ୍କ ହୃଦୟରେ ମା'ଙ୍କ ପ୍ରତି ଦୃଢ଼ ପ୍ରତ୍ୟୟ ସୃଷ୍ଟି କରିଥିଲା । ତାଙ୍କର ଛଅବର୍ଷର ସାନପୁଅ ବାବୁଲୁ (ତଥାଗତ) ଦୁଃସାଧ ଝାଡ଼ା ରୋଗରେ ଆକ୍ରାନ୍ତ ହୋଇପଡ଼ିଲା । ବହୁ ଚିକିତ୍ସା କରି ସୁଫଳ କିଛି ନ ମିଳିବାରୁ ତତ୍‌କ୍ଷଣାତ ସେ ମା'ଙ୍କୁ ସମର୍ପି ଦେଇ ତାଙ୍କର ଶରଣ ଭିକ୍ଷା କଲେ । ତା'ପରେ ଆଉ ଔଷଧର ଆବଶ୍ୟକତା ପଡ଼ିନଥିଲା । ପୁଅ କ୍ରମେ କ୍ରମେ ସୁସ୍ଥ ହୋଇଗଲା । ଏହିପରି ଛୋଟବଡ଼ ଅନେକ ଘଟଣା ନନ୍ଦିନୀଙ୍କ ମନରେ ଆଧ୍ୟାତ୍ମିକତା ବା ଈଶ୍ୱର ବିଶ୍ୱାସର ଦୃଢ଼ ଭିତ୍ତି ସ୍ଥାପନ କରିଥିଲା । ତାଙ୍କର 'ଶ୍ରୀମା'ଙ୍କ ଉପରେ ଏତେ ବିଶ୍ୱାସ ଜନ୍ମିଥିଲା ଯେ, ସେ ସାନପୁଅ ତଥାଗତଙ୍କୁ ତାଙ୍କରି ପାଖରେ ଆଶ୍ରମରେ ଛାଡ଼ି ଦେଇଥିଲେ ଶିକ୍ଷାଲାଭ କରିବାକୁ ।

ବାସ୍ତବରେ, ଆତ୍ମଦର୍ଶନ, ଆତ୍ମ ସମୀକ୍ଷା ଓ ବିଶ୍ୱକୁଟୁମ୍ବତା ନନ୍ଦିନୀଙ୍କ ଧର୍ମଧାରଣାର ମୂଳମନ୍ତ୍ର ଥିବା ସହିତ, ବିନୟ ଓ ସହନଶୀଳତା ମଧ୍ୟ ତାଙ୍କ ଆଧ୍ୟାତ୍ମିକ ଜୀବନର ଶ୍ରେଷ୍ଠ ଭୂଷଣ ଥିଲା । ଏହିସବୁ ଗୁଣବତ୍ତାକୁ ନିଜ ଜୀବନରେ ପାଥେୟ କରି ସେ ଏକଦା ଭାରତବର୍ଷର ଲୌହମାନବୀ ଇନ୍ଦିରା ଗାନ୍ଧୀଙ୍କ ପରି ଜଣେ ପ୍ରଭାବଶାଳୀ ପ୍ରଧାନମନ୍ତ୍ରୀଙ୍କୁ 'ଶ୍ରୀମା'ଙ୍କ ନିକଟବର୍ତ୍ତୀ କରାଇପାରିଥିଲେ । ଯାହାଫଳରେ ପ୍ରଥମଥର ପାଇଁ ଏତେବଡ଼ ମହାନ୍ ଦେଶ, ମାତୃଭୂମି ଭାରତବର୍ଷକୁ 'ଶ୍ରୀମା', ନନ୍ଦିନୀ ଓ ଇନ୍ଦିରାଙ୍କ ପରି ତିନି ଜଣ ମହିଳା ନେତୃତ୍ୱ ଦେବାର ଏକ ମହାର୍ଘ୍ୟ ସୁଯୋଗ ସୃଷ୍ଟି ହୋଇଥିଲା । ଏହି ତିନି ମହିଳାଙ୍କ ଅପୂର୍ବ ସଂଯୋଗ ଭାରତ ଇତିହାସରେ ଏକ ବିରଳ ଦୃଷ୍ଟାନ୍ତ ଭାବରେ ଯେ ଲିପିବଦ୍ଧ ହୋଇ ରହିବ, ଏଥିରେ ସନ୍ଦେହର ଅବକାଶ ନାହିଁ ।

⁂

Digitized by PPRACHIN, SOA

୧୩

ମୁଖ୍ୟମନ୍ତ୍ରୀ ଆସନରେ ନନ୍ଦିନୀ

ଓଡ଼ିଶାର ମୁଖ୍ୟମନ୍ତ୍ରୀ ପଦରେ ନନ୍ଦିନୀ ଅଧିଷ୍ଠିତ ହେବାର ଅବ୍ୟବହିତ ପୂର୍ବରୁ ଅଖିଳ ଭାରତ କଂଗ୍ରେସ କମିଟି ତଥା ଓଡ଼ିଶା ପ୍ରଦେଶ କଂଗ୍ରେସ ଏକ ଚରମ ଅସ୍ଥିରତା ମଧ୍ୟ ଦେଇ ଗତି କରିଥିଲା । ଖୁବ୍ କମ୍ ସମୟ ମଧ୍ୟରେ ଦେଶର ସର୍ବମୟ କର୍ତ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ଖାସ୍ 'କୋଟେରୀ'ରେ ନିଜର ଆସ୍ଥାନ ଜମାଇ ଜାତୀୟ ରାଜନୀତିରେ ପ୍ରଭାବ ବିସ୍ତାର କରିଥିବା ନନ୍ଦିନୀ ସେତେବେଳକୁ କେନ୍ଦ୍ର ରାଜନୀତିରେ ବହୁ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବା ସହିତ, ପ୍ରଶାସନିକ କାର୍ଯ୍ୟରେ ମଧ୍ୟ ଦକ୍ଷତା ଅର୍ଜନ କରିସାରିଥିଲେ । ଓଡ଼ିଶାର ମୁଖ୍ୟମନ୍ତ୍ରୀ ପଦ ପାଇଁ ସେ ଆଦୌ ଲାଳାୟିତ ନଥିଲେ, ଯେମିତିକି ତାଙ୍କ ପୂର୍ବରୁ ଡକ୍ଟର ହରେକୃଷ୍ଣ ମହତାବ, ବିଜୁ ପଟ୍ଟନାୟକ, ବୀରେନ୍ ମିତ୍ରଙ୍କ ଭଳି ତୁଙ୍ଗ ନେତାମାନେ ନିଜ ନିଜ ଭିତରେ ଟଣାଓଟରା ଲାଗି କ୍ଷମତାସୀନ ହେବାପାଇଁ କଂଗ୍ରେସକୁ ନିଜ ହସ୍ତମୁଦି ମାହାଲରେ ପରିଣତ କରିବାକୁ ଚେଷ୍ଟା କରୁଥିଲେ । ରାଜ୍ୟ କ୍ଷମତା ରାଜନୀତିର ଦଳାଦଳି ଭିତରେ ସେ କେବେ କାହାର ସମର୍ଥକ କିମ୍ୱା ବିରୋଧୀ ମଧ୍ୟ ନଥିଲେ । ତେବେ କଂଗ୍ରେସର ପରିବର୍ତ୍ତିତ ପରିସ୍ଥିତିରେ ତାଙ୍କୁ ଏକପ୍ରକାର ବାଧ୍ୟ କରାଯାଇଥିଲା ଓଡ଼ିଶାର ମୁଖ୍ୟମନ୍ତ୍ରୀ ଆସନ ଗ୍ରହଣ କରିବା ପାଇଁ । ପୂର୍ବାପର ପ୍ରସଙ୍ଗ ଦୃଷ୍ଟିରୁ ଚୁମ୍ବକରେ ସେସବୁର ସମ୍ୟକ ସୂଚନା ଏଠାରେ ପ୍ରଦାନ କରିବା ଉଚିତ ହେବ ।

୧୯୬୯ ମସିହାରେ ଭାରତୀୟ ଜାତୀୟ କଂଗ୍ରେସରେ ଏକ ଐତିହାସିକ ବିଭାଜନ ସଂଗଠିତ ହୋଇଥିଲା । ଏହି ବର୍ଷ ମେ ମାସ ୩ ତାରିଖ ଦିନ ରାଷ୍ଟ୍ରପତି ଡକ୍ଟର ଜାକୀର ହୁସେନ୍‌ଙ୍କ ଦେହାନ୍ତ ହେବାପରେ ରାଷ୍ଟ୍ରପତି ନିର୍ବାଚନକୁ ନେଇ କଂଗ୍ରେସ ଭିତରେ ଆରମ୍ଭ ହୋଇଯାଇଥିଲା କନ୍ଦଳ । କଂଗ୍ରେସ ପାର୍ଲାମେଣ୍ଟାରୀ ବୋର୍ଡ ବୈଠକର ନିଷ୍ପତ୍ତି କ୍ରମେ

Digitized by PPRACHIN, SOA

ଶ୍ରୀ ନୀଲମ୍ ସଂଜୀବ ରେଡ୍ଡୀ ରାଷ୍ଟ୍ରପତି ପଦବୀ ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଶ୍ରୀ ଭି.ଭି. ଗିରିଙ୍କ ପ୍ରାର୍ଥୀତ୍ୱକୁ ସମର୍ଥନ କରିଥିଲେ । ଫଳରେ କଂଗ୍ରେସ ସଭାପତି ଶ୍ରୀ ନିଜଲିଙ୍ଗାପା ଏବଂ ଶ୍ରୀମତୀ ଗାନ୍ଧୀଙ୍କ ମଧ୍ୟରେ ବିଭେଦର ସୂତ୍ରପାତ ହୋଇଥିଲା । ଏହି ନିର୍ବାଚନରେ ଗୋଟିଏ ପଟେ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଗାନ୍ଧୀ ନିଜର ବିବେକ ଅନୁସାରେ ଭୋଟ୍ ଦେବାକୁ କହୁଥିବାବେଳେ, କଂଗ୍ରେସ ସଭାପତି ଶ୍ରୀ ନିଜଲିଙ୍ଗାପା ଏହାକୁ ନାପସନ୍ଦ କରି ଶ୍ରୀ ରେଡ୍ଡୀଙ୍କୁ ଭୋଟ୍ ଦେବାପାଇଁ ଦେଶର ସବୁ ପ୍ରଦେଶ କଂଗ୍ରେସ କମିଟିକୁ ନିର୍ଦ୍ଦେଶ ଦେଇଥିଲେ । ସାରା ଦେଶର କଂଗ୍ରେସ ସଦସ୍ୟମାନେ ପଡ଼ିଯାଇଥିଲେ ଏକ ଦୋଦୁଲ୍ୟମାନ ପରିସ୍ଥିତିରେ । ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ମଧ୍ୟ ଏଥିରୁ ବାଦ୍ ପଡ଼ିନଥିଲା । ଗୋଟିଏ ଗୋଷ୍ଠୀ ଶ୍ରୀ ଗିରିଙ୍କୁ ସମର୍ଥନ କଲେ ଏବଂ ଅନ୍ୟ ଗୋଷ୍ଠୀଟି ଶ୍ରୀ ରେଡ୍ଡୀଙ୍କୁ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ପ୍ରଧାନମନ୍ତ୍ରୀଙ୍କର ଅତ୍ୟନ୍ତ ଘନିଷ୍ଠ ବନ୍ଧୁ ଥିବା ନନ୍ଦିନୀ ସେତେବେଳେ କେନ୍ଦ୍ରରେ ମିନିଷ୍ଟର ଆଟାଚ୍ ଟୁ ପ୍ରାଇମ୍ ମିନିଷ୍ଟର ଥିବା ସାଥେ ସାଥେ ଶ୍ରୀମତୀ ଗାନ୍ଧୀଙ୍କ ରାଜନୈତିକ ବିଚାରଧାରା ସହିତ ସହମତି ଥିବା ଦୃଷ୍ଟିରୁ ସେ ଶ୍ରୀ ଗିରିଙ୍କ ପ୍ରାର୍ଥୀତ୍ୱକୁ ସମର୍ଥନ କରିବା ସ୍ୱାଭାବିକ । ତା' ଛଡ଼ା ଜାତୀୟ ରାଜନୀତିରେ ତାଙ୍କର ଯଥେଷ୍ଟ ପ୍ରଭାବ ରହିଥିବାରୁ କେବଳ ଓଡ଼ିଶାର କଂଗ୍ରେସ ସଭ୍ୟମାନଙ୍କୁ ନୁହେଁ, ଦେଶର ଅନ୍ୟାନ୍ୟ ପ୍ରଦେଶର କଂଗ୍ରେସ ସଦସ୍ୟମାନଙ୍କୁ ବିବେକାନୁମୋଦିତ ଭୋଟ୍ ସପକ୍ଷରେ ସେ ମତ ପୋଷଣ କରିଥିଲେ । ଶେଷରେ ଶ୍ରୀ ଗିରି ଦ୍ୱିତୀୟ ପସନ୍ଦର ଭୋଟ୍ ପାଇ ବିଜୟଲାଭ କଲେ । ପରେ ପରେ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ଅଧ୍ୟକ୍ଷତାରେ ନିଖିଳ ଭାରତ କଂଗ୍ରେସ କମିଟିର ଏକ ବରାଦୀ ବୈଠକ ନଭେମ୍ବର ୨୨ ତାରିଖରେ ବସି କଂଗ୍ରେସ ସଭାପତି ଶ୍ରୀ ନିଜଲିଙ୍ଗାପାଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଗୃହୀତ ହେଲା ଏବଂ ଶ୍ରୀ ସି. ସୁବ୍ରମଣ୍ୟମ୍ ଅସ୍ଥାୟୀ କଂଗ୍ରେସ ସଭାପତି ଭାବରେ ନିର୍ବାଚିତ ହେଲେ । ସଭାପତି ନିର୍ବାଚିତ ହେବାପରେ ସି. ସୁବ୍ରମଣ୍ୟମ ଯେଉଁ ନୂତନ କାର୍ଯ୍ୟକାରୀ କମିଟି ଗଠନ କଲେ, ସେଥିରେ ବିଜୁବାବୁଙ୍କୁ ଉପେକ୍ଷା କରି ନନ୍ଦିନୀଙ୍କୁ ସଭ୍ୟ ରୂପେ ଗ୍ରହଣ କରିବାରୁ ପ୍ରଦେଶ କଂଗ୍ରେସ ସଭାପତି ନୀଳମଣି ରାଉତରାୟ ଏବଂ ବିଜୁ ପଟ୍ଟନାୟକ ଏଥିରେ ଭୀଷଣ କ୍ଷୁବ୍ଧ ହୋଇଥିଲେ । ଯାହାହେଉ, ପରେ ଏକ ବିଭାଜିତ କ୍ଷୁଦ୍ର ଗୋଷ୍ଠୀଙ୍କୁ ନେଇ ନିଜଲିଙ୍ଗାପାଙ୍କ ନେତୃତ୍ୱରେ ଗଠିତ ହୋଇଥିଲା ସଂଗଠନ କଂଗ୍ରେସ ଏବଂ ପ୍ରଧାନମନ୍ତ୍ରୀ ଇନ୍ଦିରାଙ୍କ ନେତୃତ୍ୱରେ ରହିଥିଲା ଶାସକ କଂଗ୍ରେସ ।

ଏହାର ମାସକ ପରେ ଅର୍ଥାତ୍ ଡିସେମ୍ବର ୨୮ ତାରିଖରେ ଶ୍ରୀମତୀ ଗାନ୍ଧୀଙ୍କ ଦ୍ୱାରା ପରିଚାଳିତ କଂଗ୍ରେସ (ଶାସକ)ର ସାଧାରଣ ଅଧିବେଶନ ବମ୍ବେଠାରେ ହେବାକୁ ସ୍ଥିର

Digitized by PPRACHIN, SOA

ହୋଇଥିବାବେଳେ, ଠିକ୍ ସେହି ସମୟରେ ସଂଗଠନ କଂଗ୍ରେସର ସାଧାରଣ ଅଧିବେଶନ ଗୁଜୁରାଟର ଅହମ୍ମଦାବାଦରେ ହେବ ବୋଲି ନିଜଲିଙ୍ଗାପା ଘୋଷଣା କଲେ । ସେତେବେଳେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ବିଧିବଦ୍ଧ ଭାବେ କେଉଁ କଂଗ୍ରେସରେ ଯୋଗଦେବେ ତାହା ସ୍ପଷ୍ଟ ନ ହୋଇଥିବାରୁ ସଭ୍ୟମାନେ ପଡ଼ିଥିଲେ ଦ୍ୱନ୍ଦ୍ୱରେ । ଶେଷରେ ନନ୍ଦିନୀଙ୍କ ସହ ପ୍ରଦେଶ ବିଧାୟକଦଳ ନେତା ବିନାୟକ ଆଚାର୍ଯ୍ୟ, ପ୍ରଦେଶ କଂଗ୍ରେସ ସଭାପତି ନୀଳମଣି ରାଉତରାୟ, ବିଜୁ ପଟ୍ଟନାୟକ, ଯୁବ କଂଗ୍ରେସ ଆବାହକ ପ୍ରଦ୍ୟୁମ୍ନ ବଳ, ଶ୍ୟାମସୁନ୍ଦର ମହାପାତ୍ର ପ୍ରମୁଖ ବମ୍ବେ କଂଗ୍ରେସରେ ଯୋଗଦେଲେ ଏବଂ ପ୍ରଦେଶ କଂଗ୍ରେସ କମିଟିର ପୂର୍ବତନ ସଭାପତି ବିଜୟ ପାଣି, ପ୍ରହ୍ଲାଦ ମଲ୍ଲିକ, ଭବାନୀ ଚରଣ ପଟ୍ଟନାୟକ, ଦୀନବନ୍ଧୁ ସାହୁ ପ୍ରମୁଖ ସଂଗଠନ କଂଗ୍ରେସରେ ଯୋଗଦେଇ ଅହମ୍ମଦାବାଦ ଅଧିବେଶନକୁ ଯାଇଥିଲେ ।

କେନ୍ଦ୍ରରେ କଂଗ୍ରେସ ଦଳର ଏହିଭଳି ଭାବରେ ବିଭାଜନ ପ୍ରକ୍ରିୟାର ଅନ୍ତ ହେବା ପରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିରେ ଆରମ୍ଭ ହୋଇଥିଲା ଆଉ ଏକ ହଟଚମଟ ରାଜ୍ୟସଭା ନିର୍ବାଚନକୁ ନେଇ । ୧୯୭୦ ମସିହାରେ ଓଡ଼ିଶାରୁ ରାଜ୍ୟସଭାକୁ ତିନିଜଣ ସଭ୍ୟ ନିର୍ବାଚିତ ହେବା କଥା । ସେତେବେଳେ ଓଡ଼ିଶା ବିଧାନସଭାରେ କଂଗ୍ରେସ ସଭ୍ୟ ସଂଖ୍ୟା ୩୧ ଜଣ । ଆଉ ଅଳ୍ପ କିଛି ବିଧାୟକଙ୍କ ସମର୍ଥନ ପାଇଗଲେ ରାଜ୍ୟସଭାକୁ ଜଣକୁ ପଠାଯାଇପାରିବ । ଏହି ପରିପ୍ରେକ୍ଷୀରେ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଅଙ୍କ କଷାକଷି ହୋଇ ବିଜୁ ପଟ୍ଟନାୟକଙ୍କ ନାମ ସ୍ଥିର ହୋଇଥାଏ । ସେ ବି ପାର୍ଲାମେଣ୍ଟକୁ ଯିବାପାଇଁ ଅତିମାତ୍ରାରେ ଆଗ୍ରହୀ ଥାନ୍ତି । କିନ୍ତୁ କେନ୍ଦ୍ର ପାର୍ଲାମେଣ୍ଟାରୀ ବୋର୍ଡ ପୂର୍ବରୁ ରାଜ୍ୟସଭା ସଦସ୍ୟ ଥିବା ଶ୍ରୀ ନାରାୟଣ ପାତ୍ରଙ୍କ ନାମ ଘୋଷଣା କରିଦେବାରୁ ବିଜୁ ପଟ୍ଟନାୟକ ଏବଂ ପ୍ରଦେଶ କଂଗ୍ରେସ କମିଟିର ସଭାପତି ନୀଳମଣି ରାଉତରାୟ ଭୀଷଣ ଅସନ୍ତୁଷ୍ଟ ହୋଇଥିଲେ । ଏହା ପଛରେ ନନ୍ଦିନୀଙ୍କ ଚକ୍ରାନ୍ତ ଅଛି ବୋଲି ମଧ୍ୟ ସେମାନଙ୍କର ଏକ ଧାରଣା ହୋଇଥିଲା । ମାତ୍ର ବିଜୁବାବୁଙ୍କର ପ୍ରଧାନମନ୍ତ୍ରୀ ନିର୍ବାଚନ ସମୟର କାର୍ଯ୍ୟକଳାପ ହେଉ ବା ଅନ୍ୟ କୌଣସି କାରଣରୁ ହେଉ କେନ୍ଦ୍ରୀୟ ପାର୍ଲାମେଣ୍ଟାରୀ କମିଟି ଚାହୁଁନଥିଲେ ସେ ପାର୍ଲାମେଣ୍ଟକୁ ଯାଆନ୍ତୁ ବୋଲି । ଯାହାହେଉ, ଶେଷରେ ଜନକଂଗ୍ରେସ ପ୍ରାର୍ଥୀ ସୁରଜମଲ୍ଲ ସାହା, ସ୍ୱତନ୍ତ୍ର ପାର୍ଟିର ପ୍ରାର୍ଥୀ ବୀରକିଶୋର ଦେଓ ଜିତିବା ସହିତ ଆଶ୍ଚର୍ଯ୍ୟଜନକ ଭାବେ ଅଳ୍ପଦିନ ତଳେ ସଂଗଠନ କଂଗ୍ରେସରେ ଯୋଗ ଦେଇଥିବା ବିନୟ କୁମାର ମହାନ୍ତି ମଧ୍ୟ ଜିତିଯାଇଥିଲେ । ନାରାୟଣ ପାତ୍ର ହାରିଗଲେ । ଯାହାକୁ ନେଇ କେନ୍ଦ୍ରୀୟ କଂଗ୍ରେସ ପାର୍ଲାମେଣ୍ଟାରୀ ବୋର୍ଡ ପ୍ରଦେଶ କଂଗ୍ରେସ କମିଟିକୁ କୈଫିୟତ

Digitized by PPRACHIN, SOA

ମାଗିଥିଲେ । ଏହି ନିର୍ବାଚନରେ ବିଜୁବାବୁଙ୍କ ଦଳବିରୋଧୀ କାର୍ଯ୍ୟ ପାଇଁ ତାଙ୍କୁ ମଧ୍ୟ କଂଗ୍ରେସରୁ ନିଲମ୍ବନ କରାଯିବା ପାଇଁ କୈଫିୟତ ମଗାଯାଇଥିଲା । ଏଥିରେ କ୍ରୋଧାନ୍ୱିତ ହୋଇ ବିଜୁ ପଟ୍ଟନାୟକ, ପ୍ରଦେଶ କଂଗ୍ରେସ କମିଟି ସଭାପତି ନୀଳମଣି ରାଉତରାୟ ଏବଂ କଂଗ୍ରେସ ବିଧାୟକ ଦଳର ସଂଖ୍ୟାଧିକ ସଭ୍ୟଙ୍କୁ ନେଇ ୧୯୭୦ ମସିହା ମେ ମାସରେ 'ଉତ୍କଳ କଂଗ୍ରେସ' ନାମରେ ଏକ ନୂଆ ପ୍ରାଦେଶିକ ଦଳ ଗଠନ କଲେ । ଏହି ଦଳର ସଭାପତି ଭାବେ ନୀଳମଣି ରାଉତରାୟ ଏବଂ ବିଧାୟକ ଦଳ ନେତା ଭାବରେ ଗଙ୍ଗାଧର ମହାପାତ୍ର ଦାୟିତ୍ୱ ନେଲେ ।

ଇତିମଧ୍ୟରେ ଗଣତନ୍ତ୍ର ପରିଷଦ 'ସ୍ୱତନ୍ତ୍ର ଦଳ' ନାମରେ ରୂପାନ୍ତରିତ ହୋଇଥିଲା ଏବଂ ମହତାବ ଓ ପବିତ୍ର ମୋହନ ପ୍ରଧାନଙ୍କ ନେତୃତ୍ୱରେ କଂଗ୍ରେସର ଗୋଟିଏ ଅସନ୍ତୁଷ୍ଟ ଗୋଷ୍ଠୀ ଅଲଗା ହୋଇ 'ଜନକଂଗ୍ରେସ' ଗଠନ କରିଥିଲେ । ସ୍ୱତନ୍ତ୍ର ଦଳର ନେତା ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ମୁଖ୍ୟମନ୍ତ୍ରୀତ୍ୱରେ ଗଠିତ ହୋଇଥିବା ୧୯୬୭ର ସ୍ୱତନ୍ତ୍ର ଦଳ-ଜନକଂଗ୍ରେସର ମିଳିତ ସରକାର ଦୁର୍ନୀତି ଅଭିଯୋଗରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରୀମାନଙ୍କ ବିରୁଦ୍ଧରେ ଯେଉଁ ସରଯୂ ପ୍ରସାଦ କମିଶନ ବସାଇଥିଲେ, ସେଥିରେ ସ୍ୱୟଂ ଜନକଂଗ୍ରେସ ନେତା ଡକ୍ଟର ହରେକୃଷ୍ଣ ମହତାବ ଦୋଷୀ ସାବ୍ୟସ୍ତ ହେବାରୁ, ମହତାବ ଶ୍ରୀ ସିଂହଦେଓଙ୍କ ଉପରେ କ୍ଷୁବ୍ଧ ହୋଇ ସରକାରର ପତନ ଘଟାଇବାକୁ ଚକ୍ରାନ୍ତ ଆରମ୍ଭ କରିଦେଲେ । ଜନକଂଗ୍ରେସ ବିଧାୟକ ଦଳର ନେତା ପବିତ୍ର ମୋହନ ପ୍ରଧାନ ମହତାବଙ୍କର ଏହି ଚକ୍ରାନ୍ତରେ ମିଳିତ ସରକାରରୁ ଜନକଂଗ୍ରେସର ସମର୍ଥନ ପ୍ରତ୍ୟାହାର କରିନେବାରୁ ୧୯୭୧ ମସିହା ଜାନୁଆରୀ ୯ ତାରିଖ ଦିନ ମିଳିତ ସରକାରର ପତନ ଘଟିଥିଲା । ଏହାର ଦୁଇଦିନ ପରେ ଓଡ଼ିଶାରେ ଦ୍ୱିତୀୟ ଥର ପାଇଁ ରାଷ୍ଟ୍ରପତି ଶାସନ ଜାରି ହୋଇ ପରବର୍ତ୍ତୀ ନିର୍ବାଚନ ମାର୍ଚ୍ଚ ମାସରେ ଅନୁଷ୍ଠିତ ହୋଇଥିଲା ।

ଏହି ନିର୍ବାଚନରେ ଶାସକ କଂଗ୍ରେସ ୫୧, ସ୍ୱତନ୍ତ୍ର ଦଳ ୩୬, ଉତ୍କଳ କଂଗ୍ରେସ ୩୨, ପ୍ରଜା ସୋସାଲିଷ୍ଟ ପାର୍ଟି, କମ୍ୟୁନିଷ୍ଟ (ସିପିଆଇ) ଏବଂ ଝାଡ଼ଖଣ୍ଡ ଉଭୟ ୪ଟି ଆସନ ପାଇଥିବାବେଳେ, ଅବଶିଷ୍ଟ ଆସନରେ ସିପିଆଇ (ଏମ୍), ଭାରତୀୟ ଜାତୀୟ କଂଗ୍ରେସ (ଓ), ଜନକଂଗ୍ରେସ ଏବଂ ନିର୍ଦ୍ଦଳୀୟ ପ୍ରାର୍ଥୀମାନେ ବିଜୟଲାଭ କରିଥିଲେ । ସବୁଠାରୁ ଉଲ୍ଲେଖନୀୟ ଘଟଣା ଥିଲା, ଉତ୍କଳ କଂଗ୍ରେସ ପ୍ରାର୍ଥୀ ଭାବରେ ବିଜୁ ପଟ୍ଟନାୟକ ଚାରୋଟି ବିଧାନସଭା ଏବଂ ଭୁବନେଶ୍ୱର ଲୋକସଭା ଆସନ, ଏହିପରି ପାଞ୍ଚୋଟି ନିର୍ବାଚନ ମଣ୍ଡଳୀରୁ ଶୋଚନୀୟ ଭାବେ ପରାଜୟ ବରଣ କରିଥିବାବେଳେ, ପୂର୍ବତନ ମୁଖ୍ୟମନ୍ତ୍ରୀ ବୀରେନ୍ ମିତ୍ର ମଧ୍ୟ କଟକ ସହର ବିଧାନସଭା ଓ କଟକ ଲୋକସଭା ଆସନରୁ

Digitized by PPRACHIN, SOA

ପରାଜିତ ହୋଇଥିଲେ । ନିର୍ବାଚନରେ କୌଣସି ଦଳ ସଂଖ୍ୟାଗରିଷ୍ଠତା ହାସଲ ନ କରିବାରୁ, ଉତ୍କଳ କଂଗ୍ରେସ ପକ୍ଷରୁ ସ୍ୱତନ୍ତ୍ର ଦଳ ଓ ଝାଡ଼ଖଣ୍ଡ ଦଳକୁ ନେଇ ବର୍ଷୀୟାନ ନେତା ବିଶ୍ୱନାଥ ଦାସଙ୍କ ମୁଖ୍ୟମନ୍ତ୍ରୀତ୍ୱରେ ଏପ୍ରିଲ ୩ ତାରିଖରେ ଏକ ସାମ୍ମୁଖ୍ୟ ସରକାର ଗଠନ କରାଗଲା ।

କିନ୍ତୁ ଏହି ମନ୍ତ୍ରିମଣ୍ଡଳକୁ ଆଦୌ ସହଜରେ ହଜମ କରିପାରିନଥିଲେ ଅନ୍ୟତମ ବର୍ଷୀୟାନ ନେତା ଡକ୍ଟର ହରେକୃଷ୍ଣ ମହତାବ । ଦୀର୍ଘଦିନରୁ ମୁଖ୍ୟମନ୍ତ୍ରୀ ହେବାର ଆଶା ବାନ୍ଧିଥିବା ଡକ୍ଟର ମହତାବ ଏଥି ପୂର୍ବରୁ ଜନକଂଗ୍ରେସରୁ ଇସ୍ତଫା ଦେଇ କଂଗ୍ରେସରେ ମିଶିଥିଲେ । ମାତ୍ର ନିର୍ବାଚନରେ କଂଗ୍ରେସ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ନ ପାଇବାରୁ ସେ ହତାଶ ହୋଇଥିଲେ । ଅବଶ୍ୟ ସେ କଂଗ୍ରେସ ବିଧାୟକ ଦଳର ନେତା ନିର୍ବାଚିତ ହୋଇଥିଲେ । କିନ୍ତୁ ଏହା ବି କ୍ରମଶଃ ତାଙ୍କ ହାତରୁ ଚାଲିଯାଇଥିଲା କେତେକ ଯୁବ ନେତୃତ୍ୱଙ୍କ ଅନାସ୍ଥା ଯୋଗୁଁ । ସେତେବେଳେ ବ୍ରଜମୋହନ ମହାନ୍ତି ଥିଲେ ପ୍ରଦେଶ କଂଗ୍ରେସ ସଭାପତି । ମହତାବଙ୍କ ଇସ୍ତଫା ପରେ ବିନାୟକ ଆଚାର୍ଯ୍ୟ ହେଲେ ବିଧାୟକ ଦଳର ନେତା ।

ଅତୀତରେ ୧୯୩୭ ମସିହାରେ ଓଡ଼ିଶାର ପ୍ରଧାନମନ୍ତ୍ରୀ ଦାୟିତ୍ୱ ତୁଲାଇଥିବା, ଅଶୀତିପର ବୟସ୍କ ବିଶ୍ୱନାଥ ଦାସଙ୍କ ପ୍ରତି ଓଡ଼ିଶାର ଜନସାଧାରଣ ତଥା କେନ୍ଦ୍ରୀୟ ନେତୃବୃନ୍ଦଙ୍କର ଅତ୍ୟନ୍ତ ଶ୍ରଦ୍ଧା ଓ ସମ୍ମାନ ରହିଥିଲା । ଯାହାଫଳରେ ସେ ବିଧାନସଭାର ସଭ୍ୟ ନଥାଇ ମିଳିତ ସାମ୍ମୁଖ୍ୟର ଅନୁରୋଧ କ୍ରମେ ମୁଖ୍ୟମନ୍ତ୍ରୀ ହୋଇଥିଲେ ଏବଂ ଉପନିର୍ବାଚନରେ ରାଉରକେଲାରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ବିଜୟଲାଭ କରିଥିଲେ । ତେଣୁ ଶାସନ କାର୍ଯ୍ୟ ଆରମ୍ଭ କରିବାରେ ତାଙ୍କର କୌଣସି ଅସୁବିଧା ହୋଇନଥିଲା । ମାତ୍ର ତାଙ୍କ ମୁଖ୍ୟମନ୍ତ୍ରୀ ଚଉକି ଉପରେ ଦୁଇଟି ଲୋଲୁପ ଦୃଷ୍ଟି ସର୍ବଦା ଘୁରି ବୁଲୁଥିଲା । ସେଥିମଧ୍ୟରୁ ଗୋଟିଏ ଥିଲା ମହତାବଙ୍କର ଏବଂ ଅନ୍ୟଟି ଥିଲା ଉପନିର୍ବାଚନରେ କେନ୍ଦ୍ରାପଡ଼ାର ରାଜନଗର ଆସନରୁ ଜିତି ବିଧାନସଭାରେ ସଦ୍ୟ ପ୍ରବେଶ କରିଥିବା ବିଜୁ ପଟ୍ଟନାୟକଙ୍କର । ଗୋଟିଏ ପଟେ ବିଶ୍ୱନାଥ ଦାସଙ୍କ ମୁଖ୍ୟମନ୍ତ୍ରୀତ୍ୱକୁ ମହତାବ ଆଦୌ ସହ୍ୟ କରିପାରୁନଥିଲେ, ଯେଉଁଥିପାଇଁ ସେ ନିଜ ପ୍ରତିଷ୍ଠିତ କାଗଜ 'ପ୍ରଜାତନ୍ତ୍ର'ରେ ଶ୍ରୀ ଦାସଙ୍କ ବିରୁଦ୍ଧରେ କୁତ୍ସା ରଟନା ଆରମ୍ଭ କରିଦେଇଥିଲେ; ଅନ୍ୟ ପଟରେ ବିଜୁବାବୁ ଲାଗିପଡ଼ିଥିଲେ ମିଳିତ ସାମ୍ମୁଖ୍ୟର ନେତୃତ୍ୱ ପରିବର୍ତ୍ତନ କରି ଯେନତେନ ପ୍ରକାରେଣ ମୁଖ୍ୟମନ୍ତ୍ରୀ ଗାଦି ଅକ୍ତିଆର କରିନେବା ପାଇଁ । ଏତିକିବେଳେ 'ଦ୍ୱୟ ବିବାଦେ ତୃତୀୟସ୍ୟ ଲାଭ' ଆପ୍ତବାକ୍ୟଟିକୁ ମନରେ ହେଜି ସ୍ୱରାଷ୍ଟ୍ର ମନ୍ତ୍ରୀ ଥିବା ନୀଳମଣି ରାଉତରାୟଙ୍କ

Digitized by PPRACHIN, SOA

କଟାକ୍ଷ ଦୃଷ୍ଟି ମଧ୍ୟ ପଡ଼ିଥିଲା ରାଜ୍ୟର ଏହି ମହାର୍ଘ୍ୟ ବିବେଚିତ ମୁଖ୍ୟମନ୍ତ୍ରୀ ଚୌକି ଉପରେ । ସେ ବି ତତ୍କାଳୀନ ହାଉସିଂ ବୋର୍ଡର ଚେୟାରମ୍ୟାନ୍ ଶଶିଭୂଷଣ ମିଶ୍ରଙ୍କୁ ମଧ୍ୟସ୍ଥ ଭୂମିକାରେ ଅବତୀର୍ଣ୍ଣ କରାଇ ଉତ୍କଳ କଂଗ୍ରେସକୁ ଶାସକ କଂଗ୍ରେସରେ ମିଶ୍ରଣ କରି ମୁଖ୍ୟମନ୍ତ୍ରୀ ଚୌକି ଅକ୍ତିଆର କରିବା ଚେଷ୍ଟାରେ ଲାଗିପଡ଼ିଲେ ।

ଏଠାରେ ଲକ୍ଷ୍ୟ କରିବାର କଥା ଯେ, ଭାରତର ସ୍ୱାଧୀନତା ପ୍ରାପ୍ତି ପରେ ରାଜ୍ୟର ପ୍ରଗତି କିମ୍ବା ରାଜ୍ୟବାସୀଙ୍କର ଉନ୍ନତି ପାଇଁ ଆଦୌ ଧ୍ୟାନ ନ ଦେଇ, ରାଜ୍ୟ ନେତୃବର୍ଗ କିଭଳି ଭାବରେ ମୁଖ୍ୟମନ୍ତ୍ରୀ ଗାଦି ପଛରେ ଧାଇଁବାରେ ବା କ୍ଷମତାରେ ରହିବାକୁ ମୂଳରୁ ନିଜ ନିଜ ଭିତରେ ଦ୍ୱନ୍ଦ୍ୱ ସଂଘାତ ପୂର୍ବକ ପରସ୍ପରର ଗୋଡ଼ ଟଣାଟଣିରେ ସମୟ ଅପଚୟ କରୁଥିଲେ ତା'ର ଏକ ନଗ୍ନଚିତ୍ର ଦେଖିବାକୁ ମିଳେ । ୧୯୫୨ ମସିହାରେ ଗଠିତ ପ୍ରଥମ ବିଧାନସଭାର ମୁଖ୍ୟମନ୍ତ୍ରୀ ଭାବରେ ଋଷିପ୍ରତିମ ନବକୃଷ୍ଣ ଚୌଧୁରୀଙ୍କର ସୀମା ଆନ୍ଦୋଳନ ସମସ୍ୟା, ଭୂସଂସ୍କାର ଆଇନ୍, ହୀରାକୁଦ ନଦୀବନ୍ଧ ଯୋଜନା, ରାଉରକେଲାରେ ଇସ୍ପାତ କାରଖାନା, ପାରାଦ୍ୱୀପ ବନ୍ଦର ପାଇଁ ନେହେରୁଙ୍କୁ ପ୍ରସ୍ତାବ ଆଦି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟର ପରିକଳ୍ପନା ସତ୍ତ୍ୱେ; ବମ୍ବେରେ ରାଜ୍ୟପାଳ ଥାଇ ଡକ୍ଟର ହରେକୃଷ୍ଣ ମହତାବ ରାଜ୍ୟ କଂଗ୍ରେସକୁ ଦୁଇଗୋଷ୍ଠୀରେ ବିଭକ୍ତ କରି ବିଜୁ ପଟ୍ଟନାୟକ, ବୀରେନ୍ ମିତ୍ର ଓ ନୀଳମଣି ରାଉତରାୟଙ୍କ ପରି ଯୁବନେତାମାନଙ୍କୁ ହାତବାରିସି କରି ନବବାବୁଙ୍କ ସରକାରକୁ ନିନ୍ଦିତ କରିବାର ସମସ୍ତ ଅପଚେଷ୍ଟା ଆରମ୍ଭ କରିଦେଇଥିଲେ । ୧୯୫୫ ମସିହାର ପ୍ରଳୟଙ୍କରୀ ବନ୍ୟାକୁ ମନୁଷ୍ୟକୃତ ଆଖ୍ୟା ଦେଇ 'ପ୍ରଜାତନ୍ତ୍ର' କାଗଜରେ ନବବାବୁଙ୍କ ସରକାରକୁ ସମାଲୋଚନା କରିବା ସଙ୍ଗେ ସଙ୍ଗେ ତାଙ୍କ ବିରୋଧରେ ନାନା କଟୁ ମନ୍ତବ୍ୟମାନ ପ୍ରଚାର କଲେ । ଏ ବିଷୟରେ କେହି କେହି ଲେଖନ୍ତି, ରାଜନୈତିକ ସଦାଚାରର ସମସ୍ତ ସୀମା ଟପିଯାଇ ନବବାବୁଙ୍କୁ 'ଧର୍ମବକ', 'ରକ୍ଷଣଶୀଳ' ଆଖ୍ୟା ଦେବାକୁ ମଧ୍ୟ ପଶ୍ଚାତ୍‌ପଦ ହୋଇନଥିଲେ ଡକ୍ଟର ମହତାବ । ତେବେ ତାଙ୍କ ମନ୍ତ୍ରିମଣ୍ଡଳର ନୀଳମଣି ରାଉତରାୟଙ୍କ ବ୍ୟତୀତ ଅନ୍ୟ କୌଣସି ସଭ୍ୟ ନବବାବୁ ପଦ ତ୍ୟାଗ କରନ୍ତୁ ବୋଲି ଚାହୁଁନଥିଲେ । ମହତାବଙ୍କର କୁମ୍ଭାରେ ଅତିଷ୍ଠ ହୋଇ ନବବାବୁ ଥରେ ଇସ୍ତଫା ଦେବା କଥା ଉଠାଇଥିଲେ ମଧ୍ୟ ନେହେରୁ ତାଙ୍କୁ ବୁଝାସୁଝା କରିବା ପରେ ସେ ଏଥିରୁ କ୍ଷାନ୍ତ ହୋଇଥିଲେ । ମାତ୍ର ୧୯୫୬ ମସିହାରେ ବମ୍ବେର କଂଗ୍ରେସ ଅଧିବେଶନରେ ମହତାବଙ୍କ କୁଚକ୍ରୀ ଗୋଷ୍ଠୀ ଜାତୀୟ ନେତାମାନଙ୍କୁ ନେତୃତ୍ୱ ପରିବର୍ତ୍ତନ କରି ମହତାବଙ୍କୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ କରିବାକୁ ପ୍ରବର୍ତ୍ତାଇଥିଲେ । କେତେକ ସୂତ୍ରରୁ ଜଣାଯାଏ ଯେ, ବିଜୁ ପଟ୍ଟନାୟକ ଏଥିରେ ମୁଖ୍ୟ ଭୂମିକା ନେଇଥିଲେ । ବମ୍ବେର ମୁଖ୍ୟମନ୍ତ୍ରୀ ଥିବା ମୋରାରଜୀ

Digitized by PPRACHIN, SOA

ଦେଶାଇ ମଧ୍ୟ ଏମାନଙ୍କ ସଙ୍ଗେ ସ୍ୱର ମିଳାଇଥିଲେ । ଏହା ଦେଖି କ୍ଷମତା ପ୍ରତି ନବବାବୁଙ୍କର ଅନାସକ୍ତ ଭାବ ସୃଷ୍ଟି ହୋଇଥିଲା ଏବଂ ସେ ଜିଦ୍ ଧରିଥିଲେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବାପାଇଁ । ନେହେରୁଙ୍କ ସମେତ କେନ୍ଦ୍ରୀୟ ନେତୃବୃନ୍ଦମାନେ ଓଡ଼ିଶାରେ ନେତୃତ୍ୱ ପରିବର୍ତ୍ତନ ଉପରେ ବିଚାର ଆଲୋଚନା କରୁଥିବାବେଳେ, ନବକୃଷ୍ଣ ଚୌଧୁରୀ ୧୯୫୬ ମସିହା ଅକ୍ଟୋବର ମାସରେ ନିଜର ଇସ୍ତଫା ପ୍ରଦାନ କରି ସିଧା ଚାଲିଯାଇଥିଲେ ଅନୁଗୁଳର ବାଜିରାଉତ ଛାତ୍ରାବାସକୁ । ଅନେକ ଦିନରୁ ମୁଖ୍ୟମନ୍ତ୍ରୀ ପଦ ନିମନ୍ତେ ଲାଳାୟିତ ଥିବା ଡଃ ମହତାବଙ୍କ ହାତରେ ପଡ଼ିଥିଲା ଓଡ଼ିଶାର ଶାସନଡୋରି ।

୧୯୫୭ ମସିହା ନିର୍ବାଚନରେ କଂଗ୍ରେସର ସଭ୍ୟ ସଂଖ୍ୟା ୬୭ରୁ ୫୬କୁ ଖସିଆସିବାରୁ ମହତାବ ବାଧ୍ୟହୋଇ ଏକ ସଂଖ୍ୟାଲଘୁ ସରକାରର ନେତୃତ୍ୱ ନେଇଥିଲେ । କିଛିଦିନ ପରେ ସରକାର ଚଳେଇବା ସମ୍ଭବ ନ ହେବାରୁ କଂଗ୍ରେସର ମୁଖ୍ୟ ବିରୋଧୀଦଳ ତଥା ରାଜାରାଜୁଡ଼ାମାନଙ୍କୁ ନେଇ ଗଠିତ 'ଗଣତନ୍ତ୍ର ପରିଷଦ' ସହ ମିଶି ନିଜର ଗାଦୀ ରକ୍ଷା କରିଥିଲେ । ମାତ୍ର ଏହି ସରକାର ଗଠନ ସମୟରେ ସମସ୍ତ ସହାୟତା ଯୋଗାଇଥିବା ବିଜୁବାବୁଙ୍କୁ ମନ୍ତ୍ରିମଣ୍ଡଳରେ ଗ୍ରହଣ କରା ନ ଯିବାରୁ ସେ କ୍ଷୁବ୍ଧ ହୋଇ ବୀରେନ୍ ମିତ୍ର ଏବଂ ନୀଳମଣି ରାଉତରାୟଙ୍କୁ ଧରି ମନ୍ତ୍ରିମଣ୍ଡଳର ଯବନିକା ଟାଣିବାକୁ ପ୍ରଚେଷ୍ଟା ଆରମ୍ଭ କରିଦେଲେ । ମହତାବ ମଧ୍ୟ କ୍ଷମତାରେ ରହିବା ପାଇଁ କଂଗ୍ରେସ ନେତାଙ୍କୁ ଉପେକ୍ଷା କରି ଗଣତନ୍ତ୍ର ପରିଷଦର ନେତା ରାଜେନ୍ଦ୍ର ନାରାୟଣ ସିଂହଦେଓ ଏବଂ ଅନ୍ୟମାନଙ୍କୁ ଗୁରୁତ୍ୱ ଦେଲେ । ଏହାକୁ ଏକ ସୁଯୋଗ ମନେକରି ବିଜୁ ପଟ୍ଟନାୟକ କଂଗ୍ରେସ ସଂଗଠନକୁ ସୁଦୃଢ଼ କରିବା ନିମନ୍ତେ ନିଜେ ସଭାପତି ହେବାପାଇଁ ପୁନର୍ବାର ପାଗ ଭିଡ଼ିଲେ । ସଭାପତି ବନମାଳୀ ପଟ୍ଟନାୟକଙ୍କ ବିରୁଦ୍ଧରେ ସେ ଅନାସ୍ଥା ପ୍ରସ୍ତାବ ଆଗତ କରିବା ପାଇଁ ଦସ୍ତଖତ ସଂଗ୍ରହ କରୁଥିବାବେଳେ, ବନମାଳୀବାବୁ ୧୯୬୧ ମସିହା ଜାନୁଆରୀ ମାସରେ ନିଜ ତରଫରୁ ପ୍ରଦେଶ କଂଗ୍ରେସର ଏକ ବୈଠକରେ ଆସ୍ଥା ପ୍ରସ୍ତାବ ଆଗତ କଲେ । ମାତ୍ର ତାଙ୍କ ପ୍ରସ୍ତାବଟି କାଟ୍ ଖାଇଯିବାରୁ ବିଜୁ ପଟ୍ଟନାୟକ ସଭାପତି ଭାବେ ନିର୍ବାଚିତ ହୋଇଥିଲେ । ଏହାପରେ ବିଜୁବାବୁ ନିଜର ଏକ ଗୋଷ୍ଠୀ ଗଠନ କରି ମହତାବଙ୍କ ବିରୁଦ୍ଧରେ ପ୍ରଦେଶ କଂଗ୍ରେସ ନେତାମାନଙ୍କୁ ଏକଜୁଟ୍ କରିବା ସହିତ କେନ୍ଦ୍ରୀୟ ନେତାମାନଙ୍କୁ ମଧ୍ୟ ପ୍ରଭାବିତ କରିଥିଲେ । ଶେଷରେ ନିଜ ଦଳ ଭିତରୁ ବିଧାନସଭାରେ ଆକ୍ରମଣର ସୂଚନା ପାଇ ଡଃ ମହତାବ ଫେବୃୟାରୀ ମାସ ଶେଷରେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ ।

ସେହିପରି ୧୯୬୧ ମସିହା ବିଧାନସଭା ନିର୍ବାଚନରେ ମୋଟ ୧୪୦ଟି ଆସନରୁ ସର୍ବାଧିକ ୮୨ଟି ଆସନରେ କଂଗ୍ରେସକୁ ଜିତାଇ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଆସନରେ ଅଧିଷ୍ଠିତ

Digitized by PPRACHIN, SOA

ହୋଇଥିବା ବିଜୁ ପଟ୍ଟନାୟକ ରାଜ୍ୟର ପ୍ରଗତି ତଥା ରାଜ୍ୟବାସୀଙ୍କ ସ୍ୱାର୍ଥ କଥା ଚିନ୍ତା ନ କରି, କାମରାଜ ଯୋଜନାରେ ଅତ୍ୟନ୍ତ ଆକସ୍ମିକ ଓ ବେପରୁଆ ଭାବରେ ୧୯୬୩ ଅକ୍ଟୋବର ମାସରେ ଇସ୍ତଫା ଦେଇ ରାଜ୍ୟ ରାଜନୀତିକୁ ଘୋର ଅନ୍ଧକାର ମଧ୍ୟକୁ ଠେଲିଦେଲେ । ଏ କ୍ଷେତ୍ରରେ ଶୁଣାଯାଏ ଯେ, ସରକାରରେ ଥିବା ବୀରେନ୍ ମିତ୍ର କୁଆଡ଼େ ବିଜୁବାବୁଙ୍କୁ ଇସ୍ତଫା ଦେବାକୁ ପ୍ରବର୍ତ୍ତାଉଥିଲେ । କାରଣ ବିଜୁବାବୁଙ୍କ ପରେ ସେ ହିଁ ମୁଖ୍ୟମନ୍ତ୍ରୀ ହେବା ଏକ ପ୍ରକାର ନିଶ୍ଚିତ ଥିଲା । ବୀରେନ୍ ମିତ୍ର ମୁଖ୍ୟମନ୍ତ୍ରୀ ହେବାପରେ ତାଙ୍କ ନାମରେ ନାନା ଦୁର୍ନୀତି ଅଭିଯୋଗ ହୋଇ ସେ ଇସ୍ତଫା ଦେବା ପରେ, ସଦାଶିବ ତ୍ରିପାଠୀ ହୋଇଥିଲେ ମୁଖ୍ୟମନ୍ତ୍ରୀ ।

ଏହାପରେ ୧୯୬୭ ମସିହାରେ ନିର୍ବାଚନ ଅନୁଷ୍ଠିତ ହୋଇ ସ୍ୱତନ୍ତ୍ର ଦଳର ନେତା ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ନେତୃତ୍ୱରେ ଜନକଂଗ୍ରେସ ସହ ମିଳିତ ମନ୍ତ୍ରିମଣ୍ଡଳ ଗଠିତ ହୋଇଥିଲା । ଏହି ନିର୍ବାଚନରେ କଂଗ୍ରେସର ବିଧାୟକ ସଂଖ୍ୟା ୩୧କୁ ଖସିଆସିଥିଲା । ଏହା ପୂର୍ବରୁ ବିଜୁ ପଟ୍ଟନାୟକଙ୍କ ନେତୃତ୍ୱରେ କଂଗ୍ରେସ ଦଳକୁ ଓଡ଼ିଶାର ଜନସାଧାରଣ ବହୁ ଆଶା ଭରସା କରି ନିରଙ୍କୁଶ ସଂଖ୍ୟାରେ ଜିତାଇଥିଲେ । ମାତ୍ର ଏହି ପାଞ୍ଚବର୍ଷରେ ଗୋଟିଏ ଦଳରୁ ତିନି ତିନିଜଣ ମୁଖ୍ୟମନ୍ତ୍ରୀ ଆସନରେ ଅଧିଷ୍ଠିତ ହୋଇଥିଲେ । ତା'ଛଡ଼ା ନେତୃବୃନ୍ଦମାନେ ପରସ୍ପରର ଗୋଛି କଟାକଟିରେ ଲିପ୍ତ ରହିବା ସହିତ ବିଭିନ୍ନ ପ୍ରକାର ଦୁର୍ନୀତିରେ ଛନ୍ଦିହୋଇ ସାଧାରଣ ଲୋକଙ୍କ ସମସ୍ୟା ଏବଂ ରାଜ୍ୟର ଉନ୍ନତିମୂଳକ କାର୍ଯ୍ୟରୁ ଦୂରେଇ ଯାଇଥିଲେ, ଯାହାକୁ କି ଓଡ଼ିଶାର ଲୋକେ ନାପସନ୍ଦ କରି କଂଗ୍ରେସକୁ ଗୋଟିଏ ସମୁଚିତ ଶିକ୍ଷା ଦେଇଥିଲେ । ସେପଟେ ସ୍ୱତନ୍ତ୍ର-ଜନକଂଗ୍ରେସ ମିଳିତ ସରକାର ଗଠିତ ହେବା ପରେ ଦୁର୍ନୀତି ବିରୋଧୀ ଅଭିଯାନ ଜୋର ଧରିଥିଲା । ବିଜୁ ପଟ୍ଟନାୟକ, ବୀରେନ୍ ମିତ୍ର ଏବଂ ନୀଳମଣି ରାଉତରାୟଙ୍କ ଉପରେ ପୂର୍ବ ରାଗ ଶୁଝାଇବାକୁ ଯାଇ ହରେକୃଷ୍ଣ ମହତାବ ଏକ କମିଶନ ବସାଇବାକୁ ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ଉପରେ ଚାପ ସୃଷ୍ଟି କଲେ । ଯାହାଫଳରେ ପ୍ରଥମେ ଖାନ୍ନା କମିଶନ, ବିରୋଧୀଙ୍କ ଦାବି ଯୋଗୁଁ କେନ୍ଦ୍ର ସରକାରଙ୍କ ଉପଦେଶ କ୍ରମେ ରାଜ୍ୟ ସରକାରଙ୍କ ତରଫରୁ ମୁଧଲକର କମିଶନ ଏବଂ ସରଯୂପ୍ରସାଦ କମିଶନ ବସାଯାଇଥିଲା । ଶେଷରେ ସରଯୂପ୍ରସାଦ କମିଶନ ମହତାବଙ୍କୁ ଦୋଷୀ ସାବ୍ୟସ୍ତ କରିବାରୁ ମହତାବଙ୍କର ରାଗ ପଞ୍ଚମକୁ ଉଠିଥିଲା । ସେ ଜନକଂଗ୍ରେସର ବିଧାୟକ ଦଳ ନେତା ପବିତ୍ର ମୋହନ ପ୍ରଧାନଙ୍କ ଉପରେ ଚାପ ପକାଇ ସରକାରରୁ ଜନକଂଗ୍ରେସର ସମର୍ଥନ ପ୍ରତ୍ୟାହାର କରିନେଇଥିଲେ । ଫଳରେ ୧୯୭୧ ଜାନୁଆରୀରେ ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ସରକାର ଇସ୍ତଫା ଦେଇଥିଲେ ।

Digitized by PPRACHIN, SOA

ଉପରୋକ୍ତ ଘଟଣାକ୍ରମକୁ ଅନୁଧ୍ୟାନ କଲେ ଗୋଟିଏ କଥା ସ୍ପଷ୍ଟ ଅନୁମେୟ ହୁଏ ଯେ, ଓଡ଼ିଶାରେ ୧୯୫୨ ଠାରୁ ୧୯୭୨ ମସିହା ବିଗତ କୋଡ଼ିଏ ବର୍ଷର ରାଜନୀତିକ ଇତିହାସରେ ନବକୃଷ୍ଣ ଚୌଧୁରୀଙ୍କ ମନ୍ତ୍ରିମଣ୍ଡଳକୁ ଛାଡ଼ିଦେଲେ, ହରେକୃଷ୍ଣ ମହତାବଙ୍କଠାରୁ ଆରମ୍ଭ କରି ବିଜୁ ପଟ୍ଟନାୟକ, ବୀରେନ୍ ମିତ୍ର, ସଦାଶିବ ତ୍ରିପାଠୀ, ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ମନ୍ତ୍ରିମଣ୍ଡଳ ପର୍ଯ୍ୟନ୍ତ ସଭିଏଁ କ୍ଷମତା ନିଶାରେ ମସଗୁଲ ରହି ରାଜ୍ୟର ବୃହତ୍ତର ସ୍ୱାର୍ଥ ପ୍ରତି କ୍ରମାଗତ ଅବହେଳା ପ୍ରଦର୍ଶନ କରିଆସିଛନ୍ତି । ଆର୍ଥିକ ଅନିୟମିତତା, ଭ୍ରଷ୍ଟାଚାର, ବ୍ୟଭିଚାର, ଦୁର୍ନୀତି ଭିତରେ ବୁଡ଼ିରହି ସ୍ୱାଧୀନୋତ୍ତର ଓଡ଼ିଶାରେ ରାଜନୈତିକ ଅସ୍ଥିରତାର ବୀଜବପନ କରି ବ୍ୟକ୍ତିଗତ କ୍ଷମତା ପାଇଁ ବିଭିନ୍ନ ସମୟରେ ସରକାରକୁ ସମର୍ଥନ ଦେଇଛନ୍ତି, ପୁଣି ନିଜ ସ୍ୱାର୍ଥ ସାଧନ ନ ହେଲେ ବା କ୍ଷମତା ନ ମିଳିଲେ ସରକାରରୁ ସମର୍ଥନ ପ୍ରତ୍ୟାହାର କରି ରାଜନୈତିକ ସଂକଟ ସୃଷ୍ଟି କରିଛନ୍ତି । ସେହିପରି ୧୯୭୧ ମସିହାରେ ଜଣେ ଅଶୀତିପର ବୟୋଜ୍ୟେଷ୍ଠ ବ୍ୟକ୍ତି ବିଶ୍ୱନାଥ ଦାସଙ୍କୁ ମୁଖ୍ୟମନ୍ତ୍ରୀ ଆସନରେ ବସାଇ ତାଙ୍କ ଚୌକିକୁ ଅକ୍ତିଆର କରିବା ପାଇଁ ତିନି ତିନିଜଣ ଆପ୍ରାଣ ଉଦ୍ୟମ ଆରମ୍ଭ କରିଦେଇଥିଲେ । ଘଟଣାକ୍ରମେ ଡଃ ମହତାବ ସ୍ୱତଃ ଏହି ଦୌଡ଼ରୁ ଅପସରି ଯିବାକୁ ଏକପ୍ରକାର ବାଧ୍ୟ ହୋଇଥିଲେ ମଧ୍ୟ ବିଜୁ ପଟ୍ଟନାୟକ ଏବଂ ନୀଳମଣି ରାଉତରାୟଙ୍କ ମଧ୍ୟରେ ଛକାପଞ୍ଝା ତୀବ୍ର ରୂପ ଧାରଣ କରିଥିଲା । ଗୋଟିଏ ପଟେ ନେତୃତ୍ୱ ପରିବର୍ତ୍ତନ କରି ନିଜେ ମୁଖ୍ୟମନ୍ତ୍ରୀ ହେବାପାଇଁ ବିଜୁବାବୁ ସହଯୋଗୀ ସ୍ୱତନ୍ତ୍ର ଦଳର ନେତା ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ସହିତ କଥାବାର୍ତ୍ତା ଚଳାଇଥିବାବେଳେ, ଅନ୍ୟପଟରେ ନୀଳମଣି ରାଉତରାୟ ତାଙ୍କଠାରୁ ପାଦେ ଆଗେଇଯାଇ ଉତ୍କଳ କଂଗ୍ରେସକୁ ଶାସକ କଂଗ୍ରେସରେ ମିଶ୍ରଣ କରି ନିଜେ ମୁଖ୍ୟମନ୍ତ୍ରୀ ଆସନରେ ବସିବା ପାଇଁ ଭିତରେ ଭିତରେ ଯୋଜନା କରିଥିଲେ ।

ନୀଳମଣି ରାଉତରାୟ କଂଗ୍ରେସରେ ମିଶିବା ପାଇଁ ପ୍ରଥମେ ଓଡ଼ିଶା କଂଗ୍ରେସ ଦାୟିତ୍ୱରେ ଥିବା ତତ୍‌କାଳୀନ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଉମାଶଙ୍କର ଦୀକ୍ଷିତଙ୍କୁ ଏବଂ ପରେ ଇନ୍ଦିରା ଗାନ୍ଧୀଙ୍କୁ ଦେଖା କରିଥିଲେ । ଏ ସମ୍ପର୍କରେ ଦୈନିକ ସମାଜକୁ ଏକ ସାକ୍ଷାତକାର ଅବସରରେ ନନ୍ଦିନୀ କହୁଥିଲେ, "xxx ମୋ ପାଖକୁ ନୀଳମଣିବାବୁ କେବେ ଆସିନାହାନ୍ତି । ସେମାନେ କଂଗ୍ରେସରେ ମିଶିବା ପାଇଁ ତାଙ୍କ ସହ ଆଲୋଚନା କଲେ, ଇନ୍ଦିରା ଗାନ୍ଧୀଙ୍କୁ ଦେଖାକଲେ । ଇନ୍ଦିରା ଗାନ୍ଧୀଙ୍କର ତ ମୋ ସହିତ ଖୁବ୍ ଭଲ ସମ୍ପର୍କ ଥାଏ । ମୁଁ ଅଫିସ୍‌ରେ ବସିଥାଏ, ଇନ୍ଦିରା ଗାନ୍ଧୀ ମୋତେ ଟେଲିଫୋନ୍ କରି ପଚାରିଲେ, 'ଏତିକି ଲୋକ କଂଗ୍ରେସରେ ମିଶିବା ପାଇଁ ଇଚ୍ଛା କରୁଛନ୍ତି, ନେବା କି ନନେବା ।' ମୁଁ କହିଲି, ଏହା ଆପଣଙ୍କ ଉପରେ ନିର୍ଭର କରେ । ଆପଣ କଂଗ୍ରେସ ଦଳର ସର୍ବୋଚ୍ଚ

Digitized by PPRACHIN, SOA

ନେତ୍ରୀ, ଆପଣ ପ୍ରଧାନମନ୍ତ୍ରୀ, ଆପଣ ନିଷ୍ପତ୍ତି ନିଅନ୍ତୁ । ସେ ପୁଣି ପଚାରିଲେ, 'ନା, ତୁମର ବ୍ୟକ୍ତିଗତ ମତ କ'ଣ ?' ବ୍ୟକ୍ତିଗତ ମତ କଥା ଯେତେବେଳେ କହିଲେ ମୁଁ କହିଲି, ମୁଁ ଆପଣଙ୍କ ନିଷ୍ପତ୍ତି ଉପରେ ବାଧା ଦେବାକୁ ଚାହୁଁନାହିଁ । ତେବେ ମୋର ମତ ହେଉଛି, ଦଳତ୍ୟାଗୀ ଲୋକମାନେ କଦାପି ବିଶ୍ୱାସୀ ହୋଇପାରନ୍ତି ନାହିଁ । ତେଣୁ ସେମାନେ କଂଗ୍ରେସ ପ୍ରତି କେବେ ବିଶ୍ୱସ୍ତ ହୋଇପାରିବେ ନାହିଁ, ଧୋକା ଦେବେ । କିନ୍ତୁ ସେମାନେ ଜିଦ୍ କଲେ ଏବଂ ଦଳରେ ସେମାନଙ୍କୁ ନିଆଗଲା ।" *(ଦ୍ରଷ୍ଟବ୍ୟ : 'ସେ ଦିନର ଦୃଢ଼ମନା ନେତ୍ରୀ' -ପ୍ରଦୋଷ ପଟ୍ଟନାୟକ ଓ ସତ୍ୟ ଖଡ୍ଗରାୟ, ସମାଜ-୨୦ ମେ, ୨୦୦୧, ପୃ-୫)* / ଏହି ମିଳନ ପ୍ରକ୍ରିୟାରେ କଂଗ୍ରେସର ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ କ୍ରମେ ଉତ୍କଳ କଂଗ୍ରେସର ଚାରିଜଣ ନେତା ବିଜୁ ପଟ୍ଟନାୟକ, ପ୍ରହ୍ଲାଦ ମଲ୍ଲିକ, ଶରତ କର ଏବଂ ପ୍ରତାପ ଚନ୍ଦ୍ର ମହାନ୍ତିଙ୍କୁ ଦଳରେ ଗ୍ରହଣ କରାଯାଇନଥିଲା ।

ଘଟଣାକ୍ରମେ ନେତୃତ୍ୱ ପରିବର୍ତ୍ତନ କଥାଟା ଦାନା ନ ବାନ୍ଧିବାରୁ ବିଜୁବାବୁଙ୍କର ମୁଖ୍ୟମନ୍ତ୍ରୀ ହେବାର ଆଶା ସମ୍ପୂର୍ଣ୍ଣ ମଉଳି ଯାଇଥିଲା । ଶେଷରେ 'ଉତ୍କଳ କଂଗ୍ରେସ' ସାମ୍ମୁଖ୍ୟ ମନ୍ତ୍ରିମଣ୍ଡଳରୁ ସମର୍ଥନ ପ୍ରତ୍ୟାହାର କରି ଶାସକ କଂଗ୍ରେସରେ ମିଶିଗଲା । ଇତ୍ୟବସରରେ ପ୍ରଜା ସୋସାଲିଷ୍ଟ ପାର୍ଟିର ବହୁ ତୁଙ୍ଗ ନେତା ପରାଜୟ ବରଣ କରି ମାତ୍ର ଚାରିଜଣ ସଭ୍ୟ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ସମାଜବାଦୀ ଡାଆଁକୁ କଂଗ୍ରେସରେ ପ୍ରବର୍ତ୍ତନ କରିବାରୁ ଏଥିରେ ପ୍ରଭାବିତ ହୋଇ ସୁରେନ୍ଦ୍ରନାଥ ଦ୍ୱିବେଦୀ ଦଳର ନିର୍ବାଚିତ ସଦସ୍ୟମାନଙ୍କୁ କଂଗ୍ରେସରେ ମିଶିବା ପାଇଁ ଆହ୍ୱାନ ଦେଲେ । ଶେଷରେ କଂଗ୍ରେସ ସହ ଆନୁଷ୍ଠାନିକ ମିଶ୍ରଣ ଘଟି ପ୍ରଜା ସୋସାଲିଷ୍ଟ ପାର୍ଟିର ମଧ୍ୟ ବିଲୟ ଘଟିଥିଲା । ଏହାପରେ କଂଗ୍ରେସ ଦଳର ସଭ୍ୟ ସଂଖ୍ୟା ୮୦ରୁ ଅଧିକ ହୋଇ ପରବର୍ତ୍ତୀ ନେତା ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଥିଲା ।

ମୁଖ୍ୟମନ୍ତ୍ରୀ ଦୌଡ଼ରେ ପୂର୍ବରୁ ବିଜୁ ପଟ୍ଟନାୟକ ଏବଂ ନୀଳମଣି ରାଉତରାୟ ଥିଲେ । କଂଗ୍ରେସ ନେତୃତ୍ୱରେ ମନ୍ତ୍ରିମଣ୍ଡଳ ଗଢ଼ାଯିବାର କଥା ହେବାରୁ ସେଥିରେ ପ୍ରଦେଶ କଂଗ୍ରେସ ସଭାପତି ବିନାୟକ ଆଚାର୍ଯ୍ୟଙ୍କ ନାମଟି ମଧ୍ୟ ସ୍ୱାଭାବିକ ଭାବେ ଉଠିଲା । ହେଲେ ଅଚାନକ ଏମାନଙ୍କୁ ବାଦ୍‌ଦେଇ କେନ୍ଦ୍ରରେ ନନ୍ଦିନୀଙ୍କ କାର୍ଯ୍ୟଦକ୍ଷତା, ପ୍ରଶାସନିକ ଅଭିଜ୍ଞତା, ପ୍ରଗତିଶୀଳ ଚିନ୍ତାଧାରା ପ୍ରତି ଆକୃଷ୍ଟ ହୋଇ କଂଗ୍ରେସ ବିଧାୟକ ଦଳ (କଂଗ୍ରେସ ଲେଜିସ୍‌ଲେଟିଭ୍ ପାର୍ଟି) ବୈଠକରେ ତାଙ୍କୁ ହିଁ ନେତା ନିର୍ବାଚିତ କରାଗଲା । ସି.ଏଲ୍.ପିର ନୂଆ ନେତ୍ରୀଙ୍କ ନାମ ତୁରନ୍ତ ଅଖିଳ ଭାରତ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ

Digitized by PPRACHIN, SOA

ଚନ୍ଦ୍ରଜିତ୍ ଯାଦବ, ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଏବଂ ନନ୍ଦିନୀଙ୍କ ନିକଟକୁ ଟେଲିଗ୍ରାମ ଯୋଗେ ଜଣାଇ ଦିଆଯାଇଥିଲା । ଏହାପରେ ଦିଲ୍ଲୀରେ କଂଗ୍ରେସ ପାର୍ଲାମେଣ୍ଟାରୀ ବୋର୍ଡ ବୈଠକ ବସି ନନ୍ଦିନୀଙ୍କୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ କରାଯିବା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା ।

ଏଠାରେ ସୂଚୀତ କରାଯାଇପାରେ ଯେ, ରାଜ୍ୟ ରାଜନୀତିରେ ପଦବୀ ଏବଂ କ୍ଷମତାକୁ ନେଇ ନେତୃବୃନ୍ଦମାନଙ୍କର ନିଜ ନିଜ ଭିତରେ ସଲାକୁସି କିମ୍ବା ସମର୍ଥନ, ପ୍ରତ୍ୟାହାରର ନାଟକବାଜି ଭିତରେ ନନ୍ଦିନୀ କେବେ ବି ନଥିଲେ । ତାଙ୍କୁ ଯେଉଁ କାମ ମିଳୁଥିଲା ସେଇଥିରେ ସେ ନିମଗ୍ନ ରହି କାର୍ଯ୍ୟଟିକୁ ସୂଚାରୁରୂପେ ସମ୍ପାଦିତ କରିବା ପାଇଁ ଲାଗିପଡୁଥିଲେ । ଯାହାଫଳରେ ଖୁବ୍ କମ୍ ବୟସରେ ଏବଂ ସ୍ୱଳ୍ପ ସମୟରେ ଜଣେ ଦକ୍ଷତା ସମ୍ପନ୍ନ ଏବଂ ସ୍ୱାଭିମାନୀ ରାଜନେତ୍ରୀ ହିସାବରେ ସେ ସାରା ଭାରତବର୍ଷରେ ସୁନାମ ଅର୍ଜନ କରିଥିଲେ । ୧୯୬୬ ମସିହା ଜାନୁଆରୀରେ କେନ୍ଦ୍ରରେ ସୂଚନା ଓ ପ୍ରସାରଣ ବିଭାଗର ଉପମନ୍ତ୍ରୀ ଓ ପରବର୍ତ୍ତୀ ସମୟରେ ମିନିଷ୍ଟର ଆଟାଚ୍ ଟୁ ପ୍ରାଇମ୍ ମିନିଷ୍ଟର ଭାବରେ ଦୀର୍ଘ ସାଢ଼େ ଛଅବର୍ଷ ସୂଚାରୁରୂପେ କାର୍ଯ୍ୟକରି ସେ ଭାରତବର୍ଷର ବହୁ ବଡ଼ ବଡ଼ ସମସ୍ୟାର ସମାଧାନ ଦିଗରେ ମନୋନିବେଶ କରିଥିଲେ । ଏପରିକି ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ତାଙ୍କ ଉପରେ ବହୁ ସମୟରେ ଏବଂ ବହୁ କଥାରେ ନିର୍ଭରଶୀଳ ହେଉଥିଲେ । ତା' ଛଡ଼ା ରାଜ୍ୟରେ ଏହି ନେତା ନିର୍ବାଚନ ପ୍ରକ୍ରିୟା ଚାଲିଥିବା ସମୟରେ ଭାରତ-ସୋଭିଏତ୍ ୟୁନିଅନ୍ ବନ୍ଧୁତାର ମୂଳଦୁଆ ପକାଇବା ନିମିତ୍ତ ନନ୍ଦିନୀ ଥିଲେ ସୋଭିଏତ୍ ୟୁନିଅନ୍ ଗସ୍ତରେ, ଯାହାର ସୁଫଳ ଭାରତ ଏଯାବତ୍ ଭୋଗ କରିଆସୁଛି । ଭାରତବର୍ଷକୁ ତାଙ୍କର ଏହା ଏକ ମହାର୍ଘ୍ୟ ଅବଦାନ କହିଲେ ଅତ୍ୟୁକ୍ତି ହେବନାହିଁ ।

ନେତା ନିର୍ବାଚନ ସଂକ୍ରାନ୍ତରେ ନନ୍ଦିନୀ କହୁଥିଲେ, "XXX ଇନ୍ଦିରା ଗାନ୍ଧୀ ଟେଲିଗ୍ରାମ ପାଇ ମୋତେ ଡକାଇଲେ । ମୁଁ ତାଙ୍କୁ ଦେଖାକରି କହିଲି, 'ମୋତେ ରକ୍ଷା କର, ମୋତେ ଜମା ସେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଛାଡ଼ି ମହାମୁଖ୍ୟମନ୍ତ୍ରୀ କଲେ ବି ମୁଁ ଯିବି ନାହିଁ । ସେଠି ଯେଉଁ ଜନ୍ତୁମାନେ ଅଛନ୍ତି ସେମାନଙ୍କ ସାଙ୍ଗରେ ମୁଁ କାମ କରିପାରିବି ନାହିଁ । ମହତାବବାବୁ ମୋତେ କହିବେ ଅମୁକ ଲୋକକୁ ଚାକିରି ଦିଅ, ସମୁକ ଲୋକର ସେଇଆ ଛାଡ଼ କରିଦିଅ । ଆଉ ନ କରିବି ଯଦି ସେହି ଲୋକମାନେ ମୋ ପଛରେ ଲାଗିଯିବେ । କ୍ଷମା କରିବେ ଆଜ୍ଞା, ମୁଁ ଏସବୁ କାମ କରିପାରିବି ନାହିଁ ।' ସେଠୁ ସିଦ୍ଧାର୍ଥ ରାୟଙ୍କୁ ଡାକିଲେ, କହିଲେ, 'ନନ୍ଦିନୀ କିଛି ବୁଝୁନି, ଖାଲି ସବୁବେଳେ ଜିଦ୍ କରୁଛି ।' ମୋ ଉପରେ

Digitized by PPRACHIN, SOA

ସମସ୍ତେ ଚାପ ପକାଇଲେ, ଶେଷରେ ବାଧ୍ୟହୋଇ ରାଜି ହେଲି । ମୁଖ୍ୟମନ୍ତ୍ରୀ ହେବାକୁ ମୁଁ ଚାହୁଁନଥିଲି । ମୋତେ ଜବରଦସ୍ତ ପଠାଇଲେ ।" *(ଦ୍ରଷ୍ଟବ୍ୟ : 'ସେ ଦିନର ଦୃଢ଼ମନା ନେତ୍ରୀ'-ପ୍ରଦୋଷ ପଟ୍ଟନାୟକ ଓ ସତ୍ୟ ଖଡ୍‌ଗରାୟ, ସମାଜ-୨୦ ମେ, ୨୦୦୧, ପୃ-୪)* ।

ସମସ୍ତ କଳ୍ପନା ଜଳ୍ପନାର ଅନ୍ତ ଘଟାଇ ମନରେ ଶତସିଂହର ବଳ, ନିଷ୍ପେଷିତ-ଶୋଷିତ-ଦରିଦ୍ର ସାଧାରଣ ଜନତାଙ୍କ ପାଇଁ ହୃଦୟରେ ଅଫୁରନ୍ତ ଆବେଗ, ବହୁ ନୂଆ ଆଶା ଆକାଂକ୍ଷାର ପସରା ମୁଣ୍ଡେଇ ଆଖିରେ ଆଖିଏ ସୁନେଲୀ ସ୍ୱପ୍ନ ନେଇ ୧୯୭୨ ମସିହା ଜୁନ୍ ୧୪ ତାରିଖ ଦିନ ନନ୍ଦିନୀ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କଲେ । ଏହି ମନ୍ତ୍ରିମଣ୍ଡଳରେ ସେ ନୀଳମଣି ରାଉତରାୟଙ୍କୁ ଉପମୁଖ୍ୟମନ୍ତ୍ରୀ ଏବଂ ବିନାୟକ ଆଚାର୍ଯ୍ୟ, ବାଙ୍କବିହାରୀ ଦାସ, ଲକ୍ଷ୍ମଣ ମଲ୍ଲିକ, ବ୍ରଜ ମୋହନ ମହାନ୍ତି, ଗଙ୍ଗାଧର ପ୍ରଧାନ ପ୍ରମୁଖଙ୍କୁ କ୍ୟାବିନେଟ୍ ମନ୍ତ୍ରୀ; କୃପାସିନ୍ଧୁ ଭୋଇ, ଡମ୍ବରୁ ମାଝୀ, ଭାଗିରଥୀ ଗମାଙ୍ଗ, ଗୋବିନ୍ଦ ଚନ୍ଦ୍ର ସେଠ୍, ଅଚ୍ୟୁତ ମହାନନ୍ଦ, ସୋମନାଥ ରଥଙ୍କୁ ରାଷ୍ଟ୍ରମନ୍ତ୍ରୀ ଏବଂ ସହରାଇ ଓରାମ, ରାମଚନ୍ଦ୍ର ପ୍ରହରାଜ ଓ ରବିସିଂ ମାଝୀଙ୍କୁ ଉପମନ୍ତ୍ରୀ ଭାବରେ ଗ୍ରହଣ କରିଥିଲେ ।

ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିବା ପରେ ନନ୍ଦିନୀଙ୍କର ପ୍ରଥମ ପଦକ୍ଷେପ ଥିଲା ନବକୃଷ୍ଣ ଚୌଧୁରୀଙ୍କ ମନ୍ତ୍ରିମଣ୍ଡଳରେ ଅସ୍ପଷ୍ଟ ଭାବରେ ପ୍ରସ୍ତାବିତ ପ୍ରଗତିଶୀଳ ଭୂସଂସ୍କାର ଆଇନ୍‌ର ଚିଠା ପ୍ରସ୍ତାବ କରି ଏହାକୁ ଅଧିକ ସ୍ପଷ୍ଟ ଓ କ୍ରିୟାଶୀଳ କରିବା । ଏହି ଚିଠା ପ୍ରସ୍ତାବ ପ୍ରସ୍ତୁତ କରିବା ପାଇଁ ସେ ରାଜସ୍ୱମନ୍ତ୍ରୀ ବ୍ରଜମୋହନ ମହାନ୍ତିଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରିଥିଲେ । ସମାଜବାଦୀ ଆଦର୍ଶରେ ବିଶ୍ୱାସୀ ଅର୍ଥମନ୍ତ୍ରୀ ଥିବା ବାଙ୍କବିହାରୀ ଦାସ, ଲୋକନାଥ ଚୌଧୁରୀ, ଭାଗବତ ପ୍ରସାଦ ମହାନ୍ତି ପ୍ରମୁଖ ତାଙ୍କୁ ଏହି କାର୍ଯ୍ୟରେ ସାହାଯ୍ୟ କରିଥିଲେ । ପିଲାଟି ଦିନରୁ ସାମ୍ୟବାଦୀ ଚିନ୍ତାଧାରାରେ ଆପ୍ଳୁତ ନନ୍ଦିନୀ; କୃଷକ, କ୍ଷେତ ମୂଲିଆ, କ୍ଷୁଦ୍ର ଓ ନାମମାତ୍ର ଚାଷୀ, ଭାଗଚାଷୀ ଏବଂ ଅସ୍ଥାୟୀ ପଟ୍ଟା ପାଇଥିବା ରୟତମାନଙ୍କ ହିତ ସାଧନ ପାଇଁ ସଂଗ୍ରାମ କରିଆସୁଥିଲେ । ଏହି ଆଇନ୍ ଦ୍ୱାରା ରଜା, ଜମିଦାର, ଗଉନ୍ତିଆ ଏବଂ ଭୂମି ମାଲିକମାନଙ୍କ ନିକଟରେ ରହିଥିବା ପ୍ରଚୁର ଭୂସମ୍ପତ୍ତିର 'ସିଲିଂ' (ଜଣେ ବ୍ୟକ୍ତି ପାଖରେ ସର୍ବାଧିକ କେତେ ଜମି ରହିବ, ତା'ର ଏକ ନିର୍ଦ୍ଦିଷ୍ଟ ପରିମାଣ) ଧାର୍ଯ୍ୟ କରାଯିବା ସହିତ, ଭାଗଚାଷୀମାନଙ୍କର ଜମି ଉପରେ ପ୍ରକୃତ ମାଲିକାନା ସାବ୍ୟସ୍ତ କରିବା ତାଙ୍କର ଅଭିପ୍ରାୟ ଥିଲା । ଅବଶ୍ୟ ଏଥିପାଇଁ ତାଙ୍କୁ ଅନେକ ଭୂ-ସ୍ୱାମୀମାନଙ୍କ ସମାଲୋଚନାର ଶରବ୍ୟ ହେବାକୁ ପଡ଼ିଥିଲା । ବିଶେଷକରି ରାଜାରାଜୁଡ଼ାମାନଙ୍କୁ ନେଇ ଗଠିତ ହୋଇଥିବା ସ୍ୱତନ୍ତ୍ର ଦଳର ସଦସ୍ୟ ଏବଂ ପଶ୍ଚିମ ଓଡ଼ିଶାର କେତେକ କଂଗ୍ରେସ

Digitized by PPRACHIN, SOA

ବିଧାୟକ, ଯେଉଁମାନଙ୍କ ପାଖରେ ପ୍ରଚୁର ଭୂ-ସମ୍ପତ୍ତି ଥିଲା, ସେମାନେ ଏପରି ଏକ ଆଇନ୍‌ର ଚିଠା ପ୍ରସ୍ତାବ ଯୋଗୁଁ ଖୁବ୍ ଭୟଭୀତ ହୋଇପଡ଼ିଥିଲେ । ହେଲେ ଦୃଢ଼ମନା ନନ୍ଦିନୀ କୌଣସି କଥାକୁ ଭ୍ରୂକ୍ଷେପ ନ କରି ଏପରି ଏକ ସାମୂହିକ ଜନକଲ୍ୟାଣକାରୀ ଆଇନ୍‌କୁ ତା' ନିଜ ଢଙ୍ଗରେ କାର୍ଯ୍ୟ କରିବାକୁ ଛାଡ଼ିଦେଇଥିଲେ ।

ନନ୍ଦିନୀଙ୍କ ମୁଖ୍ୟମନ୍ତ୍ରୀତ୍ୱର ପରବର୍ତ୍ତୀ ଯୁଗାନ୍ତକାରୀ ପଦକ୍ଷେପ ଥିଲା କେନ୍ଦୁପତ୍ରର ସମ୍ପୂର୍ଣ୍ଣ ଜାତୀୟକରଣ । ଏଠାରେ ସାଧାରଣ ଲୋକଙ୍କ ମନରେ ସ୍ୱତଃ କୌତୁକ ଜାତ ହେବା ସ୍ୱାଭାବିକ ଯେ, କେନ୍ଦୁପତ୍ର ଭଳି ଗୋଟାଏ ଛାର ଜିନିଷ, ତା'ର ପୁଣି ଜାତୀୟକରଣ ? ସତରେ ! ଏହିଭଳି ଗୋଟାଏ ଧାରଣା ମଧ୍ୟ ଲେଖକର ଥିଲା । ୧୯୯୩ ମସିହାରେ ବାଲିପାଟଣା ଅଞ୍ଚଳରେ ସ୍କୁଲଟିଏ ଚଳାଉଥିବା ସ୍ୱେଚ୍ଛାସେବୀ ସଂସ୍ଥା ପାଇଁ ସଂପୃକ୍ତ ଅନୁଷ୍ଠାନର ସମ୍ପାଦକଙ୍କ ଅନୁରୋଧ କ୍ରମେ ଜଣେ ଚିହ୍ନା ସରକାରୀ ହାକିମଙ୍କୁ କହିବାରୁ, ସେ ତାଙ୍କ ପାଇଁ ପଚିଶ/ତିରିଶ ହଜାର ଟଙ୍କାର କେନ୍ଦୁଲିଫ୍ ଗ୍ରାଣ୍ଟିଏ କରାଇ ଦେଇଥିଲେ । ଟଙ୍କା ମଞ୍ଜୁର ହୋଇଯିବା ପରେ ସମ୍ପାଦକ ଜଣକ ଏହି ଲେଖକକୁ ଡାକି ପାଞ୍ଚଟଙ୍କିଆ ରସଗୋଲାଟିଏ ଖୁଆଇଥିଲେ । ଏହାର କିଛି ସମୟ ପରେ ଜଣେ ବିଶିଷ୍ଟ ରାଜନେତାଙ୍କ ବାସଭବନରେ ଜଳଖିଆ ଖାଇବାକୁ ମିଳିବାରୁ ବାରଣ କରି ମଜାରେ କହିଥିଲି, ଆଜ୍ଞା, ମୁଁ ଏବେ କେନ୍ଦୁଲିଫ୍ ଖାଇ ଆସିଛି । ନେତା ଏବଂ ତାଙ୍କର ପାରିଷଦବୃନ୍ଦ ଏଭଳି କଥାରେ ଜଳଜଳ କରି ମୋ ମୁହଁକୁ ଚାହିଁ ରହିଲେ । ମୁଁ ରସଗୋଲା ବୃତ୍ତାନ୍ତ କହିବାରୁ ସମସ୍ତେ ଠୋ ଠୋ ହୋଇ ହସିଉଠିଥିଲେ । କିନ୍ତୁ ନେତାଙ୍କ ମୁହଁ ଗମ୍ଭୀର ହୋଇଯାଇଥିଲା । କିଛି ସମୟ ନୀରବ ରହି ସେ ସମସ୍ତଙ୍କୁ ତାଟକା କରିଦେଇଥିଲେ ଯେ, ଏ ବାବୁ ଯାହା କହୁଛନ୍ତି ତାହା ଠିକ୍ । ଅର୍ଥାତ୍ ସେଇ ରସଗୋଲା ହିଁ କେନ୍ଦୁଲିଫ୍ ଆଉ କେନ୍ଦୁଲିଫ୍ ହିଁ ରସଗୋଲା । ତେବେ ସେଇ ଛାର କେନ୍ଦୁପତ୍ରର ରହସ୍ୟ କଥା ଚୁମ୍ବକରେ—

କେନ୍ଦୁପତ୍ରରୁ ବିଡ଼ି ତିଆରି ହେବା କଥା ସମସ୍ତେ ଜାଣନ୍ତି । ମାତ୍ର ଏହାର ବ୍ୟାବସାୟିକ ଦିଗ ବିଷୟରେ ଖୁବ୍ କମ୍ ଲୋକ ଅବଗତ ଥିବେ । ଓଡ଼ିଶାର ଉପକୂଳ ଅଞ୍ଚଳରେ ଦେଖାଯାଉଥିବା କେନ୍ଦୁଗଛର ପତ୍ର ନୁହେଁ, ବିଡ଼ି ପାଇଁ ବ୍ୟବହୃତ ହେଉଥିବା ପତ୍ରର କେନ୍ଦୁଗଛ ଏହାଠାରୁ ଖୁବ୍ ଛୋଟ, ବୁଦା ପରି । ଜଣେ ଲୋକ ଠିଆହୋଇ ଅକ୍ଳେଶରେ ଗଛରୁ ପତ୍ର ତୋଳିପାରିବ । ଏହି କେନ୍ଦୁଗଛ ପଶ୍ଚିମ ଓଡ଼ିଶାରେ ପ୍ରଚୁର ପରିମାଣରେ ଦେଖାଯାଏ, ବିଶେଷକରି ଗଡ଼ଜାତ ଅଞ୍ଚଳରେ । ଭାରତରେ ମଧ୍ୟପ୍ରଦେଶ ପରେ ଓଡ଼ିଶାରୁ ଏହି ପତ୍ର ବହୁଳାଂଶରେ ସଂଗୃହୀତ କରାଯାଇଥାଏ ଏବଂ ଓଡ଼ିଶାର

Digitized by PPRACHIN, SOA

କେନ୍ଦୁପତ୍ର ବିଡ଼ି ପାଇଁ ସର୍ବୋତ୍କୃଷ୍ଟ । ସେତେବେଳେ ମୁଖ୍ୟତଃ ଗୁଜୁରାଟୀ ବ୍ୟବସାୟୀମାନେ ଏହି କେନ୍ଦୁପତ୍ର ବ୍ୟବସାୟ କରୁଥିଲେ । ସ୍ୱାଧୀନତା ପୂର୍ବରୁ ଏମାନେ ରାଜାମାନଙ୍କୁ ସନ୍ତୁଷ୍ଟ କରି ସେମାନଙ୍କ ଅନୁମତି ନେଇ ବ୍ୟବସାୟ କରୁଥିଲେ । ସ୍ୱାଧୀନତା ପରେ ସରକାର ସେମାନଙ୍କୁ ପଟ୍ଟା ଦେଇ ବାର୍ଷିକ ପ୍ରାୟ ୩୦ ଲକ୍ଷ ଟଙ୍କା ରାଜସ୍ୱ ଆୟ କଲେ । କିନ୍ତୁ ନବକୃଷ୍ଣ ଚୌଧୁରୀ ମୁଖ୍ୟମନ୍ତ୍ରୀ ଥିବାବେଳେ ତାଙ୍କର ଜଣେ ଗୁଜୁରାଟୀ ବନ୍ଧୁଙ୍କଠାରୁ ପ୍ରଥମେ ଜାଣିବାକୁ ପାଇଲେ ଯେ, ଗୁଜୁରାଟୀ ବ୍ୟବସାୟୀମାନେ ଏଥିରୁ ପ୍ରଚୁର ଲାଭ କରୁଛନ୍ତି । ମାତ୍ର ଲାଭ ତୁଳନାରେ ଖୁବ୍ କମ୍ ଟଙ୍କା ସରକାରଙ୍କୁ ଦେଉଛନ୍ତି । ସେ ଏହି ଲିଜ୍ ପ୍ରଥା ଉଠାଇଦେଇ କେନ୍ଦୁପତ୍ର ଉତ୍ପାଦନ ହେଉଥିବା ଅଞ୍ଚଳମାନଙ୍କୁ ଭାଗ କରି ବର୍ଷକ ପାଇଁ ନିଲାମ ସୂତ୍ରରେ ଦେବାପାଇଁ ଆଇନ୍ କଲେ । ଯାହାଫଳରେ ପ୍ରଥମ ବର୍ଷ ହିଁ ୯୦ ଲକ୍ଷ ଟଙ୍କା ରାଜସ୍ୱ ଆୟ ହେଲା । ଏହା ବାଦ୍ କଂଗ୍ରେସ ଓ ଗଣତନ୍ତ୍ର ପରିଷଦ ଭଳି ରାଜନୈତିକ ଦଳମାନଙ୍କୁ କେନ୍ଦୁପତ୍ର ବେପାରୀମାନେ ପ୍ରଚୁର ଚାନ୍ଦା ଦେବା ସହିତ, ପ୍ରଶାସନିକ ଓ ବ୍ୟକ୍ତିଗତ ସ୍ତରରେ ମଧ୍ୟ ବହୁ ଅର୍ଥ ଅନୈତିକ ଭାବରେ କାରବାର ହେଉଥିଲା । ଏଠାରେ ଉଲ୍ଲେଖନୀୟ ଯେ, ନନ୍ଦିନୀ ଶତପଥୀ ସରକାରଙ୍କ ପୂର୍ବରୁ ଗଠିତ ସମସ୍ତ ସରକାରର ମୁଖ୍ୟମାନେ ଏହି କେନ୍ଦୁପତ୍ର ବ୍ୟବସାୟୀମାନଙ୍କଠାରୁ ବ୍ୟକ୍ତିଗତ ଭାବରେ ଏବଂ ଦଳ ପାଇଁ ପ୍ରଚୁର ଅର୍ଥ ସଂଗ୍ରହ କରୁଥିବାରୁ ସେମାନଙ୍କୁ ସୁହାଇଲା ଭଳି ପଦକ୍ଷେପମାନ ଗ୍ରହଣ କରିଆସୁଥିଲେ । ଏପରିକି ନବକୃଷ୍ଣ ଚୌଧୁରୀଙ୍କ ମନ୍ତ୍ରିମଣ୍ଡଳ ସମୟରେ କେନ୍ଦୁପତ୍ର ବେପାରୀ କଂଗ୍ରେସ ପାର୍ଟିକୁ ୧୨ ଲକ୍ଷ ଟଙ୍କା ଚାନ୍ଦା ଦେଇଥିବା, ସେ ସ୍ୱୀକାର କରିଥିଲେ ବୋଲି ନୀଳମଣି ରାଉତରାୟ ତାଙ୍କ ଜୀବନୀ ପୁସ୍ତକରେ ସ୍ପଷ୍ଟ ଭାବରେ ଉଲ୍ଲେଖ କରନ୍ତି । ତା'ଛଡ଼ା ୧୯୬୭ର ସ୍ୱତନ୍ତ୍ର-ଜନକଂଗ୍ରେସ ସରକାର ଅମଳରେ ଏହି କେନ୍ଦୁପତ୍ର ଠିକାରେ ବ୍ୟାପକ ଦୁର୍ନୀତି ସଂଗଠିତ ହୋଇ ସରକାର ପତନର ମୁଖ୍ୟ କାରଣ ହୋଇଥିଲା ।

ନନ୍ଦିନୀ ପ୍ରଥମେ ଏକ ଅଣାନୁଷ୍ଠାନିକ କମିଟି ଜରିଆରେ ଅନୁଧ୍ୟାନ କରି ଜାଣିବାକୁ ପାଇଥିଲେ ଯେ ଜାତୀୟକରଣ ହେବାପରେ ଏହି କେନ୍ଦୁପତ୍ରରୁ ସରକାରଙ୍କର ପ୍ରଥମ ବର୍ଷ ପ୍ରାୟ ପାଞ୍ଚକୋଟି ଟଙ୍କା ରାଜସ୍ୱ ଆୟ ହେବ । ପରବର୍ତ୍ତୀ ସମୟରେ ଏଥିରେ ଆହୁରି ବୃଦ୍ଧି ଘଟିପାରେ । ତେଣୁ ସେ ଜଙ୍ଗଲ ବିଭାଗ ମନ୍ତ୍ରୀ ଗଙ୍ଗାଧର ପ୍ରଧାନଙ୍କୁ ଡାକି କେନ୍ଦୁପତ୍ର ବ୍ୟବସାୟ କିପରି ସମ୍ପୂର୍ଣ୍ଣ ରୂପେ ଜାତୀୟକରଣ କରାଯିବ ସେ ଦିଗରେ ତୁରନ୍ତ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହାପରେ ଜଙ୍ଗଲ ବିଭାଗ ତରଫରୁ ଏକ ଯୋଜନା ପ୍ରସ୍ତୁତ ହୋଇଥିଲା ଯେ, ବିଭାଗ କେନ୍ଦୁପତ୍ର ସଂଗ୍ରହ ଓ ପ୍ରସ୍ତୁତି କରିବ ଏବଂ ଜଙ୍ଗଲ କର୍ପୋରେସନ୍ ସେଗୁଡ଼ିକର ବିକ୍ରୟ ଦାୟିତ୍ୱ ବହନ କରିବେ । ଶେଷରେ ଦୀର୍ଘବର୍ଷ ଧରି

Digitized by PPRACHIN, SOA

କେନ୍ଦୁପତ୍ରକୁ ନେଇ ଚାଲିଥିବା କଳଙ୍କିତ ନାଟକର ଯବନିକା ଟଣା ହୋଇଥିଲା ଏବଂ ୧୯୭୩ ମସିହା ଜାନୁଆରୀ ମାସରେ ମନ୍ତ୍ରିମଣ୍ଡଳର ବୈଠକ ବସି ଏହାର ସମ୍ପୂର୍ଣ୍ଣ ଜାତୀୟକରଣ କରାହୋଇଥିଲା । ପାଠକେ ଏବେ ଅନୁମାନ କରନ୍ତୁ ଏଇ ବିଡ଼ି-କେନ୍ଦୁପତ୍ରର କେତେ କରାମତି !

କଥା ଏଇଠି ସରିନଥିଲା । ପୂର୍ବର ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ସରକାରରେ କ୍ଷମତାର ଅପବ୍ୟବହାର କରି କେନ୍ଦୁପତ୍ର ଠିକାଦାରମାନଙ୍କ ଲିଜ୍‌ର ମିଆଦ ବୃଦ୍ଧି, ରିହାତି ତଥା ଜୋରିମାନା ଛାଡ଼ କ୍ଷେତ୍ରରେ ସେମାନଙ୍କୁ ଅଯଥା ଅନୁଗ୍ରହ ପ୍ରଦର୍ଶନ କରାଯାଇ ରାଜକୋଷର ପ୍ରଭୁତ କ୍ଷତି ଘଟାଇଥିବାର ଅଭିଯୋଗ ଉଠିଥିଲା । ନନ୍ଦିନୀ କ୍ଷମତାକୁ ଆସିବାର ଦୁଇବର୍ଷ ପୂର୍ବରୁ ଅର୍ଥାତ୍ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓ ଏବଂ ତାଙ୍କ ସ୍ୱତନ୍ତ୍ର ଦଳର ଦୁଇଜଣ ଜଙ୍ଗଲ ମନ୍ତ୍ରୀ ଦାୟିତ୍ୱରେ ଥିବା ହରପ୍ରସାଦ ମହାପାତ୍ର ଏବଂ ଅଇଁଠୁ ସାହୁଙ୍କ କାର୍ଯ୍ୟର ସମୀକ୍ଷା ନିମନ୍ତେ ୧୯୭୩ ମସିହା ଫେବୃୟାରୀ ମାସରେ ସୁପ୍ରିମ୍‌କୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତି ଶ୍ରୀ କି.କେ. ମିତ୍ରଙ୍କ ଅଧକ୍ଷତାରେ ଏକ ତଦନ୍ତ କମିଶନ ବସାଇଥିଲେ । ଏହି ମିତ୍ର କମିଶନ ତାଙ୍କର ରିପୋର୍ଟ ନନ୍ଦିନୀଙ୍କ ଦ୍ୱିତୀୟଥର ଶାସନ କାଳରେ ପ୍ରଦାନ କରିଥିଲେ । ଏଥିରେ ସେ ରାଜେନ୍ଦ୍ର ନାରାୟଣ ସିଂହଦେଓ ଏବଂ ଦୁଇ ମନ୍ତ୍ରୀଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ ।

⁂

Digitized by PPRACHIN, SOA

୧୪

ଚର୍ଚ୍ଚିତ କଟକ ଉପନିର୍ବାଚନ

ନନ୍ଦିନୀଙ୍କର ଏହି ସ୍ୱଳ୍ପକାଳୀନ ପ୍ରଥମ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ଓଡ଼ିଶାର ବହୁ ତୁଙ୍ଗ ରାଜନେତାମାନଙ୍କର ଅସଲ ଚେହେରା ଧରା ପଡ଼ିଯାଇଥିଲା କଟକର ବହୁଚର୍ଚ୍ଚିତ ଉପନିର୍ବାଚନ ସମୟରେ । କହିବାକୁ ଗଲେ ଏହି ନିର୍ବାଚନଟି ଥିଲା ଅତ୍ୟନ୍ତ ସାଧାରଣ ଏବଂ ଚିରାଚରିତ । ମାତ୍ର ଓଡ଼ିଶାର ଚାରି ଚାରିଜଣ ପୂର୍ବତନ ମୁଖ୍ୟମନ୍ତ୍ରୀ—ଡଃ ହରେକୃଷ୍ଣ ମହତାବ, ବିଜୁ ପଟ୍ଟନାୟକ, ବୀରେନ୍ ମିତ୍ର, ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ସାଙ୍ଗକୁ ନନ୍ଦିନୀଙ୍କ ମନ୍ତ୍ରିମଣ୍ଡଳରେ ଖୋଦ୍ ଉପ-ମୁଖ୍ୟମନ୍ତ୍ରୀ ଥିବା ନୀଳମଣି ରାଉତରାୟ ଏବଂ ପ୍ରଜା ସୋସାଲିଷ୍ଟ ପାର୍ଟିରୁ କଂଗ୍ରେସରେ ମିଶିଥିବା ସୁରେନ୍ଦ୍ର ଦ୍ୱିବେଦୀଙ୍କ ଭଳି ସମସ୍ତ ପ୍ରଭାବଶାଳୀ ନେତାମାନେ ଗୋଟାଏ ମଞ୍ଚରେ ଅବତୀର୍ଣ୍ଣ ହୋଇ ଏହି ନିର୍ବାଚନକୁ ବହୁଚର୍ଚ୍ଚିତ କରିପକାଇଥିଲେ । ଜଣେ ବ୍ୟକ୍ତି ବିଧାନସଭାରେ ସଭ୍ୟ ନଥାଇ ମନ୍ତ୍ରୀ କିମ୍ବା ମୁଖ୍ୟମନ୍ତ୍ରୀ ହେଲେ, ନିୟମାନୁସାରେ ସେ ଛଅମାସ ମଧ୍ୟରେ ବିଧାନସଭାକୁ ନିର୍ବାଚିତ ହୋଇ ଆସିବା ବିଧି । ସେହି ଦୃଷ୍ଟିରୁ ନନ୍ଦିନୀ ମଧ୍ୟ ଛଅମାସ ଭିତରେ ବିଧାନସଭାକୁ ନିର୍ବାଚିତ ହେବାକଥା । ଏହି ପରିପ୍ରେକ୍ଷୀରେ କଟକ ଆସନରୁ କଂଗ୍ରେସ ବିଧାୟକ ଭୈରବ ଚନ୍ଦ୍ର ମହାନ୍ତି ସ୍ୱତଃସ୍ଫୂର୍ତ୍ତ ଭାବେ ଇସ୍ତଫା ଦେବାରୁ ନନ୍ଦିନୀ ଏହି ନିର୍ବାଚନ ମଣ୍ଡଳୀରୁ ବିଧାନସଭା ପାଇଁ ପ୍ରାର୍ଥୀ ହେଲେ । ତାଙ୍କ ବିରୋଧରେ ପ୍ରାର୍ଥୀ ହୋଇଥାନ୍ତି ବୀରେନ୍ ମିତ୍ର । କିନ୍ତୁ କ୍ରମଶଃ ଦେଖାଗଲା, ଉପରୋକ୍ତ ସମସ୍ତ ନେତାମାନେ ବୀରେନ୍ ମିତ୍ରଙ୍କୁ ଜିତାଇବାକୁ ଅଣ୍ଟାଭିଡ଼ି ବାହାରି ପଡ଼ିଛନ୍ତି । ଏ ସମ୍ପର୍କରେ ନନ୍ଦିନୀ କହୁଥିଲେ, "ସେତେବେଳେ ସବୁ ପୂର୍ବତନ ମୁଖ୍ୟମନ୍ତ୍ରୀତକ ମୋ ବିରୁଦ୍ଧରେ ଲାଗିପଡ଼ିଥାନ୍ତି । ବିଜୁ ପଟ୍ଟନାୟକ, ବୀରେନ୍ ମିତ୍ର, ଆର୍.ଏନ୍. ସିଂହଦେଓ, ସୁରେନ୍ଦ୍ର ଦ୍ୱିବେଦୀ ଇତ୍ୟାଦି ସମସ୍ତେ ମିଶି ମତେ ହରେଇବାକୁ ଚେଷ୍ଟା କରୁଥାନ୍ତି । ସେମାନେ ସବୁ ଆଲୋଚନା କଲେ ଯେ,

Digitized by PPRACHIN, SOA

ଇଏ ଯଦି ଜିତିଯିବ ତେବେ ବହୁତ ଦିନ ଧରି ମୁଖ୍ୟମନ୍ତ୍ରୀ ହୋଇ ରହିବ । ଏହା ଶୁଣି ଇନ୍ଦିରା ଗାନ୍ଧୀ ବହୁତ ବ୍ୟସ୍ତ ହୋଇପଡ଼ିଲେ ।"

କଟକରେ ବୀରେନବାବୁଙ୍କର ଖୁବ୍ ପ୍ରଭାବ ରହିଥିଲା । ତା' ସାଙ୍ଗକୁ ବିଜୁ ପଟ୍ଟନାୟକ ତାଙ୍କ ନିର୍ବାଚନ ପ୍ରଚାରରେ ଜୋରସୋର୍‌ରେ ଲାଗିପଡ଼ିଥାନ୍ତି । ତାଙ୍କୁ ହରେଇବା ନନ୍ଦିନୀଙ୍କ ପକ୍ଷରେ ଅତ୍ୟନ୍ତ କଷ୍ଟସାଧ ଥିଲା । ତେଣୁ ସେ ଡଃ ମହତାବ୍‌ଙ୍କ ସାହାଯ୍ୟ ଲୋଡ଼ିଥିଲେ । ଏ ସମ୍ପର୍କରେ ନନ୍ଦିନୀ କହୁଥିଲେ, "ମହତାବ୍ ତ ଥାନ୍ତି କଂଗ୍ରେସରେ । ମୁଁ ତାଙ୍କ ଲିଙ୍ଗରାଜ ରୋଡସ୍ଥିତ ଘରକୁ ଯାଇ ତାଙ୍କୁ କହିଲି ମୋତେ ସାହାଯ୍ୟ କରିବାକୁ । ସେ କହିଲେ, ଦେଖିବା, ଯିବା । ତା'ପରେ ଜଗଦୀଶ ପାଣିଙ୍କ ହାତରେ ଗୋଟାଏ ଚିଠି ଲେଖି ମୋ ପାଖକୁ କଟକ ପଠାଇଲେ । ସେଥିରେ ସେ ଲେଖିଥିଲେ, 'ନନ୍ଦିନୀ, ତୁମେ ମୋତେ ବାରମ୍ବାର ଅନୁରୋଧ କରୁଛ ତୁମ ନିର୍ବାଚନରେ କାମ କରିବା ପାଇଁ । କିନ୍ତୁ ତୁମେ ନୂଆ ଭାବରେ କଂଗ୍ରେସକୁ ଗଢ଼ିବାକୁ ଚାହୁଁଛ । ହେଲେ ଆମେ ଏ ପ୍ରକାର କଂଗ୍ରେସ ପାଇଁ କାମ କରିବାକୁ ଚାହୁଁନାହୁଁ ।' ସେଇଠୁ ମୁଁ ଏକୁଟିଆ ନିର୍ବାଚନ ଲଢ଼ିଲି ।"

କେହି କେହି ନିରର୍ଥକ ଯୁକ୍ତି ବାଢ଼ନ୍ତି, ଏହି ଉପନିର୍ବାଚନରେ ନନ୍ଦିନୀ ଅଜସ୍ର ଟଙ୍କା ଖର୍ଚ୍ଚ କରି ବିଜୟୀ ହୋଇଥିଲେ । ପୁଣି ଏଥିପାଇଁ କୁଆଡ଼େ ଇନ୍ଦିରା ଗାନ୍ଧୀଙ୍କ ଦ୍ୱାରା ଜାତୀୟ କଂଗ୍ରେସ ପାଣ୍ଠିରୁ ମଧ ପ୍ରଚୁର ଅର୍ଥ ଖର୍ଚ୍ଚ କରାଯାଇଥିଲା । ମାତ୍ର ଏସବୁ ସମ୍ପୂର୍ଣ୍ଣ ଭିତ୍ତିହୀନ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ଭାବରେ ତାଙ୍କୁ ନିନ୍ଦିତ କରାଯିବା ନିମନ୍ତେ ସେତେବେଳେ ଅପପ୍ରଚାର କରାଯାଇଥିଲା । ଅନ୍ଧାର ଘରେ କଳା ଭୂଆ ବିଲେଇ ଅଛି ଭାବି ତାକୁ ଦରାଣ୍ଡିହେବା ଯାହା, ନନ୍ଦିନୀଙ୍କ କଟକ ଉପନିର୍ବାଚନରେ ବିପୁଳ ଅର୍ଥ ବଣ୍ଟାଯିବା ବା ଖର୍ଚ୍ଚ କରାଯିବାର ଅଭିଯୋଗଟି ସେହିପରି ଏକ କଥା । ଏଠାରେ ରାଜ୍ୟର ପୂର୍ବ ନିର୍ବାଚନଗୁଡ଼ିକରେ କଂଗ୍ରେସର ଇତିହାସକୁ ଲକ୍ଷ୍ୟ କଲେ ଜଣାଯାଏ ଯେ, ବିଜୁବାବୁ ବହୁବାର ସମଗ୍ର ରାଜ୍ୟ କଂଗ୍ରେସର ନିର୍ବାଚନୀ ଖର୍ଚ୍ଚ ନିଜ ପକେଟରୁ ବହନ କରୁଥିଲେ । ଏ ସମ୍ପର୍କରେ ନୀଳମଣି ରାଉତରାୟ ତାଙ୍କ ଜୀବନୀ ପୁସ୍ତକରେ ଉଲ୍ଲେଖ କରନ୍ତି- "xx xx ୧୯୬୦ ମସିହାରୁ ଆଜି (ତାଙ୍କ ଜୀବନୀ ପୁସ୍ତକ ଛପାହେବା ସମୟ ୧୯୮୬) ପର୍ଯ୍ୟନ୍ତ ବିଜୁ ପଟ୍ଟନାୟକଙ୍କ ନେତୃତ୍ୱରେ ଯେତେ ନିର୍ବାଚନ ଲଢ଼ାଯାଇଛି, ତା'ର ପ୍ରାୟ ସମସ୍ତ ଖର୍ଚ୍ଚ ସେ ନିଜେ ବହନ କରିଛନ୍ତି । ଏ କଥା ମୁଁ ଭଲଭାବରେ ଜାଣେ । xx xx ଏ କଥା ନିଃସନ୍ଦେହରେ କୁହାଯାଇପାରେ—ଦଳ ପାଇଁ ସେ ନିଜ ହାତରୁ କୋଟି କୋଟି ଟଙ୍କା ବ୍ୟୟ କରିଛନ୍ତି ।" (ସ୍ମୃତି ଓ ଅନୁଭୂତି, ନୀଳମଣି ରାଉତରାୟ, ପୃ-୪୫୨-୪୫୩) । ସେ ଏଥିରେ ଆହୁରି ମଧ ଉଲ୍ଲେଖ କରନ୍ତି ଯେ, "୧୯୬୧ ମସିହା

Digitized by PPRACHIN, SOA

ନିର୍ବାଚନରେ ପ୍ରଥମ ଥର ପାଇଁ ୧୪୦ଟି ନୂଆ ଜିପ୍ କଳିଙ୍ଗ ଟିଉବ୍‌ସ ଦାୟିତ୍ୱରେ ଅଣାଯାଇ ପ୍ରଦେଶ କଂଗ୍ରେସ ଜରିଆରେ କଂଗ୍ରେସ ପ୍ରାର୍ଥୀମାନଙ୍କୁ ଯୋଗାଇ ଦିଆଯାଇଥିଲା ।" ପୁନଃ ୧୯୬୭ ମସିହାରେ ନୀଳମଣିବାବୁ ପ୍ରଦେଶ କଂଗ୍ରେସର ସଭାପତି ହେବାବେଳେ କମିଟିର ବାକି ଦେ'ଣା ଥିବା ୨ ୨ ଲକ୍ଷ ଟଙ୍କା ଭରଣା କରିବାକୁ ବିଜୁବାବୁଙ୍କ ପରାମର୍ଶ କ୍ରମେ ସେ ଇନ୍ଦିରା ଗାନ୍ଧୀଙ୍କୁ କହିବାରେ, ଶ୍ରୀମତୀ ଗାନ୍ଧୀ ତାଙ୍କ କଥାକୁ ହସରେ ଉଡ଼ାଇ ଦେଇ 'ବିଜୁ ପଟ୍ଟନାୟକ ଆଉ ଥାଉ କିଏ ସେ ଦାୟିତ୍ୱ ନେଇପାରିବ' ବୋଲି କୁଆଡ଼େ କହିଥିଲେ । ଏକଥା ଶୁଣି ସଙ୍ଗେ ସଙ୍ଗେ ବିଜୁବାବୁ ଅକୁଣ୍ଠ ଚିତ୍ତରେ ବାକି ଟଙ୍କା ଭରଣା କରିଥିଲେ । ଏଠାରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ, ଯେଉଁ ବିଜୁବାବୁ ଏହିଭଳି ଭାବରେ ନିର୍ବାଚନୀ ଖର୍ଚ୍ଚ ଏକାକୀ କରିପାରୁଥିଲେ, ସେହି ବିଜୁବାବୁ ତାଙ୍କର ଏକାନ୍ତ ସହଯୋଗୀ ଏବଂ ବିଶେଷକରି ଯାହାଙ୍କୁ ସେ ଜିତାଇବା ପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ କରୁଥିଲେ, ତାଙ୍କୁ ଯେ ପର୍ଯ୍ୟାପ୍ତ ଆର୍ଥିକ ସହାୟତା ଯୋଗାଇ ଦେଇ ନ ଥିବେ ସେକଥା କିଏ କହିବ !

ଠିକ୍ ସେହିଭଳି ନୀଳମଣି ରାଉତରାୟ କଂଗ୍ରେସ ଦଳରେ ଥାଇ ଏବଂ ମନ୍ତ୍ରିମଣ୍ଡଳରେ ଉପମୁଖ୍ୟମନ୍ତ୍ରୀ ପଦବୀରେ ରହି ନିଜ ମୁଖ୍ୟମନ୍ତ୍ରୀଙ୍କୁ ହରାଇବା ପାଇଁ ବୀରେନ୍ ମିତ୍ରଙ୍କୁ ପଚାଶ ହଜାର ଟଙ୍କା ନିଜେ ଏବଂ ଆଉ ପଚାଶ ହଜାର ଟଙ୍କା ମହତାବଙ୍କ ହାତରେ ପଠାଇବା କ'ଣ ନ୍ୟାୟୋଚିତ କାର୍ଯ୍ୟ ବୋଲି ବିବେଚନା କରାଯିବ ? ଏ କଥା ତ ସେ ନିଜେ ସ୍ୱୀକାର କରନ୍ତି ତାଙ୍କ 'ସ୍ମୃତି ଓ ଅନୁଭୂତି' ପୁସ୍ତକର ୫୬୦ ପୃଷ୍ଠାରେ ! ଏଠାରେ ଆମ ଓଡ଼ିଆରେ ବହୁ ପ୍ରଚଳିତ 'ମୂର୍ଖ କାଳିଦାସ'ର ଗଛଡାଳ ହାଣିବା କଥା ମନେପଡ଼ିଯାଉଛି । ଦାସେ ଯେଉଁ ଡାଳରେ ଠିଆ ହୋଇଥିଲେ, ସେହି ଡାଳର ମୂଳକୁ କୁରାଢ଼ୀ ଧରି ହାଣିବାରେ ଲାଗିଥିଲେ । ଯାହାଫଳରେ ଗଛଡ଼ାଳ ସହ ନିଜେ ତଳେ ପଡ଼ି ସମଦଶା ଭୋଗିବା ସାର ହୋଇଥାନ୍ତା । ଅର୍ଥାତ୍, ଯେଉଁ ମନ୍ତ୍ରିମଣ୍ଡଳରେ ନୀଳମଣିବାବୁ ଜଣେ ବରିଷ୍ଠ ମନ୍ତ୍ରୀ, ସେହି ମନ୍ତ୍ରିମଣ୍ଡଳର ପତନ କାମନା କରି ମୁଖ୍ୟମନ୍ତ୍ରୀଙ୍କୁ ହରାଇବା ପାଇଁ ସେ ବିରୋଧୀ ପ୍ରାର୍ଥୀଙ୍କୁ ଲୁଚି ଲୁଚି ଟଙ୍କା ଯୋଗାଇ ଦେବାରେ ବ୍ୟସ୍ତ ଥିଲେ । ୧୯୭୨ ମସିହାରେ ସେ ଲକ୍ଷେ ଟଙ୍କା କେଉଁଠୁ ଆଣିଲେ ଏବଂ ସେହି ଟଙ୍କାର ସ୍ୱଚ୍ଛତା କ'ଣ ତାହା କିଏ ପ୍ରଶ୍ନ କରିବ ? କଥାରେ ପରା ଅଛି, ବଡ଼ଲୋକଙ୍କୁ ଉତ୍ତର ନାହିଁ !

ଆଉ ଜଣେ ବୟୋଜ୍ୟେଷ୍ଠ ନେତା ଥିଲେ ଡକ୍ଟର ହରେକୃଷ୍ଣ ମହତାବ । ନିଜ ଦଳର ପ୍ରାର୍ଥୀଙ୍କ ପ୍ରଚାରରେ ସାମିଲ ନ ହୋଇ, ପ୍ରଜାତନ୍ତ୍ର ଅଫିସ୍ ପ୍ରାଙ୍ଗଣରେ ବିଜୁବାବୁଙ୍କ ସହିତ ଏକା ମଞ୍ଚରେ ବୀରେନ୍‌ବାବୁଙ୍କୁ ଜିତିବା ପାଇଁ ସର୍ବସମ୍ମୁଖରେ ଆଶୀର୍ବାଦ ଦେଇ

Digitized by PPRACHIN, SOA

ସେ ମଧ୍ୟ ନନ୍ଦିନୀ ବିରୋଧୀ ଅଭିଯାନରେ ନିଜକୁ ସାମିଲ କରିଦେଇଥିଲେ । ଏକଦା ନନ୍ଦିନୀଙ୍କ କାର୍ଯ୍ୟଦକ୍ଷତା ଦେଖି ତାଙ୍କୁ ଜୋର୍ କରି କଂଗ୍ରେସରେ ସାମିଲ କରେଇଥିବା ଏହି ବୟୋଜ୍ୟେଷ୍ଠ ନେତା ବୀରେନ୍ ମିତ୍ରଙ୍କୁ ଉସ୍‌କେଇ ପ୍ରାର୍ଥୀ କରେଇବା, ଅନ୍ୟମାନଙ୍କଠାରୁ ଅର୍ଥ ନେଇ ତାଙ୍କ ନିକଟକୁ ପଠାଇବା ଏବଂ ସାଧାରଣରେ ତାଙ୍କୁ ଜିତାଇବା ପାଇଁ ଉଦ୍ୟମ କରିବା କେଉଁ ନୀତିର ପରିଚାୟକ ? ବୋଧହୁଏ ଯଦୁମଣି ମଙ୍ଗରାଜଙ୍କ ଭାଷାରେ, "ମହତାବର ନିଇତି ଗୋଟିଏ ନୀତି" ହିଁ ତାଙ୍କର ଶ୍ରେଷ୍ଠ ନୀତି !

ଜଣେ ସାଧାରଣ ମହିଳା, ଯେ କି ତୃଣମୂଳ ସ୍ତରରୁ ନିଜ କାର୍ଯ୍ୟ ଦକ୍ଷତା ବଳରେ କେନ୍ଦ୍ରରେ ଦୁଇ ଦୁଇଥର ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରୀ ପଦବୀରେ କାର୍ଯ୍ୟକରି ଶେଷରେ ରାଜ୍ୟର ମୁଖ୍ୟମନ୍ତ୍ରୀ ପଦରେ ଆସୀନ ହୋଇପାରିଛନ୍ତି, ତାଙ୍କ ପାଇଁ ଗର୍ବ କରିବା କିମ୍ବା କନିଷ୍ଠମାନଙ୍କୁ ଆଗକୁ ଯିବାପାଇଁ ଉତ୍ସାହ ଦେବା ପରିବର୍ତ୍ତେ, ଏ ରାଜ୍ୟର ମୁରବୀ ଶ୍ରେଣୀୟ ନେତାମାନେ ତାଙ୍କୁ ହରେଇବା ପାଇଁ ଚାରିଆଡୁ ଚକ୍ରବ୍ୟୂହ ରଚନା କରିବା ବାସ୍ତବିକ କୃତଘ୍ନତା ଆଉ ବିଶ୍ୱାସଘାତକତାର ଚରମ ନିଦର୍ଶନ କହିଲେ ଅତ୍ୟୁକ୍ତି ହେବନାହିଁ ।

ଏହି ନିର୍ବାଚନର ଏକ ଚାକ୍ଷୁସ ପ୍ରମାଣ ଥିଲେ ସେତେବେଳର ଜଣେ କଂଗ୍ରେସ ବିଧାୟକ ତଥା ପ୍ରାକ୍ତନ ମନ୍ତ୍ରୀ ଭାଗବତ ପ୍ରସାଦ ମହାନ୍ତି । ଏ ସମ୍ପର୍କରେ ଏକ ନିର୍ଭୀକ ମତ ଦେଇ ସେ କହନ୍ତି–"କଟକର ହରିପୁର ରାସ୍ତାକଡ଼ର ଏକ ହତା ଭିତରେ ନନ୍ଦିନୀଦେବୀଙ୍କର ନିର୍ବାଚନୀ ଅଫିସ୍ ଖୋଲାଯାଇଥିଲା । ଏଇ ଲେଖକ ମଧ୍ୟ କଂଗ୍ରେସର ଜଣେ ଅଗ୍ରଣୀ ବିଧାୟକ ତଥା ମୁଖ୍ୟମନ୍ତ୍ରୀଙ୍କର ସହପାଠୀ ବନ୍ଧୁ ଭାବରେ କଟକର ଏଇ ଉପନିର୍ବାଚନରେ ପ୍ରଚାରର ପ୍ରମୁଖ ଦାୟିତ୍ୱ ନେଇଥିଲା । xxx ବିରୋଧୀମାନେ ଆଉ ଗୋଟିଏ ଅପପ୍ରଚାର କରିଥିଲେ ଯେ, କଂଗ୍ରେସ ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କା ବଣ୍ଟା ହେଉଛି । ମାତ୍ର ବାସ୍ତବରେ ସେକଥା ଯେ କେତେ ସତ୍ୟ–ତାହା ଏଇ ଲେଖକ ନିଜେ ଅନୁଭବ କରିଛି । ବିରୋଧୀଙ୍କ ଅପପ୍ରଚାରରେ ପ୍ରଭାବିତ ହୋଇ କଟକ ସହରର କେତେକ ଯୁବକ ଟଙ୍କା ପଇସା ପାଇଁ ଅନେକ ସମୟରେ କଂଗ୍ରେସ ପ୍ରଚାରକମାନଙ୍କୁ ଅସୁବିଧାରେ ପକାଇ ଦେଉଥିଲେ । ନିର୍ବାଚନ ପରଦିନ ଏପରି କିଛି ଉଦ୍‌ଭ୍ରାନ୍ତ ଯୁବକଙ୍କର ଦାବିକୁ ପୂରଣ କରିବା ଏଇ ଲେଖକଙ୍କ ପକ୍ଷରେ ଅସମ୍ଭବ ଥିବାରୁ ସେଠାରୁ ପଳାଇ ଆସିବା ବ୍ୟତୀତ ଗତ୍ୟନ୍ତର ନଥିଲା । ନିର୍ବାଚନରେ ପ୍ରଚୁର ଅର୍ଥ ସମାଗମର ସତ୍ୟତା ଏଥିରୁ ଅନୁମେୟ ।" (ଅର୍ଦ୍ଧଶତାବ୍ଦୀର ଓଡ଼ିଶା କଂଗ୍ରେସ, ଭାଗବତ ପ୍ରସାଦ ମହାନ୍ତି, ପୃ-୨୧୧) ।

ବୀରେନ୍ ମିତ୍ରଙ୍କ ସପକ୍ଷରେ ନିର୍ବାଚନ ପ୍ରଚାର କରୁଥିବା କଟକର ବିଶିଷ୍ଟ ଅଧିବକ୍ତା ଶ୍ରୀ ଗୁରୁ ମହାନ୍ତି ପ୍ରସଙ୍ଗ କ୍ରମେ ଏହି ନିର୍ବାଚନ ସମ୍ବନ୍ଧରେ ଥରେ କହୁଥିଲେ–"ମୁଁ ଦିନେ

Digitized by PPRACHIN, SOA

ସକାଳୁ ସକାଳୁ ଘରେ ବସି ଫାଇଲ ଦେଖୁଥାଏ । ମୁଖ୍ୟମନ୍ତ୍ରୀ ନନ୍ଦିନୀଦେବୀ ହଠାତ୍ ଘର ଭିତରକୁ ପଶିଆସିଲେ ଏବଂ ମୋ ଉଦ୍ଦେଶ୍ୟରେ 'ମୁଁ ଟିକେ ଭାଉଜଙ୍କୁ ଚା' କରିବା ପାଇଁ କହିଆସେ' କହି ଭିତରକୁ ପଶିଗଲେ । କିଛି ସମୟ ପରେ ସତକୁସତ ଚା' କପ୍ ସହିତ ମୋ ସ୍ତ୍ରୀ ଏବଂ ପିଲାମାନଙ୍କୁ ଧରି ମୋ ଅଫିସ୍ ରୁମ୍‌କୁ ଚାଲିଆସି କହିଲେ, 'ଭାଉଜ ! ଗୁରୁବାବୁ ତ ବୀରେନ୍‌ବାବୁଙ୍କୁ ଭୋଟ୍ ଦେବେ । ହେଲେ ତୁମ ଭୋଟ୍‌ଟି ମୋତେ ନିଶ୍ଚୟ ଦେବ । କାରଣ ମୁଁ ତମ ସାହି ଏବଂ ଏହି ସହରର ଝିଅ ।' ଏତିକି କହି ସମସ୍ତଙ୍କ ସହିତ ହସଖୁସି କରି ସେ ଚାଲିଗଲେ । ଆମର ତ ରାଜନୀତିରେ ମତଗତ ପାର୍ଥକ୍ୟ ନିଶ୍ଚିତ ଥିଲା, କିନ୍ତୁ ନନ୍ଦିନୀଙ୍କ ନିର୍ବାଚନ ପ୍ରଚାରର ତରିକା ଦେଖି ସେଦିନ ମୁଁ ଆଶ୍ଚର୍ଯ୍ୟଚକିତ ହୋଇଯାଇଥିଲି । ସେ ଏହିପରି କଟକ ସାହି ଓ ଗଳି ବୁଲି ସମସ୍ତଙ୍କୁ ନିଜର କରିନେଇ ନିର୍ବାଚନ ପ୍ରଚାର କରିବା ମୁଁ କଦାପି ଭୁଲିପାରିବି ନାହିଁ ।"

ସୁତରାଂ, କେବଳ ନନ୍ଦିନୀଙ୍କୁ ହରେଇବା ପାଇଁ ପରସ୍ପର ମଧ୍ୟରେ ଥିବା ଅତୀତର ସମସ୍ତ ତିକ୍ତତା ଭୁଲି ହରେକୃଷ୍ଣ ମହତାବ, ବିଜୁ ପଟ୍ଟନାୟକ, ରାଜେନ୍ଦ୍ର ନାରାୟଣ ସିଂହଦେଓ ଏବଂ ନୀଳମଣି ରାଉତରାୟ ମିଳିତ ହୋଇ ଅକୁଣ୍ଠ ଭାବରେ ବିପୁଳ ଅର୍ଥ ଖର୍ଚ୍ଚ କରିଥିବା କଥାଟା ବରଂ ଅଧିକ ପ୍ରାସଙ୍ଗିକ ମନେହୁଏ । ନିଜେ ପଣସତକ ଖାଇ ଅନ୍ୟମୁଣ୍ଡରେ ଅଠା ବୋଳିବା ନ୍ୟାୟରେ କଟକ ଉପନିର୍ବାଚନରେ ଅଜସ୍ର ଅର୍ଥ ଖର୍ଚ୍ଚ କରି ମଧ୍ୟ ଏହି ବୀର ପୁଙ୍ଗବମାନେ ବୀରେନ୍ ମିତ୍ରଙ୍କୁ ଜିତାଇ ନ ପାରିବା, ରାଗରେ ତାଟିଆ କାମୁଡ଼ିବା ଅବସ୍ଥା ସୃଷ୍ଟି କରିଥିଲା । ଅନ୍ୟପକ୍ଷରେ ଚାରିମେଘ ଏକାଠି ହୋଇ ପୃଥିବୀକୁ ଜଳାର୍ଣ୍ଣବ କରିଦେବା କଥାଟି ଭଳି, ଏହି ଚାରିନେତା ନନ୍ଦିନୀଙ୍କୁ ହରାଇବା ପାଇଁ ସମସ୍ତ ଉଦ୍ୟମ କରିଥିଲେ ମଧ୍ୟ ନନ୍ଦିନୀ ସେ ସମୟରେ ପ୍ରାୟ ୧୧ ହଜାର ଭୋଟରେ ଜୟଯୁକ୍ତ ହୋଇଥିଲେ ।

⁂

Digitized by PPRACHIN, SOA

୧୫

ଆଶଙ୍କା ସତ ହେଲା

କଟକ ଉପନିର୍ବାଚନ ନନ୍ଦିନୀଙ୍କୁ ଏକ ଐତିହାସିକ ଏବଂ ସମ୍ମାନଜନକ ବିଜୟ ଆଣି ଦେଇଥିଲା । ଅନ୍ୟପକ୍ଷରେ ତାଙ୍କୁ ହରାଇବାକୁ ଚେଷ୍ଟା କରିଥିବା ରାଜ୍ୟର ତଥାକଥିତ କ୍ଷମତା ରାଜନୀତିର ଖେଳୁଆଡ଼ମାନଙ୍କ ସକଳ ଉଦ୍ୟମ ଫସର ଫାଟିଯାଇ ସେମାନଙ୍କୁ ଏକ ଲଜ୍ଜାଜନକ ପରିସ୍ଥିତିରେ ପକାଇଥିଲା । ଅସଲ କଥା ହେଲା, ଜଣେ ମହିଳା ମୁଖ୍ୟମନ୍ତ୍ରୀ ହୋଇ ସେମାନଙ୍କୁ ଶାସନ କରିବା କଥାଟିକୁ ଏହି ନେତାମାନେ ଆଦୌ ହଜମ କରିପାରୁନଥିଲେ । ଏଥିରେ ମର୍ମାହତ ନେତାଗଣ ଜନତାଙ୍କ ରାୟକୁ ସମ୍ମାନ ଦେଖାଇ ନିଜର ଆତ୍ମଶୋଧନ କରିବା ପରିବର୍ତ୍ତେ ଅଧିକ ଅସହିଷ୍ଣୁ ହୋଇପଡ଼ିଥିଲେ । ତା' ସାଙ୍ଗକୁ ୧୯୭୨ ଡିସେମ୍ବର ୩ ତାରିଖ ଦିନ ଦଳବିରୋଧୀ କାର୍ଯ୍ୟ ପାଇଁ ହରେକୃଷ୍ଣ ମହତାବଙ୍କୁ ପ୍ରଦେଶ କଂଗ୍ରେସ କମିଟିର ସଭାପତି ବ୍ରଜମୋହନ ମହାନ୍ତି ଦଳରୁ ନିଲମ୍ବନ କରିବା ଘଟଣା ନିଆଁରେ ଘିଅ ଢାଳିବା ସଦୃଶ୍ୟ ହୋଇଥିଲା । ଏଥିରେ ମହତାବବାବୁ ଅତ୍ୟନ୍ତ ପ୍ରତିକ୍ରିୟାଶୀଳ ହୋଇ ଯେ କୌଣସି ଉପାୟରେ ନନ୍ଦିନୀଙ୍କୁ ଗାଦିଚ୍ୟୁତ କରିବା ପାଇଁ ଲାଗିପଡ଼ିଥିଲେ ।

ଏଥରକ ଆଉ ମୁଖ୍ୟମନ୍ତ୍ରୀ ଗାଦୀ ନୁହେଁ, ବରଂ ପୂର୍ବରୁ ସରଯୂ ପ୍ରସାଦ କମିଶନଙ୍କ ରିପୋର୍ଟକୁ ଖାରଜ ନ କରିବା ଏବଂ ବର୍ତ୍ତମାନ କଂଗ୍ରେସରୁ ନିଲମ୍ବନ ଜନିତ ଅପମାନରେ ଜର୍ଜରିତ ହୋଇ ମହତାବ ଚାହିଁଥିଲେ ନନ୍ଦିନୀଙ୍କ ଉପରେ ପ୍ରତିଶୋଧ ନେବାକୁ । ସେ ଆରମ୍ଭ କରିଦେଲେ ତାଙ୍କର ଗୋଟି ଚାଳନା । ରାଜେନ୍ଦ୍ର ନାରାୟଣ ସିଂହଦେଓ ପୂର୍ବରୁ ନନ୍ଦିନୀଙ୍କ ଉପରେ ଖପ୍ପା ହୋଇଥାଆନ୍ତି । କାରଣ ନନ୍ଦିନୀଙ୍କ ମନ୍ତ୍ରିମଣ୍ଡଳ ହିଁ କେନ୍ଦୁପତ୍ର କାରବାରରେ ତାଙ୍କ ବିରୋଧରେ ମିତ୍ର କମିଶନ ବସାଇଥିଲେ, ଯାହାଫଳରେ କମିଶନ

Digitized by PPRACHIN, SOA

ତାଙ୍କୁ ଏବଂ ତାଙ୍କ ମନ୍ତ୍ରିମଣ୍ଡଳର ଦୁଇଜଣ ସଦସ୍ୟଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ । ଏତଦ୍‌ବ୍ୟତୀତ ନନ୍ଦିନୀଙ୍କ ପ୍ରଗତିଶୀଳ ଭୂସଂସ୍କାର ଚିଠା ପ୍ରସ୍ତାବ ବିଧାନସଭାରେ ଗୃହୀତ ହୋଇଗଲେ ରାଜା, ଜମିଦାର ଏବଂ ପ୍ରଚୁର ଭୂ-ସମ୍ପତ୍ତିର ମାଲିକମାନେ ପ୍ରବଳ କ୍ଷତିଗ୍ରସ୍ତ ହେବାର ଭୟ ହେତୁ ସେ ଚାହୁଁଥିଲେ ନନ୍ଦିନୀ ସରକାରଙ୍କ ପତନ । ବିଜୁ ପଟ୍ଟନାୟକ ଏବଂ ନୀଳମଣି ରାଉତରାୟଙ୍କ କଥା ସମ୍ପୂର୍ଣ୍ଣ ନିଆରା । ଏହି ଦୁଇ ନେତା ସର୍ବଦା ଅନ୍ୟମାନଙ୍କ ଦ୍ୱାରା ବ୍ୟବହୃତ ହେବାରେ ଓସ୍ତାଦ୍ । ଏହା ପଛରେ ଅବଶ୍ୟ ସେମାନଙ୍କର କିଛି ନା କିଛି ହୀନ ଉଦ୍ଦେଶ୍ୟ ନିହିତ ଥାଏ । କିଭଳି ଜଣକ ଗୋଛି କାଟି ଅନ୍ୟ ଜଣକୁ କ୍ଷମତାସୀନ କରିବାକୁ ଏମାନେ ଅତୀତରେ ବ୍ୟବହାର ହୋଇଛନ୍ତି ତାହା ପୂର୍ବ ପ୍ରସଙ୍ଗରେ କୁହାଯାଇଛି । ଏତେବେଳକୁ କିନ୍ତୁ ସେମାନେ ଟିକିଏ ସଚେତନ ହୋଇଯାଇଥିଲେ । ତା'ଛଡ଼ା ଉତ୍କଳ କଂଗ୍ରେସର ଶାସକ କଂଗ୍ରେସ ସହିତ ମିଶ୍ରଣ ସମୟରେ ବିଜୁବାବୁଙ୍କୁ କଂଗ୍ରେସରେ ଗ୍ରହଣ କରାଯାଇ ନ ଥିବାରୁ ତାଙ୍କ ମନରେ ରାଗ ରହିଥାଏ । ତେଣୁ ନୀଳମଣିବାବୁ ମନ୍ତ୍ରିମଣ୍ଡଳରେ ଥିବାରୁ ତାଙ୍କୁ ମୁଖ୍ୟମନ୍ତ୍ରୀ ହେବାର ପ୍ରଲୋଭନ ଦେଖାଇ ତାଙ୍କ ନେତୃତ୍ୱରେ କଂଗ୍ରେସରେ ମିଶିଥିବା ଉତ୍କଳ କଂଗ୍ରେସର ବିଧାୟକମାନଙ୍କୁ ଧରି ସମର୍ଥନ ପ୍ରତ୍ୟାହାର କରାଇବାକୁ ବିଜୁବାବୁ ଲାଗିପଡ଼ିଲେ । ଯା' ମଧ୍ୟରେ ନୀଳମଣି ରାଉତରାୟଙ୍କର ମଧ୍ୟ ମୁଖ୍ୟମନ୍ତ୍ରୀ ହେବାର ନିଶାଟା ମଗଜକୁ ଉଠିସାରିଥାଏ । ସେ ଏହାକୁ ଏକ ସୁବର୍ଣ୍ଣ ସୁଯୋଗ ମନେକଲେ । ଯାହାଫଳରେ ନନ୍ଦିନୀଙ୍କ ସରକାରକୁ ଭୂପତିତ କରିଦେବା ପାଇଁ ଏକ ବିରାଟ ଷଡ଼ଯନ୍ତ୍ର ରଚନା କରାଯାଇଥିଲା । ଏହି ଷଡ଼ଯନ୍ତ୍ରରୁ ସୃଷ୍ଟି ହେଲା ଓଡ଼ିଶା ବିଧାନସଭାରେ ଉତ୍କଳ କଂଗ୍ରେସ, ସ୍ୱତନ୍ତ୍ର ଦଳ ଏବଂ ନନ୍ଦିନୀ-ବିରୋଧୀ ବିଧାୟକମାନଙ୍କୁ ନେଇ ଏକ ନୂତନ ରାଜନୈତିକ ସଂଗଠନ 'ପ୍ରଗତି ଦଳ' । ଏହି ଦଳର ଏକସୂତ୍ରୀ କାର୍ଯ୍ୟକ୍ରମ ତଥା ମୁଖ୍ୟ ଏଜେଣ୍ଡା ଥିଲା, ନନ୍ଦିନୀ ଶତପଥୀ ସରକାରର ପତନ ଏବଂ ପ୍ରଗତି ଦଳ ନେତୃତ୍ୱରେ ସରକାର ଗଠନ ।

୧୯୭୩ ମସିହା ଫେବୃୟାରୀ ମାସର ଶେଷ ସପ୍ତାହରେ ବିଧାନସଭାରେ ଭୂସଂସ୍କାର ଚିଠା ପ୍ରସ୍ତାବ ଉପରେ ଆଲୋଚନା ହେବାର ଦିନ ଧାର୍ଯ୍ୟ ହୋଇଥାଏ । ଏହାକୁ କରାଇ ନ ଦେବା ପାଇଁ ବିରୋଧୀଦଳ ନେତା ରାଜେନ୍ଦ୍ର ନାରାୟଣ ସିଂହଦେଓ ଏବଂ ବିଜୁବାବୁ ଉଭୟେ ମହତାବବାବୁଙ୍କ ସହିତ ମିଶି ନୀଳମଣି ରାଉତରାୟଙ୍କ ଉପରେ ଚାପ ସୃଷ୍ଟି କରୁଥାନ୍ତି, ଯେତେ ଶୀଘ୍ର ପାର ଉତ୍କଳ କଂଗ୍ରେସ ବିଧାୟକମାନଙ୍କ ସହିତ ଶାସକ କଂଗ୍ରେସ ଦଳରୁ ସମର୍ଥନ ପ୍ରତ୍ୟାହାର କରି ପ୍ରଗତି ଦଳରେ ଯୋଗ ଦେବାପାଇଁ । ନୀଳମଣି ରାଉତରାୟ ମଧ୍ୟ ମୁଖ୍ୟମନ୍ତ୍ରୀ ହେବାର ସ୍ୱପ୍ନରେ ବୁଡ଼ି ରହିଥାନ୍ତି । ତାଙ୍କୁ

Digitized by PPRACHIN, SOA

ମହତାବବାବୁ, ବିଜୁବାବୁ ଏବଂ ରାଜେନ୍ଦ୍ର ନାରାୟଣ ସିଂହଦେଓ ମିଳିତ ଭାବେ ଏହି ଲୋଭନୀୟ ପ୍ରସ୍ତାବଟି ଦେଇଥାନ୍ତି ଯେ, ଏହାପରେ ପ୍ରଗତି ଦଳ ତରଫରୁ ତୁମକୁ ହିଁ ନେତା ନିର୍ବାଚନ କରାଯାଇ ମୁଖ୍ୟମନ୍ତ୍ରୀ ଆସନରେ ଅଧିଷ୍ଠିତ କରାଯିବ । ବିଜୁବାବୁଙ୍କ ମତିଗତି କିନ୍ତୁ ଠିକ୍ ବିପରୀତ ଥାଏ । କଳେ ବଳେ କୌଶଳେ ଏହି ସମର୍ଥନ ପ୍ରତ୍ୟାହାର ନାଟକଟି ସରିଗଲେ ନୀଳମଣିବାବୁଙ୍କୁ ବୋକା ବନେଇ ନିଜେ ପ୍ରଗତି ଦଳର ନେତା ହୋଇ ମୁଖ୍ୟମନ୍ତ୍ରୀ ହୋଇଯିବେ । ପୂର୍ବ ଯୋଜନା ଅନୁଯାୟୀ ନୀଳମଣି ରାଉତରାୟ ମାର୍ଚ୍ଚ ପହିଲା ଦିନ ୨୧ ଜଣ ଉତ୍କଳ କଂଗ୍ରେସ ବିଧାୟକଙ୍କ ଦସ୍ତଖତ ସମ୍ବଳିତ ସମର୍ଥନ ପ୍ରତ୍ୟାହାର ପତ୍ର ବାଚସ୍ପତିଙ୍କ ନିକଟକୁ ପଠାଇ ଦେଇଥିଲେ । ପ୍ରତ୍ୟାହାର ସହିତ ସେମାନେ ପ୍ରଗତି ଦଳରେ ଯୋଗଦେଲେ ବୋଲି ମଧ୍ୟ ଉଲ୍ଲେଖ କରିଥିଲେ । ଏହାର ଦିନକ ପୂର୍ବରୁ ନୀଳମଣି ରାଉତରାୟ ନିଜର ଇସ୍ତଫାପତ୍ରଟିକୁ ମୁଖ୍ୟମନ୍ତ୍ରୀ ନନ୍ଦିନୀଙ୍କ ନିକଟକୁ ପଠାଇସାରିଥିଲେ । ସମର୍ଥନ ପ୍ରତ୍ୟାହାର ଏବଂ ପ୍ରଗତି ଦଳରେ ଯୋଗଦାନର ନାଟକଟି ସୁରୁଖୁରୁରେ ପରିବେଷଣ ହୋଇସାରିବା ପରେ, ବିଜୁବାବୁ ସତକୁସତ ନୀଳମଣିଙ୍କୁ ଧୋକା ଦେଇ ନିଜେ ପ୍ରଗତି ଦଳର ନେତା ହୋଇ ୭୧ ଜଣ ବିଧାୟକଙ୍କ ଦସ୍ତଖତ ସମ୍ବଳିତ ତାଲିକା ଧରି ସରକାର ଗଠନ ନିମନ୍ତେ ରାଜ୍ୟପାଳଙ୍କୁ ଭେଟିଥିଲେ । ମାତ୍ର ରାଜ୍ୟପାଳ ଅନୁଭବ କରିଥିଲେ ଯେ କିଛି ବିଧାୟକଙ୍କୁ ନେଇ ଘୋଡ଼ାବେପାର (ବିଧାୟକ ଭୋଟ କିଣାବିକା) ଚାଲିଛି । ରାଜ୍ୟରେ ଏକ ସ୍ଥିର ଓ ସ୍ଥାୟୀ ସରକାର ଚାଲିପାରିବ ନାହିଁ ।

ହଠାତ୍ ଏହିପରି ନାଟକବାଜିକୁ ତୀକ୍ଷ୍ଣ ବୁଦ୍ଧିସମ୍ପନ୍ନା ନନ୍ଦିନୀ ଠିକ୍ ବୁଝିପାରିଥିଲେ । ସମର୍ଥନ ପ୍ରତ୍ୟାହାର ଖବର ବାଚସ୍ପତିଙ୍କଠାରୁ ପାଇ ସେ ସଙ୍ଗେ ସଙ୍ଗେ ମନ୍ତ୍ରିମଣ୍ଡଳର ଏକ ଜରୁରୀ ବୈଠକ ଡକାଇ ବିଧାନସଭାକୁ 'ପ୍ରୋରୋଗ' କରିବାକୁ ରାଜ୍ୟପାଳ ବି.ଡ଼ି ଜତିଙ୍କୁ ସୁପାରିଶ କରିଦେଲେ । ମାର୍ଚ୍ଚ ତିନି ତାରିଖ ଦିନ ବିଧାନସଭା ଭଙ୍ଗ ହୋଇ ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରି ହୋଇଥିଲା । ଶେଷକୁ ଏତେ ବଡ଼ ବଡ଼ ନେତାଙ୍କ ସମ୍ମିଶ୍ରଣରେ ଗଠିତ 'ପ୍ରଗତି ଦଳ' ସରକାର ଗଢ଼ିବାକୁ ଦେଖୁଥିବା ସ୍ୱପ୍ନ ସବୁଦିନ ପାଇଁ ଅଧୁରା ରହିଯାଇଥିଲା । ତତ୍ ସଙ୍ଗେ ସଙ୍ଗେ ଚିରଦିନ ପାଇଁ ପ୍ରଗତି ଦଳର ବିଲୟ ମଧ୍ୟ ଘଟିଥିଲା । ମୁଖ୍ୟମନ୍ତ୍ରୀ ହୋଇ ଓଡ଼ିଶା ଆସିବା ପୂର୍ବରୁ ଇନ୍ଦିରା ଗାନ୍ଧୀଙ୍କ ନିକଟରେ ନନ୍ଦିନୀ ଯେଉଁ ଆଶଙ୍କା କରିଥିଲେ ଯେ, ଦଳତ୍ୟାଗୀମାନଙ୍କୁ ବିଶ୍ୱାସ କରାଯିବା କଥା ନୁହେଁ, ତାହା ହିଁ ଶେଷକୁ ସତ୍ୟରେ ପରିଣତ ହୋଇଥିଲା ।

⁂

Digitized by PPRACHIN, SOA

ନନ୍ଦିନୀଙ୍କ ଦ୍ୱିତୀୟ ଥର ମୁଖ୍ୟମନ୍ତ୍ରୀ ଦାୟିତ୍ୱ

୧୯୭୪ ମସିହା ଫେବୃୟାରୀ ମାସରେ ରାଜ୍ୟରେ ପୁନଶ୍ଚ ଏକ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ଅନୁଷ୍ଠିତ ହେଲା । ଏ ସମୟକୁ ନିର୍ବାଚନ ମଣ୍ଡଳୀଗୁଡ଼ିକ ପୁନର୍ଗଠିତ ହୋଇ ବିଧାନସଭା ଆସନ ୧୪୭ ଏବଂ ଲୋକସଭା ଆସନ ୨୧କୁ ବୃଦ୍ଧି କରାଯାଇଥିଲା । ତେବେ ଏହି ନିର୍ବାଚନରେ ଶାସକ କଂଗ୍ରେସ ୬୯ଟି ଆସନ ପାଇ ଏକକ ସଂଖ୍ୟାଗରିଷ୍ଠତା ହାସଲ କରିଥିଲେ ମଧ୍ୟ ସରକାର ଗଠନ କରିବାକୁ କମ୍ୟୁନିଷ୍ଟ (ସିପିଆଇ)ର ୭ଟି ଆସନ ଉପରେ ନିର୍ଭର କରିବାକୁ ପଡ଼ିଥିଲା । ଏଥିରେ ସ୍ୱତନ୍ତ୍ର ଦଳ ୨୧ଟି ଆସନ ହାସଲ କରିଥିବା ବେଳେ ଉତ୍କଳ କଂଗ୍ରେସ ୩୫ଟି ଆସନ ପାଇ ବିରୋଧୀଦଳର ମର୍ଯ୍ୟାଦା ଲାଭ କରିଥିଲା । କଂଗ୍ରେସ ବିଧାୟକ ଦଳ ବୈଠକରେ ନନ୍ଦିନୀଙ୍କୁ ନେତ୍ରୀ ନିର୍ବାଚିତ କରାଯିବା ପରେ ତାଙ୍କ ନେତୃତ୍ୱରେ ସରକାର ଗଠିତ ହୋଇଥିଲା । ବିଜୁ ପଟ୍ଟନାୟକ ବିରୋଧୀଦଳ ନେତା ଭାବରେ ନିର୍ବାଚିତ ହୋଇଥିଲେ ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ୧୯୬୨ ମସିହାରୁ ଜାତୀୟ ରାଜନୀତିରେ ସକ୍ରିୟ ଭୂମିକା ଗ୍ରହଣ କରି ସାରା ଭାରତବର୍ଷରେ ଜଣେ ପ୍ରଗତିଶୀଳ ନେତ୍ରୀ ଭାବରେ ନନ୍ଦିନୀ ସୁନାମ ଅର୍ଜନ କରିଥିଲେ । ରାଜ୍ୟ ରାଜନୀତିର କେଲେଙ୍କାରୀରେ ପଶିବା ପାଇଁ ପ୍ରଥମରୁ ହିଁ ତାଙ୍କର ବୀତସ୍ପୃହତା ଥିଲା । କିନ୍ତୁ ଥରେ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିବା ପରେ ସେ ନିଜ ଢଙ୍ଗରେ କାର୍ଯ୍ୟ ଆରମ୍ଭ କରିଦେଇଥିଲେ । ଯେଉଁଥିପାଇଁ ସ୍ୱାର୍ଥସର୍ବସ୍ୱ ବହୁ ତଥାକଥିତ ମୁଣ୍ଡିଆଳ ରାଜନେତାମାନଙ୍କର ଅସଲ ସ୍ୱରୂପ ପଦାକୁ ଆସିଯାଇଥିଲା । ଓଡ଼ିଶାର ସରଳ ଜନସାଧାରଣ ବି ଅତିଷ୍ଠ ହୋଇ ବିକଳ୍ପ ନେତୃତ୍ୱ ସନ୍ଧାନରେ ରହିଥିଲେ । ଏହି ନିର୍ବାଚନରେ ନନ୍ଦିନୀ ଏକପ୍ରକାର ନବାଗତା ଥିଲେ ବି ତାଙ୍କର ସ୍ୱଳ୍ପ ସମୟର ନେତୃତ୍ୱ, ପ୍ରଶାସକୀୟ ଦୃଢ଼ତା ଏବଂ ଗରିବ, ମେହେନତୀ ମଣିଷମାନଙ୍କ ପାଇଁ ପ୍ରଗତିଶୀଳ

Digitized by PPRACHIN, SOA

କାର୍ଯ୍ୟ ପ୍ରତି ରାଜ୍ୟବାସୀ ଗଭୀର ଆସ୍ଥା ପ୍ରକଟ କରିଥିଲେ । ଏପରିକି ସେହି ନିର୍ବାଚନରେ ତାଙ୍କୁ ଶାସନରୁ ହଟାଇବା ପାଇଁ ନୀତି, ଆଦର୍ଶକୁ ଜଳାଞ୍ଜଳି ଦେଇ ଦଳ, ମତ ନିର୍ବିଶେଷରେ ତାଙ୍କ ବିରୋଧରେ ଏକାଠି ହୋଇ ପୂର୍ବରୁ ପ୍ରଗତିଦଳ ଗଠନ କରିଥିବା ରାଜ୍ୟର ସମସ୍ତ ତୁଙ୍ଗ ନେତାମାନଙ୍କ ବିରୋଧରେ ଏକ ଲୋକପ୍ରିୟ ସଙ୍ଗୀତ ଅକ୍ଷୟ ମହାନ୍ତିଙ୍କ କଣ୍ଠରେ ଓଡ଼ିଶାର ଘରେ ଘରେ ପ୍ରତିଧ୍ୱନିତ ହୋଇଥିଲା–

"ଭେଜାଲ ଘିଅ,   ଭେଜାଲ ତେଲ
ଭେଜାଲ ଓଡ଼ିଶା ସାରା
ସବୁଠୁ ବେଶି   ଭେଜାଲ ଭାଇ
ଏ ପ୍ରଗତିଦଳ ପରା ।"

ସେ ଯାହାହେଉ, ୧୯୭୪ ମସିହା ମାର୍ଚ୍ଚ ୬ ତାରିଖ ଦିନ ଦ୍ୱିତୀୟ ଥର ପାଇଁ ନନ୍ଦିନୀ ଓଡ଼ିଶାର ମୁଖ୍ୟମନ୍ତ୍ରୀ ପଦରେ ଶପଥ ଗ୍ରହଣ କରିଥିଲେ । ଏଥରକ ତାଙ୍କ ମନ୍ତ୍ରିମଣ୍ଡଳରେ ବିନାୟକ ଆଚାର୍ଯ୍ୟ, ବାଙ୍କ ବିହାରୀ ଦାସ, ଲକ୍ଷ୍ମଣ ମଲ୍ଲିକ, ଶ୍ରୀବଲ୍ଲଭ ପାଣିଗ୍ରାହୀ ଓ ଯଦୁନାଥ ଦାସ ମହାପାତ୍ର–କ୍ୟାବିନେଟ୍; ବ୍ରହ୍ମାନନ୍ଦ ବିଶ୍ୱାଳ, ମୋହନ ନାୟକ, ଡକ୍ଟର କୃପାସିନ୍ଧୁ ଭୋଇ ଡକ୍ଟର ବେଣୁଧର ବଳିୟାର ସିଂହ ଏବଂ ଦିବ୍ୟଲୋଚନ ଶେଖର ଦେଓ–ରାଷ୍ଟ୍ରମନ୍ତ୍ରୀ ଏବଂ ଜଗନ୍ନାଥ ପଟ୍ଟନାୟକ, ମତଲୁବ ଅଲ୍ଲୀ ଓ କୁଆଁରିଆ ମାଝୀ ପ୍ରମୁଖ ଉପମନ୍ତ୍ରୀ ରୂପେ ସ୍ଥାନ ପାଇଥିଲେ । ପରବର୍ତ୍ତୀ ସମୟରେ ଗଙ୍ଗାଧର ମହାପାତ୍ର ମଧ୍ୟ କ୍ୟାବିନେଟ୍ ମନ୍ତ୍ରୀ ଭାବରେ ସ୍ଥାନୀତ ହୋଇଥିଲେ ।

ନନ୍ଦିନୀ ଛାତ୍ରାବସ୍ଥାରୁ ଜନସାଧାରଣଙ୍କ ଅଭାବ ଅସୁବିଧା, ବିପଦ ଆପଦ ଏବଂ ଦୁଃଖ ସମୟରେ ସେମାନଙ୍କ ନିକଟରେ ପହଞ୍ଚି ଯାଉଥିଲେ । ଗରିବ, ଖଟିଖିଆ ଓ ସମାଜର ତଳେ ପଡ଼ିଥିବା ଲୋକମାନଙ୍କୁ ନିଜର ହକ୍ ସାବ୍ୟସ୍ତ କରିବା ପାଇଁ ସେମାନଙ୍କୁ ସଚେତନ କରିବା ସହିତ ତାଙ୍କ ଭିତରେ ପ୍ରତିବାଦ ଗଢ଼ି ତୋଳୁଥିଲେ । ବାପା କାଳିନ୍ଦୀଚରଣ ଏବଂ କକେଇ ଭଗବତୀଚରଣଙ୍କ ଆଦର୍ଶରେ ପ୍ରଭାବିତ ହୋଇ ତାଙ୍କର କର୍ମମୟ ଜୀବନ କମ୍ୟୁନିଷ୍ଟରୁ ଆରମ୍ଭ ହୋଇଥିବାରୁ ସେ ସାମ୍ୟବାଦୀ ଚିନ୍ତାଧାରାରେ ଆପ୍ଳୁତ ହୋଇଥିଲେ । ଯେଉଁଥିପାଇଁ ମୁଖ୍ୟମନ୍ତ୍ରୀ ହେବାପରେ ସେ କେତେଗୁଡ଼ିଏ ନୂତନ ପ୍ରଗତିଶୀଳ ଆଇନ୍ ତିଆରି କରିବାକୁ ଯୋଜନା ଆରମ୍ଭ କରିଦେଇଥିଲେ । ପ୍ରଥମଥର ମୁଖ୍ୟମନ୍ତ୍ରୀତ୍ୱର ସ୍ୱଳ୍ପ ଅବଧି ମଧ୍ୟରେ ତାହା ସମ୍ଭବ ହୋଇପାରିନଥିଲା । ବର୍ଷକ ପରେ ଯେତେବେଳେ ପୁନର୍ବାର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଗ୍ରହଣ କଲେ, ତାଙ୍କର ସୁଦୂରପ୍ରସାରୀ ଯୋଜନା ସବୁକୁ କାର୍ଯ୍ୟକାରୀ କରାଇବା ପାଇଁ ସେ ପ୍ରାଣପଣେ ଲାଗିପଡ଼ିଥିଲେ ।

Digitized by PPRACHIN, SOA

ନନ୍ଦିନୀଙ୍କର ସର୍ବପ୍ରଥମ କାର୍ଯ୍ୟ ଥିଲା ଭୂମିହୀନ ବ୍ୟକ୍ତିମାନଙ୍କୁ ଜମି ବଣ୍ଟନ । ସାମାଜିକ ନ୍ୟାୟ ପ୍ରତିଷ୍ଠା ନିମନ୍ତେ ଏକ ସାହସିକ ପଦକ୍ଷେପ ନେଇ ସରକାରୀ ଅନାବାଦୀ, ଘରଡ଼ିହ ଓ ଚାଷଜମିକୁ ଭୂମିହୀନ ବ୍ୟକ୍ତିମାନଙ୍କ ମଧ୍ୟରେ ବଣ୍ଟନ ନିମିତ୍ତ ସେ ଏକ ଜନାଭିମୁଖୀ କାର୍ଯ୍ୟକ୍ରମ ଗ୍ରହଣ କରିଥିଲେ । ୧୯୭୪ ମସିହା ଅପ୍ରେଲ ୧ ତାରିଖ ଦିନ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ଦ୍ୱାରା ସେ ଉକ୍ତ କାର୍ଯ୍ୟକ୍ରମର ଉଦ୍‌ଘାଟନ କରାଇଥିଲେ । ସେତେବେଳେ ୨ ଲକ୍ଷ ଏକର ଜମି ବଣ୍ଟନ କରାଯିବା ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ଯାହାକି ୧୯୭୫ ମସିହା ଜାନୁଆରୀ ଶେଷ ସୁଦ୍ଧା ଏହି ଲକ୍ଷ୍ୟ ପୂରଣ ହେବା ସଙ୍ଗେ ସଙ୍ଗେ ୧ ଲକ୍ଷ, ୩୯ ହଜାର ୨୯୪ ଜଣ ଭୂମିହୀନ ବ୍ୟକ୍ତିମାନଙ୍କ ମଧ୍ୟରେ ୨.୨୩ ଲକ୍ଷ ଏକର ଜମି ବଣ୍ଟନ କରାଯାଇଥିଲା । ଏଥିରେ ଘରଡ଼ିହ ନଥିବା ପରିବାରକୁ ଅନ୍ୟୂନ ଚାରିଗୁଣ୍ଠ ସରକାରୀ ଜମି ଯୋଗାଇଦେବାର ସୁବ୍ୟବସ୍ଥା କରାଯାଇଥିଲା । ତା'ଛଡ଼ା ଏହି ଯୋଜନାରେ ଆଦିବାସୀ, ହରିଜନ ଏବଂ ଅନ୍ୟାନ୍ୟ ପଛୁଆ ଜାତିର ବ୍ୟକ୍ତିମାନେ ହିଁ ବିଶେଷ ଭାବରେ ଅନ୍ତର୍ଭୁକ୍ତ ହୋଇଥିଲେ । ଏହି କାର୍ଯ୍ୟକ୍ରମକୁ ଏତେ କଡ଼ାକଡ଼ି ଭାବରେ ପାଳନ କରାଯାଇଥିଲା ଯେ, ଜିଲ୍ଲାପାଳମାନେ ବାଦବୁଦିଆ ହୋଇ କିଏ କେତେ ଜମି ବାଣ୍ଟିଲେ, ତା'ର ହିସାବ ମୁଖ୍ୟମନ୍ତ୍ରୀଙ୍କୁ ଦେଉଥିଲେ । ଏଠାରେ ଉଲ୍ଲେଖନୀୟ ଯେ, ପରବର୍ତ୍ତୀ ସମୟରେ ଏହି କାର୍ଯ୍ୟକ୍ରମଟି ବିଂଶସୂତ୍ରୀ କାର୍ଯ୍ୟକ୍ରମରେ ସ୍ଥାନୀତ ହୋଇଥିଲା ।

ନନ୍ଦିନୀଙ୍କ ମୁଖ୍ୟମନ୍ତ୍ରୀତ୍ୱ କାଳରେ ଓଡ଼ିଶାର ତଥା ଓଡ଼ିଶାବାସୀଙ୍କର ସାମୂହିକ ଉନ୍ନତି ନିମନ୍ତେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ତାଙ୍କର ଅଧିକାଂଶ କାର୍ଯ୍ୟକ୍ରମ ଗ୍ରାମାଭିମୁଖୀ ଏବଂ ସମାଜର ଆର୍ଥିକ ସ୍ତରରେ ପଛୁଆ ଲୋକମାନଙ୍କ ହିତ ସାଧନ ନିମନ୍ତେ ଉଦ୍ଦିଷ୍ଟ ଥିଲା କହିଲେ ଅତ୍ୟୁକ୍ତି ହେବନାହିଁ । ତାଙ୍କ ଦ୍ୱାରା ଐତିହାସିକ ପ୍ରଗତିଶୀଳ ଭୂସଂସ୍କାର ଆଇନ୍‌ର ପ୍ରବର୍ତ୍ତନ ଯାହାର ଏକ ଜ୍ୱଳନ୍ତ ଉଦାହରଣ । ୧୯୫୨ ମସିହାରେ ନବକୃଷ୍ଣ ଚୌଧୁରୀଙ୍କ ସରକାର ଏହି ଆଇନ୍‌ର ଆଦ୍ୟ ନିୟାମକ ଥିଲେ ମଧ୍ୟ ଏହା ସେତେବେଳେ ଅଧିକ ସ୍ପଷ୍ଟ ହୋଇନଥିବାରୁ ବିଶେଷ ସଫଳତା ଲାଭ କରିପାରି ନଥିଲା । ୧୯୭୨ ମସିହାରେ ନନ୍ଦିନୀଙ୍କ ପ୍ରଥମ ମନ୍ତ୍ରିମଣ୍ଡଳ ସମୟରେ ଏହା ଉପରେ ଏକ ଚିଠା ପ୍ରସ୍ତାବ ପ୍ରସ୍ତୁତ କରାଯାଇ, ତାଙ୍କର ଦ୍ୱିତୀୟ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ଆଇନ୍‌ରେ ପରିଣତ ହୋଇ କଡ଼ାକଡ଼ି ଭାବରେ କାର୍ଯ୍ୟକାରୀ କରାଯାଇଥିଲା ।

ଏହି ଭୂସଂସ୍କାର ଆଇନ୍ ଅନୁସାରେ ପରିବାର ପିଛା ଜମିର ସର୍ବୋଚ୍ଚ ସୀମା ଦଶ ଷ୍ଟାଣ୍ଡାର୍ଡ ଏକର ସ୍ଥିରୀକୃତ ହୋଇଥିଲା । ଯେଉଁମାନଙ୍କ ପରିବାର ବିଭାଜନ ହୋଇନାହିଁ, ସେମାନଙ୍କ ପରିବାରର ସାବାଳକ ଓ ନାବାଳକଙ୍କୁ ମିଶାଇ ଏକ ପରିବାର ହିସାବରେ

Digitized by PPRACHIN, SOA

ଧରାଯାଇ ଜମିର ସର୍ବୋଚ୍ଚ ସୀମା ନିର୍ଦ୍ଧାରଣ କରିବାକୁ ବ୍ୟବସ୍ଥା ହେଲା । ପରିବାରର ସଦସ୍ୟ ସଂଖ୍ୟା ପାଞ୍ଚରୁ ଊର୍ଦ୍ଧ୍ୱ ଥିଲେ କ୍ରମାନ୍ୱୟରେ ଅଠର ଏକର ପର୍ଯ୍ୟନ୍ତ ଜମି ରଖିବା ପାଇଁ ସୀମା ଧାର୍ଯ୍ୟ କରାଗଲା । ଏହାକୁ 'ସିଲିଂ' ବୋଲି କୁହାଗଲା । ପ୍ରଚୁର ଭୂସମ୍ପତ୍ତି ଥିବା ଜମି ମାଲିକମାନଙ୍କଠାରୁ ସିଲିଂ ବହିର୍ଭୁତ ଜମି ଆଣି ଭୂମିହୀନମାନଙ୍କୁ ବାଣ୍ଟିବା ନିମନ୍ତେ ସରକାର ଏହି ଆଇନ୍‌ରେ ବ୍ୟବସ୍ଥା ରଖିଥିଲେ । ଏତଦ୍‌ବ୍ୟତୀତ ଏଥିରେ ଭାଗଚାଷୀ ଓ ପ୍ରକୃତ କୃଷିଜୀବୀମାନଙ୍କୁ ଭୂମି ଉପରେ ଅଧିକାର ଦେବା ଉପରେ ନନ୍ଦିନୀ ପଦକ୍ଷେପ ନେଇଥିଲେ । ଅସ୍ଥାୟୀ ପଟ୍ଟା ପାଇଥିବା ରୟତ, ଛୋଟଚାଷୀ ଓ ଭାଗଚାଷୀମାନଙ୍କ ମଧ୍ୟରେ ଜମିର ଯୁକ୍ତିଯୁକ୍ତ ତଥା ସମାନ ଭାବେ ସର୍ବୋଚ୍ଚ ସୀମା ନିର୍ଦ୍ଧାରଣ କରିବା ସଙ୍ଗେ ସଙ୍ଗେ ସେମାନଙ୍କ ନିକଟରେ ଥିବା ଜମିର ସତ୍ତ୍ୱାଧିକାର ସାବ୍ୟସ୍ତ କରିବା ନିମନ୍ତେ ସମ୍ପୃକ୍ତ ବ୍ୟକ୍ତିମାନେ ବିଶେଷ ସୁବିଧା ସୁଯୋଗ ପାଇବା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା । 'ଲଙ୍ଗଳ ଯାହାର ଜମି ତାହାର' ନୀତିରେ ପ୍ରକୃତ ଚାଷୀକୁ ପ୍ରଶାସନ ସହଯୋଗ କରିବାକୁ ବ୍ୟବସ୍ଥା ହେବା ସହ ସେମାନଙ୍କ ସ୍ୱାର୍ଥର ସଂରକ୍ଷଣ କରିବାକୁ ନିଷ୍ପତ୍ତି ହୋଇଥିଲା । ଜମିରେ କିଛି ଗୋଳମାଳ ହେଲେ ଉକ୍ତ ଜମିର ଫସଲକୁ ତହସିଲଦାର ତୃତୀୟ ପକ୍ଷକୁ ମାର୍ଫତଦାର ନ କରି ଅନେକ କ୍ଷେତ୍ରରେ ଜମି ମାଲିକମାନଙ୍କୁ ମାର୍ଫତଦାର କରୁଥିଲେ । ଏ କ୍ଷେତ୍ରରେ କେବଳ ଭାଗଚାଷୀଙ୍କୁ ହିଁ ରିସିଭର୍ କରାଯିବା ନିମନ୍ତେ ରାଜସ୍ୱ ବିଭାଗ ନିଷ୍ପତ୍ତି ଗ୍ରହଣ କରିଥିଲେ । ଏହି ଭୂସଂସ୍କାର ଆଇନ୍ ଅନୁସାରେ ଭାଗଚାଷୀମାନଙ୍କୁ ମାଲିକାନା ସତ୍ତ୍ୱ ଦେବାକୁ ସରଳ ବ୍ୟବସ୍ଥାମାନ ଗ୍ରହଣ କରାଯାଇଥିଲା । ଜମିର ସର୍ବୋଚ୍ଚ ସୀମା ନିର୍ଦ୍ଧାରଣ ସମୟ ୧୯୭୧ ମସିହାକୁ ଧାର୍ଯ୍ୟ କରାଯାଇଥିଲା । କାରଣ ଏହି ଆଇନ୍ ପ୍ରବର୍ତ୍ତନ ହେବାର ଜାଣିଯିବା ପରେ ବହୁ ଭୂସ୍ୱାମୀ ଧାର୍ଯ୍ୟ ସୀମା ମଧ୍ୟରେ ରହି ବଳକା ଜମିକୁ ହସ୍ତାନ୍ତର କରିଦେବାର ଆଶଙ୍କା ରହିଥିଲା । ଏହି ଐତିହାସିକ ଭୂ-ସଂସ୍କାର ଆଇନ୍ ପ୍ରଣୟନ କରି ନନ୍ଦିନୀ ବହୁ ସ୍ୱାର୍ଥାନ୍ୱେଷୀ ବ୍ୟକ୍ତିମାନଙ୍କ ସମାଲୋଚନାର ଶରବ୍ୟ ହୋଇଥିଲେ ମଧ୍ୟ ସେଥିପ୍ରତି ସେ ଭ୍ରୁକ୍ଷେପ କରିନଥିଲେ । କମ୍ୟୁନିଷ୍ଟ ନେତା ରାମକୃଷ୍ଣ ପତି ସେତେବେଳେ ତାଙ୍କୁ କହିଥିଲେ, 'ତୁମେ ଯେଉଁ ଆଇନ୍‌ଟା କରିଛ, କେରଳର ନମ୍ବୁଦିପଦ ବି ଏମିତି ରାଡିକାଲ ଆଇନ୍ କରିନାହାନ୍ତି ।' ନନ୍ଦିନୀଙ୍କ ପରଲୋକ ସମୟରେ ଭାରତର ପ୍ରଧାନମନ୍ତ୍ରୀ ଡଃ ମନମୋହନ ସିଂହ ତାଙ୍କ ଶୋକବାର୍ତ୍ତାରେ 'ଭୂସଂସ୍କାର କ୍ଷେତ୍ରରେ ତାଙ୍କର ଦୃଢ଼ ପଦକ୍ଷେପ ତାଙ୍କୁ ସବୁଦିନ ପାଇଁ ଅମର ରଖିବ' ବୋଲି ମତବ୍ୟକ୍ତ କରି ନନ୍ଦିନୀଙ୍କ ସମ୍ପର୍କରେ ଏକ ଯଥାର୍ଥ ସ୍ୱୀକାରୋକ୍ତି ପ୍ରଦାନ କରିଥିଲେ । ଏଠାରେ ସୂଚୀତ କରାଯାଇପାରେ ଯେ, ସମ୍ବିଧାନ ସଂଶୋଧନ ସମୟରେ ଓଡ଼ିଶାରେ ଗୃହୀତ ଏହି ଭୂସଂସ୍କାର ଆଇନ୍‌ଟି ସମ୍ବିଧାନର ନବମ ଅନୁଚ୍ଛେଦରେ ଅନ୍ତର୍ଭୁକ୍ତ କରାଯାଇଥିଲା ।

Digitized by PPRACHIN, SOA

ଏତଦ୍‌ବ୍ୟତୀତ ପଞ୍ଚମ ଦଶକରେ ଜମିଦାରୀ ପ୍ରଥା ଉଚ୍ଛେଦ ଆଇନ୍ ଅନୁସାରେ ଜମିଦାରୀ ଓ ମଧ୍ୟସତ୍ତ୍ୱାଧିକାର ପ୍ରଥା ଉଠିଯାଇଥିଲେ ମଧ୍ୟ ଧର୍ମ ସମ୍ବନ୍ଧୀୟ ମଠ, ମନ୍ଦିର ତଥା ଦାତବ୍ୟ ସେବାସଂସ୍ଥାଗୁଡ଼ିକର ଯେଉଁ ଇଷ୍ଟେଟ୍ ଥିଲା, ସେଗୁଡ଼ିକରୁ ସେଯାଏଁ ଉଠିନଥିଲା । ହୁଏତ ଲୋକମାନଙ୍କର ଧର୍ମୀୟ ଭାବନା ଉପରେ ପ୍ରତିକୂଳ ପ୍ରଭାବ ପକାଇବାର ସମ୍ଭାବନା ଥିବାରୁ ପୂର୍ବ ସରକାରମାନେ ଏ ଦିଗରେ ସାମାନ୍ୟତମ ଉଦ୍ୟମ ମଧ୍ୟ କରିନଥିଲେ । ଏ କ୍ଷେତ୍ରରେ ନନ୍ଦିନୀ ଦୃଢ଼ ପଦକ୍ଷେପ ଗ୍ରହଣ କରିଥିଲେ । ସେତେବେଳେ ଓଡ଼ିଶାରେ ଥିବା ପ୍ରାୟ ତେର ହଜାର ମଠ ଓ ମନ୍ଦିର ଟ୍ରଷ୍ଟ ଇଷ୍ଟେଟ୍‌ର ଉଚ୍ଛେଦ ନିମନ୍ତେ ସରକାରୀ ଗେଜେଟ୍ ନୋଟିଫିକେସନ୍ ମାଧ୍ୟମରେ ପ୍ରକାଶ କରାଯାଇ ସମସ୍ତ ଟ୍ରଷ୍ଟ ବୋର୍ଡକୁ ସରକାର ହାତକୁ ନେଲେ ବୋଲି ଘୋଷଣା କରାଗଲା । ଟ୍ରଷ୍ଟ ଇଷ୍ଟେଟ୍‌ମାନଙ୍କ ଅଧୀନରେ ଥିବା ରୟତ ଓ ଚାଷୀମାନେ ସରକାରଙ୍କ ସହିତ ସମ୍ପୃକ୍ତ ମାମଲାଗୁଡ଼ିକ ବିଷୟରେ ସିଧାସଳଖ ସମ୍ପର୍କ ସ୍ଥାପନ କରିପାରିବାର ବ୍ୟବସ୍ଥା ହେଲା । ୧୯୭୪ ମସିହାରେ ଏହି ଟ୍ରଷ୍ଟବୋର୍ଡ ଉଚ୍ଛେଦର ସରକାରୀ ଘୋଷଣାନାମା ପରେ, ସରକାରଙ୍କୁ ଅଯଥା ବଦନାମ କରିବା ପାଇଁ ଶ୍ରୀଜଗନ୍ନାଥ ଆଜିଠାରୁ ଭୂମିହୀନ ହେଲେ ବୋଲି ପ୍ରଚାର କରାଇ କେତେକ ବିରୋଧୀ ଚକ୍ରାନ୍ତକାରୀ ସେବକମାନଙ୍କୁ ଉସୁକାଇ ରଥଯାତ୍ରାର ପହଣ୍ଡିରେ ଅଯଥା ବିଳମ୍ବ ରଚାଇଥିଲେ । ହାଇକୋର୍ଟ ଏବଂ ସୁପ୍ରିମ୍‌କୋର୍ଟରେ ଏଥିପାଇଁ ମାମଲା ମଧ୍ୟ ରୁଜୁ ହୋଇଥିଲା । ହେଲେ ଏହାର ୧୪ ବର୍ଷ ପରେ ଅର୍ଥାତ୍ ୧୯୮୮ ମସିହା ନଭେମ୍ବର ମାସରେ ସୁପ୍ରିମକୋର୍ଟ ଏହି ନିଷ୍ପତ୍ତିକୁ ଆଇନସିଦ୍ଧ ବୋଲି ତାଙ୍କର ଐତିହାସିକ ରାୟ ପ୍ରଦାନ କରିଥିଲେ ।

ଏହାପରେ ମହାଜନୀ କାରବାର ବନ୍ଦ କରିବା ନନ୍ଦିନୀଙ୍କର ଥିଲା ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ସେତେବେଳେ ଗ୍ରାମାଞ୍ଚଳର ସୁଧଖୋର ମହାଜନ୍‌ମାନେ ଗରିବ ଲୋକମାନଙ୍କୁ ଅସୁବିଧା ସମୟରେ ଋଣ ଦେଇ ସେମାନଙ୍କଠାରୁ ବହୁଗୁଣରେ ଅର୍ଥ ଆଦାୟ କରୁଥିଲେ । ସ୍ଥଳ ବିଶେଷରେ ଯଦି କେହି ଋଣ ଶୁଝିପାରୁନଥିଲେ ତେବେ ମୂଳ ଅର୍ଥର ସୁଧ ବାବଦକୁ ତାଙ୍କ ଘରେ ଥିବା ମୂଲ୍ୟବାନ ପଦାର୍ଥ, ଏପରିକି ଜମିବାଡ଼ି, ଘରଡ଼ିହ ମଧ୍ୟ ଶାଗ ମାଛ ମୂଲରେ ନେଇଯାଇ ସେମାନଙ୍କୁ ତଳିତଳାନ୍ତ କରିଦେଉଥିଲେ । ମହାଜନମାନଙ୍କ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାକୁ କେହି ସାହସ ବି କରିପାରୁନଥିଲେ । ସେମାନଙ୍କ ଶୋଷଣରୁ ଗରିବ, ଖଟିଖିଆ ଲୋକମାନଙ୍କୁ ମୁକ୍ତି ଦେବାପାଇଁ ଏକ ଆଇନ୍ ପ୍ରଣୟନ କରି ନନ୍ଦିନୀ ବହୁ ଧନୀ ବ୍ୟକ୍ତିମାନଙ୍କ ବିଷଦୃଷ୍ଟିରେ ପଡ଼ିଥିଲେ । ହେଲେ ଗ୍ରାମାଞ୍ଚଳର ଗରିବ ଦିନମଜୁରିଆମାନଙ୍କ ପାଇଁ ଏହି ଆଇନ୍ କରି ସେମାନଙ୍କର ଅଶେଷ କଲ୍ୟାଣ ସାଧନ କରିଥିଲେ ।

Digitized by PPRACHIN, SOA

ଏଠାରେ ଭିନ୍ନ ଦିଗଟି ପ୍ରତି ମଧ୍ୟ ଦୃଷ୍ଟି ନିକ୍ଷେପ କରିବା ଆବଶ୍ୟକ ମନେହୁଏ । ତାହାହେଲା, ଭୂସଂସ୍କାର ଆଇନ୍ ହେଉ ବା ଜମିଦାରୀ ପ୍ରଥାର ଉଚ୍ଛେଦ ଆଇନ୍ ଅଥବା ମହାଜନୀ କାରବାର ବିଲୋପ ଆଇନ୍; ନନ୍ଦିନୀଙ୍କ ଦ୍ୱାରା ପ୍ରଣିତ ଏହିସବୁ ପ୍ରଗତିଶୀଳ ଜନସ୍ୱାର୍ଥନିହିତ ପଦକ୍ଷେପକୁ ଅନେକେ ସେବେ ବି, ଆଉ ଏବେ ବି ଐତିହାସିକ ବୋଲି ଅଭିହିତ କରିଥାନ୍ତି । ମାତ୍ର କେହି କେହି ସମାଲୋଚନା ଛଳରେ ଏହାଦ୍ୱାରା ସୁଫଳ ମିଳିନାହିଁ ବୋଲି କ୍ଷୋଭ ମଧ୍ୟ ପ୍ରକାଶ କରିଥାନ୍ତି । ବିଶେଷକରି ଏହିସବୁ ଆଇନ୍‌ର କିମ୍ଭୁତ କିମାକାର ତର୍ଜମା କରି ରାଜ୍ୟର କୃଷି ଉତ୍ପାଦନକୁ ଏହା ନିରୁତ୍ସାହିତ କରିଥିବାର ଅଭିଯୋଗଟି ମଧ୍ୟ କରିଥାନ୍ତି । ତେବେ ଅତୀତର ଇତିହାସକୁ ଭୁଲିଯିବା ଉଚିତ ନୁହେଁ ଯେ, ସତୁରୀ ଦଶକରେ ଓଡ଼ିଶାର ଏକ ବୃହତ୍ ଜନଗୋଷ୍ଠୀଙ୍କ ଦୁର୍ଦ୍ଦଶା, ଦାରିଦ୍ର୍ୟ ଏବଂ ସେମାନଙ୍କ ଉପରେ ହେଉଥିବା ଅକଥନୀୟ ଅତ୍ୟାଚାର-ଶୋଷଣ-କଷଣ ଓ ପ୍ରଜାପୀଡ଼ନକୁ ଆଖିଆଗରେ ରଖି କରାଯାଇଥିଲା ଏହି ଆଇନ୍ । ପରବର୍ତ୍ତୀ ସମୟରେ ଏଥିରେ ଆଉ କୌଣସି ପରିବର୍ତ୍ତନ କରାଯିବ ନାହିଁ ବା ଏହାକୁ ସମୟପୋଯୋଗୀ କରି ଆଗେଇ ନିଆଯିବ ନାହିଁ ବୋଲି ତ କାହାକୁ ବାରଣ କରାଯାଇନଥିଲା ! ସ୍ୱାଧୀନୋତ୍ତର ଓଡ଼ିଶାରେ ୧୯୫୨-୫୬ ମସିହାରେ ନବକୃଷ୍ଣ ଚୌଧୁରୀ ସରକାରଙ୍କ ସମୟକୁ ଛାଡ଼ିଦେଲେ ପରବର୍ତ୍ତୀ ୨୦ ବର୍ଷର ରାଜନୈତିକ ଇତିହାସ ତର୍ଜମା କଲେ ଦେଖାଯାଏ ଯେ, ବିଲୁଆ ଦଳ ଷଣ୍ଢ-କୁଜ ପଛରେ ଧାଇଁବା ଭଳି ଆମର ନେତାମାନେ ମୁଖ୍ୟମନ୍ତ୍ରୀ ଚଉକି ପଛରେ ଧାବମାନ ଥିଲେ । ଭ୍ରଷ୍ଟାଚାର-ଅର୍ଥାଚାର ଭିତରେ ବୁଡ଼ିରହି କମିଶନ ପରେ କମିଶନ ବସାଇ ପରସ୍ପରକୁ କାଦୁଅ ଫୋପଡ଼ା ରାଜନୀତିରେ ଲିପ୍ତ ରହିଲେ ରାଜ୍ୟର ବିକାଶ ବା କୃଷିର ବିକାଶ ହୁଏନାହିଁ । ଅନ୍ୟପକ୍ଷରେ ବନ୍ଦର, କାରଖାନା, ଶିଳ୍ପ ଆଉ ଖଣିରୁ ଚାଉଳ, ଡାଲି, ପରିବା ଆମଦାନୀ ହୁଏନାହିଁ କିମ୍ବା ଗୋ ସମ୍ପଦର ବିକାଶ ଘଟେନାହିଁ । ପରବର୍ତ୍ତୀ ସମୟରେ ଅଶୀ ଦଶକରୁ ନାରା ଉଠିଲା ହଜାରେ ଦିନରେ ହଜାରେ ଶିଳ୍ପ । ଏବେ ଦୁଇହଜାର ମସିହା ପରେ ଗରିବ ଚାଷୀମାନଙ୍କୁ ଦୁଇଟଙ୍କିଆ ଚାଉଳ ଦେଇ ଏମ୍.ଓ.ୟୁ ଦସ୍ତଖତ କରି ଖଣି ବିକି ବିକାଶର ଡେଙ୍ଗୁରା ପିଟାଯାଉଛି । କୃଷିର ବିକାଶ କିପରି ହେବ ? ଅତଏବ, ସମାଜର ତୃଣମୂଳ ସ୍ତରରେ ସାଧାରଣ ଲୋକମାନଙ୍କ ସହିତ ସହଜରେ ମିଶିପାରୁଥିବା ନନ୍ଦିନୀ ସେମାନଙ୍କ ଅଭାବ ଅସୁବିଧାକୁ ମଧ୍ୟ ସହଜରେ ହୃଦୟଙ୍ଗମ କରି କାର୍ଯ୍ୟପନ୍ଥା ଗ୍ରହଣ କରୁଥିଲେ । ବାମପନ୍ଥୀ ବା ସାମ୍ୟବାଦୀ ଚିନ୍ତନରେ ବିଶ୍ୱାସ ସ୍ଥାପନ କରି ସେ ତାଙ୍କର କର୍ମମୟ ଜୀବନ ଆରମ୍ଭ କରିଥିଲେ । ନିଜର ଗାଦୀ ରକ୍ଷା ପାଇଁ ମୁଷ୍ଟିମେୟ ପୁଞ୍ଜିପତିମାନଙ୍କୁ ତୁଷ୍ଟ ନ କରି ସେ 'ବହୁଜନ ହିତାୟ' ଉପରେ ଗୁରୁତ୍ୱ ଦେଇଥିଲେ । ଦେଶୀ ବିଦେଶୀ ଲାଭଖୋର କମ୍ପାନୀମାନଙ୍କୁ ଡାକିଆଣି ନିଜ

Digitized by PPRACHIN, SOA

ରାଜ୍ୟର ଭୂସମ୍ପତ୍ତି ଏବଂ ଭୂତଳ ଖଣିଜ ସମ୍ପଦକୁ ଶାଗ ମାଛ ଦରରେ ବିକି ବିକାଶ କରିବା ପରିବର୍ତ୍ତେ, ରାଜ୍ୟବାସୀଙ୍କୁ ସ୍ୱାବଲମ୍ବନଶୀଳ ହେବାପାଇଁ ସେମାନଙ୍କ ହାତରେ ଜମି ଧରାଇଥିଲେ, କୁଟୀର ଶିଳ୍ପ ପାଇଁ ପ୍ରୋତ୍ସାହନ ଯୋଗାଇଥିଲେ ଓ ଜମିଦାରମାନଙ୍କ ଅତ୍ୟାଚାରରୁ ସେମାନଙ୍କୁ ସ୍ୱାଧୀନ କରାଇଥିଲେ । ଲୋକମାନଙ୍କ ହିତ ପାଇଁ, ସେମାନଙ୍କ ଭିତରେ ପ୍ରଗତିଶୀଳ ଚିନ୍ତାଧାରାର ଜାଗରଣ ପାଇଁ ସେ କାୟମନୋବାକ୍ୟରେ ସମସ୍ତ ପଦକ୍ଷେପ ଗ୍ରହଣ କରିଥିଲେ । ସମ୍ପ୍ରତି ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ବେଦାନ୍ତ ଭଳି ଲାଭଖୋର କମ୍ପାନୀ ହାତକୁ ଲୋକଙ୍କ ଦ୍ୱାରା ଗୋଟିଏ ନିର୍ବାଚିତ ସରକାର ସାଧାରଣ ଜନତାର ବିରୋଧକୁ ଖାତିର ନ କରି ସମସ୍ତ ନୀତି ନିୟମ ଉଲଂଘନ କରି ପ୍ରଚୁର ଭୂସମ୍ପତ୍ତି ଟେକିଦେବାକୁ ଯେଭଳି ହୀନ ଉଦ୍ୟମ କରିଥିଲେ, ଅତୀତରେ ସେଇ ବେଳାଭୂମିର ମୂଲ୍ୟବାନ ଜମି ଉପରେ କମ୍ପାନୀ ପ୍ରତିଷ୍ଠା କରି ମୁନାଫା କମାଇବା ପାଇଁ ଆସିଥିବା ଅନ୍ୟ ଗୋଟିଏ ବିଦେଶୀ କମ୍ପାନୀର ଅନୁରୋଧକୁ ନନ୍ଦିନୀ ରୋକଠୋକ୍ ଭାବରେ ପ୍ରତ୍ୟାଖ୍ୟାନ କରିଦେଇଥିଲେ । କୃଷିର ଉନ୍ନତି ପାଇଁ ଜଳସେଚନକୁ ଅଧିକ ଗୁରୁତ୍ୱ ଦିଆଯାଇଥିଲା ତାଙ୍କ ସରକାର ସମୟରେ । ମାତ୍ର ଦୁଃଖର କଥା, ଏତେ ସବୁ ପ୍ରଗତିଶୀଳ ଯୋଜନା, ଏତେ ସବୁ ବାସ୍ତବ ବିକାଶର ଧାରାକୁ ପରବର୍ତ୍ତୀ ସରକାରମାନେ ଆଗକୁ ନେବାରେ ସାମାନ୍ୟତମ ପ୍ରଚେଷ୍ଟା ମଧ୍ୟ କରିନଥିଲେ । ଏ ସମ୍ପର୍କରେ ଦୈନିକ ସମାଜକୁ ତା ୨୦ ମେ ୨୦୦୧ ମସିହାରେ ଏକ ସାକ୍ଷାତକାର ଦେଇ ନନ୍ଦିନୀ କହୁଥିଲେ, "ଏହା ହିଁ ଆଶ୍ଚର୍ଯ୍ୟର ବିଷୟ । ମୁଁ ଏଥିରେ ଆଶ୍ଚର୍ଯ୍ୟ ହେଉଛି ଯେ ସେମାନେ କାହିଁକି ଏହାକୁ ଆଗେଇ ନେଉନାହାନ୍ତି । ସେତେବେଳର ଯେଉଁ ପରିସଂଖ୍ୟାନ ଥିଲା, ତାହାକୁ ସେମାନେ ଆଜି ବି ଦେଉଛନ୍ତି । ସେତେବେଳେ ଯାହା ବଳକା ଜମି ବଣ୍ଟନ ହୋଇଥିଲା, ଏବେ ମଧ୍ୟ ସେହି ପରିସଂଖ୍ୟାନ ଦିଆଯାଉଛି । ଗୋଟିଏ କଥା ସତ କହିବାକୁ ଗଲେ, ସେମାନେ ଦଳ ପ୍ରତି ନିଷ୍ଠାପର ନୁହନ୍ତି, ରାଜ୍ୟ ପ୍ରତି ନିଷ୍ଠାବାନ ନୁହନ୍ତି, ଲୋକଙ୍କ ପାଇଁ ବି ନିଷ୍ଠାବାନ ନୁହନ୍ତି । କେବଳ କଂଗ୍ରେସ ସରକାର କାହିଁକି, ସବୁ ସରକାର ଏହା କରିପାରିଥାନ୍ତେ ।"

ରାଜ୍ୟର ଜଳସେଚନ ବ୍ୟବସ୍ଥାକୁ ମଧ୍ୟ ନନ୍ଦିନୀ ତ୍ୱରାନ୍ୱିତ କରାଇଥିଲେ । ତାଙ୍କ ସରକାର ଅନେକଗୁଡ଼ିଏ ଉଠା ଜଳସେଚନ ବସାଇବା ସଙ୍ଗେ ସଙ୍ଗେ ଅସମ୍ପୂର୍ଣ୍ଣ ରହିଥିବା କ୍ଷୁଦ୍ର ଏବଂ ମଧ୍ୟମ ଜଳସେଚନ ଯୋଜନାଗୁଡ଼ିକର ପୂର୍ଣ୍ଣାଙ୍ଗ ପାଇଁ ବାସ୍ତବ ପଦକ୍ଷେପ ଗ୍ରହଣ କରିଥିଲେ । ଏଥିପାଇଁ ସେତେବେଳକାର ଯୋଜନା କମିଶନର ସଦସ୍ୟ ଶିବରମଣଙ୍କୁ ପ୍ରଭାବିତ କରି କେନ୍ଦ୍ରୀୟ ବ୍ୟୟବରାଦ ଅର୍ଥରାଶିକୁ ବୃଦ୍ଧି କରାଇଥିଲେ । ତାଙ୍କ ପ୍ରଚେଷ୍ଟାରେ ୧୯୭୫ ମସିହା ମାର୍ଚ୍ଚ ସୁଦ୍ଧା ପ୍ରାୟ ୧୧୩ଟି ଜଳସେଚନ ପ୍ରକଳ୍ପ

Digitized by PPRACHIN, SOA

ପ୍ରତିଷ୍ଠା ହୋଇପାରିଥିଲା । ଏହି ସମୟରେ ହିଁ ରେଙ୍ଗାଲି ପ୍ରୋଜେକ୍ଟ ଏବଂ ଅପର କୋଲାବ୍ ଜଳପ୍ରକଳ୍ପର ଶୁଭାରମ୍ଭ କରାଯାଇଥିଲା । ଅପର କୋଲାବ୍ ଜଳବିଦ୍ୟୁତ୍ ପ୍ରକଳ୍ପ ଶୁଭ ଦେବା ସମୟର ନିଜସ୍ୱ ଅନୁଭବ ତଥା ଚାକ୍ଷୁସ ପ୍ରମାଣ ବର୍ଣ୍ଣନା କରନ୍ତି ତାଙ୍କର ସଚିବ ଥିବା ଏବଂ ପରବର୍ତ୍ତୀ ସମୟରେ ଓଡ଼ିଶାର ମୁଖ୍ୟ ଶାସନ ସଚିବ ହୋଇଥିବା ରମାକାନ୍ତ ରଥ–'ଓଡ଼ିଆର ସ୍ୱାର୍ଥ ପ୍ରତି ତାଙ୍କର ପ୍ରତିବଦ୍ଧତାର ଗୋଟିଏ ଦୃଷ୍ଟାନ୍ତ ଦେଉଛି । ଏକାଧିକ ରାଜ୍ୟରେ ପ୍ରବାହିତ ନଦୀର ଜଳବଣ୍ଟନ ସବୁବେଳେ, ଆଜି ମଧ୍ୟ ଏକ ବିବଦମାନ ବିଷୟ । ପଶ୍ଚିମବଙ୍ଗର ଅଯୌକ୍ତିକ ଦାବି ବିରୋଧରେ ସେ ବିହାର ମୁଖ୍ୟମନ୍ତ୍ରୀଙ୍କ ସମର୍ଥନ ହାସଲ କରି ସୁବର୍ଣ୍ଣରେଖାର ଜଳବଣ୍ଟନ କେନ୍ଦ୍ର ସରକାରଙ୍କ ଅନୁମୋଦନ କ୍ରମେ ଚୂଡ଼ାନ୍ତ କରିଥିଲେ । ଏ ବଣ୍ଟନ ବ୍ୟବସ୍ଥା ଓଡ଼ିଶା ପ୍ରତି ଅନୁକୂଳ । ଓଡ଼ିଶାର ସୀମାଭୁକ୍ତ ଗୋଦାବରୀ ନଦୀର ଅବବାହିକାରେ ପ୍ରବାହିତ ନଦୀଜଳ ବଣ୍ଟନରେ ଆନ୍ଧ୍ରପ୍ରଦେଶ ସରକାରଙ୍କ ସହିତ ଆଲୋଚନା ଆଗେଇ ପାରୁନଥିଲା । ନନ୍ଦିନୀଦେବୀଙ୍କର ହୃଦବୋଧ ହୋଇଥିଲା ଯେ ଆଗତୁରା ପ୍ରକଳ୍ପଟିଏ ଆରମ୍ଭ କରିଦେଇ ନିଜର ଦାବିକୁ ଦୃଢ଼ୀଭୂତ କରିବା ଆନ୍ଧ୍ର ସରକାରଙ୍କ ପାଇଁ ନୂଆକଥା ନୁହେଁ । ସେ ସେହି ଉପାୟ ଅବଲମ୍ବନ କରି ଯୋଜନା କମିଶନର ଉପାଧ୍ୟକ୍ଷ ଶ୍ରୀ ଧରଙ୍କ ସହମତି ହାସଲ କରି କୋଲାବ୍ ନଦୀରେ ବିଦ୍ୟୁତ୍ ଉତ୍ପାଦନ ପାଇଁ ବନ୍ଧ ନିର୍ମାଣର ଶୁଭ ଦେଲେ । ପାଗ ଖରାପ ଥିବାରୁ ବିମାନଯାତ୍ରା ସମ୍ଭବ ହେଲାନାହିଁ । ରାତି ସାରା ମଟରଗାଡ଼ିରେ ଯାଇ ସକାଳେ କୋରାପୁଟରେ ପହଞ୍ଚିଲେ ଓ ଯୋଜନାର ଶୁଭାରମ୍ଭ କଲେ । ଆନ୍ଧ୍ର ସରକାର ପ୍ରତିବାଦ କରିବାରୁ ଉତ୍ତର ଦିଆଗଲା ଯେ, ଜଳ ବିଦୁତ୍ ପ୍ରକଳ୍ପରେ ବିଦ୍ୟୁତ୍ ଉତ୍ପାଦନ ପରେ ସମୁଦାୟ ଜଳ ନଦୀକୁ ଛାଡ଼ିଦିଆଯାଏ । ସୁତରାଂ ଓଡ଼ିଶା ସରକାର ଭବିଷ୍ୟତରେ ଯେଉଁ ବଣ୍ଟନ ବ୍ୟବସ୍ଥା କରିବେ, ତା'ର ବିରୋଧାଚରଣ କଲାଭଳି କୌଣସି କାର୍ଯ୍ୟ କରୁନାହାନ୍ତି । ଆନ୍ଧ୍ରର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଶ୍ରୀ ଭେଙ୍ଗଲରାଓ ଜଣେ ବାସ୍ତବବାଦୀ, ଦୂରଦୃଷ୍ଟିସମ୍ପନ୍ନ ବ୍ୟକ୍ତି ଥିଲେ । ସେ ଓ ନନ୍ଦିନୀଦେବୀ ପରସ୍ପର ସହିତ ଆଲୋଚନା କରି ବଣ୍ଟନ ବ୍ୟବସ୍ଥା ଚୂଡ଼ାନ୍ତ କଲେ ।' (ଦ୍ରଷ୍ଟବ୍ୟ : ଏକ ଅସମ୍ପୂର୍ଣ୍ଣ ବିବରଣୀ ସମ୍ପୂର୍ଣ୍ଣ ଆଲେଖ୍ୟ, ସମାଜ, ୯ ଜୁନ୍ ୨୦୦୮, ପୃ-୬)

ଜଳସେଚନ ସହିତ କୃଷିକୁ ମଧ୍ୟ ଅଗ୍ରାଧିକାର ଦେଇ ନନ୍ଦିନୀ ନୂଆ ନୂଆ ପରିକଳ୍ପନା ପ୍ରସ୍ତୁତ କରିଥିଲେ । ସେଥିମଧ୍ୟରେ ଫଳଚାଷ ଉପରେ ଗୁରୁତ୍ୱାରୋପ କରି ସେ ଏକ ନୂତନ ଯୋଜନା ପ୍ରସ୍ତୁତ କଲେ । ଏହି ଯୋଜନାର ରୂପରେଖ ଥିଲା, ରାଜ୍ୟରେ ଯେତେଗୁଡ଼ିଏ କେନାଲ ରହିଛି ତାହାର ଦୁଇପାର୍ଶ୍ୱର ବନ୍ଧରେ ଉନ୍ନତ କିସମର ନଡ଼ିଆଗଛ ରୋପଣ କରାଯିବ । ଏହାଦ୍ୱାରା ସ୍ୱଳ୍ପ ଖର୍ଚ୍ଚ ଏବଂ ପରିଶ୍ରମରେ ଦୁଇଟି ସ୍ୱାର୍ଥ ସାଧିତ

Digitized by PPRACHIN, SOA

ହୋଇପାରିବ । ଚାରାଗୁଡ଼ିକ ଟିକେ ବଡ଼ ହେବା ପରେ ସେମାନେ କେନାଲରୁ ସ୍ୱତଃ ପାଣି ଗ୍ରହଣ କରି ବଢ଼ିବେ । ଫଳ ଧରିବା ବେଳକୁ ନିକଟସ୍ଥ ଗରିବ ଅଭାବୀ ଚାଷୀମାନଙ୍କୁ କିଛି କିଛି ଗଛ ଲିଜ୍ ସୂତ୍ରରେ ଦେଇ ସରକାର ରାଜସ୍ୱ ସଂଗ୍ରହ କରିବା ସଙ୍ଗେ ସଙ୍ଗେ ନିକଟସ୍ଥ ଗ୍ରାମବାସୀମାନେ ବି ନଡ଼ିଆ ବିକ୍ରିକରି ଦି' ପଇସା ପାଇପାରିବେ । ଏପରି ଏକ ସୁନ୍ଦର ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ନନ୍ଦିନୀ ଟିକେ ଅଡୁଆରେ ପଡ଼ିଯାଇଥିଲେ । କାରଣ ଏ କାମଟା କୃଷି ବିଭାଗ ବୁଝିବା କଥା । ଆଉ କୃଷି ବିଭାଗର ନିର୍ଦ୍ଦେଶକ ଥାଆନ୍ତି ତାଙ୍କ ବଡ଼ଭାଇନା ନୀହାର ରଞ୍ଜନ ପାଣିଗ୍ରାହୀ, ଯାହାଙ୍କୁ କି ତାଙ୍କର ଖୁବ୍ ଡର । ବହୁ ଚିନ୍ତା କରି ଦିନେ ଏକ ଅଫିସିଆଲ ବୈଠକ ଡକାଇଲେ । ସେଥିରେ ସେ ଭାଇନା (ନୀହାରବାବୁ)ଙ୍କୁ ନ ଚାହିଁ ତଳକୁ ମୁହଁ ପୋତି ଏହି ପ୍ରସଙ୍ଗଟି ଉଠାଇଲେ ଏବଂ କହିଲେ, ମୁଁ ଚାହୁଁଛି ଏହାକୁ କାର୍ଯକାରୀ କରିବା ପାଇଁ । ନୀହାରବାବୁ ବି ଥିଲେ ଜଣେ ସଚ୍ଚୋଟ ତଥା ଦକ୍ଷ ଅଫିସର । ତାଙ୍କ ସମୟରେ କୃଷିକ୍ଷେତ୍ରରେ ସେ ଅନେକ ସଂସ୍କାର ଆଣିପାରିଥିଲେ । ସେତେବେଳେ କୃଷି ସହିତ ଉଦ୍ୟାନ ଏବଂ ମୃତ୍ତିକା ସଂରକ୍ଷଣ ବିଭାଗ ମିଶି ରହିଥିଲା । ସମ୍ପୂର୍ଣ୍ଣ ବିଭାଗଟିର ପ୍ରାୟ ସମସ୍ତ କର୍ମଚାରୀ ତାଙ୍କୁ ଭୟ ଏବଂ ଭକ୍ତି କରୁଥିଲେ । ତାଙ୍କ ମନକୁ ବି ଏ କଥାଟି ଖୁବ୍ ପାଇଲା । ସେ ତତ୍‌କ୍ଷଣାତ ଆଦେଶ ଦେଇ ଏହି ଯୋଜନାଟିକୁ କାର୍ଯ୍ୟକାରୀ କରାଇଥିଲେ । କହିବା ବାହୁଲ୍ୟ, ସେତେବେଳେ ସେମାନେ ଭାଇ ଭଉଣୀ ଥାଇ ମଧ୍ୟ ନିଜ ନିଜର ସ୍ୱାର୍ଥ ପାଇଁ କେହି କାହା ଉପରେ ଚାପ ପକାଉନଥିଲେ ଏବଂ ଈର୍ଷା ଅସୂୟା ମନୋଭାବ ପୋଷଣ ନ କରି ଯେଝା ଦାୟିତ୍ୱ ଯିଏ ତୁଲାଉଥିଲେ । ଆଜି ମଧ୍ୟ ଏହି ଯୋଜନାର ସୁଫଳ ଗ୍ରାମାଞ୍ଚଳର ଗରିବ ଚାଷୀମାନେ ଉପଭୋଗ କରୁଛନ୍ତି ।

ନନ୍ଦିନୀ ଏପରି ଯୋଜନା ସବୁ ହାତକୁ ନେଉଥିଲେ ଯେ, ଯେଉଁଥିରେ ସାଧାରଣ ଲୋକଙ୍କର ଉପକାର ହେବା ସଙ୍ଗେ ସଙ୍ଗେ ଓଡ଼ିଶାର ଆର୍ଥିକ ପରିସ୍ଥିତିରେ ମଧ୍ୟ ପରିବର୍ତ୍ତନ ଘଟିପାରିବ । ରାଜ୍ୟର ସାମଗ୍ରିକ ଉନ୍ନତିକୁ ଦୃଷ୍ଟିରେ ରଖି ଶିଳ୍ପର ବିକାଶ ପାଇଁ ସେ ଯତ୍‌ପରୋନାସ୍ତି ଉଦ୍ୟମ କରିଥିଲେ । ଶିଳ୍ପର ପ୍ରସାର ଘଟାଇବା ତାଙ୍କର ଅନ୍ୟତମ ମୁଖ୍ୟ କାର୍ଯ୍ୟକ୍ରମ ଥିଲା । ବେକାରୀ ଦୂରୀକରଣ ନିମନ୍ତେ ଭାରତ ସରକାର ପଞ୍ଚମ ଯୋଜନା କାଳରେ ଦ୍ରୁତ ଶିଳ୍ପାୟନ ପାଇଁ କେନ୍ଦ୍ରୀୟ ସ୍ତରରେ ଯେଉଁ ଅଭିଯାନ ଆରମ୍ଭ କରିଥିଲେ, ସେଥିରେ ନନ୍ଦିନୀ ଓଡ଼ିଶାକୁ ସାମିଲ କରାଇଥିଲେ । ସେ ସମୟରେ ୧୦ କୋଟି ଟଙ୍କା ବ୍ୟୟ ଅଟକଳରେ ଫର୍ମଡ୍ କୋକ୍ ପ୍ଲାଣ୍ଟ, ୪୭.୪୪ କୋଟି ଟଙ୍କା ବ୍ୟୟ ଅଟକଳରେ ତାଳଚେରଠାରେ ସାର କାରଖାନା, ୧୦୪ କୋଟି ଟଙ୍କା ବ୍ୟୟ ଅଟକଳରେ ରାଉରକେଲା ଇସ୍ପାତ କାରଖାନାର ସମ୍ପ୍ରସାରଣ, ୩୮ କୋଟି ଟଙ୍କା ବ୍ୟୟ ଅଟକଳରେ

Digitized by PPRACHIN, SOA

ସୁକିନ୍ଦାଠାରେ ଏକ ନିକେଲ କାରଖାନା, ୧୧ କୋଟି ଟଙ୍କା ବ୍ୟୟ ଅଟକଳରେ ଫେରୋଭାନାଡିୟମ୍ କାରଖାନା, ୨୧ କୋଟି ଟଙ୍କା ବ୍ୟୟ ଅଟକଳରେ ତାଳଚେରଠାରେ ଏକ ଗୁରୁଜଳ କାରଖାନା, ୩୫ କୋଟି ଟଙ୍କା ବ୍ୟୟ ଅଟକଳରେ ସେହି ତାଳଚେରଠାରେ ଏକ ଆଇରନ୍ ରିକଭରି କାରଖାନା, ୧୫.୧୫ କୋଟି ଟଙ୍କା ବ୍ୟୟ ଅଟକଳରେ ଗୋପାଳପୁରଠାରେ ଇଣ୍ଡିଆନ୍ ରେୟାର ଆର୍ଥ କମ୍ପ୍ଲେକ୍ସ ଭଳି ଅନେକ ଶିଳ୍ପ ପ୍ରତିଷ୍ଠା କରିଥିଲେ । ଆଟମିକ ଏନର୍ଜି ଉତ୍ପାଦନ ପାଇଁ ତାଳଚେରର ଗୁରୁଜଳ କାରଖାନା ଏବଂ ଗୋପାଳପୁରର ରେୟାର ଆର୍ଥ କମ୍ପ୍ଲେକ୍ସ ତାଙ୍କର ଏକ ଯୁଗାନ୍ତକାରୀ ପଦକ୍ଷେପ ଥିଲା କହିଲେ ଅତ୍ୟୁକ୍ତି ହେବନାହିଁ । ୧୯୭୪-୭୫ ମସିହାରେ ଏହି ଦୁଇଟିଯାକ କାରଖାନାର କାର୍ଯ୍ୟ ଆରମ୍ଭ ହୋଇଯାଇଥିଲା । ସେହିପରି ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ସ୍ଥିତ ଫେରୋଭାନାଡିୟମ କାରଖାନା ଏବଂ ପାରାଦ୍ୱୀପଠାରେ ୨୪୧ କୋଟି ଟଙ୍କା ବ୍ୟୟ ଅଟକଳରେ ଏକ ସାର କାରଖାନାର କାର୍ଯ୍ୟ ସେହିବର୍ଷ ମଧ୍ୟ ଆରମ୍ଭ ହୋଇଥିଲା ।

ଏତଦ୍‌ବ୍ୟତୀତ ତାଙ୍କ ଦ୍ୱାରା ସରକାରୀ ଓ ବେସରକାରୀ ଉଦ୍ୟମରେ ଚାରୋଟି ବୃହତ୍ ତଥା ମଧ୍ୟମ ଧରଣର ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା କରାଯାଇ ୧୯୭୪-୭୫ ମସିହାରେ ଉତ୍ପାଦନ ଆରମ୍ଭ ହୋଇଯାଇଥିଲା । ସେଗୁଡ଼ିକ ହେଲା :

୧. କଳିଙ୍ଗ ଝୋଟ କାରଖାନା - ଢେଙ୍କାନାଳ
୨. ଏସିଆଟିକ୍ ଅକ୍ସିଜେନ୍ - ରାଉରକେଲା
୩. ୟୁନିକ୍ ବିଲଡର୍ସ - ତାଳଚେର
୪. ଝୋଟ ସୁତୁଲି କାରଖାନା - ରୂପ୍‌ସା ।

ଏଥିସହିତ ନନ୍ଦିନୀଙ୍କ ପ୍ରଚେଷ୍ଟାରେ କୃଷ୍ଣନଗରଠାରେ ଏକ ଚିନିକଳର ପ୍ରତିଷ୍ଠା ହେବା ସହ ରାଜ୍ୟରେ ଆହୁରି ବହୁ ଛୋଟ ଛୋଟ କଳକାରଖାନାମାନ ଗଢ଼ିଉଠିଥିଲା । କହିବା ବାହୁଲ୍ୟ, ଉପରୋକ୍ତ କାରଖାନାମାନଙ୍କରେ ସେ ସମୟରେ ବହୁ ବେକାର ଯୁବକ ଯୁବତୀ ନିଯୁକ୍ତି ପାଇଥିବାବେଳେ, କୁଟୀରଶିଳ୍ପକୁ ପ୍ରୋତ୍ସାହନ ଦେଇ ଅନେକଙ୍କୁ ସ୍ୱାବଲମ୍ବନଶୀଳ କରାଯାଇଥିଲା । ଏଠାରେ ଉଲ୍ଲେଖନୀୟ ଯେ, ମୁଖ୍ୟମନ୍ତ୍ରୀ ପଦରେ ନନ୍ଦିନୀଙ୍କର ସ୍ୱଳ୍ପ ସମୟ ରହଣୀ ମଧ୍ୟରେ ଓଡ଼ିଶାର ସମୃଦ୍ଧି, ଓଡ଼ିଆର ସ୍ୱାଭିମାନ ଏବଂ ରାଜ୍ୟ ଅର୍ଥନୀତିର ଅଭିବୃଦ୍ଧି ପାଇଁ ସେ ଯେପରି ତ୍ୱରିତ୍ କାର୍ଯ୍ୟପନ୍ଥା ଗ୍ରହଣ କରିଥିଲେ ତାହା ବାସ୍ତବିକ ଅନୁକରଣ କରିବାର କଥା । କୁଟୀରଶିଳ୍ପ ଉପରେ ନନ୍ଦିନୀଙ୍କର ଦୃଷ୍ଟିଭଙ୍ଗୀକୁ ନେଇ ଗୋଟିଏ ଘଟଣାର ନଜୀର ଏଠାରେ ଦିଆଯାଇପାରେ । ତାହାହେଲା, କଟକର

Digitized by PPRACHIN, SOA

ଜନୈକ ଓଡ଼ିଆ ଉଦ୍ୟୋଗୀ ବହୁଳ ବ୍ୟବହୃତ 'ଆଲପିନ୍' କଣ୍ଟା ପ୍ରସ୍ତୁତ କରୁଥିଲେ । ନନ୍ଦିନୀଙ୍କ ଦୃଷ୍ଟିକୁ ଏହା ଆସିବା ପରେ ସରକାରୀ ସ୍ତରରେ ଏହି ଓଡ଼ିଶା-ଓଡ଼ିଆ ପ୍ରସ୍ତୁତ ଆଲପିନ୍ କଣ୍ଟାକୁ ବ୍ୟବହାର କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଓଡ଼ିଶାରେ ଏହିପରି ଛୋଟ ଛୋଟ କୁଟୀରଶିଳ୍ପକୁ ମାଧ୍ୟମ କରି ବେକାର ଯୁବକ-ଯୁବତୀମାନଙ୍କ ଆତ୍ମନିର୍ଭରଶୀଳ ହେବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ ।

ନନ୍ଦିନୀ ତାଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ହରିଜନ (ସ୍ୱାଧୀନତାର ଛଅ ଦଶନ୍ଧି ପରେ 'ହରିଜନ' ଶବ୍ଦ ପରିବର୍ତ୍ତେ ଏବେ 'ଦଳିତ' ବୋଲି କୁହାଯାଉଛି) ଏବଂ ଆଦିବାସୀମାନଙ୍କ ଉନ୍ନତି ନିମନ୍ତେ ବିଶେଷ ଧ୍ୟାନ ଦେଇଥିଲେ । ସେମାନଙ୍କ ଭିତରୁ ଘର ନଥିବା ପରିବାରଗୁଡ଼ିକୁ ଚିହ୍ନଟ କରି ସେମାନଙ୍କୁ ବାସଗୃହ ଯୋଗାଇଦେବା ପାଇଁ ସେ କେନ୍ଦ୍ର ସରକାରଙ୍କ ନିକଟରେ ଦୃଢ଼ ଦାବି କରିଥିଲେ । ଏ ସମ୍ପର୍କରେ ନନ୍ଦିନୀ କହୁଥିଲେ, "ଇନ୍ଦିରା ଗାନ୍ଧୀ ଥାଆନ୍ତି ପ୍ଲାନିଂ କମିଶନ୍‌ର ଚେୟାରମ୍ୟାନ୍ ଏବଂ ପି.ଏନ୍. ହକ୍‌ସର ଡେପୁଟି ଚେୟାରମ୍ୟାନ୍ । ମୁଁ ଯାଇ ସେମାନଙ୍କୁ କହିଲି ଯେ, ଓଡ଼ିଶାରେ ଲୋକଙ୍କର ଘର ଖଣ୍ଡେ ନାହିଁ । ତେଣୁ ୫ ଲକ୍ଷ ଲୋକଙ୍କୁ ଘର ଯୋଗାଇଦେବାକୁ ପଡ଼ିବ । ଏକଥା ଶୁଣି ପି.ଏନ୍. ହକ୍‌ସର କହିଲେ, 'ନନ୍ଦିନୀଜୀ ! ମୁଝେ ଲଗତା ଆପ୍ ଓଡ଼ିଶାକୋ ଏକ୍ ଅଟୋନମସ୍ ଷ୍ଟେଟ୍ ବନାଏଙ୍ଗେ ।' ମୁଁ କିଛି ନ ଶୁଣି ଜିଦ୍ କରିବାରୁ ଇନ୍ଦିରା ଗାନ୍ଧୀ ବାଧହୋଇ ୧୯୭୪ ମସିହାରେ 'କଳିଙ୍ଗ କୁଟୀର' ନାମକ ଏକ ସ୍କିମ୍‌ର ଶୁଭାରମ୍ଭ କରିଥିଲେ ।" ଏହି ସ୍କିମ୍‌ରେ ଗୃହ ନିର୍ମାଣ କରାଯାଇ ଜୟନ୍ତୀ ଭିଲେଜ୍ ସବୁ ନିର୍ମାଣ କରାଗଲା । ମଣିଷର ସର୍ବନିମ୍ନ ଆବଶ୍ୟକତା ବାସଗୃହ ଖଣ୍ଡେ ନଥିବା ଆଦିବାସୀ, ହରିଜନ ଏବଂ ଗରିବ ଲୋକମାନଙ୍କ ମଧ୍ୟରେ ସେଗୁଡ଼ିକ ବଣ୍ଟନ କରାଗଲା । ପରବର୍ତ୍ତୀ ସମୟରେ ଏହାର ନାମ ବଦଳାଯାଇ କୁହାଗଲା, 'ଇନ୍ଦିରା ଆବାସ ଯୋଜନା' । ସମ୍ପ୍ରତି ଓଡ଼ିଶାରେ ଲକ୍ଷ ଲକ୍ଷ ପରିବାର ଏହି 'ଇନ୍ଦିରା ଆବାସ ଯୋଜନା' ମାଧ୍ୟମରେ ଘର ଖଣ୍ଡେ ପାଇ ଅନ୍ତତଃ ମୁଣ୍ଡ ଗୁଞ୍ଜିବାକୁ ରାହା ପାଇପାରୁଛନ୍ତି । ବର୍ତ୍ତମାନ ଏହା ଅନ୍ତତଃ ପ୍ରମାଣିତ କରେ ଯେ, ସାଧାରଣ ଜନତାଙ୍କ ଉନ୍ନତି କଳ୍ପେ ଏକ ପ୍ରଗତିଶୀଳ ଦୃଷ୍ଟିଭଙ୍ଗୀ ନେଇ ସତୁରୀ ଦଶକରେ ନନ୍ଦିନୀ ଯେଉଁ ପଦକ୍ଷେପ ଗ୍ରହଣ କରିଥିଲେ, ସତରେ ! ତାହା କେତେଦୂର ଯୁଗୋପଯୋଗୀ ଥିଲା । ଅବଶ୍ୟ ଏବେ ପକ୍କାଘର ଥିବା ଏବଂ ବିଶେଷକରି ଧନୀ ଲୋକମାନେ ଅସାଧୁ ସରକାରୀ କର୍ମଚାରୀମାନଙ୍କୁ ପ୍ରଭାବିତ କରି ଏବଂ ଦଳୀୟ ରାଜନୀତି ନାଁରେ ଏହି ଯୋଜନାରେ ନିଜକୁ ଅନ୍ତର୍ଭୁକ୍ତ କରି ଗରିବଙ୍କଠାରୁ ଇନ୍ଦିରା ଆବାସ ଗୃହକୁ ଛଡ଼ାଇ ନେଉଥିବାର ଖବର ବହୁଳ ଭାବରେ ଦୃଷ୍ଟିଗୋଚର ହେଉଅଛି । ଏ ବିଷୟରେ

Digitized by PPRACHIN, SOA

ଏତିକି କୁହାଯାଇପାରେ ଯେ, ସାଧାରଣ ଲୋକଙ୍କ ଗହଣରେ ରହି ସେମାନଙ୍କ ଅଭାବ ଅସୁବିଧାକୁ ଦେଖିପାରୁ ନ ଥିବା ହୃଦୟହୀନ ଶାସକ ଓ ଦୁର୍ନୀତିଗ୍ରସ୍ତ ଅମଲାମାନଙ୍କ ଯୋଗୁଁ ଥିଲାବାଲା, ନଥିଲାବାଲାଙ୍କଠାରୁ ତାଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନା ସବୁକୁ ହାତେଇବାରେ ଲାଗିଛନ୍ତି । ଅନ୍ୟପକ୍ଷରେ ନନ୍ଦିନୀଙ୍କ ପରବର୍ତ୍ତୀ ସରକାରମାନେ ପ୍ରଶାସନକୁ ଦୃଢ଼ ରଖିବାରେ ପ୍ରାୟତଃ ବିଫଳ ହୋଇ ଅମଲାମାନଙ୍କ ହାତରେ କ୍ରୀଡ଼ନକ ସାଜିଛନ୍ତି । ଯାହାଫଳରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ରାଜୀବ ଗାନ୍ଧୀଙ୍କ 'ଦେଶର ଦରିଦ୍ର ଜନସାଧାରଣଙ୍କ ବିକାଶ ପାଇଁ ଖର୍ଚ୍ଚ ହେଉଥିବା ଟଙ୍କାକରୁ ପଞ୍ଚାଅଶୀ ପ୍ରତିଶତ ଅର୍ଥ ବାଟମାରଣା ହେଉଛି' ଉକ୍ତିଟିର ଯଥାର୍ଥ୍ୟତା ହିଁ ପ୍ରତିପାଦିତ ହେବା ସାର ହୋଇଛି ।

ଏଥିସହିତ ଆଦିବାସୀମାନଙ୍କ ସ୍ୱାର୍ଥ ପ୍ରତି ସମ୍ବେଦନଶୀଳ ଥିବା ନନ୍ଦିନୀ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଆଇନ୍ ପ୍ରଣୟନ କରିଥିଲେ । ଏହି ଆଇନ୍‌ର ବ୍ୟବସ୍ଥା ଅନୁଯାୟୀ ଆଦିବାସୀମାନଙ୍କଠାରୁ ତାଙ୍କ ଜମିକୁ ଅଣଆଦିବାସୀମାନେ ଖର୍ଦ୍ଦି କରି ନିଜ ନାମରେ କରିପାରିବେ ନାହିଁ । ଏହି ଆଇନ୍ ଆଜି ପର୍ଯ୍ୟନ୍ତ ବଳବତ୍ତର ରହି ଆଦିବାସୀମାନଙ୍କୁ ସର୍ବନିମ୍ନ ସୁରକ୍ଷା ଯୋଗାଇ ଆସୁଛି କହିଲେ ଅତ୍ୟୁକ୍ତି ହେବନାହିଁ । ତା'ଛଡ଼ା ସେ ସମୟରେ ଗରିବ ଏବଂ ଆଦିବାସୀମାନଙ୍କୁ ଜମିଦାରମାନେ ଗୋତିରେ ଖଟାଉଥିଲେ । ସେମାନଙ୍କୁ ଖାଇବାକୁ ଗଣ୍ଡେ ଦେଇ ବିନା ପାରିଶ୍ରମିକରେ ନିଜ କାର୍ଯ୍ୟରେ ଲଗାଉଥିଲେ । ନନ୍ଦିନୀଙ୍କୁ ଏହା ଅସହ୍ୟ ଲାଗିଥିଲା । ସେ ଏଭଳି କୁତ୍ସିତ ଗୋତିପ୍ରଥାର ସମ୍ପୂର୍ଣ୍ଣ ଉଚ୍ଛେଦ ପାଇଁ ବଳିଷ୍ଠ ପଦକ୍ଷେପ ଗ୍ରହଣ କରିଥିଲେ ।

ନନ୍ଦିନୀଙ୍କର ଅନ୍ୟଏକ ପଦକ୍ଷେପ ଥିଲା ପୁରାତନ ମନ୍ଦିରମାନଙ୍କର ଜୀର୍ଣ୍ଣୋଦ୍ଧାର କାର୍ଯ୍ୟକ୍ରମ । ରାଜ୍ୟରେ ଥିବା ପୁରାତନ ମନ୍ଦିର ଏବଂ ବିଭିନ୍ନ ପ୍ରାଚୀନ କୀର୍ତ୍ତିଗୁଡ଼ିକର ଉପଯୁକ୍ତ ସୁରକ୍ଷା ପାଇଁ ସେ ପ୍ରଯତ୍ନ କରିଥିଲେ । ତା'ଛଡ଼ା ଖୋର୍ଦ୍ଧାର ଜଙ୍କିଆଠାରେ ଏକ କୁଷ୍ଠ ସେବାଶ୍ରମ ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ସେ ଜମି ପ୍ରଦାନ କରିଥିଲେ । ନନ୍ଦିନୀ ମୁଖ୍ୟମନ୍ତ୍ରୀ ଥିବା ସମୟରେ ମାନବ ସେବା ପାଇଁ ନୋବେଲ ପୁରସ୍କାର ପାଇଥିବା ମଦର ଟେରେସା ଓଡ଼ିଶା ଗସ୍ତରେ ଆସି ସେହି କୁଷ୍ଠାଶ୍ରମ ପାଇଁ ତାଙ୍କ ହାତରୁ ଉକ୍ତ ଜମିର ପଟ୍ଟା ଗ୍ରହଣ କରିଥିଲେ ।

ଦ୍ୱିତୀୟଥର ମୁଖ୍ୟମନ୍ତ୍ରୀ ହେବାର ଛଅମାସ ନ ପୂରୁଣୁ ଅର୍ଥାତ୍, ୧୯୭୪ ମସିହା ଅଗଷ୍ଟ ୧୫ ତାରିଖରେ ନନ୍ଦିନୀ ଯୌତୁକ ବିରୋଧରେ ଏକ ଶକ୍ତ ଅଭିଯାନ ଆରମ୍ଭ କରିଦେଇଥିଲେ । ଯୌତୁକ ପ୍ରଥା ଯେ ଏକ ସାମାଜିକ ବ୍ୟାଧି, ଏହା ସର୍ବଜନ ସ୍ୱୀକୃତ । ସ୍ୱଳ୍ପ କେତେଜଣଙ୍କୁ ଛାଡ଼ିଦେଲେ, ଶିକ୍ଷିତ-ମୂର୍ଖ, ଜ୍ଞାନୀ-ନିର୍ବୋଧ, ଧନୀ-ନିର୍ଦ୍ଧନ, ସହରୀ-

Digitized by PPRACHIN, SOA

ଗାଉଁଲୀ ତଥା ଜାତିଭେଦ ନିର୍ବିଶେଷରେ ପ୍ରାୟ ସମସ୍ତେ ଏହି ଯୌତୁକ ରାକ୍ଷସ କବଳରେ କବଳିତ । ଯୌତୁକ ପାଇଁ ଯେ ମା' ବୋଲି ବିବେଚିତ ହେଉଥିବା ଜଣେ ନାରୀକୁ ନିର୍ଯ୍ୟାତନା ଦିଆଯାଇପାରେ; ମାଡ଼, ଗାଳି ଦେଇ ତାକୁ ପୋଡ଼ିଜାଳି ଛାରଖାର କରିଦିଆଯାଇପାରେ; ଏହା ଆଜି ମଧ୍ୟ ଏକ ବିଡ଼ମ୍ବନାର ବିଷୟ ହୋଇ ରହିଛି ଆମ ଭାରତୀୟ ସମାଜରେ । ଏଭଳି କୁତ୍ସିତ ପରମ୍ପରାର ମୂଳୋତ୍ପାଟନ ପାଇଁ ନନ୍ଦିନୀ ବିଧିବଦ୍ଧ ଭାବରେ ଏକ 'ଯୌତୁକ ନିରୋଧ ବିଲ୍' ଆଗତ କରି ଯୌତୁକ ପ୍ରଥା ବିରୋଧରେ କଡ଼ାକଡ଼ି ନିୟମ ଲାଗୁ କରିଥିଲେ । ସେ ସମୟରେ ଏହି ଆଇନ୍‌ଟି ଖୁବ୍ ଚର୍ଚ୍ଚିତ ହେବା ସହିତ, ସାଧାରଣ ଜନତାଙ୍କ ଭିତରେ ଆଦୃତି ଲାଭ କରିଥିଲା । ଏଥିସହିତ ଯୌତୁକ ଦେଉଥିବା ଏବଂ ନେଉଥିବା ଲୋକମାନଙ୍କ ଭିତରେ ଏକପ୍ରକାର କୋକୁଆ ଭୟ ମଧ୍ୟ ସୃଷ୍ଟି ହୋଇଥିଲା । କିନ୍ତୁ ଏପରି ଏକ କୁସଂସ୍କାରକୁ ବିଲୋପ କରିବା ପାଇଁ ନନ୍ଦିନୀଙ୍କ ଏହି ପଦକ୍ଷେପକୁ ସ୍ୱାଗତ, ସହଯୋଗ କରିବା ପରିବର୍ତ୍ତେ, ପ୍ରତିପକ୍ଷମାନେ ସମାଲୋଚନା କରିଥିଲେ ଯେ, ରାଜ୍ୟର ଗୁରୁତର ସମସ୍ୟା ପ୍ରତି ଧ୍ୟାନ ନ ଦେଇ ଯୌତୁକ ପ୍ରଥା ପରି ଏକ ଗୌଣ ସମସ୍ୟା ଉପରେ ମୁଖ୍ୟମନ୍ତ୍ରୀ ସମୟ ଓ ଶକ୍ତିର ଅପଚୟ କରୁଛନ୍ତି । ହେଲେ ସମ୍ପ୍ରତି ଏହି ଯୌତୁକ ନିର୍ଯ୍ୟାତନା ବଢ଼ି ବଢ଼ି ଏଭଳି ଉତ୍କଟ ରୂପ ଧାରଣ କଲାଣି ଯେ, ନନ୍ଦିନୀ ଠିକ୍ କି ତାଙ୍କର ସମାଲୋଚକ, ତାହା ପାଠକେ ବିଚାର କରିବେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ପରବର୍ତ୍ତୀ ସରକାରମାନେ ଏହି ଆଇନ୍‌କୁ ପାଳନ କରିବାକୁ ଯଦି ସାମାନ୍ୟତମ ଆନ୍ତରିକ ଉଦ୍ୟମ କରିଥାଆନ୍ତେ, ତା'ହେଲେ ଆଜି ହଜାର ହଜାର ଯୁବତୀ ଯୌତୁକ ରାକ୍ଷସ କବଳରେ ପଡ଼ି ଅକାଳରେ ମୃତ୍ୟୁ ବରଣ କରୁନଥାନ୍ତେ । ଏଥିରୁ ସ୍ପଷ୍ଟ ଅନୁମେୟ ଯେ, ନନ୍ଦିନୀଙ୍କ କାର୍ଯ୍ୟକ୍ରମ କେତେ ସୁଦୂରପ୍ରସାରୀ ଥିଲା ।

ଉତ୍କଳବାସୀଙ୍କ ପାଇଁ ନନ୍ଦିନୀଙ୍କର ଏକ ମହାର୍ଘ୍ୟ ଅବଦାନ ଥିଲା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଜନ୍ମଲଗ୍ନକୁ ମହାସମାରୋହରେ ପାଳନ କରି ପ୍ରତ୍ୟେକ ଓଡ଼ିଆ ହୃଦୟରେ ଜାତୀୟତାର ମହାମନ୍ତ୍ର ଉଦ୍ରେକ କରାଇବା । ପୂର୍ବରୁ ୧୯୭୪ ମସିହା ପର୍ଯ୍ୟନ୍ତ କୌଣସି ସ୍ତରରେ ଏପରି ଏକ ସାଧୁ ଉଦ୍ୟମ ହୋଇଥିବାର ଦେଖିବାକୁ ମିଳେ ନାହିଁ । ନନ୍ଦିନୀ ପ୍ରଥମ କରି ୧୯୭୫ ମସିହା ଏପ୍ରିଲ ୧ ତାରିଖ ଦିନ ସରକାରୀ ଭାବେ 'ଉତ୍କଳ ଦିବସ' ଉତ୍ସବ ପାଳନ କରିବା ପାଇଁ ନିଷ୍ପତ୍ତି ନେଲେ । ଅବଶ୍ୟ ନନ୍ଦିନୀଙ୍କ ଏହି ପଦକ୍ଷେପକୁ ସେତେବେଳେ ତାଙ୍କର ପ୍ରତିପକ୍ଷମାନେ ଭିନ୍ନ ଅର୍ଥରେ ପ୍ରଚାର କରିଥିଲେ । ସେମାନଙ୍କର ଯୁକ୍ତି ଥିଲା ଯେ, ରାଜଧାନୀର ପ୍ୟାରେଡ୍ ପଡ଼ିଆ (ଏବେ ଯାହାକୁ ଇନ୍ଦିରା ଗାନ୍ଧୀ ପାର୍କ କୁହାଯାଉଛି)ରେ ଜୟପ୍ରକାଶ ନାରାୟଣଙ୍କ ସଭା କରାଇ ନ ଦେବାକୁ ସେ ଏହି ପଦକ୍ଷେପ

Digitized by PPRACHIN, SOA

ଗ୍ରହଣ କରିଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଉତ୍କଳ ଦିବସ ପାଳନର ମାତ୍ର ଦୁଇଦିନ ପୂର୍ବରୁ ଅର୍ଥାତ୍ ମାର୍ଚ୍ଚ ୩୦ ତାରିଖ ଦିନ ଜୟପ୍ରକାଶଜୀ ଝାରସୁଗୁଡ଼ାରେ ପହଞ୍ଚିଥିଲେ । ସେତେବେଳେ ୧୯୭୧ ମସିହାର ଲୋକସଭା ନିର୍ବାଚନରେ ଇନ୍ଦିରା ଗାନ୍ଧୀଙ୍କ ନିର୍ବାଚିତ ହେବା ଘଟଣାକୁ ନେଇ ପରାଜିତ ପ୍ରାର୍ଥୀ ରାଜନାରାୟଣ ଆହ୍ଲାବାଦ କୋର୍ଟରେ କରିଥିବା ମୋକଦ୍ଦମାକୁ ଆଳକରି ଭାରତ ସ୍ୱାଧୀନତାର ଦୀର୍ଘ ୨୭ ବର୍ଷ ପରେ ବହୁକାଳ ଅଜ୍ଞାତବାସରେ ଥିବା ଜୟପ୍ରକାଶ ନାରାୟଣ ହଠାତ୍ 'ସମ୍ପୂର୍ଣ୍ଣ କ୍ରାନ୍ତି' ପାଇଁ ସଭାସମିତି ଆୟୋଜନ କରି ଆନ୍ଦୋଳନାତ୍ମକ ବିବୃତ୍ତି ଦେବାରେ ଲାଗିପଡ଼ିଥାନ୍ତି । ଏପରିକି ଉତ୍କଳ ଦିବସ ଦିନ ରାଜଧାନୀର ୟୁନିଟ୍-୧ ପଡ଼ିଆରେ ରମାଦେବୀଙ୍କ ସଭାପତିତ୍ୱରେ ତାଙ୍କର ସଭାକାର୍ଯ୍ୟ ସୂଚାରୁରୂପେ ସମ୍ପାଦିତ ହୋଇଥିବାବେଳେ, ଉକ୍ତ ସଭାରେ ସରକାରଙ୍କ ଅନ୍ୟାୟ ଆଦେଶ ନ ମାନିବା ପାଇଁ ପୁଲିସ ଓ ସେନାବାହିନୀକୁ ଆହ୍ୱାନ ଦେଇ ସେ ସାରା ଦେଶରେ ବିତର୍କର ଝଡ଼ ସୃଷ୍ଟି କରିଥିଲେ । ଭିନ୍ନ ଦୃଷ୍ଟିକୋଣରୁ ବିଚାର କଲେ, କେନ୍ଦ୍ରରେ ଓ ରାଜ୍ୟରେ କଂଗ୍ରେସ ସରକାର ଚାଲିଥିବା ସମୟରେ ରାଜ୍ୟର ପ୍ରାଣକେନ୍ଦ୍ର ସଚିବାଳୟ ଓ ବିଧାନସୌଧ ସାମ୍ନାରେ ସଭା ଆୟୋଜନ କରି ଗୋଟିଏ ନିର୍ବାଚିତ ସରକାର ବିରୁଦ୍ଧରେ ବିସ୍ଫୋରକ ବିବୃତ୍ତି ଦେବାଟାକୁ ପ୍ରଶ୍ରୟ ନ ଦେଇ, ଗୋଟିଏ ଜାତିର ଜନ୍ମଲଗ୍ନ ପାଳନ କରିବାରେ ଭୁଲ କେଉଁଠି ରହିଲା ? ବରଂ ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ଯେ, ଏଭଳି ମହାନ୍ ପରମ୍ପରା ସୃଷ୍ଟି କରିଥିବା ନନ୍ଦିନୀଙ୍କ ପରବର୍ତ୍ତୀ ସରକାରର ମୁଖ୍ୟମାନେ ଏହି 'ଉତ୍କଳ ଦିବସ' ଉତ୍ସବକୁ ଲୋକାଭିମୁଖୀ ନ କରାଇ କେବଳ ରାଜଧାନୀରେ ସରକାରୀ କାର୍ଯ୍ୟକ୍ରମ ଭିତରେ ସୀମିତ ରଖିଦେଲେ । ଦେଶର ସ୍ୱାଧୀନତା ଦିବସକୁ ବିଦ୍ୟାଳୟ, ମହାବିଦ୍ୟାଳୟ, ସରକାରୀ, ବେସରକାରୀ ଦପ୍ତରମାନଙ୍କରେ ଗାଁ ଠାରୁ ସହର ପର୍ଯ୍ୟନ୍ତ ମହାସମାରୋହରେ ପାଳନ କରାଯାଉଥିବା ସ୍ଥଳେ, ସ୍ୱାଧୀନତାର ବହୁ ପୂର୍ବରୁ ୧୯୩୬ ମସିହା ଏପ୍ରିଲ ୧ ତାରିଖରେ ଭାଷାଭିତ୍ତିରେ ଗଠିତ ହୋଇଥିବା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶର ସ୍ୱାଧୀନତା ଦିବସକୁ ଗୁରୁତ୍ୱ ନ ଦେବା ଆମ ପାଇଁ ଅତ୍ୟନ୍ତ ଲଜ୍ଜାଜନକ ଘଟଣା । ସେ ଯାହାହେଉ, ନନ୍ଦିନୀଙ୍କ ଏହି ଉଦ୍ୟମ ଯେ ନିଶ୍ଚିତ ଭାବେ ଐତିହାସିକ ପଦକ୍ଷେପ ଥିଲା, ଏହା ନିଃସନ୍ଦେହ ।

ନିଜର ଜୀବଦଶାରେ ନିଃସ୍ୱ, ଅସହାୟ ଓ ଅକ୍ଷମମାନଙ୍କ ପ୍ରତି ସର୍ବାନ୍ତଃକରଣରେ ନିଜକୁ ଉତ୍ସର୍ଗୀକୃତ କରିଥିଲେ ନନ୍ଦିନୀ । ଦୃଷ୍ଟିହୀନ, ମୂକ ଓ ବଧିର ପିଲାମାନଙ୍କୁ ଶିକ୍ଷାଦାନ ତଥା ବିଭିନ୍ନ ଧନ୍ଦାମୂଳକ ତାଲିମ ପ୍ରଦାନ କରି ସେମାନଙ୍କୁ ସକ୍ଷମ କରାଇ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବାର ଲକ୍ଷ୍ୟ ନେଇ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ସେ ପ୍ରତିଷ୍ଠା କରିଥିଲେ ଦୃଷ୍ଟିହୀନ ଏବଂ ମୂକ-ବଧିରମାନଙ୍କ ପାଇଁ ଗୋଟିଏ ଲେଖାଏଁ ସ୍ୱତନ୍ତ୍ର ବିଦ୍ୟାଳୟ ।

Digitized by PPRACHIN, SOA

ତା'ଛଡ଼ା ତାଙ୍କ ନିଜସ୍ୱ ଉଦ୍ୟମରେ ଢେଙ୍କାନାଳଠାରେ "ଅକ୍ଷମ କଲ୍ୟାଣ ସମିତି" ନାମକ ଏକ ସ୍ୱେଚ୍ଛାସେବୀ ସଂଗଠନ ଆରମ୍ଭ କରି ଦୃଷ୍ଟିହୀନ ଏବଂ ମୂକ-ବଧିରମାନଙ୍କ ପାଇଁ ଦୁଇଟି ସ୍ୱତନ୍ତ୍ର ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ । ଶେଷ ଜୀବନ ପର୍ଯ୍ୟନ୍ତ ନନ୍ଦିନୀ ଏହି ଅନୁଷ୍ଠାନର ସଭାପତି ରହିଥିଲେ । କହିବା ବାହୁଲ୍ୟ ଯେ, ଆଜି ପର୍ଯ୍ୟନ୍ତ ବହୁ ଅକ୍ଷମ ଛାତ୍ରଛାତ୍ରୀ ଏହି ଶିକ୍ଷାନୁଷ୍ଠାନରୁ ଶିକ୍ଷାଲାଭ କରି ବିଭିନ୍ନ କ୍ଷେତ୍ରରେ ସ୍ୱାବଲମ୍ବନଶୀଳ ହୋଇପାରିଛନ୍ତି । କେବଳ ବିଦ୍ୟାଳୟ ପ୍ରତିଷ୍ଠାରେ ସୀମିତ ନ ରହି ଅକ୍ଷମମାନଙ୍କୁ ସେମାନଙ୍କର ଆବଶ୍ୟକୀୟ ଉପକରଣ ଯୋଗାଇଦେବା ନିମନ୍ତେ ମଧ୍ୟ ସେ ବିଶେଷ ଧ୍ୟାନ ଦେଇଥିଲେ ।

ଏଠାରେ ଦୁଃଖର ସହିତ ଉଲ୍ଲେଖ କରାଯାଇପାରେ ଯେ, ସମ୍ପ୍ରତି ଓଡ଼ିଶାରେ ଯେତେଗୁଡ଼ିଏ ଦୃଷ୍ଟିହୀନ ଏବଂ ମୂକ-ବଧିର ବିଦ୍ୟାଳୟ କାର୍ଯ୍ୟ କରୁଛନ୍ତି, ସେମାନଙ୍କ ଭିତରୁ ଅଧିକାଂଶ ନନ୍ଦିନୀଙ୍କ ଏହି ମହତ ଆଦର୍ଶକୁ ବୁଝିବାପାଇଁ ସାମାନ୍ୟତମ ପ୍ରଚେଷ୍ଟା ନ କରି କେବଳ ଦୃଷ୍ଟିହୀନ ଏବଂ ମୂକ-ବଧିର ଛାତ୍ରଛାତ୍ରୀମାନଙ୍କୁ ପଣ୍ୟ କରି ନିଜର ତଥା ନିଜ ପରିବାରର ଆର୍ଥିକ ଏବଂ ବିଷୟାଗତ ଅଭିବୃଦ୍ଧି ନିମନ୍ତେ ହୀନ ଉଦ୍ୟମ କରିଚାଲିଛନ୍ତି । ସ୍ୱେଚ୍ଛାସେବୀ ସଂଗଠନ ଜରିଆରେ ସରକାରୀ ଅର୍ଥ ବ୍ୟୟ କରାଯାଇ ଏଭଳି ସ୍ୱତନ୍ତ୍ର ବିଦ୍ୟାଳୟ ଚଳାଇବା ପାଇଁ ସରକାରୀ ନିୟମ ଥିବାରୁ କେତେକ ଠକ ଏବଂ ଉଦ୍‌ଭ୍ରାନ୍ତ ବ୍ୟକ୍ତି ଏହାର ସୁବିଧା ନେଇ ମହିଳା ଓ ଶିଶୁ କଲ୍ୟାଣ ବିଭାଗର କିଛି ଅସାଧୁ ହୃଦୟହୀନ ଅମଲାଙ୍କୁ ଯେନତେନ ପ୍ରକାରେଣ କରାୟତ୍ତ କରି ଅକ୍ଷମମାନଙ୍କ ପାଇଁ ଆସୁଥିବା ଅର୍ଥକୁ ହଡ଼ପ ପୂର୍ବକ ରାତାରାତି ଧନୀ ହେବାରେ ଲାଗିଛନ୍ତି । କେତେକ ଯୋଗଜନ୍ମା ବ୍ୟକ୍ତିଙ୍କର ଲୋକାଭିମୁଖୀ ଯୋଜନା କିପରି କିଛି ଭଣ୍ଡମାନଙ୍କ ଯୋଗୁଁ ଦିଗଭ୍ରଷ୍ଟ ହୋଇ ତାହାର ମୌଳିକତା ହରାଏ, ଓଡ଼ିଶାର ଏହି ସ୍ୱତନ୍ତ୍ର ବିଦ୍ୟାଳୟମାନଙ୍କର ଅବସ୍ଥା ଦେଖିଲେ ତାହା ସହଜରେ ଅନୁମାନ କରିହେବ । ନନ୍ଦିନୀ ଥିଲେ ଜଣେ ଯୋଗଜନ୍ମା । ଭୂମିହୀନଙ୍କୁ ଜମି ଯୋଗାଇଦେବା ହେଉ କି ଗରିବଙ୍କ ପାଇଁ କଳିଙ୍ଗ କୁଟୀର ଯୋଜନା, ଅବା ଅକ୍ଷମମାନଙ୍କ ପାଇଁ ସ୍ୱତନ୍ତ୍ର ବିଦ୍ୟାଳୟ ପ୍ରତିଷ୍ଠା; ଏ ସବୁଥିରେ ସାଧାରଣ ଜନତାଙ୍କ ସ୍ୱାର୍ଥ ନିହିତ ଥିଲା ଏବଂ ଏହା ନିଃସନ୍ଦେହରେ ସୂଚୀତ କରାଏ ଯେ, ନନ୍ଦିନୀଙ୍କ ଚିନ୍ତାଧାରାରେ ଏକ ସମତା ଭିତ୍ତିକ ସୁନ୍ଦର ସମାଜ ଗଠନର ପରିକଳ୍ପନା ସ୍ଥାନ ପାଇଥିଲା ।

ଅସହାୟ ତଥା ସାହାରା ନ ଥିବା ବୟସ୍କ ଲୋକମାନଙ୍କ ଦୁଃଖର ଲାଘବ ପାଇଁ ଆଇନ୍ ପ୍ରଣୟନ କରି ସେମାନଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରିବା ନନ୍ଦିନୀଙ୍କ ଅନ୍ୟ ଏକ ଉଦାର ହୃଦୟର ପରିଚୟ ବହନ କରେ । ମାତ୍ର ପରବର୍ତ୍ତୀ ସରକାରମାନେ ଏହି ଭତ୍ତାରାଶିକୁ ଚାରି ଦଶନ୍ଧି ଧରି ମାତ୍ର ଦୁଇଶତ ଟଙ୍କାରେ ସୀମିତ ରଖିବା ଅତ୍ୟନ୍ତ ଲଜ୍ଜାଜନକ ଏବଂ

Digitized by PPRACHIN, SOA

ବୟସ୍କ ଅସହାୟମାନଙ୍କ ପ୍ରତି ଅସମ୍ମାନ ସୂଚକ କହିଲେ ଅତ୍ୟୁକ୍ତି ହେବନାହିଁ । ସାଂସଦ, ବିଧାୟକ ଓ ସରକାରୀ କର୍ମଚାରୀମାନଙ୍କର ଦରମା, ଭତ୍ତା ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ଆର୍ଥିକ ସୁବିଧା ସୁଯୋଗ ଇତିମଧ୍ୟରେ ନଭଶ୍ଚୁମ୍ବୀ ଆକାର ଧାରଣ କରିଥିବାବେଳେ, ଅତ୍ୟାବଶ୍ୟକୀୟ ଜିନିଷ ଏବଂ ଔଷଧପତ୍ରର ଦାମ୍ ଆଖିବୁଜା ବୃଦ୍ଧି ପାଇଥିବା ସ୍ଥଳେ, ବୃଦ୍ଧବୃଦ୍ଧାମାନଙ୍କୁ ଦୁଇଶହ ଟଙ୍କା ଭତ୍ତା ଦେବା ସେମାନଙ୍କ ପ୍ରତି ଧର୍ମକୁ ଆଖିଠାର ସଦୃଶ । ଏଥିରୁ ମନେହୁଏ, ରାଜ୍ୟର ଜନକଲ୍ୟାଣ କାର୍ଯ୍ୟକ୍ରମଗୁଡ଼ିକୁ ପରବର୍ତ୍ତୀ ସରକାରମାନେ ଆଗେଇ ନେଉନାହାନ୍ତି ବୋଲି ନନ୍ଦିନୀଙ୍କ କ୍ଷୋଭୋକ୍ତି ଯଥାର୍ଥ ବିବେଚିତ ହୁଏ ।

ରାଜଧାନୀରେ ସୂଚନା ଭବନ, ଓଡ଼ିଶା ଷ୍ଟେଟ୍ ପଲ୍ୟୁସନ୍ କଣ୍ଟ୍ରୋଲ ବୋର୍ଡ ସମେତ କଂଗ୍ରେସ ଭବନ ଭଳି ବହୁ ଅନୁଷ୍ଠାନ ନିର୍ମାଣ କରାଇଥିଲେ ନନ୍ଦିନୀ ତାଙ୍କ ଶାସନକାଳ ମଧ୍ୟରେ । ସମ୍ମାନଜନକ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଫିଜିକ୍ସ ମଧ୍ୟ ପ୍ରତିଷ୍ଠା କରାଇଥିଲେ, ଯାହାର ପ୍ରଥମ ନିର୍ଦ୍ଦେଶକ ରୂପେ ପ୍ରଫେସର ତ୍ରିଲୋଚନ ପ୍ରଧାନ ଦାୟିତ୍ୱ ଗ୍ରହଣ କରିଥିଲେ । ଏତଦ୍‌ବ୍ୟତୀତ ଭୁବନେଶ୍ୱରରେ କର୍ମଜୀବୀ ମହିଳାମାନେ ସ୍ୱଳ୍ପଖର୍ଚ୍ଚରେ ତଥା ନିରାପଦରେ ରହିବା ପାଇଁ ପ୍ରଥମ କରି ନ'ତାଲା ପଛ ପାଖରେ 'ନିବେଦିତା' ନାମରେ ଏକ ମହିଳା ନିବାସ ପ୍ରତିଷ୍ଠା କରାଇଥିଲେ । ଏଥିରେ ରାଜ୍ୟର ବିଭିନ୍ନ ପ୍ରାନ୍ତରରୁ ବହୁ ଯୁବତୀ ଅବସ୍ଥାନ କରି ନିଜର କର୍ମ ସମ୍ପାଦିତ କରୁଥିବାବେଳେ ଦୂରଦୂରାନ୍ତରରୁ ଆସି ଅନେକ ଝିଅ ବିଜେବି, ରମାଦେବୀ ଭଳି କଲେଜମାନଙ୍କରେ ପାଠ ପଢ଼ିବାର ସୁଯୋଗ ପାଇପାରିଥିଲେ । କେହି କେହି 'ନିବେଦିତା'ରେ ରହି ପାଠପଢ଼ି ସ୍ୱ ସ୍ୱ କର୍ମକ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ମହିଳାମାନେ ଏବେ ବି ସ୍ମୃତିଚାରଣ କରନ୍ତି ଏହି ଐତିହାସିକ କର୍ମଜୀବୀ ମହିଳା ନିବାସର ।

ପୂର୍ବରୁ ରାଜ୍ୟର ପ୍ରାଥମିକ ଶିକ୍ଷକମାନଙ୍କୁ କୌଣସି ବିଧିବଦ୍ଧ ବେତନ ପ୍ରଦାନ କରାଯାଉନଥିଲା । ନନ୍ଦିନୀ ପ୍ରଥମେ ଶିକ୍ଷକମାନଙ୍କୁ ସରକାରୀ ସ୍ୱୀକୃତି ଦେଇ ସେମାନଙ୍କୁ ମାସିକ ବେତନ ଦେବାର ବ୍ୟବସ୍ଥା ଗ୍ରହଣ କଲେ । ଏତଦ୍‌ବ୍ୟତୀତ ସ୍କୁଲ ଓ କଲେଜର ମେଧାବୀ ଛାତ୍ରଛାତ୍ରୀମାନଙ୍କ ପାଇଁ ସେ ଛାତ୍ରବୃତ୍ତି ମଧ୍ୟ ପ୍ରଚଳନ କରିଥିଲେ । ଉଭୟ ପ୍ରାଥମିକ ଶିକ୍ଷକ ଏବଂ ଶିକ୍ଷାନବୀଶମାନଙ୍କ ପାଇଁ ଏହି ପଦକ୍ଷେପ ସେମାନଙ୍କୁ ଏକ ସମ୍ମାନଜନକ ସ୍ୱୀକୃତି ଦେବା ସହ, ନନ୍ଦିନୀଙ୍କୁ ଜଣେ ଛାତ୍ରବତ୍ସଳା ମୁଖ୍ୟମନ୍ତ୍ରୀ ଭାବେ ଅଭିହିତ କରିବା ଆଦୌ ଅଯଥାର୍ଥ ହେବନାହିଁ ।

କେବଳ ପ୍ରାଥମିକ ଶିକ୍ଷକ ନୁହନ୍ତି, ରାଜ୍ୟରେ ପ୍ରତିଷ୍ଠିତ ବେସରକାରୀ ସ୍କୁଲ ଓ କଲେଜର ଶିକ୍ଷକ, ଅଧ୍ୟାପକମାନେ ସେତେବେଳେ ବିଧିବଦ୍ଧ ବେତନ ପ୍ରାପ୍ତିରୁ ବଞ୍ଚିତ ହେଉଥିଲେ । ଏହି ବେସରକାରୀ ସ୍କୁଲ ଓ କଲେଜର କର୍ମଚାରୀମାନଙ୍କ ପାଇଁ ପ୍ରତ୍ୟକ୍ଷ ବେତନ ପ୍ରଦାନ ବ୍ୟବସ୍ଥାର ନିୟମ ପ୍ରଣୟନ କରି ନନ୍ଦିନୀ ଏହି ସମ୍ପ୍ରଦାୟ ଓ ସେମାନଙ୍କ ପରିବାରବର୍ଗଙ୍କର

Digitized by PPRACHIN, SOA

ଯେଉଁ ଅଶେଷ କଲ୍ୟାଣ ସାଧିତ କରିଛନ୍ତି, ତାହା ଏଯାଏଁ ମଧ୍ୟ ଅବିସ୍ମରଣୀୟ ହୋଇ ରହିଛି । ଅବଶ୍ୟ ଏ କ୍ଷେତ୍ରରେ ଛାତ୍ରାବସ୍ଥାରେ ବାମପନ୍ଥୀ ଆଦର୍ଶରେ ନନ୍ଦିନୀଙ୍କ ସହିତ ଏକାଠି କାର୍ଯ୍ୟ କରୁଥିବା ଏବଂ ପରବର୍ତ୍ତୀ ସମୟରେ ରାଜ୍ୟରେ ଅପ୍ରତିଦ୍ୱନ୍ଦ୍ୱୀ ଶିକ୍ଷକ ନେତା ଭାବରେ ପ୍ରତିଷ୍ଠା ଅର୍ଜନ କରିଥିବା ଶ୍ରୀ ଅବନୀ କୁମାର ବରାଳ ଶିକ୍ଷକମାନଙ୍କୁ ସଂଗଠିତ କରି ସରକାରଙ୍କ ନିକଟରେ ଦାବି ଉପସ୍ଥାପନା କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ।

ନନ୍ଦିନୀ ସରକାରୀ କର୍ମଚାରୀଙ୍କ ପ୍ରତି କଠୋର ମନୋଭାବ ଗ୍ରହଣ କରିନଥିଲେ । ବରଂ ସେମାନଙ୍କର ଅଭାବ ଅସୁବିଧାକୁ ହୃଦୟଙ୍ଗମ କରି ଅନେକ ସୁବିଧା ସୁଯୋଗ ପ୍ରଦାନ କରିଥିଲେ । ସରକାରୀ କର୍ମଚାରୀମାନଙ୍କୁ ସେ ପ୍ରଥମଥର ପାଇଁ ଅବସରକାଳୀନ ଭତ୍ତା ଓ ସରେଣ୍ଡର ଲିଭ୍ ପ୍ରଦାନ କରିଥିଲେ । ତା'ଛଡ଼ା ରିହାବିଲିଟେସନ୍ ସ୍କିମ୍ ପ୍ରଚଳନ କରି; କୌଣସି ସରକାରୀ କର୍ମଚାରୀ ଅକର୍ମଣ୍ୟ ହେଉଥିଲେ କିମ୍ବା ମୃତ୍ୟୁମୁଖରେ ପଡୁଥିଲେ, ସେମାନଙ୍କର ସ୍ତ୍ରୀ କିମ୍ବା ପିଲାମାନଙ୍କୁ ଚାକିରି ଦେବାପାଇଁ ଆଇନ୍ ମଧ୍ୟ କରିଥିଲେ । ଏହି ଆଇନ୍‌ର ସହାୟତାରେ ଅନେକ ସାଧାରଣ ତଥା ଗରିବ ଶ୍ରେଣୀର ବ୍ୟକ୍ତି ଉପକୃତ ହୋଇପାରିଛନ୍ତି ।

ଏଠାରେ ଗୋଟିଏ କଥା ସ୍ମରଣ କରାଇଦେବା ଉଚିତ ହେବ ଯେ, ଆଜିକାଲି ଭଳି ମନ୍ତ୍ରୀମାନେ ସରକାରୀ କର୍ମଚାରୀଙ୍କ କଥାରେ ଉଠୁବସ୍ ହେବା ବା ମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ କଥାକୁ ଅବଜ୍ଞା ପ୍ରଦର୍ଶନ କରି ଅମଲାମାନେ ନିଜ ମନଇଚ୍ଛା କାର୍ଯ୍ୟ କରିବା କଥାଟିକୁ ନନ୍ଦିନୀ ଆଦୌ ପ୍ରଶ୍ରୟ ଦେଉନଥିଲେ । ସରକାରୀ କର୍ମଚାରୀଙ୍କ ଅଭାବ ଅସୁବିଧା ବୁଝି ସେମାନଙ୍କୁ ସୁବିଧା ସୁଯୋଗ ଯୋଗାଇଦେବା ସହିତ ସେମାନଙ୍କଠାରୁ ଉପଯୁକ୍ତ କାମ ଆଦାୟ କରିବା ପାଇଁ ବାଧ୍ୟ କରିବା ନନ୍ଦିନୀଙ୍କ ଶାସନର ଅନ୍ୟ ଏକ ବଳିଷ୍ଠ ବିଶେଷତ୍ୱ ଥିଲା । ସେ ନିଜେ ଅକ୍ଳାନ୍ତ ପରିଶ୍ରମ କରୁଥିଲେ ଏବଂ ସରକାରୀ କର୍ମଚାରୀଙ୍କୁ କାମ କରାଉଥିଲେ । ଏହି କଳାରେ ଅତ୍ୟନ୍ତ ଧୂରୀଣା ଥିଲେ ନନ୍ଦିନୀ । ସାଧାରଣ ଜନତାଙ୍କ କାର୍ଯ୍ୟରେ କୌଣସି ପ୍ରକାର ଅବହେଳା ସେ ସହ୍ୟ କରିପାରୁନଥିଲେ । ଯେଉଁ କର୍ମଚାରୀ, ସେ ଆଇ.ଏ.ଏସ୍ ହେଉ କି ପିଅନ ଅବା ଚପରାଶି; କାମରେ ଅବହେଳା ପ୍ରଦର୍ଶନ କରୁଥିବା କର୍ମଚାରୀମାନଙ୍କ ପ୍ରତି ସେ ଅତ୍ୟନ୍ତ କଠୋର ନିଷ୍ପତ୍ତି ଗ୍ରହଣ କରୁଥିଲେ, ଯେଉଁଥିପାଇଁ ସମଗ୍ର ଓଡ଼ିଶାରେ ତାଙ୍କୁ ଲୌହମାନବୀ ଆଖ୍ୟାରେ ଆଖ୍ୟାୟିତ କରାଯାଇଥିଲା । ସ୍ୱାଧୀନୋତ୍ତର ଓଡ଼ିଶାରେ ଆଜି ପର୍ଯ୍ୟନ୍ତ ତାଙ୍କର ପ୍ରଶାସକୀୟ ଦକ୍ଷତାର ସମକକ୍ଷ ହେବାଭଳି ମୁଖ୍ୟମନ୍ତ୍ରୀ ନାହାନ୍ତି କହିଲେ କିଛି ଅତ୍ୟୁକ୍ତି ହେବନାହିଁ ।

***

Digitized by PPRACHIN, SOA

୧୭

ତେଭାଗା-ତେଲେଙ୍ଗାନା ଆନ୍ଦୋଳନ

୧୯୫୩-୫୪ ମସିହା ବେଳକୁ ସୁଦୂର ପଶ୍ଚିମବଙ୍ଗରେ ତେଭାଗା ଆନ୍ଦୋଳନ ଏବଂ ଆନ୍ଧ୍ରପ୍ରଦେଶରେ ତେଲେଙ୍ଗାନା ଆନ୍ଦୋଳନ ଖୁବ୍ ତୀବ୍ର ଆକାର ଧାରଣ କରିଥିଲା । ନନ୍ଦିନୀ ସେତେବେଳେ ଏହି ଆନ୍ଦୋଳନକୁ ସମ୍ପୂର୍ଣ୍ଣ ସମର୍ଥନ କରିଥିଲେ । ଏହି ଆନ୍ଦୋଳନ ଥିଲା ମୁଖ୍ୟତଃ ଜମିଦାର (Land lord)ମାନଙ୍କ ବିରୁଦ୍ଧରେ ଗରିବ ଆଦିବାସୀ ଏବଂ ହରିଜନ ଭାଗଚାଷୀମାନଙ୍କର ଏକପ୍ରକାର ବିଦ୍ରୋହ । ଏହାକୁ ସେତେବେଳେ 'ଚାଷୀ ଆନ୍ଦୋଳନ' ବୋଲି ମଧ୍ୟ କୁହାଯାଉଥିଲା । ଭାଗଚାଷୀମାନେ ଜମି ମାଲିକମାନଙ୍କଠାରୁ ତିନିଭାଗ ଫସଲ ଦାବି କରି ଆନ୍ଦୋଳନ କଲେ । ଏହି ଆନ୍ଦୋଳନରେ ଭାଗନେଇ ନନ୍ଦିନୀ ଭାଗଚାଷୀମାନଙ୍କ ସପକ୍ଷରେ କଟକଠାରେ ଅନେକବାର ଶୋଭାଯାତ୍ରା ବାହାର କରିଥିଲେ । ଏହି ଆନ୍ଦୋଳନରୁ ହିଁ ଭୂଦାନ ଆନ୍ଦୋଳନର ସୂତ୍ରପାତ ହୋଇଥିଲା । ବିଶିଷ୍ଟ ଗାନ୍ଧିବାଦୀ ବିନୋବା ଭାବେ ଗାନ୍ଧିଜୀଙ୍କ ଅଂହିସା ଆନ୍ଦୋଳନକୁ କାର୍ଯ୍ୟକାରୀ କରାଇବାରେ ଲାଗିପଡ଼ିଥିଲେ । ସେତେବେଳେ ସମସ୍ତ ଗାନ୍ଧିବାଦୀମାନେ ଅଂହିସା ଆନ୍ଦୋଳନକୁ ଭୂଦାନ ଆନ୍ଦୋଳନରେ ପର୍ଯ୍ୟବସିତ କରିଥିଲେ ।

ବିନୋବାଜୀଙ୍କ ଉଦ୍ଦେଶ୍ୟ ଥିଲା ଜମି-ମାଲିକମାନଙ୍କଠାରୁ ଜମି ଆଣି ଆଦିବାସୀ, ହରିଜନ ଏବଂ ଭୂମିହୀନମାନଙ୍କ ମଧ୍ୟରେ ବାଣ୍ଟିଦେବା । ନନ୍ଦିନୀ ଏହି କଥାର ପୂର୍ଣ୍ଣ ସମର୍ଥନ କରିଥିଲେ । ସେତେବେଳେ ନନ୍ଦିନୀ ଯଦିଓ ନାମକୁ ମାତ୍ର କମ୍ୟୁନିଷ୍ଟ ଥିଲେ, ମାତ୍ର ତାଙ୍କର ମୁଖ୍ୟ ଲକ୍ଷ୍ୟ ଥିଲା ଗରିବ ଆଦିବାସୀ-ହରିଜନଙ୍କୁ ଶୋଷଣରୁ ରକ୍ଷା କରିବା ଏବଂ ସେମାନଙ୍କର ସାମାଜିକ ତଥା ଅର୍ଥନୈତିକ ସ୍ତରରେ ବିକାଶ ଘଟାଇବା । ନନ୍ଦିନୀଙ୍କ କାର୍ଯ୍ୟଧାରାରେ ଅତ୍ୟନ୍ତ ପ୍ରୀତ ହୋଇ ବିନୋବା ଭାବେ ତାଙ୍କୁ 'ଭୂଦାନ କନ୍ୟା' ନାମରେ ଅଭିହିତ କରିଥିଲେ ।

Digitized by PPRACHIN, SOA

ଏହାର କିଛିବର୍ଷ ପରେ ଅର୍ଥାତ୍ ସତୁରୀ ଦଶକରେ ଆନ୍ଧ୍ର ସରକାର ନକ୍ସଲାଇଟ୍‌ମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର ଚଳେଇଥାନ୍ତି । ଖୁବ୍ କମ ବୟସର ଯୁବକମାନଙ୍କୁ ଧାଡ଼ିବାନ୍ଧି ଠିଆ କରେଇ ସେମାନଙ୍କୁ ଗୁଳି କରିଦେଉଥିଲେ । ଫଳରେ ସେଠାରୁ ନକ୍ସଲାଇଟ୍‌ମାନେ ଓଡ଼ିଶାର ସୀମାନ୍ତ ଜିଲ୍ଲା କୋରାପୁଟକୁ ପଳାଇ ଆସୁଥିଲେ । ଏମାନଙ୍କ ମଧ୍ୟରେ, ବିଶେଷକରି ଆଦିବାସୀ ଓ ହରିଜନମାନେ ଜମି ମାଲିକଙ୍କ ଶୋଷଣ ବିରୁଦ୍ଧରେ ସଂଗ୍ରାମ କରିବା ପାଇଁ ନକ୍ସଲାଇଟ୍ ହୋଇଯାଉଥିଲେ । ସେତେବେଳେ ଓଡ଼ିଶାର କୋରାପୁଟ ଜିଲ୍ଲା ଏବଂ ଆନ୍ଧ୍ରର ଶ୍ରୀକାକୁଲମ୍ ଜିଲ୍ଲା ସୀମାନ୍ତରେ ଏହି ନକ୍ସଲମାନେ ଜୋରଦାର ଆନ୍ଦୋଳନ ଚଳେଇଥାଆନ୍ତି । ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ଥାଆନ୍ତି ନନ୍ଦିନୀ । ସେ ତ ମୂଳରୁ ଏମାନଙ୍କର ଉନ୍ନତି ପାଇଁ ଚିନ୍ତିତା ଥିଲେ । ହଠାତ୍ ଦିନେ ସେମାନଙ୍କ ନିକଟକୁ ଯିବାପାଇଁ ତାଙ୍କ ଅଫିସରମାନଙ୍କୁ ଡାକି କହିଲେ । ମୁଖ୍ୟମନ୍ତ୍ରୀଙ୍କର ଅଚାନକ ନକ୍ସଲାଇଟ୍‌ମାନଙ୍କ ନିକଟକୁ ଯିବାର ଅଭୀପ୍‌ସା ଦେଖି ପୁଲିସମାନେ ଆଶ୍ଚର୍ଯ୍ୟଚକିତ ହେବା ସଙ୍ଗେ ସଙ୍ଗେ ତାଙ୍କୁ ଏହି କାର୍ଯ୍ୟକ୍ରମରୁ ନିବୃତ୍ତ ରହିବାକୁ ଅନୁରୋଧ କଲେ । କହିଲେ, 'ସେଇଟା ଆଜ୍ଞା ମହା ବିପଜ୍ଜନକ ଜାଗା । ନକ୍ସଲାଇଟ୍‌ମାନେ ଜୀବନରେ ମାରିଦେବେ ।' ହେଲେ ସର୍ବଦା ସାମୂହିକ ସ୍ୱାର୍ଥ ଜଡ଼ିତ ଜନଆନ୍ଦୋଳନ ଭିତରୁ ନିଜକୁ ଆବିଷ୍କାର କରିଥିବା ସେଦିନର ସେହି ଦୃଢ଼ମନା ନେତ୍ରୀ ନନ୍ଦିନୀ ନିଜ ଜିଦ୍‌ରେ ଅଟଳ ରହିଲେ । ବଜ୍ରକଣ୍ଠରେ ଘୋଷଣା କଲେ, "ମୁଁ ସେମାନଙ୍କ ପାଖକୁ ଯିବି, ତାଙ୍କ ସହିତ ମିଶିବି, ତାଙ୍କର ଅସୁବିଧା, ଅଭିଯୋଗ ଶୁଣିବି ଏବଂ ସେମାନଙ୍କୁ ବୁଝାଇବି । ତା'ପରେ ସେମାନେ ଯଦି ମୋତେ ମାରିବେ ତାହେଲେ ମାରିଦେବେ । ଜନ୍ମ ହେଇଛି ଥରେ, ମରିବି ବି ଥରେ । ସେଥିପାଇଁ ମୁଁ ଆଦୌ ଭୟ କରେନାହିଁ ।"

କେବଳ ଏତିକିରେ କଥା ରହିଲାନାହିଁ, ସେଠାରେ ମିଟିଂ କରିବା ପୂର୍ବରୁ ପୁଲିସଙ୍କୁ ଡାକି ତାଗିଦା କରିଦେଲେ, "ଦେଖ ! ମୁଁ ସେଠାରେ ମିଟିଂ କରିବାକୁ ଯାଉଛି, ତୁମେ ଯେପରି ଗୋଟିଏ ହେଲେ ନକ୍ସଲାଇଟ୍‌କୁ ମାରିବନି କି ସେଠାରେ ଗୁଳି ଫୁଟାଇବନି ।" ଏହା ଶୁଣି ପୁଲିସମାନେ ବିଚରା ହତବମ୍ଭ ।

ତା'ପରେ ମିଟିଂ ହେଲା । ନନ୍ଦିନୀ ସେମାନଙ୍କୁ କହିଲେ, "ଦେଖ, ତୁମେମାନେ କେତେଟା ପୁଞ୍ଜିପତିଙ୍କୁ ମାରିଦେବ । କ'ଣ ସେମାନେ ଏ ସମାଜରୁ ସମ୍ପୂର୍ଣ୍ଣ ଲୋପ ପାଇଯିବେ ? ସେମାନେ ପରା ସେଇଥିରେ ଗଢ଼ା ! ସେମାନେ ଛାରପୋକ ଭଳି ରକ୍ତବୀଜ । ତେଣୁ ତାଙ୍କର ପରିବର୍ତ୍ତନ ଅସମ୍ଭବ । ମାରିଦେଲେ ସମସ୍ୟାର ସମାଧାନ ହେବନାହିଁ । ଗୋଟାପଣେ ସମାଜର ପରିବର୍ତ୍ତନ ଲୋଡ଼ା । ତୁମମାନଙ୍କର ଔଷଧ,

Digitized by PPRACHIN, SOA

ପାଠପଢ଼ା, ଖାଦ୍ୟପେୟ ଇତ୍ୟାଦି ସବୁର ବ୍ୟବସ୍ଥା ମୁଁ କରିବି । ତୁମେ ଆମକୁ ଖାଲି ଟିକେ ସହଯୋଗ କର । ମୁଁ ତୁମ ସାଙ୍ଗରେ ଅଛି ।"

ଏହା ଶୁଣି ସବୁ ନକ୍ସଲମାନେ ଏକ ସ୍ୱରରେ କହିଉଠିଲେ, 'ବେଠି ପ୍ରଥା ଉଠାଅ ।' ସେତେବେଳେ ଜମିଦାରମାନେ ବେଠିରେ ଅର୍ଥାତ୍, ବିନା ପାରିଶ୍ରମିକରେ ବହୁତ କାମ କରାଉଥିଲେ । ନନ୍ଦିନୀ ମଧ୍ୟ ସେମାନଙ୍କ ସ୍ୱରରେ ସ୍ୱର ମିଳାଇ କହିଥିଲେ, "ମୁଁ ତୁମମାନଙ୍କ ସହିତ ଏକମତ ।" ଏହି କଥା ପଦକରେ ସମସ୍ତେ ତୁନି ପଡ଼ିଯାଇଥିଲେ । ଚାରିଆଡ଼େ ଶାନ୍ତ । ପରବର୍ତ୍ତୀ କାଳରେ ନନ୍ଦିନୀ ନିଜ କଥା ରକ୍ଷାକରି ଏହି ବେଠିପ୍ରଥାର ଉଚ୍ଛେଦ କରିବା ସହିତ ନକ୍ସଲମାନଙ୍କ ପାଇଁ ବହୁତ କାମ କରିଥିଲେ । ସେମାନଙ୍କ ସମସ୍ୟାର ସମାଧାନ ଦିଗରେ ଯତ୍‌ପରୋନାସ୍ତି ଚେଷ୍ଟା କରିଥିଲେ ।

କେବଳ ତେଭାଗା-ତେଲେଙ୍ଗାନା ନୁହେଁ, ନନ୍ଦିନୀ ତାଙ୍କ ଜୀବନରେ ଅନେକ ଆନ୍ଦୋଳନ କରିଛନ୍ତି, ନେତୃତ୍ୱ ବି ନେଇଛନ୍ତି । ଗାଁଠାରୁ ସହର ଯାଏ, ବିଧାନସଭାଠାରୁ ପାର୍ଲାମେଣ୍ଟ ଯାଏ ତାଙ୍କର ଆନ୍ଦୋଳନ ପରିବ୍ୟାପ୍ତ ଥିଲା । ନିଜ ପାଇଁ ସେ ତିଳେହେଲେ ପରବାୟ କରିନାହାନ୍ତି । ଏପରିକି ଶେଷ ବିଧାୟିକା ଜୀବନ ପର୍ଯ୍ୟନ୍ତ ଓଡ଼ିଶା ବିଧାନସଭାରେ ଏହି ନକ୍ସଲାଇଟ୍‌ମାନଙ୍କ କଥା ଉଠିଲେ ସେ ସରକାରଙ୍କୁ ତୀବ୍ର ବିରୋଧ କରୁଥିଲେ । ୧୯୯୮ ମସିହା ଡିସେମ୍ବର ୨୩ ତାରିଖ ଦିନ ବିଧାନସଭା ଅଧିବେଶନରେ ଏହି ନକ୍ସଲାଇଟ୍‌ମାନଙ୍କ ଉପରେ ଏକ ଆଲୋଚନା ପ୍ରସଙ୍ଗରେ ଗୃହର ଅନ୍ୟାନ୍ୟ ସଭ୍ୟମାନଙ୍କ ମତାମତ ସହିତ ଏକମତ ନ ହୋଇ ସେ ଅତ୍ୟନ୍ତ ସ୍ପଷ୍ଟ ଭାବେ କହିଥିଲେ, "ଅଧ୍ୟକ୍ଷ ମହୋଦୟ ! ଯେଉଁ ମାନ୍ୟବର ସଦସ୍ୟମାନେ ନକ୍ସଲପନ୍ଥୀମାନଙ୍କୁ ଦମନ କରିବା ସମ୍ପର୍କରେ ଏଠାରେ ମତବ୍ୟକ୍ତ କରିଛନ୍ତି, ମୁଁ ସେ ମତ ସହିତ ଏକମତ ହୋଇପାରୁନାହିଁ । ଯାହାଙ୍କୁ ନକ୍ସଲପନ୍ଥୀ ବୋଲି କହୁଛନ୍ତି, ଆମରି ଭିତରେ କିଛି ଲୋକ ବର୍ତ୍ତମାନ ବି ଅଛନ୍ତି, ଯାହାଙ୍କ ମନ ଭିତରେ ଅନେକ ବିଦ୍ରୋହ ଅଛି । ଅନେକ କଥାରେ ସେମାନଙ୍କର ଅସନ୍ତୋଷ ରହିଛି । ପ୍ରଥମେ ସେମାନଙ୍କର ସମସ୍ୟା, ଅସନ୍ତୋଷ ବିଷୟରେ ଅନୁଧ୍ୟାନ କରିବା ନିତାନ୍ତ ଆବଶ୍ୟକ । କେବଳ ସେମାନଙ୍କୁ ପୁଲିସ ପ୍ରଶାସନ ଦ୍ୱାରା ଦମନ କରିଦେଲେ ସମସ୍ୟାର ସମାଧାନ ହେବନାହିଁ । କେବଳ ଚାରିଆଡ଼େ ଘାଟିମାନ କରିଦେଇ ପୁଲିସଙ୍କୁ ରଖିଦେଲେ ଚଳିବ ନାହିଁ । ସେମାନଙ୍କର ପ୍ରକୃତ ସମସ୍ୟା ସହିତ ଭାଗୀଦାର ହେବା ଦରକାର । ତାଙ୍କ ପାଖକୁ ଯାଇ, ସେମାନଙ୍କ ସହିତ ମିଶି, କଥାବାର୍ତ୍ତା କରି, ତାଙ୍କର ମୌଳିକ ଆବଶ୍ୟକତା ତଥା ସ୍ୱାସ୍ଥ୍ୟ, ଔଷଧ, ଶିକ୍ଷା ଏସବୁ ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରାଗଲେ ଯାଇ କିଛି ସୁଫଳ ମିଳିବ ।"

Digitized by PPRACHIN, SOA

ପ୍ରକୃତରେ ନିଜ ଜୀବଦ୍ଦଶାରେ ନନ୍ଦିନୀ ବାସ୍ତବତାକୁ ଖୁବ୍ ଗୁରୁତ୍ୱ ଦେଉଥିଲେ । ସଚିବାଳୟର ଶୀତାତପ ନିୟନ୍ତ୍ରିତ ପ୍ରକୋଷ୍ଠରେ ବସି କିମ୍ବା ବିଧାନସୌଧର ଗମ୍ଭୀରା ଭିତରେ ଆଇନ୍‌ର ତର୍ଜମା କରି; ଲୋକଙ୍କ ଭାଷା ନ ଜାଣି, ସେମାନଙ୍କ ସମସ୍ୟା ସହିତ ନିଜକୁ ସାମିଲ ନ କରେଇ, ସେମାନଙ୍କର ଆବଶ୍ୟକତାକୁ ଅନୁଭବ ନ କରି ଏକତରଫା ଭାବରେ କୌଣସି ନିଷ୍ପତ୍ତି ଜନସାଧାରଣଙ୍କ ଉପରେ ଲଦି ଦେବାର ପ୍ରୟାସ କରୁନଥିଲେ । ଏଭଳି ଜନବିରୋଧୀ ଆଇନ୍ କାନୁନ୍‌ର ସେ ଘୋର ପରିପନ୍ଥୀ ଥିଲେ । ସାଧାରଣ ଲୋକମାନଙ୍କ ସହିତ ଅତି ସହଜରେ ମିଶିପାରୁଥିଲେ ଏବଂ ସେମାନଙ୍କ ସମସ୍ୟାକୁ ନିଜ ସମସ୍ୟା ଭାବି ତାହାର ପ୍ରତିକାର କରିବାରେ ନନ୍ଦିନୀ ଆନନ୍ଦ ଲାଭ କରୁଥିଲେ । ଲୋକଙ୍କୁ ଏବଂ ସେମାନଙ୍କର ସମସ୍ୟାକୁ ସେ କେବେ ବି ଭୟ କରୁନଥିଲେ । ଯେଉଁଥିପାଇଁ ସାଧାରଣ ଜନତା (Common people)ଙ୍କର ତାଙ୍କ ପ୍ରତି ଥିଲା ଅଗାଧ ବିଶ୍ୱାସ ଓ ଭରଷା । ଏହା ହିଁ ଥିଲା ତାଙ୍କ ଶାସନର ଅନ୍ୟ ଏକ ବଳିଷ୍ଠ ବିଶେଷତ୍ୱ ।

⁂

Digitized by PPRACHIN, SOA

ସ୍ୱାଭିମାନୀ ପିତାଙ୍କର ସ୍ୱାଭିମାନୀ କନ୍ୟା

ପିତା କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ପରି ବହୁଗୁଣର ଅଧିକାରିଣୀ ଥିଲେ ତାଙ୍କର ଅଲିଅଳ କନ୍ୟା ନନ୍ଦିନୀ । ସତେଯେପରି ବାପାଙ୍କର ସମସ୍ତ କଳାକୁ ସେ ଅପହରଣ କରିଆଣି ନିଜ ଭିତରେ ସାଇତି ପାରିଥିଲେ । କାଳିନ୍ଦୀ ଚରଣଙ୍କର ଥିଲା ପ୍ରଚଣ୍ଡ ଆତ୍ମାଭିମାନ । ତାଙ୍କର ପ୍ରତ୍ୟେକ ଲେଖାରେ ନିଜ ସ୍ୱାଭିମାନର ଚିତ୍ର ଫୁଟିଉଠିଥିଲା । ଦିନକର ଘଟଣା । ତାଙ୍କ ସାନଭାଇ ଭଗବତୀ ପାଣିଗ୍ରାହୀ ସେତେବେଳେ ଢେଙ୍କାନାଳ ଗଡ଼ଜାତ ଆନ୍ଦୋଳନରେ ବଳିଷ୍ଠ ଭୂମିକା ଗ୍ରହଣ କରୁଥିଲେ । ସେହି କାମରେ ତାଙ୍କୁ ବାରମ୍ୱାର ସେଠାକୁ ଯିବାକୁ ପଡୁଥିଲା । ତା'ଛଡ଼ା ଓଡ଼ିଶାରେ ସେ କମ୍ୟୁନିଷ୍ଟ ପାର୍ଟିର ପ୍ରତିଷ୍ଠା କରି ରଜା ଜମିଦାରମାନଙ୍କ ବିରୁଦ୍ଧରେ ଲଢ଼େଇ କରୁଥିଲେ । ଯାହାଫଳରେ ଭଗବତୀ ପାଣିଗ୍ରାହୀଙ୍କ ନାମ ଓଡ଼ିଶାରେ ଖୁବ୍ ଜଣାଶୁଣା ଥିଲା । ଏତିକିବେଳେ କାଳିନ୍ଦୀବାବୁ ଥାଆନ୍ତି ଇଷ୍ଟର୍ଣ୍ଣ ଷ୍ଟେଟ୍ସ ପବ୍ଲିସିଟି ଅଫିସର । ସେଇ କାମରେ ସେ ରାଜ୍ୟର ସବୁ ଗଡ଼ଜାତ ଅଞ୍ଚଳଗୁଡ଼ିକ ବୁଲୁଥିଲେ । ସେ ଯେତେବେଳେ ଢେଙ୍କାନାଳ ଗଲେ, ସେଠାକାର ରାଜା ଶଙ୍କର ପ୍ରତାପ ସିଂହଦେଓ ତାଙ୍କୁ ପଚାରିଲେ, 'ଆପଣ କ'ଣ ଭଗବତୀ ପାଣିଗ୍ରାହୀଙ୍କର ଭାଇ ?' କାଳିନ୍ଦୀବାବୁ ସଙ୍ଗେ ସଙ୍ଗେ ତାଙ୍କୁ ହସି ହସି କହିଲେ, 'ନାଇଁ ଆଜ୍ଞା, ଭଗବତୀ ମୋ ସାନଭାଇ ।' ଏଥିରୁ ଜଣାପଡ଼େ କାଳିନ୍ଦୀବାବୁ କେତେ ସ୍ୱାଭିମାନୀ ଥିଲେ । ସେ ଜଣାଇଦେବାକୁ ଚାହୁଁଥିଲେ ଯେ, ଆମ ସଂସ୍କୃତିରେ ବଡ଼ଭାଇର ସ୍ୱତନ୍ତ୍ର ପରିଚୟ ରହିଛି । ସାନଭାଇର ପରିଚୟରେ ବଡ଼ଭାଇ ପରିଚିତ ହେବା ଉଚିତ ନୁହେଁ ।

ଏହାର କିଛିବର୍ଷ ପରେ ଅନୁରୂପ ଏକ ଘଟଣା ଘଟିଥିଲା । ସେ ବିଷୟରେ ନନ୍ଦିନୀ କହୁଥିଲେ, "୧୯୬୨ ମସିହାର କଥା । କେନ୍ଦ୍ର ସାହିତ୍ୟ ଏକାଡେମୀରେ

Digitized by PPRACHIN, SOA

ବାପା ଥାଆନ୍ତି ଓଡ଼ିଶାରୁ ପ୍ରଥମ ଓଡ଼ିଆ ଫେଲୋ । ସେତେବେଳେ ସାହିତ୍ୟ ଏକାଡେମୀର ସଭାପତି ଥାଆନ୍ତି ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ । ଏକାଡେମୀର ଗୋଟିଏ ବୈଠକ ଡକାହୋଇଥାଏ ଦିଲ୍ଲୀରେ । ବାପା ବି ସେ ବୈଠକକୁ ଯାଇଥାନ୍ତି । ସଭାକାର୍ଯ୍ୟ ସାରି ଘରକୁ ଫେରିବା ଉଦ୍ଦେଶ୍ୟରେ ବାପା ଆସି ବାହାରେ ଠିଆହୋଇଥାନ୍ତି । ସେ ବୈଠକରେ ଇନ୍ଦିରା ଗାନ୍ଧୀ ମଧ୍ୟ ଯୋଗ ଦେବାକୁ ଯାଇଥିଲେ । ଏତିକିବେଳେ ଇନ୍ଦିରା ଗାନ୍ଧୀ ସେହି ବାଟଦେଇ ଫେରିଲାବେଳେ ବାପାଙ୍କୁ ବାହାରେ ଠିଆ ହୋଇଥିବାର ଦେଖି ପଚାରିଲେ, 'Shall I drop you some where ?' ବାପା ସମ୍ମତି ଜଣାଇ ମୋ ଠିକଣା ବତେଇ ଦେଲେ ଏବଂ କହିଲେ, 'ମୋ ଝିଅ ଏମ୍.ପି. ଅଛି । ମୁଁ ତା'ରି କ୍ୱାର୍ଟରରେ ରହୁଛି ।' ଏହା ଶୁଣି ଇନ୍ଦିରା ଗାନ୍ଧୀ ପଚାରିଲେ, 'ଆପଣ ନନ୍ଦିନୀର ବାପା ନା ? ଆପଣଙ୍କ ମୁହଁ ସାଙ୍ଗରେ ତା'ର ଭାରି ସାମଞ୍ଜସ୍ୟ ଅଛି ।' ବାପା ହସି ହସି କହିଲେ, 'ନାଇଁ, ନନ୍ଦିନୀ ପାଣିଗ୍ରାହୀ ମୋ ଝିଅ ।' ଏହା ଶୁଣି ଇନ୍ଦିରା ଗାନ୍ଧୀ ଖୁବ୍ ହସିଲେ ଏବଂ ତାଙ୍କୁ ଆଣି ମୁଁ ରହୁଥିବା ୧୦୬, ନର୍ଥ ଆଭେନ୍ୟୁର କ୍ୱାର୍ଟରରେ ଛାଡ଼ିଦେଇଗଲେ ।"

ଏହା ଥିଲା କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କର ସ୍ୱାଭିମାନ । ଜଣେ ଦରଦୀ ଲେଖକର ସ୍ୱାଭିମାନ । ପ୍ରକୃତରେ ସ୍ୱାଭିମାନ ନଥିଲେ କୌଣସି ବ୍ୟକ୍ତି ବା ଜାତି ଉପରକୁ ଉଠିବା ନିଶ୍ଚିତ ଭାବରେ ଅସମ୍ଭବ । ହୀନମନ୍ୟତା ଅଧୋଃଗତିର ଲକ୍ଷଣ । ମାତ୍ର ଆତ୍ମସ୍ୱାଭିମାନର ଗତି ସର୍ବଦା ଊର୍ଦ୍ଧ୍ୱକୁ । ଏହି ସ୍ୱାଭିମାନ ଯୋଗୁଁ ନନ୍ଦିନୀ ଅନେକ ଉଚ୍ଚ ପଦପଦବୀ ହାତଛଡ଼ା କରିଥିଲେ ମଧ୍ୟ ତାଙ୍କ ଜୀବଦ୍ଦଶାରେ ବହୁ ମହତ କାର୍ଯ୍ୟ ସମ୍ପାଦନ କରି ଏକ ମହତ୍ତର ସ୍ତରକୁ ଉନ୍ନୀତ ହୋଇପାରିଥିଲେ । ତତ୍‌ସଙ୍ଗେସଙ୍ଗେ ଅନେକ ତଥାକଥିତ ପ୍ରତିଷ୍ଠିତ ବ୍ୟକ୍ତିଙ୍କୁ ମଧ୍ୟ ଖୁବ୍ ଅପ୍ରୀତିକର ପରିସ୍ଥିତିରେ ପକାଇ ଦେଇଥିଲେ ।

ତାଙ୍କର ଖୁବ୍ ପିଲାବେଳର କଥାଟିଏ । ସମବାୟ ଚାକିରି ଛାଡ଼ି ତାଙ୍କ ବାପା କାଳିନ୍ଦୀବାବୁ ମୟୂରଭଞ୍ଜରୁ ପ୍ରକାଶିତ 'ଭଞ୍ଜପ୍ରଦୀପ' ପତ୍ରିକାର ସମ୍ପାଦକ ରୂପେ ଯୋଗ ଦେଇଥାନ୍ତି । ପରେ ସେ ନିଜର ପରିବାରକୁ ମଧ୍ୟ ସେଠାକୁ ନେଇଯାଇଥାନ୍ତି । ନନ୍ଦିନୀ ସେତେବେଳକୁ ମାତ୍ର ତିନିବର୍ଷର ଶିଶୁ । ଦୁଇବର୍ଷ ସେଠାରେ ରହିବା ପରେ କାଳିନ୍ଦୀବାବୁ ସେଠାକାର ଏକ ପ୍ରାଇମେରୀ ବିଦ୍ୟାଳୟରେ ଝିଅର ନାମ ଲେଖାଇଦେଲେ । ନନ୍ଦିନୀ ମୋଟେ ସାତ ଆଠଦିନ ବିଦ୍ୟାଳୟକୁ ଯାଇଛନ୍ତି କି ନାହିଁ ଦିନେ ବାପାଙ୍କୁ ଆସି କହିଲେ, ମତେ ଏ ସ୍କୁଲ ଭଲ ଲାଗୁନି । ମୁଁ କଟକରେ ପଢ଼ିବି । କାଳିନ୍ଦୀବାବୁ ଟିକେ ବ୍ୟସ୍ତ ହୋଇପଡ଼ିଲେ । ଏଡ଼ିକି ଛୋଟ ପିଲା, କଟକରେ ହଷ୍ଟେଲରେ ରହି କେମିତି ପଢ଼ିବ ? ସେ ଝିଅକୁ ପଚାରିଲେ, ଏଠି ସ୍କୁଲରେ କ'ଣ ଅସୁବିଧା ହେଉଛି ତୋର ? ନନ୍ଦିନୀ

Digitized by PPRACHIN, SOA

ଏହାର ଯେଉଁ ଉତ୍ତର ଦେଲେ ତାହା ଶୁଣି କାଳିନ୍ଦୀବାବୁ ସ୍ତମ୍ଭୀଭୂତ ହୋଇଯାଇଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ସେ ସମୟରେ ସେଠାକାର ବିଦ୍ୟାଳୟମାନଙ୍କରେ ରାଜାମାନଙ୍କର ସ୍ତୁତିଗାନ କରାଯାଇ ପ୍ରାର୍ଥନା ସବୁ ବୋଲାଯାଉଥିଲା । ନନ୍ଦିନୀଙ୍କର ଯେଉଁ ବିଦ୍ୟାଳୟରେ ନାମ ଲେଖାଯାଇଥିଲା ସେଠାରେ ମଧ୍ୟ ସେଇଭଳି ପ୍ରାର୍ଥନା ବୋଲାଯାଉଥିଲା–

"ଏହି ମୋର ଭଞ୍ଜ ଭୂମି ଏହି ମହାରାଜା
ଜନ୍ମେ ଜନ୍ମେ କରୁଥିବି ମୁଁ ଏ ଦୁହିଁଙ୍କୁ ପୂଜା ।"

ସେ ତ ଅତି ସାନବେଳୁ ନାନୀ, ଭାଇନାଙ୍କ ସଙ୍ଗେ ବସି ଭଗବାନଙ୍କ ପ୍ରାର୍ଥନା ବୋଲୁଥିଲେ । ବାପା ବୋଉ ବି ତାଙ୍କୁ ଅନେକ ପ୍ରାର୍ଥନା ଶିଖାଇ ଦେଇଥିଲେ । ତେଣୁ ଏଠାରେ ଏପରି ରାଜାଙ୍କୁ ପୂଜା କରିବା ପ୍ରାର୍ଥନାଟି ତାଙ୍କୁ ଖୁବ୍ ଖରାପ ଲାଗିଥିଲା । ଯେଉଁଥିପାଇଁ ସେ ସେଠାରେ ପଢ଼ିବାକୁ ରାଜି ହୋଇନଥିଲେ । କାଳିନ୍ଦୀବାବୁ ମଧ୍ୟ ନିଜ ଝିଅର ସ୍ୱାଭିମାନ ଦେଖି ଖୁବ୍ ଖୁସି ହୋଇଯାଇଥିଲେ । କାରଣ ସେ ବି ତ ଲେଖୁଥିଲେ–

"ଜନ୍ମ ଆମର ମଣିଷ କୁଳରେ ନାହିଁ ଇଜ୍ଜତ ମାନ,
ଆମ ଝିଅ ବୋହୂ ସବୁରି ଶାଳୀ ହେ ଆମେ ଶଳା ଶଇତାନ ।"

ଏପରି ଜଣେ ସ୍ୱାଭିମାନ ଲେଖକର ଝିଅ ହୋଇ ରାଜାଙ୍କ ସ୍ତୁତିଗାନ କରିବା ନନ୍ଦିନୀଙ୍କ ପକ୍ଷରେ କିପରି ବା ସମ୍ଭବ ହୋଇଥାନ୍ତା ?

ସେତେବେଳକୁ ତାଙ୍କ ଦଦେଇଙ୍କ ଝିଅ ଭେଜିନାନୀ କଟକର ଗାର୍ଲ ସ୍କୁଲରେ ହଷ୍ଟେଲରେ ରହି ପଢୁଥାନ୍ତି । ଦଦେଇ ଦିବ୍ୟସିଂହ ପାଣିଗ୍ରାହୀ କିନ୍ତୁ ବାରିପଦାରେ ରହୁଥାନ୍ତି । ସେ ସେଠାରେ ଷ୍ଟେଟ୍ ପ୍ଲିଡର (ଏଇକ୍ଷଣି ଯାହାକୁ କହୁଛନ୍ତି ଆଡ୍‌ଭୋକେଟ୍ ଜେନେରାଲ) ଭାବେ କାର୍ଯ୍ୟ କରୁଥାନ୍ତି । ଏହି ଘଟଣା ପରେ ଦିବ୍ୟସିଂହବାବୁ ନନ୍ଦିନୀଙ୍କୁ ଆଣି କଟକର ସେହି ଗାର୍ଲ ସ୍କୁଲରେ ନାମ ଲେଖାଇ ଦେଇଥିଲେ । ଏଇଥିରୁ ଅନୁମାନ କରିହୁଏ, ନନ୍ଦିନୀ ପିଲାଦିନୁ କେତେ ସ୍ୱାଭିମାନୀ ଥିଲେ ।

ପାଞ୍ଚବର୍ଷ ବୟସରେ ନିଜର ସ୍ୱାଭିମାନ ଲାଗି ଯିଏ ଗୋଟିଏ ବିଦ୍ୟାଳୟ ପରିତ୍ୟାଗ କରିଥିଲେ, ସିଏ ଯେତେବେଳେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଆସନରେ ବସିଲେ ଏହି ସ୍ୱାଭିମାନ ଯୋଗୁଁ ସେ ମୁଖ୍ୟମନ୍ତ୍ରୀ ଆସନ ମଧ୍ୟ ଛାଡ଼ିଦେବା ପାଇଁ ଟିକେହେଲେ କୁଣ୍ଠାବୋଧ କରିନଥିଲେ । ସେତେବେଳେ ସଞ୍ଜୟ ଗାନ୍ଧୀ ତାଙ୍କ ମା' ଇନ୍ଦିରାଙ୍କ ଉପରେ ପ୍ରବଳ

Digitized by PPRACHIN, SOA

ଚାପ ପକାଉଥାନ୍ତି ଓଡ଼ିଶାର ନେତୃତ୍ୱ ପରିବର୍ତ୍ତନ କରିବାକୁ । ଅର୍ଥାତ୍ ମୁଖ୍ୟମନ୍ତ୍ରୀ ପଦରୁ ନନ୍ଦିନୀଙ୍କୁ ହଟାଇବା ପାଇଁ । ସେହି ସମୟର ଘଟଣାଟିଏ । ସତ୍ୟ ମହାପାତ୍ର ଏବଂ ଦେବେନ୍ଦ୍ର ପଟ୍ଟନାୟକ ଦୁଇଜଣ ବ୍ୟକ୍ତି ଅଲ ଇଣ୍ଡିଆ ରେଡିଓ, କଟକ କେନ୍ଦ୍ରରେ ଚାକିରି କରୁଥାନ୍ତି । ଏ ଦୁଇଜଣଙ୍କୁ ସଞ୍ଜୟ ଗାନ୍ଧୀ ନିର୍ଦ୍ଦେଶ ଦେଇଥାନ୍ତି ଯେ, ନନ୍ଦିନୀଙ୍କ ବିରୋଧରେ ରେଡ଼ିଓରେ ସମାଲୋଚନା କରିବା ପାଇଁ । ମାତ୍ର ସେମାନେ ତାଙ୍କ ବିରୋଧରେ କିଛି ନ କହିବାରୁ ସଞ୍ଜୟଙ୍କ କୋପଦୃଷ୍ଟିର ଶିକାର ହେଲେ । ସେତେବେଳେ ବିଦ୍ୟାଚରଣ ଶୁକ୍ଳ ଥାଆନ୍ତି ସୂଚନା ଓ ପ୍ରସାରଣ ବିଭାଗର ମନ୍ତ୍ରୀ । ସଞ୍ଜୟ ଗାନ୍ଧୀ ପ୍ରଥମେ ତାଙ୍କୁ ଖୋଜିଲେ । ଶୁକ୍ଳଜୀ ସେହି ସମୟରେ ବାହାରକୁ ଯାଇଥାନ୍ତି । ସଞ୍ଜୟ ରାଗରେ ନିଜର ହିତାହିତ ଜ୍ଞାନ ଭୁଲି ସୂଚନା ଓ ପ୍ରସାରଣ ବିଭାଗର ସଚିବଙ୍କୁ କହିଲେ ଯେ, ଏ ଦୁହିଁଙ୍କୁ ଅବିଳମ୍ୱେ କୋହିମା ବଦଳି କରିଦିଅନ୍ତୁ । ପ୍ରଧାନମନ୍ତ୍ରୀଙ୍କ ପୁଅ ଯେତେବେଳେ କହୁଛନ୍ତି, ସେତେବେଳେ ସଚିବ ମହାଶୟ ତୁରନ୍ତ ଏ ଆଦେଶକୁ ପାଳନ କଲେ । ଖାଲି ପାଳନ କଲେନି, ଏ ଦୁଇଜଣଙ୍କୁ ଟେଲିଗ୍ରାଫିକାଲି ବଦଳି କରିଦେଲେ ସୁଦୂର କୋହିମାକୁ । ଏଥିରୁ ସ୍ପଷ୍ଟ ଜଣାପଡ଼େ ଯେ ସଞ୍ଜୟ ଗାନ୍ଧୀ ସେତେବେଳେ ତାଙ୍କ ମା' ଇନ୍ଦିରା ଗାନ୍ଧୀଙ୍କ ଶାସନ କାର୍ଯ୍ୟରେ କେତେ ଗଭୀର ଭାବରେ ହସ୍ତକ୍ଷେପ କରୁଥିଲେ । ନନ୍ଦିନୀଙ୍କୁ ଏହି କଥାଟି ଖୁବ୍ ମର୍ମାହତ କରିଥିଲା । ସେ ଦେଖିଲେ ଅକାରଣଟାରେ ଦୁଇଜଣ କର୍ମଚାରୀଙ୍କୁ କଟକରୁ କୋହିମାକୁ ବଦଳି କରିବା ପଛରେ କୌଣସି ଯଥାର୍ଥତା ନାହିଁ । ସେମାନଙ୍କୁ ସେ ପରାମର୍ଶ ଦେଲେ ଯେ, ଛୁଟି ନେଇ ତୁମେମାନେ ଏଇଠାରେ ରୁହ । ଏ ସମ୍ପର୍କରେ ନନ୍ଦିନୀ କହୁଥିଲେ, "ମୁଁ ପ୍ରସାରଣ ମନ୍ତ୍ରୀ ବିଦ୍ୟାଚରଣ ଶୁକ୍ଳଙ୍କୁ ଏ ବିଷୟରେ ପଚାରିଲି । ଶୁକ୍ଳ ମୋତେ କହିଲେ, ଏହି ଆଦେଶ ପ୍ରାଇମିନିଷ୍ଟରଙ୍କ ହାଉସ୍‌ରୁ ଆସିଥିଲା । ମୁଁ କିନ୍ତୁ ଛାଡ଼ିବାର ପାତ୍ର ନଥିଲି । ମୁଁ ପଚାରିଲି ଯେ, ପ୍ରାଇମିନିଷ୍ଟର ହାଉସ୍ ବୋଲି କ'ଣ କିଛି ଅଛି ? କଥାଟା ଠିକ୍‌ରେ କୁହନ୍ତୁ କିଏ ଏ ଆଦେଶ ଦେଲା । ପି.ଏମ୍ ହାଉସ୍‌ର ଚାକର କୁକୁର କହିଦେଲେ କ'ଣ ତାହା ଅର୍ଡର ହୋଇଯିବ ? ଏହା ଶୁଣି ଶୁକ୍ଳ ସାହେବ ମୋତେ କହିଲେ, 'କ୍ୟା ନନ୍ଦିନୀଜୀ, ଆପ୍ ତୋ ସବ୍ ଜାନତେ ହେଁ ।' ମୁଁ ସେଇଠୁ 'ଆଚ୍ଛା ଠିକ୍ ଅଛି' କହି ଚୁପ୍ ରହିଲି । ଏହାର ଠିକ୍ ପରେ ପରେ ନ୍ୟାସ୍‌ନାଲ ଡେଭ୍‌ଲପମେଣ୍ଟ କାଉନ୍‌ସିଲ (ଏନ୍.ଡି.ସି)ର ବୈଠକ ଦିଲ୍ଲୀର ବିଜ୍ଞାନ ଭବନରେ ବସିଥାଏ । ଏହି ବୈଠକରେ ମୋର ବି ଯୋଗ ଦେବାର ଥାଏ । ସେଇଠି ଇନ୍ଦିରା ଗାନ୍ଧୀଙ୍କ ସଙ୍ଗେ ମୋର ଦେଖାହେଲା । ସେତେବେଳକୁ ସଞ୍ଜୟର ଚାପରେ ପଡ଼ି ମୋତେ ମୁଖ୍ୟମନ୍ତ୍ରୀ ପଦରୁ ହଟାଇବା ପାଇଁ ସେ ଏକପ୍ରକାର ମନ ସ୍ଥିର କରିସାରିଥିଲେ । କାରଣ ମୁଁ ପୂର୍ବରୁ ଯେତେଥର ତାଙ୍କୁ ଦେଖା କରିବାକୁ ଯାଇଛି, ସେ ଚିଟ୍ ପାଇବାକ୍ଷଣି ମୋତେ

Digitized by PPRACHIN, SOA

ଡକାଇଦିଅନ୍ତି । ପରେ କିନ୍ତୁ ମତେ ସାକ୍ଷାତ ଦେବାପାଇଁ ସେ ଆଉ ଇଚ୍ଛୁକ ନଥିଲେ ବୋଲି ତାଙ୍କ ପ୍ରାଇଭେଟ୍ ସେକ୍ରେଟାରୀ ମୋତେ ଆଗରୁ ସୂଚନା ଦେଇସାରିଥିଲେ । ସେ ଯାହାହେଉ, ବିଜ୍ଞାନ ଭବନର ବୈଠକରେ ମୁଁ ଏହି ଦୁଇଜଣଙ୍କ ବଦଳି ବିଷୟରେ ତାଙ୍କୁ ପଚାରିଲି । ଇନ୍ଦିରା ଗାନ୍ଧୀ ମୋତେ କହିଲେ, ତୁମେ କେମିତି ଜାଣିଲ ଯେ ସଞ୍ଜୟ ଏହା କରେଇଛି ? ମୁଁ କହିଲି, ମୋତେ ଏହା ବିଦ୍ୟାଚରଣ ଶୁକ୍ଲା କହିଲେ । ସେଦିନ ଗଲା । ତା' ଭିତରେ ଇନ୍ଦିରା ଗାନ୍ଧୀ ବିଦ୍ୟାଚରଣ ଶୁକ୍ଲାଙ୍କୁ ଏ କଥା ପଚାରିଥିଲେ । ମାତ୍ର ଇନ୍ଦିରା ଗାନ୍ଧୀଙ୍କ ସାମ୍ନାରେ ସତକଥା କହିବା ପାଇଁ ଶୁକ୍ଲାଙ୍କର ସତ୍‌ସାହସ ନଥିଲା । ତା' ପରଦିନ ମୋର ଇନ୍ଦିରା ଗାନ୍ଧୀଙ୍କ ସହିତ ଦେଖାହେବାରୁ ମତେ ସେ କହିଲେ ଯେ, ବିଦ୍ୟା ଶୁକ୍ଲା ତ ମନା କରୁଛନ୍ତି ତମକୁ ସେ କହିନାହାନ୍ତି ବୋଲି ! ଏ କଥା ଶୁଣି ମୋର ରାଗ ମୁଣ୍ଡକୁ ଚଢ଼ିଗଲା । ମୁଁ ତାଙ୍କ ପାଖରେ ବସିଥିବା ସୋଫାରେ ହାତ ବାଡ଼େଇ କହିଲି, ଡାକନ୍ତୁ ବିଦ୍ୟା ଶୁକ୍ଲାଙ୍କୁ, ସେ ମୋ ସାମ୍ନାରେ କୁହନ୍ତୁ ଯେ ମୋତେ ଏ କଥା କହିନାହାନ୍ତି ବୋଲି । ଇନ୍ଦିରା ଗାନ୍ଧୀ ମୋ ରାଗ ଦେଖି ସ୍ତବ୍ଧ ହୋଇଗଲେ । ସେ ଆଉ ସାହସ କରିପାରିଲେନି ଶୁକ୍ଲାଙ୍କୁ ଡାକି ମୋ ଆଗରେ ସାମ୍ନାସାମ୍ନି କରାଇବା ପାଇଁ ।"

ଏହାର କିଛିଦିନ ପରେ ଦେଶରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେଲା । ଏଥିରେ ଜନତା ପାର୍ଟି ସଂଖ୍ୟାଗରିଷ୍ଠତା ପାଇ କେନ୍ଦ୍ରରେ ସରକାର ଗଢ଼ିଲେ । ଦେବେନ୍ଦ୍ରବାବୁ ସେତେବେଳେ ଢେଙ୍କାନାଳ ଆସନରୁ ଜିତି ସାଂସଦ ଥାଆନ୍ତି । ନନ୍ଦିନୀ ତାଙ୍କରି ପାଖରେ ୬୦ ଲୋଧି ଇଷ୍ଟେଟ୍‌ରେ ରହୁଥାନ୍ତି । ଏପଟେ ଏ ଦୁଇଜଣଙ୍କ ଅବସ୍ଥା ସେହିପରି ଥାଏ । ଲାଲକ୍ରିଷ୍ଣ ଆଡ଼ଭାନୀ ହୋଇଥାନ୍ତି ସୂଚନା ଓ ପ୍ରସାରଣ ମନ୍ତ୍ରୀ । ନନ୍ଦିନୀ କହୁଥିଲେ, "ମୁଁ ଯାଇ ଆଡ଼ଭାନୀଙ୍କୁ ଦେଖାକରି ଏ ସମସ୍ତ ବିଷୟ ଜଣାଇଲି ଏବଂ କହିଲି, ମୁଁ ଚାହୁଁଛି ଯେମିତି ଏ ଦୁଇଜଣଙ୍କୁ ଟେଲିଗ୍ରାଫିକାଲି ଟ୍ରାନ୍‌ସଫର କରି କୋହିମାକୁ ବଦଳି କରାଯାଇଥିଲା, ସେମିତି ଟେଲିଗ୍ରାଫିକାଲି ଅର୍ଡର ବାହାର କରି ଏହି ଟ୍ରାନ୍‌ସଫରକୁ ରଦ୍ଦ କରାଯାଉ । ଆଡ଼ଭାନୀଜୀ ସେତେବେଳେ ଏ କଥାର ଗୁରୁତ୍ୱ ଉପଲବ୍ଧି କରି ସଙ୍ଗେ ସଙ୍ଗେ ଏହାକୁ କାର୍ଯ୍ୟକାରୀ କରାଇଥିଲେ ।"

ନନ୍ଦିନୀ ଥିଲେ ଖୁବ୍ ସ୍ୱାଭିମାନୀ । ସେଥିଲାଗି ସେ ମଧ୍ୟ ହୋଇଥିଲେ ଖୁବ୍ ଏକଜିଦିଆ । ନିଜ ଜୀବନରେ ଏହିପରି ପରିସ୍ଥିତିକୁ ସେ ଅନେକବାର ସାମ୍ନା କରିଛନ୍ତି । ହେଲେ ତାଙ୍କର ସ୍ୱାଭିମାନ କେଉଁଠାରେ ବି ହରେଇନାହାନ୍ତି ।

*
**

Digitized by PPRACHIN, SOA

୧୯

ଜଣେ ସୁଦକ୍ଷା ପ୍ରଶାସକ

ଓଡ଼ିଶା ତଥା ଭାରତର ଜନସାଧାରଣ ଶ୍ରଦ୍ଧା ଓ ସମ୍ମାନର ସହ ନନ୍ଦିନୀଙ୍କ ଶାସନ କାଳକୁ ମନେ ରଖିଛନ୍ତି । ପ୍ରଶାସନ ଉପରେ ଦୃଢ଼ ନିୟନ୍ତ୍ରଣ ରଖିବା ତାଙ୍କ ବ୍ୟକ୍ତିତ୍ୱର ମୌଳିକ ଲକ୍ଷଣ ଥିବାବେଳେ, ଶାସନକୁ ଲୋକାଭିମୁଖୀ କରାଇବା ଉପରେ ସେ ସର୍ବଦା ଗୁରୁତ୍ୱାରୋପ କରିଥିଲେ । ସେ ଯେବେ ବି ଯେଉଁ ରାଜନୈତିକ ପଦପଦବୀରେ ଅଧିଷ୍ଠିତ ହୋଇଛନ୍ତି, ରାଜନୀତି କମ କରି ଅଧିକ ସମୟ ସମାଜର ସାମୂହିକ ହିତ ନିମନ୍ତେ ଉତ୍ସର୍ଗ କରିଛନ୍ତି । ବ୍ୟକ୍ତି ପ୍ରାଧାନ୍ୟକୁ ନ୍ୟୂନ କରି ସାଧାରଣ ସ୍ୱାର୍ଥକୁ ଗୁରୁତ୍ୱ ଦେଇଛନ୍ତି । କେବେଇ ଭଗବତୀ ପାଣିଗ୍ରାହୀଙ୍କ ଆଦର୍ଶକୁ ଜୀବନର ବ୍ରତ ରୂପେ ବରଣ କରିନେଇ ତୃଣମୂଳ ସ୍ତରରୁ ସମାଜସେବା କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିବା ନନ୍ଦିନୀ ସର୍ବଦା ଦୁର୍ବଳ ପକ୍ଷର ସମର୍ଥନ ନେଇ ଲଢ଼େଇ କରିଛନ୍ତି ଏବଂ ସବଳର ଅତ୍ୟାଚାରକୁ ପ୍ରତିହତ କରିଛନ୍ତି । ଯେଉଁଥିପାଇଁ ଅହଂକାରୀ, କ୍ଷମତାଲୋଭୀ ଏବଂ ସ୍ୱାର୍ଥସର୍ବସ୍ୱ ରାଜନେତାମାନଙ୍କର ସେ କ୍ରମାଗତ ଚକ୍ଷୁଶୀଳ ହୋଇଛନ୍ତି ।

ନନ୍ଦିନୀ ମୁଖ୍ୟମନ୍ତ୍ରୀ ଥିବାବେଳର କଥା । ସେ ସମୟରେ କଳାହାଣ୍ଡି ଏବଂ ବଲାଙ୍ଗୀର ଜିଲ୍ଲାରେ ଭୀଷଣ ମରୁଡ଼ି ପଡ଼ିଥାଏ । ସେହି ଭୟାନକ ମରୁଡ଼ି ଦେଖି ତାଙ୍କର ମାତୃହୃଦୟ ବିଚଳିତ ହୋଇଉଠିଲା । ବାଙ୍କ ବିହାରୀ ଦାସ ଥାଆନ୍ତି ରାଜସ୍ୱ ମନ୍ତ୍ରୀ । ସେ କିନ୍ତୁ ମରୁଡ଼ି ପରିସ୍ଥିତି ଅନୁଧ୍ୟାନ କରିବାକୁ ନ ଯାଇ ବ୍ରଜ ମହାନ୍ତି ପ୍ରମୁଖଙ୍କ ସହ ମିଶି ନନ୍ଦିନୀଙ୍କୁ ଗାଦିଚ୍ୟୁତ କରିବାର ଷଡ଼ଯନ୍ତ୍ରରେ ଲାଗିପଡ଼ିଥାନ୍ତି । ଏ ସମ୍ପର୍କରେ ନନ୍ଦିନୀ କହୁଥିଲେ, "ମୁଁ ତାଙ୍କୁ ଡାକି କହିଲି, ଷଡ଼ଯନ୍ତ୍ର କରନ୍ତୁ କିନ୍ତୁ ସେଠାକୁ ଯାଇ ମରୁଡ଼ି ପ୍ରପୀଡ଼ିତ ଲୋକଙ୍କ କଥା ଟିକେ ବୁଝନ୍ତୁ । ମୁଁ ମଧ୍ୟ ତୁମ ସାଙ୍ଗରେ ଯିବି । ସେ କିନ୍ତୁ ଗଲେ ନାହିଁ ।"

Digitized by PPRACHIN, SOA

ଷଡ଼ଯନ୍ତ୍ର ରାଜନୀତିର ପେଞ୍ଚପାଞ୍ଚକୁ ପଛରେ ପକାଇ ନନ୍ଦିନୀ ବାହାରି ପଡ଼ିଲେ ନୂଆପଡ଼ା ମରୁଡ଼ି ପ୍ରପୀଡ଼ିତ ଲୋକମାନଙ୍କ ନିକଟକୁ । ସାଙ୍ଗରେ ଥିଲେ ତାଙ୍କର ସଚିବ ରମାକାନ୍ତ ରଥ ଏବଂ ଆର୍.ଡି.ସି. ନୀଳମାଧବ ମିଶ୍ର । ଏହି ଗସ୍ତରେ ସେମାନଙ୍କ ସହିତ ସେହି ଦୁଇ ଜିଲ୍ଲାର ଜିଲ୍ଲାପାଳ ମଧ୍ୟ ସାମିଲ ହେଲେ । ଚାରିଆଡ଼େ ପ୍ରଚଣ୍ଡ ଖରା । ଖାଇବାକୁ କେଉଁଠି ମିଳୁନି । ପାଣି ଟୋପାଏ ବି ନାହିଁ । ଲୋକମାନେ ବହୁ କଷ୍ଟରେ ଥାଆନ୍ତି । ସେଠାକୁ ଯିବା ପୂର୍ବରୁ ତାଙ୍କ ସଙ୍ଗେ ଯାଇଥିବା ସମସ୍ତ ଅଫିସର ଏବଂ କର୍ମଚାରୀମାନଙ୍କୁ ନନ୍ଦିନୀ ପରାମର୍ଶ ଦେଲେ, "ଦେଖ, କୌଣସି ଜାଗାରେ ଲଞ୍ଚ୍ କି ଡିନର କାର୍ଯ୍ୟକ୍ରମ କିଛି ରଖନ୍ତୁନି । ପାଉଁରୁଟି ଏବଂ ଅଣ୍ଡା କିଛି ନେଇଯାଅ, ଗଛମୂଳେ ବସି ଖାଇବା । କୌଣସି ସ୍କୁଲଘରେ ଖାଇବାର ଆୟୋଜନ କରିବେନି । କାରଣ ଭୋକିଲା, ଲଙ୍ଗଳା ପିଲା ଡହଳ ବିକଳ ହୋଇ ଚାହିଁଥିବେ-ସେମାନଙ୍କର ଖାଇବାକୁ ନଥିବ, ପାଣି ଟୋପାଏ ପିଇବାକୁ ନଥିବ, ସେମାନଙ୍କ ଦୁଃଖ ମୁଁ ସହିପାରିବିନି ।" ଏଥିସହିତ ଝାଞ୍ଜି ଖରାରେ ମୁଣ୍ଡରେ ପକାଇବାକୁ ସମସ୍ତଙ୍କ ପାଇଁ ଖଣ୍ଡେ ଲେଖାଁ ସମ୍ବଲପୁରୀ ଗାମୁଛା କିଣାଗଲା । ସେଇ ପ୍ରଚଣ୍ଡ ଖରାରେ ନନ୍ଦିନୀ ତାଙ୍କ ଅଫିସରମାନଙ୍କ ସହ ଗାଁ ଗାଁ ବୁଲି ମରୁଡ଼ି ପରିସ୍ଥିତି ଅନୁଧ୍ୟାନ କଲେ । ନନ୍ଦିନୀ କହୁଥିଲେ, "ଗୋଟିଏ ଗାଁରେ ଜଣେ ସ୍ତ୍ରୀଲୋକ ଆମକୁ ଦେଖି କାନ୍ଦି କାନ୍ଦି ଖାଇବାକୁ ମାଗିଲା । ତା'ର ବିକଳ ଅବସ୍ଥାକୁ ସହ୍ୟ କରିନପାରି ମୁଁ ବି କାନ୍ଦି ପକାଇଲି । ରମାକାନ୍ତବାବୁ କହିଲେ, 'ମାଡାମ୍ ! ଆପଣ କାନ୍ଦୁଛନ୍ତି !' ମୁଁ ତାଙ୍କୁ କହିଲି ମୁଁ ଆଉ ସହି ପାରୁନାହିଁ । ଯେମିତି ହେଲେ ଏମାନଙ୍କୁ ପାଣି ଦିଅ, ଏମାନଙ୍କ ପାଇଁ ଖାଇବାକୁ ପଠାଅ ।"

ରମାକାନ୍ତ ରଥ ମଧ୍ୟ ଏ ପ୍ରସଙ୍ଗରେ ଏକ ଆଲେଖ୍ୟରେ ପ୍ରକାଶ କରନ୍ତି, "ମରୁଡ଼ି-ପ୍ରପୀଡ଼ିତ ନୂଆପଡ଼ାରେ ଅଖିଆ ଅପିଆ ସେ (ନନ୍ଦିନୀ) ସାରାଦିନ ବୁଲିବା କଥା ମୁଁ କେବେହେଲେ ଭୁଲିପାରିବି ନାହିଁ ।"

ସେଠାରୁ ଫେରିବା ପରେ ତାଙ୍କ ବିରୋଧରେ କିଏ କିପରି ଷଡ଼ଯନ୍ତ୍ର କରୁଛନ୍ତି ସେ କଥାରେ ଆଦୌ ମୁଣ୍ଡ ନ ଖେଳାଇ ନନ୍ଦିନୀ ମରୁଡ଼ିଗ୍ରସ୍ତ ଜନସାଧାରଣଙ୍କ ପାଇଁ କି ପ୍ରକାର ବ୍ୟବସ୍ଥା କରାଯାଇପାରିବ ତାହା ନିଜେ ତଦାରଖ କରିଥିଲେ । ଯେତେ ଚାଉଳ, ଗହମ ବାହାରୁ ଅଣାଯାଇପାରିବ ସେସବୁ ମଗାଇ ସମ୍ପୃକ୍ତ ଅଞ୍ଚଳକୁ ପଠାଇବା ସଙ୍ଗେ ସଙ୍ଗେ ଲଙ୍ଗ୍ ଟର୍ମ ଓ ସର୍ଟ ଟର୍ମରେ ଖୁବ୍ ଶୀଘ୍ର ପାଣି ଯୋଗାଇଦେବାର ସମସ୍ତ ବ୍ୟବସ୍ଥା କରିଥିଲେ ।

ଅନ୍ୟ ଏକ ଘଟଣାରେ ତାଙ୍କର ପ୍ରଶାସକୀୟ ଦୃଢ଼ତାର ପରିଚୟ ମିଳିଥାଏ । ତାଙ୍କ ପ୍ରଥମ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ପଶ୍ଚିମବଙ୍ଗର ଏକ ଖବରକାଗଜରେ ଓଡ଼ିଆଙ୍କ

Digitized by PPRACHIN, SOA

ଉପରେ ହେୟଜ୍ଞାନସୂଚକ ଲେଖାଟିଏ ପ୍ରକାଶ ପାଇଥିଲା । ଏହାକୁ ନେଇ ଦୁଇ ରାଜ୍ୟ ଭିତରେ ବିଶେଷକରି ପୁରୀ ଏବଂ କଲିକତାରେ ଉଭୟ ଭାଷାଭାଷୀଙ୍କ ମଧ୍ୟରେ ସଦ୍‌ଭାବ ବ୍ୟାହତ ହେଲାଭଳି ପରିସ୍ଥିତି ଉପୁଜିଲା । ପୁରୀରେ ବଙ୍ଗାଳୀ ଲୋକଙ୍କ ବିରୋଧରେ ଉତ୍ତେଜନା ଜୋର ଧରିବାରୁ ବଙ୍ଗାଳୀ ମହିଳାମାନଙ୍କୁ ସୁରକ୍ଷା ଦେଇ ପୁରୀରୁ କଲିକତାକୁ ନେଇଯିବା ଲାଗି ଗୋଟିଏ ସ୍ୱତନ୍ତ୍ର ରେଳଗାଡ଼ିର ବ୍ୟବସ୍ଥା କରାଗଲା । ଖୋର୍ଦ୍ଧାରୋଡ୍‌ରେ କେତେକ ଅସାମାଜିକ ବ୍ୟକ୍ତି ରେଳଗାଡ଼ିରେ ଅନୁପ୍ରବେଶ କରିବାକୁ ଚେଷ୍ଟା କରୁଥିବା ବେଳେ ପୋଲିସ ପକ୍ଷରୁ ସେମାନଙ୍କୁ ପ୍ରତିରୋଧ କରାଗଲା । ଏହାପରେ ସେମାନେ ଜବରଦସ୍ତି ପ୍ରବେଶ କରିବାରୁ ପୁଲିସ୍ ତରଫରୁ ଗୁଳି ଚାଳନା କରାଗଲା ଏବଂ ତିନିଜଣ ବ୍ୟକ୍ତି ସେଥିରେ ପ୍ରାଣ ହରାଇଲେ । ଏହି ଘଟଣା ସମ୍ପର୍କରେ ରମାକାନ୍ତ ରଥ 'ଏକ ଅସଂପୂର୍ଣ୍ଣ ବିବରଣୀ ସମ୍ପୂର୍ଣ୍ଣ ଆଲେଖ୍ୟ' ଶିରୋନାମରେ ନିଜ ଆଖିଦେଖା କଥାଟିଏ ପ୍ରକାଶ କରନ୍ତି, "ସେଦିନ ସନ୍ଧ୍ୟାରେ ଦଳେ ଲୋକ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ସାମ୍ନାରେ ବିକ୍ଷୋଭ ପ୍ରଦର୍ଶନ କଲେ । ମୋର ସରକାରୀ ବାସଭବନ ମୁଖ୍ୟମନ୍ତ୍ରୀଙ୍କ ବାସଭବନର ପ୍ରାୟ ସାମ୍ନାସାମ୍ନି ଥିବାରୁ ମୁଁ ସବୁ ଦେଖିଲି, ସବୁ ଶୁଣିଲି । ନନ୍ଦିନୀଦେବୀ ବିକ୍ଷୋଭକାରୀଙ୍କୁ ଭେଟିବାକୁ ଆଗେଇ ଆସିବା ମାତ୍ରେ 'ପୁଲିସ ଗୁଳି କରି ଜଣକୁ ମାରିଦେଇଛି' ବୋଲି ବିକ୍ଷୋଭକାରୀମାନେ ପାଟି କରୁଥିଲେ । ନନ୍ଦିନୀଦେବୀ ଖୁବ୍ ଶାନ୍ତ ସ୍ୱରରେ କହିଲେ, 'ଆପଣମାନେ ଭୁଲ ଖବର ପାଇଛନ୍ତି । ଜଣେ ନୁହେଁ, ତିନିଜଣ ପୁଲିସ ଗୁଳିରେ ମରିଛନ୍ତି ।' ବିକ୍ଷୋଭକାରୀ ଆହୁରି ଉତ୍ତେଜିତ ହେବାକୁ ଆରମ୍ଭ କଲେ । ତା'ପରେ ନନ୍ଦିନୀଦେବୀ ସେମାନଙ୍କୁ କହିଲେ, 'ଜଣେ ମହିଳାର ଇଜ୍ଜତ ରକ୍ଷା କରିବା ପାଇଁ ତିନିଜଣ କାହିଁକି, ତିରିଶ ଜଣ, ଦରକାର ପଡ଼ିଲେ ତିନିଶହ ଜଣଙ୍କୁ ମାରିଦେବାକୁ ଆଦେଶ ଦେବାପାଇଁ ମୋର ଟିକିଏ ବି କୁଣ୍ଠା ହେବନାହିଁ ।' ବିକ୍ଷୋଭକାରୀମାନେ କିଛି ସମୟ ଚୁପ୍ ହୋଇଗଲେ, ତା'ପରେ ସେମାନଙ୍କ ଭିତରୁ ଜଣେ କହିଲା, 'କଲିକତାରେ ଓଡ଼ିଆଙ୍କୁ ଯେଉଁ ନିର୍ଯ୍ୟାତନା ଦିଆଯାଉଛି ତାହା ଆପଣ ବରଦାସ୍ତ କରୁଛନ୍ତି କିପରି ?' ନନ୍ଦିନୀଦେବୀ କହିଲେ, 'ଆଉ ଗୋଟିଏ ରାଜ୍ୟର ଶାସନ ଯଦି ଠିକ୍ ଭାବରେ ନ ଚାଲେ, ଓଡ଼ିଶାରେ ମଧ୍ୟ ସେପରି ଶାସନ ଚାଲୁ, ଏ ଯୁକ୍ତି ନନ୍ଦିନୀ ଶତପଥୀ ମାନିବାକୁ ପ୍ରସ୍ତୁତ ନୁହେଁ ।' କିଛି ସମୟ ପରେ ବିକ୍ଷୋଭକାରୀମାନେ ଚାଲିଗଲେ, କିନ୍ତୁ ସୁଶାସନ ପ୍ରତି ଓ ନାରୀମାନଙ୍କ ସୁରକ୍ଷା ପ୍ରତି ଏ ପ୍ରତିବଦ୍ଧତା ମୋର ସବୁଦିନ ପାଇଁ ମନେ ରହିଗଲା ।" (ଦ୍ରଷ୍ଟବ୍ୟ : ସମାଜ, ୯ ଜୁନ୍-୨୦୦୮, ପୃ-୬)

ପ୍ରଶାସନକୁ ଅଧିକ ସ୍ୱଚ୍ଛ, କ୍ରିୟାଶୀଳ ଏବଂ ଦୁର୍ନୀତିମୁକ୍ତ କରାଇବାର ପଦକ୍ଷେପ ସ୍ୱରୂପ ନନ୍ଦିନୀ କେତେଗୁଡ଼ିଏ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ । ତନ୍ମଧ୍ୟରୁ ତତ୍‌କାଳୀନ

Digitized by PPRACHIN, SOA

ମୁଖ୍ୟ ଶାସନ ସଚିବ ଭିକ୍ଟର ସୁଲେମାନ୍ ମାଥ୍ୟୁସ୍‌ଙ୍କୁ ବାଧ୍ୟତାମୂଳକ ଅବସର ଦେଇ ତାଙ୍କ ସ୍ଥାନରେ ଜିତେନ୍ଦ୍ର ଆର୍ଯ୍ୟ ଡାଭେଙ୍କୁ ପରବର୍ତ୍ତୀ ମୁଖ୍ୟ ଶାସନ ସଚିବ ପଦରେ ଅବସ୍ଥାପିତ କରାଇଥିଲେ । ସେତେବେଳେ ଏହି ଘଟଣା ପ୍ରଶାସନିକ ମହଲରେ ଘୋର ଅଲୋଡ଼ନ ସୃଷ୍ଟି କରିଥିଲା । ନନ୍ଦିନୀ କହୁଥିଲେ, "ସେତେବେଳେ ମୁଖ୍ୟ ଶାସନ ସଚିବ ମାଥ୍ୟୁସ୍ ଥାନ୍ତି । ସେ ଅତ୍ୟନ୍ତ ଦୁର୍ନୀତିଗ୍ରସ୍ତ ଥିଲେ; କିନ୍ତୁ ଆଇଏଏସ୍ ହୋଇଥିବାରୁ ତାଙ୍କୁ ହଟାଇବା ସହଜ ନଥିଲା । ଇନ୍ଦିରା ଗାନ୍ଧୀ ନିଜେ ମୋତେ କହିଥିଲେ ତାଙ୍କୁ ହଟାଇବା ପାଇଁ । ଇନ୍ଦିରା କହିବା ପରେ ମୁଁ କ୍ୟାବିନେଟ୍ ବିଭାଗର ପର୍ସନାଲ ସେକ୍ରେଟାରୀ ଶ୍ରୀ ଦ୍ୱିବେଦୀଙ୍କୁ ଏହା ଜଣାଇଦେଲି । ଏହାପରେ ମାଥ୍ୟୁସ୍‌ଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ।" (ଦ୍ରଷ୍ଟବ୍ୟ : ସେଦିନର ଦୃଢ଼ମନା ନେତ୍ରୀ, ସମାଜ, ୨୦ ମଇ, ୨୦୦୧, ପୃ-୫)

ସେ ସମୟରେ ବିଭିନ୍ନ କାରଣରୁ ଐତିହ୍ୟ ସମ୍ପନ୍ନ ଉତ୍କଳ ବିଶ୍ୱବିଦ୍ୟାଳୟ ଚରମ ବିଶୃଙ୍ଖଳା ଦେଇ ଗତି କରୁଥିଲା । ସେଥିରେ ସୁଧାର ଆଣିବାକୁ ପ୍ରଥମ ଥର ପାଇଁ ପ୍ରଶାସକ ଭାବେ ଆଇ.ଏ.ଏସ୍. ଜ୍ଞାନଚାନ୍ଦଙ୍କୁ ଅବସ୍ଥାପିତ କରିଥିଲେ ନନ୍ଦିନୀ । ଆଉ ମଧ୍ୟ ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର ଡକ୍ଟର ଶ୍ରୀରାମ ଚନ୍ଦ୍ର ଦାଶଙ୍କୁ ବାଧ୍ୟତାମୂଳକ ଅବସର ପ୍ରଦାନ କରି ସେ ଚର୍ଚ୍ଚିତ ହୋଇଥିଲେ । ଅବଶ୍ୟ କେହି କେହି ଏହି ଘଟଣାକୁ ଭିନ୍ନ ଦୃଷ୍ଟିଭଙ୍ଗୀରେ ଦେଖନ୍ତି । ମାତ୍ର ଡଃ ଦାଶଙ୍କୁ ବାଧ୍ୟତାମୂଳକ ଅବସର ଘଟଣାରେ ନନ୍ଦିନୀଙ୍କର କୌଣସି ବ୍ୟକ୍ତିଗତ ଅସୂୟା ବା ଆକ୍ରୋଶ ନଥିଲା । ବରଂ ଏ କ୍ଷେତ୍ରରେ ଡଃ ଦାଶ ନିଜର କାର୍ଯ୍ୟକଳାପ ମାଧ୍ୟମରେ ଦୁର୍ଭାଗ୍ୟକୁ ନିଜେ ହିଁ ଆମନ୍ତ୍ରଣ କରିଥିବା ଅଧିକ ପ୍ରାସଙ୍ଗିକ ମନେହୁଏ । ଏଠାରେ ଉଲ୍ଲେଖନୀୟ ଯେ, ୧୯୫୦ ମସିହାରେ ଡକ୍ଟର ଦାଶ ରେଭେନ୍ସା କଲେଜରେ ଅଧ୍ୟାପକ ଥିବା ସମୟରେ ତାଙ୍କର ବିଶୃଙ୍ଖଳିତ ଆଚରଣ ପାଇଁ ମୁଖ୍ୟମନ୍ତ୍ରୀ ଡକ୍ଟର ହରେକୃଷ୍ଣ ମହତାବ ତାଙ୍କୁ ଅଧ୍ୟାପକ ଚାକିରିରୁ ବାହାର କରିଦେବା ପାଇଁ ପ୍ରାରମ୍ଭିକ ନିର୍ଦ୍ଦେଶ ଦେଇଥିଲେ । ମାତ୍ର ସେ କେନ୍ଦ୍ରକୁ ମନ୍ତ୍ରୀ ହୋଇ ଯିବାରୁ ଘଟଣାର ପଟ୍ଟ ପରିବର୍ତ୍ତନ ହୋଇଯାଇଥିଲା । ତା'ଛଡ଼ା ୧୯୬୫ ମସିହାରେ ଅଧ୍ୟାପକମାନଙ୍କ ଗୁପ୍ତ ଚରିତ୍ର ପଞ୍ଜିକା ଲେଖାହେବା ପାଇଁ ତତ୍କାଳୀନ କୁଳପତି ଡକ୍ଟର ପ୍ରାଣକୃଷ୍ଣ ପରିଜା ଆଦେଶ କରିଥିଲେ । ସେତେବେଳେ ଡକ୍ଟର ବିଦ୍ୟାଧର ମିଶ୍ର ସ୍ନାତକୋତ୍ତର ବିଭାଗଗୁଡ଼ିକର ମୁଖ୍ୟ ଥିଲେ ଏବଂ ଡକ୍ଟର ଦାଶଙ୍କ ଚରିତ୍ର ପଞ୍ଜିକାରେ ପ୍ରତିକୂଳ ମନ୍ତବ୍ୟମାନ ପ୍ରଦାନ କରିଥିଲେ । ଏହାପରେ ୧୯୬୬ ମସିହାରେ କୁଳପତି ଥିବା ଡକ୍ଟର ସଦାଶିବ ମିଶ୍ର ଏବଂ ତାଙ୍କ ପରେ ଡକ୍ଟର ରମାନାଥ ମହାନ୍ତି ଉଭୟେ ଡକ୍ଟର ଦାଶଙ୍କ ଚରିତ୍ରଲିପିରେ ମଧ୍ୟ କଟୁ ମନ୍ତବ୍ୟମାନ ଲିପିବଦ୍ଧ କରିଥିଲେ । ୧୯୭୫ ମସିହା ଡିସେମ୍ବରରେ ଅଧ୍ୟାପକଙ୍କ ଅବସର ପ୍ରସଙ୍ଗକୁ ନେଇ

Digitized by PPRACHIN, SOA

ଯେତେବେଳେ ସମୀକ୍ଷା କମିଟି ବସିଲା, ସେତେବେଳେ ଦେଖାଗଲା ଯେ, ଡକ୍ଟର ଦାଶଙ୍କ ଗୁପ୍ତ ଚରିତ୍ର ପଞ୍ଜିକାରେ ଧାରାବାହିକ ଭାବରେ ତାଙ୍କ ବିରୁଦ୍ଧରେ ଲେଖାଯାଇଛି, ଯାହାକି ତାଙ୍କର ବାଧ୍ୟତାମୂଳକ ଅବସରକୁ ଆମନ୍ତ୍ରଣ କରିଥିଲା । ଏକଥା ନିଃସନ୍ଦେହ ଯେ, ଡକ୍ଟର ଶ୍ରୀରାମ ଚନ୍ଦ୍ର ଦାଶ ଜଣେ ପ୍ରଚଣ୍ଡ ଜ୍ଞାନୀ ବ୍ୟକ୍ତି ଭାବରେ ସୁପରିଚିତ ଥିଲେ, ମାତ୍ର ସମ ପରିମାଣରେ ସେ ଥିଲେ ଅଂହକାରୀ ଏବଂ ଆଚରଣ ଥିଲା ତାଙ୍କର ଅତ୍ୟନ୍ତ ବିଶୃଙ୍ଖଳିତ । ଜଣେ ବିଶୃଙ୍ଖଳିତ ବ୍ୟକ୍ତିଙ୍କୁ ବାଧ୍ୟତାମୂଳକ ଅବସର ପ୍ରଦାନ କରି ଗୋଟିଏ ଅନୁଷ୍ଠାନକୁ ସଜାଡ଼ିବାରେ ନନ୍ଦିନୀ କାର୍ପଣ୍ୟ କରିନଥିଲେ । ଏଥିସହିତ ତାଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ସୋମନାଥ ମିଶ୍ରଙ୍କୁ ରାଉରକେଲା ଇଂଜିନିୟରିଂ କଲେଜର ମୁଖ୍ୟ ଭାବରେ ଅବସ୍ଥାପିତ କରାଇ ଉକ୍ତ ଅନୁଷ୍ଠାନର ମାନ ବୃଦ୍ଧି କରିବାରେ ସହାୟକ ହୋଇଥିଲେ ।

ଏତଦ୍‌ବ୍ୟତୀତ ନନ୍ଦିନୀ କେନ୍ଦ୍ରରେ ତଥ୍ୟ ଓ ବେତାର ବିଭାଗର ମନ୍ତ୍ରୀ ଥିବାବେଳେ ତାଙ୍କ ଦୃଢ଼ ପ୍ରଶାସନର ଏକ ବଳିଷ୍ଠ ନମୂନା ଦେଖିବାକୁ ମିଳେ । ୧୯୬୯ ମସିହା ଅକ୍ଟୋବର ୨ ତାରିଖରେ ଗାନ୍ଧୀ ଶତବାର୍ଷିକୀ ଉତ୍ସବ ପାଳନ ଅବସରରେ କେନ୍ଦ୍ର ସଙ୍ଗୀତ ନାଟକ ବିଭାଗ ତରଫରୁ ଦିଲ୍ଲୀଠାରେ ଗାନ୍ଧିଜୀଙ୍କ ଆଦର୍ଶ ଓ ଚିନ୍ତାଧାରା ଉପରେ ଏକ ସର୍ବଭାରତୀୟ ନାଟକ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା । ଏଥିପାଇଁ ପ୍ରତ୍ୟେକ ରାଜ୍ୟରୁ ଗୋଟିଏ ଲେଖାଏଁ ନାଟକ ଦଳକୁ ଆମନ୍ତ୍ରଣ କରାଯାଇଥାଏ । ଏହି ପରିପ୍ରେକ୍ଷୀରେ ଓଡ଼ିଶାରୁ ବରେନ୍ଦ୍ର କୃଷ୍ଣ ଧଳ (ସମ୍ପ୍ରତି ଜଣେ ବରିଷ୍ଠ ସାମ୍ବାଦିକ)ଙ୍କ ନେତୃତ୍ୱରେ ଏକ ସୌଖୀନ ନାଟ୍ୟସଂସ୍ଥା 'ରୂପକାର' ଦଳ ମଧ୍ୟ ପ୍ରାୟ ପଚିଶ ଜଣ କଳାକାରଙ୍କୁ ଧରି ଦିଲ୍ଲୀ ଯାଇଥିଲେ ଉକ୍ତ ପ୍ରତିଯୋଗିତାରେ ଭାଗ ନେବାପାଇଁ । ଦିଲ୍ଲୀର ମଥୁରା ରୋଡରେ ସଙ୍ଗ ଏଣ୍ଡ ଡ୍ରାମା ଡିଭିଜନର ପ୍ରେକ୍ଷାଳୟରେ ଏହି ନାଟକ ମଞ୍ଚସ୍ଥ ହେଉଥାଏ । ଓଡ଼ିଶା ନାଟକ ଦଳଙ୍କର ପାଳି ପଡ଼ିଥିଲା ନଭେମ୍ବର ୭ ତାରିଖକୁ । ସେତେବେଳକୁ ଦିଲ୍ଲୀରେ ପ୍ରବଳ ଥଣ୍ଡା । ଏମାନେ ଦିଲ୍ଲୀରେ ପହଞ୍ଚିବା ପରେ ଦେଖିଲେ ସେଠାରେ ରହିବାକୁ ଯେଉଁଭଳି ବ୍ୟବସ୍ଥା କରାଯାଇଛି ତାହା ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ଏବଂ ଅପ୍ରୀତିକର । ଏମାନଙ୍କୁ ଚାରୋଟି ଟେଣ୍ଟ ଦିଆଯାଇଥିଲା, ଯାହାର କି ଉପର ଅଂଶ ସବୁ ଫଟା । ତା'ଛଡ଼ା ନାଟକ ଦଳରେ କେତେଜଣ ଯୁବତୀ କଳାକାର ମଧ୍ୟ ସେମାନଙ୍କ ମା'ମାନଙ୍କ ସହିତ ଯାଇଥାନ୍ତି । ଏହା ଦେଖି ବରେନ୍ଦ୍ରବାବୁ ଏବଂ ତାଙ୍କ ବନ୍ଧୁମାନେ ସଂସ୍ଥାର ନିର୍ଦ୍ଦେଶକ କର୍ଣ୍ଣେଲ ଗୁପ୍ତାଙ୍କୁ ଅନୁରୋଧ କଲେ ଘରଟିଏ ବ୍ୟବସ୍ଥା କରିଦେବା ପାଇଁ । କର୍ଣ୍ଣେଲ ଗୁପ୍ତା ଏହା ଶୁଣି ଅତି ଅଭଦ୍ର ଭାଷାରେ ଏମାନଙ୍କୁ ଗାଳି ଗୁଲଜ କରିବା ସହିତ କହିଲେ, ସେଇଠି ରହିବ ଯଦି ରୁହ ନଚେତ୍ ଗେଟ୍ ଆଉଟ୍ । ତମକୁ ଫାଇବ୍ ଷ୍ଟାର ହୋଟେଲ୍‌ରେ ନେଇ ରଖିବି !

Digitized by PPRACHIN, SOA

ବରେନ୍ଦ୍ରବାବୁ ବହୁ ଅନୁନୟ ବିନୟ ହୋଇ କହିଲେ, ଆଜ୍ଞା, ଆପଣ ନିଜେ ଦେଖନ୍ତୁ, ଏ ଟେଣ୍ଟରେ ମଣିଷ କ'ଣ ପଶୁ ମଧ୍ୟ ରହିବ ନାହିଁ । ସେଇ ଟେଣ୍ଟ ଭିତରେ ପାଇଖାନା, ଯାହାର କି ଦରଜା କବାଟ କିଛି ନାହିଁ । ତାହା ପୁଣି ଅନେକ ଦିନ ଧରି ସଫା ହୋଇନାହିଁ । ହଠାତ୍ କର୍ଣ୍ଣେଲ ଗୁପ୍ତା ରାଗିଯାଇ କହିଲେ, ତୁମେମାନେ କେଉଁଠୁ ଆସିଛ ? ଦଶପଇସାର ମୁଣ୍ଡ ନୁହଁ, ଲକ୍ଷପତି ଭଳି କଥା ହେଉଛ ? ଆଇ ଉଇଲ୍ କ୍ୟାନ୍‌ସଲ ୟୋର ପାର୍ଟିସିପେଶନ । ଗେଟ୍ ଆଉଟ୍ !

ଏ ସମ୍ପର୍କରେ ବରେନ୍ଦ୍ରବାବୁ ନିଜ ଅଭିଜ୍ଞତାକୁ ବର୍ଣ୍ଣନା କରିବାକୁ ଯାଇ ଏକ ପ୍ରବନ୍ଧରେ କହନ୍ତି, "ଆମେ କର୍ଣ୍ଣେଲ ଗୁପ୍ତାଙ୍କର ଏହି ବ୍ୟବହାରରେ ଅତିମାତ୍ରାରେ କେବଳ ବିରକ୍ତ ହେଲୁନାହିଁ, ବରଂ ଭାବିଲୁ ଓଡ଼ିଶା ପଳେଇ ଆସିବୁ ବୋଲି । ତା'ପରେ ସ୍ଥିର କଲୁ ନନ୍ଦିନୀଦେବୀଙ୍କୁ ସବୁ ଜଣାଇ ଫେରିଯିବା । ସଙ୍ଗେ ସଙ୍ଗେ ଆମେ ସେଇଠୁ ନନ୍ଦିନୀଦେବୀଙ୍କୁ ଫୋନ୍ କରି ସବୁକଥା ଜଣାଇଲୁ । ସେ ସବୁ ଶୁଣି କହିଲେ ମୁଁ ଠିକ୍ ଛ'ଟା ବେଳକୁ ସେଠିକି ଯିବି । ତମେ ସବୁ ସେତେବେଳେ ଆସ । ଆମେ ଅପେକ୍ଷା କରି ରହିଲୁ । ଠିକ୍ ଛ'ଟା ପାଞ୍ଚମିନିଟ୍ କି ଦଶମିନିଟ୍ ବେଳକୁ ନନ୍ଦିନୀଦେବୀ ଆସିଲେ । କର୍ଣ୍ଣେଲ ଗୁପ୍ତା ବହୁ ପୂର୍ବରୁ ସେଠାରେ ଅପେକ୍ଷା କରିଥିଲେ । ନନ୍ଦିନୀଦେବୀ ନିର୍ଦ୍ଦେଶକଙ୍କ କୋଠରୀରେ ବସି ମୋତେ ଡାକି ପଠାଇଲେ । ସେତେବେଳେ ସେ ତଥ୍ୟ ଓ ବେତାର ବିଭାଗର ମନ୍ତ୍ରୀ । ତାଙ୍କ ଅଧୀନରେ ଏହି ସଙ୍ଗୀତ ଓ ନାଟକ ବିଭାଗ ଥିଲା । ମୁଁ ଏବଂ ମୋର ବନ୍ଧୁମାନେ ସେଠି ପହଞ୍ଚିବା ପରେ ଆମକୁ ଦେଖି ନନ୍ଦିନୀଦେବୀ ଘଟଣା ସମ୍ପର୍କରେ ପଚାରିଲେ । ମୁଁ ସବୁକଥା ସ୍ପଷ୍ଟ ଭାବେ କହିଲି । ନନ୍ଦିନୀଦେବୀ ସବୁ ଶୁଣିଲେ । ତା'ପରେ କର୍ଣ୍ଣେଲ ଗୁପ୍ତାଙ୍କୁ କହିଲେ, 'I think you are on extension. Retire tommorrow, or I will sack you.' ତା'ପରେ ଆସିଷ୍ଟାଣ୍ଟ ଡାଇରେକ୍ଟରଙ୍କୁ ପଚାରିଲେ, 'ଏମାନଙ୍କ ପାଇଁ କି ବ୍ୟବସ୍ଥା କରିପାରିବ ?' ସେ କହିଲେ, ମାଡାମ୍, ଆମର ହଷ୍ଟେଲ ଆଉ ଗେଷ୍ଟରୁମ୍ ଅଛି । ଆଜି ମୁଁ ଘଣ୍ଟାକ ମଧ୍ୟରେ ସବୁ ବ୍ୟବସ୍ଥା କରିଦେଉଛି । କର୍ଣ୍ଣେଲ ଗୁପ୍ତା ଅତି ଅନୁନୟ ବିନୟ ହୋଇ ବାରମ୍ବାର କ୍ଷମା ମାଗୁଥାନ୍ତି । ସେ ଅବସ୍ଥା ଦେଖି ଆମକୁ ହସ ଲାଗୁଥାଏ । କର୍ଣ୍ଣେଲ ଗୁପ୍ତାଙ୍କ ତେଜ ସେତେବେଳକୁ ଏଭଳି ମଳିନ ପଡ଼ିଯାଇଥିଲା, ନ ଦେଖିଲେ ବିଶ୍ୱାସ କରିହେବ ନାହିଁ । ଆମ ନାଟକ ଅତି ସଫଳତାର ସହ ମଞ୍ଚସ୍ଥ ହେଲା । ନିଜେ ମନ୍ତ୍ରୀ ଆସୁଛନ୍ତି ଶୁଣି ନ୍ୟାସନାଲ୍ ସ୍କୁଲ ଅଫ୍ ଡ୍ରାମାର ଅଧ୍ୟକ୍ଷ ଆଲାକାଜୀ, ସଙ୍ଗୀତ ନାଟକ ଏକାଡେମୀର ସଭାପତି, ଦିଲ୍ଲୀର ବହୁ ବିଶିଷ୍ଟ ବ୍ୟକ୍ତି, ବହୁ ଓଡ଼ିଆ ନାଟକ ଦେଖିବାକୁ ଆସିଥିଲେ ।" (ଦ୍ରଷ୍ଟବ୍ୟ : ନନ୍ଦିନୀଦେବୀଙ୍କୁ ଯେପରି ଦେଖିଛି, ଧରିତ୍ରୀ, ତା-୮.୮.୨୦୦୬)

Digitized by PPRACHIN, SOA

କେବଳ ରାଜ୍ୟରେ କାହିଁକି, କେନ୍ଦ୍ର ପ୍ରଶାସନରେ ମଧ୍ୟ ନନ୍ଦିନୀ ଜଣେ ଦକ୍ଷ ପ୍ରଶାସିକା ଭାବରେ ଖ୍ୟାତି ଅର୍ଜନ କରିଥିଲେ । ବିଭିନ୍ନ ଘଟଣା ଦୁର୍ଘଟଣାରେ ସେ ସର୍ବଦା ଲୋକଙ୍କ ନିକଟରେ ପହଞ୍ଚିଯାଇ ତୁରନ୍ତ ସେମାନଙ୍କର ସମସ୍ୟା ସମାଧାନ କରୁଥିଲେ । ଅଫିସରମାନେ ତାଙ୍କ କଥାକୁ ତିଳେହେଲେ ଅମାନ୍ୟ କରିବାକୁ ସାହସ କରିପାରୁନଥିଲେ । ଅନ୍ୟଭାବରେ ଦେଖିଲେ ନନ୍ଦିନୀ ସର୍ବଦା ସାଧାରଣ ଜନତାଙ୍କର ସ୍ୱାଭାବିକ ନେତ୍ରୀ ଭାବରେ କାର୍ଯ୍ୟ କରୁଥିଲେ । ରାଜନୀତିର ଅଙ୍କ କଷି ଶିଡ଼ି ଚଢ଼ିବା ସେ ଜାଣିନଥିଲେ କିମ୍ବା କ୍ଷମତା ପାଇ ଲୋକଙ୍କଠାରୁ ଦୂରେଇ ଯାଇନଥିଲେ । ବରଂ କ୍ଷମତାକୁ ନେଇ ସେ ଲୋକମାନଙ୍କ ସେବାରେ ଲଗାଇବାକୁ ଅଧିକ ପସନ୍ଦ କରୁଥିଲେ । ତାଙ୍କ ନିକଟକୁ କ୍ଷମତା ଆସିଛି ଆପେ ଆପେ, କ୍ଷମତା ବି ଯାଇଛି, କିନ୍ତୁ ଯେଉଁ ଭୂମିରେ ପାଦ ଥାପି ସେ କାର୍ଯ୍ୟ ଆରମ୍ଭ କରିଥିଲେ, ସେହିଠାରେ ହିଁ ଜୀବନର ଶେଷ ପର୍ଯ୍ୟନ୍ତ ରହିଥିଲେ । ନିଜର ଆଦର୍ଶ ପ୍ରତି ଶେଷ ଜୀବନ ଯାଏଁ ସେ ଅଙ୍ଗୀକାରବଦ୍ଧ ଥିଲେ । ରାଜନୀତି କରୁଥିବା ଲୋକମାନେ ଯାହା ଭାବନ୍ତି, ତାହା କହିପାରନ୍ତିନି । କିନ୍ତୁ ନନ୍ଦିନୀ ଥିଲେ ଏହାର ସମ୍ପୂର୍ଣ୍ଣ ବ୍ୟତିକ୍ରମ । ଯାହା ଠିକ୍ ବୋଲି ଭାବୁଥିଲେ ତାହା ସେ ଅତ୍ୟନ୍ତ ସ୍ୱଷ୍ଟ ଭାବେ କହୁଥିଲେ । ତେଣୁ ସେ କେବଳ ପୂର୍ବତନ ମୁଖ୍ୟମନ୍ତ୍ରୀ ବା କେନ୍ଦ୍ରମନ୍ତ୍ରୀ ଭାବରେ ନୁହେଁ, କେବଳ ନନ୍ଦିନୀ ଶତପଥୀ ଭାବରେ ହିଁ ଇତିହାସରେ ସ୍ଥାନ ପାଇବେ, ଏଥିରେ ସନ୍ଦେହ ନାହିଁ ।

⁂

Digitized by PPRACHIN, SOA

୨୦

ବାଘରାଣୀ 'ଖଇରୀ' ସହ କେତୋଟି ଅନ୍ତରଙ୍ଗ ମୁହୂର୍ତ୍ତ

ବାଘ କଥା ଶୁଣିଲେ କିଏ ବା ନ ଡରେ ! ବାଘମାମୁଁର ଭୟ ଦେଖାଇ ମା'ମାନେ ଅଝଟ ହେଉଥିବା ଶିଶୁଟିକୁ ଖୁଆଇ ପକାନ୍ତି, ଶୁଆଇ ଦିଅନ୍ତି । ପୁଣି ଚିଡ଼ିଆଖାନାର ତାରଜାଲି ବାହାରେ ଠିଆହୋଇ ବାଘ ଦେଖୁଥିବାବେଳେ ଦେହ କେମିତି ଶୀତେଇ ଉଠେ ? ଏପରି ଅଭିଜ୍ଞତା ଊଣାଅଧିକେ ସମସ୍ତଙ୍କର ଥିବ । କିନ୍ତୁ ଏପରି କିଛି ବ୍ୟକ୍ତି ଅଛନ୍ତି, ଯେଉଁମାନେ ମହାବଳ ବାଘ ସହିତ ସ୍ନେହ ମମତାରେ ବାନ୍ଧି ହୋଇଯାଆନ୍ତି । ତା' ପାଖରେ ନିର୍ଭୟରେ ବସିପାରନ୍ତି । ତା' ସହିତ ସମୟ ବିତାନ୍ତି । ଏହିପରି ଜଣେ ବ୍ୟକ୍ତି ଥିଲେ ଲୌହମାନବୀ ନନ୍ଦିନୀ ଶତପଥୀ ।

୧୯୭୩ ମସିହାରେ ଏହିପରି ଘଟଣାଟିଏ ଖୁବ୍ ଚର୍ଚ୍ଚାର ବିଷୟ ହୋଇପଡ଼ିଥିଲା । ନନ୍ଦିନୀ ସେତେବେଳେ ଓଡ଼ିଶାର ମୁଖ୍ୟମନ୍ତ୍ରୀ । ଖାଲି ତ ମୁଖ୍ୟମନ୍ତ୍ରୀ ନୁହନ୍ତି, ଜଣେ ବହୁ ଚର୍ଚ୍ଚିତା ମୁଖ୍ୟମନ୍ତ୍ରୀ । ଆଇ.ଏ.ଏସ୍, ଓ.ଏ.ଏସ୍ ଅଫିସରମାନେ ତାଙ୍କର କୌଣସି ନିର୍ଦ୍ଦେଶ ଅମାନ୍ୟ କରିବା ତ ଦୂରର କଥା, ତାଙ୍କ ସମ୍ମୁଖରେ ଠିଆହେବା ପାଇଁ ମଧ୍ୟ ସାହସ କରିପାରୁନଥିଲେ । ଦିନକର ଘଟଣା । ସକାଳୁ ସକାଳୁ ସଚିବାଳୟରେ ନିଜ ପ୍ରକୋଷ୍ଠରେ ବସି ନନ୍ଦିନୀ ଫାଇଲ୍ ଦେଖିବାରେ ନିମଗ୍ନ ଥାଆନ୍ତି । ଏତିକିବେଳେ ଦୁଇ ତିନିଜଣ ବ୍ୟକ୍ତି ତାଙ୍କ ରୁମ୍‌କୁ ପଶିଆଶି, ଗୋଟିଏ ବିରାଡ଼ି ଛୁଆ ପରି ଜୀବକୁ ତାଙ୍କ ଟେବୁଲ ଉପରେ ଥୋଇଦେଲେ । ଏହା ଦେଖି ନନ୍ଦିନୀ ଟିକିଏ ଆଶ୍ଚର୍ଯ୍ୟ ହୋଇ ଗମ୍ଭୀର ଭାବରେ କ୍ଷଣେ ବସିଗଲେ । କାହାର ଏତେ ହିମ୍ମତ୍ ! ଜଣେ ମୁଖ୍ୟମନ୍ତ୍ରୀଙ୍କ ଟେବୁଲ ଉପରେ ବିରାଡ଼ି ଛୁଆ ଥୋଇଦେବ ! ସାହସ ତ କିଛି କମ୍ ନୁହେଁ ! ଅଗତ୍ୟା ନିଜର କ୍ରୋଧକୁ

Digitized by PPRACHIN, SOA

ଚାପିରଖି ଟିକିଏ ବିରକ୍ତି ପ୍ରକାଶ କରି କହିଲେ, "ଏ ସବୁ କି ଫାର୍ସ ? ବିଲେଇ ଛୁଆଟେ ଆଣି ମୋ ଟେବୁଲ ଉପରେ କାହିଁକି ରଖୁଛ ?" ତାକୁ ଉପହାର ଦେଇ ନନ୍ଦିନୀଙ୍କୁ ଖୁସି କରାଇବାକୁ ଯାଇଥିବା ଅଫିସରମାନେ ମୁଖ୍ୟମନ୍ତ୍ରୀଙ୍କ ମୁଖମଣ୍ଡଳ ଦେଖି ଏକବାରେ ଛାନିଆ । ଘାବରେଇ ଯାଇଥିବା ଅଫିସରମାନଙ୍କ ମଧ୍ୟରୁ ସରୋଜକାନ୍ତ ଚୌଧୁରୀ ନାମରେ ଜଣେ ଅଫିସର ମନରେ ସାହସ ବାନ୍ଧି ନିଜର ପରିଚୟ ଦେଇ କହିଲେ, 'ମାଡାମ୍, ଏଇଟା ବିଲେଇ ଛୁଆ ନୁହେଁ । ଗୋଟିଏ ବାଘ ଛୁଆ । ଏହାକୁ ଆମେ ଏବେ ଏବେ ଧରି ଆଣିଛୁ । ଆପଣ ଏହାର ନାମ କରଣ କରନ୍ତୁ ।'

ନନ୍ଦିନୀଙ୍କ କ୍ରୋଧ ନିମିଷକ ମଧ୍ୟରେ ମିଳେଇଯାଇ ପରମ ଉତ୍ସାହରେ ପରିଣତ ହେଲା । ସେ ବାଘଛୁଆଟିକୁ ନିରୀକ୍ଷଣ କଲେ । ତା'ପରେ ପଚାରିଲେ, "ଏହାକୁ ତୁମେ କେଉଁଠାରୁ ପାଇଲ ?"

'ଖଇରୀ ନଦୀ କୂଳରୁ ଆଜ୍ଞା ।' ଜଙ୍ଗଲ ଅଫିସରମାନେ କହିଲେ ।

"ଏଇଟା ମାଇ କି ଅଣ୍ଡିରା ?" ନନ୍ଦିନୀଙ୍କ ପୁନଃ ପ୍ରଶ୍ନ ।

'ମାଇ ଛୁଆଟିଏ ଆଜ୍ଞା ।'

"ତେବେ ଏହାର ନାମ 'ଖଇରୀ' ଦେଇଦିଅ ।"

ଏତିକିମାତ୍ର ସମ୍ଭାଷଣ ପରେ ଜଙ୍ଗଲ ଅଫିସରମାନେ 'ଖଇରୀ'କୁ ସାଙ୍ଗରେ ଧରି ପ୍ରତ୍ୟାବର୍ତ୍ତନ କଲେ । ସେହିଦିନଠାରୁ 'ଖଇରୀ' ରହିଲା ମିଷ୍ଟର ଚୌଧୁରୀବାବୁଙ୍କ ନିଜ ହେପାଜତରେ । ସମୟର ତାଳ ଅନୁସାରେ 'ଖଇରୀ' ଆସ୍ତେ ଆସ୍ତେ ବଢ଼ିବାକୁ ଲାଗିଲା । ଟିକେ ବଡ଼ ହେବାପରେ ଜଣାପଡ଼ିଲା ଯେ, ସେଇଟା ଗୋଟିଏ ମହାବଳ ବାଘୁଣୀ । ସମୟକ୍ରମେ ଖୁବ୍ ଶୀଘ୍ର ସେ ଗୋଟିଏ ପୂର୍ଣ୍ଣ ଯୌବନାପ୍ରାପ୍ତ ମହାବଳ ବାଘୁଣୀରେ ପରିଣତ ହୋଇଗଲା । ଚୌଧୁରୀବାବୁ ସେତେବେଳେ ମୟୂରଭଞ୍ଜରେ ରହୁଥାନ୍ତି । 'ଖଇରୀ' ମଧ୍ୟ ତାଙ୍କ ପାଖରେ ରହୁଥାଏ । ଇତ୍ୟବସରରେ ରାଜନୈତିକ ଘନଘଟା ମଧ୍ୟରେ ବୁଡ଼ିରହି ନନ୍ଦିନୀ ସମ୍ପୂର୍ଣ୍ଣ ରୂପେ ଭୁଲିଯାଇଥାନ୍ତି 'ଖଇରୀ' କଥା ।

୧୯୭୬ ମସିହା । ତାଙ୍କର ଦ୍ୱିତୀୟ ମୁଖ୍ୟମନ୍ତ୍ରୀ ସମୟର କଥା । ଏତିକିବେଳେ ଥରେ ଚୌଧୁରୀବାବୁ 'ଖଇରୀ'କୁ ଏକ ତାରଜାଲି ବେଷ୍ଟିତ ଘର ଭିତରେ ପୂରାଇ ଭୁବନେଶ୍ୱରକୁ ଆଣିଥାଆନ୍ତି । ସେ ତାକୁ ଲୋକସମ୍ପର୍କ ବିଭାଗର ଗୋଟିଏ କୋଠରୀରେ ରଖି ନନ୍ଦିନୀଙ୍କୁ ଅନୁରୋଧ କଲେ 'ଖଇରୀ'କୁ ଟିକେ ଦେଖିଆସିବା ପାଇଁ । 'ଖଇରୀ'

Digitized by PPRACHIN, SOA

କଥା ଶୁଣି ନନ୍ଦିନୀ ବିଶେଷ ଉତ୍ସାହିତ ହୋଇପଡ଼ିଲେ । ତାଙ୍କ ଆଖିରେ ନାଚି ଉଠିଲା 'ଖଇରୀ'ର ପିଲାଦିନର ସ୍ମୃତି । ଅନେକ ସମୟରେ ସେ ଖଇରୀ ବାଘରାଣୀ ବିଷୟରେ ତାଙ୍କର ନାତି ସୁପର୍ନୋଙ୍କୁ ମଜା ମଜା କାହାଣୀ କହିଥାନ୍ତି । ସେ ସ୍ଥିର କଲେ ସୁପର୍ନୋଙ୍କୁ ସାଙ୍ଗରେ ନେଇ 'ଖଇରୀ'କୁ ନିଶ୍ଚୟ ଦେଖିବାକୁ ଯିବେ । ତାଙ୍କର ଅଫିସ କାର୍ଯ୍ୟ ସାରି ସେ ପହଞ୍ଚିଲେ ଲୋକସମ୍ପର୍କ ବିଭାଗରେ । ଦୂରରେ ଠିଆହୋଇ ସେ ଯେତେବେଳେ 'ଖଇରୀ'କୁ ଦେଖିଲେ, ସେତେବେଳକୁ 'ଖଇରୀ' ପରିଣତ ହୋଇସାରିଥିଲା 'ମହାବଳ ବାଘରାଣୀ' ରୂପରେ । 'ଖଇରୀ'କୁ ଦେଖି ତାଙ୍କୁ ଲାଗିଲା, ସତେ ଯେମିତି ଅତୀତର ବିରାଡ଼ି ଛୁଆଟା ଟିକେ ବଡ଼ହୋଇ ତାଙ୍କ ଟେବୁଲ ଉପରେ ବସିଛି । ନନ୍ଦିନୀ ତାକୁ ଆଶ୍ଚର୍ଯ୍ୟ ଚକିତ ଭାବରେ ଏକାଲୟରେ ଚାହିଁ ରହିଥାନ୍ତି । ହଠାତ୍ ତାଙ୍କ ମନରେ ସୃଷ୍ଟିହେଲା ଭାବାନ୍ତର । 'ଖଇରୀ'କୁ ଆହୁରି ନିକଟରେ ଦେଖିବାକୁ ତାଙ୍କର ଜାଗ୍ରତ ହେଲା ଦୁର୍ବାର ଲାଳସା । ସେ ଚୌଧୁରୀବାବୁଙ୍କୁ କହିଲେ, "ଖଇରୀ ପାଖରେ ମୁଁ କିଛି ସମୟ ବସିବାକୁ ଚାହେଁ ।"

ସେତେବେଳେ ଅବୋଧ ନାରାୟଣ ତିୱାରୀ ଥାନ୍ତି ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ, ଆଉ ବଂଶରାଜ ସିଂ ନନ୍ଦିନୀଙ୍କ ପି.ଏ. । ଏମାନେ ଜାଣିଥାନ୍ତି ନନ୍ଦିନୀଙ୍କ ଜିଦ୍‌କୁ । ତଥାପି ସାମାନ୍ୟ ପ୍ରୟାସ କଲେ ତାଙ୍କୁ ବୁଝାଇବାକୁ ଯେ, 'ଖଇରୀ' ବର୍ତ୍ତମାନ ଏକ ପୂର୍ଣ୍ଣ ଯୌବନପ୍ରାପ୍ତ ମହାବଳ ବାଘୁଣୀ । ତା' ନିକଟକୁ ଯିବା ଏଇକ୍ଷଣି ଖୁବ୍ ବିପଜ୍ଜନକ । କିନ୍ତୁ ନନ୍ଦିନୀ ନଛୋଡ଼ବନ୍ଧା । ସେ ଥିଲେ ଅତ୍ୟନ୍ତ ସାହସୀ ଏବଂ ଏକଜିଦିଆ । ଖଇରୀ ପାଖରେ ବସିବେ ହିଁ ବସିବେ ।

ସ୍ୱୟଂ ମୁଖ୍ୟମନ୍ତ୍ରୀ ଯେତେବେଳେ ଚାହୁଁଛନ୍ତି, ତାଙ୍କ ଆଦେଶ ଅବଶ୍ୟ ପାଳନ କରିବାକୁ ପଡ଼ିବ । ଏ କଥା ଶୁଣି ଅନ୍ୟାନ୍ୟ ଅଧସ୍ତନ କର୍ମଚାରୀ ଏକବାରେ ହତବମ୍ଭ । ଖଇରୀ ଯେତେ ସୁଧାର ହୋଇଥିଲେ ବି ଗୋଟେ ମହାବଳ ବାଘୁଣୀ ଉପରେ କ'ଣ ବା ଭରସା ! ସରକାରୀ ଅଫିସରମାନେ ଏକ ଅପ୍ରୀତିକର ପରିସ୍ଥିତିରେ ପଡ଼ିଗଲେ । ମୁଖ୍ୟମନ୍ତ୍ରୀ ବାଘୁଣୀ ନିକଟରେ ବସିବେ । ଯଦି କିଛି ଅଘଟଣ ଘଟେ ତେବେ ସେମାନଙ୍କ ଚାକିରିଟା ପ୍ରଥମେ ଯିବ । ଏପଟେ ସ୍ୱୟଂ ମୁଖ୍ୟମନ୍ତ୍ରୀଙ୍କ ଆଦେଶ । ବିଚରା ସମସ୍ତେ ଏକ ଧର୍ମ ସଂକଟରେ ପଡ଼ିଗଲେ । ବହୁତ ବିଚାର ବିମର୍ଷ ପରେ ଫଳ କିଛି ନ ମିଳିବାରୁ ବାଧହୋଇ ଖଇରୀକୁ ଗୋଟିଏ ସୁବିଧାଜନକ ପ୍ରକୋଷ୍ଠକୁ ଅଣାଗଲା । ନନ୍ଦିନୀଙ୍କ ଅଗୋଚରରେ କେତେଜଣ ବନ୍ଧୁକଧାରୀ ଫୋର୍ସଙ୍କୁ ମଗାଇ ସମ୍ପୃକ୍ତ ଘର ଚାରିପଟେ ଜାଗ୍ରତ କରିଦିଆଗଲା । ଖଇରୀ ରହିଥିବା କୋଠରୀ ଭିତରେ ଚଉକିଟିଏ ପକାଇ ନନ୍ଦିନୀ ବସିବା ପରେ, ଖଇରୀ

Digitized by PPRACHIN, SOA

ରହିଥିବା ତାରଜାଲି ସେଡ୍‌ର ଫାଟକଟାକୁ ଖୋଲି ଦିଆଗଲା । ସେପଟେ ଫୋର୍ସମାନେ ବନ୍ଧୁକ ମୁନକୁ ଖଇରୀ ଉପରକୁ ଲକ୍ଷ୍ୟ କରି ଆଟେନ୍‌ସନ୍‌ରେ ରହିଥାନ୍ତି । ଭୀଷଣ ଏକ ଟେନ୍‌ସନ୍‌ର ମୁହୂର୍ତ୍ତ । ଖଇରୀ ସେଡ୍‌ର ଫାଟକ ବାଟ ଦେଇ ଧୀରେ ଧୀରେ ବାହାରକୁ ବାହାରି ଆସିଲା । ଆସିବା ସମୟରେ ଜିଭଟାକୁ ତା' ଓଠରେ ବୁଲାଇ ବୁଲାଇ ଅତ୍ୟନ୍ତ ଗାମ୍ଭୀର୍ଯ୍ୟପୂର୍ଣ୍ଣ ଭଙ୍ଗୀରେ ଚାରିକଡ଼କୁ ଆଖି ବୁଲାଉଥାଏ । ଚାରିଆଡ଼େ ନୀରବତାର ରାଜୁତି । ନବଯୌବନପ୍ରାପ୍ତ ଖଇରୀ ଆଖିରୁ ବାହାରି ଆସୁଥାଏ ଏକ ଭୟଙ୍କର ଜ୍ୟୋତି । ସମସ୍ତେ ଏକବାରେ ତଟସ୍ଥ । ଗୋଟାଏ ବନ୍ଦ କୋଠରୀ ଭିତରେ ମହାବଳ ବାଘୁଣୀ ସହିତ ଏକାକୀ ମୁଖ୍ୟମନ୍ତ୍ରୀ ନନ୍ଦିନୀ । ସେତେବେଳକୁ ସମସ୍ତଙ୍କ ଦୃଷ୍ଟି କେନ୍ଦ୍ରୀଭୂତ ଥାଏ ଖଇରୀ ଉପରେ ଏବଂ ନନ୍ଦିନୀଙ୍କ ଉପରେ । କେତେକ ବାଘୁଣୀକୁ ଦେଖୁଥାନ୍ତି ତ କେତେକ ନନ୍ଦିନୀଙ୍କୁ । କ'ଣ ହେବ ? ଖଇରୀ ମାଡାମ୍‌ଙ୍କ ସହିତ କିପରି ବ୍ୟବହାର କରିବ, ତାହାହିଁ ଦେଖିବାକୁ ସଭିଙ୍କର ଉତ୍କଣ୍ଠା ଶତଗୁଣ ବଢ଼ି ବଢ଼ି ଯାଉଥାଏ ।

ଏଡ଼ିକି ଟିକିଏ ବିରାଡ଼ିଛୁଆ ପରି ଜୀବଟି ଯା ଭିତରେ ଏତେବଡ଼ ହୋଇଗଲାଣି ! ଏହିକଥା ଭାବି ଏକ ଉତ୍‌ଫୁଲ୍ଲିତ ମନରେ ନନ୍ଦିନୀ ଅତ୍ୟନ୍ତ ସ୍ନେହର ସହିତ ତାକୁ ଦେଖୁଥାନ୍ତି । ହଠାତ୍ ଖଇରୀ ତାଙ୍କ ଭାଷା ବୁଝିପାରିଲା କି କ'ଣ, ଚୁପ୍‌ଚାପ୍ ଚାଲି ଚାଲି ଆସି ତାଙ୍କର ଠିକ୍ ଗୋଡ଼ ପାଖରେ ଆରାମରେ ଶୋଇଗଲା । ଖଇରୀ ନନ୍ଦିନୀଙ୍କୁ ଚାହିଁ ଶୋଇ ରହିଥାଏ ଆଉ ନନ୍ଦିନୀ ଖଇରୀକୁ । ଘର ବାହାରେ ସରକାରୀ ଅଫିସର ଏବଂ ବନ୍ଧୁକଧାରୀ ଫୋର୍ସ ଅସହାୟ ଅବସ୍ଥାରେ ଠିଆହୋଇ ଏହି ଦୃଶ୍ୟ ମନଭରି ଉପଭୋଗ କରୁଥାନ୍ତି । ସମୟ ବିତି ଚାଲିଥାଏ ମୁହୂର୍ତ୍ତ ପରେ ମୁହୂର୍ତ୍ତ ।

ସତରେ ! କବି ଓ ଭାବୁକମାନଙ୍କ ପାଇଁ ଏହା ଏକ ଚମତ୍କାର ଦୃଶ୍ୟ ହୋଇପାରେ । ମାତ୍ର କେତେଜଣଙ୍କର ସାହସ ହେବ ଏଭଳି ମହାବଳ ବାଘୁଣୀ ସାମ୍ନାରେ ବସିରହିବାକୁ ? ନନ୍ଦିନୀ ତାଙ୍କ ଜୀବନକାଳ ଭିତରେ ଅନେକ କ୍ରାଉଡ୍‌କୁ ସାମ୍ନା କରିଛନ୍ତି, ଅନେକ ଅସାମାଜିକ ବ୍ୟକ୍ତିଙ୍କୁ ସାବାଡ୍ କରିଛନ୍ତି । ଛାତ୍ର ଜୀବନରେ ପୁଲିସଠାରୁ ଲାଠିମାଡ଼ ଖାଇଛନ୍ତି, ଜେଲ ଯାଇଛନ୍ତି, ହେଲେ କାହାରି ପାଖରେ କେବେହେଲେ ଦବି ଯାଇନାହାନ୍ତି କି ସାହସ ହରେଇନାହାନ୍ତି । ଶେଷକୁ ଜଣେ ନାରୀ ହୋଇ ମଧ୍ୟ ମହାବଳ ବାଘୁଣୀ ପରି ଏକ ଭୟଙ୍କର ହିଂସ୍ର ଜନ୍ତୁ ନିକଟରେ ବସିରହି ପ୍ରତିପାଦିତ କରିଦେଇଥିଲେ ଯେ, ଭୟ ଗୋଟିଏ ଜିନିଷ, ଯାହାକି ତାଙ୍କ ଛାୟା ସୁଦ୍ଧା ସ୍ପର୍ଶ କରିପାରିବ ନାହିଁ ।

⁂

Digitized by PPRACHIN, SOA

୨୧

ବାପାଙ୍କ ତାଗିଦ୍

"ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ
ଦେଖୁ ଦେଖୁ କେ ବା ସହୁ
ମୋ ଜୀବନ ପଛେ ନର୍କେ ପଡ଼ିଥାଉ
ଜଗତ ଉଦ୍ଧାର ହେଉ ।।"

ସନ୍ଥକବି ଭୀମ ଭୋଇଙ୍କର ଉପରୋକ୍ତ କବିତାଟି ନନ୍ଦିନୀଙ୍କ ହୃଦୟରେ ଗଭୀର ପ୍ରଭାବ ପକାଇଥିଲା । ସେ ପାର୍ଲାମେଣ୍ଟକୁ ଯିବା ପରଠାରୁ ମୁଖ୍ୟମନ୍ତ୍ରୀ ପଦରେ କାର୍ଯ୍ୟ କରିବା ପର୍ଯ୍ୟନ୍ତ ପିତା କାଳିନ୍ଦୀ ଚରଣ ବାରମ୍ବାର ତାଙ୍କୁ ଏହି ପଦଟି ବୋଲି ଶୁଣାଉଥିଲେ । କ୍ଷମତା ପାଇବା ପରେ ଲୋକଙ୍କ ଦୁଃଖ ଦୂର କରିବା ଦିଗରେ ସାମାନ୍ୟ ମାତ୍ର ଅବହେଳା ଯେପରି ସେ ନ କରନ୍ତି, ସେଥିପାଇଁ ସର୍ବଦା ଝିଅକୁ ସାବଧାନ କରିଦେଉଥିଲେ । ନନ୍ଦିନୀ କେନ୍ଦ୍ରରେ ମନ୍ତ୍ରୀ ଥିବାବେଳେ କାଳିନ୍ଦୀବାବୁ ତାଙ୍କ ନିକଟକୁ ବରାବର ଚିଠି ଲେଖୁଥିଲେ ଏବଂ ପ୍ରତ୍ୟେକ ଚିଠିରେ 'ନନ୍ଦିନୀ ଶତପଥୀ, ଏମ୍.ଏ' ବୋଲି ଲେଖୁଥିଲେ । ଏଥିରେ ଆଶ୍ଚର୍ଯ୍ୟ ହୋଇ ନନ୍ଦିନୀ ଥରେ ବାପାଙ୍କୁ ପଚାରିଥିଲେ, "ମୁଁ ଏଇକ୍ଷଣି ସୂଚନା ଓ ପ୍ରସାରଣ ବିଭାଗର ମନ୍ତ୍ରୀ ଅଛି, ତୁମେ ସେଇଟା ନ ଲେଖି ଏମ୍.ଏ କାହିଁକି ଲେଖୁଛ ?"

କାଳିନ୍ଦୀବାବୁ ଭୀମ ଭୋଇଙ୍କର ଉପରୋକ୍ତ ପଂକ୍ତିଟିକୁ ପୁଣି ଦୋହରାଇଥିଲେ ଏବଂ କହିଥିଲେ—ମନ୍ତ୍ରୀ, ଏମ୍.ପି ପଦବୀ ସବୁ କ୍ଷଣସ୍ଥାୟୀ । ଆଜି ଅଛି କାଲିକି ନଥିବ । ଠିକ୍ ତାଳଗଛ ଛାଇ ପରି । ଏଇଟା କିନ୍ତୁ ତୋର ସ୍ଥାୟୀ । ଏହି ଜ୍ଞାନଟା ତୋ ଭିତରୁ କେହି କେବେ କାଢ଼ି ନେଇପାରିବେ ନାହିଁ ।

Digitized by PPRACHIN, SOA

ନନ୍ଦିନୀ ନିଜ ପିତାଙ୍କ ସ୍ମୃତିଚାରଣ କରି କହୁଥିଲେ, "ବେଳେବେଳେ ହଠାତ୍ ରାତି ତିନିଟା ଚାରିଟାବେଳେ ବାପା ମୋତେ ଦିଲ୍ଲୀ ଟେଲିଫୋନ୍ କରି କହିବେ, କାମ ଠିକ୍ ଠିକ୍‌ରେ କରୁଛୁ ତ ! ମନ୍ତ୍ରୀ ହେଇଛୁ ବୋଲି ମନରେ ଗର୍ବ ଆଣିବୁନି । ଲୋକଙ୍କ କଥା ବୁଝୁଥିବୁ । ଏମିତି କେତେ କଥା । ମୁଁ କହେ, ବାପା ! ମୁଁ କେତେବେଳେ ଗର୍ବଟେ କଲି କହିଲ ? ସେ ସଙ୍ଗେ ସଙ୍ଗେ କହିବେ—ନା ନା, ମୁଁ ସେକଥା କହୁନି । କାଳେ ତୋ ମନରେ ଗର୍ବ, ଅହଂକାର ଆସିଯିବ ସେଥିପାଇଁ ସାବଧାନ ଥିବୁ ! ସେ ରାତି ସାରା ବସି ଲେଖାଲେଖି କରୁଥିବେ ଆଉ ମଝିରେ ମଝିରେ ମୋତେ ଏମିତି କହୁଥିବେ । ପ୍ରକୃତରେ କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ପରି ବାପାଟେ ପାଇବା ଖୁବ୍ ସୌଭାଗ୍ୟର କଥା ।"

ବାସ୍ତବରେ କାଳିନ୍ଦୀ ଚରଣ ପାଣିଗ୍ରାହୀ ଥିଲେ ଜଣେ ଦରଦୀ ଲେଖକ । ଆଦ୍ୟ ଜୀବନର ଚଲାପଥରେ ସେ ଭେଟିଥିଲେ ଦାରିଦ୍ର୍ୟକୁ । ଦୁଃଖୀ ମଣିଷଙ୍କ ସାଙ୍ଗରେ କଟେଇଥିଲେ ଜୀବନର ଅଧିକାଂଶ ସମୟ । ପୁସ୍ତକ ଲେଖି ସେଥିରୁ ପ୍ରାପ୍ତ ଲେଖକୀୟ ରୟାଲିଟିରେ ଚଳାଉଥିଲେ ନିଜର ପରିବାର । କେବେ କେବେ ପତ୍ରିକା ସଂପାଦନା କରି ସେଥିରୁ ପ୍ରାପ୍ତ ପାରିତୋଷିକରେ ମଧ୍ୟ ସନ୍ତୁଷ୍ଟ ରହୁଥିଲେ । ଏହି ନୀତିନିଷ୍ଠ ମଣିଷଟି ଦୁଃଖୀ, ଅସହାୟ, ଅତ୍ୟାଚାରିତ, ନିଷ୍ପେଷିତ ମଣିଷମାନଙ୍କ ପକ୍ଷରେ କଲମ ଚାଳନା କରିଥିଲେ ସାରା ଜୀବନ ଧରି । ସେଇମାନଙ୍କ ଭିତରେ ପାଇଥିଲେ ଦେବତ୍ୱର ସନ୍ଧାନ । ତେଣୁ ଝିଅ କାଳେ କ୍ଷମତାର ଦାସ ପାଲଟିଯିବ ତାହା ହିଁ ଥିଲା ତାଙ୍କର ଭୟର କାରଣ । ଯେଉଁଥିପାଇଁ ସେ ଝିଅକୁ ବାରମ୍ବାର ତାଗିଦ୍ କରିଦେଉଥିଲେ କ୍ଷମତାର ଦାସ ନ ହୋଇ କ୍ଷମତାକୁ ନେଇ ଲୋକଙ୍କ ସେବାରେ ଲଗାଇବାକୁ ।

ଷାଠିଏ ଦଶକର ଆରମ୍ଭରେ ମାୟାଧର ମାନସିଂହ 'ଓଡ଼ିଆ ସାହିତ୍ୟର ଇତିହାସ' ନାମକ ଏକ ପୁସ୍ତକ ରଚନା କରିଥିଲେ । ଏହି ବହିଟିକୁ ନ୍ୟାସନାଲ୍ ବୁକ୍ ଟ୍ରଷ୍ଟ (ଏନ୍‌ବିଟି) ଛପାଇଥିଲେ । ସେଥିରେ ସେ କାଳିନ୍ଦୀ ଚରଣଙ୍କୁ ବହୁତ ସମାଲୋଚନା କରିଥିଲେ । ନନ୍ଦିନୀ ସାଂସଦ ହେବାପରେ ନ୍ୟାସନାଲ୍ ବୁକ୍ ଟ୍ରଷ୍ଟର ସଭାପତି ତାଙ୍କୁ ଅନୁରୋଧ କରି ଚିଠିଟିଏ ଲେଖିଥିଲେ ସେହି ବହି ସମ୍ପର୍କରେ ନିଜର ମତାମତ ଦେବାପାଇଁ । ଏଥିପାଇଁ ପାରିଶ୍ରମିକ ବାବଦରେ ଗୋଟିଏ ଉଚିତ ପରିମାଣର ଅର୍ଥ ମଧ୍ୟ ତାଙ୍କୁ ମିଳିବ ବୋଲି ସେ ସୂଚନା ଦେଇଥିଲେ । ସଂସଦ ଅଧିବେଶନ ସମାପ୍ତ ହେବା ପରେ ନନ୍ଦିନୀ କଟକ ଫେରିଆସି କାଳିନ୍ଦୀବାବୁଙ୍କୁ ଏହି କଥା ଜଣାଇଲେ । ନନ୍ଦିନୀ ଏ ସମ୍ପର୍କରେ କହୁଥିଲେ, "ବାପା ଏହି କଥା ଶୁଣି ସଙ୍ଗେ ସଙ୍ଗେ ବ୍ୟସ୍ତ ହୋଇ ମୋତେ କହିଲେ, 'ତୁ ଏଭଳି

Digitized by PPRACHIN, SOA

କୌଣସି ସମାଲୋଚନାମୂଳକ ପ୍ରବନ୍ଧ ଲେଖିବୁନି ।' ମୋର କିନ୍ତୁ ଲେଖିବାର ପ୍ରବଳ ଇଚ୍ଛା ଥିଲା । କାରଣ ସେ ବହିରେ ମାୟାଧରବାବୁ ବାପାଙ୍କ ସମ୍ପର୍କରେ ଅନେକ ଭୁଲ ମନ୍ତବ୍ୟ ଦେଇଥିଲେ । ମୁଁ ଏ କାରଣଟା ବାପାଙ୍କୁ କହିବା ପରେ ସେ ମୋତେ ଉତ୍ତର ଦେଇଥିଲେ ଯେ, 'ସେଇଟା ହିଁ ମୁଖ୍ୟ କାରଣ, ଯେଉଁଥିପାଇଁ ତୁ ଲେଖିବୁନି ।' ଏହାପରେ ଏନ୍‌ବିଟିକୁ କିଭଳି ଭାବରେ ମନା କରିବି ସେ ଚିଠିଟି ବି ବାପା ନିଜେ ଟାଇପ୍ କରି ମୋ ହାତରେ ଧରାଇ ଦେଇଥିଲେ ।"

ସତରେ ! ଏହି ଘଟଣା ହିଁ ପ୍ରତିପାଦିତ କରିଥାଏ କାଳିନ୍ଦୀଚରଣଙ୍କ ଉଦାର ପଣିଆକୁ । ସମକାଳୀନ ଲେଖକ ହିସାବରେ ମାୟାଧରବାବୁଙ୍କ ସମାଲୋଚନାରେ ହୁଏତ ସେ ଆଘାତ ପାଇଥିବେ, ମାତ୍ର ପିଲାଙ୍କ କ୍ଷମତାର ଦୂରୁପଯୋଗ କରି ମାୟାଧରବାବୁଙ୍କ ଭଳି ଜଣେ ଗୁରୁଜନଙ୍କୁ ତାହାର ଜବାବ୍ ଦେବା କିମ୍ବା ପ୍ରତିକ୍ରିୟା ପ୍ରକାଶ କରିବା ପାଇଁ ସେ ପସନ୍ଦ କରିନଥିଲେ । ଅନ୍ୟପକ୍ଷରେ, ଝିଅକୁ ମୁକ୍ତ ଚିନ୍ତାଧାରା ନେଇ କାର୍ଯ୍ୟ କରିବାର ପୂର୍ଣ୍ଣ ସ୍ୱାଧୀନତା ଦେଇଥିଲେ ମଧ୍ୟ ନନ୍ଦିନୀଙ୍କର ପ୍ରତ୍ୟେକଟି କାର୍ଯ୍ୟ ଉପରେ କାଳିନ୍ଦୀବାବୁ ତୀକ୍ଷ୍ଣ ଦୃଷ୍ଟି ରଖିଥିଲେ । ଭୁଲ କଲେ ଚେତାଇ ଦେଉଥିଲେ, ଠିକ୍ କାମ ପାଇଁ ପ୍ରେରଣା ଯୋଗାଇ ଦେଉଥିଲେ । ଯାହାଫଳରେ ପିତାଙ୍କଠାରୁ ପ୍ରାପ୍ତ ସ୍ୱାଧୀନତାକୁ ଯଥେଚ୍ଛାଚାର ନ ଭାବି ନିଜର ଅନ୍ତର୍ନିହିତ ଶକ୍ତିକୁ ସୁ-କାର୍ଯ୍ୟରେ ବିନିଯୋଗ କରିବା ନିମନ୍ତେ ନନ୍ଦିନୀ ଶତତ ଉଦ୍ୟମ କରିଥିଲେ ।

⁂

Digitized by PPRACHIN, SOA

ରାଜନୈତିକ ଷଡ଼ଯନ୍ତ୍ରର ଶିକାର

୧୯୭୬ ଡିସେମ୍ବର ମାସଟି ନନ୍ଦିନୀଙ୍କ ପାଇଁ ଏକ ଅଶୁଭ ସମୟ ତଥା ଅଗ୍ନି ପରୀକ୍ଷାର ସମୟ ଥିଲା । ସେତେବେଳକୁ ଶତ୍ରୁମାନେ ତାଙ୍କ ଚାରିପଟେ ଚକ୍ରବ୍ୟୂହ ରଚନା କରିସାରିଥିଲେ । ରାଜ୍ୟ ଠାରୁ କେନ୍ଦ୍ର ପର୍ଯ୍ୟନ୍ତ ତାଙ୍କ ବିରୁଦ୍ଧରେ ଏକ ଭୀଷଣ ଷଡ଼ଯନ୍ତ୍ର ଚାଲିଥାଏ । ଏ ବିଷୟରେ ସେ ସୂଚନା ପାଇଥିଲେ ମଧ୍ୟ ତାଙ୍କର ଏଥିପ୍ରତି ତିଳେହେଲେ ଭ୍ରୁକ୍ଷେପ ନଥିଲା । ସେ ଚାଲିଥିଲେ ତାଙ୍କ ବାଟରେ ଆଉ ଷଡ଼ଯନ୍ତ୍ର ତା' ବାଟରେ । ପରିଣତି ବିଷୟରେ ସେ ଚିନ୍ତା ସୁଦ୍ଧା କରିନଥିଲେ । ଇନ୍ଦିରା ତନୟ ସଞ୍ଜୟଙ୍କ ସମେତ ଓଡ଼ିଶାର ବହୁ କଂଗ୍ରେସୀ ନେତା ଏହି ଷଡ଼ଯନ୍ତ୍ରରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ଗୋଟିଏ ପଟେ 'ଘର ଡିଙ୍କି କୁମ୍ଭୀର' ଭଳି ତାଙ୍କ ନିଜ ଦଳ ଅର୍ଥାତ୍ କଂଗ୍ରେସର କିଛି ମୁଷ୍ଟିମେୟ ନେତା ତାଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ହଟାଇବା ପାଇଁ ଲାଗିପଡ଼ିଥିବାବେଳେ, ଅନ୍ୟପଟେ ବିରୋଧୀ ଦଳ ଏଥିରୁ ସମ୍ପୂର୍ଣ୍ଣ ଫାଇଦା ନେଇ ଆଗାମୀ ନିର୍ବାଚନରେ ଶାସନଗାଦୀକୁ ଅକ୍ତିଆର କରିବାକୁ ଉପକ୍ରମ କରିଥିଲା । ଆଖିରେ ଅସୁମାରି ସ୍ୱପ୍ନର ପସରା ଧରି କୋଟି କୋଟି ମେହେନତୀ ମଣିଷମାନଙ୍କୁ ସ୍ୱାଭିମାନର ସହ ବଞ୍ଚି ଶିଖିବା ପାଇଁ ସଂଗ୍ରାମ କରୁ କରୁ, ବାଧବାଧକତାରେ ମୁଖ୍ୟମନ୍ତ୍ରୀ ପଦରେ ଆସୀନ ଏହି ସାଧାରଣ ମହିଳାଙ୍କୁ ସଭିଏଁ ମିଶି ଲୌହମାନବୀରେ ପରିଣତ କରିଥିଲେ । ନନ୍ଦିନୀଙ୍କ ସ୍ୱଚ୍ଛ ଶାସନ କାଳର ଯୁଗାନ୍ତକାରୀ ପଦକ୍ଷେପ ଏବଂ ଲୋକପ୍ରିୟତାରେ ଭୟଭୀତ ହୋଇପଡ଼ିଥିଲେ, ଏକଦା ଦେଶର ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିରେ ତାଙ୍କର ପରାମର୍ଶ ଲୋଡୁଥିବା ଏବଂ ଅତ୍ୟନ୍ତ ଘନିଷ୍ଠ ଥିବା ଭାରତବର୍ଷର ପ୍ରଧାନମନ୍ତ୍ରୀ ସ୍ୱୟଂ ଇନ୍ଦିରା ଗାନ୍ଧୀ ଏବଂ ତାଙ୍କ କନିଷ୍ଠ ପୁତ୍ର ସଞ୍ଜୟ ଗାନ୍ଧୀ । ଏଠାରେ ଉଲ୍ଲେଖ କରିବା ନିଃଷ୍ପ୍ରୟୋଜନ ଯେ, ଶେଷରେ ଏହି କୁଚକ୍ରୀ ଗୋଷ୍ଠୀଙ୍କର ଏକପ୍ରକାର

Digitized by PPRACHIN, SOA

ଜିତାପଟ ହୋଇଥିଲା ନିଶ୍ଚୟ, ମାତ୍ର ଶେଷ ପର୍ଯ୍ୟନ୍ତ ଏହି ଲୌହମାନବୀ ନନ୍ଦିନୀ କାହାରି ନିକଟରେ ମଥାନତ ନ କରି ନିଜର ଶ୍ରେଷ୍ଠତ୍ୱ ବଜାୟ ରଖିଥିଲେ ପୂର୍ବବତ୍ ।

ନନ୍ଦିନୀଙ୍କ ବିରୋଧରେ ହେଉଥିବା ଷଡ଼ଯନ୍ତ୍ରର ସାମାନ୍ୟ ଆଭାସ ମିଳିଥିଲା ଦେଶରେ ଜରୁରୀକାଳୀନ ପରିସ୍ଥିତି ଜାରି ହେବାର ଠିକ୍ ଅବ୍ୟବହିତ ପୂର୍ବରୁ । ଘଟଣାଟି ଥିଲା ଏହିପରି—ହଠାତ୍ ପ୍ରଧାନମନ୍ତ୍ରୀଙ୍କ ଦପ୍ତରରୁ ଘନଘନ ଫୋନ୍ ଡାକରା ପାଇ ନନ୍ଦିନୀ ପହଞ୍ଚିଥିଲେ ନୂଆଦିଲ୍ଲୀରେ । ବିମାନବନ୍ଦରରେ ପହଞ୍ଚିବା କ୍ଷଣି ଦିଲ୍ଲୀସ୍ଥିତ ଓଡ଼ିଶା ଭବନରୁ ଆସି ସେଠାରେ ଅପେକ୍ଷା କରିଥିବା ଜନୈକ କର୍ମଚାରୀ ତାଙ୍କୁ କହିଥିଲେ, ପ୍ରଧାନମନ୍ତ୍ରୀଙ୍କ ଅଫିସ୍‌ରୁ ଅନେକଥର ଫୋନ୍ ଆସିଲାଣି । ଆପଣ ସିଧା ତାଙ୍କ ଘରକୁ ଯାଆନ୍ତୁ । କଥାଟାର ଗୁରୁତ୍ୱ ଉପଲବ୍ଧି କରି ନନ୍ଦିନୀ ଗଲେ ଇନ୍ଦିରା ଗାନ୍ଧୀଙ୍କ ବାସଭବନକୁ । ସେଠାରେ ପ୍ରବେଶ ନିମନ୍ତେ ତାଙ୍କ ପାଇଁ କୌଣସି କଟକଣା ନଥିଲା । ତେଣୁ ସେ ଯାଇ ଇନ୍ଦିରାଜୀଙ୍କ ଡ୍ରଇଁରୁମ୍‌ରେ ପଶିଗଲେ । ସେତେବେଳକୁ ଇନ୍ଦିରା ଗାନ୍ଧୀ ଓ ସିଦ୍ଧାର୍ଥ ଶଙ୍କର ରାୟ ଦୁହେଁ ବସି କ'ଣ ସବୁ ଲେଖାଲେଖି କରୁଥାଆନ୍ତି । ନନ୍ଦିନୀ ଯାଇ ଇନ୍ଦିରା ଗାନ୍ଧୀଙ୍କ ନିକଟରେ ଠିଆହେଲେ । କିଛି ସମୟ ପରେ ଇନ୍ଦିରା ଗାନ୍ଧୀ ତାଙ୍କୁ କହିଲେ, 'ତୁ ଏଠି ବସିଥା, ମୁଁ ଟିକେ ଆସୁଛି' କହି ସେ ଓ ସିଦ୍ଧାର୍ଥ ଶଙ୍କର ରାୟ ବାହାରକୁ ଚାଲିଗଲେ । ନନ୍ଦିନୀ ସେଠାରେ ବସିଥାନ୍ତି, ଏହି ସମୟରେ ସଞ୍ଜୟ ଗାନ୍ଧୀ ଆସି ତାଙ୍କୁ କହିଲେ, 'ଆଣ୍ଟିଜୀ, କାଲ୍ ଆପକେ ଜିତ୍‌ନା ଅଖବାର ହେ ସବ୍ ବନ୍ଦ କରିଦିଜିଏ ।' ନନ୍ଦିନୀ ଉତ୍ତର ଦେଲେ, 'ମୁଁ କେମିତି ବନ୍ଦ କରିବି ? ଖବରକାଗଜ ତ ସରକାରର ନୁହଁ !' ସଞ୍ଜୟ କହିଲେ, 'ଆପ୍ ଲାଇଟ୍ ଔର ପାନି ବନ୍ଦ କରଦିଜିଏ ।' ନନ୍ଦିନୀ ଏହାର ବିରୋଧ କଲେ । କହିଲେ, 'ମୁଁ ତ ଏହା ବନ୍ଦ କରିପାରିବିନି । ମୋ ପକ୍ଷରେ ଏଇଟା ଉଚିତ ମଧ୍ୟ ନୁହେଁ ।' ସଞ୍ଜୟ ଗାନ୍ଧୀ କ୍ରୋଧମିଶା ସ୍ୱରରେ କହିଲେ, 'କ୍ୟୁଁ, ଆପ୍ ତୋ ଚିଫ୍ ମିନିଷ୍ଟର ହେଁ ।' ନନ୍ଦିନୀ କଥାଟିକୁ ନ ବଢ଼େଇ କହିଲେ, 'ଯବ୍ ତୁହ୍ମାରା ମମି ଆଏଙ୍ଗେ ତବ୍ ଉନ୍‌କେ ସାଥ୍ ମେ ବାତ୍ କରୁଙ୍ଗୀ ।' ବାସ୍ ଏତିକିରେ ସଞ୍ଜୟ ଗାନ୍ଧୀଙ୍କର ରାଗ ଉଠିଗଲା କି କ'ଣ, ସେ ସେଠାରୁ ଚାଲିଗଲେ । ନନ୍ଦିନୀ ମଧ୍ୟ କିଛି ସମୟ ସେଠାରେ ଅପେକ୍ଷା କରି ଇନ୍ଦିରା ଗାନ୍ଧୀ ଡାକିଲେ ଯିବେ ଭାବି ଦେବେନ୍ଦ୍ରବାବୁଙ୍କ ବସାକୁ ଫେରିଆସିଲେ । ଦେବେନ୍ଦ୍ରବାବୁ ସେତେବେଳକୁ ଲୋକସଭା ସଦସ୍ୟ ଥାନ୍ତି ଏବଂ ୬୦ ଲୋଧି ଇଷ୍ଟେଟ୍‌ରେ ରହୁଥାନ୍ତି । ଏହି ଘଟଣାକୁ ନେଇ ସଞ୍ଜୟ ଗାନ୍ଧୀ ତାଙ୍କ ମା'ଙ୍କୁ କ'ଣ କହିଲେ କେଜାଣି, ଇନ୍ଦିରା ଗାନ୍ଧୀ ଆଉ ତାଙ୍କୁ ଡାକିଲେନି କି ନନ୍ଦିନୀ ମଧ୍ୟ ତାଙ୍କ ଘରକୁ ନିଜ ତରଫରୁ ଗଲେନାହିଁ । ପରେ ପରେ ଦେଶରେ ଜରୁରୀକାଳିନ ପରିସ୍ଥିତି ଜାରି ହୋଇଗଲା ।

⁂

Digitized by PPRACHIN, SOA

୧୬ ଡିସେମ୍ବର ୧୯୭୬

ନନ୍ଦିନୀଙ୍କ ମୁଖ୍ୟମନ୍ତ୍ରୀତ୍ୱର ଅବଧି ଓଡ଼ିଶା ରାଜନୈତିକ ଇତିହାସରେ ଏଯାବତ୍ ଏକ ସ୍ୱତନ୍ତ୍ର ଅଧ୍ୟାୟର ମାନ୍ୟତା ଦାବି କରେ, ଏହା ନିର୍ବିବାଦୀୟ ସତ୍ୟ । ମାତ୍ର ଅଗଣତାନ୍ତ୍ରିକ ପ୍ରକ୍ରିୟାରେ ତାଙ୍କୁ ଯେଭଳି ଭାବରେ ନିଜ ପଦବୀରୁ ଇସ୍ତଫା ଦେବାପାଇଁ ବାଧ କରାଯାଇଥିଲା, ବାସ୍ତବରେ ତାହା ସମଗ୍ର ଓଡ଼ିଆ ଜାତି ପାଇଁ ଥିଲା ଅତ୍ୟନ୍ତ ଲଜ୍ଜାଜନକ ଘଟଣା । ମୁଷ୍ଟିମେୟ କଂଗ୍ରେସ ନେତାଙ୍କ ପ୍ରରୋଚନାରେ ପଡ଼ି ଇନ୍ଦିରା ଗାନ୍ଧୀ ମଧ ସେତେବେଳେ ଯେଉଁ ପ୍ରକାର ପଦକ୍ଷେପ ନେଇଥିଲେ ତାହା ଏବେ ବି ଭାବିଲେ ଆଶ୍ଚର୍ଯ୍ୟ ହେବାକୁ ପଡ଼େ । କାରଣ ଏହା ସର୍ବଜନବିଦିତ ଥିଲା ଯେ, ନନ୍ଦିନୀଙ୍କୁ ଇନ୍ଦିରା ଗାନ୍ଧୀ ଖୁବ୍ ଭଲ ପାଉଥିଲେ ଏବଂ ତାଙ୍କ ଉପରେ ଇନ୍ଦିରାଙ୍କର ଗଭୀର ବିଶ୍ୱାସ ଥିଲା । କେବଳ ସେତିକି ନୁହେଁ, ସେ ନିଜେ ମଧ ପ୍ରଧାନମନ୍ତ୍ରୀ ପଦରେ ଅଧିଷ୍ଠିତ ହେବାପରେ ନନ୍ଦିନୀଙ୍କର ପ୍ରଗତିଶୀଳ ଚିନ୍ତାଧାରାରେ ବିଶେଷ ଭାବରେ ପ୍ରଭାବିତ ହୋଇଥିଲେ । ଅନ୍ୟ ଦିଗରୁ ଦେଖିଲେ, ନନ୍ଦିନୀଙ୍କ ସରକାରରେ ସେଭଳି କିଛି ଗୁରୁତର ରାଜନୈତିକ ସଙ୍କଟ କିମ୍ବା ରାଜ୍ୟରେ କୌଣସି ଆଭ୍ୟନ୍ତରୀଣ ଗଣ୍ଡଗୋଳ ନଥିଲା, ନଥିଲା ମଧ ବିଧାନସଭାରେ ଆସ୍ଥା-ଅନାସ୍ଥାର ଲୁଚକାଳି ଖେଳ । ଅପରପକ୍ଷରେ ତାଙ୍କ ସମାସ୍କନ୍ଧ ବା ତାଙ୍କୁ ଆହ୍ୱାନ ଦେଲାଭଳି ନେତା ମଧ କେହି ନଥିଲେ । ତେବେ କେଉଁଭଳି ପରିସ୍ଥିତିରେ ତାଙ୍କୁ ମୁଖ୍ୟମନ୍ତ୍ରୀ ପଦ ହରାଇବାକୁ ପଡ଼ିଲା ତା'ର ସମ୍ୟକ ଆଲୋଚନା ନିମ୍ନରେ ପ୍ରଦାନ କରାଗଲା ।

ନନ୍ଦିନୀ ଏ ସମ୍ପର୍କରେ କହୁଥିଲେ, "ଏବେ ତ ଇନ୍ଦିରା ଗାନ୍ଧୀ, ସଞ୍ଜୟ ଗାନ୍ଧୀ କି ରାଜୀବ ଗାନ୍ଧୀ କେହି ନାହାନ୍ତି । ଆଉ ପୁଣି ସଞ୍ଜୟ ଗାନ୍ଧୀ ବିଷୟରେ କ'ଣ କହିବି । ମୋର ମୁହାଁମୁହିଁ ତା' ସାଙ୍ଗରେ କିଛି କଥାବାର୍ତ୍ତା ହୋଇନି । ସେ ମୋତେ ଦେଖିଲେ

Digitized by PPRACHIN, SOA

ବହୁତ ସମ୍ମାନ କରେ । ସେ ସମୟରେ ଭାରତବର୍ଷର ସବୁ ରାଜ୍ୟକୁ ସେ ଯାଉଥିଲା । କିନ୍ତୁ ଓଡ଼ିଶାକୁ ଆସିଲାନି । ହଠାତ୍ କାହିଁକି କେଜାଣି କହିଲା, 'Unless that lady goes out, I will not go to Odisha' । ତା' ପରେ ମୁଁ କିପରି ଓଡ଼ିଶା ସରକାରରେ ଆଉ ନ ରହିବି, ସେଥିପାଇଁ ସେ ଓଡ଼ିଶାର ଯେଉଁମାନେ ପାର୍ଲିଆମେଣ୍ଟ ମେମ୍ବର ଥିଲେ ସେମାନଙ୍କ ଭିତରୁ କିଛି ଲୋକଙ୍କୁ ଲଗାଇଦେଲା । ସେ ଲଗାଇଦେଲା କ'ଣ କି; ତାକୁ ସାହାଯ୍ୟ କରିବା ପାଇଁ ଏମାନେ ବି ହାତ ବଢ଼ାଇଦେଲେ । ତାଙ୍କ ଭିତରୁ ବି ଅନେକ ବଞ୍ଚିଥିବା ବ୍ୟକ୍ତି, ଯେଉଁମାନେ କି ଏବେ କିଛି କିଛି କ୍ଷମତାରେ ଅଛନ୍ତି, ସେମାନଙ୍କ ନାମ ନ କହିଲେ ଭଲ । ଯାହାହେଉ ସମସ୍ତେ ମିଶି ବହୁତ ଚେଷ୍ଟା କଲେ । ଜାନକୀବାବୁ ଡିଫେନ୍ସ ପ୍ଲେନ୍ ଧରି ବାରମ୍ବାର ଏଠାକୁ ଆସିଲେ । ଶେଷକୁ ସମସ୍ତେ ମିଶି ଦଶ ଏଗାରଟି ଦସ୍ତଖତ ମୋ ବିରୁଦ୍ଧରେ ସଂଗ୍ରହ କଲେ । ତାକୁ ନେଇ ଯେତେବେଳେ ସଞ୍ଜୟ ଗାନ୍ଧୀକୁ ଦେଲେ, ସେ ସେଇଟା ଗ୍ରହଣ କଲାନାହିଁ । କହିଲା, 'ଏଇଟା ତ ମୁଁ ମମିକୁ ଦେଇପାରିବିନି । ମମି ତାଙ୍କୁ ବହୁତ ଭଲପାଆନ୍ତି । ଅଧିକ ଦସ୍ତଖତ ହେଲେ ଯାଇ ସିନା ମୁଁ ମମିକୁ କହିବି ଯେ ତାଙ୍କୁ ବାହାର କର !' ଏମାନେ ସେଇଠୁ ଖୁବ୍ ମୁସ୍କିଲରେ ପଡ଼ିଗଲେ । ମୁଁ ଏହା କିପରି ଜାଣିଲିକି, ଏହାର ଅନେକ ବର୍ଷ ପରେ ମୁଁ ଥରେ ପ୍ଲେନ୍‌ରେ ଦିଲ୍ଲୀ ଯାଉଥିଲି । କାହ୍ନୁବାବୁ ବି ସେଇ ପ୍ଲେନ୍‌ରେ ଯାଉଥାନ୍ତି । ସେ ହିଁ ମୋତେ ସବୁ ବିଷୟ କହିଲେ । କାରଣ ସେ ସମୟରେ ଏ ଘଟଣା ଜାଣିବା ମୋ ପକ୍ଷରେ ସମ୍ଭବ ନଥିଲା । ମୁଁ ତ ଓଡ଼ିଶାର କାମରେ ବ୍ୟସ୍ତ ଥିଲି । ଓଡ଼ିଶାରେ କ'ଣ କରିବାକୁ ହେବ, କିଭଳି ଭାବରେ ଓଡ଼ିଶାର ଉନ୍ନତି ହେବ, ଭୂ-ସଂସ୍କାର କରିବାକୁ ହେବ, ମହାଜନୀ କାରବାର ବନ୍ଦ କରିବାକୁ ହେବ; ଏମିତି ନାନା ପ୍ରକାର କଥାରେ ମୁଁ ବ୍ୟସ୍ତ ରହିଥିଲି । ମୋ ଟେବୁଲ ଉପରେ ମୁଁ ମୋଟେ ଫାଇଲ୍ ରଖେନି । ପ୍ରତିଦିନର ଫାଇଲ୍ ସେହିଦିନ ଶେଷ କରିବାକୁ ଚେଷ୍ଟା କରୁଥିଲି । ରାତି ତିନିଟା ପର୍ଯ୍ୟନ୍ତ ମୁଁ କାମ କରୁଥିଲି । ସେଇ ଅବସ୍ଥାରେ ସଞ୍ଜୟ ଗାନ୍ଧୀ କ'ଣ ଷଡ଼ଯନ୍ତ୍ର କରୁଛି ମୋ ବିରୁଦ୍ଧରେ, ଏହାକୁ ବୁଝିବା ପାଇଁ ପଲିଟିକ୍ସ, ଯାହାକୁ କହନ୍ତି ପଲିଟେକିଙ୍ଗ୍, ସେ କାମଟା ମୁଁ ଜମା କରିପାରିଲିନି । ମାନ୍ୟୁପୁଲେସନ୍ ମାନ୍ୟୁଭରେଣ୍ଟ ବି ମୁଁ କରିପାରିଲିନି । ସେ ଯାହାହେଉ, ଦେବକାନ୍ତ ବଡୁଆ ଥାଆନ୍ତି ସେତେବେଳେ ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି)ର ସଭାପତି । ସେ ମୋତେ ଦିନେ ଡାକି କହିଲେ, 'ତୁ କାହିଁକି ଦିଲ୍ଲୀ ଆସୁନୁ ? ତୁ ଏଠାକୁ ବାରମ୍ବାର ଆସିବା ଦରକାର । ଦେଖ, ସିଦ୍ଧାର୍ଥ ଶଙ୍କର ରାୟ କେମିତିକା ପ୍ରତି ସପ୍ତାହରେ ଦିଲ୍ଲୀ ଆସୁଛନ୍ତି ।' ମୁଁ କହିଲି, ମୋତେ ତ ଓଡ଼ିଶାରେ କାମ

Digitized by PPRACHIN, SOA

କରିବାକୁ କୁହାଯାଇଛି । ମୁଁ ପୁଣି ଦିଲ୍ଲୀ କାହିଁକି ଆସିବି ? ସେ ସେଇଠୁ କହିଲେ, 'ନାଇଁ ନାଇଁ, ବରାବର ଏଠାକୁ ଆସି ତୋର କଥାବାର୍ତ୍ତା କରିବାକୁ ପଡ଼ିବ ।' ତା'ପରେ ପୁଣି କହିଲେ, 'ସଞ୍ଜୟ ଗାନ୍ଧୀ ଓଡ଼ିଶାକୁ ଆସିବେନି ବୋଲି ମନା କରିଦେଇଛନ୍ତି ।' ମୁଁ ଦେଖିଲି ଏହାର ବି କିଛି କାରଣ ଥାଇପାରେ ।"

ଏଠାରେ ସ୍ମରଣଯୋଗ୍ୟ ଯେ, ସେତେବେଳେ ସଞ୍ଜୟ ଗାନ୍ଧୀ ଯେଉଁ ସବୁ ରାଜ୍ୟକୁ ଗସ୍ତରେ ଯାଉଥିଲେ ସେ ରାଜ୍ୟର ମୁଖ୍ୟମନ୍ତ୍ରୀ ଏବଂ ଅନ୍ୟାନ୍ୟ ମନ୍ତ୍ରୀମାନେ ତାଙ୍କୁ ପାଛୋଟି ଆଣିବା ପାଇଁ ବିମାନବନ୍ଦରକୁ ଯାଉଥିଲେ । ଏସବୁ ନନ୍ଦିନୀଙ୍କୁ ଖୁବ୍ ଖରାପ ଲାଗୁଥିଲା । ଇତ୍ୟବସରରେ ତାଙ୍କର ଦିନେ ଇନ୍ଦିରା ଗାନ୍ଧୀଙ୍କ ସଙ୍ଗେ ଦେଖାହେବାରୁ ସେ ତାଙ୍କୁ ପଚାରି ଦେଇଥିଲେ, "ସଞ୍ଜୟ ଗାନ୍ଧୀ ତ କଂଗ୍ରେସର ଚାରେଣିକିଆ ମେମ୍ବର ସୁଦ୍ଧା ନୁହେଁ, ସେ ଗଲେ କାହିଁକି ମୁଖ୍ୟମନ୍ତ୍ରୀ ଆଉ ଅନ୍ୟାନ୍ୟ ମନ୍ତ୍ରୀମାନେ ବିଭିନ୍ନ ରାଜ୍ୟରେ ଏୟାରପୋର୍ଟରେ ଧାଡ଼ିବାନ୍ଧି ଠିଆହେବେ ତାଙ୍କୁ ରିସିଭ୍ କରିବା ପାଇଁ ?" ଇନ୍ଦିରା ଗାନ୍ଧୀ କହିଲେ, 'ନାହିଁ ତ ମୁଁ ସେକଥା କହିନାହିଁ !' –"କହିନାହାନ୍ତି କ'ଣ, ସେଇଆ ତ ସବୁଠି ହେଉଛି" ନନ୍ଦିନୀ କହିଥିଲେ । ଏହା ପରେ ପରେ କଂଗ୍ରେସ ସଭାପତି ଦେବକାନ୍ତ ବଡୁଆଙ୍କୁ ଇନ୍ଦିରା ଗାନ୍ଧୀ ଏ ବିଷୟରେ ଜଣାଇଥିଲେ । ଦେବକାନ୍ତ ବଡୁଆ ସଙ୍ଗେ ସଙ୍ଗେ ଏ ସଂକ୍ରାନ୍ତରେ ଗୋଟେ ସର୍କ୍ୟୁଲାର ସବୁ ରାଜ୍ୟକୁ ପଠାଇଦେଲେ । ନନ୍ଦିନୀ କହୁଥିଲେ, "ସବୁ ଷ୍ଟେଟ୍‌କୁ ପଠାଇଲେ କି ନାହିଁ ମୁଁ ଜାଣେନି । କିନ୍ତୁ ମୋ ପାଖକୁ ଗୋଟେ ଚିଠି ଆସିଲା ଯେ, ସଞ୍ଜୟ ଗାନ୍ଧୀଙ୍କୁ ରିସିଭ୍ କରିବା ପାଇଁ କୌଣସି ମୁଖ୍ୟମନ୍ତ୍ରୀ ବା ମନ୍ତ୍ରୀମାନଙ୍କର ଏୟାରପୋର୍ଟ ଯିବା ଦରକାର ନାହିଁ । ଏସବୁ ସତ୍ତ୍ୱେ କିନ୍ତୁ ସବୁ ଷ୍ଟେଟ୍‌ରେ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନେ ତାଙ୍କୁ ରିସିଭ୍ କରିବା ପାଇଁ ଯାଉଥାନ୍ତି ।"

ତା'ପରେ ନନ୍ଦିନୀ ବିରୋଧୀ ଷଡ଼ଯନ୍ତ୍ରରେ ଲିପ୍ତ ଥିବା ଓଡ଼ିଶା କଂଗ୍ରେସର କିଛି ନେତା ଅନେକ ଚେଷ୍ଟା କଲେ ତାଙ୍କ ବିରୋଧରେ ବିଧାୟକମାନଙ୍କ ଦସ୍ତଖତ ସଂଗ୍ରହ କରିବାକୁ । କିନ୍ତୁ ସେଥିରେ ବିଫଳ ହେଲେ । ସେପଟେ ସଞ୍ଜୟ ଗାନ୍ଧୀ ଖୁବ୍ ବ୍ୟସ୍ତ ହୋଇପଡ଼ିଲେ । ଅଧିକ ଦସ୍ତଖତ କରାଇ ନ ପାରି ଏମାନେ ଅତ୍ୟନ୍ତ ବିବ୍ରତ ହୋଇ ସଞ୍ଜୟଙ୍କୁ କହିଲେ, ଯାହା ବି ହେଉ ଏଠାରେ ଯେତିକି ଦସ୍ତଖତ କରେଇଛୁ ଆପଣ କେମିତି ହେଲେ ନନ୍ଦିନୀ ଶତପଥୀଙ୍କୁ ବାହାର କରନ୍ତୁ । ଏହାପରେ ଇନ୍ଦିରା ଗାନ୍ଧୀ ନନ୍ଦିନୀଙ୍କୁ ଦିଲ୍ଲୀ ଡକାଇଲେ । ଏ ସମ୍ପର୍କରେ ନନ୍ଦିନୀ କହୁଥିଲେ, "ବାଲେଶ୍ୱରରେ ମନ୍ମଥ ଦାସ ବୋଲି ଜଣେ ଯୁବ କଂଗ୍ରେସ ନେତା ଥିଲା (ଯା ଭିତରେ ସେ ସ୍କୁଟର ଆକ୍ସିଡେଣ୍ଟରେ ମରିଗଲାଣି) । ସେ ଜଣେ ମହିଳାଙ୍କୁ ଧର୍ଷଣ କରିଥିଲା । ପୁଲିସ୍ ବି ତାକୁ ଆରେଷ୍ଟ

Digitized by PPRACHIN, SOA

କରିଥିଲେ । ସେଇ କେଶ୍‌ରେ ଇନ୍ଦିରା ଗାନ୍ଧୀ ଏବଂ ସଞ୍ଜୟ ଗାନ୍ଧୀ ମୋତେ କହିଲେ ଯେ, ତାକୁ ଛାଡ଼ିଦିଅ । ମୁଁ ଏଥିରେ ଖୁବ୍ ଆଶ୍ଚର୍ଯ୍ୟ ହେଲି । ସେ ଗୋଟେ ସ୍ତ୍ରୀ ଲୋକକୁ ରେପ୍ କରିଛି, ଯୁବ କଂଗ୍ରେସ ନେତା ବୋଲି ସେ କ'ଣ ଆରେଷ୍ଟ ହେବନାହିଁ ? ଇଏ କି କଥା ! ସେଇଠୁ ଇନ୍ଦିରା ଗାନ୍ଧୀ ମୋତେ କହିଲେ ତା'ର ଫାଇଲପତ୍ର ଧରି ଆସ । ମୁଁ ଗଲି, ମୋ ସାଙ୍ଗରେ ଆମ ଆଇ.ଜି. ନରସିଂହ ସ୍ୱାଇଁ ମଧ ଗଲେ । ସେ ଇନ୍ଦିରା ଗାନ୍ଧୀଙ୍କ ସାଉଥ୍ ବ୍ଲକ୍ ଅଫିସ ବାହାରେ ବସିଥାନ୍ତି, ମୁଁ ଭିତରେ ବସିଥାଏ । ଇନ୍ଦିରା ଗାନ୍ଧୀ ମୁହଁ ଉପରକୁ ନ କରି ମୋତେ ଖାଲି କହିଚାଲିଥାନ୍ତି, 'ତମ ପ୍ରତି କିଛି ଲୋକଙ୍କର ସମର୍ଥନ ନାହିଁ, ଏମ୍.ଏଲ୍.ଏଙ୍କର ସମର୍ଥନ ନାହିଁ ।' ମୁଁ କହିଲି, କେମିତି ସମର୍ଥନ ନାହିଁ ? ଆପଣ ପରା ଦେଖିଲେ ଏବେ ଏବେ ଆସେମ୍ଲି ସରିଲା ! ଆସେମ୍ଲିରେ ମୋତେ ତ କେହି ବିରୋଧ କରିନାହାନ୍ତି ? ଏହା ଶୁଣି ସେ କହିଲେ, 'ମେ କ୍ୟା ଜାନ୍‌ତି ହୁଁ, ଲୋଗ୍ କହତେ ହେଁ ।' ମୁଁ କହିଲି, ଆପଣ ତ ଯେଉଁଠି ବକ୍ତୃତା ଦେବେ ସେଠାରୁ ମାଇଲିଏ ଦୂରରେ ବାଡ଼ ସେପଟେ ଲୋକ ବସିବେ । କେଉଁ ଲୋକଟା ଆପଣଙ୍କୁ ଆସି କହିଲା ? ଯେଉଁମାନେ ବଡ଼ପଣ ଦେଖାନ୍ତି ତାଙ୍କୁ ମୁଁ ଏମିତି ତେଢ଼ାମେଢ଼ା କଥା କୁହେ । ଏହାର ଆଉ କିଛି ଜବାବ୍ ସେ ଦେଲେନି, କି ମୋତେ କହିଲେନି ବି ତୁ ଛାଡ଼ିଦେ, ରିଜାଇନ୍ କରିଦେ । ମୁଁ ତାଙ୍କୁ ବାରମ୍ବାର ପଚାରିଲି, କ'ଣ ଆପଣ ଚାହୁଁଛନ୍ତି ମୁଁ ରିଜାଇନ୍ କରିବି ? ମୁଁ ଏଇକ୍ଷଣି ଗୋଟେ ଲେଖି ଦେଇଦେଉଛି ଆପଣଙ୍କୁ । ତେବେ ବି ସେ କିଛି କହିଲେ ନାହିଁ । ମୁଁ ସେଥିରୁ ଫେରିଆସିଲି । ସେ ଦିନଟି ଥିଲା ୧୯୭୬ ମସିହା ଡିସେମ୍ବର ୧୪ ତାରିଖ । ତା' ପରଦିନ ଅର୍ଥାତ୍ ୧୫ ତାରିଖ ଦିନ ଚନ୍ଦ୍ରଜିତ୍ ଯାଦବ ମୋତେ ଟେଲିଫୋନ୍ କଲା । କହିଲା, 'ନନ୍ଦିନୀଦେବୀ, ମେ ଆପ୍‌କା ଫ୍ରେଣ୍ଡ ହୁଁ । ଆପ୍ ଜରା ରିଜାଇନ୍ କର୍‌ଦିଜିଏ ।' ମୁଁ କହିଲି, କାଇଁ ମତେ ତ ଇନ୍ଦିରା ଗାନ୍ଧୀ କିଛି କହିଲେ ନାହିଁ, ମୁଁ ତମ କଥାରେ କେମିତି ରିଜାଇନ୍ କରିଦେବି ? ସେଇଠୁ ଟିକେ ସମୟ ପରେ ଦେବକାନ୍ତ ବରୁଆ ଟେଲିଫୋନ୍ କରି କହିଲେ, 'ନନ୍ଦିନୀ, ପ୍ରାଇମ୍ ମିନିଷ୍ଟର ଏଣେ ବ୍ୟସ୍ତ ହେଉଛନ୍ତି, ତୁ ରିଜାଇନ୍ କରିଦେ ।' ମୁଁ କହିଲି ଦାଦା, ପ୍ରାଇମ୍ ମିନିଷ୍ଟର ମତେ ତ କିଛି ବୋଲି କିଛି କହିଲେନି । ମୁଁ କେମିତି ରିଜାଇନ୍ କରିବି ?

"ସେଦିନ ଗଲା । ତା' ପରଦିନ ୧୬ ତାରିଖରେ ଢେଙ୍କାନାଳରେ ମୋର ଗୋଟିଏ ମିଟିଂ ଥାଏ । ମୁଁ ଢେଙ୍କାନାଳ ଯିବାଆଗରୁ କମଳାପତି ତ୍ରିପାଠୀ ମୋତେ ଫୋନ୍ କଲେ । ସେ ମୋତେ ଖୁବ୍ ସ୍ନେହ କରନ୍ତି । ସେ କହିଲେ, 'ନନ୍ଦିନୀ, ତୁ ମୋ ଝିଅ ଭଳି । ତୁ ଇସ୍ତଫା ଦେଇଦେ । ନଚେତ୍ ଏଇକ୍ଷଣି ଆମେ କ୍ୟାବିନେଟ୍ ମିଟିଂ କରିବାକୁ

Digitized by PPRACHIN, SOA

ଯାଉଛୁ । ଗଭର୍ଣ୍ଣମେଣ୍ଟଟାକୁ ଡିସ୍‌ମିସ୍ କରିବାକୁ ହେବ ।' ମୁଁ କହିଲି, କରଦିଜିଏ ଡିସ୍‌ମିସ୍ । ସେ କହିଲେ, 'ନାଇଁ ନାଇଁ, ଏଇଟା କଂଗ୍ରେସ ଗଭର୍ଣ୍ଣମେଣ୍ଟ, ସେଇଟା ବି କଂଗ୍ରେସ ଗଭର୍ଣ୍ଣମେଣ୍ଟ । ଡିସ୍‌ମିସ୍ କରିବାଟା ଭଲ ହେବନି । ତୁ ରିଜାଇନ୍ କରିଦେ ।' ମୁଁ ତାଙ୍କୁ ବହୁତ ବୁଝାଇ କହିଲି, ମୁଁ ପରା ଗୋଟେ ମିଟିଂ ଢେଙ୍କାନାଳରେ ଆଜି ଡାକିଦେଇଛି ! ମୁଁ ଏଇକ୍ଷଣି ମିଟିଂକୁ ଯାଉଛି କହିଦେଇ ଢେଙ୍କାନାଳ ପଳେଇଲି । ସେଠାରେ ମିଟିଂ କଲାବେଳକୁ ସେଠାକାର କିଛି ଲୋକମାନେ ମୋ ରିଜାଇନ୍ ବିଷୟରେ ସୂଚନା ପାଇସାରିଥିଲେ । ମୁଁ ବକ୍ତୃତା ଦେଲାବେଳେ ଲୋକେ କାନ୍ଦି ପକାଇଲେ । ସେଠାରୁ ମିଟିଂ ସାରି ଫେରିଲି । ଯା' ଭିତରେ ଦିଲ୍ଲୀରୁ ପଚାଶ ଟେଲିଫୋନ୍ ଆସିଛି ଯେ, ମୁଁ କୁଆଡ଼େ ଅଣ୍ଡର ଗ୍ରାଉଣ୍ଡ ଚାଲିଗଲି । ସେଠି ଓମ୍ ମେହେଟ୍ଟା ବୋଲି ଗୋଟେ କିଏ ଥିଲା ସ୍ୱରାଷ୍ଟ୍ର ବିଭାଗର ରାଷ୍ଟ୍ରମନ୍ତ୍ରୀ । ସିଏ ସଞ୍ଜୟର ସାଙ୍ଗ । ସେ ବାରମ୍ବାର ମୋତେ ଖୋଜୁଛି, କୁଆଡ଼େ ଗଲେ, ରେଜିଗ୍ନେସନ୍ ଦେଲେ କି ନାହିଁ । ଏଣେ ମୋତେ ଗଭର୍ଣ୍ଣର ଟେଲିଫୋନ୍ କରୁଛନ୍ତି ଯେ, ଦିଲ୍ଲୀରୁ ବାରମ୍ବାର ଟେଲିଫୋନ୍ ଆସୁଛି ତମେ ରିଜାଇନ୍ କଲ କି ନାହିଁ । ସେତେବେଳେ ଓଡ଼ିଶାରେ ଗଭର୍ଣ୍ଣର କେହି ନଥିଲେ ବୋଲି ହାଇକୋର୍ଟର ଚିଫ୍ ଜଷ୍ଟିସ୍ କାର୍ଯ୍ୟକାରୀ ଗଭର୍ଣ୍ଣର ଥାଆନ୍ତି । ମୁଁ ତାଙ୍କୁ କହିଲି, ମୁଁ ବର୍ତ୍ତମାନ ଯାଉଛି ମୋର କ୍ୟାବିନେଟ୍ କଲିଗ୍‌ମାନଙ୍କ ସାଙ୍ଗରେ କଥାବାର୍ତ୍ତା କରିବି । ଗଭର୍ଣ୍ଣମେଣ୍ଟ କାଲିକି ନଥିବ, ସେମାନଙ୍କୁ ଜଣେଇବିନି ? ତା'ପରେ ମୁଁ ଗଙ୍ଗାଧର ମହାପାତ୍ର, ଯଦୁନାଥ ଦାଶ ମହାପାତ୍ର ଏବଂ ଅନ୍ୟ ସମସ୍ତଙ୍କୁ ଡକେଇଲି । ସେତେବେଳକୁ ସନ୍ଧ୍ୟା ହୋଇଗଲାଣି । ତାଙ୍କୁ ସବୁ ପଚାରିଲି, ମୁଁ ରିଜାଇନ୍ କରିବି କି ନାହିଁ ? ସେତେବେଳକୁ ସି.ଆର.ପି, ବର୍ଡର ସିକ୍ୟୁରିଟୀ ଫୋର୍ସ ଆସି ଭୁବନେଶ୍ୱରରେ ଭର୍ତ୍ତି ହୋଇଗଲେଣି । ଯେମିତି ବାଂଲାଦେଶ ଯୁଦ୍ଧ ହେଉଛି, ସେମିତି ଗୋଟିଏ ପରିବେଶ ଭୁବନେଶ୍ୱରରେ ସୃଷ୍ଟି ହୋଇଯାଇଥିଲା । ସମସ୍ତେ ଭୟରେ ଯେଝା ଘରେ କବାଟ ବନ୍ଦ କରି ରହିଛନ୍ତି । ମୁଁ ସେଇଠୁ କହିଲି, କିଛି ତ କାରଣ ନାହିଁ, ରିଜାଇନ୍ ନ କଲେ କ'ଣ ହେବ ? କାହିଁକି ରିଜାଇନ୍ କରିବି ? ପ୍ରଧାନମନ୍ତ୍ରୀ ତ ମୋତେ କିଛି କାରଣ କହିଲେନି ? ମୁଁ ତାଙ୍କୁ ପଚାରିଛି ଆପଣ ମୋ ଇସ୍ତଫା ଚାହୁଁଛନ୍ତି କି ? ମୋ ସହିତ ୯୦ ମିନିଟ୍ କଥାବାର୍ତ୍ତା କଲେ; କିନ୍ତୁ ପରିଷ୍କାର କରି କିଛି କହିଲେ ନାହିଁ । ସମସ୍ତେ କହିଲେ, ସେ କହୁଛନ୍ତି ରିଜାଇନ୍ କରିବା ପାଇଁ, କରିଦିଅନ୍ତୁ । ଏମାନେ ସମସ୍ତେ ଆସି ଗଦା ହେଲେଣି । ମୁଁ କହିଲି, କ'ଣ ହେବ ? ଆରେଷ୍ଟ କରିବେ ତ, କରନ୍ତୁ ! ତିହାର ଜେଲ୍‌କୁ ନେବେ ତ, ଯିବା ! ସେଇ କଥାଟା ସେମାନଙ୍କୁ ଭାରି କଷ୍ଟ ହେଲା । କୁଆଡ଼େ ଯିବେ ସେମାନେ ?

Digitized by PPRACHIN, SOA

କେଉଁ ଜେଲ୍‌କୁ ଯିବେ । ମୁଁ କହିଲି, ହୋଲ ଗଭର୍ଣ୍ଣମେଣ୍ଟଟା ଆରେଷ୍ଟ ହେବ ତ, ଗୋଟେ ନୂଆ କଥାଟେ ହେବ ଭାରତବର୍ଷରେ । ସେମାନେ କିନ୍ତୁ କହିଲେ, ନାଇଁ ଆଜ୍ଞା ! ରିଜାଇନ୍ କରିଦିଅନ୍ତୁ । ମୁଁ ଦେଖିଲି ଏମାନେ ଡରିଯାଇ ଏକଦମ୍ ଛାନିଆ ହୋଇଗଲେଣି । ତା'ପରେ ରେଜିଗ୍ନେସନ୍‌ଟା ଲେଖି ଗଲି ଗଭର୍ଣ୍ଣରଙ୍କ ପାଖକୁ । ମୁଁ ଯେଉଁ ଗାଡ଼ିରେ ଯାଉଥାଏ, ସେ ଗାଡ଼ିରେ ରେଡ଼ିଓଟା ବାଜୁଥିଲା । ରେଡ଼ିଓରେ କହୁଥାଏ, ନିଖିଳକୋଇଲିର ଜନୈକ ଯୁବ କଂଗ୍ରେସ ନେତା କହିଛନ୍ତି ଯେ, ଅଗଣତାନ୍ତ୍ରିକ ଭାବରେ ନନ୍ଦିନୀ ଶତପଥୀ କ୍ଷମତାକୁ ଜାବୋଡ଼ି ଧରିଛନ୍ତି । ସେ ତୁରନ୍ତ ଇସ୍ତଫା ଦେବା ଦରକାର । ଏହା ଶୁଣି ମୋ ପାଟିରୁ ବାହାରି ପଡ଼ିଲା, ଯାଃ ! ନିଖିଳକୋଇଲିର ଜନୈକ ଯୁବ କଂଗ୍ରେସ ନେତା କହିଲେଣି ଯେତେବେଳେ, ମୁଁ ଇସ୍ତଫା ଦେଇଦେବି । ସେତେବେଳେ ମୋ ଡ୍ରାଇଭର ବିଶ୍ୱାଳ ଥିଲା । ଏବେ ବି (ଏହି କଥା ଲେଖକଙ୍କୁ କହୁଥିବାର ଅବଧି ଥିଲା ୧୯୯୮ ମସିହା) ସେ ମୁଖ୍ୟମନ୍ତ୍ରୀଙ୍କ ଡ୍ରାଇଭର ଅଛି । ସେତେବେଳଯାଏ ସେ ଜାଣି ନଥାଏ ଯେ, ମୁଁ ରିଜାଇନ୍ କରିବାକୁ ଯାଉଛି । ସେ କାବାହୋଇ ଖାଲି ମୋ ମୁହଁକୁ ଚାହୁଁଥାଏ । ତା'ପରେ ଗଭର୍ଣ୍ଣରଙ୍କୁ ଇସ୍ତଫାପତ୍ର ଦେଲି । ଗଭର୍ଣ୍ଣର ଚାର୍ଜରେ ତ ଥା'ନ୍ତି ଚିଫ୍ ଜଷ୍ଟିସ୍ । ସେ ଏକଦମ୍ ବ୍ୟତିବ୍ୟସ୍ତ ହୋଇପଡ଼ିଲେଣି । ସେ କହିଲେ, 'କିଛି କଥା ନାହିଁ, ବାର୍ତ୍ତା ନାହିଁ, ଛାଡ଼ିବାର କିଛି କାରଣ ନାହିଁ ଆପଣଙ୍କର, କାହିଁକି ସେମାନେ ଏତେ ବାଧ କରୁଛନ୍ତି ?' ମୁଁ ସେଇଠୁ କହିଲି, କହୁଛନ୍ତି ତ ଇସ୍ତଫା ଦେଇଦେବା ! ସେ ବିଚରା ଇସ୍ତଫା ତ ନେଲେ । କିନ୍ତୁ ସେଇ କଷ୍ଟରେ ତାଙ୍କର ହାର୍ଟ ଆଟାକ୍ ହୋଇଗଲା । ରାଜଭବନରୁ ଫେରି ଘରେ ଆସି ଦେଖିଲାବେଳକୁ ବହୁ କଂଗ୍ରେସ କର୍ମୀ ଏବଂ ଅନ୍ୟକିଛି ଲୋକ ସମସ୍ତେ ଭୋ ଭୋ ହୋଇ କାନ୍ଦୁଛନ୍ତି । ମୁଁ ସେମାନଙ୍କୁ ବୁଝାଇ କହିଲି, ବ୍ୟସ୍ତ କାହିଁକି ହେଉଛ, ସରକାର ଏମିତି ଆସେ, ଯାଏ । ଏହାପରେ ଅନ୍ୟ କିଏ ଜଣେ ତ ମୁଖ୍ୟମନ୍ତ୍ରୀ ହେବ ଆଉ କ'ଣ ? କିଛି ସମୟ ପରେ ସମସ୍ତେ ଶାନ୍ତ ହେଲେ । ମୁଁ ଇସ୍ତଫା ଦେବା ଆଗରୁ ଡିଫେନ୍ସ ପ୍ଲେନ୍‌ରେ ଆନ୍ତୁଲେ, ଜାନକୀବାବୁ, ରାମକ୍ରିଷ୍ଣା ଆୟାର ପ୍ରମୁଖ ସମସ୍ତେ ଭୁବନେଶ୍ୱରରେ ଆସି ପହଞ୍ଚି ଯାଇଥାନ୍ତି । ସେମାନେ ଗଭର୍ଣ୍ଣରଙ୍କୁ କହୁଥାନ୍ତି ଯେ, ମୁଁ ଆରେଷ୍ଟ ହେବା ଦରକାର । ଗଭର୍ଣ୍ଣର କହିଲେ, 'କାରଣ କ'ଣ, କାହିଁକି ତାଙ୍କୁ ଆରେଷ୍ଟ କରିବି ?' ସେମାନେ କହିଲେ, ବହୁତ ଗଣ୍ଡଗୋଳ ହେବ । ଗଭର୍ଣ୍ଣର କହିଲେ, 'କିଛି ତ ନାହିଁ, ଗଣ୍ଡଗୋଳ କେଉଁଠି ବି କିଛି ନାହିଁ । କେମିତି ତାଙ୍କୁ ଆରେଷ୍ଟ କରିବି ?' ଏମିତି ହେଇ ଶେଷକୁ ମୋତେ ଆରେଷ୍ଟ କରିପାରିଲେ ନାହିଁ । ମୁଁ କିନ୍ତୁ ଆରେଷ୍ଟ ହେବାପାଇଁ ପ୍ରସ୍ତୁତ ରହିଥିଲି । ମୋର ନିଜ ଉପରେ ଦୃଢ଼ ବିଶ୍ୱାସ ଥିଲା ଯେ, ମୁଁ କିଛି ଅନ୍ୟାୟ କରିନି । ଯାହା ଯାହା କରିଛି, ଠିକ୍ କାମ କରିଛି ।"

Digitized by PPRACHIN, SOA

ପ୍ରକୃତରେ ଖାସ୍ ନେତା ହେବାପାଇଁ ବା ଯେନତେନ ପ୍ରକାରେଣ କ୍ଷମତା ହାସଲ କରି ଅର୍ଥ ପ୍ରତିପତ୍ତି ଅର୍ଜନ କରିବାର ଲକ୍ଷ୍ୟ ରଖି ରାଜନୀତି କରିବା, ଆଉ ରାଷ୍ଟ୍ର ପାଇଁ ବା ଲୋକମାନଙ୍କ ପାଇଁ କାମ କରୁ କରୁ ନେତା ହୋଇଯିବା ବା କ୍ଷମତା ଆପେ ଆପେ ଆସି ହାତପାଆନ୍ତାରେ ପହଞ୍ଚିଯିବା ସମାନ କଥା ନୁହେଁ । ଯେଉଳି କେବଳ ଚାକିରି କରି ଅମାପ ଅର୍ଥ ଉପାର୍ଜନ ନିମନ୍ତେ ପାଠ ପଢ଼ିବା ଆଉ ଜ୍ଞାନ ଅର୍ଜନ କରିବା ପାଇଁ ପାଠ ପଢ଼ିବା ଏକା କଥା ନୁହେଁ । ଏ ଦୃଷ୍ଟିରୁ ବିଚାର କଲେ, ନନ୍ଦିନୀ ଥିଲେ ଦ୍ୱିତୀୟ ଧାଡ଼ିର ମଣିଷ । ପାଠ ପଢୁଥିଲେ ଚାକିରି ପାଇଁ ଯେତିକି ନୁହେଁ, ତା'ଠାରୁ ଅଧିକ ନିଜର ଜ୍ଞାନ ଅର୍ଜନ ପାଇଁ । ଛାତ୍ରାବସ୍ଥାରୁ ଆନ୍ଦୋଳନକୁ ଓହ୍ଲାଇଥିଲେ ଦେଶକୁ ସ୍ୱାଧୀନ କରିବା ପାଇଁ, କମ୍ୟୁନିଷ୍ଟ ଆନ୍ଦୋଳନରେ ନିଜକୁ ସାମିଲ କରିଥିଲେ ଦରିଦ୍ର ଜନତାର ଦାବୀ ହାସଲ ପାଇଁ, ସେମାନଙ୍କୁ ଜଡ଼ତ୍ୱରୁ ମୁକ୍ତ କରିବା ପାଇଁ । ଏହିପରି କାମ କରୁକରୁ ରାଜ୍ୟସଭା ସଭ୍ୟପଦ ନିମନ୍ତେ ପ୍ରସ୍ତାବ ଆସିଥିଲା ସ୍ୱତଃ ତାଙ୍କ ନିକଟକୁ ଏବଂ ପରେ ପରେ କେନ୍ଦ୍ରରେ ମନ୍ତ୍ରୀପଦ ବି ଆସିଥିଲା ଆପେ ଆପେ । ସର୍ବଶେଷରେ ନିଜର ଅନିଚ୍ଛା ସତ୍ତ୍ୱେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ପଦ ବି ଆସିଥିଲା ସ୍ୱତଃସ୍ଫୁର୍ତ୍ତ ଭାବେ । କିନ୍ତୁ ଦୁଃଖର କଥା, ଯେଉଁ ଇନ୍ଦିରା ଗାନ୍ଧୀ ତାଙ୍କୁ ମୁଖ୍ୟମନ୍ତ୍ରୀ ହେବାକୁ ବାଧ କରିଥିଲେ, ସେହି ପୁଣି ମୁଷ୍ଟିମେୟ ଅପରିଣାମଦର୍ଶୀ କଂଗ୍ରେସ ନେତା ଏବଂ ନିଜ ପୁତ୍ରମୋହରେ ପଡ଼ି ତାଙ୍କୁ ବିଦା କରିବାକୁ ପଶ୍ଚାତ୍‌ପଦ ହୋଇନଥିଲେ । ଏଠାରେ ପ୍ରକାଶଯୋଗ୍ୟ ଯେ, ଶ୍ରୀମତୀ ଗାନ୍ଧୀଙ୍କ ପ୍ରଧାନମନ୍ତ୍ରୀତ୍ୱ ସମୟରେ ଏବଂ ଜରୁରୀକାଳୀନ ପରିସ୍ଥିତିବେଳେ ତାଙ୍କ ସାନପୁଅ ସଞ୍ଜୟ ଗାନ୍ଧୀଙ୍କ ପ୍ରାଦୁର୍ଭାବ ଚରମ ସୀମାରେ ପହଞ୍ଚିଥିଲା । ବହୁ ବରିଷ୍ଠ କଂଗ୍ରେସ ନେତା ସେତେବେଳେ ତାଙ୍କ ପ୍ରତାପରେ ଥରହର । ଏହାର ପୂର୍ଣ୍ଣ ଫାଇଦା ନେଇ ମନ୍ତ୍ରିମଣ୍ଡଳରେ ଅର୍ଥମନ୍ତ୍ରୀ ଥିବା ବିନାୟକ ଆଚାର୍ଯ୍ୟ ମୁଖ୍ୟମନ୍ତ୍ରୀ ହେବାର ସ୍ୱପ୍ନ ଦେଖା ଆରମ୍ଭ କରି, ବ୍ରଜ ମୋହନ ମହାନ୍ତି, ବାଙ୍କବିହାରୀ ଦାସ, ବନମାଳୀ ପଟ୍ଟନାୟକଙ୍କ ସମେତ ଜାନକୀବାବୁଙ୍କୁ ଧରି ଏକ ଗୋଷ୍ଠୀ ଗଠନ କରି ନନ୍ଦିନୀଙ୍କ ବିରୋଧରେ ଲାଗିପଡ଼ିଲେ । ଆଉ ବିଡ଼ମ୍ବନାର ବିଷୟ ଯେ, ଇନ୍ଦିରା ଗାନ୍ଧୀଙ୍କୁ ପ୍ରଭାବିତ କରି ଯେଉଁ ଜାନକୀବାବୁଙ୍କୁ ଲୋକସଭା ଟିକେଟ୍ ଦେବାରେ ଏବଂ କେନ୍ଦ୍ରରେ ମନ୍ତ୍ରୀ କରିବାରେ ନନ୍ଦିନୀ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ, ସେହି ଜାନକୀବାବୁ ସଞ୍ଜୟଙ୍କୁ ମାଧ୍ୟମ କରି ତାଙ୍କୁ ଗାଦିଚ୍ୟୁତ କରିବାରେ ଅନ୍ୟତମ ମୁଖ୍ୟ କାର୍ପଟଦାର ସାଜିଲେ । ସଞ୍ଜୟଙ୍କ ନିକଟରେ ତାଙ୍କ ବିରୋଧରେ ଯାବତୀୟ କୁମନ୍ତ୍ରଣା କରି ନନ୍ଦିନୀ କିଭଳି ତାଙ୍କ ମା'ଙ୍କ ଉତ୍ତରାଧୀକାରିଣୀ ହେବାକୁ ଚେଷ୍ଟା କରୁଛନ୍ତି, ନିଜକୁ ଏସିଆର ସୂର୍ଯ୍ୟ ବୋଲି ପ୍ରଚାର କରୁଛନ୍ତି ଭଳି କାଳ୍ପନିକ କାହାଣୀମାନ ରଚନା କରି ଏହି କ୍ଷୁଦ୍ରଗୋଷ୍ଠୀଟି ସଞ୍ଜୟଙ୍କୁ

Digitized by PPRACHIN, SOA

କ୍ରୋଧିତ କରାଇ ତାଙ୍କ ମାଧ୍ୟମରେ ଇନ୍ଦିରା ଗାନ୍ଧୀଙ୍କୁ ପ୍ରଭାବିତ କରିବାରେ ସକ୍ଷମ ହେଲେ । ସବୁଠାରୁ ବଡ଼ କଥାଟି ହେଲା, ନନ୍ଦିନୀ ଏସବୁ ଜାଣି ସୁଦ୍ଧା ଇନ୍ଦିରା ଗାନ୍ଧୀ କିମ୍ବା ତାଙ୍କ ପୁତ୍ର ସଞ୍ଜୟ ଗାନ୍ଧୀଙ୍କ ନିକଟରେ ମୁଣ୍ଡ ନ ନୁଆଁଇ ନିଜର ସ୍ୱାଭିମାନ ବଜାୟ ରଖିଥିଲେ ।

ନନ୍ଦିନୀଙ୍କ ଇସ୍ତଫା ନାଟକ ସରିବା ପରେ ପରେ ଏଥିରେ ଭାଗ ନେଇଥିବା କୁଚକ୍ରୀ ଗୋଷ୍ଠୀ ତ ନିଶ୍ଚୟ ଆନନ୍ଦିତ ହୋଇଥିବେ; ମାତ୍ର ଓଡ଼ିଶାବାସୀଙ୍କର ଅନେକ ସ୍ୱପ୍ନ ଅପୂରଣୀୟ ହୋଇ ରହିଗଲା ସବୁଦିନ ପାଇଁ । ତାଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ବହୁ ଜନହିତକର ଯୋଜନା ଏବଂ ଉନ୍ନତିମୂଳକ କାର୍ଯ୍ୟ ଆଉ ଆଗେଇ ପାରିଲା ନାହିଁ । ତାଙ୍କର ପ୍ରଶାସକୀୟ ଦକ୍ଷତା ଏବଂ ଦୃଢ଼ ଶାସନ ବଦଳରେ ଏକ ମାଇଚିଆ ଶାସନର ଅଙ୍କୁରୋଦ୍‌ଗମ ହେଲା ଓଡ଼ିଶା ଭୂଇଁରେ । ରାଜନେତାମାନେ ଅମଲାମାନଙ୍କ ହାତରେ ସଖୀ କଣ୍ଢେଇ ସାଜିଲେ । ସରକାରୀ କର୍ମଚାରୀମାନଙ୍କ ହାତରେ ରହିଲା ପ୍ରକୃତ ଶାସନ ଡୋରୀ । ରାଜ୍ୟର ପ୍ରତ୍ୟେକ କାମରେ, ପ୍ରତ୍ୟେକ କ୍ଷେତ୍ରରେ କେନ୍ଦ୍ରର ହାଇକମାଣ୍ଡ ଶାସନ ଚାଲିଲା । ଯାହାହେଉ, ନନ୍ଦିନୀଙ୍କ ପତନ ପର୍ବ ପରେ ବିନାୟକ ଆଚାର୍ଯ୍ୟ ଦଳର ନେତା ନିର୍ବାଚିତ ହୋଇ ମୁଖ୍ୟମନ୍ତ୍ରୀ ପଦରେ ଅଭିଷିକ୍ତ ହେଲେ ଏବଂ ୧୯୭୭ ମସିହାର ପ୍ରାରମ୍ଭରେ ଜରୁରୀକାଳୀନ ପରିସ୍ଥିତିର ଅନ୍ତ ଘଟି ଦେଶରେ ସାଧାରଣ ନିର୍ବାଚନ ନିମନ୍ତେ ପ୍ରସ୍ତୁତିପର୍ବ ଆରମ୍ଭ ହୋଇଗଲା ।

ପ୍ରକୃତରେ ସବୁ ସରକାରର ଭଲ ଦିଗ ସହିତ କିଛି ଖରାପ ଦିଗ ବି ରହିଥାଏ । ହେଲେ ଗଣତନ୍ତ୍ର ଶାସନରେ ଜନସାଧାରଣ ହିଁ ଏହିସବୁ ଭଲ ଓ ଖରାପର ତର୍ଜମା କରି ଏହାର ନିର୍ଣ୍ଣାୟକ ହୋଇଥାନ୍ତି । ମାତ୍ର ଏକ ନିର୍ବାଚିତ ସରକାରର ନେତୃତ୍ୱକୁ ହାତଗଣତି ସ୍ୱାର୍ଥକୈନ୍ଦ୍ରିକ ବ୍ୟକ୍ତିଙ୍କ ପ୍ରରୋଚନାରେ ପଡ଼ି ଇନ୍ଦିରା ଗାନ୍ଧୀ ଯେଭଳି ଭାବରେ ବିଦା କଲେ ତାହା କ୍ଷମତାର ଦୂରୁପଯୋଗ କହିଲେ ଅତ୍ୟୁକ୍ତି ହେବନାହିଁ । ଅବଶ୍ୟ ଏହାର କୁପରିଣାମ ପରବର୍ତ୍ତୀ ନିର୍ବାଚନରେ ସେ ଅଙ୍ଗେ ନିଭେଇଥିଲେ ।

⁂

Digitized by PPRACHIN, SOA

୨୪

ଜରୁରୀକାଳୀନ ପରିସ୍ଥିତିରେ ନନ୍ଦିନୀ

ସ୍ୱାଧୀନୋତ୍ତର ଭାରତବର୍ଷର ସତୁରୀ ଦଶକରେ ଦେଶରେ ଜରୁରୀ ପରିସ୍ଥିତି ଜାରି ଏକ ବହୁଚର୍ଚ୍ଚିତ ଘଟଣା ରୂପେ ବିବେଚିତ ହୋଇଥାଏ । ସେହି ସମୟରେ ପ୍ରତ୍ୟେକ ରାଜ୍ୟରେ ଏହାର ସୁଦୂର ପ୍ରସାରୀ ପ୍ରଭାବ ପଡ଼ିଥିବାବେଳେ, ଓଡ଼ିଶା ମଧ୍ୟ ଏଥିରୁ ମୁକ୍ତ ନଥିଲା । କେବଳ ମୁଖ୍ୟମନ୍ତ୍ରୀ ଯୋଗୁଁ ନୁହେଁ, ବରଂ ଇନ୍ଦିରା ଗାନ୍ଧୀଙ୍କର ଅତ୍ୟନ୍ତ ପ୍ରିୟପାତ୍ର ଥିବାରୁ ଓଡ଼ିଶାରେ ନନ୍ଦିନୀଙ୍କ ଦ୍ୱାରା ମାତ୍ରାଧିକ କାର୍ଯ୍ୟକଳାପ ହୋଇଥିବାର କେହି କେହି ସମାଲୋଚନା କରିଥାନ୍ତି । ତେବେ ଏହି ଜୀବନୀ ପୁସ୍ତକର ପୂର୍ଣ୍ଣାଙ୍ଗ କଳେବର ନିମନ୍ତେ ସେ ସମ୍ପର୍କରେ ସମ୍ୟକ ଆଲୋକପାତ ଏଠାରେ ଆବଶ୍ୟକ ମନେହୁଏ ।

୧୯୭୧ ମସିହା ଲୋକସଭା ନିର୍ବାଚନରେ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଉତ୍ତରପ୍ରଦେଶର ରାଇବରେଲୀ ନିର୍ବାଚନ ମଣ୍ଡଳୀରୁ ଶ୍ରୀ ରାଜନାରାୟଣଙ୍କୁ ପରାସ୍ତ କରି ନିର୍ବାଚିତ ହୋଇଥିଲେ । ଏହି ନିର୍ବାଚନରେ ଅସତ୍ ଉପାୟ ଅବଲମ୍ବନ କରିଥିବାର ଅଭିଯୋଗ ଆଣି ଶ୍ରୀ ରାଜନାରାୟଣ ଆହ୍ଲାବାଦ ହାଇକୋର୍ଟରେ ଏକ ମାମଲା ଦାୟର କରିଥିଲେ । ୧୯୭୫ ମସିହା ଜୁନ୍ ୧୨ ତାରିଖରେ ଏହାର ରାୟ ପ୍ରକାଶ ପାଇଥିଲା, ଯେଉଁଥିରେ ଇନ୍ଦିରା ଗାନ୍ଧୀଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା କରାଯାଇ ଆସନ୍ତା ଛଅବର୍ଷ ପାଇଁ କୌଣସି ନିର୍ବାଚନରେ ଭାଗ ନେଇପାରିବେ ନାହିଁ ବୋଲି ରାୟ ଦିଆଯାଇଥିଲା । ଏ ସମ୍ପର୍କରେ ଶ୍ରୀମତୀ ଗାନ୍ଧୀଙ୍କ ପକ୍ଷରୁ ସୁପ୍ରିମ୍‌କୋର୍ଟରେ ଅପିଲ ଦାୟର କରାଯାଇଥିଲା ଏବଂ ସୁପ୍ରିମ୍‌କୋର୍ଟ ଆଦେଶ ଦେଇଥିଲେ ଯେ, ଶ୍ରୀମତୀ ଗାନ୍ଧୀ ପ୍ରଧାନମନ୍ତ୍ରୀ ପଦରେ ରହିବେ, ମାତ୍ର ଅପିଲର ବିଚାର ନ ହେବା ପର୍ଯ୍ୟନ୍ତ ସଂସଦରେ ତାଙ୍କର ଭୋଟ ଅଧିକାର ରହିବ ନାହିଁ । ଏହି ଘଟଣାକୁ ନେଇ ସାରା ଦେଶରେ ଉଷ୍ମତା ପ୍ରକାଶ ପାଇଥିଲା । ଚନ୍ଦ୍ରଶେଖରଙ୍କ ନେତୃତ୍ୱରେ

Digitized by PPRACHIN, SOA

କଂଗ୍ରେସ ଦଳର କିଛି ଯୁବନେତା ନେତୃତ୍ୱ ପରିବର୍ତ୍ତନ କରି ଜଗଜ୍ଜୀବନ ରାମଙ୍କୁ ନୂଆ ନେତା କରିବାର ଅଭିପ୍ରାୟ ରଖି ଦସ୍ତଖତ ଅଭିଯାନ ଚଳାଇଥିବାବେଳେ, ସେପଟେ ଜୟପ୍ରକାଶ ନାରାୟଣ ଇନ୍ଦିରାଙ୍କୁ ଶାସନଗାଦୀରୁ ହଟାଇବା ପାଇଁ ଦେଶସାରା ଏକ ଗଣଆନ୍ଦୋଳନର ନେତୃତ୍ୱ ନେଇଥିଲେ । ଫଳସ୍ୱରୂପ ଆଭ୍ୟନ୍ତରୀଣ ବିଶୃଙ୍ଖଳା ଯୋଗୁଁ ଦେଶର ନିରାପତ୍ତା ପ୍ରତି ବିପଦ ଆଶଙ୍କା କରି ଇନ୍ଦିରା ଗାନ୍ଧୀ ଜୁନ୍ ୨୫ ତାରିଖରେ ଜରୁରୀ ପରିସ୍ଥିତି ଜାରି କରିବା ନିମନ୍ତେ ରାଷ୍ଟ୍ରପତିଙ୍କୁ ସୁପାରିଶ କରିଥିଲେ ଏବଂ ସେହିଦିନ ମଧ୍ୟରାତ୍ରରେ ରାଷ୍ଟ୍ରପତିଙ୍କ ଦ୍ୱାରା ଦେଶରେ ଜରୁରୀ ପରିସ୍ଥିତି ଜାରି କରାଯାଇଥିଲା ।

ଏହି ସମୟରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିଲେ ନନ୍ଦିନୀ । ପୂର୍ବ ଅଧ୍ୟାୟରେ ବର୍ଣ୍ଣିତ ହୋଇଛି, ଜରୁରୀ ପରିସ୍ଥିତି ଜାରି ହେବାର ଅବ୍ୟବହିତ ପୂର୍ବରୁ ସଞ୍ଜୟ ଗାନ୍ଧୀ କିଭଳି ଖବରକାଗଜ କାର୍ଯ୍ୟାଳୟଗୁଡ଼ିକୁ ପାଣି, ବିଦ୍ୟୁତ୍ ବନ୍ଦ କରିଦେବା ନିମନ୍ତେ ନନ୍ଦିନୀଙ୍କୁ ପରାମର୍ଶ ଦେଇ ବିଫଳ ହେବାରୁ ତାଙ୍କ ଉପରେ ଅତ୍ୟନ୍ତ କ୍ରୋଧାନ୍ୱିତ ହୋଇପଡ଼ିଥିଲେ । ଏହାର ସୁଯୋଗ ନେଇ ତାଙ୍କୁ କ୍ଷମତାଚ୍ୟୁତ କରି ନେତୃତ୍ୱ ପରିବର୍ତ୍ତନ ପାଇଁ ଓଡ଼ିଶା କଂଗ୍ରେସର କେତେକ ନେତା ଜରୁରୀ ପରିସ୍ଥିତି ପ୍ରତି ନନ୍ଦିନୀଙ୍କର ଆଦୌ ଆନ୍ତରିକତା ନାହିଁ ବୋଲି ସଞ୍ଜୟ ଗାନ୍ଧୀ ଓ ଇନ୍ଦିରା ଗାନ୍ଧୀଙ୍କ ନିକଟରେ ସଫେଇ ଦେଲେ । ତେଣେ କେନ୍ଦ୍ର ନିର୍ଦ୍ଦେଶରେ ଯାହାସବୁ ପ୍ରତ୍ୟେକ ରାଜ୍ୟରେ ଘଟୁଥାଏ, ତାକୁ ନେଇ ଓଡ଼ିଶାର ବିରୋଧୀ ନେତାମାନେ ମୁଖ୍ୟମନ୍ତ୍ରୀଙ୍କୁ ଦାୟୀ କରି ସମାଲୋଚନା କରିବାରେ ଲାଗିପଡ଼ିଲେ । ନନ୍ଦିନୀ କିନ୍ତୁ କାହାରି ନିନ୍ଦା ଅପବାଦକୁ ଖାତିର ନ କରି ନିଜର ବିବେକାନୁମୋଦିତ କାର୍ଯ୍ୟ କରି ରାଜ୍ୟର ଉନ୍ନତି ଦିଗରେ ମନୋନିବେଶ କରିଥିଲେ । ଯେଉଁଥିପାଇଁ ସେ ଉଭୟ ଗୋଷ୍ଠୀର ଅପ୍ରିୟ ହୋଇଥିଲେ । ଏ ବିଷୟରେ ରମାକାନ୍ତ ରଥ ପ୍ରକାଶ କରନ୍ତି, 'ମୁଁ ବ୍ୟକ୍ତିଗତ ଭାବେ ଜାଣେ ଯେକୌଣସି କାର୍ଯ୍ୟ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ଲୋଡ଼ା ହେଲାବେଳେ ସେ ପ୍ରସ୍ତାବକୁ ତନ୍ନତନ୍ନ କରି ଅନୁଧ୍ୟାନ କରୁଥିଲେ ଓ ତାଙ୍କୁ ଗର୍ହିତ ମନେ ହେଉଥିବା ପ୍ରସ୍ତାବକୁ ନାକଚ କରିଦେଉଥିଲେ ।" (ଦ୍ରଷ୍ଟବ୍ୟ : ଏକ ଅସମ୍ପୂର୍ଣ୍ଣ ବିବରଣୀ ସମ୍ପୂର୍ଣ୍ଣ ଆଲେଖ୍ୟ, ସମାଜ, ୯ ଜୁନ୍-୨୦୦୮, ପୃ-୬)

ଏତଦ୍‌ବ୍ୟତୀତ ଏକ ସାକ୍ଷାତକାରରେ ନନ୍ଦିନୀ କହୁଥିଲେ, "ଯେତିକି ମିନିମମ୍ ଦରକାର ହୋଇଛି ସେତିକି ବି କ୍ଷମତାର ଅପଚୟ କରିନାହିଁ । ଯାହା କିଛି କରିଛି ଆଇନ୍‌ଗତ ଦୃଷ୍ଟିରୁ କରିଛି ରାଜ୍ୟ ଶାସନର ସର୍ବୋଚ୍ଚ ଆସନରେ ଥାଇ । ଏପରିକି ଜରୁରୀକାଳୀନ ପରିସ୍ଥିତିରେ ନୁହେଁ । (ଦ୍ରଷ୍ଟବ୍ୟ : କଥା କଥା କବିତା କବିତା, ଚତୁର୍ଥ ବର୍ଷ, ପ୍ରଥମ ସଂଖ୍ୟା, ପାର୍ବଣ-୨୦୦୩, ପୃ-୧୦୯) ଏହାଛଡ଼ା ୨୦ ମେ, ୨୦୦୧ରେ

Digitized by PPRACHIN, SOA

'ସମାଜ'କୁ ଏକ ସାକ୍ଷାତକାର ଅବସରରେ ସେ ସ୍ୱୀକାର କରିଥିଲେ, "ଜରୁରୀ ପରିସ୍ଥିତି ସମୟରେ ଓଡ଼ିଶାରେ ସବୁଠୁ ବେଶି କାମ ହୋଇଥିଲା ।"

ଏସବୁ ସତ୍ତ୍ୱେ ଜରୁରୀକାଳୀନ ପରିସ୍ଥିତି ସମୟରେ ଓଡ଼ିଶା ସରକାରଙ୍କ ମାତ୍ରାଧିକ କାର୍ଯ୍ୟ ହୋଇଥିବା ଅଭିଯୋଗର ଅନୁଧ୍ୟାନ କରିବା ଲାଗି ଜନତା ପାର୍ଟି ସରକାର 'ଶାହା କମିଶନ' ନିଯୁକ୍ତ କରିଥିଲେ । ତେବେ କମିଶନ ଓଡ଼ିଶାରେ ସେଭଳି କିଛି ମାତ୍ରାଧିକ କାର୍ଯ୍ୟ ହୋଇଥିବାର କୌଣସି ପ୍ରମାଣ ପାଇନଥିଲେ । କେବଳ ଇନ୍ଦିରାଙ୍କ ସହିତ ତାଙ୍କର ଘନିଷ୍ଠତା ଥିଲା ଏବଂ ଜରୁରୀକାଳୀନ ପରିସ୍ଥିତିରେ ସେ ମୁଖ୍ୟମନ୍ତ୍ରୀ ପଦରେ ଥିବା ହେତୁ ତାଙ୍କୁ ମୂଳରୁ ବିରୋଧ କରିଆସୁଥିବା ରାଜ୍ୟର ବିରୋଧୀ ନେତୃବୃନ୍ଦ ଏବଂ କଂଗ୍ରେସର କିଛି କ୍ଷମତାଲିପ୍ସୁମାନଙ୍କ ଦ୍ୱାରା ହିଁ ସେ ସମାଲୋଚିତ ହୋଇଥିଲେ । ହରେକୃଷ୍ଣ ମହତାବ, ନବକୃଷ୍ଣ ଚୌଧୁରୀ ଏବଂ ମାଳତୀ ଚୌଧୁରୀଙ୍କ ଭଳି କିଛି ନେତାଙ୍କୁ ଏହି ସମୟରେ ଗିରଫ କରାଯାଇଥିବାରୁ ଏହାକୁ ଅତିରଞ୍ଜିତ କରାଯାଇ ପ୍ରଚାର କରାଯାଇଥିଲା, ଯଦିଓ ଏହା ଥିଲା ସମ୍ପୂର୍ଣ୍ଣ ଭାବେ ରାଜନୈତିକ ଗିରଫଦାରୀ । ସେ ଦୃଷ୍ଟିରୁ ବିଚାର କଲେ ମହତାବଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ କମ୍ୟୁନିଷ୍ଟ ଆନ୍ଦୋଳନରେ ଭାଗ ନେଇଥିବା ଅନ୍ୟାନ୍ୟ ନେତାମାନଙ୍କ ସହ ବିଭିନ୍ନ ମିଥ୍ୟା ଅଭିଯୋଗ ଆରୋପ କରି ସ୍ୱୟଂ ନନ୍ଦିନୀଙ୍କୁ ମଧ୍ୟ ଛାତ୍ରାବସ୍ଥାରେ ଛଅମାସ କାଳ କାରାରୁଦ୍ଧ କରାଯାଇଥିଲା । ଏପରିକି ମହତାବଙ୍କ ସରକାର ଜଣେ ଆଦର୍ଶସ୍ଥାନୀୟ ଜନନେତା ଭାବରେ ଓଡ଼ିଶାର ପୁରପଲ୍ଲୀରେ ସୁପରିଚିତ ବିଧାୟକ ଥିବା ପ୍ରାଣନାଥ ପଟ୍ଟନାୟକଙ୍କୁ ମଧ୍ୟ ଗିରଫ କରିଥିଲେ । ଅନ୍ୟ ଏକ ଘଟଣାରେ ଡକ୍ଟର ଶ୍ରୀରାମଚନ୍ଦ୍ର ଦାଶଙ୍କୁ ବିଶ୍ୱବିଦ୍ୟାଳୟରୁ ବହିଷ୍କାର କରାଯିବା ଘଟଣାକୁ କେହି କେହି ମାତ୍ରାଧିକ କାର୍ଯ୍ୟ ବୋଲି ଅଭିହିତ କରିଥାନ୍ତି, ମାତ୍ର ଏହି ଘଟଣା ସହିତ ଜରୁରୀ ପରିସ୍ଥିତିର କୌଣସି ସମ୍ପର୍କ ନାହିଁ ବୋଲି 'ଶାହା କମିଶନ' ତାଙ୍କ ରିପୋର୍ଟରେ ସ୍ପଷ୍ଟ କରିଦେଇଥିଲେ ।

ଅନ୍ୟପକ୍ଷରେ ସେହି ସମୟରେ ବିଜୁ ପଟ୍ଟନାୟକ ଏବଂ ରବି ରାୟ ମଧ୍ୟ କେନ୍ଦ୍ରରେ ଗିରଫ ହୋଇଥିଲେ । ଜେଲରୁ ମୁକ୍ତ ହେବାପରେ ବିଜୁବାବୁ ଜରୁରୀକାଳୀନ ପରିସ୍ଥିତିକୁ ପ୍ରଶଂସା କରିବା ସହ ଏଥିଯୋଗୁଁ ଦେଶବାସୀ ଉପକୃତ ହୋଇଛନ୍ତି ବୋଲି ପ୍ରକାଶ୍ୟରେ ମତବ୍ୟକ୍ତ କରିଥିଲେ (ଅର୍ଦ୍ଧଶତାବ୍ଦୀର ଓଡ଼ିଶା କଂଗ୍ରେସ, ଭାଗବତ ପ୍ରସାଦ ମହାନ୍ତି, ପୃ- ୨୨୮) । ଅତଏବ ଜରୁରୀ କାଳୀନ ପରିସ୍ଥିତି ସମ୍ପୂର୍ଣ୍ଣ ଭାବରେ କେନ୍ଦ୍ର ସରକାରଙ୍କ ନିୟନ୍ତ୍ରଣରେ ପରିଚାଳିତ ହୋଇଥିଲା ଏବଂ ଏଥିରେ ନନ୍ଦିନୀଙ୍କର ବିଶେଷ କୌଣସି ଭୂମିକା ନଥିଲା କହିଲେ ଅତ୍ୟୁକ୍ତି ହେବନାହିଁ ।

***

Digitized by PPRACHIN, SOA

୨୫

କଂଗ୍ରେସରୁ କଂଗ୍ରେସ ଫର ଡେମୋକ୍ରାସୀ (ସି.ଏଫ୍.ଡି)

କ୍ଷମତାରୁ ଅନ୍ତର ହେବା ପରେ କିଛିଦିନ ପାଇଁ ନନ୍ଦିନୀ ଦିଲ୍ଲୀରେ ଅବସ୍ଥାନ କରିଥିଲେ । ସେତେବେଳେ ଇନ୍ଦିରା ଗାନ୍ଧୀଙ୍କୁ ନିଷ୍ପ୍ରଭ କରି ଭାରତବର୍ଷର କ୍ଷମତା ନିଜ ହାତକୁ ନେବା ପାଇଁ ସଞ୍ଜୟ ଗାନ୍ଧୀ ପ୍ରୟାସ କରୁଥିଲେ । ଯାହାଫଳରେ କଂଗ୍ରେସର ବରିଷ୍ଠ ନେତା ଏବଂ ଇନ୍ଦିରାଙ୍କର ଶୁଭଚିନ୍ତକମାନେ ସଞ୍ଜୟଙ୍କ ବ୍ୟବହାରରେ ଅତିଷ୍ଠ ହୋଇପଡ଼ିଥିଲେ । ସେମାନଙ୍କ ମଧ୍ୟରୁ ଜଗଜ୍ଜୀବନ ରାମ ଏବଂ ଏଚ୍.ଏନ୍. ବହୁଗୁଣା ପ୍ରମୁଖ ନେତୃବୃନ୍ଦମାନେ କଂଗ୍ରେସ ଫର ଡେମୋକ୍ରାସୀ (C.F.D.) ଦଳ ଗଠନ କରିବାକୁ ନିଷ୍ପତ୍ତି ନେଲେ । ଏଥିରେ ନନ୍ଦିନୀଙ୍କୁ ସାମିଲ କରିବାକୁ ଦୁହେଁ ତାଙ୍କ ଉପରେ ପ୍ରବଳ ଚାପ ପକାଇଲେ । ଏଚ୍.ଏନ୍.ବହୁଗୁଣା ତାଙ୍କ ନିକଟକୁ ଆସି ଜିଦ୍ ଧରିବସିଲେ ଯେ, ତୁମେ ଏହି ଦଳରେ ରହିବା ଦରକାର । ଜଗଜ୍ଜୀବନ ରାମ ମଧ୍ୟ ଖବର ପରେ ଖବର ପଠାଇଲେ । ନନ୍ଦିନୀ ବଡ଼ ଅଡୁଆରେ ପଡ଼ିଗଲେ । ଗୋଟିଏ ପଟେ କଂଗ୍ରେସ, ବିଶେଷକରି ଇନ୍ଦିରା ଗାନ୍ଧୀଙ୍କୁ ଛାଡ଼ି ଯିବାକୁ ଇଚ୍ଛା ଆଦୌ ନଥାଏ ତାଙ୍କର । ସେପଟେ କିନ୍ତୁ କିଛି ଚକ୍ରାନ୍ତକାରୀ କଂଗ୍ରେସୀ ନେତା ଏବଂ ସଞ୍ଜୟ ଗାନ୍ଧୀ ନନ୍ଦିନୀଙ୍କୁ ସହ୍ୟ କରିପାରୁନଥିଲେ । ଏହିପରି ଏକ ମାନସିକ ସଂଘାତ ମଧ୍ୟ ଦେଇ ଗତି କରୁଥିବା ସମୟରେ ପୁଣି ତାଙ୍କୁ ଏହି ଦୁଇ ତୁଙ୍ଗ ନେତା କହୁଥାନ୍ତି, ତୁମେ ନ ମିଶିଲେ ଆମେ କିଛି କରିପାରିବୁ ନାହିଁ । ବଡ଼ ଦ୍ୱନ୍ଦ୍ୱରେ ପଡ଼ିଲେ ନନ୍ଦିନୀ । ତାଙ୍କର ମାନସିକ ଅବସ୍ଥା ଦେଖି ଦେବେନ୍ଦ୍ରବାବୁ ମଧ୍ୟ ବ୍ୟସ୍ତ ହୋଇପଡ଼ିଲେ । ଶେଷରେ ବାଧ୍ୟହୋଇ ନନ୍ଦିନୀ ସି.ଏଫ୍.ଡି ଦଳ ଗଠନ କଲେ । ଜଗଜ୍ଜୀବନବାବୁ ଦଳର ସଭାପତି, ନନ୍ଦିନୀ ଏବଂ ବହୁଗୁଣା ସଂପାଦକ ରୂପେ ନିର୍ବାଚିତ ହେଲେ । ପ୍ରକୃତରେ ନନ୍ଦିନୀ ନିଜର ସ୍ୱାର୍ଥ ପାଇଁ କଂଗ୍ରେସ ଛାଡ଼ି ନଥିଲେ, ବରଂ କଂଗ୍ରେସର କିଛି ଅନାଦର୍ଶ ବ୍ୟକ୍ତିଙ୍କ କୂଟନୀତି ତାଙ୍କୁ ବାଧ୍ୟକରି କଂଗ୍ରେସଠାରୁ ଦୂରେଇ ଦେଇଥିଲା ।

Digitized by PPRACHIN, SOA

ଆପଣ ତ ଆମ ମା'

ଦେଶରୁ ଜରୁରୀକାଳୀନ ପରିସ୍ଥିତିର ଅମାଅନ୍ଧକାର କ୍ରମଶଃ ଅପସରି ଯାଇ ସର୍ବତ୍ର ସ୍ୱାଭାବିକ ବାତାବରଣ ଫେରିଆସିବାର ଆଭାସ ମିଳିଥିଲା । ଏଥିସହିତ ଶ୍ରୀମତୀ ଗାନ୍ଧୀ ୧୯୭୭ ମସିହା ମାର୍ଚ୍ଚ ମାସରେ ଷଷ୍ଠ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବାର ସୂଚନା ଦେବାପରେ, ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦମାନଙ୍କ ମଧ୍ୟରେ ତତ୍ପରତା ପ୍ରକାଶ ପାଇଥିଲା । ଅଣକମ୍ୟୁନିଷ୍ଟ ଏବଂ ଅଣକଂଗ୍ରେସ ଦଳମାନେ ଏକତ୍ର ମିଶି କେନ୍ଦ୍ରରେ ଗଠନ କରିଥିଲେ ନୂତନ ଭାବେ ଜନତା ଦଳ । ଏହି ଦଳରେ କଂଗ୍ରେସ ଫର ଡେମୋକ୍ରାସୀ (ସି.ଏଫ୍.ଡି)ର ମଧ୍ୟ ମିଶ୍ରଣ ଘଟିଥିଲା ।

ନିର୍ଦ୍ଧାରିତ ଘୋଷଣା ଅନୁଯାୟୀ ମାର୍ଚ୍ଚ ୧୬ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବାପରେ ସମଗ୍ର ଦେଶରେ ଜନମତ କଂଗ୍ରେସ ବିରୁଦ୍ଧରେ ଯାଇଥିଲା । ଜନତା ଦଳ ଆଶାତୀତ ସଫଳତା ପାଇ ମୋରାରଜୀ ଦେଶାଇଙ୍କ ପ୍ରଧାନମନ୍ତ୍ରୀତ୍ୱରେ ଗଠିତ ହୋଇଥିଲା ସରକାର । ପରେ ପରେ ନୂତନ ଗଠିତ କେନ୍ଦ୍ର ସରକାର ଓଡ଼ିଶା ସମେତ କଂଗ୍ରେସ ଶାସିତ କେତେକ ରାଜ୍ୟ ବିଧାନସଭାକୁ ଭାଙ୍ଗିଦେଇ ଜୁନ୍ ମାସରେ ବିଧାନସଭା ନିର୍ବାଚନ ପାଇଁ ଘୋଷଣା କରିଦେଲେ । ନିର୍ବାଚନରେ ଜନତା ଦଳର ରାଜ୍ୟ ପ୍ରାର୍ଥୀ ମନୋନୟନ କମିଟିରେ ନନ୍ଦିନୀ ଜଣେ ସଦସ୍ୟା ଥିଲେ । ଯେତେବେଳେ ଢେଙ୍କାନାଳ ଆସନ ପାଇଁ ତାଙ୍କ ପ୍ରାର୍ଥୀତ୍ୱ କଥାଟି ଉଠିଲା, ନବକୃଷ୍ଣ ଚୌଧୁରୀ ଏବଂ ତାଙ୍କ ସମର୍ଥକ ଗୋଷ୍ଠୀଙ୍କ ପକ୍ଷରୁ ଏଥିପାଇଁ ପ୍ରବଳ ବିରୋଧ କରାଯାଇଥିଲା । ଏହି ବିରୋଧର ଦୁଇଟି ପ୍ରମୁଖ କାରଣ ଥିଲା । ପ୍ରଥମଟି ହେଲା, ସେ ସଦ୍ୟ କଂଗ୍ରେସ ଦଳ ଛାଡ଼ି ସି.ଏଫ୍.ଡି ଦଳ ଜରିଆରେ ଜନତା ଦଳରୁ ଟିକେଟ୍ ପାଇବା; ଅନ୍ୟଟି ହେଲା, ମୁଖ୍ୟମନ୍ତ୍ରୀ ଥିବାବେଳେ

Digitized by PPRACHIN, SOA

ଜରୁରୀକାଳୀନ ପରିସ୍ଥିତି ସମୟରେ ନବବାବୁ ଏବଂ ମାଳତୀଦେବୀ ଗିରଫ ହେବା । ଦ୍ୱିତୀୟ କାରଣଟିରେ ନବବାବୁ ବ୍ୟଥିତ ହୋଇଥିବା ସ୍ୱାଭାବିକ । ମାତ୍ର ଏକଥା ସର୍ବଜନବିଦିତ ଯେ, ଜରୁରୀକାଳୀନ ପରିସ୍ଥିତି ଜାରି ହେବା ପୂର୍ବରୁ ଏବଂ ପରେ ଜୟପ୍ରକାଶ ନାରାୟଣ ଇନ୍ଦିରା ଗାନ୍ଧୀଙ୍କୁ ପ୍ରବଳ ବିରୋଧ କରି ତାଙ୍କୁ ପ୍ରଧାନମନ୍ତ୍ରୀ ପଦରୁ ହଟାଇବା ପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ କରିଥିଲେ ଏବଂ ଜୟପ୍ରକାଶଜୀଙ୍କର ନବବାବୁ ଥିଲେ ଜଣେ ଦୃଢ଼ ସମର୍ଥକ । ତେବେ ନବବାବୁଙ୍କ ଗିରଫ ପଛରେ ଇନ୍ଦିରା ଗାନ୍ଧୀଙ୍କର ଯେ ପ୍ରଚ୍ଛନ୍ନ ନିର୍ଦ୍ଦେଶ ନଥିବ, ସେକଥା କିଏ କହିବ ! ବାକି ରହିଲା ଦଳ ବଦଳେଇ ଟିକେଟ୍ ପାଇବା କଥା । ନନ୍ଦିନୀ ତାଙ୍କ ରାଜନୈତିକ ଜୀବନରେ କେବେହେଲେ ଘନଘନ କରି କିମ୍ବା ନିଜର ସ୍ୱାର୍ଥ ସାଧନ ପାଇଁ ଅଥବା କ୍ଷମତାରେ ରହିବା ପାଇଁ ଦଳ ବଦଳ କରିନଥିଲେ । ବରଂ ସବୁ କଥାରେ କେନ୍ଦ୍ରରେ ଦଳୀୟ ହାଇକମାଣ୍ଡ ପ୍ରଥା ବିରୁଦ୍ଧରେ ସେ ପ୍ରତିବାଦ କରୁଥିଲେ । ଯେଉଁଥିପାଇଁ ୧୯୮୪ ମସିହାରେ ସେ 'ଜାଗ୍ରତ ଓଡ଼ିଶା' ନାମରେ ଏକ ଆଞ୍ଚଳିକ ଦଳ ମଧ୍ୟ ଗଠନ କରିଥିଲେ । ଯଦି କ୍ଷମତା କିମ୍ବା ଦଳୀୟ ଟିକେଟ୍ ପାଇଁ ସେ ଲାଳାୟିତ ହୋଇଥାନ୍ତେ, ତେବେ ସଞ୍ଜୟ ଗାନ୍ଧୀ ଏବଂ ଇନ୍ଦିରା ଗାନ୍ଧୀଙ୍କୁ ମୁହଁତୋଡ଼ ଜବାବ୍ ଦେଇ ମୁଖ୍ୟମନ୍ତ୍ରୀ ପଦକୁ ତୁଚ୍ଛ ମଣି ଛାଡ଼ିଦେଇ ନଥାନ୍ତେ । ସେମାନଙ୍କ ସହ ସାମାନ୍ୟ ସାଲିସ କରିଥିଲେ ହୁଏତ ରାଜ୍ୟ କଂଗ୍ରେସ ଦଳର ଅପ୍ରତିଦ୍ୱନ୍ଦ୍ୱୀ ନେତ୍ରୀ ଭାବେ ବେଶ୍ କିଛିକାଳ ଶାସନଡୋରୀକୁ ନିଜ ହାତମୁଠାରେ ଧରି ରଖିପାରିଥାନ୍ତେ । ମାତ୍ର ସ୍ୱାଭିମାନୀ ନନ୍ଦିନୀ ସାଲିସ୍ କରିବା ଶିଖିନଥିଲେ । ଯାହାହେଉ, ଶେଷରେ ଦଳର କେନ୍ଦ୍ର ପାର୍ଲାମେଣ୍ଟାରୀ ବୋର୍ଡ ତାଙ୍କ ପ୍ରାର୍ଥୀତ୍ୱକୁ କାଏମ ରଖିଥିଲେ । ଏହି ନିଷ୍ପତ୍ତି ବିରୋଧରେ ନବବାବୁ ଅତ୍ୟନ୍ତ ପ୍ରତିକ୍ରିୟାଶୀଳ ହୋଇପଡ଼ିଥିବାବେଳେ, ତାଙ୍କ ପତ୍ନୀ ମାଳତୀ ଚୌଧୁରୀ ଢେଙ୍କାନାଳ ଆସନରୁ ନନ୍ଦିନୀଙ୍କ ବିରୋଧରେ ସ୍ୱାଧୀନ ପ୍ରାର୍ଥୀ ରୂପେ ଅବତୀର୍ଣ୍ଣ ହେଲେ ।

ଏହି ସମ୍ପର୍କରେ ନନ୍ଦିନୀ କହୁଥିଲେ, "ଦେଖିଲାବେଳକୁ ମୋ ବିରୁଦ୍ଧରେ ଠିଆ କରେଇଛନ୍ତି ମାଳତୀଦେବୀଙ୍କୁ । ସେ ରାଜନୀତି କରନ୍ତି ନାହିଁ । ସେ ହେଉଛନ୍ତି ନବକୃଷ୍ଣ ଚୌଧୁରୀଙ୍କ ସ୍ତ୍ରୀ । ମୁଁ ଶୁଣିଲି ତାଙ୍କୁ କୁଆଡ଼େ ଜୟପ୍ରକାଶ ନାରାୟଣ ସମର୍ଥନ କରୁଥିଲେ । ସେତେବେଳେ ଚନ୍ଦ୍ରଶେଖର ଥାଆନ୍ତି ଜନତା ଦଳର ସଭାପତି । ଜୟପ୍ରକାଶ ନାରାୟଣ ସେତେବେଳକୁ ବମ୍ବେର ଯଶଲୋକ ହସପିଟାଲରେ ରହି ଚିକିତ୍ସିତ ହେଉଥାଆନ୍ତି । ତାଙ୍କର 'Blood dialysis' ଚାଲିଥାଏ । ଓଡ଼ିଶାରୁ ପ୍ରଦ୍ୟୁମ୍ନ ବଳ, ମନମୋହନ ଚୌଧୁରୀ ପ୍ରମୁଖ ସେଠାକୁ ଯାଇ ମୋ ବିରୁଦ୍ଧରେ ଏକ ଲେଖାରେ ତାଙ୍କଠାରୁ ଦସ୍ତଖତ ନେଇଆସିଲେ । ସେତେବେଳେ ମଧୁ ଲିମାଏ ବୋଲି ଜଣେ ଏମ୍.ପି. କିମ୍ବା ଏକ୍ସ

Digitized by PPRACHIN, SOA

ଏମ୍.ପି, ଠିକ୍ ମନେପଡୁନି, ସେ ଜୟପ୍ରକାଶ ନାରାୟଣଙ୍କର ଜଣେ ବଡ଼ ଭକ୍ତ ଥିଲେ । ସେ ଏ ବିଷୟରେ ଜାଣିଲା ପରେ ସଙ୍ଗେ ସଙ୍ଗେ ଜୟପ୍ରକାଶଙ୍କୁ କହିଲେ, 'ଏମିତି ଗୋଟେ ଆଜ୍ଞା କ'ଣ ଲେଖିଦେଲେ ? ଆମ ଦଳ ପରା ନନ୍ଦିନୀଦେବୀଙ୍କୁ ଟିକଟ ଦେଇଛି !' ସେଇ ମଧୁ ଲିମାଏ ମୋତେ ଏକଥା କହିଲେ । ଜୟପ୍ରକାଶବାବୁ ବିଚରା ଆଉ କ'ଣ କରିବେ, ଦସ୍ତଖତ ତ କରିସାରିଲେଣି । ସେଇ ଲେଖାକୁ ଆଣି ଏମାନେ ତାକୁ ବଡ଼ ବଡ଼ ପୋଷ୍ଟର କରି ଢେଙ୍କାନାଳର ଚାରିଆଡ଼େ ଲଗାଇଲେ । ଏହାଛଡ଼ା ନବକୃଷ୍ଣ ଚୌଧୁରୀ, ମନମୋହନ ଚୌଧୁରୀ, ହରେକୃଷ୍ଣ ମହତାବ ପ୍ରମୁଖ ତୁଙ୍ଗ ନେତାମାନେ ମାଳତୀଦେବୀଙ୍କୁ ଜିତାଇବା ପାଇଁ ଢେଙ୍କାନାଳରେ ସମବେତ ହୋଇଥାଆନ୍ତି । ଏମାନଙ୍କ ଛଡ଼ା ପୁଣି ଜର୍ଜ ଫର୍ଣ୍ଣାଡିଜଙ୍କ ଶାଶୁ ଆସିଲେ ମାଳତୀଦେବୀଙ୍କ ପାଇଁ ପ୍ରଚାର କରିବାକୁ । ମୋର ଅବଶ୍ୟ ଏହି ନିର୍ବାଚନରେ ଅସୁବିଧା କିଛି ହୋଇନାହିଁ । ହେଲେ ମୋ ପାଇଁ ପ୍ରଚାର କରିବାକୁ କେହି ଆସିନାହାନ୍ତି । ମୋ ପାଖରେ ଏତେ ପଇସା ବି ନଥାଏ । ମୁଁ କାନ୍ଧରେ ଗୋଟିଏ ଝୁଲାମୁଣି ପକାଇଥାଏ, ଯେଉଁ ଗାଁକୁ ମୁଁ ଯାଏ, ସେ ଗାଁରେ ପାଞ୍ଚ ଟଙ୍କାରୁ ପାଞ୍ଚଶହ ଟଙ୍କା ପର୍ଯ୍ୟନ୍ତ ଯିଏ ଯାହା ପାରନ୍ତି ସେଇ ଝୁଲାମୁଣିରେ ପକାନ୍ତି । ସବୁ ଗାଁରୁ ଦୁଇଶହ, ତିନିଶହ ହେଇ ସେ ସମୟରେ ମୋତେ କୋଡ଼ିଏ ହଜାର ଟଙ୍କା ମିଳିଥିଲା । ମୋତେ କେହି ପଇସାଟିଏ ବି ମାଗିଲେନି । ମୋର ଦୁଇଟି ମାତ୍ର ଜିପ୍ ଥାଏ । ମୁଁ ଗୋଟିକରେ ଯାଏ ଏବଂ କର୍ମୀମାନେ ଗୋଟିଏ ଜିପ୍ ନେଇ ପ୍ରଚାର କରିବାକୁ ଯାଆନ୍ତି । ଅଧିକ ଗାଡ଼ିର ଦରକାର ମଧ୍ୟ ମୋର ପଡ଼ିନାହିଁ । ମୁଁ ତ ଆଶ୍ଚର୍ଯ୍ୟ ହେଉଛି ଆଜିକାଲିର ନିର୍ବାଚନ ଦେଖି ! କେଉଁଠୁ ଏତେ ଟଙ୍କା ପାଉଛନ୍ତି ? ଯାହାହେଉ, ଏମିତି ହୋଇ ବହୁତ କଷ୍ଟରେ ନିର୍ବାଚନ ସରିଲା । ଭୋଟ୍ ଗଣା ହେବା ଦିନ ମୋ ବିରୁଦ୍ଧରେ କିଛି ଲୋକ ସ୍ଲୋଗାନ୍ ଦେଇଚାଲିଥାନ୍ତି । ଶେଷରେ ଫଳାଫଳ ବାହାରିଲା ବେଳକୁ, ଅନ୍ୟମାନଙ୍କ କଥା ତ ଛାଡ଼, ମାଳତୀ ଚୌଧୁରୀ ମାତ୍ର ତିନିହଜାର ଭୋଟ୍ ପାଇ ଡିପୋଜିଟ୍ ହରାଇଲେ । ମୁଁ ପ୍ରାୟ ତିରିଶ ହଜାର ଅଧିକ ଭୋଟ୍ ପାଇ ସେହି ନିର୍ବାଚନରେ ଜିତିଥିଲି ।"

ପ୍ରକୃତରେ ୧୯୭୨ ମସିହାର କଟକ ଉପନିର୍ବାଚନ ଭଳି ୧୯୭୭ ମସିହାର ଏହି ନିର୍ବାଚନରେ ନନ୍ଦିନୀଙ୍କୁ ହରାଇବା ପାଇଁ ବହୁ ବିଶିଷ୍ଟ ଏବଂ ତୁଙ୍ଗ ନେତାଙ୍କର ସମାଗମ ଘଟିଥିଲା ଢେଙ୍କାନାଳରେ । ଏପରିକି କିଛିଦିନ ପୂର୍ବେ ତାଙ୍କୁ ଅତ୍ୟନ୍ତ ବିଶ୍ୱସ୍ତ ବିବେଚନା କରୁଥିବା ଏବଂ ଘନିଷ୍ଠ ଭାବରେ ଭଲ ପାଉଥିବା ଇନ୍ଦିରା ଗାନ୍ଧୀ ମଧ୍ୟ ଢେଙ୍କାନାଳରେ କେତୋଟି ସଭାରେ ତାଙ୍କ ବିପକ୍ଷରେ ପ୍ରଚାର କରିଥିବାର ଶୁଣାଯାଏ ।

Digitized by PPRACHIN, SOA

ହେଲେ ସାଧାରଣ ଜନତାଙ୍କ ଅକୁଣ୍ଠ ସ୍ନେହ, ଅସୁମାରୀ ଭଲ ପାଇବା ଏବଂ ସାମଗ୍ରିକ ବିକାଶ ପ୍ରତି କୃତଜ୍ଞତା ମାନସିକତାକୁ ପାଥେୟ କରି ଏହି ଅନମନୀୟା ନାରୀନେତ୍ରୀ ପ୍ରତ୍ୟେକ ଥର ଭଳି ଏଥରକ ମଧ୍ୟ ସମସ୍ତ ପ୍ରତିକୂଳ ପରିସ୍ଥିତିର ଘନଘଟା ମଧ୍ୟରେ ନିର୍ବାଚନ ବୈତରଣୀ ସୁରୁଖୁରୁରେ ପାର ହୋଇଯାଇଥିଲେ । ଅନ୍ୟପକ୍ଷରେ, ସେ ଯେତେବେଳେ କଂଗ୍ରେସ ଦଳ ଛାଡ଼ି ସିଏଫ୍‌ଡି ବା ଜନତା ଦଳରେ ମିଶିଛନ୍ତି ବା ଜାଗ୍ରତ ଓଡ଼ିଶା ନାମରେ ଏକ ଆଞ୍ଚଳିକ ଦଳ ଗଢ଼ିଛନ୍ତି, ସେତେବେଳେ ସେହିସବୁ ଦଳର ଲୋକ ଭାବରେ ତାଙ୍କୁ ଜନସାଧାରଣ ଗ୍ରହଣ କରିନାହାନ୍ତି । ବରଂ ସବୁବେଳେ ତାଙ୍କୁ ସାଧାରଣ ଜନତାର ସ୍ୱାଭାବିକ ନେତ୍ରୀ ଭାବରେ ହିଁ ଭାବି ନେଇଛନ୍ତି । ଯେଉଁଥିପାଇଁ ନିର୍ବାଚନରେ ଯେତେ ପ୍ରକାର ଚିହ୍ନ ବଦଳିଲେ ବି ଲୋକମାନେ ନନ୍ଦିନୀ ଶତପଥୀ ଭାବରେ ତାଙ୍କୁ ଜିତାଇଛନ୍ତି, ଏକଥା ଅସ୍ୱୀକାର କରାଯାଇ ନପାରେ ।

ନବକୃଷ୍ଣ ଚୌଧୁରୀ, ମାଳତୀଦେବୀ, ହରେକୃଷ୍ଣ ମହତାବ, ବିଜୁ ପଟ୍ଟନାୟକଙ୍କ ଭଳି ପ୍ରମୁଖ ନେତୃସ୍ଥାନୀୟ ବ୍ୟକ୍ତିମାନଙ୍କ ପ୍ରତି ନନ୍ଦିନୀଙ୍କର ପ୍ରଗାଢ଼ ସମ୍ମାନ ଏବଂ ସେମାନଙ୍କ କାର୍ଯ୍ୟଧାରା ପ୍ରତି ସ୍ୱୀକାରୋକ୍ତି ତାଙ୍କ ଲେଖାମାନଙ୍କରେ, ଉଚ୍ଚାରଣ ଓ ଆଚରଣରେ ବହୁଳ ଭାବରେ ପ୍ରତିଫଳିତ ହୋଇଛି । ରମାଦେବୀ, ପ୍ରଭାବତୀଦେବୀ, ସରଳାଦେବୀ, ଅନ୍ନପୂର୍ଣ୍ଣା ମହାରଣା (ଚୁନିଅପା) ପ୍ରଭୃତି ନାରୀନେତ୍ରୀମାନଙ୍କ ଆଦର୍ଶକୁ ସେ ତାଙ୍କ ଜୀବଦଶାରେ ଅନୁସରଣ କରିଛନ୍ତି । ମାତ୍ର ବହୁ ସମୟରେ ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ଭାବରେ ତାଙ୍କୁ ଏମାନଙ୍କ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଛି । ୧୯୫୧ ମସିହା ଛାତ୍ର ଆନ୍ଦୋଳନର ନେତୃତ୍ୱ ପରିପ୍ରେକ୍ଷୀରେ ହେଉ ଅବା ୧୯୭୫ରେ ଉତ୍କଳ ଦିବସ ପାଳନ ଅବସରରେ; କଟକ ଉପନିର୍ବାଚନରେ ହେଉ କିମ୍ବା ଢେଙ୍କାନାଳ ବିଧାନସଭା ନିର୍ବାଚନରେ; ସବୁଥିରେ ତାଙ୍କ ବିରୋଧରେ ରାଜ୍ୟର ନେତୃବୃନ୍ଦମାନେ ଦଳ ମତ ନିର୍ବିଶେଷରେ ଏକାଠି ହୋଇଛନ୍ତି ଏବଂ ପରାଜୟ ବରଣ କରିଛନ୍ତି । ନନ୍ଦିନୀଙ୍କ ଜୀବନୀଚର୍ଯ୍ୟା କଲାବେଳେ ଏହି ବିରୋଧର କେତୋଟି ସାମ୍ଭାବ୍ୟ କାରଣ ମନକୁ ସ୍ୱତଃ ପଶିଆସେ । ସେଥିମଧ୍ୟରୁ ପ୍ରଥମତଃ ସେ ଜଣେ ନାରୀ ଥିଲେ, ତେଣୁ ପୁରୁଷ ପ୍ରଧାନ ମାନସିକତାର ଶିକାର ହୋଇଥିଲେ । ଦ୍ୱିତୀୟତଃ ମାତ୍ର ୩୧ ବର୍ଷ ବୟସରେ ରାଜ୍ୟସଭାର ସଭ୍ୟ ଭାବରେ କେନ୍ଦ୍ର ରାଜନୀତିରେ ପ୍ରବେଶ କରି ସ୍ୱଳ୍ପ ସମୟ ମଧ୍ୟରେ ଦେଶର ବହୁ ପ୍ରଭାବଶାଳୀ ତଥା ବୟୋଜ୍ୟେଷ୍ଠ ରାଜନେତାମାନଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ନେହେରୁ-ଇନ୍ଦିରାଙ୍କର ଅତ୍ୟନ୍ତ ପ୍ରିୟପାତ୍ରୀ ହୋଇପାରିଥିଲେ । ଏପରିକି ବିଶ୍ୱ ରାଜନୀତିରେ ସୋଭିଏତ୍ ୟୁନିଅନ୍ ଏବଂ ଭାରତ ମୈତ୍ରୀଚୁକ୍ତିର ସେ

Digitized by PPRACHIN, SOA

ଥିଲେ ଅନ୍ୟତମ ଉଦ୍ୟକ୍ତା । ତୃତୀୟତଃ ଖୁବ୍ କମ୍ ଅର୍ଥାତ୍ ୪୦ ବର୍ଷ ବୟସରେ ରାଜ୍ୟର ପ୍ରଥମ ମହିଳା ସର୍ବୋଚ୍ଚ ଶାସନ କର୍ତ୍ତ୍ରୀ ଭାବରେ ଦାୟିତ୍ୱ ଗ୍ରହଣ କରି ବରିଷ୍ଠ ରାଜନେତାମାନଙ୍କୁ ପଛରେ ପକାଇ ଦେଇଥିଲେ । ଏବଂ ଶେଷରେ, ଜଣେ ଦୃଢ଼ ପ୍ରଶାସିକା ଭାବରେ ଜନସ୍ୱୀକୃତି ଲାଭକରି ବହୁ ଲୋକାଭିମୁଖୀ ଯୋଜନା ପ୍ରଣୟନ କରି ସାଧାରଣ ଜନତାଙ୍କର ଆସ୍ଥାଭାଜନ ହୋଇପାରିଥିଲେ ।

ସତରେ ! ନନ୍ଦିନୀଙ୍କ ସମର୍ଥକ ଏବଂ ବିରୋଧୀ ଉଭୟେ ମୁକ୍ତ କଣ୍ଠରେ ସ୍ୱୀକାର କରନ୍ତି, ସେ ଥିଲେ ଏକବାରେ ରୋକ୍‌ଠୋକ୍ । ତାଙ୍କ ହୃଦୟରେ ସାମାନ୍ୟତମ ସଂକୀର୍ଣ୍ଣତା, ହୀନମନ୍ୟତା, ଛଳନା କିମ୍ବା କୁଟିଳତାର ସ୍ଥାନ ନଥିଲା । ପଦପଦବୀର ଅଂହକାରରୁ ଯଥେଷ୍ଟ ଊର୍ଦ୍ଧ୍ୱରେ ଥିବା ଏହି ଲୌହମାନବୀ କ୍ଷମତାର ଅପବ୍ୟବହାର କରି ପ୍ରତିପକ୍ଷଙ୍କୁ ହଇରାଣ ହରକତ କରୁନଥିଲେ କିମ୍ବା କ୍ଷମତା ପାଇଁ ଦଳବଦଳ କରି ଅସ୍ଥିରତା ସୃଷ୍ଟି କରିନଥିଲେ । ସେ କହୁଥିଲେ, "ମୋ ଜିତିବା ଭଗବାନଙ୍କର ଆଶୀର୍ବାଦ ଏବଂ ଲୋକମାନଙ୍କର ସ୍ନେହ ଶ୍ରଦ୍ଧା ଯୋଗୁଁ ସମ୍ଭବ ହୋଇଛି । ନିଜର ସ୍ୱାର୍ଥ ପାଇଁ କୌଣସି ସମୟରେ ମୁଁ ପାର୍ଟି ବଦଳେଇ ନାହିଁ ଏବଂ ଯେତେବେଳେ ଯେଉଁ ପାର୍ଟିରୁ ଜିତିଛି ଅନ୍ୟମାନଙ୍କ ଭଳି ମୁଁ କେବେହେଲେ ମନ୍ତ୍ରୀପଦ ପାଇବା ପାଇଁ ଚେଷ୍ଟା କରିନାହିଁ କି କାହାକୁ ଖୁସାମତ କରିନାହିଁ ବା ନିଜ ପାଇଁ ଲବି ମଧ୍ୟ କରିନାହିଁ । ମୁଁ ଯେଉଁଠି ଥିଲି ସେଇଠି ଅଛି । ମତେ ଖୁସି ଲାଗୁଛି ଯେ, ଆଜି ପର୍ଯ୍ୟନ୍ତ (ଏହି ସାକ୍ଷାତ୍କାରର ଅବଧି ଥିଲା ୧୯୯୯ ମସିହା ଜାନୁଆରୀ ମାସ) ଓଡ଼ିଶାର ଲୋକେ ମୋତେ ଭୁଲିନାହାନ୍ତି ଏବଂ ସମଗ୍ର ଭାରତବର୍ଷରେ ଏଯାଏଁ ବି ଅନେକ ଲୋକ ଅଛନ୍ତି, ଯେଉଁମାନେ ମତେ ମନେ ରଖିଛନ୍ତି ।"

ଜୀବନର ଅନ୍ତିମ ମୁହୂର୍ତ୍ତ ପର୍ଯ୍ୟନ୍ତ ଲୋକମାନଙ୍କର ଭଲପାଇବାକୁ ସ୍ୱୀକୃତି ଦେଇ ନନ୍ଦିନୀ କହୁଥିଲେ, "ମୁଁ ଯେତେବେଳେ ପ୍ରଥମେ ପ୍ରଚାର କରିବାକୁ ଢେଙ୍କାନାଳ ଗଲି, ସେତେବେଳେ ଲୋକମାନଙ୍କୁ ସିଧା ସିଧା କହିଲି ଯେ, ତୁମେମାନେ ମୋତେ ଭୋଟ୍ ଦିଅ ବୋଲି ମୁଁ ଏଠାକୁ କହିବାକୁ ଆସିନି । ତୁମମାନଙ୍କର ଯାହାକୁ ଇଚ୍ଛା ତୁମେ ତାକୁ ହିଁ ଭୋଟ୍ ଦିଅ । ଆଉ ଯଦି ମୋତେ ଭୋଟ୍ ଦେବାକୁ ଭାବୁଥାଅ, ତେବେ ମୁଁ ଆଗରୁ ତୁମମାନଙ୍କୁ କହିରଖୁଛି ଜମା ଆଶା କରନି ଯେ, ମୁଁ କିଛି ପଦପଦବୀରେ ରହିବି ବୋଲି । ଏହା ଶୁଣି ସେମାନେ କହିଲେ, 'ଆପଣ ପଦପଦବୀରେ ରୁହନ୍ତୁ କି ନ ରୁହନ୍ତୁ, ଆପଣଙ୍କ ଯୋଗୁଁ ତ ଢେଙ୍କାନାଳକୁ ସାରା ଭାରତ ଜାଣିଲା । *'ଆପଣ ତ ଆମ ମା'*, ଆପଣଙ୍କ

Digitized by PPRACHIN, SOA

ଛଡ଼ା ଆଉ କାହାକୁ ଆମେ ଭୋଟ ଦେବୁ ?' ଓଲଟି ଏମିତି ପ୍ରଶ୍ନ ମୋତେ ପଚାରିଲେ ସେମାନେ । ସେମାନଙ୍କର ଏତେ ଭଲପାଇବା ମୁଁ କଦାପି ଭୁଲିପାରିବି ନାହିଁ ।"

ଏକଥା ଉଲ୍ଲେଖ କରିବା ନିଃଷ୍ପ୍ରୟୋଜନ ଯେ, ଏହି ନିର୍ବାଚନରେ ବିଜୟ ଲାଭ କରି ନନ୍ଦିନୀ ଯେତେବେଳେ ଦିଲ୍ଲୀ ଯାଇ ପ୍ରଧାନମନ୍ତ୍ରୀ ମୋରାରଜୀ ଦେଶାଇଙ୍କୁ ଭେଟି କହିଲେ, 'ମୁଁ ଜିତିଗଲି ।' ଶ୍ରୀଯୁକ୍ତ ଦେଶାଇ ତାଙ୍କୁ ପଚାରିଥିଲେ, 'ମାଳତୀଦେବୀ କେତେ ଭୋଟ ପାଇଲେ ?' ନନ୍ଦିନୀ କହିଥିଲେ, 'ସେ ମାର୍ଜିନ୍ ବି ପାଇଲେନି । ମୁଁ ତେତିଶ ହଜାର ଭୋଟ୍‌ରେ ଜିତିକରି ଆସିଲି ।' ଏହା ଶୁଣିବାପରେ ମଧ୍ୟ ଶ୍ରୀଯୁକ୍ତ ଦେଶାଇ ପୁଣି ଥରେ ସେଇ ଏକା କଥାକୁ ପୁନରାବୃତ୍ତି କରି ପଚାରିଥିଲେ । କାରଣ ତାଙ୍କର ବିଶ୍ୱାସ ହେଉନଥିଲା ଯେ, ମାଳତୀଦେବୀ ଏତେ କମ୍ ଭୋଟ୍ ପାଇଥିବେ ବୋଲି । ସେତେବେଳର ନିର୍ବାଚନରେ ନନ୍ଦିନୀଙ୍କର ଏଇଟା ଥିଲା ସବୁଠାରୁ ବଡ଼ ମାର୍ଜିନ୍ । ସେହିଦିନ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଢେଙ୍କାନାଳବାସୀଙ୍କର ଏହି ମହିୟସୀ ମହିଳା 'ମା' ନନ୍ଦିନୀ'ଙ୍କ ପ୍ରତି ସମସ୍ତ ସ୍ନେହ ମମତା ଅତୁଟ ରହିଆସିଥିଲା ।

⁂

Digitized by PPRACHIN, SOA

ବିଚାରପତି ଆସନରେ ମୁହୂର୍ତ୍ତେ

ବିଚାରପତି ଆସନରେ ବସିବାକୁ ହେଲେ କେବଳ ଯେ ଶିକ୍ଷାଗତ ପ୍ରମାଣପତ୍ର ଯଥେଷ୍ଟ, ତା' ନୁହେଁ । ଏଥିପାଇଁ ବ୍ୟକ୍ତି ନିକଟରେ କେତେଗୁଡ଼ିଏ ମୌଳିକ ଗୁଣ ଥିବା ନିତାନ୍ତ ପ୍ରୟୋଜନ । ବଳିଷ୍ଠ ବ୍ୟକ୍ତିତ୍ୱ, ସଚ୍ଚୋଟ ପଣିଆ, ନିର୍ଭୀକତା, ସ୍ପଷ୍ଟବାଦିତା ଏବଂ ସତ୍ୟବାଦିତା ଭଳି ଗୁଣବାନ୍ ବ୍ୟକ୍ତି ଏହି ପଦବୀ ପାଇଁ ଉପଯୁକ୍ତ । ଆଉ ଏ ସମସ୍ତ ଗୁଣାବଳୀ ନନ୍ଦିନୀଙ୍କ ବ୍ୟକ୍ତିତ୍ୱରେ ଖୁବ୍ କମ୍ ବୟସରୁ ଫୁଟି ଉଠିଥିଲା । ଯାହା ଫଳରେ ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତଃ ବିଜୁ ପଟ୍ଟନାୟକ ନିଜର ଜଣେ ସହକର୍ମୀ ତଥା ରାଜ୍ୟର ଜଣେ ବରିଷ୍ଠ ମନ୍ତ୍ରୀଙ୍କ ବିରୋଧରେ ସାମ୍ବିଧାନିକ ପଦବୀରେ ଆସୀନ ଜଣେ ନାରୀନେତ୍ରୀଙ୍କ ପ୍ରତି ଅସୌଜନ୍ୟ ଆଚରଣ ଆରୋପ ହୋଇଥିବା ଏକ ଅଭିଯୋଗର ତଦନ୍ତ ଭାର ନନ୍ଦିନୀଙ୍କ ଉପରେ ନ୍ୟସ୍ତ କରିଥିଲେ ।

୧୯୯୩-୯୪ ମସିହାର ଘଟଣା । ସେଦିନ ଥାଏ ପୂର୍ବାହ୍ଣ ଏଗାରଟା ସମୟ । ନନ୍ଦିନୀଙ୍କ ନାତି ସୁପର୍ଣ୍ଣୋ ଭୁବନେଶ୍ୱରର ଗୋପବନ୍ଧୁ ଛକ ନିକଟସ୍ଥ ତାଙ୍କ ରେସ୍ତୋରାଁରେ କାର୍ଯ୍ୟବ୍ୟସ୍ତ । ଏତିକିବେଳେ ଟେଲିଫୋନ୍‌ଟି ବାଜିଉଠିଲା । ସୁପର୍ଣ୍ଣୋ ରିସିଭରଟି ଉଠାଇବା କ୍ଷଣି ଏକ ଗୁରୁଗମ୍ଭୀର ସ୍ୱରରେ ଶୁଣିଲେ, 'କିଏ ? ନନ୍ଦିନୀ ଅଛି ?' ସୁପର୍ଣ୍ଣୋ କ୍ଷଣେ ରହିଗଲେ । ତାଙ୍କ ଦେହରେ ବିଜୁଳିର ଏକ ଝଲକ ଖେଳିଗଲା । କାରଣ ହେତୁ ହେବାଦିନୁ ତାଙ୍କ ଜେଜେମା'ଙ୍କୁ ଏପରି ସମ୍ବୋଧନ କରି ଆଦେଶ ଦେବା ଭଙ୍ଗୀରେ କେହି କେବେ କଥାବାର୍ତ୍ତା କି ଟେଲିଫୋନ୍ କରିବା ସେ ଜାଣିନଥିଲେ । ସେ ପଚାରିଲେ, 'କିଏ କହୁଛନ୍ତି ?' ସେପଟୁ ସେଇ ଗୁରୁଗମ୍ଭୀର ସ୍ୱରରେ ଭାସିଆସିଲା, 'ମୁଁ ବିଜୁ ପଟ୍ଟନାୟକ କହୁଛି, ତୁ କିଏ ?' ସୁପର୍ଣ୍ଣୋ ପ୍ରକୃତିସ୍ଥ ହୋଇ ନମସ୍କାର କରି କହିଲା, 'ମୁଁ ତାଙ୍କ ନାତି କହୁଛି ।'

Digitized by PPRACHIN, SOA

'କିଏ ସୁପର୍ଣ୍ଣୋ କହୁଛୁ !'

'ଆଜ୍ଞା ।'

'ମା'କୁ ଡାକିଦେ ।'

'ମା' ଏଠାରେ ନାହିଁ ଆଜ୍ଞା, ତାଙ୍କର ଟେଲିଫୋନ୍‌ଟି ଖରାପ ଅଛି । ମୁଁ ଯାଇ ତାଙ୍କୁ ଏଠାକୁ ଡାକିଆଣିବି ?'

'ହଁ, ମୁଁ ପନ୍ଦର ମିନିଟ୍ ପରେ ପୁଣି ଫୋନ୍ କରିବି ।' ବିଜୁବାବୁ କହିଲେ ।

ସୁପର୍ଣ୍ଣୋ ତତ୍‌କ୍ଷଣାତ୍ ୟୁନିଟ୍-୬ ସ୍ଥିତ ନନ୍ଦିନୀଙ୍କ ସରକାରୀ ବାସଭବନକୁ ଆସି ମା'କୁ ଏକଥା ଜଣାଇଲେ । ହଠାତ୍ କାହିଁକି ମୁଖ୍ୟମନ୍ତ୍ରୀଙ୍କ ଡାକରା ଆସିଲା ଭାବି ନନ୍ଦିନୀ ସଙ୍ଗେ ସଙ୍ଗେ ବାହାରି ପଡ଼ିଲେ । ବାହାରେ ଆସି ଦେଖନ୍ତି ତ ଡ୍ରାଇଭର ସେଯାଏଁ ବି ଆସିନାହିଁ । ଅଗତ୍ୟା ସେଇ ସୁପର୍ଣ୍ଣୋର ମୋଟର ସାଇକେଲ୍‌ରେ ବସି ରେସ୍ତୋରାଁକୁ ଆସିଲେ ।

ଠିକ୍ ପନ୍ଦର ମିନିଟ୍ ପରେ ବିଜୁବାବୁ ଫୋନ୍ କଲେ । ନନ୍ଦିନୀ ନମସ୍କାର ଜଣାଇ ଡାକିବାର କାରଣ ପଚାରିଲେ । ବିଜୁବାବୁ କହିଲେ, 'ଦାମ ରାଉତ, ମୋ ପଞ୍ଚାୟତରାଜ ମନ୍ତ୍ରୀ ସୁନ୍ଦରଗଡ଼ର କୁତ୍ରା ବ୍ଲକ୍‌ରେ ଏକ କମ୍ୟୁନିଟ୍ ସେଣ୍ଟର ଉଦ୍‌ଘାଟନ କରିବାକୁ ଯାଇଥିଲା । ସେଠାରେ ବ୍ଲକ୍‌ର ପଞ୍ଚାୟତ ସମିତି ଅଧ୍ୟକ୍ଷା ବାସନ୍ତୀ ବାରା ନାମରେ ଜଣେ ସ୍ତ୍ରୀ ଲୋକ ଅଛନ୍ତି, ତାଙ୍କୁ ଦାମ ରାଉତ ଅସୌଜନ୍ୟ ବ୍ୟବହାର କରିଥିବାର ଅଭିଯୋଗ ଉଠିଛି । ତେଣୁ ମୁଁ ଚାହୁଁଛି ତୁ ଏହି ଘଟଣାର ତଦନ୍ତ କରିବାକୁ । ତତେ One man Commission ନିଯୁକ୍ତ କରାଯିବ । ଆଉ ମୋର ବିଶ୍ୱାସ ତୁ ହିଁ କେବଳ ଠିକ୍ ରିପୋର୍ଟ ଦେଇପାରିବୁ ।'

ଯେଉଁ ବ୍ୟକ୍ତି ପିଲାଦିନୁ କୌଣସି କାର୍ଯ୍ୟକୁ କଷ୍ଟ ଭାବି ଛାଡ଼ିଦେଇ ନାହାନ୍ତି, ଏପରି ଏକ ସ୍ପର୍ଶକାତର ବିଷୟକୁ ଛାଡ଼ିଦେବେ ବା କିପରି ? ତା'ଛଡ଼ା ନାରୀ ଜାତି ପ୍ରତି ଅସମ୍ମାନ ସେ ଆଦୌ ବରଦାସ୍ତ କରିପାରନ୍ତି ନାହିଁ । ସେ ସଙ୍ଗେ ସଙ୍ଗେ ହଁ ମାରିଦେଲେ ।

ଏଠାରେ ଉଲ୍ଲେଖନୀୟ ଯେ, ଏହି ଘଟଣାଟି ସେତେବେଳେ ବହୁତ ହଇଚଇ ସୃଷ୍ଟି କରିଥିଲା ଏବଂ ଦେଶର ପ୍ରମୁଖ ଖବରକାଗଜଗୁଡ଼ିକର ମୁଖ୍ୟପୃଷ୍ଠାର ମୁଖ୍ୟଧାଡ଼ି ଭାବରେ ସ୍ଥାନୀତ ହୋଇଥିଲା । ଏପରିକି ଦାମବାବୁଙ୍କୁ କିଛି ମହିଳା ଦିଲ୍ଲୀର ଓଡ଼ିଶା ଭବନରେ ଚୁଡ଼ି ପିନ୍ଧାଇବା ପର୍ଯ୍ୟନ୍ତ କଥା ଯାଇଥିଲା । ଯାହାଫଳରେ କେନ୍ଦ୍ରରେ କ୍ଷମତାସୀନ କଂଗ୍ରେସ

Digitized by PPRACHIN, SOA

ଦଳର ସାଂସଦ ସୁଶ୍ରୀ ମମତା ବାନାର୍ଜୀ (ବର୍ତ୍ତମାନ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ) ତାଙ୍କର ଓଡ଼ିଶା ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀ ବିଜୁବାବୁଙ୍କୁ ଲିଖିତ ଅନୁରୋଧ କରିଥିଲେ ଯେ, ବିରୋଧୀ ଦଳରେ ଥିବା ନନ୍ଦିନୀ ଶତପଥୀଙ୍କୁ ଏହି ତଦନ୍ତଭାର ଦେବାପାଇଁ । ଶେଷରେ ସେଇଆ ହିଁ ହେଲା ।

ଏହାପରେ ଆନୁଷ୍ଠାନିକ ଭାବରେ ନନ୍ଦିନୀଙ୍କୁ ଜଣିକିଆ କମିଶନ ନିଯୁକ୍ତ କରାଯିବା ପରେ ସେ ତଦନ୍ତ କାର୍ଯ୍ୟ ଆରମ୍ଭ କଲେ । ସେ ଯେତେବେଳେ ତଦନ୍ତ କାର୍ଯ୍ୟରେ ପ୍ରଥମ ଥର ପାଇଁ ରାଜଗାଙ୍ଗପୁର ଗଲେ, ସେଠାକାର କେତେକ ବ୍ୟକ୍ତି ତାଙ୍କୁ ବିରୋଧ କରି କୁତ୍ରା ବ୍ଲକ୍ ସାମ୍ନାରେ କଳା ପତାକା ଦେଖାଇ ବିଭିନ୍ନ ସ୍ଲୋଗାନ୍ ଦେଲେ । ବିଜୁ, ବୀରେନ୍, ମହତାବଙ୍କ ଭଳି ମୁଖ୍ୟମନ୍ତ୍ରୀମାନଙ୍କୁ ବିଧାନସଭାର ବିରୋଧୀଦଳ ଆସନରେ ଏକା ସାଙ୍ଗରେ ସାମ୍ନା କରିଥିବା ନନ୍ଦିନୀ ଏଇ କେତେଜଣ ବିକ୍ଷୋଭକାରୀଙ୍କ ନିକଟରେ ଦବିଯିବାର ବ୍ୟକ୍ତି ନଥିଲେ । ତାଙ୍କ ସାଙ୍ଗରେ ଥାଆନ୍ତି ଷ୍ଟେନୋ ପତିତପାବନ ନାୟକ ଏବଂ ଅନ୍ୟ ଜଣେ ସହଯୋଗୀ ଆଡ୍‌ଭୋକେଟ୍ ସରୋଜ ପଣ୍ଡା । ସାମ୍ନାରେ କଳାପତାକାଧାରୀ ବିକ୍ଷୋଭକାରୀଙ୍କୁ ଦେଖି ନନ୍ଦିନୀ ହଠାତ୍ କାର୍‌ର ଦରଜା ଖୋଲି ସେମାନଙ୍କ ଭିତରକୁ ଯିବାକୁ ବାହାରିଲେ । ଏତିକିବେଳେ ତାଙ୍କ ସାଙ୍ଗରେ ଥିବା ପୁଲିସବାଲା ମଧ୍ୟ ତାଙ୍କୁ ବାରଣ କଲେ । କହିଲେ, ‘ସେମାନେ ଆଜ୍ଞା ବିଭିନ୍ନ ଧମକ ଦେଉଛନ୍ତି, ଆପଣ ଦୟାକରି ସେଠାକୁ ଯାଆନ୍ତୁ ନାହିଁ ।’ ତାଙ୍କ ସାଙ୍ଗରେ ଥିବା ଦୁଇ ସହାୟକ ମଧ୍ୟ ତାଙ୍କୁ ଅନେକ ବାରଣ କଲେ । ମାତ୍ର ଦୃଢ଼ମନା ନନ୍ଦିନୀ ଛାଡ଼ିବାର ପାତ୍ରୀ ନଥିଲେ । ସମସ୍ତଙ୍କୁ ଆଡ଼େଇଦେଇ ସିଧା ଗଲେ ବିକ୍ଷୋଭକାରୀଙ୍କ ନିକଟକୁ । ସେମାନଙ୍କ ସାମ୍ନାରେ ଠିଆହୋଇ କହିଲେ, ‘ତୁମକୁ ଏହି କଳାପତାକା ଦେଖାଇବାକୁ କିଏ କହିଛି ସେ କଥା ମୁଁ ଜାଣିଛି । ତୁମେମାନେ ଏବେ କ’ଣ ଚାହୁଁଛ ? ମୁଁ ତଦନ୍ତ କରିବି ଏବଂ ଯାହା ସତ୍ୟ ତାହାହିଁ ରିପୋର୍ଟ ଦେବି ।’ ଏଇ କଥା ପଦକ ତାଙ୍କ ମୁହଁରୁ ଯେମିତି ବାହାରିଛି, ନିମିଷକ ମଧ୍ୟରେ ସମସ୍ତ କଳା ପତାକା ଲୁଚିଗଲା । ପାଞ୍ଚ ମିନିଟ୍ ଆଗରୁ ମୁର୍ଦ୍ଦାବାଦ ସ୍ଲୋଗାନ୍ ଦେଉଥିବା ଲୋକମାନେ ସଙ୍ଗେ ସଙ୍ଗେ ନନ୍ଦିନୀଦେବୀ ଜିନ୍ଦାବାଦ ଧ୍ୱନିରେ ସାରା ବ୍ଲକ୍ ପରିସରକୁ କମ୍ପାଇ ଦେଲେ ।

ଏହାପରେ ନନ୍ଦିନୀ ତନ୍ନ ତନ୍ନ କରି ଘଟଣା ସହ ସମ୍ପୃକ୍ତ ସମସ୍ତ ବ୍ୟକ୍ତିଙ୍କଠାରୁ ସାକ୍ଷ୍ୟ ଗ୍ରହଣ କରିଛନ୍ତି । ଘଟଣାଟି ଘଟିଥିବା ସ୍ଥାନରେ ଉପସ୍ଥିତ ଥିବା ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ପୁଲିସର ବରିଷ୍ଠ କର୍ମକର୍ତ୍ତାଙ୍କ ପର୍ଯ୍ୟନ୍ତ । ମିଟିଂର ଭିଡିଓ କ୍ୟାସେଟ୍

Digitized by PPRACHIN, SOA

ମଗାଇ ବାରମ୍ବାର ନିରୋଳାରେ ଏକୁଟିଆ ବସି ଦେଖିଛନ୍ତି । ବାସନ୍ତୀ ବାରାଙ୍କୁ ସମ୍ପୂର୍ଣ୍ଣ ଅଭୟ ପ୍ରଦାନ କରି ସତକଥା ବୁଝିବାକୁ ପ୍ରୟାସ କରିଛନ୍ତି । ଥରକରେ ତାଙ୍କ ମନ ନ ବୁଝିବାରୁ ଦ୍ୱିତୀୟ ଥର ବି ରାଉରକେଲା ହାଉସ୍‌କୁ ବାସନ୍ତୀ ବାରାଙ୍କୁ ଡକାଇ ତାଙ୍କଠାରୁ ଏବଂ ତାଙ୍କ ସ୍ୱାମୀଙ୍କଠାରୁ ସାକ୍ଷ୍ୟ ଗ୍ରହଣ କରିଛନ୍ତି । ଶେଷରେ ମନ୍ତ୍ରୀ ଡା. ରାଉତଙ୍କୁ ଦୁଇ ଦୁଇଥର ଜେରା କରିଛନ୍ତି । ତା'ପରେ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଛନ୍ତି ।

ଏ ସମସ୍ତ କାର୍ଯ୍ୟ ସେ ଜଣେ ରାଜନୈତିକ ବ୍ୟକ୍ତି ଭାବରେ କରିନାହାନ୍ତି, ବରଂ ଜଣେ ବିଚାରପତିର ସମସ୍ତ ଦାୟିତ୍ୱବୋଧ ନେଇ ସମ୍ପାଦନ କରିଛନ୍ତି । ତଦନ୍ତ କାର୍ଯ୍ୟ ଚାଲିଥିବାବେଳେ ମୁଖ୍ୟମନ୍ତ୍ରୀ ମଧ୍ୟ ଦୁଇଦୁଇଥର ତାଙ୍କ ବାସଭବନକୁ ସକାଳୁ ସକାଳୁ ବିନା ସିକ୍ୟୁରିଟୀରେ ଆସି ପହଞ୍ଚିଛନ୍ତି । ମାତ୍ର ତଦନ୍ତ କାର୍ଯ୍ୟରେ କୌଣସି ପ୍ରକାର ହସ୍ତକ୍ଷେପ କରିନାହାନ୍ତି, ବରଂ ନନ୍ଦିନୀଙ୍କ କଥା ଅନୁଯାୟୀ ସମସ୍ତ ପ୍ରକାର ସହଯୋଗ ପ୍ରଦାନ କରିଛନ୍ତି । କେବଳ ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ରିପୋର୍ଟଟି ସମ୍ପୂର୍ଣ୍ଣ ନିରପେକ୍ଷ ଭାବରେ ଶୀଘ୍ର ପ୍ରଦାନ କରିବା ପାଇଁ ତାଙ୍କୁ ଅନୁରୋଧ କରି ଚାଲିଯାଇଛନ୍ତି ।

ଏହି କମିଶନ କାର୍ଯ୍ୟ ନିମନ୍ତେ ନନ୍ଦିନୀ ସରକାରଙ୍କଠାରୁ କୌଣସି ପାରିଶ୍ରମିକ ନେଇନାହାନ୍ତି । ଅନ୍ୟପକ୍ଷରେ ନିଜର ବହୁମୂଲ୍ୟ ସମୟ ଦେଇ ଏଭଳି ଏକ ସାମାଜିକ ଦାୟିତ୍ୱବୋଧକୁ ନିଷ୍ଠାର ସହ ପାଳନ କରିବାକୁ ଆଗେଇ ଆସିଛନ୍ତି । ତାଙ୍କର ଏହି ଗୌରବରେ ଅସହିଷ୍ଣୁ ହୋଇ ରାଜ୍ୟର କିଛି ତଥାକଥିତ କଂଗ୍ରେସ ନେତା ଓ ନେତ୍ରୀ ତାଙ୍କୁ ନିନ୍ଦିତ କରିବା ପାଇଁ ବିବୃତିମାନ ଦେଇଛନ୍ତି । ହେଲେ କୌଣସି ନିନ୍ଦା, ପ୍ରଶଂସା, ଲୋଭ କିମ୍ବା ଡର, ଭୟ, ଧମକ ତାଙ୍କୁ ସାମାନ୍ୟ ସ୍ପର୍ଶ ସୁଦ୍ଧା କରିପାରିନାହିଁ । ସତରେ ! ଜଣେ ବିଚାରପତିର ଡିଗ୍ରୀ ନଥାଇ ନନ୍ଦିନୀ ଯେପରି ଏ କ୍ଷେତ୍ରରେ ଏକ ବଳିଷ୍ଠ, ନିରପେକ୍ଷ ନ୍ୟାୟ ପ୍ରଦାନ କରିଛନ୍ତି ତାହା ତାଙ୍କ କାର୍ଯ୍ୟଧାରା ନ ଦେଖିଲେ ବିଶ୍ୱାସ କରିହେବନି ।

⁂

Digitized by PPRACHIN, SOA

ଅପରାଜେୟ ନନ୍ଦିନୀ

ସର୍ବଦା ଜୟ ପରାଜୟର ଭାବନାଠାରୁ ନିଜକୁ ଊର୍ଦ୍ଧ୍ୱରେ ରଖି ଅନ୍ୟାୟ, ଅତ୍ୟାଚାର, ଶୋଷଣ କଷଣ ବିରୁଦ୍ଧରେ ଲଢ଼େଇ କରିଆସିଛନ୍ତି ନନ୍ଦିନୀ । କେଉଁଠାରେ ପରାଜୟ ତାଙ୍କର ବାଟ ଓଗାଳି ପାରିନାହିଁ କି କୌଣସି ଅନ୍ୟାୟ ନିକଟରେ ସେ ନିଜର ମଥାନତ କରିନାହାନ୍ତି । ଜୀବନରେ କେବେ ପରାଜୟ ବରଣ କରିନଥିବା ଏହି ଯୋଗଜନ୍ମା ନାରୀନେତ୍ରୀଙ୍କ ଉକ୍ତି ଏଠାରେ ପ୍ରଣିଧାନଯୋଗ୍ୟ– "ମୁଁ ବିଜୟୀ ହେବାଟାକୁ ଆଖି ଆଗରେ ରଖି କୌଣସି କଥାରେ ଲଢ଼େ ନାହିଁ । ଯେଉଁ କଥା ପାଇଁ ଲଢ଼ିବାକୁ ନିଷ୍ପତ୍ତି ନିଏ ସେହି କଥାଟିକୁ ହିଁ ଗୁରୁତ୍ୱ ଦେଇଥାଏ । ମୋତେ ଏ କାମଟିକୁ କରିବାକୁ ପଡ଼ିବ, ତେଣୁ ମୁଁ ସେଇ କାମ ପାଇଁ ଲଢ଼େଇ କରେ । ହାରିବା କିମ୍ବା ଜିତିବାଟା ବଡ଼ କଥା ନୁହେଁ । ଫଳାଫଳ ଭଗବାନଙ୍କର ବିଚାର । କ'ଣ ଗୋଟେ ହେବାପାଇଁ ବା ପାଇବା ପାଇଁ ମୁଁ ଆଜିଯାଏ କେବେ ବି ଲଢ଼େଇ କରିନି । ମୋତେ କିନ୍ତୁ ଯେତେବେଳେ ଯେଉଁ ଦାୟିତ୍ୱ ମିଳିଛି ମୁଁ ସେହି କାମକୁ ଅତ୍ୟନ୍ତ ନିଷ୍ଠାପର ଭାବରେ କରିବାକୁ ଚେଷ୍ଟା କରିଛି ।"

ପିଲାଦିନେ ବାପା, ମା'ଙ୍କ ହୃଦୟ, ଛାତ୍ରାବସ୍ଥାରେ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ହୃଦୟ ଜୟ କରି ଯୁବାବସ୍ଥାରେ ଏକଦା ବିପ୍ଳବିଣୀ ରୂପରେ ନିଜକୁ ଆବିଷ୍କାର କରିଥିଲେ ଏହି ଲୌହମାନବୀ ନନ୍ଦିନୀ । ପରାଜୟ ଶତଚେଷ୍ଟା କରି ମଧ୍ୟ ତାଙ୍କ ଦ୍ୱାରଦେଶ ପର୍ଯ୍ୟନ୍ତ ପହଞ୍ଚି ପାରିନଥିଲା । ଏକଦା ପିଲାଦିନେ ସେ ଯାହା ଜିଦ୍ କରୁଥିଲେ ତାହାହିଁ ହେଉଥିଲା । ସେ ବହୁତ ଜିଦ୍‌ଖୋର ଥିଲେ । ଅତି ସାନବେଳେ ଟିଣରୁ ଯଦି ବିସ୍କୁଟ୍ ସରି ଯାଉଥିଲା, ତେବେ ଖାଲି ଟିଣଟିକୁ ଧରି ସେ ଶିଶୁସୁଲଭ ଗୁଣରେ କାନ୍ଦି ଉଠୁଥିଲେ 'ହାମନା ନାହିଁ, ନାହିଁ ହାମନା' କହି । ଯେତେ ବୁଝାଇଲେ ବା ଅନ୍ୟକିଛି ଦେଲେ ତଥାପି ସେ ବୁଝୁ ନଥିଲେ । ଶେଷକୁ ବାପା ଆସି ବିସ୍କୁଟ୍ ଆଣିଲେ ଯାଇ ତାଙ୍କର କାନ୍ଦ ବନ୍ଦ ହେଉଥିଲା ।

Digitized by PPRACHIN, SOA

ଛାତ୍ରୀ ଅବସ୍ଥାରେ ମଧ୍ୟ ସେ ଠିକ୍ ସେହିଭଳି ଥିଲେ । ଥରକର ଘଟଣା । ସେତେବେଳେ ନନ୍ଦିନୀ ରେଭେନ୍ସା ଗାର୍ଲ ସ୍କୁଲର ଛାତ୍ରୀ ଥାଆନ୍ତି । ସ୍କୁଲଟିରେ ବହୁତ ଧର୍ମର ପିଲା ପାଠ ପଢ଼ୁଥାନ୍ତି । ଥରେ ସରସ୍ୱତୀ ପୂଜାର ସମୟ ଆସିଗଲା । ସ୍କୁଲରେ ସେଯାଏଁ ସରସ୍ୱତୀ ପୂଜା କି ଗଣେଶ ପୂଜା ଇତ୍ୟାଦି ପାଳିତ ହେଉନଥିଲା । ନନ୍ଦିନୀଙ୍କ ମୁଣ୍ଡରେ ହଠାତ୍ ପଶିଗଲା ଯେ, ସରସ୍ୱତୀ ତ ସ୍ୱୟଂ ବିଦ୍ୟାଦାତ୍ରୀ । ବିଦ୍ୟାରେ ପୁଣି ଧର୍ମ ଫର୍ମ ଗୋଟାଏ କ'ଣ ? ତାଙ୍କର ପୂଜା କାହିଁକି ନ ହେବ ? ସେ ମନେ ମନେ ସ୍ଥିର କଲେ ଯେ, ଏକଥା ସେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମିସ୍ ବାନାର୍ଜୀଙ୍କୁ କହିବେ । କିନ୍ତୁ ମିସ୍ ବାନାର୍ଜୀ ଟିକେ କଡ଼ା ସ୍ୱଭାବର ଥିଲେ । ସେଇଠୁ ବିଚାରବିମର୍ଷ ଚାଲିଲା ସାଙ୍ଗମାନଙ୍କ ସହ । ଦିନେ ସବୁ ପିଲାଙ୍କୁ ଏକାଠି କରି ପ୍ରଧାନ ଶିକ୍ଷୟିତ୍ରୀଙ୍କ ନିକଟକୁ ଯାଇ ସେ କହିଲେ, "ଆଜ୍ଞା ! ସବୁ ଧର୍ମ ତ ସମାନ । ଏଠି ସରସ୍ୱତୀ ପୂଜା ଓ ଗଣେଶ ପୂଜା କାହିଁକି ହେବନି ? ଦୟାକରି ଆମକୁ ପୂଜା କରିବା ପାଇଁ ସୁଯୋଗ ଦିଅନ୍ତୁ । ସବୁ ସ୍କୁଲରେ ପୂଜା ହେଉଛି, ଆମକୁ ଦୁଃଖ ଲାଗୁଛି ।" ମିସ୍ ବାନାର୍ଜୀ ଏମିତି ଗୋଟିଏ କଥା ଶୁଣି ଆଶ୍ଚର୍ଯ୍ୟ ହୋଇଗଲେ । ଏଡ଼ିକି ଟିକିଏ ପିଲା, ଅଥଚ ବଳିଷ୍ଠ ଯୁକ୍ତି ସାଙ୍ଗକୁ ଶାନ୍ତ ଏବଂ ଶୃଙ୍ଖଳିତ ଛାତ୍ରୀଟିଏ ଭଳି ସେ ଯେପରି ତାଙ୍କ ହୃଦୟକୁ ଜୟ କରିଗଲେ ସେ ସେଥିରେ ସ୍ତମ୍ଭୀଭୂତା ହୋଇଗଲେ । ସେ ହଠାତ୍ କହିପକାଇଲେ, ତୁମେ ପିଲାଟିଏ ହେଲେ କ'ଣ ହେବ, ତୁମର ବୁଦ୍ଧି ନିକଟରେ ମୁଁ ଆଜି ହାର ମାନିଗଲି । ତୁମେ ମୋ ଆଖି ଖୋଲିଦେଲ । ଏଥରକ ମୁଁ ତୁମମାନଙ୍କୁ ଅନୁମତି ଦେଲି, ତୁମେ ଯାଇ ପୂଜା ଆୟୋଜନ କର । ସେହିଦିନଠାରୁ ରେଭେନ୍ସା ଗାର୍ଲ ସ୍କୁଲରେ ସବୁ ପୂଜା ପାଳନ କରାଗଲା ।

ଏହାପରେ ନନ୍ଦିନୀଙ୍କର ଆରମ୍ଭ ହୋଇଥିଲା କଲେଜ ଜୀବନ । କଟକର ରେଭେନ୍ସା କଲେଜରେ ପଢ଼ିବା ସମୟରେ ପିଲାମାନଙ୍କର ବିଭିନ୍ନ ଦାବୀ ହାସଲ ପାଇଁ ଏବଂ ଅସାମାଜିକ ଛାତ୍ରମାନଙ୍କ ବିରୋଧରେ ସେ ସ୍ୱର ଉତ୍ତୋଳନ କରି ସଫଳତା ପାଇଥିଲେ । ୧୯୫୧ ମସିହାରେ ଦରମା ବୃଦ୍ଧିକୁ କେନ୍ଦ୍ରକରି ସାରା ରାଜ୍ୟରେ ମୁଣ୍ଡ ଟେକିଥିବା ଛାତ୍ର ଆନ୍ଦୋଳନର ସେ ନେତୃତ୍ୱ ନେଇ ଆଶାତୀତ ସଫଳତା ହାସଲ କରିଥିଲେ । ଏମ୍.ଏ ପାଶ୍ କରିବା ବେଳକୁ ଦେଶସେବା କାର୍ଯ୍ୟରେ ସମ୍ପୂର୍ଣ୍ଣ ବୁଡ଼ି ରହିଥିଲେ ମଧ୍ୟ କୌଣସି ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳରେ ବିଧିବଦ୍ଧ ଭାବରେ ସେ ନିଜକୁ ସାମିଲ କରିନଥିଲେ । କିନ୍ତୁ ସେତେବେଳକୁ ରାଜ୍ୟର ବହୁ ତୁଙ୍ଗ ନେତୃବୃନ୍ଦମାନଙ୍କର ଦୃଷ୍ଟି ନିବଦ୍ଧ ଥିଲା ଏଇ ବିପ୍ଳବିଣୀ ଝିଅଟି ଉପରେ । ଗାନ୍ଧିଆନ୍ ନୀତିରେ ପ୍ରଥମରୁ ଅନୁପ୍ରାଣିତ ହୋଇ ନନ୍ଦିନୀ ଗୋଟିଏ ସମୟରେ ଖଦଡ଼ ପିନ୍ଧୁଥିବା ସତ୍ତ୍ୱେ, କକେଇ ଭଗବତୀ ପାଣିଗ୍ରାହୀଙ୍କ ଆଦର୍ଶରେ ଉଦ୍‌ବୁଦ୍ଧ ହୋଇ ସେ ସାମ୍ୟବାଦୀ ଚିନ୍ତାଧାରାରେ ଆପ୍ଳୁତା

Digitized by PPRACHIN, SOA

ହୋଇଥିଲେ ଏବଂ ସମାଜବାଦ ପ୍ରତି ଗଭୀର ଭାବରେ ହୋଇଥିଲେ ଆକର୍ଷିତା । ୧୯୬୨ ମସିହାରେ ରାଜ୍ୟସଭାକୁ ଯିବା ପୂର୍ବରୁ ସେ ବହୁ ସଂଗଠନ, ମହିଳା ଅନୁଷ୍ଠାନ, ଛାତ୍ରସଂଘ ଇତ୍ୟାଦିର କର୍ମକର୍ତ୍ତା ଭାବରେ ଗୁରୁଦାୟିତ୍ୱ ନିର୍ବାହ କରିଥିଲେ । ଯେତେବେଳେ ରାଜ୍ୟସଭା ସଦସ୍ୟା ହୋଇ ଦିଲ୍ଲୀ ଯିବାକୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ତାଙ୍କୁ ପ୍ରସ୍ତାବ ଦେଲେ, ସେ ଏହି ପଦ ପାଇଁ ପ୍ରଥମେ ବିମୁଖ ଭାବ ପୋଷଣ କରିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ରାଜି ହୋଇ ରାଜ୍ୟସଭାରେ ଯୋଗଦେଲେ । ସେହିଠାରୁ ଖୋଲା ହୋଇଯାଇଥିଲା ତାଙ୍କ ପାଇଁ ବିଜୟର ଦ୍ୱାର । ପରାଜୟ ତାଙ୍କୁ ଆଉ ଛୁଇଁ ପାରିନଥିଲା କିମ୍ବା ସେ ଆଉ ପଛକୁ ଫେରି କେବେ ଚାହିଁନଥିଲେ ।

୩୧ ବର୍ଷ ବୟସରେ ରାଜ୍ୟସଭାରେ ପ୍ରଥମ ସାରଗର୍ଭକ ବକ୍ତୃତା ପ୍ରଦାନ କରି ସେ ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସେଦିନର କଟକ ସହରସ୍ଥ ଯାଚକ ଲେନ୍‌ର ସେଇ ଛୋଟିଆ ଶିଶୁଟି ପ୍ରଥମଥର ପାଇଁ ଜାତୀୟ ସ୍ତରର ସର୍ବୋଚ୍ଚ ବ୍ୟକ୍ତିଙ୍କ ମନକୁ ଜୟ କରି ତାଙ୍କ ହୃଦୟରେ ସିଂହାସନ ଥାପି ଦେଇଥିଲା । ପରେ ପରେ କେନ୍ଦ୍ର ରାଜନୀତିରେ ସେ ଅନେକ ଜନନେତା ଓ ନେତ୍ରୀଙ୍କର ପ୍ରିୟ ନନ୍ଦିନୀ ରୂପେ ପରିଚିତା ହୋଇଗଲେ । ଏହାର ଚାରିବର୍ଷ ପରେ ଅର୍ଥାତ୍ ମାତ୍ର ୩୫ ବର୍ଷ ବୟସରେ ଇନ୍ଦିରା ଗାନ୍ଧୀଙ୍କର ଖୁବ୍ ନିକଟବର୍ତ୍ତୀ ହୋଇ ନିଜର ଦୂରଦର୍ଶୀ ତଥା ବିଚକ୍ଷଣ ବୁଦ୍ଧିମତ୍ତା ଯୋଗୁଁ କେନ୍ଦ୍ରରେ ମନ୍ତ୍ରୀପଦ ତାଙ୍କର ଦ୍ୱାର ଠକ୍‌ଠକ୍ କରି ତାଙ୍କୁ ସ୍ୱାଗତ କରିଥିଲା । ଏଥିପାଇଁ ସେ କାହାକୁ ଖୋସାମଦ କରିନଥିଲେ । ତାଙ୍କର କାର୍ଯ୍ୟଧାରାରେ ଆକୃଷ୍ଟ ହୋଇ ଇନ୍ଦିରା ଗାନ୍ଧୀ ନିଜ ମନ୍ତ୍ରିମଣ୍ଡଳରେ ନନ୍ଦିନୀଙ୍କୁ ସୂଚନା ଓ ପ୍ରସାରଣ ବିଭାଗର ମନ୍ତ୍ରୀ ଦାୟିତ୍ୱ ଦେଇଥିଲେ, ଯେଉଁ ଦାୟିତ୍ୱରେ କି ସେ ନିଜେ ସର୍ବପ୍ରଥମେ ଲାଲବାହାଦୂର ଶାସ୍ତ୍ରୀଙ୍କ ମନ୍ତ୍ରିମଣ୍ଡଳରେ କାର୍ଯ୍ୟ ଆରମ୍ଭ କରିଥିଲେ । ଏହାର ଦୁଇ/ତିନିବର୍ଷ ପରେ ତାଙ୍କ କାର୍ଯ୍ୟଦକ୍ଷତାର ପରିଚୟ ପାଇ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ଏକ ସ୍ୱତନ୍ତ୍ର ବିଭାଗ ଖୋଲାଯାଇ ତାଙ୍କୁ ମିନିଷ୍ଟର ଆଟାଚ୍ ଟୁ ପ୍ରାଇମ୍ ମିନିଷ୍ଟର ଭାବରେ ଅବସ୍ଥାପିତ କରାଯାଇଥିଲା । ଏହାପରେ ନନ୍ଦିନୀଙ୍କ ଜୀବନରେ ବିଜୟର ବାନା ଲମ୍ଫି ଲମ୍ଫି ଯାଇଥିଲା । ଦଶବର୍ଷର ସାଂସଦ ଓ ମନ୍ତ୍ରୀତ୍ୱ ସମୟର ଅଭିଜ୍ଞତା ବର୍ଣ୍ଣନା କରି ସେ କହୁଥିଲେ, "ମୋର ଗୋଟେ ପରମ ସୌଭାଗ୍ୟ ଥିଲା ଯେ, ମୁଁ ତିନି ତିନିଜଣ ମୂଲ୍ୟବୋଧ ସମ୍ପନ୍ନ ପ୍ରଧାନମନ୍ତ୍ରୀ–ଜବାହରଲାଲ ନେହେରୁ, ଲାଲବାହାଦୂର ଶାସ୍ତ୍ରୀ ଏବଂ ଇନ୍ଦିରା ଗାନ୍ଧୀଙ୍କ ଭଳି ବ୍ୟକ୍ତିମାନଙ୍କ ସଂସ୍ପର୍ଶରେ ଆସିବାର ସୁଯୋଗ ଲାଭ କରିଛି ।" ପ୍ରକୃତରେ ଏହି ସୁଯୋଗ ତାଙ୍କ ପାଇଁ ଏକ advantage ଥିଲା ।

Digitized by PPRACHIN, SOA

୧୯୭୨ ମସିହା ଜୁନ୍ ୧୪ ତାରିଖରେ ନନ୍ଦିନୀଙ୍କ ଅନିଚ୍ଛା ସତ୍ତ୍ୱେ ତାଙ୍କୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ପଦରେ ଅଧିଷ୍ଠିତା କରାଗଲା । ମୁଖ୍ୟମନ୍ତ୍ରୀ ହେବାପରେ ବିଧାନସଭାକୁ ନିର୍ବାଚିତ ହେବାପାଇଁ ସେ ଯେତେବେଳ କଟକ ଆସନରୁ ପ୍ରାର୍ଥୀ ହେଲେ, ଓଡ଼ିଶା ଜନସାଧାରଣଙ୍କର ତାଙ୍କ ପ୍ରତି ଭଲପାଇବା ଦେଖି ସେ ବିହ୍ୱଳିତ ହୋଇପଡ଼ିଥିଲେ । ସେହି ନିର୍ବାଚନରେ ତାଙ୍କ ବିରୋଧରେ ବୀରେନ୍ ମିତ୍ର ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ, ରାଜ୍ୟର ଅଧିକାଂଶ ବରିଷ୍ଠ ନେତାମାନେ ତାଙ୍କୁ ହରେଇବା ପାଇଁ ଶତଚେଷ୍ଟା କରି ମଧ୍ୟ ସଫଳ ହୋଇପାରିନଥିଲେ । ବରଂ ସେ ଭଲ ବ୍ୟବଧାନ ରଖି ବିଜୟ ଲାଭ କରିଥିଲେ । ଏହାପରେ ସେ ଯେତେଥର ଯେଉଁ ଦଳରୁ, ଯେଉଁ ଚିହ୍ନରେ ନିର୍ବାଚନରେ ପ୍ରାର୍ଥୀ ହୋଇଛନ୍ତି ସବୁଥର ଜିତିଆସିଛନ୍ତି । ଜିତିବା ଯେପରି ଥିଲା ତାଙ୍କର ଏକ ଜନ୍ମଗତ ଅଧିକାର । ୧୯୭୨ ଏବଂ ୧୯୭୪ ମସିହାରେ କଂଗ୍ରେସ ଦଳରୁ, ୧୯୭୭ ମସିହାରେ ଜନତା ଦଳରୁ, ୧୯୮୦ ମସିହାରେ ସ୍ୱାଧୀନ ପ୍ରାର୍ଥୀ ଭାବରେ, ୧୯୮୫ ମସିହାରେ ନିଜଦ୍ୱାରା ପ୍ରତିଷ୍ଠିତ ଆଞ୍ଚଳିକ ଦଳ ଜାଗ୍ରତ ଓଡ଼ିଶାରୁ, ୧୯୯୦ ଏବଂ ୧୯୯୫ ମସିହାରେ ପୁନଃ କଂଗ୍ରେସ ଦଳରୁ ଟିକେଟ୍ ପାଇ ଯଥାକ୍ରମେ କଟକ, ଢେଙ୍କାନାଳ, ଗନ୍ଦିଆ ନିର୍ବାଚନ ମଣ୍ଡଳୀରୁ ପ୍ରତ୍ୟେକ ଥର ସେ ଅନାୟାସରେ ବିଜୟ ଲାଭକରି ଭବିଷ୍ୟତ ରାଜନେତାମାନଙ୍କ ପାଇଁ ଏକ ନଜୀର ସୃଷ୍ଟି କରିଯାଇଛନ୍ତି । ଓଡ଼ିଶାର କୌଣସି ନାରୀନେତ୍ରୀ ଏଭଳି ଲାଗ୍‌ଲାଗ୍ ଜିତିବା ଆଜିପର୍ଯ୍ୟନ୍ତ ଦୃଷ୍ଟିଗୋଚର ହୁଏନାହିଁ । ଏଇଥିରୁ ଲୋକମାନଙ୍କର ତାଙ୍କ ପ୍ରତି ଶ୍ରଦ୍ଧାଭାବ ସ୍ପଷ୍ଟ ଅନୁମେୟ ।

୧୯୭୭ ମସିହାରେ ନନ୍ଦିନୀଙ୍କୁ ଆଉ ଏକ ଧର୍ମଯୁଦ୍ଧକୁ ଟାଣି ନିଆଯାଇଥିଲା ତାଙ୍କ ବାସଭବନ ରେଡ୍ କରିବା ପରିପ୍ରେକ୍ଷୀରେ । ଏହି ଘଟଣାରେ ନନ୍ଦିନୀ ଅବଶ୍ୟ ମର୍ମାହତ ହୋଇଥିଲେ । ଖାସ୍ ଏଇଥିପାଇଁ ଯେ, କୌଣସି ଏକ ନିର୍ଦ୍ଦିଷ୍ଟ ଅଭିଯୋଗ ନ ଥାଇ, ଦୁର୍ନୀତିର ସଂଜ୍ଞା ନିର୍ଦ୍ଧାରଣ ନ କରି ତାଙ୍କ ନିଜ ଘର ସମେତ, ବନ୍ଧୁବାନ୍ଧବ, ଚିହ୍ନାପରିଚିତ ଇତ୍ୟାଦି ୪୨ଟି ଘର ରେଡ୍ କରିପକେଇଲେ । ତାଙ୍କ ସଫଳତାରେ ଅସୂୟା ପ୍ରଣୋଦିତ ରାଜନୈତିକ ଦୂରାଭିସନ୍ଧି ରଖି ତାଙ୍କ ବିରୋଧରେ ଏ ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା । କେବଳ ସେତିକି ନୁହେଁ, ତାଙ୍କ ନାମରେ ନାମିତ କେତେଗୁଡ଼ିଏ ଅନୁଷ୍ଠାନର ନାମ ମଧ୍ୟ ପରବର୍ତ୍ତୀ ସମୟରେ ବଦଳେଇ ଦିଆଯାଇଥିଲା । ଏହି ପ୍ରାୟୋଜିତ ଦୁର୍ନୀତି ଆରୋପରେ ନନ୍ଦିନୀ ଦବି ନ ଯାଇ ପ୍ରମାଣ କରିଦେବାକୁ ଚାହିଁଲେ ଯେ, ଏତେଦିନ ପର୍ଯ୍ୟନ୍ତ କ୍ଷମତାରେ ରହିବା ପରେ ମଧ୍ୟ ଗୋଟିଏ ଟଙ୍କା ବି ସେ ଅସଦ୍ ଉପାୟରେ ଠୁଳ କରିନାହାନ୍ତି କି କାହାଠାରୁ ଗ୍ରହଣ ମଧ୍ୟ କରିନାହାନ୍ତି । ତାଙ୍କ ବିରୁଦ୍ଧରେ କେଶ୍ ଚାଲିଲା । ତଳ କୋର୍ଟରୁ ଉପର କୋର୍ଟ ଏବଂ ଉପର କୋର୍ଟରୁ ତଳ କୋର୍ଟ

Digitized by PPRACHIN, SOA

ଏହିଭଳି କେଶ୍‌ଟି ବୁଲି ବୁଲି ଯାଇ ସୁପ୍ରିମ୍‌କୋର୍ଟରେ ପଡ଼ିଲା । ଦୀର୍ଘ ବାରବର୍ଷର ଏକ ଲମ୍ୱା ପ୍ରତୀକ୍ଷା ପରେ ଶେଷକୁ ମାନ୍ୟବର ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରା ସେ ଦୋଷମୁକ୍ତ ହୋଇ ବିଜୟିନୀ ଘୋଷିତ ହୋଇଥିଲେ ।

ଏସବୁ ତ ଗଲା ତାଙ୍କର ରାଜନୈତିକ ଏବଂ ସାମାଜିକ ଜୀବନର ବିଜୟ । ଏହାବାଦ୍ ତାଙ୍କର ଆଧାତ୍ମିକ ଜୀବନରେ ମଧ୍ୟ ପରାଜୟ ଦେଖିବାକୁ ମିଳେନାହିଁ । ନନ୍ଦିନୀ ପ୍ରଥମେ ୧୯୬୧ ମସିହାରେ ଶ୍ରୀଅରବିନ୍ଦ ଏବଂ ଶ୍ରୀମାଙ୍କ ପ୍ରତ୍ୟକ୍ଷ ସାନ୍ନିଧ ଲାଭ କରିବା ଆଶାରେ ପଣ୍ଡିଚେରୀ ଯାଇଥିଲେ । ଏହା ପୂର୍ବରୁ ସେ ଆଶ୍ରମରୁ ପ୍ରକାଶିତ ପତ୍ରିକା ମଗାଇ ପଢୁଥିଲେ ଏବଂ ଲୋକମାନଙ୍କଠାରୁ ଆଶ୍ରମ ବିଷୟରେ କିଛି କିଛି ଶୁଣିଥିଲେ । ମାତ୍ର ଯେତେବେଳେ ସେ ଆଶ୍ରମ ଆସି ମା'ଙ୍କର ପ୍ରତ୍ୟକ୍ଷ ସାନ୍ନିଧ ଲାଭକଲେ, ହଠାତ୍ ତାଙ୍କର ମନେ ହୋଇଥିଲା, ଭଗବାନ ସାକ୍ଷାତ୍ ମା'ଙ୍କ ରୂପରେ ଆବିର୍ଭୂତା । ବାସ୍ ! ଏହାପରେ ସେ ଅନେକଥର ପଣ୍ଡିଚେରୀ ଆଶ୍ରମକୁ ଯା'ଆସ କରିଛନ୍ତି, ମା'ଙ୍କର ବାରମ୍ୱାର ପ୍ରତ୍ୟକ୍ଷ ଦର୍ଶନ ଲାଭ କରିଛନ୍ତି । ଶେଷରେ ତାଙ୍କର ଯାଦୁକରୀ ବ୍ୟକ୍ତିତ୍ୱର ଆକର୍ଷଣରେ ସେ ମା'ଙ୍କ ହୃଦୟକୁ ଜୟ କରି ତାଙ୍କର ଅତ୍ୟନ୍ତ ନିକଟବର୍ତ୍ତୀ ହୋଇଯାଇଥିଲେ ।

ଭାଷା ସାହିତ୍ୟରେ ମଧ୍ୟ ସେଇ ଏକାକଥା । ଏ କ୍ଷେତ୍ରରେ ନନ୍ଦିନୀଙ୍କର ଦୃଷ୍ଟିଭଙ୍ଗୀ ଅନ୍ୟମାନଙ୍କ ଅପେକ୍ଷା ଥିଲା ସମ୍ପୂର୍ଣ୍ଣ ଭିନ୍ନ । ତାଙ୍କ ବିଚାରରେ ସାହିତ୍ୟ କଳ୍ପନା ପ୍ରସୂତ ନ ହୋଇ ବାସ୍ତବଧର୍ମୀ ହେବା ଉଚିତ । କୌଣସି ପୁରସ୍କାର ପାଇବାର ଆଶା ମନଭିତରେ ପୋଷଣ କରି ସାହିତ୍ୟ ଲେଖିବାକୁ ସେ ପସନ୍ଦ କରୁନଥିଲେ । କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରଠାରୁ ଆରମ୍ଭ କରି, ସାହିତ୍ୟ ଭାରତୀ ସମ୍ମାନ ପର୍ଯ୍ୟନ୍ତ ସେ ବହୁ ପୁରସ୍କାର ପାଇଛନ୍ତି । ବହୁ ଅନୁଷ୍ଠାନ ଦ୍ୱାରା ସମ୍ବର୍ଦ୍ଧିତ ହୋଇଛନ୍ତି, ତାଙ୍କ ଲିଖିତ ପୁସ୍ତକ ମଧ୍ୟ ବହୁ ଜନାଦୃତି ହାସଲ କରିଛି । ହେଲେ ସେ ଏଥିରେ ସନ୍ତୁଷ୍ଟ ହୋଇନାହାନ୍ତି । ତାଙ୍କ ମତରେ, "ଯେଉଁ ସାହିତ୍ୟ ମାନବର ଜୀବନଧାରାକୁ ପ୍ରଭାବିତ ନ କରିପାରିବ, ସମାଜର ସଂସ୍କୃତିକୁ ଏକ ଉନ୍ନତ ଦିଗରେ ଆଗେଇ ନ ନେଇପାରିବ ତାହା ସାହିତ୍ୟ ନୁହେଁ । ସାହିତ୍ୟ ପୁରସ୍କାରଧର୍ମୀ ନ ହୋଇ ଜୀବନଧର୍ମୀ ହେବା ଉଚିତ ।" ସ୍ୱଳ୍ପ ହେଲେ ବି ତାଙ୍କର ସୃଷ୍ଟି ସମୂହକୁ ଦୃଷ୍ଟିପାତ କଲେ ମନେହୁଏ, ସାହିତ୍ୟ କ୍ଷେତ୍ରରେ ମଧ୍ୟ ସେ ପରାଜୟ ସ୍ୱୀକାର କରିନାହାନ୍ତି । ଅତଏବ, ତାଙ୍କର ସାମଗ୍ରିକ ଜୀବନରେ ସେ ସବୁଠି ଯେ ବିଜୟର ବାନା ଉଡ଼ାଇ ଚାଲିଥିଲେ, ଏହା ନିଃସନ୍ଦେହରେ କୁହାଯାଇପାରେ । ନନ୍ଦିନୀଙ୍କ ଭଳି ପରାଜୟର ସ୍ୱାଦ ଚାଖିନଥିବା ବ୍ୟକ୍ତି ସଚରାଚର ଖୋଜିବସିଲେ ଖୁବ୍ କ୍ୱଚିତ୍ ମିଳିବେ ।

⁂

Digitized by PPRACHIN, SOA

୨୯

ଦୁର୍ଗମ ପଥର ଯାତ୍ରୀ

"ଅପଥେ ମୁଁ ଯିବି ଅପଥେ ମୁଁ ଯିବି
କର ମୋତେ ପଛେ ତିରସ୍କାର
ନେପଥ୍ୟେରେ ଅଛି ଯେତେ ଯାହା ସବୁ
କରିବି ମୁଁ ତା'ର ଆବିଷ୍କାର
ମଥା ପାତି ନେବି ମାନ ଅପମାନ
ବୁକୁ ପାତି ନେବି ଝଞ୍ଜା ତୋଫାନ୍
ସମୟ ଆସିବ ଯେଉଁଦିନ ତୁମେ
ଯାଚି ଦେବ ମୋତେ ପୁରସ୍କାର ।"

ନନ୍ଦିନୀଙ୍କ ଜୀବନ ସଂଗ୍ରାମ କଥା ଚିନ୍ତା କଲାବେଳକୁ ବିଖ୍ୟାତ କବି ରାଧାମୋହନ ଗଡ଼ନାୟକଙ୍କ 'ଅପଥଗାମୀ' କବିତାର ଏହି ପଂକ୍ତିଟି ସ୍ୱତଃ ମନ ଭିତରକୁ ପଶିଆସୁଛି । ଅନ୍ୟ ଅର୍ଥରେ ଦେଖିଲେ ନନ୍ଦିନୀଙ୍କ ଜୀବନ ଇତିହାସ ସହିତ ଏହି ପଦ୍ୟଟିର ଭାବାର୍ଥ ଅନେକ ପରିମାଣରେ ମିଶିଯାଏ । ସେ ସର୍ବଦା ଯେଉଁ ପଥଟି ଠିକ୍ ବୋଲି ଭାବି ସେଥିରେ ପାଦ ଥାପିଛନ୍ତି, ତାହା ହେଉପଛେ କଣ୍ଟକିତ କିମ୍ବା ଆବଡ଼ା ଖାବଡ଼ା, କେହି ଚେଷ୍ଟାକରି ମଧ୍ୟ ସେହି ପଥରୁ ତାଙ୍କୁ ନିବୃତ୍ତ କରାଇପାରିନାହାନ୍ତି । ଏହାହିଁ ବୋଧହୁଏ ତାଙ୍କ ଜୀବନର ଏକ ପ୍ରଧାନ ବିଶେଷତ୍ୱ । ଜୀବନର ଯାତ୍ରାପଥରେ ପ୍ରତିକୂଳ ଆଶଙ୍କା କରି ସଭିଏଁ ଯୁଆଡ଼େ ଯିବାପାଇଁ ଅମଙ୍ଗ ହୁଅନ୍ତି, ନିଜ ବିବେକର ଆହ୍ୱାନରେ ସେହିପଟେ ହିଁ ବାରମ୍ବାର ଯାଇଛନ୍ତି ନନ୍ଦିନୀ । ସେ ପ୍ରଥମରୁ ଭାବି ନେଇଥିଲେ ଯେ, ଏ ସମାଜର ଅନ୍ଧାରୁଆ ଦିଗଟିରେ ଯେଉଁସବୁ ସତ୍ୟ ଲୁକ୍କାୟିତ ରହିଅଛି, ସେହି ସତ୍ୟକୁ ତାଙ୍କୁ ହିଁ ଉଦ୍‌ଘାଟିତ କରିବାକୁ

Digitized by PPRACHIN, SOA

ପଡ଼ିବ । ଭାରତବର୍ଷର ପ୍ରାକ୍ ସ୍ୱାଧୀନତା କାଳରେ ତୀବ୍ର ସାମାଜିକ ରକ୍ଷଣଶୀଳତାର ମୁଖା ଖୋଲିଦେଇ ସେ ନିଜକୁ ପ୍ରତିପାଦିତ କରିଛନ୍ତି ଜଣେ ବ୍ୟକ୍ତି ଭାବରେ । ନିଜକୁ ଜଣେ ନାରୀ ଭାବରେ ନୁହେଁ, ଅଧିକନ୍ତୁ ନନ୍ଦିନୀ ଶତପଥୀ ଭାବରେ ସାରା ଭାରତବର୍ଷରେ ପରିଚିତା କରି ସେ ନାରୀତ୍ୱର ଅପରିସୀମ ଶକ୍ତି ବିଷୟରେ ସମାଜକୁ ସୂଚେଇ ଦେଇଛନ୍ତି । ବାପା ଚାହିଁଥିଲେ ଝିଅ ଭଲ ଡାକ୍ତର ହେଉ, କିନ୍ତୁ ସେ ଜଣେ ରାଷ୍ଟ୍ରନୀତିଜ୍ଞା ଭାବରେ ସର୍ବଜନବିଦିତ । ଏଥିପାଇଁ ଯେ ତାଙ୍କୁ ଲାଞ୍ଛନା ସହିବାକୁ ପଡ଼ିନି, ତାହା ନୁହେଁ । ଅନେକ ମାନ ଅପମାନକୁ ଅତିକ୍ରାନ୍ତ କରି ସେ ତାଙ୍କ ଲକ୍ଷ୍ୟସ୍ଥଳରେ ପହଞ୍ଚିଛନ୍ତି ।

ଥରକର କଥା । ସେତେବେଳେ ନନ୍ଦିନୀ କମ୍ୟୁନିଷ୍ଟ ପାର୍ଟିରେ କାମ କରୁଥାନ୍ତି । ସେ ତାଙ୍କ କାର୍ଯ୍ୟରେ ଏତେ ମଜ୍ଜି ଯାଇଥାନ୍ତି ଯେ, ରାତି ଦିନ କ'ଣ ଜାଣିପାରନ୍ତିନି । ଦିନବେଳା ବିଭିନ୍ନ କଲେଜରେ କମ୍ୟୁନିଷ୍ଟମାନଙ୍କର କ୍ଲାସ୍ ନିଅନ୍ତି, ସଭା କରନ୍ତି ଏବଂ ରାତିରେ କମ୍ୟୁନିଷ୍ଟ ପାର୍ଟିର ସ୍ଲୋଗାନ୍ ଲେଖାଥିବା ପୋଷ୍ଟର ଚାରିଆଡ଼େ ଲଗାନ୍ତି । ସେଦିନ ରାତିରେ ସେଇଭଳି ପୋଷ୍ଟର ଲଗାଇବାକୁ ଗଙ୍ଗାଧର ରଥଙ୍କ ଶଳା ବୁଢ଼ାବାବୁ, ଲକ୍ଷ୍ମଣ ମଲ୍ଲିକ, ଦେବେନ୍ଦ୍ର ଶତପଥୀ ପ୍ରମୁଖ ଯାଇଥାନ୍ତି । ଏହି ପୋଷ୍ଟର ମାରିବା ବିଷୟରେ ସେ କହୁଥିଲେ, "ଦିନେ ପୋଷ୍ଟର ମାରି ବୁଢ଼ାର ମୋର ତା' ସାଇକେଲରେ ଫେରୁଛୁ, ଚାରିଛଅ ଜଣ ଗୁଣ୍ଡା ଆମକୁ ଅଟକାଇ ମୋତେ ପିଟିଲେ । ମୁଁ ମୁଣ୍ଡକୁ ତଳକୁ କରି ବସିପଡ଼ିଲି । ସେମାନେ ବୁଢ଼ାକୁ ବି ଧରିପକେଇଲେ । ଶନିଆ ବାରିକ ବୋଲି ଜଣେ ଲୋକ ଆମ ଘରକୁ ଯାଏ ନଖ କାଟିବାକୁ । ତା' ଘରଟି ସେଇ ପାଖରେ । ମୋତେ ସେମାନେ ପିଟୁଥାଆନ୍ତି । ମୁଁ ଉପାୟ ନ ପାଇ ଖୁବ୍ ଜୋରରେ ପାଟି କଲି । ମୋ ପାଟି ଶୁଣି ଶନିଆ ବାରିକ, ତା' ପିଲାଛୁଆ ଓ ସେ ସାହିର ସବୁ ଲୋକ ଦୌଡ଼ି ଆସିଲେ । ତାଙ୍କୁ ଦେଖି ଗୁଣ୍ଡାମାନେ ଛାଟିପିଟି ହୋଇ ପଳେଇଲେ । ମୁଁ ଘରକୁ ନ ଫେରିବା ପର୍ଯ୍ୟନ୍ତ ବାପା ଲେଖାଲେଖି କରୁଥିବେ, ମୁଁ ଆସିଲେ କବାଟ ଫିଟେଇବେ । ମୋତେ ସେଦିନ ଗୋଟେ ଖୁବ୍ ଭୟ ହୋଇଯାଇଥିଲା । ମୋ ମୁହଁ ବି ଶୁଖି ଯାଇଥାଏ । ରାତି ଦୁଇଟାରେ ଯେତେବେଳେ ଘରକୁ ଫେରିଲି, ବାପା ମୋତେ ଦେଖି ପଚାରିଲେ, 'କ'ଣ ହେଲା ?' ମୁଁ କହିଲି ମୋତେ ବାଡ଼େଇଲେ । ବାପା କହିଲେ, 'ତୁ ବୀରେନ୍ ମିତ୍ର ବିରୁଦ୍ଧରେ ଏଜିଟେସନ କରିବୁ, ସେମାନେ ବାଡ଼େଇବେନି ? ତୁ କ'ଣ ଡରିଗଲୁ କି ? ଯା, ଖାଇପିଇ ଶୋଇବୁ ।' ସେହିସବୁ ସମୟ ମୋ ପାଇଁ ଭୟଙ୍କର ସଂଗ୍ରାମର ଦିନ ଥିଲା ।" ଏହିଭଳି କମ୍ୟୁନିଷ୍ଟ ପାର୍ଟିର ପୋଷ୍ଟର ମାରିବା ସମ୍ପର୍କରେ ବିଶିଷ୍ଟ ଶିକ୍ଷକ ନେତା ଶ୍ରୀ ଅବନୀ ବରାଳ କୁହନ୍ତି, 'ସେତେବେଳେ ଆମେ ପାର୍ଟିର ବିଭିନ୍ନ କାର୍ଯ୍ୟକ୍ରମ ନିମନ୍ତେ

Digitized by PPRACHIN, SOA

ବିଳମ୍ବିତ ରାତି ପର୍ଯ୍ୟନ୍ତ ସାଙ୍ଗହୋଇ ପୋଷ୍ଟର ମାରୁ । ବେଳେବେଳେ ଉଚ୍ଚ ସ୍ଥାନମାନଙ୍କରେ ପୋଷ୍ଟର ମାରିବା ଦରକାର ପଡ଼ିଲେ ମୁଁ ଆଣ୍ଠେଇପଡ଼େ, ମୋ ପିଠି ଉପରେ 'କୁନିନାନୀ' (ନନ୍ଦିନୀ) ଠିଆହୋଇ ପୋଷ୍ଟର ଲଗାନ୍ତି । ଏହିପରି ଅନେକଥର ହୋଇଛି ।'

ବର୍ଷକ ଭିତରେ ସ୍ୱାମୀ ଏବଂ ବାପାଙ୍କର ମୃତ୍ୟୁ ତାଙ୍କ ଜୀବନରେ ଘୋର ଆଲୋଡ଼ନ ସୃଷ୍ଟି କରିଥିଲା । ତଥାପି ସେ ନିଜ କର୍ତ୍ତବ୍ୟ ପଥରୁ ଓହରି ଯାଇନଥିଲେ । ଯେତେ ସଙ୍କଟ ଆସିଲେ ମଧ୍ୟ ସେ ସେହି ପଥରେ ଦୁର୍ବାର ଗତିରେ ଚାଲିବାକୁ ପଶ୍ଚାତ୍‌ପଦ ହେଉନଥିଲେ । ଏହି ସମୟଟି ଥିଲା ତାଙ୍କ ପାଇଁ ଏକ ଅଗ୍ନି ପରୀକ୍ଷାର ବେଳ । ୧୯୯୨ ମସିହା ନଭେମ୍ବର ମାସର ଘଟଣା । ସେତେବେଳେ ଢେଙ୍କାନାଳ ଲୋକସଭା ନିର୍ବାଚନ ମଣ୍ଡଳୀ ପାଇଁ ଉପନିର୍ବାଚନ କରାଯାଉଥିଲା । ଏହା ପୂର୍ବରୁ ୧୯୯୧ ମସିହା ମାର୍ଚ୍ଚ ମାସରେ ଦେଶରେ ସାଧାରଣ ନିର୍ବାଚନବେଳେ ସେଠାରେ ଜଣେ ପ୍ରାର୍ଥୀଙ୍କର ମୃତ୍ୟୁ ହେବାରୁ ନିର୍ବାଚନକୁ ସ୍ଥଗିତ ରଖାଯାଇଥିଲା । ପୂର୍ବରୁ ଏଠାରେ ତତ୍‌କାଳୀନ ରାଜା ଶଙ୍କର ପ୍ରତାପ ସିଂହଦେଓଙ୍କ ପୁତ୍ର ବ୍ରିଗେଡିୟର କାମାକ୍ଷା ପ୍ରସାଦ ସିଂହଦେଓ ପ୍ରତିନିଧିତ୍ୱ କରୁଥିଲେ । ଏଥରକ ମଧ୍ୟ ସେ କଂଗ୍ରେସ ଦଳରୁ ଲୋକସଭା ପାଇଁ ପ୍ରାର୍ଥୀ ହୋଇଥିଲେ । ଅନ୍ୟାନ୍ୟ ଦଳରୁ ଏବଂ ସ୍ୱାଧୀନ ଭାବରେ ଯେଉଁମାନେ ପ୍ରାର୍ଥୀ ହୋଇଥିଲେ ସେମାନଙ୍କ ସ୍ଥିତି କାମାକ୍ଷାବାବୁଙ୍କ ପାଖରେ ଅତ୍ୟନ୍ତ ଦୁର୍ବଳ ଥିଲେ ବି, ତାଙ୍କର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଥିଲେ ନନ୍ଦିନୀଙ୍କ କନିଷ୍ଠ ପୁତ୍ର ତଥା ଜନତା ଦଳର ପ୍ରାର୍ଥୀ ଶ୍ରୀଯୁକ୍ତ ତଥାଗତ ସତପଥୀ । ତଥାଗତବାବୁ ସେତେବେଳେ ଢେଙ୍କାନାଳ ସଦର ନିର୍ବାଚନ ମଣ୍ଡଳୀରୁ ବିଧାନସଭାକୁ ପ୍ରତିନିଧିତ୍ୱ କରୁଥାଆନ୍ତି । ସେ ଜନତା ଦଳରୁ ଦଳୀୟ ଟିକଟ ପାଇ ଠିଆ ହୋଇଥିଲେ ମଧ୍ୟ ଢେଙ୍କାନାଳ ରାଜନୀତିରେ ଶତପଥୀ ପରିବାରର ଏକ ଅଖଣ୍ଡ ପ୍ରଭାବ ରହିଆସିଛି । କାରଣ ଏହା ପୂର୍ବରୁ ଦେବେନ୍ଦ୍ର ଶତପଥୀ ୧୯୭୧ ମସିହାରେ କଂଗ୍ରେସ ଟିକଟରେ ଏବଂ ୧୯୭୭ ମସିହାରେ କଂଗ୍ରେସ ଫର ଡେମୋକ୍ରାସୀ ଦଳର ଟିକଟରେ କାମାକ୍ଷା ପ୍ରସାଦଙ୍କୁ ଦୁଇ ଦୁଇଥର ହରାଇ ଲୋକସଭାକୁ ନିର୍ବାଚିତ ହୋଇଥିଲେ । ନନ୍ଦିନୀ ମଧ୍ୟ ଢେଙ୍କାନାଳ ସଦର ନିର୍ବାଚନ ମଣ୍ଡଳୀରୁ କେ.ପି. ସିଂହଦେଓଙ୍କୁ ହରାଇ ବିଧାନସଭାକୁ ନିର୍ବାଚିତା ହୋଇଥିଲେ । ୧୯୮୦ ମସିହାରେ ଯେତେବେଳେ ସାଧାରଣ ନିର୍ବାଚନ ହେଲା ସେତେବେଳେ ଦେବେନ୍ଦ୍ରବାବୁ ଏବଂ ନନ୍ଦିନୀ କେହି କଂଗ୍ରେସରେ ନଥିଲେ । ସେହି ସମୟରେ କେ.ପି. କଂଗ୍ରେସରେ ମିଶିଗଲେ । ଦେବେନ୍ଦ୍ରବାବୁ ତ ଏମ୍.ପି. ଥାଆନ୍ତି । କେ.ପି. ସିଂହଦେଓ ଏବଂ ତାଙ୍କ ଶ୍ୱଶୁର ପି.କେ. ଦେଓ ଯାଇ ତାଙ୍କୁ ପଚାରିଲେ ଯେ, ଆପଣ ଏଥରକ ନିର୍ବାଚନ ଲଢ଼ିବେ କି ନାହିଁ ? ସେ ମନା କରିଦେଲେ । ନନ୍ଦିନୀ ମଧ୍ୟ ସେଠାରେ ଥିଲେ ।

Digitized by PPRACHIN, SOA

ପି.କେ. ଦେଓ ତାଙ୍କୁ ବି ପଚାରିଥିଲେ । ଦୁଇଜଣଯାକ ମନା କରିଦେବା ପରେ ସେ କହିଲେ, ତାହେଲେ ଆପଣମାନଙ୍କର ଆଶୀର୍ବାଦ ରହିଲା । ସେହି ନିର୍ବାଚନରେ କେ.ପି. ସିଂହଦେଓ, ଦେବେନ୍ଦ୍ରବାବୁ ଏବଂ ନନ୍ଦିନୀଙ୍କର ଆଶୀର୍ବାଦ ନେଇ ନିର୍ବାଚନ ଲଢ଼ିଲେ ଏବଂ ଜିତିଲେ । ସେ ନିର୍ବାଚନରେ ଏ ଦୁଇଜଣଯାକ ଥରୁଟିଏ ବି ଢେଙ୍କାନାଳ ଯାଇନଥିଲେ ।

ଏହି ସୁଯୋଗରେ କେ.ପି. ସିଂହଦେଓ ଢେଙ୍କାନାଳ ଲୋକସଭା ଆସନଟି ନିଜ ଅକ୍ତିଆରକୁ ନେଇ ଯାଇଥିଲେ । ଏହା ପୂର୍ବରୁ ନନ୍ଦିନୀ ଏବଂ ତାଙ୍କ ପରିବାର ସମସ୍ତଙ୍କର ରାଜାମାନଙ୍କ ପ୍ରତି ଖୁବ୍ ନାପସନ୍ଦ ଭାବ ଥିଲା । ଶୁଣାଯାଏ ଢେଙ୍କାନାଳ ରାଜା ଥିଲେ ସବୁଠୁ ଅତ୍ୟାଚାରୀ । ସେଥିପାଇଁ ନନ୍ଦିନୀ ଢେଙ୍କାନାଳର ବୋହୂ ହେବା ପରଠାରୁ ରାଜାଙ୍କ ଅତ୍ୟାଚାରରୁ ଲୋକମାନଙ୍କୁ ମୁକ୍ତ କରିବା ପାଇଁ ତଥା ଢେଙ୍କାନାଳ ପରି ଗୋଟିଏ ଅନୁନ୍ନତ ଜିଲ୍ଲାର ସକଳ ଉନ୍ନତି ନିମନ୍ତେ ପ୍ରାଣପଣେ ଚେଷ୍ଟା କରିଆସୁଥିଲେ । ତା'ଛଡ଼ା ନନ୍ଦିନୀଙ୍କ କକେଇ ଭଗବତୀ ପାଣିଗ୍ରାହୀ ଏବଂ ସ୍ୱାମୀ ଦେବେନ୍ଦ୍ର ଶତପଥୀ ଢେଙ୍କାନାଳର ଗଡ଼ଜାତ ପ୍ରଜା ଆନ୍ଦୋଳନରେ ଭାଗନେଇ ଅନେକ କାମ କରିଥିଲେ । ଯାହାଫଳରେ ଢେଙ୍କାନାଳବାସୀଙ୍କର ଶତପଥୀ ପରିବାର ପ୍ରତି ବିଶେଷ ସ୍ନେହ ଶ୍ରଦ୍ଧା ରହିଆସିଛି । ତେଣୁ ଏହି ନିର୍ବାଚନରେ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱିତା ଥିଲା ରାଜା ପରିବାର ଏବଂ ଶତପଥୀ ପରିବାର ମଧ୍ୟରେ । କିନ୍ତୁ ନନ୍ଦିନୀଙ୍କ ପାଇ ଅସୁବିଧାଟା ଥିଲା ଯେ, ସେ କଂଗ୍ରେସ ପାର୍ଟିରେ ଥିବାବେଳେ ପୁଅ ତଥାଗତ ଥିଲେ ଜନତା ଦଳରେ । ଆଉ କେ.ପି. ସିଂହଦେଓ କଂଗ୍ରେସ ପାର୍ଟି ଟିକେଟରେ ଲଢୁଥିଲେ । ନନ୍ଦିନୀ କିନ୍ତୁ କଂଗ୍ରେସ ବିରୋଧୀ ନଥିଲେ, ସେ ଥିଲେ ପ୍ରକୃତରେ ରାଜା ବିରୋଧୀ । ସେ ନିଜ ଚେଷ୍ଟାରେ ସେଠାରେ ରାଜାଙ୍କୁ ଦୀର୍ଘଦିନ ଧରି କ୍ଷମତା ରାଜନୀତିରୁ ଦୂରେଇ ରଖିଥିଲେ, ଆଉ ଭାବିଥିଲେ ଯେ, ପରବର୍ତ୍ତୀ ସମୟରେ ଢେଙ୍କାନାଳରେ ନୂତନ ନେତୃତ୍ୱ ସୃଷ୍ଟିହୋଇ ରାଜାଙ୍କୁ କୌଣସିମତେ କ୍ଷମତା ଦଖଲ କରିବାକୁ ଦେବେନାହିଁ । କିନ୍ତୁ ଢେଙ୍କାନାଳରେ କେ.ପି.ଙ୍କ ସଙ୍ଗେ ଟକ୍କର ଦେଲାଭଳି ନେତାଙ୍କର ସୃଷ୍ଟି ହୋଇନଥିଲା ବରଂ ତାଙ୍କ ସ୍ଥିତି କ୍ରମଶଃ ସୁଦୃଢ଼ ହେବାରେ ଲାଗିଥିଲା । ଏପରି ପରିସ୍ଥିତିରେ ସେ ନିଜେ ଯାଇ ମଧ୍ୟ ଦଳୀୟ ବ୍ୟକ୍ତିଙ୍କ ବିରୁଦ୍ଧରେ ପ୍ରଚାର କରିବା ସମ୍ଭବ ନଥିଲା । ଅନ୍ୟପକ୍ଷରେ ରାଜା ଜିତିଗଲେ ଢେଙ୍କାନାଳବାସୀ ପୁଣି ଯେଉଁ ତିମିରେ କୁ ସେଇ ତିମିରେ ।

ଏଣୁ ମାରିଲେ ଗୋ ହତ୍ୟା, ତେଣୁ ମାରିଲେ ବ୍ରହ୍ମହତ୍ୟା । ଏହିପରି ଏକ ଦ୍ୱନ୍ଦ୍ୱରେ ପଡ଼ି ସେ ଢେଙ୍କାନାଳକୁ ଆଦୌ ଯିବେନାହିଁ ବୋଲି ନିଷ୍ପତ୍ତି କଲେ । ଭୁବନେଶ୍ୱରରେ ରହିଲେ ସିନା, କିନ୍ତୁ ମନଟା ଥାଏ ଢେଙ୍କାନାଳରେ । ସମରବାଦ୍ୟ ଶୁଣି ବିପ୍ଲବିଣୀ କ'ଣ ଚୁପ୍ ହୋଇ ରହିପାରେ ? ନିଜ ଭିତରେ ତାଙ୍କର ସ୍ୱାଭିମାନର ବହ୍ନି ଜଳିଉଠିଥିଲା ।

Digitized by PPRACHIN, SOA

ହେଲେ ନିଜେ ନିଜକୁ ଦେଇଥିବା ପ୍ରତିଶ୍ରୁତିକୁ ଭାଙ୍ଗି ପାରିଲେନି । ସେଇ ଦ୍ୱନ୍ଦ୍ୱ ସଂଘାତ ମଧ୍ୟରେ ସେ ଭୀଷଣ ଶାରୀରିକ ଅସୁସ୍ଥତାରେ ପଡ଼ି ରାଜଧାନୀ ଡାକ୍ତରଖାନାରେ ଭର୍ତ୍ତିହେଲେ । ସେଠାରେ ବିଶିଷ୍ଟ ହୃଦ୍‌ରୋଗ ବିଶେଷଜ୍ଞ ଡାକ୍ତର ପ୍ରମୋଦ ଆଚାର୍ଯ୍ୟ ଏବଂ ଡାକ୍ତର ମୂର୍ତ୍ତି ତାଙ୍କୁ ଦେଖୁଥାନ୍ତି । ସବୁଆଡ଼େ କିନ୍ତୁ ପ୍ରଚାର ଚାଲିଥାଏ ଯେ, ନନ୍ଦିନୀ ଶତପଥୀ ନିଜ ପୁଅ ତଥାଗତବାବୁଙ୍କ ପାଇଁ ନିର୍ବାଚନ ପ୍ରଚାର କରୁଛନ୍ତି । ଏତିକିବେଳେ ଅଖିଳ ଭାରତ କଂଗ୍ରେସ କମିଟି ପକ୍ଷରୁ ଓଡ଼ିଶାର ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିଲେ କେନ୍ଦ୍ର ସ୍ୱରାଷ୍ଟ୍ର ବିଭାଗର ରାଷ୍ଟ୍ରମନ୍ତ୍ରୀ ଶ୍ରୀଯୁକ୍ତ ଏମ୍.ଏମ୍. ଜାକୋବ । ତାଙ୍କ ନିକଟରେ ମଧ୍ୟ କିଛି କଂଗ୍ରେସୀ ନେତା ଏହି ଅଭିଯୋଗଟି କରିଥିଲେ । ତେବେ ଜାକୋବ୍ ମହାଶୟ କେଉଁ ସୂତ୍ରରୁ ଜାଣିପାରିଲେ ଯେ, ନନ୍ଦିନୀଦେବୀ କ୍ୟାପିଟାଲ୍ ହସ୍ପିଟାଲର ଆଇ.ସି.ୟୁ.ରେ ରହି ଚିକିତ୍ସିତ ହେଉଛନ୍ତି । ସେତେବେଳକୁ ନିର୍ବାଚନ ଆଉ ମାତ୍ର ଦୁଇ ଚାରିଦିନ ବାକି ଥାଏ । ଦିନେ ଅପ୍ରତ୍ୟାଶିତ ଭାବରେ ସକାଳ ଦଶଟା ସମୟରେ ଶ୍ରୀଯୁକ୍ତ ଜାକୋବ୍ ନନ୍ଦିନୀଙ୍କୁ ଦେଖିବା ପାଇଁ କ୍ୟାପିଟାଲ ହସ୍‌ପିଟାଲରେ ଆସି ପହଞ୍ଚିଗଲେ । ନନ୍ଦିନୀଙ୍କ ଶଯ୍ୟା ନିକଟରେ ଅଧଘଣ୍ଟାଏ ପର୍ଯ୍ୟନ୍ତ ବସି ତାଙ୍କ ସ୍ୱାସ୍ଥ୍ୟ ବିଷୟରେ ବୁଝାବୁଝି କଲେ । ଗଲାବେଳକୁ ଏତିକି କହିଗଲେ ଯେ, 'ମୁଁ ବୁଝିପାରୁଛି ଆପଣଙ୍କ ମନର ଅବସ୍ଥାକୁ ।'

ନିର୍ବାଚନ ସରିଲା । ତଥାଗତବାବୁଙ୍କୁ ପ୍ରାୟ ଚାଳିଶ ହଜାର ଭୋଟ୍ ବ୍ୟବଧାନରେ ପରାସ୍ତ କରି କେ.ପି. ସିଂହଦେଓ ନିର୍ବାଚନ ଜିତିଲେ । ସେତେବେଳେ ଅବଶ୍ୟ ତଥାଗତବାବୁଙ୍କୁ ହରେଇବା ପାଇଁ ରାଜ୍ୟ କଂଗ୍ରେସର ବହୁ ତୁଙ୍ଗ ନେତାମାନେ ଲାଗିପଡ଼ିଥିଲେ । ଏପରିକି ପ୍ରଧାନମନ୍ତ୍ରୀ ନରସିଂହ ରାଓ ମଧ୍ୟ ପୂର୍ବ ପରମ୍ପରା ଭଙ୍ଗକରି ସେହି ନିର୍ବାଚନରେ କେ.ପି.ଙ୍କ ପାଇଁ ପ୍ରଚାର କରିବାକୁ ଆସିଥିଲେ । ତା'ଛଡ଼ା ସେ ସମୟରେ ଚର୍ଚ୍ଚା ହୋଇଥିଲା ଯେ, ସେଇ ଜନତା ଦଳର କିଛି ନେତା ବି ତଥାଗତବାବୁଙ୍କ ଆବିର୍ଭାବକୁ ଡରି ଭିତିରିଆ ତାଙ୍କ ବିରୁଦ୍ଧରେ କାର୍ଯ୍ୟ କରିଥିଲେ । ଏ ସମସ୍ତ ସତ୍ତ୍ୱେ ଯଦି ଏକମାତ୍ର ନନ୍ଦିନୀ ଦୁଇଟି ଦିନ ଢେଙ୍କାନାଳରେ ତଥାଗତବାବୁଙ୍କ ସପକ୍ଷରେ ପ୍ରଚାର କରିଥାଆନ୍ତେ, ତେବେ ସୁନିଶ୍ଚିତ କେ.ପି. ସିଂହଦେଓ ଯେତିକି ଭୋଟ୍ ବ୍ୟବଧାନରେ ଜିତିଲେ, ସେତିକି କିମ୍ବା ତା'ଠାରୁ ଅଧିକ ଭୋଟ୍ ବ୍ୟବଧାନରେ ହାରିଥାନ୍ତେ । କିନ୍ତୁ ଦୃଢ଼ମନା ନନ୍ଦିନୀ ଥରେ ଯେଉଁ ନିଷ୍ପତ୍ତି ନିଅନ୍ତି, ଶତ ବାଧା ସତ୍ତ୍ୱେ ବି ସେଥିରୁ ଓହରନ୍ତି ନାହିଁ । ଏହା ତାଙ୍କ ଜୀବନର ଅନ୍ୟ ଏକ ବ୍ୟତିକ୍ରମ । ଜୀବନର ଶେଷ ପର୍ଯ୍ୟନ୍ତ ଏହିପରି ବହୁ କଣ୍ଟକିତ ପଥ ଅତିକ୍ରାନ୍ତ କରିଥିଲେ ବି ନିଜ ଆଦର୍ଶରୁ ସେ ତିଳେହେଲେ ବିଚ୍ୟୁତ ହୋଇନଥିଲେ ।

⁂

Digitized by PPRACHIN, SOA

ନାରୀ ନୁହେଁ ବ୍ୟକ୍ତି

ନାରୀ—ନାରୀ ନୁହେଁ; ସେ ବ୍ୟକ୍ତି, ସେ ମଣିଷ । ଏହି କଥାଟିକୁ ବାରମ୍ବାର ବିଭିନ୍ନ ସଭାସମିତିରେ, ଖବରକାଗଜରେ, ଟି.ଭି, ରେଡିଓରେ ଏବଂ ଦୈନନ୍ଦିନ ତାଙ୍କ ସଂସ୍ପର୍ଶରେ ଆସୁଥିବା ବ୍ୟକ୍ତିମାନଙ୍କୁ, ବିଶେଷକରି ନାରୀମାନଙ୍କୁ ତାଗିଦ୍ କରି ନନ୍ଦିନୀ ଚେତାଇ ଦେଉଥିଲେ । ଏହା କେବଳ କଥାରେ ନୁହେଁ, କାର୍ଯ୍ୟରେ କରି ମଧ୍ୟ ଅନେକବାର ପ୍ରମାଣିତ କରିଥିଲେ । ମନୁସଂହିତାରେ କୁହାଯାଇଥିବା 'ବିନାଶ୍ରୟେ ନ ବର୍ତ୍ତନ୍ତି କବିତା, ବନିତା, ଲତା' କଥାଟିର ସେ ଘୋର ବିରୋଧ କରୁଥିଲେ । ଏତଦ୍‌ବ୍ୟତୀତ ବିଭିନ୍ନ ଶାସ୍ତ୍ରରେ ନାରୀକୁ ଅବଳା ଦୁର୍ବଳା ବୋଲି ଯେଉଁ ଚିତ୍ରଣ କରାଯାଇଛି, ତା' ଉପରେ ମଧ୍ୟ ନନ୍ଦିନୀ ଘୋର ଆପତ୍ତି ଉଠାଉଥିଲେ । ସତରେ ! ନାରୀ କେବେ ବି ଦୁର୍ବଳା ନଥିଲା, ଏବେ ବି ନୁହେଁ, ଆଉ ଭବିଷ୍ୟତରେ କେବେ ବି ଦୁର୍ବଳା ହୋଇ ରହିବନାହିଁ; ଏହା ସାମୟିକ ଭାବରେ ଗ୍ରହଣଯୋଗ୍ୟ ନ ହେଲେ ବି ସମ୍ପୂର୍ଣ୍ଣ ସତ୍ୟ । କିଛି ନାରୀ ମୁହଁରେ, ଓଠରେ ନାଲି ନୀଳ ରଙ୍ଗ ବୋଳି, ଅର୍ଦ୍ଧନଗ୍ନ ପୋଷାକ ପିନ୍ଧି, ବଜାର ବୁଲି ଆଧୁନିକତା ବୋଲି ଦେଖାଇ ହୁଅନ୍ତି; ଅବଶ୍ୟ ରୂପରେ ଆଧୁନିକ ହେବା କିଛି ଖରାପ କଥା ନୁହେଁ, କିନ୍ତୁ ଏଇଟା ଏକ ଦୁର୍ବଳ ମସ୍ତିଷ୍କର ରଗ୍‌ଣ ମାନସିକତା ନ ପାଲଟୁ । ଆଧୁନିକତାର ମାନେ ନୁହେଁ ନିଜର ରୂପକୁ ସଜେଇ କେବଳ ଅନ୍ୟମାନଙ୍କର, ବିଶେଷକରି ପୁରୁଷମାନଙ୍କର ଦୃଷ୍ଟି ଆକର୍ଷଣ କରିବା । ଆଧୁନିକତା ମନରେ ବି ଆସିବା ଦରକାର । ବିଦ୍ୟା, ବୁଦ୍ଧି, ଗୁଣରେ ଆଧୁନିକତା ଆସିଲେ ତାହା ସମାଜର ହିତରେ ଲାଗିବ । ନାରୀଟିଏ ଯେକୌଣସି କାର୍ଯ୍ୟ କରୁ, ତା'ର କାର୍ଯ୍ୟ ଓ କଥାରେ ଶାଳୀନତା ରହିବା ବାଞ୍ଛନୀୟ ।

'ସ୍ୱାଧୀନତାର ପଚାଶ ବର୍ଷ ପରେ ଭାରତୀୟ ନାରୀ' ଶୀର୍ଷକରେ ନନ୍ଦିନୀ କହିଥିଲେ, "ଆମ ଦେଶ ସ୍ୱାଧୀନତା ପାଇବାର ପଚାଶ ବର୍ଷ ହୋଇଗଲା । ଏହି ବର୍ଷଟିକୁ

Digitized by PPRACHIN, SOA

ଦେଶସାରା ମହା ସମାରୋହରେ ପାଳନ କରାଯାଉଛି । ମଣିଷ ଅର୍ଦ୍ଧଶତାବ୍ଦୀ ବଞ୍ଚି ରହିବା ପରେ ପଛକୁ ଚାହିଁ ଏତେବର୍ଷ କ'ଣ କଲା, କେତେ ଭୁଲ ବା କେତେ ଠିକ୍ କଲା, ତାହା ବିଚାର କରିବା ସ୍ୱାଭାବିକ କଥା । ଏ ବିଚାର ମନ ଭିତରେ ହୁଏ । ନିଜର ଦୋଷଗୁଣ ଜାଣି ଆପଣାର ମୂଲ୍ୟବୋଧ ଅନୁସାରେ ଯାହାସବୁ ଭୁଲ କରିଯାଇଛି, ସେଗୁଡ଼ିକୁ ସୁଧାରିବା ପାଇଁ ଯତ୍ନ କରେ । ସବୁ ମଣିଷ ଏକଥା କରନ୍ତି ନାହିଁ । ଯେଉଁମାନଙ୍କର ବିଚାରବୁଦ୍ଧି ଅଛି ଏବଂ କିଛି ମୂଲ୍ୟବୋଧ ଅଛି, ସେହିମାନେ ହିଁ ଏଭଳି କରିଥାଆନ୍ତି । ସେମାନଙ୍କର ସଂଖ୍ୟା ମୁଷ୍ଟିମେୟ ହେଉପଛେ, ସେଇ ଲୋକଙ୍କ ଚିନ୍ତାଧାରାରୁ ସାଧାରଣ ଲୋକଙ୍କୁ ଏକ ଦିଗ୍‌ଦର୍ଶନ ମିଳିଥାଏ । ପ୍ରକୃତ ଅର୍ଥରେ ସେହିଭଳି ଲୋକମାନେ ହିଁ ଦେଶର ଚିନ୍ତାନାୟକ ଏବଂ ପଥପ୍ରଦର୍ଶକ ରୂପରେ ଗଣା ହୁଅନ୍ତି ।

"ପଚାଶ ବର୍ଷ ପରେ ଅର୍ଥାତ୍, ଦେଶ ଲୋକେ ବ୍ରିଟିଶ କବଳରୁ ଦେଶକୁ ମୁକ୍ତ କରିବା ପରେ ଆଜି ଆମେ ଆଉ ଅର୍ବାଚୀନ ହୋଇ ରହିନାହୁଁ । ପୃଥିବୀର ବିଭିନ୍ନ କ୍ଷେତ୍ରରେ ଯେତେ ପ୍ରକାର ପରିବର୍ତ୍ତନ ହେଉଛି, ତାହାର ପ୍ରଭାବ ଆମ ଉପରେ ନିଶ୍ଚିତ ଭାବରେ ପଡ଼ିବାଟା ସ୍ୱାଭାବିକ । ଏହି ପରିବର୍ତ୍ତନର ସମ୍ମୁଖୀନ ହେଉଛନ୍ତି ଉଭୟ ନାରୀ ଓ ପୁରୁଷ । ପୁରୁଷ ଏବଂ ନାରୀମାନଙ୍କର ଶାରୀରିକ ଗଠନରେ ତଫାତ୍ ଅଛି ନିଶ୍ଚୟ । କିନ୍ତୁ ଉଭୟେ ହେଉଛନ୍ତି ମଣିଷ । ତେଣୁ ଏହି ପଚାଶ ବର୍ଷ ମଧ୍ୟରେ ଯେତେ ଯାହା ଘଟିଗଲା ବା ଘଟୁଛି ସବୁଥିରେ ନାରୀ ଓ ପୁରୁଷ ସମାନ ଭାବରେ ଜଡ଼ିତ । ଆଜି ଯଦି ନାରୀ ସ୍ୱାଧୀନତା ପ୍ରଶ୍ନ ଉଠାଯିବ, ତେବେ ମୁଁ କହିବି କେତେବେଳେ ନାରୀମାନଙ୍କର ସ୍ୱାଧୀନତା ନଥିଲା ? ସ୍ୱାଧୀନତା ସଂଗ୍ରାମରେ ଅସଂଖ୍ୟ ନାରୀ ଅଂଶ ଗ୍ରହଣ କରିଛନ୍ତି । କଂଗ୍ରେସର ସଭାପତି ହୋଇଛନ୍ତି ନେଲି ସେନ୍‌ଗୁପ୍ତା । ସେହିଭଳି ଆନିବେସାନ୍ତ, ଭଗିନୀ ନିବେଦିତା ପ୍ରମୁଖ ଆମ ଦେଶର ସ୍ୱାଧୀନତା ପାଇଁ ଲଢ଼େଇ କରିଛନ୍ତି । ସ୍ୱତନ୍ତ୍ର ଭାବରେ ଏମାନଙ୍କର ନାମ ଉଚ୍ଚାରଣ କରିବାର କାରଣ ହେଉଛି, ଆମ ଦେଶରେ ଜନ୍ମ ନ ହୋଇ ମଧ୍ୟ ଏ ଦେଶକୁ କେତେ ଭଲ ସେମାନେ ପାଉନଥିଲେ ! ଆଉ ଭାରତୀୟ ନାରୀଙ୍କ କଥା । କସ୍ତୁରବା ଗାନ୍ଧୀ, ସରୋଜିନୀ ନାଇଡୁ, ମୀରା ବେନ୍‌ଙ୍କଠାରୁ ଆରମ୍ଭ କରି ଇନ୍ଦିରା ଗାନ୍ଧୀଙ୍କ ପର୍ଯ୍ୟନ୍ତ, ପୁଣି ବଙ୍ଗଳାର ଚିଟାଗଙ୍ଗ ଅସ୍ତ୍ରାଗାର ଲୁଣ୍ଠନ କେଶ୍‌ରେ ଗିରଫ ହୋଇ ଫାଶୀ ପାଇଥିବା ମହିଳାମାନେ ମାତଙ୍ଗିନୀଦେବୀ, ବୀଣା ଦାସ ପ୍ରମୁଖ, ଓଡ଼ିଶାର ରମାଦେବୀ, ମାଳତୀଦେବୀ, ସରଳାଦେବୀ, ଅନ୍ନପୂର୍ଣ୍ଣା ମହାରଣା ଓ ଅସଂଖ୍ୟ ନାରୀ ଏହି ସ୍ୱାଧୀନତା ସଂଗ୍ରାମରେ ଭାଗନେଇ ବହୁ କଷ୍ଟ ବରଣ କରିଛନ୍ତି । ବିଭିନ୍ନ ରାଜ୍ୟମାନଙ୍କରେ ମଧ୍ୟ ବହୁ ନାରୀ ଏହି ଲଢ଼େଇରେ ନାନା ପ୍ରକାରର କଷ୍ଟ ସହ୍ୟ କରିଛନ୍ତି । ଯାହା ଆଜିର ନାରୀମାନଙ୍କ ପକ୍ଷରେ କଳ୍ପନା କରିବା ମଧ୍ୟ ସମ୍ଭବ ନୁହେଁ । ସେମାନଙ୍କୁ କିଏ ସ୍ୱାଧୀନତା ଦେଇଥିଲା ?

Digitized by PPRACHIN, SOA

'ଅସୂର୍ଯ୍ୟଂପଶ୍ୟା' ଜମିଦାର ଘରର ବୋହୂ, ଝିଅ ଏବଂ ବିରାଟ ଧନୀ ଘରର ଉଚ୍ଚଶିକ୍ଷିତା ଝିଅମାନଙ୍କୁ କେଉଁଠୁ ପ୍ରେରଣା ମିଳିଲା, ମଦ ଦୋକାନ ଆଗରେ ସତ୍ୟାଗ୍ରହ କରିବାକୁ ? ଲବଣ ସତ୍ୟାଗ୍ରହରେ ଭାଗ ନେବାପାଇଁ ? ବହୁ ମୂଲ୍ୟବାନ ବିଦେଶୀ ବସ୍ତ୍ର ସବୁ ଜାଳି ଦେବାକୁ ? କମଳା ନେହେରୁଙ୍କ ଭଳି ସୁନ୍ଦରୀ ଶିକ୍ଷିତା କ୍ଷୀଣାଙ୍ଗୀ ମହିଳାଙ୍କୁ ମୋଟା ଖଦଡ଼ ପିନ୍ଧି ପୁଲିସ ଲାଠି ଆଗରେ ମୁଣ୍ଡ ପତାଇ ଦେବାକୁ ? ବ୍ରିଟିଶ ଜେଲ୍‌ର ନିର୍ଯ୍ୟାତନା ଭିତରେ ମାସ ମାସ ଧରି ସଢ଼ିବା, ସେମାନଙ୍କର ମନୋବଳ, ଅଙ୍ଗୀକାରବଦ୍ଧତା ଏବଂ ଆଦର୍ଶ ସମ୍ମୁଖରେ ସମସ୍ତ କଷ୍ଟ ତୁଚ୍ଛ ହୋଇଯାଇଥିଲା । ଏହି ନାରୀମାନଙ୍କୁ କେହି ସ୍ୱାଧୀନତା ଦେଇନଥିଲେ । ନିଜର ଶକ୍ତି ବଳରେ ଦେଶ ସ୍ୱାଧୀନ ହେବା ପୂର୍ବରୁ ସେମାନେ ନିଜକୁ ସ୍ୱାଧୀନ କରିସାରିଥିଲେ ଏବଂ ଅନ୍ୟମାନଙ୍କୁ ସେମାନଙ୍କ ଆଦର୍ଶରେ ଅନୁପ୍ରାଣିତ କରିପାରିଥିଲେ ।

"ସ୍ୱାଧୀନତା ପାଇବାର ପଚାଶ ବର୍ଷ ପରେ ଅନେକ ପରିବର୍ତ୍ତନ ନିଶ୍ଚୟ ଘଟିଛି । ପରିବର୍ତ୍ତନର ଦୁଇଟି ଦିଗ ଅଛି । ଭଲ ଦିଗରେ ପରିବର୍ତ୍ତନ ଏବଂ ସମାଜ ଉପରେ କୁପ୍ରଭାବ ପକାଇବା ପାଇଁ ପରିବର୍ତ୍ତନ । ଭଲ ଦିଗଟି କଥା ଆଗ ଦେଖିବା । ଏଇ ପଚାଶ ବର୍ଷ ଭିତରେ ବହୁଳ ଭାବରେ ନାରୀଶିକ୍ଷାର ପ୍ରସାର ଘଟିଛି । ଗାଁ ଗାଁରେ ସ୍କୁଲ, ପଞ୍ଚାୟତମାନଙ୍କରେ ଏକାଧିକ କଲେଜ, ଝିଅମାନଙ୍କ ପାଇଁ ପଲିଟେକ୍‌ନିକ୍ ଇତ୍ୟାଦି ଇତ୍ୟାଦି ।

"ଏହି ଅର୍ଦ୍ଧଶତାବ୍ଦୀ ଭିତରେ ଅନେକ ମହିଳା ଶିକ୍ଷୟିତ୍ରୀ, ଅଧ୍ୟାପିକା, ଡାକ୍ତର, ନର୍ସ, ପୁଲିସ, ସେନାବାହିନୀ ପାଇଲଟ୍ ଓ ରାଜନୀତି କ୍ଷେତ୍ରରେ ପ୍ରବେଶ କଲେଣି । ରାଜନୀତିରେ ତ କେତେ ମହିଳା ଏମ୍.ଏଲ୍.ଏ, ଏମ୍.ପି, ମୁଖ୍ୟମନ୍ତ୍ରୀ ଇତ୍ୟାଦି ହୋଇସାରିଲେଣି । ସୁଚେତା କ୍ରିପାଳିନୀଙ୍କଠାରୁ ଆରମ୍ଭ କରି ରାବିଡ଼ିଦେବୀଙ୍କ ପର୍ଯ୍ୟନ୍ତ । ପୁଣି ଏତେବଡ଼ ଦେଶକୁ ସତର ବର୍ଷ କାଳ ଶାସନ କରିଦେଲେ ଜଣେ ମହିଳା ପ୍ରଧାନମନ୍ତ୍ରୀ —ଇନ୍ଦିରା ଗାନ୍ଧୀ । ସାହିତ୍ୟ କ୍ଷେତ୍ରରେ ମହିଳାମାନଙ୍କର ଦକ୍ଷତା ପ୍ରମାଣିତ ହୋଇଯାଇଛି । ଯେହେତୁ ଆମ ଦେଶରେ ଏବଂ ବିଭିନ୍ନ ରାଜ୍ୟମାନଙ୍କରେ ସାହିତ୍ୟ ଏକାଡେମୀମାନ ପ୍ରତିଷ୍ଠା ହୋଇଯାଇଛି ଏବଂ ସେଠାରୁ ଅନେକ ମହିଳାମାନେ ପୁରସ୍କାର ପାଇସାରିଲେଣି । ସେଥିରୁ ପ୍ରମାଣିତ ହୋଇଯାଇଛି, କୌଣସି ଗୋଟିଏ ଦିଗରେ ମଧ୍ୟ ସ୍ତ୍ରୀ ଲୋକମାନେ ପଛରେ ପଡ଼ିଯାଇନାହାନ୍ତି । ମହାଶ୍ୱେତାଦେବୀ ତ ତାଙ୍କର ବିଭିନ୍ନ ପ୍ରକାର ଲେଖା ପାଇଁ ପାଇଲେ ଏବେ ଜ୍ଞାନପୀଠ ପୁରସ୍କାର । ପୁଣି ଜନସେବା କ୍ଷେତ୍ରରେ ତାଙ୍କର ଅପୂର୍ବ ଅବଦାନ ପାଇଁ ମାଗାସେସ୍ ପୁରସ୍କାର ତାଙ୍କୁ ମିଳିଲା । ଖାଲି ଯେ ନିଜ ନିଜ ମାତୃଭାଷାରେ

Digitized by PPRACHIN, SOA

ଲେଖି ସେମାନେ ସମ୍ମାନିତା ହେଉଛନ୍ତି ତାହା ନୁହେଁ, ଇଂରାଜୀ ଭାଷାରେ ଲେଖି ମଧ୍ୟ ସମଗ୍ର ପୃଥିବୀର ପାଠକ ପାଠିକାଙ୍କ ନିକଟରେ ଆଦୃତା ହେଉଛନ୍ତି । ଏବେ ତ ଅରୁନ୍ଧତୀ ରାୟ ତାଙ୍କର ପ୍ରଥମ ଏବଂ ଏକମାତ୍ର ଉପନ୍ୟାସ 'The God of small things' ଇଂରାଜୀରେ ଲେଖି 'ବୁକର' ପ୍ରାଇଜ୍ ଭଳି ଏକ ସମ୍ମାନଜନକ ପୁରସ୍କାର ଲାଭ କରିଛନ୍ତି । ଭାରତର ନାରୀ ବା ପୁରୁଷ କୌଣସି ଲେଖକ ଏହି ପ୍ରାଇଜ୍ ଆଜି ପର୍ଯ୍ୟନ୍ତ ପାଇନାହାନ୍ତି । ଏଭଳି ସମ୍ମାନଜନକ ପୁରସ୍କାର ପ୍ରଥମ କରି ଜଣେ ଭାରତୀୟ ମହିଳା ପାଇବାଟା ଏ ଦେଶର ନାରୀମାନଙ୍କ ପାଇଁ ନିଶ୍ଚିତ ଭାବରେ ଗୌରବର କଥା ।

"ଆଉ ଅଫିସ୍ କଚେରୀ ତଥା ପ୍ରଶାସନର ସବୁ କ୍ଷେତ୍ରରେ ଏଇ ପଚାଶ ବର୍ଷ ଭିତରେ ଅନେକ ନାରୀ ନିଜର ପାରଦର୍ଶିତା ଦେଖାଇ ସାରିଲେଣି । ଏମିତି ତ ଅଫିସ୍‌ରେ କିରାଣି ଠାରୁ ଆରମ୍ଭ କରି ବଡ଼ ହାକିମ ପର୍ଯ୍ୟନ୍ତ କେତେ ମହିଳା କାମ କରୁଛନ୍ତି । ପୁଲିସ ବିଭାଗରେ ମଧ୍ୟ ସେମାନେ ନିଜ ନିଜ ଦକ୍ଷତା ପ୍ରମାଣ କରୁଛନ୍ତି । ଜଣେ କିରଣ ବେଦୀ ଏପରି କାମ କଲେ ଯେ, ଯାହାଫଳରେ ତାଙ୍କୁ ତାଙ୍କର ଅନେକ ସାଥୀ ବିରୋଧ ଓ ହଇରାଣ କରୁଥିଲେ ମଧ୍ୟ ସେ ମାଗାସେସ୍ ପୁରସ୍କାର ପାଇଲେ । ପୁରସ୍କାର ପାଇବାଟା ବଡ଼ କଥା ବୋଲି ମୁଁ ବିଚାର କରେନାହିଁ । କିନ୍ତୁ ଯେଉଁ କେତେକ ନାରୀ ଏହି ପଚାଶ ବର୍ଷ ଭିତରେ ବିଭିନ୍ନ କ୍ଷେତ୍ରରେ ନିଜର ଦକ୍ଷତା ପ୍ରମାଣିତ କରି ଭାରତବର୍ଷକୁ ଗର୍ବବୋଧ କରିବାର ସୁଯୋଗ ଆଣିଦେଲେ ସେମାନେ ସମସ୍ତେ ଆମ ପାଇଁ ନମସ୍ୟା । ଏହିସବୁ ବ୍ୟତୀତ ପରିବେଶ ସୁରକ୍ଷା ପାଇଁ ମେଧା ପାଟେକର ଯେଉଁଭଳି ଏକାଗ୍ରତାର ସହିତ କାର୍ଯ୍ୟ କରିଚାଲିଛନ୍ତି ଏବଂ ସେଥିପାଇଁ ବିଭିନ୍ନ କଷ୍ଟର ସମ୍ମୁଖୀନ ମଧ୍ୟ ହେଉଛନ୍ତି, ତାହା କିଛି କମ୍ ବଡ଼ କଥା ନୁହେଁ । ସେହିଭଳି ଚଳଚ୍ଚିତ୍ର କ୍ଷେତ୍ରରେ ମଧ୍ୟ ନିଜର ଉତ୍କର୍ଷତା ପ୍ରମାଣିତ କରି ନର୍ଗିସ୍ ଏବଂ ଶବାନା ଆଜମୀଙ୍କ ଭଳି ଅଭିନେତ୍ରୀମାନେ ରାଷ୍ଟ୍ରପତିଙ୍କ ଦ୍ୱାରା ରାଜ୍ୟସଭାକୁ ମନୋନୀତ ହୋଇଛନ୍ତି । ଦୀପିକା ଚିଖ୍‌ଲିଆ ଓ ଜୟପ୍ରଦାଙ୍କ ଭଳି ଆଉ କେତେକ ଅଭିନେତ୍ରୀ ମଧ୍ୟ ନିର୍ବାଚନ ଲଢ଼ି ଲୋକସଭାକୁ ଆସିବା ପାଇଁ ସକ୍ଷମ ହୋଇପାରିଛନ୍ତି । ସେମାନଙ୍କର ଲୋକପ୍ରିୟତା ମୁଖ୍ୟତଃ ସେମାନଙ୍କ ଅଭିନୟର ନିପୁଣତା ଉପରେ ନିର୍ଭର କରେ । ଆମର ସୌଭାଗ୍ୟକୁ ଏହି ସମୟ ଭିତରେ ମଦର ଟେରେସାଙ୍କ ଭଳି ବ୍ୟକ୍ତିମାନେ ବିଦେଶରୁ ଆସି ଏ ଦେଶର ଅନାଥ, ଅକ୍ଷମ, ରୋଗୀ, ଶିଶୁ ଏବଂ ନିରାଶ୍ରୟ ଲୋକମାନଙ୍କ ପାଇଁ ବହୁ କାର୍ଯ୍ୟ କରିଦେଇଗଲେ । ଏହିପରି ଭାବରେ ସ୍ୱାଧୀନତାର ଅର୍ଦ୍ଧଶତାବ୍ଦୀ ଭିତରେ କେତେକ ନାରୀ ସବୁକ୍ଷେତ୍ରରେ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି ।

"ଏଥର ଅନ୍ୟ ଦିଗଟି ପ୍ରତି ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରୁଛି । ଏହି ସମୟ ଭିତରେ ନାରୀ ଧର୍ଷଣ, ବଧୂହତ୍ୟା ଇତ୍ୟାଦିର ପରିମାଣ ବିଶେଷ ଭାବରେ ବୃଦ୍ଧି ପାଇଛି ।

Digitized by PPRACHIN, SOA

ପୂର୍ବାପେକ୍ଷା ବର୍ତ୍ତମାନର ନାରୀମାନେ ଅଧିକରୁ ଅଧିକ ପଣ୍ୟଦ୍ରବ୍ୟ ହିସାବରେ ବ୍ୟବହୃତ ହେଉଛନ୍ତି । ଦେଶରେ ବାରଙ୍ଗନାମାନଙ୍କର ସଂଖ୍ୟା ବୃଦ୍ଧି ସଙ୍ଗେ ସଙ୍ଗେ ସେମାନଙ୍କର ସଂଗଠନ ସବୁ ଗଢ଼ାଯାଇଛି । ପୋଷାକ ପରିଚ୍ଛଦ ଏବଂ ସାଜସଜ୍ଜା ଦିଗରେ କିଶୋରୀ, ଯୁବତୀ ଏବଂ ମହିଳାମାନେ ଅଧିକ ମନୋନିବେଶ କରୁଥିବାର ଦେଖିବାକୁ ମିଳୁଛି । ଏହାକୁ ମୁଁ ଖରାପ କଥା ବୋଲି କହୁନାହିଁ । ସେମାନେ ଯୁଗ ସହିତ ପାଦ ପକାଇ ଚାଲୁଛନ୍ତି । କିନ୍ତୁ ଏଇସବୁ କାମରେ ଯେତିକି ସମୟ ଏବଂ ଅର୍ଥ ବ୍ୟୟ କରୁଛନ୍ତି, ସେମାନେ ସେତିକି ଯଦି ଅଧ୍ୟୟନ ବା ସମାଜର ଉପକାର ହେଲାଭଳି ଅନ୍ୟ କୌଣସି ପ୍ରକାର କାମରେ ନିଜର ନିଷ୍ଠା ପ୍ରଦର୍ଶନ କରୁଥାଆନ୍ତେ, ତେବେ ଅସଂଖ୍ୟ ଲୋକ ଉପକୃତ ହୁଅନ୍ତେ । ଯୌତୁକ ପାଇଁ ବଧୂହତ୍ୟାରେ ଶାଶୁମାନେ ମୁଖ୍ୟ ଅଂଶ ଗ୍ରହଣ କରୁଛନ୍ତି । ସେହିପରି ଆଜିର ଶିକ୍ଷା ପ୍ରଣାଳୀରୁ ସମ୍ଭୂତା ବଧୂମାନେ ଶାଶୁମାନଙ୍କ ଉପରେ କିଛି କମ୍ ଅତ୍ୟାଚାର କରୁନାହାନ୍ତି । ଅର୍ଥାତ୍ ଆମର ଶିକ୍ଷା ବ୍ୟବସ୍ଥା ଏବଂ ସାମାଜିକ ଚଳଣୀ ଏପରି ଏକ ଧାରଣା ନେଇଛି, ଯଦ୍ୱାରା ନିଜ ଯୋଗ୍ୟତା ବଳରେ ପ୍ରତିଷ୍ଠିତା ହୋଇଥିବା ନାରୀମାନଙ୍କ ବ୍ୟତୀତ ଏ ଦେଶର କୋଟି କୋଟି ନାରୀ ବର୍ତ୍ତମାନ ମଧ୍ୟ ଅଜ୍ଞାନ ଅନ୍ଧକାରରେ ବୁଡ଼ି ରହିଛନ୍ତି । ଦେଶର ନାରୀ ସମାଜକୁ ଉନ୍ନତ କରିବା ପାଇଁ ଯେ ଯୋଜନା କରା ନ ଯାଉଛି ତାହା ନୁହେଁ, ବିଭିନ୍ନ ନିର୍ବାଚନରେ ନାରୀମାନଙ୍କ ପାଇଁ ଆସନ ସଂରକ୍ଷଣ କରାଯାଇଛି । ପଞ୍ଚାୟତ ଓ ଜିଲ୍ଲା ପରିଷଦମାନଙ୍କରେ, ଗାଁଗଣ୍ଡାର ଅନେକ ନାରୀ ସଂରକ୍ଷିତ ଆସନମାନଙ୍କରୁ ଜିତିଛନ୍ତି । କିନ୍ତୁ ସେମାନଙ୍କ ମଧ୍ୟରୁ କେତେଜଣ ଅଛନ୍ତି, ଯେଉଁମାନେ ପଞ୍ଚାୟତ ବା ଜିଲ୍ଲା ପରିଷଦ ଉଦ୍ଦେଶ୍ୟ ବୁଝନ୍ତି ? ଏମାନଙ୍କ ଭିତରୁ ଅଧିକାଂଶ କିଭଳି ଜବାହର ରୋଜଗାର ଯୋଜନା ଏବଂ ଅନ୍ୟାନ୍ୟ ଗ୍ରାମ୍ୟ ଉନ୍ନୟନ ଯୋଜନାମାନଙ୍କରେ ନିଜେ ବା ନିଜ ଲୋକଙ୍କୁ ଲଗାଇ କାମ କରିବେ, ସେହି ଚିନ୍ତାରେ ରହିଛନ୍ତି । ଅର୍ଥାତ୍ ଉନ୍ନୟନ ଯୋଜନା ଏବଂ ଉଦ୍ଦିଷ୍ଟ କାର୍ଯ୍ୟମାନଙ୍କରୁ କେତେ ଅଧିକ ଅଂଶ ସେମାନଙ୍କ ହାତକୁ ଆସିବ, ତାହା ହିଁ ସେମାନଙ୍କ ଭିତରୁ ଅଧିକାଂଶଙ୍କର ମୁଖ୍ୟ ଉଦ୍ଦେଶ୍ୟ ହୋଇଛି । ଗୋଟିଏ ବାକ୍ୟରେ କହିଲେ ଠିକ୍ ହେବ, ପଚାଶ ବର୍ଷ ମଧ୍ୟରେ ଯେଭଳି ସବୁ ସ୍ତରରେ ଦୁର୍ନୀତି ବ୍ୟାପିଯାଇଛି, ନାରୀମାନେ ମଧ୍ୟ ସେଥିରୁ ମୁକ୍ତ ହୋଇନାହାନ୍ତି । ଶେଷରେ ଏତିକି କୁହାଯାଇପାରେ ଯେ, ପଚାଶ ବର୍ଷ ଭିତରେ ଦେଶର ଉନ୍ନତି ପାଇଁ ଯେତିକି କାମ କରାହୋଇଛି ତାହା ଛପିଯାଇଛି ଦୁର୍ନୀତି, ଅତ୍ୟାଚାର, ବ୍ୟଭିଚାର ଇତ୍ୟାଦିର ବିରାଟ କାୟା ତଳେ । ଅନ୍ୟାନ୍ୟ ସବୁ ଲୁଚିଯାଇଛି । ନାରୀମାନେ ଏଥିରୁ ବାଦ୍ ପଡ଼ିବେ କିପରି ? ସେମାନେ ତ ଏହି ସମାଜର ଏକ ବିଶିଷ୍ଟ ଅଙ୍ଗ !"

Digitized by PPRACHIN, SOA

୧୯୯୭ ମସିହାରେ ସ୍ୱାଧୀନତାର ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଆକାଶବାଣୀ କଟକ କେନ୍ଦ୍ର ଦ୍ୱାରା 'ସ୍ୱାଧୀନତାର ପଚାଶ ବର୍ଷ ପରେ ଭାରତୀୟ ନାରୀ' ଶୀର୍ଷକ ଉପରେ ଏକ ପ୍ରବନ୍ଧ ପାଠ କରାଯାଇଥିଲା । ଏହି ଅବକାଶରେ ନନ୍ଦିନୀଙ୍କ ଉପରୋକ୍ତ ବକ୍ତବ୍ୟଟି କଟକ କେନ୍ଦ୍ରରୁ ସିଧା ପ୍ରସାରିତ ହୋଇଥିଲା । ତାଙ୍କର ଏହି ବକ୍ତବ୍ୟରୁ ସ୍ପଷ୍ଟ ଅନୁମେୟ ଯେ ସମଗ୍ର ଭାରତବର୍ଷରେ ଆଜି ନାରୀର ସ୍ଥାନ କେଉଁଠି । ଭାରତୀୟ ନାରୀ ଆଜି ସର୍ବକ୍ଷେତ୍ରରେ ବିଦ୍ୟମାନ । ଯେଉଁ ସମୟରେ ତୀବ୍ର ରକ୍ଷଣଶୀଳ ମନୋଭାବ ଭାରତୀୟ ନାରୀମାନଙ୍କୁ ଆଚ୍ଛାଦିତ କରି ରଖିଥିଲା, ଠିକ୍ ସେତିକିବେଳେ ଅର୍ଥାତ୍ ଚାଳିଶ ଦଶକରେ ଏହି ଯୁଗଜନ୍ମା ନନ୍ଦିନୀ ନିଜ ଘରୁ ଯଥେଷ୍ଟ ପ୍ରେରଣା ଲାଭକରି ଆଜି ଇତିହାସରେ ତାଙ୍କ ନାମଟିକୁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରିବା ପାଇଁ ସମୟକୁ ବାଧ କରିଦେଇଛନ୍ତି । ନନ୍ଦିନୀ ଶତପଥୀ ନାମକୁ ବାଦ୍ ଦେଇ ଓଡ଼ିଶାର ରାଜନୈତିକ ଇତିହାସ ଲେଖା ଅସମ୍ପୂର୍ଣ୍ଣ ରହିଯିବ ।

ଝିଅଟିଏ ବିବାହ କରି ଶାଶୁଘରକୁ ଗଲାପରେ ସାଧାରଣତଃ ସେ ନିଃସଙ୍ଗ ଅନୁଭବ କରେ । ତେଣୁ ସେ ଚାହେଁ ସ୍ୱାମୀ ତା'ର ଅଧିକାଂଶ ସମୟ ତା' ପାଖେ ପାଖେ ରହନ୍ତୁ । ନନ୍ଦିନୀ ଏହି କଥାଟିକୁ ଆଦୌ ପସନ୍ଦ କରୁନଥିଲେ । ସେ କହୁଥିଲେ, "ନାରୀମାନେ କିଛି କିଛି କାର୍ଯ୍ୟ କରିବା ଉଚିତ । ସେ ଘରକାମ ହେଉ, ଚାକିରି ହେଉ ବା ଦେଶ କାମ ହେଉ । ଏସବୁ ନ କରି କିଛି ନାରୀ ଅଛନ୍ତି, ଯେଉଁମାନେ କି ସ୍ୱାମୀର କାର୍ଯ୍ୟରେ ପ୍ରତିବନ୍ଧକ ସୃଷ୍ଟି କରି ତାଙ୍କ ପଛେ ପଛେ ଘୂରିବୁଲୁଥିବେ ।"

ମହିଳାମାନଙ୍କ ପାଇଁ ସଂରକ୍ଷଣ ଏବଂ ଏଥିନେଇ ହେଉଥିବା ଦାବୀକୁ ସମ୍ପୂର୍ଣ୍ଣ ନାପସନ୍ଦ କରନ୍ତି ନନ୍ଦିନୀ । ଏ ବିଷୟରେ ତାଙ୍କର ମନ୍ତବ୍ୟ ବେଶ୍ ପ୍ରଣିଧାନଯୋଗ୍ୟ- "କାହାର ଦୟାର ପାତ୍ର ନ ହୋଇ ନିଜ ଚେଷ୍ଟାରେ କିଛି କରିବା ଶ୍ରେୟସ୍କର । ସଂରକ୍ଷଣ ଦ୍ୱାରା ବିଭେଦ ସୃଷ୍ଟି ହୁଏ । ଏହାଛଡ଼ା ସଂରକ୍ଷଣ ଶ୍ରେଣୀଭୁକ୍ତ ଯେ କୌଣସି ସ୍ୱାଭିମାନୀ ବ୍ୟକ୍ତିର ମନରେ ଏକ ହୀନ ଭାବନା ବି ଉଦ୍ରେକ ହୋଇଥାଏ ।" ବିଭିନ୍ନ ସଭାସମିତିରେ, ବିଧାନସଭା ଆଲୋଚନା ସମୟରେ ନାରୀ ସଂରକ୍ଷଣକୁ ତୀବ୍ର ବିରୋଧ କରିଥିଲେ ଏହି ସ୍ୱୟଂସିଦ୍ଧା ନାରୀନେତ୍ରୀ ନନ୍ଦିନୀ । ସେ ଖୁବ୍ ଗର୍ବର ସହିତ କହୁଥିଲେ, "ମୁଁ ଆଜି ପର୍ଯ୍ୟନ୍ତ ଯାହା ବି ହୋଇଛି, କେବଳ ମୋ ନିଜ ଚେଷ୍ଟାରେ । ମୁଁ କାହାରି ଦୟାରେ କିଛି ହୋଇନାହିଁ କିମ୍ବା କୌଣସି ରିଜର୍ଭେସନ୍‌ରେ ଏଯାଏ ଆସିନି । ମୁଁ କାମ ଉପରେ ସର୍ବଦା ଗୁରୁତ୍ୱ ଦେଇଆସିଛି । ଯେକୌଣସି କାମ କରିବାରେ ରିଜର୍ଭେସନ୍ କ'ଣ ନିହାତି ଦରକାର ? ମୁଁ ଏପରି ଗୋଟେ ସମୟରେ ମୁଖ୍ୟମନ୍ତ୍ରୀ ଥିଲି, ଯେଉଁ ସମୟରେ ଓଡ଼ିଶାର ସବୁ ତୁଙ୍ଗ ନେତାମାନେ ବିରୋଧୀ ଦଳ ଆସନରେ ବସିଥାନ୍ତି । ସେମାନଙ୍କ ଭିତରୁ

Digitized by PPRACHIN, SOA

ରାଜେନ୍ଦ୍ର ନାରାୟଣ ସିଂହଦେଓ, ବିଜୁ ପଟ୍ଟନାୟକ, ନୀଳମଣି ରାଉତରାୟ, ହରେକୃଷ୍ଣ ମହତାବ ପ୍ରମୁଖ ପୂର୍ବତନ ମୁଖ୍ୟମନ୍ତ୍ରୀମାନେ ମଧ୍ୟ ଥାଆନ୍ତି । କିନ୍ତୁ ମୁଁ ତ କେବେ ବି କୌଣସି କାର୍ଯ୍ୟରେ ଡରିଯାଇନି ? ଆଉ ୧୯୯୦ ମସିହାରେ ବିଜୁ ପଟ୍ଟନାୟକ ଯେତେବେଳେ ଦ୍ୱିତୀୟଥର ପାଇଁ ମୁଖ୍ୟମନ୍ତ୍ରୀ ହେଲେ, ସେତେବେଳେ ମୁଁ କେବଳ ଏମ୍.ଏଲ୍.ଏଟିଏ ଥାଏ । ବିଜୁବାବୁ ବିଧାନସଭାରେ ତାଙ୍କର ବକ୍ତୃତା ଦେଲାବେଳେ କଥା ପ୍ରସଙ୍ଗରେ ଅନେକଥର ମୋ ଆଡ଼କୁ ଅଙ୍ଗୁଳି ଦେଖାଇ କହନ୍ତି, 'ସେଠି ଜଣେ ଲେଡି ଚିଫ୍ ମିନିଷ୍ଟର ବସିଛନ୍ତି ।' ମୁଁ ସଙ୍ଗେ ସଙ୍ଗେ ଏହାର ମୃଦୁ ପ୍ରତିବାଦ କରି କହେ ଯେ, ଗୋଟେ ରାଜ୍ୟରେ ଏକା ସାଙ୍ଗରେ କ'ଣ ଦୁଇଜଣ ମୁଖ୍ୟମନ୍ତ୍ରୀ ରହିଥାନ୍ତି କି ? ତା'ପରେ ଚିଫ୍ ମିନିଷ୍ଟର ତ ଚିଫ୍ ମିନିଷ୍ଟର, ପୁଣି ଲେଡି ଚିଫ୍ ମିନିଷ୍ଟର ଗୋଟେ କ'ଣ ? ମୁଁ ନିଜକୁ କେବେ ଲେଡି ଫେଡି ବୋଲି ଭାବିପାରେନି । ସର୍ବଦା ମୁଁ ନିଜକୁ ଜଣେ ବ୍ୟକ୍ତି ବୋଲି ଭାବିଆସିଛି । I am a person । ପୁରୁଷ ଓ ନାରୀ ମଧ୍ୟରେ ଶାରୀରିକ ତାରତମ୍ୟ ଥିଲେ ବି ମାନସିକ ସ୍ତରରେ ଯେ କିଛି ପାର୍ଥକ୍ୟ ଥିବ, ସେ ବିଷୟରେ ମୁଁ ଆଦୌ ଚିନ୍ତା କରେନି । ମୁଁ ନିଜକୁ ସବୁବେଳେ ମଣିଷ ବୋଲି ଭାବିଆସିଛି ।"

ପ୍ରକୃତରେ ସାରା ଭାରତବର୍ଷରେ ଅନେକ ନାରୀ ସେମାନଙ୍କ ନିଜ ଯୋଗ୍ୟତା ବଳରେ କାହିଁ କେତେ ଉପରକୁ ଉଠିଲେଣି । ଭାରତବର୍ଷର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ଭାବରେ ସୁଚେତା କ୍ରିପାଳିନୀ (୧୯୬୩-୧୯୬୭)ଙ୍କ ଠାରୁ ଆରମ୍ଭ କରି ଜୟଲଳିତା, ରାବିଡ଼ିଦେବୀ, ମାୟାବତୀ, ମମତା ବାନାର୍ଜୀଙ୍କ ପର୍ଯ୍ୟନ୍ତ କେହି ବି ସଂରକ୍ଷଣ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ହୋଇନାହାନ୍ତି । ଆଜି ବିନା ସଂରକ୍ଷଣରେ ଭାରତ ଭଳି ଏତେବଡ଼ ଦେଶର ରାଷ୍ଟ୍ରପତି ପଦରେ ବି ଜଣେ ମହିଳା । ସଂରକ୍ଷଣ ନିଜ ଭିତରେ ହୀନମନ୍ୟତା ସୃଷ୍ଟି କରେ, ଦକ୍ଷତା ଉପରେ ପ୍ରଶ୍ନବାଚୀ ଆଙ୍କେ, ସ୍ୱାଭିମାନକୁ ପଦାଘାତ କରେ । ସଂରକ୍ଷଣର ସିଡ଼ି ଚଢ଼ି ହାକିମ ହେବା ଅପେକ୍ଷା ଉତ୍ତମ ମା'ଟିଏ ହୋଇପାରିଲେ ବରଂ ସମାଜର ଅଶେଷ ମଙ୍ଗଳ ସାଧିତ ହୋଇପାରିବ । ନନ୍ଦିନୀଙ୍କ ମନରେ କ୍ଷୋଭ ହୁଏ ଯେ, ନାରୀମାନେ ଯେଉଁଭଳି ଭାବରେ ନିଜକୁ ତିଆରି କରିବା କଥା ତାହା ଏଯାଏଁ ବି ହୋଇପାରିନାହିଁ । ୧୯୯୯ ମସିହା ଜାନୁଆରୀ ମାସରେ 'ଆଜିର ଓଡ଼ିଶା' ଟିଭି କାର୍ଯ୍ୟକ୍ରମରେ ଏକ ସାକ୍ଷାତକାର ଅବସରରେ ସେ ଅତ୍ୟନ୍ତ ଦୁଃଖପ୍ରକାଶ କରି କହିଥିଲେ, "ଓଡ଼ିଶାର ନାରୀମାନେ ସଚେତନ ହୋଇ କାମ କରିବା ମୁଁ କାହିଁକି ଦେଖିପାରୁନାହିଁ ।"

⁂

Digitized by PPRACHIN, SOA

୩୧

ଏକ ଅମୃତ ଅନୁଭବ

ବ୍ୟକ୍ତିର ବାହ୍ୟ ସ୍ୱରୂପ ଯେତିକି ରୁକ୍ଷ ବା କଠୋର ଜଣାପଡ଼େ, ତା'ର ଅନ୍ତଃଚେତନା ସେତିକି କୋମଳ ବା ସ୍ୱଚ୍ଛ ଜଳ ପରି ନିର୍ମଳ ହୋଇଥାଏ । ଯଦିଓ କେଉଁଠି କେଉଁଠି ଏହାର ବ୍ୟତିକ୍ରମ ପରିଲକ୍ଷିତ ହୋଇଥାଏ, ତେବେ ଅଧିକାଂଶ ବ୍ୟକ୍ତି ଏପରି ସ୍ୱଭାବ ଧାରଣ କରିଥିବାର ସଚରାଚର ଦେଖାଯାଏ । ତେବେ ନନ୍ଦିନୀ ଥିଲେ ଏହିପରି ଜଣେ ବ୍ୟକ୍ତିତ୍ୱ । ସେ ବାହାରକୁ ରୁକ୍ଷ, କଠୋର ଦେଖାଯାଉଥିଲେ ମଧ୍ୟ ତାଙ୍କ ହୃଦୟ ଭିତରର ସତ୍ତାଟି ଅତ୍ୟନ୍ତ କୋମଳ ଏବଂ ସହୃଦୟତାରେ ପୂରି ରହିଥିଲା । ଏପରିକି ଅସହାୟ ବ୍ୟକ୍ତିଟିର ସାମାନ୍ୟ ଦୁଃଖରେ ମଧ୍ୟ ତାଙ୍କ ଆଖିରୁ ବୋହିପଡୁଥିଲା ଧାର ଧାର ଅଶ୍ରୁ । ଜୀବନରେ ଅଙ୍ଗେ ନିଭେଇଥିବା ଏଭଳି ଅନେକ ଘଟଣାର କାହାଣୀ ବେଳେବେଳେ ନିଜ ଅଲକ୍ଷ୍ୟରେ ତାଙ୍କ ମୁହଁରୁ ବାହାରିପଡୁଥିଲା । ହେଲେ ଏହି ପୁସ୍ତକ ରଚନା ସମୟରେ ସେହିଭଳି ଏକ ସୁଖାନୁଭୂତି ମୁଁ ଜାଣିବାକୁ ପାଇଥିଲି ମୋର ଜଣେ ଅନ୍ତରଙ୍ଗ ବନ୍ଧୁ ସୂର୍ଯ୍ୟ ଦାଶଙ୍କଠାରୁ, ଯାହାଙ୍କ ଆଗରେ ତାଙ୍କର ପ୍ରିୟ ଅଧ୍ୟାପିକା ପ୍ରତିଭା ସାମଲ ନିଜର ସ୍ମୃତିଚାରଣ କରୁ କରୁ ଅଶ୍ରୁସିକ୍ତ ହୋଇଯାଇଥିଲେ । କଥାଟି ଏଠାରେ ଅତିଶୟୋକ୍ତି ହୋଇପାରେ, ମାତ୍ର ଘଟଣାଟି ମୋ ଆଗରେ ବର୍ଣ୍ଣନା କରୁଥିବାବେଳେ ମୁଁ ସ୍ପଷ୍ଟ ଲକ୍ଷ୍ୟ କରିଥିଲି, ସୂର୍ଯ୍ୟବାବୁଙ୍କ ଶିକ୍ଷୟିତ୍ରୀଙ୍କ କୃତଜ୍ଞତାପୂର୍ଣ୍ଣ ଆନନ୍ଦାଶ୍ରୁ ଯେପରି ତାଙ୍କ ନିଜ ଚକ୍ଷୁରେ ଢେଉ ଭାଙ୍ଗୁଥିଲା । ପ୍ରସଙ୍ଗ ଦୃଷ୍ଟିରୁ ଘଟଣାଟି ସାଧାରଣ ମନେହେଲେ ବି ଏହା ଭିତରେ ଲୁଚି ରହିଥିଲା ଏକ ଅସାଧାରଣ ମାନବୀୟ ସମ୍ବେଦନ, ଯାହା ଆଜିକାଲି ରାଜନୀତିରେ, ଏପରିକି ବ୍ୟକ୍ତିସତ୍ତାରେ ମଧ୍ୟ ଦେଖିବାକୁ ବିରଳ ।

ନନ୍ଦିନୀଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟର ଘଟଣା । ସେଦିନ ସକାଳୁ ସକାଳୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ (Grivances) ପ୍ରକୋଷ୍ଠଟି ଅସମ୍ଭବ ଗହଳି ହୋଇଥାଏ । ପୁଣି ସେହି

Digitized by PPRACHIN, SOA

ଗହଳି ଭିତରେ ସାମିଲ ହୋଇଥାନ୍ତି ସୁଦୂର ସମ୍ବଲପୁରରୁ ଧାଇଁଆସିଥିବା ଦୁଇଜଣ ଅଧାପକ ଦମ୍ପତ୍ତି–ପ୍ରତିଭା ସାମଲ ଏବଂ ଘନଶ୍ୟାମ ସାମଲ, ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କର ଗୁହାରୀ ଜଣାଇବା ପାଇଁ । ସେମାନଙ୍କର ଅଭିଯୋଗଟି ବି ଥିଲା ଅତ୍ୟନ୍ତ ଯୁକ୍ତିସଙ୍ଗତ । ଘନଶ୍ୟାମବାବୁଙ୍କର ବଦଳି ହୋଇଥାଏ ସମ୍ବଲପୁରରୁ ଭୁବନେଶ୍ୱରକୁ । ପ୍ରତିଭାଦେବୀ କିନ୍ତୁ ସମ୍ବଲପୁରର ଏକ କଲେଜରେ ଅବସ୍ଥାପିତ ଥାଆନ୍ତି । ତାଙ୍କୁ ବଦଳି କରିବାରେ ଶିକ୍ଷା ବିଭାଗ ଆପତ୍ତି ଉଠାଇଥିଲେ । କିନ୍ତୁ ସେତେବେଳେ ସରକାରୀ ନିୟମ ଥିଲା ଯେ, ସ୍ୱାମୀ-ସ୍ତ୍ରୀ ଯଦି ସମଗୋତ୍ରୀୟ ଚାକିରି କରୁଥିବେ ଏବଂ ସେମାନେ ଯଦି ଚାହିଁବେ ଏକା ସହରରେ ରହିବା ପାଇଁ ତେବେ ସେମାନଙ୍କୁ ସେହିପରି ସ୍ଥାନରେ ଅବସ୍ଥାପିତ କରାଯିବ । କିନ୍ତୁ ଏ କ୍ଷେତ୍ରରେ ଏହି ନିୟମ ଅନୁସାରେ ସ୍ତ୍ରୀଙ୍କର ବଦଳି ନ ହେବାରୁ ସେମାନେ ଅସୁବିଧାରେ ପଡ଼ିଥିଲେ ଏବଂ ଘନଶ୍ୟାମବାବୁ ଚାହିଁଥିଲେ ତାଙ୍କୁ ତେବେ ସମ୍ବଲପୁରରେ ରଖାଯାଉ । ଅଥବା ଦୁଇଜଣଙ୍କୁ ଭୁବନେଶ୍ୱରରେ ଅବସ୍ଥାପିତ କରାଯାଉ । ମାତ୍ର ତାଙ୍କ କଥା ଶୁଣୁଛି କିଏ ? ଶିକ୍ଷା ବିଭାଗକୁ ଜଣାଇ ବାରମ୍ବାର ନିରାଶ ହେବାରୁ ପ୍ରତିଭାଦେବୀ ଏକ ସାମାନ୍ୟ ପରିଚୟକୁ ପାଥେୟ କରି ଚାଲିଆସିଥିଲେ ନନ୍ଦିନୀଙ୍କ ନିକଟକୁ ।

ପ୍ରଥମରୁ ଏତେ ଲୋକଙ୍କୁ ଦେଖି ସେମାନେ ଟିକିଏ ବିବ୍ରତ ହୋଇଥିଲେ । ତଥାପି ପ୍ରତିଭାଦେବୀ ଆଶାବାଦୀ ଥିଲେ ତାଙ୍କ ଚିରୁକୁଟିଟି ପାଇବା ପରେ ନନ୍ଦିନୀ ସେମାନଙ୍କୁ ନିଶ୍ଚୟ ଡାକିବେ । ତା'ଛଡ଼ା ଏତେ ଦୂରରୁ ଆସିଛନ୍ତି ଯେତେବେଳେ ମୁଖ୍ୟମନ୍ତ୍ରୀଙ୍କୁ ଦେଖାକରି ଯିବାଟା ଠିକ୍ ହେବ ବୋଲି ଉଭୟେ ନିଷ୍ପତ୍ତି ନେଲେ । ପ୍ରତିଭାଦେବୀ ଯେଉଁ କାଗଜଖଣ୍ଡକ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦପ୍ତରର କର୍ମକର୍ତ୍ତାଙ୍କୁ ଦେଇଥିଲେ, ସେଥିରେ ସେ କେବଳ "ପ୍ରତିଭା ନାନୀ, ରେଭେନ୍ସା କଲେଜ" ବୋଲି ଉଲ୍ଲେଖ କରିଥିଲେ ।

ସମୟ ଅତିକ୍ରାନ୍ତ ହେଉଥାଏ । ଯାହାଙ୍କ ପାଳି ଆଗ ପଡୁଥାଏ ସେମାନେ ଯାଇ ମୁଖ୍ୟମନ୍ତ୍ରୀଙ୍କୁ ଦେଖାକରି ନିଜ ନିଜର ଅଭାବ ଅସୁବିଧା ଜଣାଇ ଫେରୁଥାନ୍ତି । ପ୍ରତିଭାଦେବୀ ସ୍ୱାମୀଙ୍କ ସହିତ ଗୋଟିଏ ବେଞ୍ଚ୍ ଉପରେ ବସିରହି ଏକ ସୁଖଦ ସାକ୍ଷାତ ମୁହୂର୍ତ୍ତକୁ ଅପେକ୍ଷା କରିଥାନ୍ତି । ହେଲେ ତାଙ୍କୁ ଡକରା ଆସୁନଥାଏ । ଏହିପରି ଭାବରେ ପ୍ରାୟ ଦୁଇଘଣ୍ଟା ଅତିକ୍ରମ କଲାଉତ୍ତାରୁ ସେ ଟିକିଏ ବିବ୍ରତ ହୋଇପଡ଼ିଲେ । ତେବେ କ'ଣ ତାଙ୍କ ଚିରୁକୁଟିଟି ମୁଖ୍ୟମନ୍ତ୍ରୀ ପାଇନାହାନ୍ତି ! ସେ ଜଣେ କର୍ମଚାରୀଙ୍କୁ ପଚାରି ବୁଝିଲେ । କର୍ମଚାରୀଜଣକ ଜଣାଇଥିଲେ ଯେ, ସେମାନଙ୍କୁ ନିଶ୍ଚିତ ଡକାଯିବ, କିନ୍ତୁ କ୍ରମାନ୍ୱୟରେ ତାଙ୍କର ପାଳି ପଡ଼ିଲେ । ଏହା ଶୁଣି ପ୍ରତିଭାଦେବୀ ଟିକିଏ ଆଶ୍ୱସ୍ତ ହେଲେ, କିନ୍ତୁ ଘନଶ୍ୟାମବାବୁ ବ୍ୟସ୍ତ ହେଉଥାନ୍ତି ଫେରିଯିବା ପାଇଁ ।

Digitized by PPRACHIN, SOA

ପ୍ରତିଭାଦେବୀ କ୍ରମଶଃ ଅନ୍ୟମନସ୍କ ହେଉଥିଲେ । ତାଙ୍କ ଆଖିଆଗରେ ନାଚି ଯାଉଥିଲା ପ୍ରତ୍ୟେକଟି ବିଗତ ଦିନର ଦୃଶ୍ୟ ଠିକ୍ କାଲି ପରି । ସେ ଏବଂ ଆଜିର ମୁଖ୍ୟମନ୍ତ୍ରୀ ନନ୍ଦିନୀ ତଳ ଉପର ହୋଇ ରେଭେନ୍ସା କଲେଜରେ ପାଠ ପଢୁଥାନ୍ତି । ସେ ଉପର ଶ୍ରେଣୀରେ ଥିବାବେଳେ ନନ୍ଦିନୀ ଥିଲେ ତଳ ଶ୍ରେଣୀରେ । କଟକରେ ନନ୍ଦିନୀଙ୍କ ଘରଠାରୁ ସାମାନ୍ୟ ଆଗରେ ରହୁଥିଲେ ପ୍ରତିଭା । ତେଣୁ ରିକ୍ସା ନେଇ ସେ କଲେଜ ଗଲାବେଳେ ନନ୍ଦିନୀଙ୍କ ଘରବାଟେ ଯାଉଥିଲେ ଏବଂ ପ୍ରତିଦିନ ତାଙ୍କୁ ଡାକି ସାଙ୍ଗରେ ନେଉଥିଲେ । ରିକ୍ସାଭଡ଼ା ପ୍ରତିଭାଦେବୀ ହିଁ ଦେଉଥିଲେ । ଯେଉଁଦିନ ପ୍ରତିଭାଙ୍କର ଡେରି ହେଉଥିଲା, ନନ୍ଦିନୀ ଖୁବ୍ ବ୍ୟସ୍ତ ହୋଇପଡୁଥିଲେ । କାରଣ ରିକ୍ସାଭଡ଼ା ଦେଇ ସେ କଲେଜ ଯିବା ପରିସ୍ଥିତିରେ ନଥିଲେ । ସେଭଳି ସ୍ୱଚ୍ଛଳ ଅବସ୍ଥା କାଳିନ୍ଦୀବାବୁଙ୍କର ନଥିଲା । ତେଣୁ ସେ ଚାଲାକି କରି ନିଜେ ଏକ ରିକ୍ସା ଡାକି ପ୍ରତିଭାଙ୍କ ଘରେ ପହଞ୍ଚି ଯାଉଥିଲେ ଏବଂ ଡାକ ପକଉଥିଲେ ନାନୀ, ଡେରି ହେଲାଣି, ଶୀଘ୍ର ଆସ, ମୁଁ ରିକ୍ସା ଡାକିଆଣିଛି । ଟିକେ ହସିଦେଇ ପ୍ରତିଭା ବାହାରି ଆସୁଥିଲେ । ଏହିପରି ବହୁଦିନ ଧରି ଦୁହିଁଙ୍କର ଯିବାଆସିବା ଭିତରେ ସେମାନଙ୍କର ସୃଷ୍ଟି ହୋଇଥିଲା ଅନ୍ତରଙ୍ଗତା । ଶିକ୍ଷା ସମାପ୍ତି ପରେ ପ୍ରତିଭାଦେବୀ ଚାକିରି କଲେ, ଆଉ ନନ୍ଦିନୀ ବୁଡ଼ିରହିଲେ ସମାଜସେବାରେ । ସମୟ ବଢ଼ିବା ସଙ୍ଗେ ସଙ୍ଗେ ପ୍ରତିଭା ହେଲେ ଅଧ୍ୟାପିକା, ପୁଣି ନନ୍ଦିନୀ ସମାଜସେବାରୁ ମୁଖ୍ୟମନ୍ତ୍ରୀ । ଦୁହିଁଙ୍କ ଭିତରେ ଆକାଶ ପାତାଳ ପ୍ରଭେଦ । ଏହିଭଳି ଏକ ସମ୍ପର୍କକୁ ପାଥେୟ କରି ପ୍ରତିଭାଦେବୀ ତାଙ୍କ ସ୍ୱାମୀଙ୍କୁ ଅଭୟବାଣୀ ଶୁଣାଇଥିଲେ ଯେ, 'କୁନି' (ନନ୍ଦିନୀ) ନିଶ୍ଚୟ ଆମକଥା ବୁଝିବ, ମୋର ତା' ଉପରେ ପୂର୍ଣ୍ଣ ବିଶ୍ୱାସ ରହିଛି । ହେଲେ ଏତେବେଳକୁ ତାଙ୍କ ନିଜ ଭିତରେ କେଉଁଠି ଗୋଟିଏ ଶଙ୍କାର ଅଙ୍କୁରୋଦ୍‌ଗମ ହୋଇସାରିଥାଏ । ସବୁ ବିରୋଧାଭାଷଗୁଡ଼ିକ ଏକ ସାଙ୍ଗରେ ଜମାଟ ବାନ୍ଧି ତାଙ୍କୁ ଆହୁରି ଦୁର୍ବଳ କରିପକାଉଥାନ୍ତି । ତାଙ୍କର ହଠାତ୍ ମନକୁ ଆସିଯାଉଥିଲା, ବିଗତ ପଚିଶ ବର୍ଷ ଧରି 'କୁନି' ସାଙ୍ଗରେ ଆଉ କେବେ ଭେଟ ନ ହୋଇଥିବାର ଏକ ନିଷ୍ଠୁର ବାସ୍ତବତା । ଏଇ ପଚିଶ ବର୍ଷ କିଛି ସାଧାରଣ କଥା ନୁହେଁ । ପରସ୍ପରଙ୍କ ଜୀବନରେ ଅନେକ ପରିବର୍ତ୍ତନ ଆସିଛି । ପରିସ୍ଥିତି ଅନେକ ବଦଳିଛି । ଏହିପରି ଭାବନା ଭିତରେ 'କୁନି ଆଉ ତାଙ୍କୁ ଚିହ୍ନିପାରିବ ତ ! କ୍ଷମତାର ଅଭେଦ୍ୟ ବଳୟ ଭେଦ କରି ସତରେ କ'ଣ ପୂର୍ବସ୍ମୃତି ତାଙ୍କ ମାନସପଟକୁ ଉଜ୍ଜୀବିତ କରିପାରିବ !! ତାଙ୍କୁ ପୂର୍ବବତ୍ ନାନୀ ସମ୍ବୋଧନ କରି ହସି ହସି କଥା କହିବ !!!' ଭଳି ଭାବନା ସବୁକୁ ହୃଦୟରେ ଚାପିଧରି ସେ ନିଜ ଭିତରେ ଛଟପଟ ହେଉଥିଲେ । ଯଦି ଆଶଙ୍କା

Digitized by PPRACHIN, SOA

ତାଙ୍କର ସତ୍ୟରେ ପରିଣତ ହୁଏ, ତେବେ ସ୍ୱାମୀଙ୍କ ଆଗରେ ସେ ଖୁବ୍ ଛୋଟ ହୋଇଯିବେ । କାରଣ ସେ ହିଁ ତାଙ୍କ ଭିତରେ ପ୍ରତ୍ୟୟ ସୃଷ୍ଟି କରିଥିଲେ ସମସ୍ୟାର ଆଶୁ ସମାଧାନ ନିମନ୍ତେ ।

ଯା' ଭିତରେ ପୁନଃ କିଛି ସମୟ ଅତିକ୍ରାନ୍ତ ହୋଇସାରିଥାଏ । ମାତ୍ର ଡକରା ଆସୁନଥାଏ । ନିରାଶ ହୋଇ ମନଦୁଃଖରେ ସ୍ୱାମୀ-ସ୍ତ୍ରୀ ବାହାରିଲେ ଫେରିଯିବା ପାଇଁ । ସେମାନେ ଦୁଆରବନ୍ଧ ଟପିଛନ୍ତି, ଏତିକିବେଳେ ଭିତରୁ କେହି ଜଣେ ଡାକିଲେ–'ଆଜ୍ଞା ! ଆପଣଙ୍କ ପାଳି ପଡ଼ିଲା, ଆସନ୍ତୁ । ଦୁହେଁ ବୁଲିପଡ଼ି ମୁଖ୍ୟମନ୍ତ୍ରୀଙ୍କ ରୁମ୍‌ରେ ପ୍ରବେଶ କଲେ ।

ମୁଖ୍ୟମନ୍ତ୍ରୀ ଆସନରେ ନନ୍ଦିନୀ । ମୁଖମଣ୍ଡଳ କାର୍ଯ୍ୟଭାରରେ ଭାରାକ୍ରାନ୍ତ । ସ୍ୱର ବି ଅତ୍ୟନ୍ତ ଗମ୍ଭୀର । ନିକଟରେ ସଚିବ ଓ ଅନ୍ୟାନ୍ୟ କର୍ମଚାରୀ । ଦରଖାସ୍ତ ଦେଖୁ ଦେଖୁ ପଚାରିଲେ, "କ'ଣ ଅସୁବିଧା କୁହ ?" ପ୍ରତିଭାଦେବୀ ଗୋଟାପଣେ ଭୀତତ୍ରସ୍ତ । ତେବେ କ'ଣ କୁନି ମୋତେ ଚିହ୍ନିପାରିଲାନି ! ସେ କ'ଣ କହିବେ କିଛି ବୁଝିପାରୁନଥାନ୍ତି । ପୂର୍ବ ଘଟଣା ଓ ଭାବନା ତାଙ୍କ ମନ ଭିତରକୁ ପଶିଆସି ନିଜ ସମସ୍ୟା କଥା ସେ କ୍ଷଣକ ପାଇଁ ଯେପରି ପାଶୋରିଗଲେ । ହତବାକ୍ ହୋଇ କେବଳ ଚାହିଁ ରହିଥାନ୍ତି ମୁଖ୍ୟମନ୍ତ୍ରୀଙ୍କ ମୁହଁକୁ । ନୀରବରେ କଟିଗଲା କେତୋଟି ମୁହୂର୍ତ୍ତ । "କ'ଣ କିଛି କହୁନ ଯେ !" ଦରଖାସ୍ତ ଉପରୁ ମୁହଁ ଉଠାଇ ନନ୍ଦିନୀ ଚାହିଁଲେ ମହିଳାଙ୍କୁ । ଚାରିଆଖିର ମିଳନ ଘଟିଲା । ଅତ୍ୟନ୍ତ ଉଲ୍ଲସିତ ହେଲେ ନନ୍ଦିନୀ । ଆରେ, ଏ ତ ପ୍ରତିଭାନାନୀ ! ହଠାତ୍ ନିଜ ଆସନରୁ ଉଠିଆସି କୁଣ୍ଢେଇ ଧରିଲେ ତାଙ୍କର ଅତି ଆପଣାର ପ୍ରତିଭାନାନୀଙ୍କୁ । ଠୋ ଠୋ ହୋଇ ହସିଉଠି କହିଲେ, "ପ୍ରତିଭାନାନୀ ! ତୁ ଏତେ ଡରକୁଳି ? ଏଭଳି କାକୁସ୍ଥ ହୋଇ ଠିଆହୋଇଛୁ, ପୁଣି ମୋ ସାମ୍ନାରେ । ତୋ ସାନଭଉଣୀ 'କୁନି' ନିକଟରେ ! ଆରେ ! ମୁଁ ତୋର ସେଇ ସ୍ନେହର କୁନି । ଆ, ବସ ! କ'ଣ ଅସୁବିଧା କହ ।"

ପ୍ରତିଭାଦେବୀଙ୍କ ଆଖିରୁ ନିଗିଡ଼ି ଆସିଲା ଧାର ଧାର ଆନନ୍ଦାଶ୍ରୁ । ଘନଶ୍ୟାମବାବୁ ଆଶ୍ୱସ୍ତ ହେଲେ । ତାଙ୍କ ସହ ପରିଚୟ ଆଦାନ ପ୍ରଦାନ ପରେ ଦୁହିଁଙ୍କର ସମସ୍ୟା ଶୁଣିଲେ ନନ୍ଦିନୀ । ସେମାନଙ୍କ ଦାବି ଥିଲା ଅତ୍ୟନ୍ତ ଯୁକ୍ତିଯୁକ୍ତ । ତତ୍‌କ୍ଷଣାତ ଆଦେଶ ଦେଇ ପ୍ରତିଭାଙ୍କୁ ବଦଳି କରିଆଣିଲେ ଭୁବନେଶ୍ୱର । ଘନଶ୍ୟାମବାବୁ ପରବର୍ତ୍ତୀ ସମୟରେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ଦାୟିତ୍ୱରେ ରହିଥିଲେ । କିନ୍ତୁ ପ୍ରତିଭାଦେବୀ ମୃତ୍ୟୁ ପର୍ଯ୍ୟନ୍ତ ପାଶୋରି ପାରିନଥିଲେ ଜୀବନର ଏଭଳି ଏକ ମହାର୍ଘ୍ୟ ମୁହୂର୍ତ୍ତକୁ, ଏଭଳି ଏକ ଅମୃତ ଅନୁଭବକୁ, ନନ୍ଦିନୀଙ୍କ ନିଜର ପଣିଆକୁ ଏବଂ ତାଙ୍କର ସରଳ ଓ ନିରାଡ଼ମ୍ବର ଜୀବନଚର୍ଯ୍ୟାକୁ ।

***

Digitized by PPRACHIN, SOA

୩୨

ବ୍ୟକ୍ତି ନୁହେଁ : ଅନୁଷ୍ଠାନ

ଜଣେ ବ୍ୟକ୍ତି ଯେତେବେଳେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ କେବଳ ସମାଜ ପାଇଁ, ସାଧାରଣ ଜନତା ପାଇଁ, ଦେଶ ପାଇଁ ନିଜକୁ ଉତ୍ସର୍ଗ କରିଦିଏ, ସେତେବେଳେ ସେ ବ୍ୟକ୍ତିରୁ ପାଲଟିଯାଏ ଅନୁଷ୍ଠାନ । ଏ ଦୃଷ୍ଟିରୁ ବିଚାର କଲେ ନନ୍ଦିନୀ ବ୍ୟକ୍ତି ସ୍ତରରୁ ଊର୍ଦ୍ଧ୍ୱକୁ ଉଠି ଅନୁଷ୍ଠାନରେ ପରିଣତ ହୋଇଥିଲେ । ନିଜ ଜୀବଦ୍ଦଶାରେ ସେ ଅନେକ ଅନୁଷ୍ଠାନ ଗଢ଼ିଛନ୍ତି, ବହୁ ଅନୁଷ୍ଠାନରେ ବହୁ ଭାବରେ କାର୍ଯ୍ୟ କରିଛନ୍ତି, ଆଉ ଏଥିପାଇଁ ଭିନ୍ନ ଭିନ୍ନ ଅନୁଷ୍ଠାନ ଦ୍ୱାରା ସମ୍ମାନିତା ମଧ୍ୟ ହୋଇଛନ୍ତି । ଅକ୍ଷମମାନଙ୍କ ପାଇଁ ଢେଙ୍କାନାଳଠାରେ 'ଅକ୍ଷମ କଲ୍ୟାଣ ସମିତି' ଗଠନ କରିବା ସହିତ ଭୁବନେଶ୍ୱରସ୍ଥ 'ଦି ଇନ୍‌ଷ୍ଟିଚ୍ୟୁଟ୍ ଫର୍ ହେଲପିଙ୍ଗ୍ ଦି ଡିସେବଲଡ୍' ଅନୁଷ୍ଠାନର ଅଧ୍ୟକ୍ଷା ରୂପେ କାର୍ଯ୍ୟ କରିଛନ୍ତି । 'ଚିନ୍ତା ଓ ଚେତନା'ର ଆଜୀବନ ଅଧ୍ୟକ୍ଷା, 'ଇଣ୍ଡିଆନ୍ କାଉନ୍‌ସିଲ ଫର ଚାଇଲଡ୍ ୱେଲଫେୟାର'ର ଆଜୀବନ ସଦସ୍ୟା, 'ଓଡ଼ିଶା ଲେଖିକା ସଂସଦ'ର ଆଜୀବନ ସଭ୍ୟା, 'ରେଡ୍‌କ୍ରସ'ର ସଭ୍ୟା, 'ଉତ୍କଳ ସମ୍ମିଳନୀ'ର ଆଜୀବନ ସଦସ୍ୟାଠାରୁ ଆରମ୍ଭ କରି ଅନେକ ଛୋଟ ବଡ଼ ଅନୁଷ୍ଠାନ ସହ ସଂଶ୍ଳିଷ୍ଟ ରହିଆସିଥିଲେ । ପିଲାଦିନୁ ଆଜି ପର୍ଯ୍ୟନ୍ତ ସେ ଯେତେସବୁ ଅନୁଷ୍ଠାନ ଗଢ଼ିଥିଲେ ଏବଂ କର୍ମକର୍ତ୍ତା ଭାବରେ ସମ୍ପୃକ୍ତ ରହିଆସିଥିଲେ ତାହା ଲେଖିବସିଲେ ଗୋଟିଏ କ୍ଷୁଦ୍ର ପୁସ୍ତିକା ହୋଇଯିବ ।

ରାଜନୀତି କ୍ଷେତ୍ରରେ ବିଧାୟକ, ସାଂସଦ, କେନ୍ଦ୍ରମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ଏ.ଆଇ.ସି.ସି କାର୍ଯ୍ୟକାରୀ କମିଟିର ସଭ୍ୟା, ପ୍ରଦେଶ କଂଗ୍ରେସ କମିଟିର ସଭାପତି ଏବଂ ବିଧାନସଭାର ଅନେକଗୁଡ଼ିଏ କମିଟିର ସଦସ୍ୟା ଏବଂ ଅଧ୍ୟକ୍ଷା ପଦବୀରେ ନନ୍ଦିନୀ ସଫଳତାର ସହିତ କାର୍ଯ୍ୟ କରିଛନ୍ତି । ଏତଦ୍‌ବ୍ୟତୀତ ଏକାଧିକ ଥର ରାଜ୍ୟ ଯୋଜନାବୋର୍ଡର ଅଧ୍ୟକ୍ଷା

Digitized by PPRACHIN, SOA

ଦାୟିତ୍ୱ ମଧ୍ୟ ତୁଲାଇଛନ୍ତି । ତାଙ୍କ ଜୀବନର ଅନ୍ତିମ ପର୍ଯ୍ୟାୟରେ ୧୯୯୫ ମସିହାଠାରୁ ୨୦୦୦ ମସିହା ପର୍ଯ୍ୟନ୍ତ ରାଜ୍ୟ ଯୋଜନାବୋର୍ଡ ପଦବୀରେ କାର୍ଯ୍ୟ କରିଛନ୍ତି । ବେଳେବେଳେ ନିଜର ଅନିଚ୍ଛା ସତ୍ତ୍ୱେ ମଧ୍ୟ କେତେଗୁଡ଼ିଏ ଅନୁଷ୍ଠାନ ତାଙ୍କ ନାମକୁ ସେମାନଙ୍କ ଅନୁଷ୍ଠାନର କର୍ମକର୍ତ୍ତା ତାଲିକାରେ ଯୋଡ଼ି ଦେଇଥାନ୍ତି । ବାଧ୍ୟବାଧକତାରେ ପରିଣତ ବୟସରେ ବି ସେମାନଙ୍କ ପାଇଁ ଯେତିକି ପାରିଛନ୍ତି ସେତିକି କରିଛନ୍ତି ।

ଏକଥା ନିଃଶଙ୍କୋଚରେ କୁହାଯାଇପାରେ ଯେ, ନନ୍ଦିନୀଙ୍କର ଦୀର୍ଘ ନିଷ୍ଠାପର କର୍ମ ତାଙ୍କୁ ଜୀବନର ଶେଷପାଦରେ ଏକ ପବିତ୍ର ଅନୁଷ୍ଠାନରେ ପରିଣତ କରିଥିଲା । ସେ ବ୍ୟକ୍ତିଟିଏ ହୋଇ ଏ ମାଟିକୁ ଅବତରଣ କରିଥିଲେ ସତ୍ୟ, ମାତ୍ର ଯିବାବେଳେ ଛାଡ଼ିଦେଇ ଯାଇଥିଲେ ଏକ ବିରାଟ ଅନୁଷ୍ଠାନ, ମାଟି ମା' ପାଇଁ କାର୍ଯ୍ୟ କରିବାର ଏକ ଅମୃତ ଅନୁଭବ-ମହାର୍ଘ୍ୟ ଆହ୍ୱାନ ।

⁂

Digitized by PPRACHIN, SOA

ସାରସ୍ୱତ ସାଧିକା ନନ୍ଦିନୀ

ଯେକୌଣସି ବ୍ୟକ୍ତି ହୁଅନ୍ତୁ, ଜଣେ ଯଦି ଗୋଟିଏ କାର୍ଯ୍ୟ କରିବାକୁ ଦୃଢ଼ ସଂକଳ୍ପ ନେବ ଓ ମନପ୍ରାଣ ଢାଳି ସେହି କାମଟିରେ ଲାଗିପଡ଼ିବ, ତେବେ ସେ ନିଶ୍ଚୟ ସେଥିରେ ସଫଳ ହେବ—ଏଇ କଥା ପଦକ ଅତ୍ୟନ୍ତ ଦୃଢ଼ତାର ସହିତ ସବୁବେଳେ କହିଆସୁଥିଲେ ନମସ୍ୟା ନନ୍ଦିନୀ । ଓଡ଼ିଆ, ବଙ୍ଗଳା, ହିନ୍ଦୀ ଏବଂ ଇଂରାଜୀ ଭାଷାରେ ପ୍ରବୀଣା ଏହି ଜନନେତ୍ରୀ ମାତୃଭାଷା ଓଡ଼ିଆରେ ହିଁ ବିଶ୍ୱବିଦ୍ୟାଳୟ ଡିଗ୍ରୀ ହାସଲ କରିବା ସଙ୍ଗେ ସଙ୍ଗେ ସମାଜସେବା, ରାଜନୀତି ଭଳି ସାହିତ୍ୟ ଜଗତକୁ ମଧ୍ୟ ଅତି ସାନବେଳୁ ଲମ୍ଫ ପ୍ରଦାନ କରି ନିଜର ଉତ୍କର୍ଷ ପ୍ରତିପାଦିତ କରିଥିଲେ । ସାମାଜିକ ତଥା ରାଜନୈତିକ ଜୀବନରେ ଉପରକୁ ଖୁବ୍ ଦୃଢ଼ ଏବଂ କଠୋର ପ୍ରତୀୟମାନ ହେଉଥିବା ଲୌହମାନବୀ ନନ୍ଦିନୀଙ୍କ ହୃଦୟଟି ଥିଲା ଅତ୍ୟନ୍ତ ସରଳ ଓ ସହୃଦୟତାରେ ଭରପୁର । ଯେପରି ସାଧାରଣ ମଣିଷଙ୍କ ସହ ସେ ଅତ୍ୟନ୍ତ ସାଧାରଣ ଭାବରେ ମିଶିଯାଇ ସେମାନଙ୍କର ଦୁଃଖ କଷ୍ଟ ପ୍ରତ୍ୟକ୍ଷ କରି ତାହାର ସମାଧାନ ନିମନ୍ତେ ଲାଗିପଡୁଥିଲେ, ଠିକ୍ ସେହିପରି ଅହଂକାରୀ, ଦୁର୍ନୀତିଗ୍ରସ୍ତ ଓ ଭ୍ରଷ୍ଟାଚାରୀମାନଙ୍କୁ ସମୁଚିତ ଦଣ୍ଡବିଧାନ କରିବାରେ କାର୍ପଣ୍ୟ କରୁନଥିଲେ । ସେହି ସମସ୍ୟା ଜର୍ଜରିତ ମଣିଷ ଏବଂ ତଥାକଥିତ ବଡ଼ ବୋଲାଉଥିବା ମୁଖାପିନ୍ଧା, ଧନ ଆଉ କ୍ଷମତାର ଡେଙ୍ଗା ମଣିଷମାନଙ୍କ ଆଭିଜାତ୍ୟ ଜୀବନ ଭିତରୁ ହିଁ ସେ ଖୋଜି ପାଇଥିଲେ ସାହିତ୍ୟକୁ । ଏହାଛଡ଼ା ପିତାଙ୍କ ସାହିତ୍ୟିକ ଜୀବନର ଅନୁପ୍ରେରଣା ଏବଂ କକେଇଙ୍କ ଆଦର୍ଶ ତଥା ସାମ୍ୟବାଦୀ ଚିନ୍ତାଧାରା ଓ ଶୋଷଣବିହୀନ ସମାଜର ସ୍ୱପ୍ନରେ ବିଭୋରା କିଶୋରୀ ନନ୍ଦିନୀ ଶୋଷିତ, ଅତ୍ୟାଚାରିତଙ୍କ ପକ୍ଷ ନେଇ ରଚନା କରିଚାଲିଥିଲେ ଗଳ୍ପ, କବିତା ଏବଂ ପ୍ରବନ୍ଧ । ଅତୀତର ଦରବାରୀ କିମ୍ବା ବର୍ତ୍ତମାନର ଦପ୍ତରୀ ସାହିତ୍ୟଠାରୁ ବେଶ୍ ଊର୍ଦ୍ଧ୍ୱରେ ଥିଲେ ନନ୍ଦିନୀ । ବିଶିଷ୍ଟ ଲେଖିକା

Digitized by PPRACHIN, SOA

ଶ୍ରୀମତୀ ଗୋଲାପ ମଞ୍ଜରୀ କରଙ୍କ ଭାଷାରେ, "ମଣିଷକୁ ଭଲ ପାଇ ସେ ହୋଇଥିଲେ କବି, ତା'ର ଦୁଃଖ, ଦୁର୍ଦ୍ଦଶାକୁ ଲେଖନୀ ମୁନରେ ରୂପାୟିତ କରି ସେ ପାଲଟିଥିଲେ ଗାଳ୍ପିକା ଓ ଅନୁବାଦିକା ଏବଂ ସେହି ମଣିଷକୁ ତା'ର ନ୍ୟାଯ୍ୟ ଅଧିକାର ଆଣିଦେବା ପାଇଁ ସେ ସାଜିଥିଲେ ରାଜନେତ୍ରୀ ।"

ଖୁବ୍ ପିଲାଦିନୁ ସାହିତ୍ୟ ପ୍ରତି ଆକୃଷ୍ଟ ହୋଇଥିବା ନନ୍ଦିନୀଙ୍କୁ କକେଇ ଭଗବତୀ ପାଣିଗ୍ରାହୀ ସେତେବେଳେ କମ୍ୟୁନିଷ୍ଟମାନଙ୍କର ଚଟି ଚଟି ବହି ଆଣି ଦେଉଥିଲେ । ସେ ତାକୁ ନିଜେ ପଢ଼ି ବୁଝିବା ସଙ୍ଗେ ସଙ୍ଗେ ଅନ୍ୟମାନଙ୍କୁ ବୁଝାଉଥିଲେ । ଏତଦ୍‌ବ୍ୟତୀତ ଜର୍ମାନୀ ରୁଷିଆ ଉପରେ ଆକ୍ରମଣ କରିବା ସମୟରେ ରୁଷିଆର ବହୁତ ଝିଅ ତାଙ୍କ ସୈନ୍ୟବାହିନୀରେ ମିଶି ଗରିଲା ନାମରେ ଆକ୍ରମଣ କରୁଥିଲେ । ଏହି ଗରିଲା ଆକ୍ରମଣ ଶତ୍ରୁପକ୍ଷଙ୍କୁ ଅସ୍ତବ୍ୟସ୍ତ କରିପକାଉଥିଲା । ସେତେବେଳେ ସେଇ ଝିଅମାନଙ୍କର ସାହସିକ କାର୍ଯ୍ୟକଳାପକୁ ନେଇ ଚଟି ବହିମାନ ରୁଷିଆରେ ଛପା ହେଉଥିଲା । ନନ୍ଦିନୀ ସପ୍ତମ ଶ୍ରେଣୀରେ ପଢୁଥିବାବେଳେ, ଭଗବତୀବାବୁ ସେସବୁ ବହି ଆଣି ସେଥିରୁ ଗୋଟିଏ ଗୋଟିଏ ଗପ ଅନୁବାଦ କରିବା ପାଇଁ ତାଙ୍କୁ କହୁଥିଲେ । କମ୍ୟୁନିଷ୍ଟମାନଙ୍କର 'ମୁକ୍ତିଯୋଦ୍ଧା' ନାମରେ ଗୋଟିଏ ସାପ୍ତାହିକ ପତ୍ରିକା ସେ ସମୟରେ କଟକରୁ ବାହାରୁଥାଏ । ନନ୍ଦିନୀଙ୍କ ଦ୍ୱାରା ଅନୂଦିତ ଗପଗୁଡ଼ିକ ସେହି ପତ୍ରିକାରେ ଗୋଟିଏ ସ୍ୱତନ୍ତ୍ର କଲମରେ ଛପା ଯାଉଥିଲା, ଯେଉଁ କଲମର ନାମ ଥିଲା 'ମୁକ୍ତି ସେନାଙ୍କ କଲମ' ।

ଲେଖିକା ଜୀବନର ପହିଲି ପରଶ ପ୍ରସଙ୍ଗରେ ମାସିକ ସାହିତ୍ୟ ପତ୍ରିକା 'ସୁଧନ୍ୟା'ର ୧୯୯୫ ମସିହା ଅକ୍ଟୋବର ସଂଖ୍ୟାରେ ଏକ ସାକ୍ଷାତକାର ଅବସରରେ ନନ୍ଦିନୀ କହୁଥିଲେ, "ଆପଣଙ୍କୁ କେମିତି କହିବି କିପରି ଲେଖା ଆରମ୍ଭ କଲି ! ଏ କଥାଟା ସତେ ଯେମିତି ମୋ ରକ୍ତରେ ଥିଲା । ବାପା ଲେଖୁଥିଲେ ମୁଁ ଦେଖୁଥିଲି । କେବେ କେବେ ମୋତେ ସେ ଡିଟେକ୍‌ସନ ଦେଉଥିଲେ । ଅତି ପିଲାଦିନେ ଆଲମାରୀରେ ସବୁଜ ଯୁଗର ଯେଉଁ ବହି ସବୁ ଥିଲା ତାକୁ ପଢ଼ିପକାଉଥିଲି । କ'ଣ ବୁଝେ ସେଥିରୁ କେଜାଣି ! ପାଞ୍ଚ/ସାତ ଜଣ ଲେଖକ-ଲେଖିକା ମିଶି 'ବାସନ୍ତୀ' ଉପନ୍ୟାସ ଲେଖିଥିଲେ । ତୃତୀୟ/ ଚତୁର୍ଥ ଶ୍ରେଣୀରେ ପଢ଼ିବାବେଳେ ମୁଁ ତାହାକୁ ପଢ଼ିଦେଇଥିଲି । କେବଳ ସେତିକି ନୁହେଁ, ଯାହା ବହି ପାଏ ତାହା ପଢ଼ିପକାଏ । ଗୋଟିଏ କଥା ପିଲାଦିନୁ ବାପା ମୋତେ ସବୁବେଳେ କହୁଥିଲେ—'ଯଦି ଭଲ ଇଂରାଜୀ ଶିଖିବାକୁ ଇଚ୍ଛା, ତେବେ ପ୍ରତିଦିନ 'ଷ୍ଟେଟ୍‌ସମ୍ୟାନ୍' ପଢ଼ ।' ମୁଁ ପଢ଼େ, କିନ୍ତୁ ବୁଝେ ବା କ'ଣ ? କେଜାଣି ସେଇଦିନୁ ଇଂରାଜୀ ପଢ଼ିବା ପାଇଁ ମୋର ପ୍ରବଳ ଆଗ୍ରହ ।

Digitized by PPRACHIN, SOA

"ଲେଖିଲି ତ ପିଲାଦିନରୁ । ମୁଁ କଟକରେ ପ୍ରାକ୍ଟିସିଂ ମିଡିଲ୍ ସ୍କୁଲରେ ପଢୁଥାଏ । ଆମ ସ୍କୁଲ ପାଖରେ ଟ୍ରେନିଂ ସ୍କୁଲ ଥାଏ । ସେଇ ସ୍କୁଲରୁ ଗୋଟିଏ ମାଗାଜିନ୍ ବାହାରୁଥାଏ । ସେଥିରେ ଆମ ମିଡିଲ ସ୍କୁଲର ପିଲାମାନଙ୍କୁ ଲେଖିବାକୁ ମଧ୍ୟ କୁହାଯାଏ । ମୁଁ ସେଥିରେ ଗୋଟିଏ ଗପ 'ଅନାଥ' ବୋଲି ଲେଖିଥିଲି । ବାପା, ମା' ନଥିବା ପିଲାଟିଏର ଜୀବନ କାହାଣୀର ଗୋଟିଏ ଚିତ୍ର । ସେଇଦିନୁ ଲୋକଙ୍କ ଦୁଃଖଦୁର୍ଦ୍ଦଶା ମୋତେ ଘାରୁଥିଲା । ଆଉ ଏବେ ବି ଘାରୁଛି । ଗପଟି ମାଗାଜିନ୍‌ରେ ବାହାରିଗଲା । ଅନ୍ୟମାନଙ୍କ ବାପା ମା' ଯେମିତି ପାଠପଢ଼ା ଉପରେ ଚାପ ଦିଅନ୍ତି, ମୋ ବାପା କେବେ ସେମିତି କରିନାହାନ୍ତି । ଗପ ବାହାରିଲା ପରେ ବାପାଙ୍କୁ ଦେଖାଇଲି । ସେ ଗମ୍ଭୀର ହୋଇ କହିଲେ, 'ଓଃ ! ତୁ ବି ଲେଖିଲୁଣି ।'

"ସେତେବେଳେ ଅନେକ ପତ୍ରପତ୍ରିକା ବାହାରୁଥାଏ । 'ଦୈନିକ ଆଶା', 'ନବୀନ', 'ପ୍ରଭାତ', 'ଚତୁରଙ୍ଗ' ପ୍ରଭୃତି ପତ୍ରିକା ବାହାରୁଥାଏ । ସେଥିରୁ ଅନେକ ଆଜି ଲୁପ୍ତପ୍ରାୟ । ଅଷ୍ଟମ ଶ୍ରେଣୀରେ ପଢ଼ିଲାବେଳେ 'ଦୈନିକ ଆଶା'ର ଗୋଟିଏ ପ୍ରତିଯୋଗିତାରେ ଗପଟିଏ ଲେଖି ପଠାଇଥିଲି । ତାହା ଉତ୍କୃଷ୍ଟ ବିବେଚିତ ହୋଇ ଛପା ହୋଇଗଲା । ମୋର ଆନନ୍ଦ କହିଲେ ନସରେ । ସ୍ୱର୍ଗତଃ ଡାକ୍ତର କୁଞ୍ଜବିହାରୀ ଦାସ ସେତେବେଳେ ମୋତେ ଖଣ୍ଡିଏ ଚିଠି ଲେଖିଲେ, 'ମା' ! ତୁ ଭଲ ଲେଖୁଛୁ, ଆହୁରି ଲେଖ ।' ମୋ ବାପା ଜଣେ ଅଦ୍ଭୁତ ଲୋକ । ସେ କେବେ ମୁହଁରେ ପ୍ରଶଂସା କରନ୍ତି ନାହିଁ । କିନ୍ତୁ ପରୋକ୍ଷରେ ମୋ କାମ ପାଇଁ ତାଙ୍କର ସବୁବେଳେ ସହାନୁଭୂତି ଥାଏ । ସେଥିପାଇଁ ଯେତେବେଳେ ଏଇସବୁ ପତ୍ରପତ୍ରିକା, ପରେ 'ଝଙ୍କାର' ଏବଂ ଅନ୍ୟାନ୍ୟ ପତ୍ରିକାରେ ଲେଖିଲି, ମୋର ମନେହେଲା ବାପା ଖୁସି ହେଉଛନ୍ତି ।"

ବାସ୍ତବରେ ଦେଶ ଓ ସମାଜ ପାଇଁ ଉତ୍ସର୍ଗୀକୃତ ବ୍ୟକ୍ତିସତ୍ତାଟିଏ ଜୀବନର ପୂର୍ଣ୍ଣତା ଲାଭକରେ ସେତିକିବେଳେ, ଯେତେବେଳେ ନିଜର ସନ୍ତାନ ତାଙ୍କ ତ୍ୟାଗ, ଜୀବନାଦର୍ଶ ଓ ମହତାକାଂକ୍ଷାକୁ ବୁଝିପାରି ସେଇ ପଥରେ ଯାତ୍ରା ଆରମ୍ଭ କରେ ଏବଂ ସଫଳତା ପ୍ରାପ୍ତ ହୁଏ । ଏହି ଦୃଷ୍ଟିରୁ ବିଚାର କଲେ କାଳିନ୍ଦୀଚରଣ ପାଣିଗ୍ରାହୀ ଝିଅଠାରେ ତାଙ୍କର ସମସ୍ତ ସୁଗୁଣର ପ୍ରସ୍ଫୁଟିତ ରୂପଲାବଣ୍ୟ ସଂଦର୍ଶନ କରି ତୃପ୍ତିଲାଭ କରିଥିବେ ନିଶ୍ଚୟ । ନନ୍ଦିନୀଙ୍କ ସାମାଜିକ ଓ ରାଜନୈତିକ ଜୀବନ କକେଇ ଭଗବତୀ ପାଣିଗ୍ରାହୀଙ୍କ ଦ୍ୱାରା ପ୍ରଭାବିତ ହୋଇଥିବାବେଳେ, ସାହିତ୍ୟିକ ଜୀବନ ଉପରେ କାଳିନ୍ଦୀଚରଣଙ୍କର ଗଭୀର ପ୍ରଭାବ ପଡ଼ିଥିଲା । କିନ୍ତୁ କକେଇ ହିଁ ଥିଲେ ତାଙ୍କ ସାହିତ୍ୟିକ ଜୀବନର ଆଦ୍ୟ ଗୁରୁ । ନନ୍ଦିନୀ କଲେଜରେ ପଢ଼ିଲାବେଳେ ଭିନ୍ନ ଭିନ୍ନ ସମୟରେ ଗପ ଲେଖି ଟେବୁଲ ଉପରେ ରଖିଦେଇ

Digitized by PPRACHIN, SOA

ବାହାରକୁ ଚାଲିଯାଆନ୍ତି । ସେହି ସୁଯୋଗରେ କାଳିନ୍ଦୀବାବୁ ସେଗୁଡ଼ିକୁ ପଢ଼ିପକାନ୍ତି । ଥରେ ଝିଅର 'ଏଇ ସହକାର ତଳେ' ଶିରୋନାମାରେ ଗପଟିଏ ତାଙ୍କୁ ଖୁବ୍ ଆକର୍ଷିତ କରିଥିଲା । ସେଥିରେ ଗୋଟିଏ ଆମ୍ବଗଛ ମୂଳେ ଗରିବ ଦମ୍ପତିଟିଏ ପିଲାଛୁଆଙ୍କୁ ଧରି କଷ୍ଟରେ ଜୀବନଯାପନ କରୁଥିବାର ଅତି ଜୀବନ୍ତ ଚିତ୍ରଟିଏ ପରିବେଷଣ କରିଥିଲେ ନନ୍ଦିନୀ । ବର୍ଣ୍ଣନାଟି ଅତ୍ୟନ୍ତ ଉଚ୍ଚକୋଟୀର ଥିଲା । ସେଦିନ ସନ୍ଧ୍ୟାରେ ଝିଅ ଫେରିବା ପରେ ତାକୁ ପାଖକୁ ଡାକି କାଳିନ୍ଦୀଚରଣ କହିଥିଲେ, 'ତୁ କ'ଣ ମାୟାଧର ମାନସିଂହଙ୍କୁ ଥଟ୍ଟା କରୁଛୁ ?' ବାପାଙ୍କର ଏଭଳି ଆକସ୍ମିକ ଅଭିଯୋଗରେ ନନ୍ଦିନୀ ଆଶ୍ଚର୍ଯ୍ୟ ହୋଇ ପଚାରିଥିଲେ, 'କାହିଁକି ?' କାଳିନ୍ଦୀବାବୁ କହିଲେ, 'ତୁ ତ ଜାଣୁ 'ଏଇ ସହକାର ତଳେ' ଶିରୋନାମାରେ ମାୟାଧର ମାନସିଂହଙ୍କର ଗୋଟିଏ ଅତି ଜଣାଶୁଣା କବିତା ଅଛି । ତେବେ ତୁ ସମାନ ଶିରୋନାମାରେ ଏଭଳି ଲେଖିଛୁ କାହିଁକି ?' ନନ୍ଦିନୀ ବୁଝିଗଲେ ବାପାଙ୍କ ଅସନ୍ତୋଷର ରହସ୍ୟ । କିନ୍ତୁ ମନରେ କୌଣସି ଦୂରଭିସନ୍ଧି ରଖି ସେ ଏପରି ଲେଖିନଥିଲେ । ବରଂ ଏହା ଥିଲା ଏକ କାକତାଳୀୟ ନ୍ୟାୟ । ମାତ୍ର ଯେଉଁ କଥାଟି କାଳିନ୍ଦୀବାବୁଙ୍କୁ ବ୍ୟଥିତ କରିଥିଲା ତାହାହେଲା, ମାୟାଧରବାବୁଙ୍କ 'ଏଇ ସହକାର ତଳେ' କବିତାଟିରେ ଏକ ନିଛକ ପ୍ରେମକାହାଣୀ ବର୍ଣ୍ଣିତ ହୋଇଥିବାବେଳେ ଝିଅର କାହାଣୀ ତା'ର ସମ୍ପୂର୍ଣ୍ଣ ବିପରୀତ, ଅର୍ଥାତ୍ ସେଇ ଆମ୍ବଗଛ ତଳେ ଜୀବନ ଜୀଉଁଥିବା ଗୋଟିଏ ଦରିଦ୍ର ପରିବାରର ନିଷ୍ପେଷିତ କାହାଣୀ । ବାପାଙ୍କ ନିକଟରେ ନନ୍ଦିନୀ ସେଦିନ ନିରୁତ୍ତର ରହିଥିଲେ । କିନ୍ତୁ ପିତା-ପୁତ୍ରୀଙ୍କର ଏହି କଥୋପକଥନ ଭିତରେ ସବୁଦିନ ପାଇଁ ଲୁଚିଗଲା ଆଉ ଏକ ବିସ୍ମୟ, ଯାହାର ନିର୍ଣ୍ଣାୟକ ପାଠକ । କଥାଟି ହେଲା ପିତାଙ୍କର ଇଚ୍ଛାକୁ ସମ୍ମାନ ଜଣାଇ ନନ୍ଦିନୀ ସେଦିନ ପଚାରିଥିଲେ, 'ବାପା ! ତେବେ କ'ଣ ମୁଁ ଏହି ଶିରୋନାମାଟିକୁ ବଦଳାଇ ଦେବି ?' କିନ୍ତୁ କାଳିନ୍ଦୀଚରଣ ଥିଲେ ନିରୁତ୍ତର !

ପ୍ରକୃତରେ ଜୀବନକାଳ ଭିତରେ ନନ୍ଦିନୀ ଯେଉଁ ଶିଖର ସ୍ପର୍ଶ କରିଥିଲେ, ତାହା କେବଳ ସମ୍ଭବ ହୋଇଥିଲା ତାଙ୍କର ଏକାଗ୍ରତା ଏବଂ କୃଚ୍ଛ୍ର ସାଧନା ଯୋଗୁଁ । ସମାଜସେବା, ବିପ୍ଲବ, ରାଜନୀତି ଭିତରେ ଘାଣ୍ଟିହୋଇ ସେଇଭିତରୁ ସେ ସାଉଁଟି ଆଣିଥିଲେ ଦୁଃଖୀ, ରଙ୍କି, ଦରିଦ୍ର ଜନତାର ଅସୁମାରୀ କଥା କାହାଣୀକୁ । ପୁଣି ସମାଜର ତଥାକଥିତ ବଡ଼ ବୋଲାଉଥିବା ମଣିଷମାନଙ୍କ ମୁହଁରୁ ପର୍ଦ୍ଦା ଖୋଲିଦେଇ ସେମାନଙ୍କର ସାନ ସାନ ଚେହେରାକୁ ଲୋକାର୍ପିତ କରିଥିଲେ କଲମ ମୁନରେ । କେଉଁଠି କେଉଁଠି ନିଷ୍ପେଷିତ ନାରୀଟିକୁ ସ୍ୱାଭିମାନୀ ହେବାକୁ, ନିଜକୁ ବ୍ୟକ୍ତି ଭାବରେ, ମଣିଷ ଭାବରେ ଦାବି କରିବାକୁ ଆହ୍ୱାନ ଦେଇଛନ୍ତି ତ, କେବେ କେବେ ଆତ୍ମକୈନ୍ଦ୍ରିକ ଓ ଅହଂକାରୀ ମଣିଷର ଅବକ୍ଷୟକୁ

Digitized by PPRACHIN, SOA

ଚେତାଇ ଦେଇ ଲେଖିଛନ୍ତି, "ଦିନକୁ ଦିନ ମଣିଷ ସାନ ହୋଇଯାଉଛି । ସେଇ ରୂପକଥାର ଏକୋଇଶ ହାତ ମଣିଷ—ଯିଏ କମି କମି ହେଲା ଚଉଦ ହାତ । ତା'ପରେ ସାତ ଓ ଶେଷରେ ସାଢ଼େ ତିନି ହାତ । ହୁଏତ ଆହୁରି ଛୋଟ ହୋଇଯିବ ମଣିଷ । ତାକୁ ସେତେବେଳେ ଇଞ୍ଚରେ ମପା ହେବ ।" ପ୍ରକୃତରେ ଅନ୍ୟଠାରୁ ନିଜକୁ ବଡ଼ ରୂପରେ ଦେଖିବାର, ଦେଖେଇ ହେବାର ଅଦମ୍ୟ ଆକାଙ୍‌କ୍ଷା ଏକବିଂଶ ଶତାବ୍ଦୀର ମଣିଷମାନଙ୍କୁ ଆଜି କେତେ ଛୋଟରେ ପରିଣତ କରିପକାଇଛି ! ଅବଶ୍ୟ ନିଜକୁ ଖୁବ୍ ଚାଲାଖ୍ ବୋଲି ବିଚାରୁଥିବା ମଣିଷ ଇଞ୍ଚ ପରେ ସେଣ୍ଟିମିଟର ଏବଂ ମିଲିମିଟରକୁ ବି ଆବିଷ୍କାର କରିସାରିଛି । ଆହୁରି ଛୋଟ ହେବାପାଇଁ ସତେଯେମିତି ପ୍ରତିଯୋଗିତା ଭୀଷଣ ହେବାରେ ଲାଗିଛି ! ଏହା ହିଁ ନନ୍ଦିନୀ-ସାହିତ୍ୟର ଦର୍ଶନ ଓ ଦାମ୍ଭିକତା ।

ଛାତ୍ରୀ ଅବସ୍ଥାରୁ ନନ୍ଦିନୀ ବହୁ ସାମାଜିକ କାର୍ଯ୍ୟ ସହ ସଂଶ୍ଳିଷ୍ଟ ହୋଇଥିଲେ । ତା' ସହିତ ବିଭିନ୍ନ ଆନ୍ଦୋଳନର ବି ନେତୃତ୍ୱ ନେଇଥିଲେ । ସେହି ସମୟର ଅଭିଜ୍ଞତା ସବୁ ତାଙ୍କ ଲେଖନୀକୁ ଉଜ୍ଜୀବିତ କରିଥିଲା । ତାଙ୍କର ଅନେକ ସମୟରେ କ୍ଷୋଭ ବା ଅବଶୋଶ ଥିଲା ଯେ, ସାହିତ୍ୟ ପାଇଁ ସେ ଯଥେଷ୍ଟ ସମୟ ଦେଇପାରିନାହାନ୍ତି । ଦୂରଦର୍ଶନ, ରେଡିଓ, ଖବରକାଗଜର ପ୍ରତିନିଧିମାନେ ତାଙ୍କୁ ସବୁବେଳେ ପ୍ରଶ୍ନ କରୁଥିଲେ, 'ଏତେ କାର୍ଯ୍ୟ ବ୍ୟସ୍ତତା ଭିତରେ ଆପଣ ସାହିତ୍ୟ ପାଇଁ ସମୟ କେତେବେଳେ ପାଆନ୍ତି ?' ନନ୍ଦିନୀଙ୍କ ସଂକ୍ଷିପ୍ତ ଉତ୍ତର ଥିଲା, "କୌଣସି ମହତ୍ତର କାର୍ଯ୍ୟ ପାଇଁ ବିବେକର ଆହ୍ୱାନକୁ ବାସ୍ତବରେ ରୂପାନ୍ତରିତ କରିବା ପାଇଁ ମନରେ ଯଦି ନିଷ୍ଠା ଥାଏ, ଏକାଗ୍ରତା ଥାଏ, ତେବେ ସମୟ ଆପେ ଆପେ ଆସି ଧରାଦେବ, ଏଥିପାଇଁ ଗୋଟିଏ ନିର୍ଦ୍ଦିଷ୍ଟ ସମୟକୁ ଖୋଜିବା ଦରକାର ପଡ଼େନି । କିନ୍ତୁ ଯେଉଁମାନେ କ'ଣଟେ ହେବାପାଇଁ କି ପୁରସ୍କାରଟେ ପାଇବା ପାଇଁ ମନରେ ଧାରଣା ପୋଷଣ କରି କଲମ ଧରନ୍ତି, ସେମାନଙ୍କ କ୍ଷେତ୍ରରେ ଅବଶ୍ୟ ଭିନ୍ନ କଥା ।"

ବାସ୍ତବରେ କେତେବଡ଼ ନିଷ୍ଠୁର ସତ୍‌କଥାଟିଏ ! ଏଇକ୍ଷଣି ତ କେତେ ନୂଆ ନୂଆ ସାହିତ୍ୟିକ ସବୁ ବାହାରିଲେଣି । ଆଧୁନିକ ଗଳ୍ପ, କବିତା ଲେଖି ଅନେକ ପୁରସ୍କାର ବି ପାଉଛନ୍ତି । ଏହାଛଡ଼ା ଏବେ ସାହିତ୍ୟକୁ ବି ଦୁର୍ନୀତି ରାକ୍ଷସ କାବୁ କରିସାରିଲାଣି । କିଏ କାହାର ଲେଖା ଚୋରାଇ ନେଲାଣି ତ କେହି କେହି ପୁରସ୍କାରଟିଏ ପାଇବା ପାଇଁ ପୁରସ୍କାରଲବ୍ଧ ଅର୍ଥର ପରିମାଣଠାରୁ ଢେର ଅଧିକ ଅର୍ଥ ଲାଞ୍ଚଦେବା ଆଉ ଧରାଧରି କରିବାରେ ଖର୍ଚ୍ଚ କରିସାରିଲେଣି । ଅନ୍ୟପକ୍ଷରେ ସେମାନଙ୍କର ଲେଖା ଅତ୍ୟନ୍ତ ନିମ୍ନମାନର

Digitized by PPRACHIN, SOA

ତଥା ପାଠକଙ୍କ ବୋଧଗମ୍ୟ ହେବାଭଳି ହେଉନାହିଁ । କେବଳ ନାମ ଦେଖି ସେମାନଙ୍କର ଲେଖାକୁ ସ୍ୱୀକୃତି ମିଳୁଛି । ଅବଶ୍ୟ ଏହି ଶ୍ରେଣୀଭୁକ୍ତ ସାହିତ୍ୟିକମାନଙ୍କ କ୍ଷେତ୍ରରେ ସମୟକୁ ଖୋଜିବାକୁ ପଡ଼ିଥାଏ । କିନ୍ତୁ ଜଣେ ସଚ୍ଚା ସାହିତ୍ୟିକ ଏ ସବୁର ଊର୍ଦ୍ଧ୍ୱରେ ରହି ନିଜର କର୍ତ୍ତବ୍ୟ ସମ୍ପାଦନ କରିବା ଛଡ଼ା ଅନ୍ୟକିଛି ଭାବିପାରନ୍ତି ନାହିଁ । ହେଲେ ସବୁଜ ଯୁଗର ମହାନାୟକ ତଥା 'ମାଟିର ମଣିଷ' ରଚୟିତା କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ କନ୍ୟା ନନ୍ଦିନୀ ଯେଉଁ ସାହିତ୍ୟ ସୃଷ୍ଟି କରିଛନ୍ତି, ସେଥିରେ ଅଛି ଅନାଥ ଆତୁରଙ୍କ କାହାଣୀ, ଏକ ସାମାଜିକ ଦାୟିତ୍ୱବୋଧତା । ତାଙ୍କ ସାହିତ୍ୟର ଅନେକ ଭାଗରେ କର୍ତ୍ତବ୍ୟର ଛାପ ହିଁ ପ୍ରସ୍ଫୁଟିତ ହୋଇଅଛି । ସେ ନିଜେ କେବେ ପୁରସ୍କାର ପାଇବାକୁ ଚିନ୍ତା ସୁଦ୍ଧା କରିନାହାନ୍ତି, ଯଦିଓ 'ରେଭିନ୍ୟୁ ଟିକେଟ୍' ଅନୁବାଦ ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଛନ୍ତି । ହେଲେ ଏହି ପୁରସ୍କାର ପାଇ ଗର୍ବ କରନ୍ତି ନାହିଁ । ବରଂ ତାଙ୍କର କ୍ଷୋଭ ହୁଏ ଯେ, ଯେଉଁ ଜାତି କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ଭଳି ସାହିତ୍ୟିକଙ୍କୁ ଉପଯୁକ୍ତ ସମ୍ମାନ ଦେଇପାରିନାହିଁ, ସେଠାରେ ତାଙ୍କ ପୁରସ୍କାରର ଅର୍ଥ କିଛି ନାହିଁ ।

ସକଳ କାର୍ଯ୍ୟବ୍ୟସ୍ତତା ଭିତରେ ସେ କିପରି ଲେଖାଲେଖି କରୁଥିଲେ, ସେ ବିଷୟରେ 'ସୁଧନ୍ୟା'କୁ ସାକ୍ଷାତକାର ଦେବା ଅବସରରେ କହୁଥିଲେ, "ଛାତ୍ରୀ ଅବସ୍ଥାରେ ମୁଁ ବରାବର ବିଭିନ୍ନ ଲେଖା ଲେଖୁଥାଏ । କିଛି କାଗଜକୁ ପଠାଏ, କିଛି ଲେଖାହୋଇ ପଡ଼ିଥାଏ । ଭାଗ୍ୟକୁ ଯେତେ ଲେଖା ମୁଁ କାଗଜକୁ ପଠାଇଛି ସବୁ ପ୍ରକାଶିତ ହୋଇଛି । କେନ୍ଦ୍ରମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଯାହା ବି ଥିଲେ ମୋ ଲେଖା କେବେ ବି ବନ୍ଦ ହୋଇନାହିଁ । ରାତିରେ ଶୋଇ ଶୋଇ ମୁଁ ଗୋଟିଏ ଗୋଟିଏ ଗପ ପୂରା ସ୍ୱପ୍ନରେ ଦେଖିଦିଏ । ଏମିତିକି ମଝିରୁ ଉଠି ବାଥ୍‌ରୁମ୍‌କୁ ଯାଇ ପୁଣି ଆସି ଶୋଇପଡ଼ିଲେ ସେଇ ଗପର ଧାରା ଅବ୍ୟାହତ ରହିଥାଏ । ଅଳସୁଆମୀ କରି ସେତିକିବେଳେ ଉଠି ଗପଗୁଡ଼ିକ ଲେଖିପାରେନି । କବିତାର ଅବସ୍ଥା ବି ସେଇଆ । ନିଦରେ ଶୋଇ ଶୋଇ କବିତା କହୁଥାଏ ଆଉ ଉଠି କେତେବେଳେ ଯଦି ଧୈର୍ଯ୍ୟ ରହେ ତେବେ ଲେଖିପକାଏ । ଲୋକଙ୍କ ସମସ୍ୟା ବୁଝିବା, ଦରଖାସ୍ତ ଦେଖିବା, ଏଇ କାମରେ ସାରାଦିନ ଅତି ବ୍ୟସ୍ତ ଭାବରେ କଟିଯାଏ । ତଥାପି ସେଇ ଅବସ୍ଥାରେ ରାତି ତିନିଟା ବେଳ ପର୍ଯ୍ୟନ୍ତ ଡିକ୍‌ଟେସନ ଦିଏ । ଏହିଭଳି ଭାବରେ ମାସକ ଭିତରେ ତସଲିମା ନାସରିନ୍‌ଙ୍କ 'ଲଜ୍ଜା' ଉପନ୍ୟାସଟିକୁ ଅନୁବାଦ କରିଦେଲି । କିନ୍ତୁ ଅମ୍ରିତାପ୍ରୀତମ୍‌ଙ୍କ ଆତ୍ମକାହାଣୀ 'ରେଭିନ୍ୟୁ ଟିକଟ୍'କୁ ନିଜେ ଲେଖିଲି । ଦୁଇଟିଯାକ ବହି ଛପା ହୋଇଛି । ବହୁତ ପ୍ରଶଂସାର ଚିଠି ବି ପାଇଛି । ସେଗୁଡ଼ିକ ମୋତେ ଉଦ୍‌ବୁଦ୍ଧ କରେ । ତାହା ଆହୁରି ଆହୁରି ଲେଖିବାକୁ ପ୍ରେରଣା ଯୋଗାଏ । ବେଳ କିନ୍ତୁ

Digitized by PPRACHIN, SOA

ସବୁବେଳେ ହୁଏନାହିଁ । ସେଇଥିପାଇଁ ଆପଣ ଭାବିବେ ନାହିଁ ଯେ, କୌଣସି ଅବସ୍ଥାରେ ମୁଁ ଲେଖିବା ଛାଡ଼ିଦେଇଛି ।”

ନନ୍ଦିନୀଙ୍କ ଜୀବନ ମୁଖ୍ୟତଃ ଦୁଇଟି ଦିଗରେ ସମାନ୍ତରାଳ ଭାବରେ ଗତିଶୀଳ ଥିଲା । ପ୍ରଥମଟି ସୃଜନଶୀଳତାର ଥିବାବେଳେ, ଅନ୍ୟ ଦିଗଟି ଥିଲା ତାଙ୍କ ପାଇଁ ଖୁବ୍ ରୋମାଞ୍ଚକର । ଏହାକୁ ସବଳର ଦୁର୍ବଳ ଉପରେ ଅତ୍ୟାଚାର, ଶୋଷଣ ବିରୁଦ୍ଧରେ ସଂଗ୍ରାମ ବୋଲି କୁହାଯାଇପାରେ କିମ୍ବା ପରାଧୀନତା ଅର୍ଥାତ୍, ନିଜ ମା' ମାଟିରେ ବିଦେଶୀମାନଙ୍କ ଦ୍ୱାରା ଶାସିତ ହେବା ବିରୁଦ୍ଧରେ ବିପ୍ଳବ ବୋଲି ମଧ୍ୟ କୁହାଯାଇପାରେ । ଛାତ୍ର ସମୟରୁ ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇଥିଲେ ବି କଲେଜ ଜୀବନରେ ଜଣେ ବିପ୍ଳବିଣୀ ରୂପରେ ସେ ସର୍ବତ୍ର ପରିଚିତା ହୋଇଥିଲେ । ଗାନ୍ଧିଜୀଙ୍କ ସୂତାକଟା ଅଭିଯାନରେ ସେ ଉତ୍ସାହିତ ହୋଇ ନିଜେ ଘରେ ସୂତା କାଟିବା ଆରମ୍ଭ କରିଦେଇଥିଲେ । ତାଙ୍କର ବିଶ୍ୱାସ ଥିଲା ଯେ, ସେଇ ସୂତାରେ କନା ବୁଣାହୋଇ ଫ୍ରକ୍ ତିଆରି ହେଲେ ତାକୁ ହିଁ ସେ ପିନ୍ଧିବେ । ସେଥିଲାଗି ବାପା ବଜାରରୁ ଝିଅ ପାଇଁ ଖଦଡ଼ ଫ୍ରକ୍ କିଣି ଆଣନ୍ତି ଏବଂ ସେ ତାକୁ ପିନ୍ଧନ୍ତି । ମୋଟାମୋଟି ଭାବରେ ଦେଶ କିପରି ସ୍ୱାଧୀନ ହେବ, ଏହି ଚିନ୍ତାଟି ସବୁବେଳେ ତାଙ୍କୁ ଅସ୍ଥିର କରୁଥିଲା । ପୁଣି ସ୍ୱାଧୀନତା ପ୍ରାପ୍ତି ପରେ ଗୋଟିଏ ସମତାଭିତ୍ତିକ ସୁନ୍ଦର ଭାରତ ଗଠନର ପରିକଳ୍ପନା ତାଙ୍କ ମନକୁ ଉଦ୍‌ବେଳିତ କରିଥିଲା । ତାଙ୍କର ବିଦ୍ରୋହୀ ମନ ତଳେ ଲୁଚି ରହିଥିଲା ଏକ ନବଭାରତର ନକ୍ସା । କେତେବେଳେ ସ୍ୱାଧୀନତା ଆନ୍ଦୋଳନ ରାଲିରେ ମିଶିଥିବା ଯୋଗୁଁ ପୋଲିସ୍ ନେଇ ଚନ୍ଦକା ଜଙ୍ଗଲରେ ଛାଡ଼ିଦେଇଛି ତ କେତେବେଳେ ଜେଲ୍‌ର ଅନ୍ଧକାର କୋଠରୀରେ ବନ୍ଦ କରିଦିଆଯାଇଛି । ପୁଣି କେତେବେଳେ ପୋଲିସ୍‌ର ଲାଠିମାଡ଼ରେ ରକ୍ତ ରଞ୍ଜିତ ହୋଇଛନ୍ତି—ତଥାପି ସେ ନିଜର କର୍ତ୍ତବ୍ୟ ପଥରୁ କେବେ ବି ବିଚ୍ୟୁତ ହୋଇନାହାନ୍ତି, କିମ୍ବା କୌଣସି ସମୟରେ ନିଜର ଆତ୍ମବିଶ୍ୱାସ କିମ୍ବା ଧୈର୍ଯ୍ୟ ହରାଇନାହାନ୍ତି । ରାଜନୀତିର ଛକାପଞ୍ଝା ଖେଳଠାରୁ ନିଜକୁ ଯଥାସମ୍ଭବ ଦୂରରେ ରଖି ଅବସର ପାଇବା ମାତ୍ରେ ସେ ଧରୁଥିଲେ କଲମ । ଯାହାସବୁ କରିବାକୁ ଚାହୁଁଥିଲେ ଅଥଚ କରିପାରୁନଥିଲେ ଏବଂ ସେସବୁ ହେବା ଦରକାର ବୋଲି ଅନୁଭବ କରୁଥିଲେ, ତାହା ବିଭିନ୍ନ ଚରିତ୍ର ମାଧ୍ୟମରେ ଉପସ୍ଥାପିତ କରୁଥିଲେ ଗଳ୍ପ, କବିତା ଓ ପ୍ରବନ୍ଧ ମାଧ୍ୟମରେ । ସତ୍ୟ ପ୍ରତି ତାଙ୍କର ପ୍ରଗାଢ଼ ନିଷ୍ଠା ଥିଲା । କୌଣସି କଥାରେ ସତ୍ୟ ପ୍ରକାଶ କରିବାକୁ ସେ ତିଳେହେଲେ କୁଣ୍ଠିତ ହେଉନଥିଲେ । ସାହିତ୍ୟରେ ହେଉ କିମ୍ବା ରାଜନୀତିରେ, ବିଭିନ୍ନ ସଭାସମିତିରେ ଅଥବା ବିଧାନସଭାରେ ଅପ୍ରିୟ ସତ୍ୟ ପ୍ରକାଶ କରି ଅନେକଙ୍କୁ ଅସୁବିଧାରେ ପକାଇବା ସଙ୍ଗେ ସଙ୍ଗେ ଆଶ୍ଚର୍ଯ୍ୟାନ୍ୱିତ ମଧ୍ୟ

Digitized by PPRACHIN, SOA

କରିଦେଉଥିଲେ । ପଚାରିଲେ ନିର୍ଭୀକ ଭାବରେ ଉତ୍ତର ଦେଉଥିଲେ, "କ'ଣଟେ ହୋଇଯିବ ସେଇଠୁ ? ମୋତେ କିଏ ଦଳରୁ ବାହାର କରିଦେବ ତ ! କରିଦିଅନ୍ତୁ । ସେଥିପାଇଁ ମୁଁ ଖାତିର କରେନି । ତା'ଛଡ଼ା ମୋର କିଛି ଦଳଫଳ ନାହିଁ । ଭଗବାନ ପଠାଇଛନ୍ତି କାମ କରିବାକୁ, ତା' ବୋଲି କ'ଣ ଭୁଲ କାମଟା କରିବା ? ଖାଲି କ'ଣ ଗୋଟେ ହେବା ପାଇଁ, ଗୋଟିଏ କ୍ଷମତାର ଚଉକି ପାଇଁ ?"

ସତ୍ୟକୁ ଦୃଢ଼ତାର ସହିତ ସାମ୍ନା କରୁଥିବା ଏହି ନିର୍ଭୀକ ନାରୀନେତ୍ରୀ ସ୍ୱାଧୀନତା ପୂର୍ବରୁ ଛାତ୍ରାବସ୍ଥାରେ ବରୀ ଆଶ୍ରମରେ ରହି 'ଭୂଦାନ ଯଜ୍ଞ' ପତ୍ରିକାର ସମ୍ପାଦନା ଦାୟିତ୍ୱ ତୁଲାଇବା ସହ, ସ୍ୱାଧୀନତା ପରବର୍ତ୍ତୀ ସମୟରେ ସର୍ବୋଦୟ ଆନ୍ଦୋଳନରେ ନିଜକୁ ସାମିଲ କରି 'ଗ୍ରାମସେବକ' ପତ୍ରିକାରେ ଅନୁବାଦ କରିବା ପର୍ଯ୍ୟନ୍ତ ସୃଜନାତ୍ମକ କାର୍ଯ୍ୟରେ ଏକଦା ନିଜର ମନୋନିବେଶ କରିଥିଲେ । ବିଶିଷ୍ଟ ସର୍ବୋଦୟ ନେତ୍ରୀ ଅନ୍ନପୂର୍ଣ୍ଣା ମହାରଣା ତାଙ୍କର ଆତ୍ମଜୀବନୀରେ ଏ ବିଷୟରେ ସମ୍ୟକ ସୂଚନା ଦିଅନ୍ତି, "ଏହି ସମୟରେ (୧୯୫୮) ଶ୍ରୀମତୀ ନନ୍ଦିନୀ ଶତପଥୀ ସର୍ବୋଦୟ ଆନ୍ଦୋଳନରେ ଯୋଗଦେଲେ । ସର୍ବୋଦୟ ପାତ୍ର ସ୍ଥାପନା, 'ଗ୍ରାମସେବକ' ପତ୍ରିକା ପାଇଁ ବିନୋବା ସାହିତ୍ୟ ଅନୁବାଦ କରିବା, ସଭାସମିତିରେ ସର୍ବୋଦୟ ବିଚାର ବୁଝାଇବା ଆଦି କାମ ସେ କରୁଥାନ୍ତି" (ଅମୃତ ଅନୁଭବ, ଶିକ୍ଷାସନ୍ଧାନ, ୨୦୦୫, ପୃ-୩୧୮) । ପରବର୍ତ୍ତୀ ଜୀବନରେ ଏହିସବୁ ସମ୍ପାଦନା କାର୍ଯ୍ୟ ସାରସ୍ୱତ ସାଧନା ପାଇଁ ତାଙ୍କୁ ଅନୁପ୍ରେରିତ କରିଥିଲା ।

୧୯୬୭ ମସିହା ପବିତ୍ର ଦଶହରା ତିଥିରେ ତାଙ୍କର ପ୍ରଥମ ପୁସ୍ତକ ଗଳ୍ପ ସଂକଳନ 'କେତୋଟି କଥା' କଟକର ଗ୍ରନ୍ଥମନ୍ଦିର ଦ୍ୱାରା ପ୍ରକାଶିତ ହୋଇ ୧୯୮୮ ମସିହା ସୁଦ୍ଧା ଏହାର ତୃତୀୟ ସଂସ୍କରଣ ହୋଇସାରିଥିଲା । ଏଥିରେ ଥିବା ଗଳ୍ପଗୁଡ଼ିକ ଜନମାନସରେ ଏଭଳି ଆଦୃତ ଲାଭ କରିଥିଲା ଯେ, ପରବର୍ତ୍ତୀ ସମୟରେ ଇଂରାଜୀ, ବଙ୍ଗଳା, ତେଲୁଗୁ, ତାମିଲ, ମାଲୟଲମ, କନ୍ନଡ଼ ଆଦି ଭାଷାରେ ଏହାର ଅନୁବାଦ ପ୍ରକାଶିତ ହେଲା ଏବଂ ସେହି ଭାଷାଭାଷୀ ଲୋକଙ୍କ ଦ୍ୱାରା ବିଶେଷ ଭାବେ ଆଦର ଲାଭ କରିଥିଲା । ଏହାପରେ 'ଗାନ୍ଧୀ କଥାମୃତ' (ଅନୁବାଦ), 'ସପ୍ତଦଶୀ' (ଗଳ୍ପ ସଂକଳନ), 'ରେଭିନ୍ୟୁ ଟିକେଟ୍' (ଅନୁବାଦ), 'ଲଜ୍ଜା' (ଅନୁବାଦ), 'ପେନ୍ ପ୍ରୋଟେଟ୍ ଆଣ୍ଡ ଟ୍ରିବୁଟ୍ସ ବାଇ ଗାନ୍ଧିଜୀ' (ଅନୁବାଦ), 'ଉତ୍ତର ପୁରୁଷ' (କବିତା ସଂକଳନ) ଏବଂ 'ମହାଶ୍ୱେତାଦେବୀଙ୍କ ନିର୍ବାଚିତ ଗଳ୍ପ' ଇତ୍ୟାଦି ପରବର୍ତ୍ତୀ ସମୟରେ ପ୍ରକାଶିତ ହୋଇ ବେଶ୍ ଆଦୃତ ହୋଇଥିଲା । 'ଲଜ୍ଜା' ଉପନ୍ୟାସଟି ଇତିମଧ୍ୟରେ ଦ୍ୱାଦଶ ସଂସ୍କରଣ ହୋଇ ଅନୁବାଦ ସାହିତ୍ୟରେ ଏକ

Digitized by PPRACHIN, SOA

ମାଇଲଖୁଣ୍ଟ ସୃଷ୍ଟି କରିଛି । ଏଥି ପୂର୍ବରୁ ଓଡ଼ିଶାରେ ଅନୁବାଦ ସାହିତ୍ୟରେ କୌଣସି ପୁସ୍ତକ ଏତେଗୁଡ଼ିକ ସଂସ୍କରଣ ହେବା ଦେଖାଯାଏନି । ଏତଦ୍‌ବ୍ୟତୀତ ପୁସ୍ତକ ବାହାରେ ତାଙ୍କର ଅନେକ କ୍ଷୁଦ୍ରଗଳ୍ପ, କବିତା, ପ୍ରବନ୍ଧ ଇତ୍ୟାଦି ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ହୋଇଥିଲେ ମଧ୍ୟ ତାହାର ସଂକଳନ ଏଯାବତ୍ ହୋଇପାରିନାହିଁ କିମ୍ବା ସେ ଦିଗରେ କେହି ଯତ୍ନବାନ ମଧ୍ୟ କରିନାହିଁ ।

ଏତଦ୍‌ବ୍ୟତୀତ ମହାଶ୍ୱେତାଦେବୀଙ୍କ ପଚାଶଟି ଗଳ୍ପ ପୁସ୍ତକରୁ ମାତ୍ର କୋଡ଼ିଏଟି ଗଳ୍ପକୁ ନେଇ ବ୍ରହ୍ମପୁରର 'ଲକି ପବ୍ଲିକେଶନ' ପକ୍ଷରୁ ୧୯୯୯ ମସିହାରେ 'ମହାଶ୍ୱେତାଦେବୀଙ୍କ ନିର୍ବାଚିତ ଗଳ୍ପ' ନାମରେ ଖଣ୍ଡିଏ ପୁସ୍ତକ ପ୍ରକାଶିତ ହୋଇଥିବା ସ୍ଥଳେ, ଏହି ପୁସ୍ତକରୁ ତାଙ୍କର ଅନ୍ୟ କୋଡ଼ିଏଟି ଅନୁଦିତ ଗଳ୍ପ କଟକସ୍ଥ 'ଫ୍ରେଣ୍ଡସ୍ ପବ୍ଲିଶର୍ସ'ଙ୍କୁ ଦିଆଯାଇଥିଲେ ମଧ୍ୟ ତାହା ଏଯାବତ୍ ପ୍ରକାଶିତ ହୋଇପାରିଲା ନାହିଁ । ଏହାଛଡ଼ା 'କୃଷନ ଚନ୍ଦର'ଙ୍କ 'କ୍ଷେତ ଯେବେ ଜାଗିଉଠେ' ହିନ୍ଦୀ ଉପନ୍ୟାସର ଓଡ଼ିଆ ରୂପାନ୍ତର 'ଜମି ଯେବେ ଜାଗିଉଠେ' ଶିରୋନାମାରେ ନନ୍ଦିନୀଙ୍କ ଦ୍ୱାରା ଅନୁବାଦ କରାଯାଇ ଭୁବନେଶ୍ୱରରୁ ପ୍ରକାଶିତ ମାସିକ ସାହିତ୍ୟ ପତ୍ରିକା 'ସୁଧନ୍ୟା'ରେ ଧାରାବାହିକ ଭାବେ ୧୯୯୦ରୁ ୧୯୯୪ ମସିହା ମଧ୍ୟରେ ପ୍ରକାଶିତ ହୋଇସାରିଥିଲେ ମଧ୍ୟ ତାହା ବି ଏଯାଏଁ ଅପ୍ରକାଶିତ । ଆଉ ମଧ୍ୟ ତାଙ୍କର ଉତ୍ତର ବୟସରେ ଲିଖିତ ଛୋଟ ପିଲାଟିଏର ମନସ୍ତତ୍ତ୍ୱ ଆଧାରିତ ଉପନ୍ୟାସ 'ଟିକି ସୁନା ହଜିଗଲା' 'ସାବିତ୍ରୀ' ପତ୍ରିକାରେ ଧାରାବାହିକ ଭାବରେ ପ୍ରକାଶ ପାଇଥିଲେ ମଧ୍ୟ ଏହା ବି କୌଣସି କାରଣରୁ ଏଯାଏଁ ପ୍ରକାଶିତ ହୋଇପାରିନାହିଁ । ସର୍ବୋପରି 'ଧରିତ୍ରୀ' ସମେତ ଅନ୍ୟାନ୍ୟ ଦୈନିକ ଖବରକାଗଜ, ପତ୍ରପତ୍ରିକାରେ ତାଙ୍କ ଦ୍ୱାରା ଲିଖିତ ଲଳିତ ନିବନ୍ଧ ଏବଂ ସ୍ତମ୍ଭଗୁଡ଼ିକର ବି ସଂକଳନ ସମ୍ଭବ ହୋଇପାରିନାହିଁ । ସମ୍ପ୍ରତି ଆମର ନିମ୍ନଗାମୀ ତଥା ଅବକ୍ଷୟମୁଖୀ ସାହିତ୍ୟର ପ୍ରାବଲ୍ୟ ଭିତରେ ନନ୍ଦିନୀଙ୍କର ଏହିସବୁ ଅମୂଲ୍ୟ ପାଣ୍ଡୁଲିପିଗୁଡ଼ିକ ଭବିଷ୍ୟତ ପିଢ଼ିଙ୍କ ନିମନ୍ତେ ନିଶ୍ଚିତ ଭାବରେ ପୁସ୍ତକର ମାନ୍ୟତା ଦାବି କରେ ।

⁂

Digitized by PPRACHIN, SOA

ସଂଗ୍ରାମ ଓ ସୃଜନର ଚତୁର୍ଥ ପିଢ଼ି

ଏକ ବହୁକୁଟୁମ୍ବୀ ପରିବାରରେ ଜନ୍ମଗ୍ରହଣ କରିଥିବା ନନ୍ଦିନୀ ନିଜ ପରିବାରଟିକୁ ଖୁବ୍ ଛୋଟ କରିଥିଲେ । ଦୁଇଟି ପୁଅ ଏବଂ ସ୍ୱାମୀଙ୍କୁ ନେଇ ଗୋଟିଏ ସୁଖୀ ସଂସାର ଗଢ଼ିଥିଲେ । ତାଙ୍କ ଜେଜେବାପା ସ୍ୱପ୍ନେଶ୍ୱର ପାଣିଗ୍ରାହୀଙ୍କର ତିନି ପୁଅ ଏବଂ ଚାରୋଟି ଝିଅ ଥିଲେ । ପୁଅମାନଙ୍କ ମଧ୍ୟରୁ ବଡ଼ ଥିଲେ ଦିବ୍ୟସିଂହ, ମଝିଆଁ କାଳିନ୍ଦୀ ଚରଣ ଏବଂ ସାନ ଭଗବତୀ ଚରଣ । ଏହି ତିନିଭାଇ ଏବଂ ତାଙ୍କର ପିଲାମାନେ ସମସ୍ତେ ଏକାନ୍ନବର୍ତ୍ତୀ ପରିବାରରେ ରହୁଥିଲେ । ଦିବ୍ୟସିଂହବାବୁଙ୍କର ଗୋଟିଏ ପୁଅ ନିହାର ରଞ୍ଜନ ଏବଂ ଦୁଇଟି ଝିଅ । କାଳିନ୍ଦୀ ଚରଣଙ୍କର ଦୁଇ ପୁଅ ଏବଂ ଦୁଇ ଝିଅ । ବଡ଼ ଥିଲେ ନନ୍ଦିନୀ, ସାନ ଯଶୋଧାରା । ତାଙ୍କ ତଳେ ପୁଅ ଶିଶିର ଏବଂ ତୁଷାର । ଭଗବତୀଙ୍କର କେବଳ ତିନୋଟି ଝିଅ । ଏତେ ବଡ଼ ପରିବାରରେ ଜନ୍ମଗ୍ରହଣ କରି ନନ୍ଦିନୀ ନିଜକୁ ଭାଗ୍ୟବାନ ମନେ କରୁଥିଲେ ବି ବେଳେବେଳେ ତାଙ୍କୁ ବଡ଼ଭାଇ ଭଉଣୀଙ୍କ ଆକଟର ସମ୍ମୁଖୀନ ହେବାକୁ ପଡୁଥିଲା ।

ତାଙ୍କ ଶ୍ୱଶୁର ବିଶ୍ୱନାଥ ଶତପଥୀଙ୍କର ଚାରିପୁଅ ଏବଂ ଗୋଟିଏ ଝିଅ କୁନ୍ତଳା । ପୁଅମାନଙ୍କ ଭିତରେ ବଡ଼ ଥିଲେ ନନ୍ଦିନୀଙ୍କ ସ୍ୱାମୀ ଦେବେନ୍ଦ୍ର ଏବଂ ଅନ୍ୟ ତିନିଭାଇ ବ୍ରଜେନ୍ଦ୍ର, ନରେନ୍ଦ୍ର ଓ ରାଜେନ୍ଦ୍ର । ଏମାନେ ସମସ୍ତେ ଏକାନ୍ନବର୍ତ୍ତୀ ପରିବାରରେ ରହୁଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ନନ୍ଦିନୀଙ୍କ ବାପା, ଦଦେଇ, କକେଇ ଏବଂ ଭାଇଭଉଣୀ ମାନେ ତଥା ତାଙ୍କ ଦିଅର, ଦେଢ଼ଶ୍ୱଶୁରଙ୍କ ପର୍ଯ୍ୟନ୍ତ ସମସ୍ତେ ସ୍ୱକ୍ଷେତ୍ରରେ ପ୍ରତିଷ୍ଠିତ ଥିଲେ ।

ବିବାହ ପରେ ପାଠପଢ଼ା ଏବଂ ସମାଜସେବା କାର୍ଯ୍ୟର ଦାୟରେ ନନ୍ଦିନୀ ସ୍ୱାମୀଙ୍କ ସହିତ କଟକର ପିଠାପୁର ଘରେ ରହୁଥିଲେ । ସଂଗ୍ରାମର ଘଡ଼ିସନ୍ଧି ମୁହୂର୍ତ୍ତରେ ସେହିଠାରେ ହିଁ ତାଙ୍କର ଦୁଇଟି ପୁଅ ଜନ୍ମ ହୋଇଥିଲେ । ବଡ଼ପୁଅ ନଚିକେତା ଏବଂ ସାନପୁଅ

Digitized by PPRACHIN, SOA

ତଥାଗତ । ନଚିକେତାବାବୁଙ୍କ ଜନ୍ମ ସମୟରେ ତାଙ୍କର ଦୁଇଟି ଦାନ୍ତ ଉଠିଯାଇଥିଲା । ଏହା ଦେଖି ସେତେବେଳେ ବିଶିଷ୍ଟ କବି ରାଧାମୋହନ ଗଡ଼ନାୟକ ଭବିଷ୍ୟବାଣୀ କରିଥିଲେ ଯେ, କୌଟିଲ୍ୟ ଏବଂ ଚାଣକ୍ୟଙ୍କର ତ ଏପରି ଜନ୍ମରୁ ଦାନ୍ତ ଉଠିଥିଲା । ତେଣୁ ଏ ପିଲା ବହୁତ ଜ୍ଞାନୀ ଏବଂ ବୁଦ୍ଧିମାନ ହେବ । ସତକୁସତ ନଚିକେତାବାବୁ ପିଲାଟି ଦିନରୁ ଖୁବ୍ ମେଧାବୀ ଥିଲେ । ଦିଲ୍ଲୀର ସେଣ୍ଟ ଷ୍ଟିଫେନ୍‌ସ ମହାବିଦ୍ୟାଳୟରୁ କୃତିତ୍ୱର ସହିତ ବି.ଏସ୍‌ସି ପାଶ୍ କରିବା ପରେ ଏକ ବହୁରାଷ୍ଟ୍ରୀୟ କମ୍ପାନୀରେ ଜଣେ ଉଚ୍ଚ ପଦସ୍ଥ ଅଫିସର ଭାବରେ କାର୍ଯ୍ୟକାଳ ସମାପ୍ତି କରିଛନ୍ତି । ନଚିକେତାବାବୁ ପିତାଙ୍କ ପରି ଜଣେ ଅମାୟିକ ଏବଂ ଦେବୋପମ ବ୍ୟକ୍ତି ଭାବରେ ସର୍ବତ୍ର ପରିଚିତ ।

ତଥାଗତବାବୁ କିନ୍ତୁ ଶିକ୍ଷା ସମାପ୍ତି ପରେ ସାମାଜିକ ସେବା କ୍ଷେତ୍ରକୁ ପାଦ ବଢ଼ାଇଥିଲେ । ମା'ଙ୍କ ସଙ୍ଗରେ ପିଲାଟି ଦିନରୁ ଦେଶ ବିଦେଶର ବହୁ ପ୍ରତିଭାବାନ୍ ବ୍ୟକ୍ତି ତଥା ବିଶିଷ୍ଟ ରାଜନୈତିକ ନେତୃବୃନ୍ଦମାନଙ୍କ ସହ ମିଶିବାର ସୁଯୋଗ ପାଇ ସେ କ୍ରମଶଃ ରାଜନୀତିଆଡ଼କୁ ମନ ବଳାଇଲେ । ୧୯୯୦ ମସିହାରେ ପ୍ରଥମ କରି ସେ ରାଜ୍ୟ ବିଧାନସଭାକୁ ଢେଙ୍କାନାଳ ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହୋଇ କ୍ରମାଗତ ଭାବେ ଦୁଇ ଥର ବିଧାନସଭାକୁ ଏବଂ ତିନିଥର ଲୋକସଭାକୁ ମଧ୍ୟ ନିର୍ବାଚିତ ହୋଇଛନ୍ତି । ଅଧୁନା ସେ ଲୋକସଭାର ସଦସ୍ୟ ଏବଂ ଓଡ଼ିଶାର ଲୋକପ୍ରିୟ ଦୈନିକ ଖବରକାଗଜ 'ଧରିତ୍ରୀ'ର ସମ୍ପାଦକ । ନନ୍ଦିନୀଙ୍କ ଭଳି ତଥାଗତବାବୁ ମଧ୍ୟ ଜଣେ ନିର୍ଭୀକ ଏବଂ ସ୍ପଷ୍ଟବାଦୀ ବ୍ୟକ୍ତି ଭାବରେ ସର୍ବତ୍ର ପରିଚିତ । 'ଧରିତ୍ରୀ'ର ସମ୍ପାଦକୀୟରେ ବହୁ ସମ୍ବେଦନଶୀଳ ପ୍ରସଙ୍ଗ ଉପରେ ନିଜର ତୀକ୍ଷ୍ଣ ତଥା ନିର୍ଭୀକ ମତପୋଷଣ କରି ସାଧାରଣ ଜନତାଙ୍କ ସମର୍ଥନ ହାସଲ କରିଥିବାବେଳେ, ଅନେକ ବରିଷ୍ଠ ରାଜନେତା ଏବଂ ପଦସ୍ଥ ସରକାରୀ ଅଧିକାରୀମାନଙ୍କ ମୁଖା ଖୋଲି ସେମାନଙ୍କ ଚକ୍ଷୁଶୀଳ ହୋଇଛନ୍ତି । ବିଶେଷକରି ସମ୍ପାଦକୀୟ ସ୍ତମ୍ଭରେ ଦେଶର ବିଚାର ବ୍ୟବସ୍ଥା ସମ୍ପର୍କରେ ବହୁ ସମୟରେ ବହୁ ବିଷୟରେ ସ୍ପଷ୍ଟ ମନ୍ତବ୍ୟ ପ୍ରଦାନ କରି ତାଙ୍କୁ କୋର୍ଟ କଚେରୀର ସାମ୍ନା ମଧ୍ୟ କରିବାକୁ ପଡ଼ିଛି । ମୋଟ ଉପରେ ବଡ଼ପୁଅ ନଚିକେତାବାବୁ ତାଙ୍କ ସ୍ତ୍ରୀ ଏବଂ ତିନୋଟି ପୁଅଙ୍କ ସହିତ, ସାନପୁଅ ତଥାଗତବାବୁ ସ୍ତ୍ରୀ ଏବଂ ଏକମାତ୍ର ପୁଅକୁ ନେଇ ଉଭୟେ ସ୍ୱ ସ୍ୱ କର୍ମକ୍ଷେତ୍ରରେ ସୁପ୍ରତିଷ୍ଠିତ ।

ଏତଦ୍‌ବ୍ୟତୀତ ନନ୍ଦିନୀଙ୍କ ବଡ଼ ନାତି ସୁପର୍ଣ୍ଣୋ ଶତପଥୀ ସମାଜସେବା କ୍ଷେତ୍ରରେ ବହୁବିଦ୍ଧ କାର୍ଯ୍ୟ କରି ରାଷ୍ଟ୍ରୀୟ ଏବଂ ଅନ୍ତଃରାଷ୍ଟ୍ରୀୟ ସ୍ତରରେ ପ୍ରତିଷ୍ଠା ଅର୍ଜନ କରିଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଥରେ ସୁପର୍ଣ୍ଣୋବାବୁ ପିଲାଦିନେ ଜେଜେବାପାଙ୍କ ସହିତ ନିର୍ବାଚନ ମଣ୍ଡଳୀ ବୁଲୁଥିବାବେଳେ କିଛି ଲୋକ ସେମାନଙ୍କ ଅଞ୍ଚଳରେ ପାଣି ସମସ୍ୟା

Digitized by PPRACHIN, SOA

ନେଇ ଦେବେନ୍ଦ୍ରବାବୁଙ୍କୁ ଅଭିଯୋଗ କରୁଥିଲେ । ସୁପର୍ଣ୍ଣୋ ସବୁ ଶୁଣିସାରିବା ପରେ ଖୁବ୍ ବିବ୍ରତ ହୋଇ ବାପାଙ୍କୁ ପଚାରିଲେ, ଏ ଲୋକମାନେ କେମିତି ପାଣି ପାଇବେ ? ସେତେବେଳେ ଇନ୍ଦିରା ଗାନ୍ଧୀ ଥାଆନ୍ତି ପ୍ରଧାନମନ୍ତ୍ରୀ । ଏହା ଶୁଣି ନନ୍ଦିନୀଦେବୀ ତାଙ୍କୁ କହିଲେ, ତୁ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖୁନୁ ! ମାତ୍ର ନଅ ବର୍ଷ ବୟସରେ ସୁପର୍ଣ୍ଣୋବାବୁ ସେତେବେଳେ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ଢେଙ୍କାନାଳବାସୀଙ୍କର ପାଣି ସମସ୍ୟା ସମାଧାନ କରିବାର ସ୍ୱପ୍ନ ଦେଖିଥିଲେ । ଅବଶ୍ୟ ତତ୍କାଳୀନ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଗାନ୍ଧୀ ତାଙ୍କ ଚିଠିର ଏକ ହାତଲେଖା ଉତ୍ତର ପ୍ରଦାନ କରିଥିଲେ । ଏ କଥା କହିବାର ଉଦ୍ଦେଶ୍ୟ ହେଲା, ନନ୍ଦିନୀ ସୁପର୍ଣ୍ଣୋଙ୍କୁ ଅତ୍ୟନ୍ତ ସ୍ନେହ କରୁଥିଲେ । ନିଜର କଠୋର ସିଦ୍ଧାନ୍ତରେ ଚିର ଅବିଚଳିତ ଏହି ଲୌହମାନବୀ କିପରି ସରଳ ତରଳ ମନେ ହେଉଥିଲେ ସୁପର୍ଣ୍ଣୋଙ୍କ ଭିତରେ ସମ୍ଭାବନାର ଏକ ଉଜ୍ଜ୍ୱଳ ସ୍ୱାକ୍ଷର ଅନୁଭବ କରି । ସୁପର୍ଣ୍ଣୋବାବୁ ମଧ୍ୟ ୧୯୯୦ ଏବଂ ୧୯୯୫ ମସିହା ସାଧାରଣ ନିର୍ବାଚନରେ ନନ୍ଦିନୀଙ୍କ ନିର୍ବାଚନ ପ୍ରଚାର କାର୍ଯ୍ୟରେ ନିଜକୁ ସମ୍ପୂର୍ଣ୍ଣ ରୂପେ ନିୟୋଜିତ କରି ସାଧାରଣ ଲୋକଙ୍କ ସମସ୍ୟା ଓ ଦାରିଦ୍ର୍ୟକୁ ପ୍ରତ୍ୟକ୍ଷ କରିବାର ସୁଯୋଗ ପାଇଥିଲେ । ଏହିସବୁକୁ ପାଥେୟ କରି ସେ ୨୦୦୬ ମସିହାରେ କଂଗ୍ରେସର ସର୍ବୋଚ୍ଚ ନେତୃବୃନ୍ଦଙ୍କ ନିମନ୍ତ୍ରଣରେ ଦଳରେ ଯୋଗଦେଇ ଓଡ଼ିଶାର ପ୍ରଗତି ପାଇଁ ଥିବା ନନ୍ଦିନୀଙ୍କର ଶେଷ ଇଚ୍ଛା ବା ସ୍ୱପ୍ନକୁ ପୂରଣ କରିବାକୁ ଆଗଭର ହୋଇଛନ୍ତି । ଏତଦ୍‌ବ୍ୟତୀତ ନନ୍ଦିଦୀଙ୍କ ନିଧନ ପରେ ଓଡ଼ିଶା ଏବଂ ଭାରତବର୍ଷର ବହୁ ବିଶିଷ୍ଟ ବ୍ୟକ୍ତିମାନେ ତାଙ୍କ ସ୍ମୃତିରେ ଶ୍ରୀମତୀ ନନ୍ଦିନୀ ଶତପଥୀ ମେମୋରିଆଲ ଟ୍ରଷ୍ଟ ଗଠନ କରି ସୁପର୍ଣ୍ଣୋଙ୍କୁ ଏହାର ଅଧ୍ୟକ୍ଷ ଭାବେ ନିର୍ବାଚିତ କରିଛନ୍ତି । ଏଥିସହିତ ଇଂରାଜୀ ଭାଷାରେ ଦକ୍ଷତା ଥିବା ସୁପର୍ଣ୍ଣୋବାବୁ ଇତିମଧ୍ୟରେ ଜଣେ ସ୍ତମ୍ଭକାର ଭାବେ ସ୍ୱୀକୃତି ଲାଭ କରିଛନ୍ତି ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, କାଳିନ୍ଦୀଚରଣ ଏବଂ ଭଗବତୀଚରଣଙ୍କ ପରେ ନନ୍ଦିନୀଦେବୀ ଏବଂ ଦେବେନ୍ଦ୍ରବାବୁ ଛାତ୍ର ଆନ୍ଦୋଳନ ଓ ପ୍ରଜା ଆନ୍ଦୋଳନର ନେତୃତ୍ୱ ନେଇ କାରାବରଣ କରିବା ସଙ୍ଗେ ସଙ୍ଗେ ତତ୍କାଳୀନ ରଜା, ଜମିଦାରଙ୍କ ଅତ୍ୟାଚାରରୁ ଗରିବ ଓ ଶୋଷିତ ଲୋକମାନଙ୍କୁ ମୁକ୍ତ କରିବା ପାଇଁ କମ୍ୟୁନିଷ୍ଟ ଆନ୍ଦୋଳନରେ ଯୋଗ ଦେଇଥିଲେ । ସେହି ସମାନ ଉଦ୍ଦେଶ୍ୟ ରଖି ତାଙ୍କ ସାନପୁଅ ତଥାଗତବାବୁ ମଧ୍ୟ ପିତାମାତାଙ୍କ ପଦାଙ୍କ ଅନୁସରଣ କରି ଆଜିପର୍ଯ୍ୟନ୍ତ କାର୍ଯ୍ୟ କରିଆସୁଛନ୍ତି । ସମ୍ପ୍ରତି ଚତୁର୍ଥ ପିଢ଼ି ଭାବରେ ସୁପର୍ଣ୍ଣୋବାବୁ ନିଜ ପୂର୍ବଜଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସମାଜସେବା ତଥା ରାଜନୀତିର କଣ୍ଟକିତ ପଥରେ ଯାତ୍ରାରମ୍ଭ କରିଛନ୍ତି ।

*
**

Digitized by PPRACHIN, SOA

୩୫

ପରିବାରର ଶେଷ ସ୍ୱାଧୀନତା ସଂଗ୍ରାମୀ

ଗୋଟିଏ ପରିବାରରୁ ତିନି ତିନି ଜଣ ବ୍ୟକ୍ତି ଏକ ସଙ୍ଗରେ ଦେଶର ସ୍ୱାଧୀନତା ସଂଗ୍ରାମରେ ଝାସ ଦେବା ନିଶ୍ଚିତ ଭାବରେ ଗୌରବର କଥା । ଆଉ ଏହି ଗୌରବର ଅଧିକାରୀ ଥିଲେ ସ୍ୱପ୍ନେଶ୍ୱର ପାଣିଗ୍ରାହୀ । ମଝିଆଁ ପୁଅ କାଳିନ୍ଦିଚରଣ, ସାନପୁଅ ଭଗବତୀଚରଣ ଏବଂ ନାତୁଣୀ ନନ୍ଦିନୀ ଭାରତର ସ୍ୱାଧୀନତା ସଂଗ୍ରାମରେ ଲମ୍ଫ ପ୍ରଦାନ କରିଛନ୍ତି ଭିନ୍ନ ଭିନ୍ନ ଶୈଳୀରେ । ଏ ତିନିଙ୍କ ଭିତରେ ଥିଲା ପ୍ରଗାଢ଼ ଦେଶଭକ୍ତି । ସ୍ୱାଧୀନତା ହାସଲ କରିବାକୁ ଲଢ଼େଇ କରିବାର ଢଙ୍ଗ ଭିନ୍ନ ଭିନ୍ନ ଥିଲେ ବି ଲକ୍ଷ୍ୟ ଥିଲା ଏମାନଙ୍କର ଗୋଟିଏ–ଭାରତ କିଭଳି ସ୍ୱାଧୀନ ହେବ । ଅନ୍ୟ ଭାବରେ ଦେଖିଲେ, ଏ ତିନିହେଁ ଥିଲେ ଏକାଧାରରେ ବ୍ରିଟିଶ ବିରୋଧୀ, ରଜା-ଜମିଦାର ବିରୋଧୀ ଏବଂ ସର୍ବୋପରି ସମସ୍ତ ପ୍ରକାର ପରାଧୀନତା ଓ ଶୋଷଣର ବିରୋଧୀ ।

କେବେଇ ଭଗବତୀଙ୍କ ପରି ନନ୍ଦିନୀ ପ୍ରତ୍ୟକ୍ଷ ସଂଗ୍ରାମ ସହ ସଂଶ୍ଳିଷ୍ଟ ହୋଇପଡ଼ିଥିବା ବେଳେ, କାଳିନ୍ଦୀବାବୁଙ୍କର ସଂଗ୍ରାମ ଥିଲା ଭିନ୍ନ ପ୍ରକାରର । ଇଂରାଜୀରେ ଗୋଟିଏ କଥା ଅଛି, Pen is mightier than sword. ଅର୍ଥାତ୍, ଅସୀଠାରୁ ବଳିୟାନ୍ ମସୀ । କାଳିନ୍ଦୀ ପାଣିଗ୍ରାହୀ ଏଇ କଥାଟିରେ ବିଶ୍ୱାସ କରୁଥିଲେ ମଧ୍ୟ ସେ ସାନଭାଇର ସାମ୍ୟବାଦୀ ଚିନ୍ତାଧାରା ପ୍ରତି ସମ୍ବେଦନଶୀଳ ଥିଲେ । ତାଙ୍କ ଶରୀରରେ ମଧ୍ୟ ପ୍ରବାହିତ ହେଉଥିଲା ସ୍ୱାଧୀନତାର ଉଷ୍ମ ରକ୍ତ । ରେଭେନ୍ସା କଲେଜରେ ପଢୁଥିବାବେଳେ, ତାଙ୍କର ଏହି ଅନ୍ତରର ଆବେଗକୁ ପ୍ରକାଶ କରିବା ପାଇଁ ସେ ଏକ ପତ୍ରିକା ବାହାର କଲେ, ଯାହାର ନାମ ରଖିଥିଲେ 'ଅବକାଶ' । ଏହି 'ଅବକାଶ' ନାମକରଣର ଅନ୍ତରାଳରେ ମଧ୍ୟ ଗୋଟିଏ ଯଥାର୍ଥତା ଥିଲା । ତାହାହେଲା, ଯେଉଁ ଚାରିଜଣ ଏହି ପତ୍ରିକାର ପୃଷ୍ଠପୋଷକତା

Digitized by PPRACHIN, SOA

କରୁଥିଲେ ସେମାନଙ୍କ ନାମର ପ୍ରଥମ ଅକ୍ଷରକୁ ନେଇ ସୃଷ୍ଟି ହୋଇଥିଲା 'ଅବକାଶ' । ଅ-ଅନ୍ନଦା ଶଙ୍କର ରାୟ, ବ-ବୈକୁଣ୍ଠନାଥ ପଟ୍ଟନାୟକ, କା-କାଳିନ୍ଦୀ ଚରଣ ପାଣିଗ୍ରାହୀ ଏବଂ ଶ-ଶରତ ଚନ୍ଦ୍ର ମୁଖାର୍ଜୀ । ଏମାନେ ମିଶି ସୃଷ୍ଟି କରିଥିଲେ ସବୁଜ ଯୁଗ । ସବୁଜ ହେଉଛି ଜୀବନର ସଙ୍କେତ । ଆଉ ଏମାନଙ୍କର ପ୍ରତ୍ୟେକ କବିତାରେ, ଉପନ୍ୟାସରେ, ଗଳ୍ପରେ ଜୀବନ ହିଁ ଚିତ୍ରିତ ହୋଇଛି । ଏମାନେ ଦୈବୀଶକ୍ତିକୁ ବିଶ୍ୱାସ କରୁନଥିଲେ ମଧ୍ୟ କାଳିନ୍ଦୀବାବୁ ଥିଲେ ଆସ୍ତିକ । ମଣିଷ ମନରେ ସେ ପ୍ରଥମେ ସୃଷ୍ଟି କରିଛନ୍ତି ସ୍ୱାଧୀନତାର ଚିନ୍ତା । କାରଣ ସେ ବୁଝିଥିଲେ, ମଣିଷ ମନର ପ୍ରଥମ ମୂଲ୍ୟାୟନର ବସ୍ତୁ ହେଉଛି ସ୍ୱାଧୀନତା । ସେହି ସ୍ୱାଧୀନତା କିପରି ପରାଧୀନତାରେ ପରିଣତ ହୋଇଛି ତାହା ହିଁ କାଳିନ୍ଦୀଚରଣ ଦେଖାଇଛନ୍ତି ତାଙ୍କ ଲେଖା ମାଧ୍ୟମରେ । ସ୍ୱାଧୀନତା ପାଇଁ ପ୍ରତ୍ୟକ୍ଷ ସଂଗ୍ରାମ କରିନଥିଲେ ମଧ୍ୟ ସେ ତାଙ୍କ ଲେଖାଗୁଡ଼ିକରେ ମୁକ୍ତିକାମୀ ଭାରତୀୟଙ୍କ ମନରେ ଉଦ୍ରେକ କରାଇଥିଲେ ସ୍ୱାଭିମାନ । ବ୍ରିଟିଶ୍ ଶାସକଙ୍କ ବାହୁଛାୟା ତଳେ ଆଶ୍ରୟ ନେଇଥିବା ରଜା-ଜମିଦାରଙ୍କ ମୁଖା ଖୋଲିଦେଇଛନ୍ତି ସେ ତାଙ୍କ କଲମ ମୁନରେ । ତାଙ୍କର ପ୍ରାୟ ପ୍ରତ୍ୟେକ ସୃଷ୍ଟିରେ ସେ ଖୋଜିଛନ୍ତି ଜୀବନକୁ ଏବଂ ସ୍ୱାଧୀନତାକୁ । ସେ ଚେତାଇ ଦେଇଛନ୍ତି ଯେଉଁଠି ସ୍ୱାଧୀନତା ନାହିଁ, ସେଠି ଜୀବନ ମୂଲ୍ୟହୀନ । ଏହି କଥାଟିର ଗୁରୁତ୍ୱ ଉପଲବ୍ଧି କରି ନିଜର କନ୍ୟା ଓ ସାନଭାଇର ସଂଗ୍ରାମ ପଥରେ କେବେ ବି ସେ ପ୍ରତିବନ୍ଧକ ହୋଇନାହାନ୍ତି, ବରଂ ସେମାନଙ୍କୁ ଅଧିକରୁ ଅଧିକ ପ୍ରେରଣା ଯୋଗାଇଦେବାରେ ସାମାନ୍ୟତମ କାର୍ପଣ୍ୟ କରିନାହାନ୍ତି ।

ସେହିଭଳି ଭାରତର ସ୍ୱାଧୀନତା ସଂଗ୍ରାମ ପାଇଁ ଭଗବତୀଚରଣ ପାଣିଗ୍ରାହୀଙ୍କର ଅବଦାନ ଚିରସ୍ମରଣୀୟ । ଏକାଧାରାରେ ସେ ଥିଲେ ଓଡ଼ିଶାରେ ସାମ୍ୟବାଦୀ ଆନ୍ଦୋଳନର ପୁରୋଧା, ସ୍ୱାଧୀନତା ସଂଗ୍ରାମୀ, ଲେଖକ ଓ ବିପ୍ଳବୀ କବି । ଏତଦ୍‌ଭିନ୍ନ ସେ ଗଡ଼ଜାତ ପ୍ରଜା ଆନ୍ଦୋଳନର ମଧ୍ୟ ଥିଲେ ସେନାଧ୍ୟକ୍ଷ । ଓଡ଼ିଶାରେ କମ୍ୟୁନିଷ୍ଟ ପାର୍ଟି ଗଠନ କରି ଭାରତୀୟ ସ୍ୱାଧୀନତା ସଂଗ୍ରାମକୁ ଆହୁରି ଉଜ୍ଜୀବିତ କରିଥିବା ଏହି ବିପ୍ଳବୀ ଜନନେତା ବ୍ରିଟିଶ ଶାସନ ବିରୁଦ୍ଧରେ ଲଢ଼େଇ କରି ବାରମ୍ବାର ଜେଲ୍ ଯାଇଛନ୍ତି, ପୁଲିସର ଲାଠିମାଡ଼ ସହିଛନ୍ତି । ସେ ତାଙ୍କ ଜୀବଦ୍ଦଶା ମଧ୍ୟରେ ବହୁ ଆନ୍ଦୋଳନ ସହ ସଂଶ୍ଳିଷ୍ଟ ହୋଇଛନ୍ତି । ଗଡ଼ଜାତ ପ୍ରଜା ଆନ୍ଦୋଳନଠାରୁ ଆରମ୍ଭ କରି କୃଷକ ଆନ୍ଦୋଳନ ପର୍ଯ୍ୟନ୍ତ ସବୁଥିରେ ସେ ନେତୃତ୍ୱ ନେଇଛନ୍ତି । ଲୋକମାନଙ୍କୁ ମେଳିକରି ଅତ୍ୟାଚାରୀ ରଜାମାନଙ୍କ ବିରୁଦ୍ଧରେ ସଂଗ୍ରାମ କରିଛନ୍ତି । ସେଇ ସଂଗ୍ରାମ ପଥରେ ଗତି କରୁ କରୁ ହଠାତ୍ ଥରେ ଗଞ୍ଜାମ ଜିଲ୍ଲାର ଡାକରଡ଼ାଠାରେ ଏକ କୃଷକ ସମ୍ମିଳନୀରେ ଅସୁସ୍ଥ ହୋଇ ଭଗବତୀବାବୁ

Digitized by PPRACHIN, SOA

ଡାକ୍ତରଖାନାରେ ଭର୍ତ୍ତି ହେଲେ । ବହୁ ଚିକିତ୍ସା ଓ ଡାକ୍ତରମାନଙ୍କ ଅକ୍ଳାନ୍ତ ପରିଶ୍ରମ ସତ୍ତ୍ୱେ ସେ ଆଉ ଭଲ ହୋଇନଥିଲେ । ୧୯୪୩ ମସିହା ଅକ୍ଟୋବର ମାସରେ ତାଙ୍କର ଅକାଳ ବିୟୋଗ ହୋଇଥିଲା ।

ଏହାପରେ ଆସିଲେ ନନ୍ଦିନୀ । ଖୁବ୍ ସାନପିଲାବେଳେ 'ଇନ୍‌କିଲାବ ଜିନ୍ଦାବାଦ' ଧ୍ୱନି ଯାହାଙ୍କ ଅନ୍ତରରେ ଉନ୍ମାଦନା ସୃଷ୍ଟି କରିଥିଲା, ସେଇ ନନ୍ଦିନୀ ପାଣିଗ୍ରାହୀ କକେଇଙ୍କ ମୃତ୍ୟୁରେ ଅତ୍ୟନ୍ତ ମ୍ରିୟମାଣା ହୋଇପଡ଼ିଥିଲେ । ଏହି ଦୁଃଖରେ ସେ ଯେତିକି ଭାଙ୍ଗି ପଡ଼ିଥିଲେ, ବ୍ରିଟିଶ୍‌ମାନଙ୍କ ଉପରେ ସେତିକି କ୍ଷୁବ୍ଧ ହୋଇଥିଲେ । କାରଣ ତାଙ୍କ କକେଇଙ୍କ ମୃତ୍ୟୁ ଥିଲା ଖୁବ୍ ଅସ୍ୱାଭାବିକ । ଜେଲ୍‌ରେ ତାଙ୍କୁ ସ୍ଲୋ-ପଏଜନ୍ ଦିଆଯାଇଥିଲା ବୋଲି ସେତେବେଳେ ସନ୍ଦେହ କରାଯାଇଥିଲା । ସେ ଯେତେବେଳେ ଅସୁସ୍ଥ ହୋଇ କଟକ ଡାକ୍ତରଖାନାକୁ ଆସିଲେ, ତାଙ୍କ ପାଇଁ ସାଲାଇନ୍‌ଟିଏ ମଧ୍ୟ ମିଳିନଥିଲା । ସେତେବେଳେ ସେଠାରେ ବ୍ରିଟିଶ୍ ସିଭିଲ ସର୍ଜନ ଜଣେ ଥାଆନ୍ତି । ନନ୍ଦିନୀଙ୍କର ଧାରଣା ଦୃଢ଼ୀଭୂତ ହୋଇଥିଲା ଯେ, କକେଇଙ୍କୁ ତାଙ୍କର ସାଲାଇନ୍‌ଟିଏ ଦେବାକୁ ଚାହିଁନଥିଲେ ସେମାନେ । ଏହି ଘଟଣା ହିଁ ତାଙ୍କୁ କ୍ଷୁବ୍ଧ କରିଥିଲା । ସେ ସେଇ ମୁହୂର୍ତ୍ତରେ ଭାବିନେଇଥିଲେ ଯେ, ଯେମିତି ହେଲେ ବ୍ରିଟିଶ୍‌ମାନଙ୍କୁ ଦେଶରୁ ତଡ଼ିବାକୁ ପଡ଼ିବ । ସେ ପିଲାଦିନରୁ ଗାନ୍ଧିବାଦୀ ଥିଲେ । କିନ୍ତୁ ଏହି ଘଟଣା ପରେ ସେ କମ୍ୟୁନିଷ୍ଟ ହୋଇ ଷ୍ଟୁଡେଣ୍ଟ ଫେଡେରେସନ୍‌ରେ ଯୋଗଦେଲେ । ଯେଉଁଠାରେ ଦେଖିଲେ ଇଂରେଜମାନେ କିଛି କରୁଛନ୍ତି, ସେଠାରେ ସେ ତତ୍‌କ୍ଷଣାତ ପହଞ୍ଚିଯାଇ ସମସ୍ତଙ୍କ ଆଗରେ ରହି ଗଣ୍ଡଗୋଳ କରିବା ଆରମ୍ଭ କରିଦେଲେ । "ସ୍ୱାଧୀନତା ନ ଆସିଲେ ଆଉ ଭାରତର ଲୋକେ ରହିପାରିବେନି" – ଏମିତି ଗୋଟିଏ ଧାରଣା ତାଙ୍କର ମୁଣ୍ଡରେ ପଶିଗଲା ପିଲାଟିଦିନରୁ ।

ସ୍ୱାଧୀନତା ସଂଗ୍ରାମ କରି ନନ୍ଦିନୀ ପିଲାବେଳେ ପୁଲିସ୍‌ଠାରୁ ଲାଠିମାଡ଼ ଖାଇଛନ୍ତି । ଛାତ୍ରାବସ୍ଥାରେ ଅନେକଥର ଜେଲ୍ ଯାଇଛନ୍ତି, ରେଭେନ୍‌ସା କଲେଜରେ ୟୁନିଅନ୍ ଜ୍ୟାକ୍ ତଳକୁ ଟାଣି ତା' ସ୍ଥାନରେ ଭାରତର ଜାତୀୟ ପତାକା ଉଡ଼େଇବାରେ ମଧ୍ୟ ପ୍ରମୁଖ ଅଂଶ ଗ୍ରହଣ କରିଛନ୍ତି । ତେବେ ସ୍ୱାଧୀନତାର ଲଢ଼େଇରେ ସେ ଥିଲେ ତାଙ୍କ ଘରେ ସର୍ବକନିଷ୍ଠା ଏବଂ କମ୍ୟୁନିଷ୍ଟ ପାର୍ଟିରେ ବି ସମସ୍ତଙ୍କଠାରୁ ସାନ । କିନ୍ତୁ କୌଣସି ବ୍ୟକ୍ତିଙ୍କ ସାମ୍ନାରେ ସେ ନିଜକୁ କେବେ ସାନ ବୋଲି ମଣୁନଥିଲେ । କହୁଥିଲେ, "ମୋତେ ସ୍ୱାଧୀନତା ସଂଗ୍ରାମ ପାଇଁ କେହି ପ୍ରେରଣା ଦେଇନାହାନ୍ତି । ଏଥିପାଇଁ ମୋ ନିଜ ଭିତରୁ ମୁଁ ପ୍ରେରଣା ପାଇଛି । କାହିଁ, ଆମ ଘରେ ମୋର ତ ଅନ୍ୟାନ୍ୟ ଭାଇ ଭଉଣୀମାନେ ବି ଥିଲେ, କେହି

Digitized by PPRACHIN, SOA

ତ ସ୍ୱାଧୀନତା ସଂଗ୍ରାମ ପାଇଁ ଉଦ୍‌ବୁଦ୍ଧ ହୋଇନାହାନ୍ତି ? ଅବଶ୍ୟ ଅନେକ ବ୍ୟକ୍ତିଙ୍କ ପ୍ରଭାବ ମୋ ଉପରେ ପଡ଼ିଛି, ମାତ୍ର ମୋ ନିଜ ମନକୁମନ ମୁଁ ଏ ଦିଗରେ ଆଗେଇଗଲି ।"

ପ୍ରକୃତରେ ଭାରତବର୍ଷର ସ୍ୱାଧୀନତା ପାଇଁ ଏହି ପାଣିଗ୍ରାହୀ ବଂଶଟି ଅଭିନନ୍ଦିତ । ସେ ସମୟରେ ଏହି ପରିବାର ଉପରେ ବ୍ରିଟିଶ୍ ଶାସକମାନଙ୍କର କ୍ରୂର ଦୃଷ୍ଟି ରହିଥିଲା । ତଥାପି ବି କେହି ଦବି ଯାଇନଥିଲେ । ଏକ ସମୟରେ ବିଶ୍ୱନାଥ ଦାସ ଓଡ଼ିଶାର ପ୍ରଧାନମନ୍ତ୍ରୀ ଥିବାବେଳେ, ଭଗବତୀବାବୁଙ୍କୁ ଗିରଫ କରାଯାଇ ଜେଲ୍‌କୁ ପଠାଇ ଦିଆଯାଇଥିଲା । ସେତେବେଳେ କାଳିନ୍ଦୀଚରଣ ଗଭର୍ଣ୍ଣମେଣ୍ଟ ପ୍ରେସ୍‌ରେ ଏକ ଉଚ୍ଚ ପଦବୀରେ କାର୍ଯ୍ୟରତ । ବିଶ୍ୱନାଥବାବୁ କାଳିନ୍ଦୀଚରଣଙ୍କୁ ଖୁବ୍ ଶ୍ରଦ୍ଧା ଓ ସମ୍ମାନ କରୁଥିଲେ । ସେ ଥରେ କାଳିନ୍ଦିବାବୁଙ୍କୁ ଡାକି କହିଲେ, 'ମୁଁ ଆପଣଙ୍କୁ ଛାଡ଼ିବାକୁ ଚାହୁଁନି । କିନ୍ତୁ ଆପଣଙ୍କ ଉପରେ ବ୍ରିଟିଶ୍‌ମାନେ ନଜର ରଖିଛନ୍ତି ।' କାଳିନ୍ଦୀବାବୁ ସଙ୍ଗେ ସଙ୍ଗେ କହିଥିଲେ, 'ମୁଁ ତେବେ ଆଜି ରିଜାଇନ୍ କରିଦେଉଛି ।' ଏବଂ ସେହିଦିନ ହିଁ ସେଠାରୁ ଚାକିରି ଛାଡ଼ି ଚାଲିଆସିଥିଲେ । ସେତେବେଳେ ସେ ବହୁତ ଅଭାବ ଅନଟନ ଭିତରେ ସଢୁଥାଆନ୍ତି । ଓଡ଼ିଆ ବଜାରର ଚମାର ସାହିରେ ଛୋଟିଆ ଘର ଖଣ୍ଡେ ଭଡ଼ାନେଇ ଅତ୍ୟନ୍ତ କଷ୍ଟରେ ରହୁଥାନ୍ତି । ଚାକିରି ଛାଡ଼ିବା ପରେ ନିଜର ବହିଲେଖାରୁ ତଥା ଗ୍ରନ୍ଥମନ୍ଦିର, କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର ପାଇଁ ଟେଷ୍ଟବୁକ୍ ଲେଖି କିଛି ପଇସା ପାଇ ଘର ଚଳାଉଥାନ୍ତି । ଏହିପରି ଅଭାବ ଏବଂ ସକଳ ଝଡ଼ଝଞ୍ଜା ସତ୍ତ୍ୱେ ଏହି ତିନି ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ସେମାନଙ୍କର ମୂଳ ଲକ୍ଷ୍ୟରୁ କେବେହେଲେ ବିଚ୍ୟୁତ ହୋଇନଥିଲେ । ନନ୍ଦିନୀ କିନ୍ତୁ ରହିଯାଇଥିଲେ ପରିବାରର ଶେଷ ସ୍ୱାଧୀନତା ସଂଗ୍ରାମୀ ହୋଇ ।

⁂

Digitized by PPRACHIN, SOA

୩୬

ନିଃସଙ୍ଗ ନନ୍ଦିନୀ

ବେଳେବେଳେ ଚଳଚଞ୍ଚଳମୟ ଜୀବନର ପରିଧି ଭିତରକୁ ସମ୍ପୂର୍ଣ୍ଣ ଅପ୍ରତ୍ୟାଶିତ ଭାବରେ ଅଘଟଣମାନ ପଶିଆସି ମଣିଷକୁ କରିଦିଏ ନିଃସଙ୍ଗ, ଏକାକୀ ଏବଂ ଦୁର୍ବିସହ । ଏହା ଏକ ସାର୍ବଜନୀନ ସତ୍ୟ । ନିଃସଙ୍ଗତା ହିଁ ବୋଧହୁଏ ଜୀବନର ଅନ୍ୟନାମ । ଏଥିରୁ ନନ୍ଦିନୀ ମଧ୍ୟ ବାଦ ପଡ଼ିନଥିଲେ ।

ସେଦିନ ଥାଏ ୧୯୯୦ ମସିହା ଜୁନ୍ ମାସ ୨୬ ତାରିଖ । ଦଶଟାବେଳୁ ବିଧାନସଭା ଅଧିବେଶନ ଆରମ୍ଭ ହୋଇସାରିଥାଏ । ନନ୍ଦିନୀ ଏବଂ ସାନପୁଅ ତଥାଗତ ଦୁହେଁଯାକ ବିଧାନସଭା ଗୃହରେ ନିଜ ନିଜ କାର୍ଯ୍ୟରେ ନିମଗ୍ନ । ଏତିକିବେଳେ ସେମାନେ ଖବର ପାଇଲେ ଯେ, ଦେବେନ୍ଦ୍ରବାବୁ ଅସୁସ୍ଥ । ହଠାତ୍ ଏପରି ଏକ ଖବର ଶୁଣି ନନ୍ଦିନୀ ଟିକିଏ ଶଙ୍କିତ ହୋଇପଡ଼ିଲେ ।

୧୯୯୦ ମସିହା ମାର୍ଚ୍ଚ ମାସରେ ଅନୁଷ୍ଠିତ ହୋଇଥିବା ରାଜ୍ୟ ବିଧାନସଭା ନିର୍ବାଚନରେ ନନ୍ଦିନୀ କଂଗ୍ରେସରୁ ଢେଙ୍କାନାଳର ଗନ୍ଦିଆରୁ ଏବଂ ତଥାଗତବାବୁ ଜନତା ଦଳରୁ ଢେଙ୍କାନାଳ ସଦର ନିର୍ବାଚନ ମଣ୍ଡଳୀରୁ ପ୍ରାର୍ଥୀ ହୋଇଥିଲେ । ଦେବେନ୍ଦ୍ରବାବୁ ସବୁପ୍ରକାର ଦଳୀୟ ରାଜନୀତିରୁ ଊର୍ଦ୍ଧ୍ୱରେ ରହି ଘରକାମ ଦେଖୁଥାନ୍ତି । ସେହି ନିର୍ବାଚନରେ ଉଭୟେ ଜିତିଯିବାରୁ ଭୁବନେଶ୍ୱର ଚାଲିଆସିଲେ । ମାତ୍ର ଦେବେନ୍ଦ୍ରବାବୁ କିଛିଦିନ ଏକାନ୍ତରେ ରହିବା ପାଇଁ ଇଚ୍ଛା ପ୍ରକାଶ କରି ସେଇ ଢେଙ୍କାନାଳସ୍ଥ କୁଞ୍ଜକାନ୍ତ ଘରେ ଅବସ୍ଥାନ କରୁଥିଲେ । ଜୁନ୍ ୨୩ ତାରିଖ ଦିନ ନଚିକେତାବାବୁଙ୍କ ସାନ ପୁଅ ନାତି ପ୍ରଚେତାକୁ ଧରି ନନ୍ଦିନୀ ଢେଙ୍କାନାଳ ଯାଇଥିଲେ । ଏହାର ଦୁଇଦିନ ପରେ ୨୫ ତାରିଖ ଦିନ ପ୍ରଚେତା ଜିପ୍‌ଟେ ଧରି ଏକା ଏକା କପିଳାସ ବୁଲି ଯାଇଥିବାରୁ ଦେବେନ୍ଦ୍ରବାବୁଙ୍କର

Digitized by PPRACHIN, SOA

ଖୁବ୍ ଚିନ୍ତା ଥାଏ । ଏଣେ ପରଦିନ ବିଧାନସଭା ଅଧିବେଶନ ଥିବାରୁ ନନ୍ଦିନୀ ସେହିଦିନ ଅପରାହ୍ଣରେ ଭୁବନେଶ୍ୱର ଆସିବା ପାଇଁ ବାହାରିଲେ । ଦେବେନ୍ଦ୍ରବାବୁ ତାଙ୍କୁ କହିଲେ, 'ପ୍ରଚେତା ଫେରୁ, ତୁ ଯିବୁ ।' ମାତ୍ର ପ୍ରଚେତା ଫେରିବାରେ ଡେରି ହେବାରୁ ନନ୍ଦିନୀ ଭୁବନେଶ୍ୱର ଚାଲିଆସିଥିଲେ । ଦେବେନ୍ଦ୍ରବାବୁ ପରଦିନ ଅର୍ଥାତ୍ ୨୬ ତାରିଖ ଦିନ ପ୍ରଚେତାକୁ ନେଇ ଦିଲ୍ଲୀ ଯିବାର ଚୂଡ଼ାନ୍ତ ହୋଇଥିଲା । ଏଥିପାଇଁ ଟିକେଟ୍ ମଧ୍ୟ କିଣା ସରିଥିଲା । ମାତ୍ର ବିଧିର ବିଧାନ ଥିଲା ବିଚିତ୍ର ।

୨୫ ତାରିଖ ଦିନ ଅପରାହ୍ଣରେ ନନ୍ଦିନୀଙ୍କ ଫେରିବା ପରେ ସନ୍ଧ୍ୟାବେଳକୁ ଦେବେନ୍ଦ୍ରବାବୁ ହଠାତ୍ ତାଙ୍କ ମୁଣ୍ଡ ଓ ଛାତିରେ ଯନ୍ତ୍ରଣା ଅନୁଭବ କଲେ । ତାଙ୍କ ଦେହ ହାତ ଅବଶ ହୋଇପଡ଼ିଲା । ସେ ନାତି ପ୍ରଚେତାକୁ ପାଖକୁ ଡାକି ଦେହ ଛାଡ଼ିବା କଥା ଜଣାଇଦେଇ ଘର ଭିତରେ ଥିବା ଶ୍ରୀମା, ଶ୍ରୀଅରବିନ୍ଦଙ୍କ ଫଟୋ ପାଖକୁ ଚାଲିଆସିଲେ । ରାତି ହୋଇଯିବାରୁ କାହାରିକୁ ଅସୁବିଧାରେ ନ ପକାଇ ଚୁପ୍‌ଚାପ୍ ରହିଗଲେ । ପ୍ରଚେତା ମଧ୍ୟ କିଛି ବୁଝିନପାରି ପରଦିନ ସକାଳ ପର୍ଯ୍ୟନ୍ତ ଜେଜେବାପାଙ୍କ ପାଖରେ ଜଗି ରହିଲା । ପରଦିନ ସକାଳ ଦଶଟା ବେଳକୁ ଦେବେନ୍ଦ୍ରବାବୁଙ୍କ ଯନ୍ତ୍ରଣା ଅଧିକ ହେବାରୁ ସେଠାରେ ନନ୍ଦିନୀଙ୍କ ଅଫିସ୍ କାର୍ଯ୍ୟ ବୁଝାବୁଝି କରୁଥିବା ପିଲାଟି ଭୁବନେଶ୍ୱରକୁ ଟେଲିଫୋନ୍ କଲା । ସେତେବେଳକୁ ନନ୍ଦିନୀ ବିଧାନସଭାରେ । ଭୁବନେଶ୍ୱର ଘରେ ଥିବା ତାଙ୍କ ପ୍ରାଇଭେଟ୍ ସେକ୍ରେଟାରୀ ଏ ଖବର ଶୁଣି ଏକ ଟ୍ୟାକ୍ସି କିମ୍ବା ଜଣାଶୁଣା କାହାରି ଗାଡ଼ିରେ ଦେବବାବୁଙ୍କୁ ତୁରନ୍ତ ଭୁବନେଶ୍ୱରକୁ ନେଇଆସିବା ପାଇଁ ପରାମର୍ଶ ଦେଇ ନନ୍ଦିନୀଙ୍କୁ ଖବର ଦେଲେ । ଏହିପରି ଭାବରେ କିଛି ସମୟ ଅତିକ୍ରାନ୍ତ ହୋଇଗଲା । କ୍ୟାପିଟାଲ୍ ହସ୍‌ପିଟାଲରେ ସମସ୍ତ ପ୍ରକାର ଅତ୍ୟାବଶ୍ୟକୀୟ ବନ୍ଦୋବସ୍ତ କରି ଡାକ୍ତରମାନଙ୍କୁ ଉପସ୍ଥିତ ରହିବାକୁ କହି ତାଙ୍କର ଘରୋଇ ଡାକ୍ତର ସେବା ମହାପାତ୍ରଙ୍କୁ ସଙ୍ଗରେ ଧରି କଟକ ପାଖାପାଖି ଗୋପାଳପୁରଠାରେ ରାସ୍ତା ଉପରେ ଠିଆହୋଇ ଅପେକ୍ଷା କଲେ । ସେତେବେଳକୁ ଭୀଷଣ ଜୋରରେ ବର୍ଷା କଚାଡୁଥାଏ । ସେଇ ବର୍ଷାରେ ତିନି ନନ୍ଦିନୀ ସେମିତି ରାସ୍ତା ଉପରେ ଠିଆହୋଇ ରହିଥାନ୍ତି । କିଛି ସମୟ ପରେ ଗାଡ଼ି ଆସି ପହଞ୍ଚିଯିବାରୁ ସମସ୍ତେ ଦେବବାବୁଙ୍କୁ ସିଧା କ୍ୟାପିଟାଲ ହସ୍‌ପିଟାଲକୁ ନେଇଆସିଲେ ।

ତା'ପରେ ଯାହାକିଛି ଆଖି ପିଛୁଳାକେ ଘଟିଗଲା, ତାହା ଥିଲା ବାସ୍ତବିକ ଖୁବ୍ ହୃଦୟ ବିଦାରକ । ମାତ୍ର କେତୋଟି ମୁହୂର୍ତ୍ତ ମଧ୍ୟରେ ପ୍ରାୟ ପଚିଶ ହଜାର ଟଙ୍କାର ଔଷଧ ସରିଗଲା । ବହୁ ଅଭିଜ୍ଞ ଡାକ୍ତରଙ୍କ ଆପ୍ରାଣ ଉଦ୍ୟମ ସତ୍ତ୍ୱେ ଦେବେନ୍ଦ୍ରବାବୁ ଚିରଦିନ ପାଇଁ ଆଖି ବୁଜିଦେଲେ । ଆଉ ଏତେ ଲୋକଙ୍କୁ କନ୍ଦାଇଦେଇ ଗଲେ ଯେ, ତା'ର ହିସାବ

Digitized by PPRACHIN, SOA

ଦେବା ସମ୍ଭବ ନୁହେଁ । ଏପରିକି ମୃତ୍ୟୁବେଳକୁ ସେ ନିଜର ସ୍ତ୍ରୀ ଓ ପୁଅଙ୍କୁ ପଦେ କଥା କହିବାକୁ ମଧ୍ୟ ସମୟ ପାଇନଥିଲେ । ଦେବବାବୁଙ୍କର ଏପରି ଆକସ୍ମିକ ମୃତ୍ୟୁ ଏକଦା ଓଡ଼ିଶାବାସୀଙ୍କ ପାଖରେ 'ଆଇରନ୍ ଲେଡି' ଭାବେ ପରିଚିତା, ମହାବଳ ବାଘୁଣୀ ସଙ୍ଗେ ଏକତ୍ର ବସିପାରୁଥିବା ନନ୍ଦିନୀଙ୍କୁ ସ୍ତବ୍ଧ କରିଦେଇଥିଲା । ଜୀବନରେ ପ୍ରଥମଥର ପାଇଁ ସେ ଯେପରି ମୃତ୍ୟୁ ନିକଟରେ ପରାଜୟ ସ୍ୱୀକାର କରିବାକୁ ବାଧ୍ୟ ହୋଇଥିଲେ । ୫ ସେପ୍ଟେମ୍ବର, ୧୯୨୯ ମସିହାରେ ଜନ୍ମଲାଭ କରିଥିବା ଏହି ଦେବପ୍ରତିମ ଦେବେନ୍ଦ୍ରବାବୁଙ୍କର ମାତ୍ର ୬୦ ବର୍ଷ ବୟସରେ ଅକାଳ ବିୟୋଗ ନନ୍ଦିନୀଙ୍କ ସମେତ ସମଗ୍ର ପରିବାରଟିରେ ଏକ ଗଭୀର କ୍ଷତ ସୃଷ୍ଟି କରିଥିଲା ।

ସତରେ ! ଦେବେନ୍ଦ୍ରବାବୁ ଥିଲେ ଜଣେ ଦେବୋପମ ମଣିଷ । ଏ ସଂସାରରେ କେହି ଜଣେ ହେଲେ ତାଙ୍କର ଶତ୍ରୁ ନଥିଲେ । ଏ ନିୟମରେ ସେ ଯେପରି ଏକ ବିରାଟ ବ୍ୟତିକ୍ରମ । ନନ୍ଦିନୀଙ୍କର ଖାଇବାରେ ଆଦୌ ଆଗ୍ରହ ନଥିଲା, ଭୋର୍ ପାଞ୍ଚଟାରୁ ଉଠି ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ସେ କାର୍ଯ୍ୟବ୍ୟସ୍ତ ରହୁଥିଲେ, ଲୋକମାନଙ୍କ ସମସ୍ୟା ବୁଝୁଥିଲେ । ମାତ୍ର ଦେବବାବୁ ଥିଲେ ଏହାର ଠିକ୍ ବୀପରିତ । ଠିକ୍ ସମୟରେ ଖାଇବା ଏବଂ ନିଦ ଆସିବା କ୍ଷଣି ଶୋଇପଡ଼ିବା ତାଙ୍କର ଅଭ୍ୟାସଗତ ଥିଲା । ତାଙ୍କର ପ୍ରିୟ ଖାଦ୍ୟ ଥିଲା ଆମ୍ବ ଓ ଚିଙ୍ଗୁଡ଼ି ମାଛ । ତା'ଛଡ଼ା ଏକୁଟିଆ କିଛି ଖାଇବା ତାଙ୍କୁ ଭଲ ଲାଗେନି । ଯିଏ ଯେତେବେଳେ ହାବୁଡ଼େ ପଡ଼ିବ ତାକୁ ଡାକି ଆଗ ଖୁଆଇସାରିବା ପରେ ଅନ୍ୟ ଯାହା କଥା । ଏହା ଥିଲା ତାଙ୍କ ଜୀବନର ଏକ ବିଶେଷ ସୁଗୁଣ । ଦେବେନ୍ଦ୍ରବାବୁଙ୍କ ମହାପ୍ରୟାଣ ଯା' ଭିତରେ ଅନେକ ବର୍ଷ ବିତିଯାଇଥିଲେ ମଧ୍ୟ ଏଯାବତ୍ ତାଙ୍କୁ ଜାଣିଥିବା, ଜୀବନରେ ଥରେ ଭେଟିଥିବା ତଥା ତାଙ୍କ ପ୍ରତ୍ୟେକ୍ଷ ସଂସ୍ପର୍ଶରେ ଆସିଥିବା ଲୋକମାନେ ତାଙ୍କୁ ମନେ ପକାଇବା ଭଳି ନଜୀର ବହୁତ କମ୍ ବ୍ୟକ୍ତିଙ୍କ ଭାଗ୍ୟରେ ଜୁଟିଥାଏ ।

ପିଲାଦିନୁ ନନ୍ଦିନୀଙ୍କର ବହି ପଢ଼ିବା ଏକପ୍ରକାର ନିଶା ଥିଲା । ଏହି ଘଟଣା ପରେ ତାଙ୍କର ପଢ଼ିବା ନିଶାଟା ବଢ଼ିଯାଇଥିଲା । ଅନ୍ୟାନ୍ୟ କାର୍ଯ୍ୟ ଭିତରେ ବହିକୁ ସେ ନିଜର ସାଥୀ କରିନେଲେ । ଲେଖିବା, ପଢ଼ିବା, ଲୋକଙ୍କର ସମସ୍ୟା ସମାଧାନ କରିବା, ବିଧାନସଭା, ବିଭିନ୍ନ ସଭାସମିତିକୁ ଯିବାରେ ତାଙ୍କର ସମୟ ଭଲରେ କଟୁଥିଲା । ଭିତରେ ଭିତରେ କିନ୍ତୁ ହୃଦୟର କ୍ଷତଟି ଶୁଖିବା ପରିବର୍ତ୍ତେ ତାଙ୍କୁ ତତୋଽଧିକ ଯନ୍ତ୍ରଣାସିକ୍ତ କରିପକାଉଥିଲା । ସେ ଅନେକ ସମୟରେ ବନ୍ଧୁମାନଙ୍କ ଗହଣରେ ଦେବବାବୁଙ୍କୁ ସ୍ମରଣ କରି କହୁଥିଲେ, "ମୁଁ ଶୋଇଥିବା ଅବସ୍ଥାରେ ବହୁଥର ଉପଲବ୍ଧି କରିଛି, ସତେ ଯେପରି

Digitized by PPRACHIN, SOA

ଦେବବାବୁ ଆସି ମୋ ହାତ ଧରି ଟାଣୁଛନ୍ତି ଏବଂ କହୁଛନ୍ତି, ଆସ୍ ଦି'ଟା ଖାଇଦେବୁ ।"
ସତରେ ! ଏହି କଥାପଦକ ତାଙ୍କଠାରୁ ଶୁଣିବାବେଳେ ଆଖି ସ୍ୱତଃ ଛଳଛଳ ହୋଇଉଠେ ।

କଥାରେ ଅଛି, 'ବିପଦ ଯେତେବେଳେ ଆସେ ସାଙ୍ଗସାଥୀମାନଙ୍କୁ ସାଙ୍ଗରେ ଧରି ଆସେ ।' ନନ୍ଦିନୀଙ୍କ କ୍ଷେତ୍ରରେ ତାହା ହିଁ ଘଟିଥିଲା । ଦୁର୍ଯୋଗ ଯେପରି ଆଗରେ ବାଟ ଜଗି ବସିଥିଲା । ଗୋଟିଏ କ୍ଷତର ଯନ୍ତ୍ରଣା ଲାଘବ ନ ହେଉଣୁ ଆଉ ଗୋଟିଏ କ୍ଷତ ସୃଷ୍ଟି ହୋଇଯାଇଥିଲା ନନ୍ଦିନୀଙ୍କ ହୃଦୟରେ । ସ୍ୱାମୀଙ୍କ ମୃତ୍ୟୁର ଠିକ୍ ଗୋଟିଏ ବର୍ଷ ପୂରିବାକୁ ଆଉ ଗୋଟିଏ ଦିନ ବାକି ଅଛି, ଅର୍ଥାତ୍ ୨୫ ଜୁନ୍ ୧୯୯୧ ମସିହା ରାତି ବାରଟାରେ ତାଙ୍କ ଆଦରର ପିତା କାଳିନ୍ଦୀ ଚରଣଙ୍କ ମୃତ୍ୟୁ ସମ୍ବାଦ ପାଇ ସେ ହତଚକିତ ହୋଇଗଲେ । ମୃତ୍ୟୁବେଳକୁ କାଳିନ୍ଦୀ ଚରଣଙ୍କୁ ନବେ ବର୍ଷ ପୂରିବାକୁ ଆଉ ମାତ୍ର ସାତଦିନ ବାକି ଥିଲା । ହେଲେ ବି ତାଙ୍କ ଜୀବନର ଗତିପଥକୁ ଜାଜ୍ୱଲ୍ୟମାନ କରିଥିବା କକେଇ ଭଗବତୀଙ୍କ ପରେ ଯେଉଁ ଦୁଇଜଣ ବ୍ୟକ୍ତି ତାଙ୍କ ସମ୍ମୁଖରେ ରହିଥିଲେ, ସେମାନେ ଏପରି ଜଣ ଜଣ କରି ଠିକ୍ ବର୍ଷକ ଭିତରେ ବିଦାୟ ନେବା ତାଙ୍କୁ ଗଭୀର ମର୍ମାହତ କରିଥିଲା । ନିୟତିର ନିଷ୍ଠୁର ସତ୍ୟକୁ ନୀରବରେ ମାନିନେଲେ ସିନା, ହେଲେ ପିତାଙ୍କର ଅନ୍ତିମ ଶଯ୍ୟାରେ ଦୁଇଟୋପା ଅଶ୍ରୁ ବିସର୍ଜନ କରିବା ପାଇଁ ତାଙ୍କ ଆଖିରେ ଆଉ ଲୁହ ନଥିଲା । କଟକର ସତୀଚଉରାଠାରେ ସେହି ଯୁଗଜୟୀ ସାଧକ, ପାହାନ୍ତି ତାରା ଭଳି ଝକ୍‌ଝକ୍ କରୁଥିବା ପ୍ରାଣପ୍ରତିମ ପିତାଙ୍କ ଅନ୍ତିମ ସଂସ୍କାର ସାରି ଭୁବନେଶ୍ୱର ଫେରିବା ବାଟରେ ତାଙ୍କୁ ଚତୁର୍ଦ୍ଦିଗ ଯେପରି ଘୋର ଅନ୍ଧକାର ଦେଖାଯାଉଥିଲା । ଯାହାଙ୍କ ଦିଗ୍‌ଦର୍ଶନ ତାଙ୍କୁ ଜୀବନର ଦୀର୍ଘ ପଥ କଢ଼ାଇ ଆଣିଥିଲା, ଯାହାଙ୍କ ଆଦର୍ଶରେ ସେ ସାରା ଦେଶରେ ପରିଚିତା ହୋଇଥିଲେ, ଯାହାଙ୍କ ପ୍ରେରଣାରେ ସେ ଆହୁରି ଆଗକୁ ଆଗକୁ ମାଡ଼ି ଚାଲିଥିଲେ; ସେହି କାଳଜୟୀ ପିତା ଏବଂ ପ୍ରିୟତମ ସ୍ୱାମୀଙ୍କୁ ହରାଇ ନିଜର ଦୁଇବାହୁକୁ ହଜେଇ ଦେଇ ସେ ହୋଇଯାଇଥିଲେ ସମ୍ପୂର୍ଣ୍ଣ ଭାବରେ ନିଃସ୍ୱ ଆଉ ନିଃସଙ୍ଗ ।

କିନ୍ତୁ ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ଭାବରେ ଏହି ନିଃସଙ୍ଗତାକୁ ସେ ନିଜ ଭିତରେ ଚାପି ରଖିବାକୁ ସର୍ବଦା ଚେଷ୍ଟା କରିଥିଲେ । ଏପରି ଏକ ମାନସିକ ଯନ୍ତ୍ରଣା ଭିତରେ ଗତି କରି ମଧ୍ୟ ସାମାଜିକ ଦାୟିତ୍ୱବୋଧରୁ ସେ ନିଜକୁ ଦୂରେଇଦେଇ ପାରିନଥିଲେ । ବିଭିନ୍ନ ସାମାଜିକ ତଥା ସାଂସ୍କୃତିକ ଅନୁଷ୍ଠାନର କର୍ମକର୍ତ୍ତାମାନଙ୍କ ଅନୁରୋଧ ଏଡ଼ାଇ ନପାରି ସଭାସମିତିକୁ ଯାଉଥିଲେ । ନନ୍ଦିନୀ ଥିଲେ ଜଣେ ସୁବକ୍ତା ଏବଂ ସ୍ପଷ୍ଟବାଦିନୀ । ସରକାରରେ ଥାଆନ୍ତୁ ଅବା ନ ଥାଆନ୍ତୁ କୌଣସି ଜାଗାରେ ସତ୍ୟ କହିବାକୁ ସେ ପଶ୍ଚାତ୍‌ପଦ ହେଉନଥିଲେ । ତାଙ୍କ ନିକଟକୁ କେବଳ ବିଧାନସଭାର ସଭ୍ୟା ଭାବରେ ନୁହେଁ, ବରଂ

Digitized by PPRACHIN, SOA

ନନ୍ଦିନୀ ଶତପଥୀ ହିସାବରେ ସାରା ରାଜ୍ୟର ଲୋକମାନେ ବ୍ୟକ୍ତିଗତ ହେଉ ଅବା ଆନୁଷ୍ଠାନିକ, ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ଧାଇଁଯାଉଥିଲେ ସାହାଯ୍ୟ ପାଇଁ । ୧୯୯୫ ମସିହାରୁ ୨୦୦୦ ମସିହା ପର୍ଯ୍ୟନ୍ତ କଂଗ୍ରେସ ସରକାରଙ୍କ ଅମଳରେ ତାଙ୍କୁ ଯୋଜନାବୋର୍ଡ ଅଧ୍ୟକ୍ଷା ରୂପେ ଦାୟିତ୍ୱ ଦିଆଯାଇଥିଲେ ମଧ୍ୟ ଉଦ୍ଦେଶ୍ୟ ପ୍ରଣୋଦିତ ଭାବରେ ଯୋଜନାବୋର୍ଡକୁ ଏତେଟା ସକ୍ରିୟ କରାଯାଇନଥିଲା । ବୋଧହୁଏ ଏ ରାଜ୍ୟର ନେତାମାନଙ୍କୁ ଶେଷ ପର୍ଯ୍ୟନ୍ତ 'ନନ୍ଦିନୀ ଭୟ' ଆଚ୍ଛନ୍ନ କରି ରଖିଥିଲା । ସେତେବେଳେ ଯୋଜନାବୋର୍ଡ ଅଧ୍ୟକ୍ଷା ପଦରେ ଥାଇ ମଧ୍ୟ ସେ ବିଧାନସଭାରେ ଦଳ ମତ ଊର୍ଦ୍ଧ୍ୱରେ ରହି ସରକାରକୁ ସମାଲୋଚନା କରିବାକୁ ପଛାଇନଥିଲେ । ଦିନେ ଗୃହର କୌଣସି ଏକ ଆଲୋଚନାରେ ଭାଗନେଇ 'ଏ ସରକାରଙ୍କର ରାଜ୍ୟରେ ସାମାନ୍ୟ ଗୋଟିଏ ତହସିଲ ଅଫିସ୍ ଖୋଲିପାରିବାର ସାମର୍ଥ୍ୟ ନାହିଁ' ବୋଲି କହିଥିବା ଏ ଲେଖକର ଗୋଟିଏ ଚାକ୍ଷୁସ ଅନୁଭବ । ଏହି କଥାରୁ ଅନୁମାନ କରାଯାଏ ନନ୍ଦିନୀ କେତେମାତ୍ରାରେ ସ୍ପଷ୍ଟବାଦିନୀ ଥିଲେ ।

ଏହି ନବେ ଦଶକ ମଧ୍ୟରେ ଅଉ ଏକ ନିଃସଙ୍ଗତାକୁ ମଧ୍ୟ ସେ ସାମ୍ନା କରିଥିଲେ । ତାହା ଥିଲା ତାଙ୍କର ମାତୃ ବିୟୋଗ । ୧୯୯୮ ମସିହା ଫେବୃୟାରୀ ୨୭ ତାରିଖ ଦିନ ତାଙ୍କର ସ୍ନେହମୟୀ ମାଆ ରତ୍ନମଣିଦେବୀଙ୍କର ଦେହାନ୍ତ ହୋଇଥିଲା । ବୟସାଧିକ୍ୟ ହେଲେ ହେଁ ସନ୍ତାନ ପାଇଁ ଯେ ଏହା ଥିଲା ଗୋଟିଏ ଅପୂରଣୀୟ କ୍ଷତି, ତାହା ନିଃସନ୍ଦେହ । ଅବଶ୍ୟ ସାନପୁଅ ତଥାଗତ (ବାବ୍‌ଲୁ)ର ବିଭାଘର ଏବଂ ବଡ଼ନାତି ସୁପର୍ନୋଙ୍କର ବିଭାଘର ଏହି ସମୟ ମଧ୍ୟରେ ତାଙ୍କୁ କିଛିଟା ସାନ୍ତ୍ୱନା ଆଣି ଦେଇଥିଲା । ଏହାଛଡ଼ା ତାଙ୍କର 'ଲଜ୍ଜା', 'ମହାଶ୍ୱେତାଦେବୀଙ୍କ ନିର୍ବାଚିତ ଗଳ୍ପ' ଏବଂ 'ଉତ୍ତର ପୁରୁଷ' ପୁସ୍ତକଗୁଡ଼ିକ ଏହି ଅବଧି ମଧ୍ୟରେ ପ୍ରକାଶିତ ହୋଇ ଜନମାନସରେ ବିଶେଷ ଆଦୃତି ଲାଭ କରିଥିଲା । ତେବେ ଏ ସମସ୍ତ ନିଃସଙ୍ଗତା ସତ୍ତ୍ୱେ ଶେଷ ପର୍ଯ୍ୟନ୍ତ ନନ୍ଦିନୀ ଥିଲେ କର୍ମତତ୍ପର, ଜୀବନ ଥିଲା ତାଙ୍କର ଚଳଚଞ୍ଚଳ ।

***

Digitized by PPRACHIN, SOA

୩୭

ମୃତ୍ୟୁ ସହ ଲଢ଼େଇ

ଜୀବନ ତମାମ ବିପ୍ଳବିଣୀ ସାଜି ସଂଗ୍ରାମକୁ ବରଣ କରିନେଇଥିବା ନନ୍ଦିନୀଙ୍କୁ ଶେଷରେ ମୃତ୍ୟୁ ସହ ମଧ୍ୟ ଲଢ଼େଇ କରିବାକୁ ପଡ଼ିଥିଲା । ୨୦୦୦ ମସିହା ନିର୍ବାଚନରେ ପ୍ରାର୍ଥୀ ହେବାକୁ ଅନିଚ୍ଛା ପ୍ରକାଶ କରି ସେ ସୃଜନାତ୍ମକ କାର୍ଯ୍ୟରେ ମନ ବଳାଇଥିଲେ । ଅବଶ୍ୟ ୧୯୭୪ ମସିହାରେ ଓଡ଼ିଶା କଂଗ୍ରେସକୁ ବିପର୍ଯ୍ୟୟ ମଧ୍ୟରୁ ଉଦ୍ଧାର କରି କ୍ଷମତାସୀନ କରାଇଥିବା ଏହି ଜନନେତ୍ରୀଙ୍କୁ ଉକ୍ତ ନିର୍ବାଚନରେ କଂଗ୍ରେସର ଶୋଚନୀୟ ପରାଜୟ ଦାରୁଣ ଆଘାତ ଦେଇଥିଲା । ନିଜ ସରକାର ଅମଳରେ ସେ ଗରିବ, ଭୂମିହୀନ, ଚାଷୀ, ଶ୍ରମିକ, ଅନୁସୂଚୀତ ଜାତି ଓ ଜନଜାତି ଏବଂ ମହିଳାମାନଙ୍କ ସମେତ ସାଧାରଣ ମଣିଷଙ୍କ ପାଇଁ ବହୁ ଜନକଲ୍ୟାଣ କାର୍ଯ୍ୟ କରି କଂଗ୍ରେସକୁ ସେମାନଙ୍କ ନିକଟବର୍ତ୍ତୀ କରାଇବାରେ ସହାୟିକା ହୋଇଥିଲେ । ମାତ୍ର ରାଜ୍ୟ କଂଗ୍ରେସ ନେତାମାନଙ୍କ ଭିତରେ କ୍ରମାଗତ ଗୋଷ୍ଠୀକନ୍ଦଳ, ଦୁର୍ନୀତି, ବ୍ୟଭିଚାର ଏବଂ ସର୍ବୋପରି ୧୯୬୨-୬୭ ମସିହା ଭଳି ୧୯୯୫-୨୦୦୦ରେ ମଧ୍ୟ ପରସ୍ପରର ଗୋଡ଼ଟଣା ନୀତିରେ ତିନି ତିନିଜଣ ମୁଖ୍ୟମନ୍ତ୍ରୀ ବଦଳଉଦଳ କରି ନେତୃବୃନ୍ଦମାନେ କ୍ରମଶଃ ଲୋକମାନଙ୍କଠାରୁ ଦୂରେଇ ଯିବାପାଇଁ ସତେଯେପରି ନିଜ ନିଜ ଭିତରେ ପ୍ରତିଦ୍ୱନ୍ଦ୍ୱିତା ଚଳାଇଥିଲେ । କଂଗ୍ରେସ ଦଳର ଏପରି କେଲେଙ୍କାରୀରେ ନନ୍ଦିନୀ ସାମିଲ ହୋଇନଥିଲେ କି ତାଙ୍କର କୌଣସି ଗୋଷ୍ଠୀ ନଥିଲା । ବରଂ ଏଭଳି ହୀନ ରାଜନୀତି ପ୍ରତି ତାଙ୍କର ବୀତସ୍ପୃହତା ସୃଷ୍ଟି ହୋଇଥିଲା; ଯେଉଁଥିପାଇଁ ସକ୍ରିୟ ରାଜନୀତିରୁ ସେ ଅବସର ନେଇଛନ୍ତି ବୋଲି କାହା କାହା ମନରେ ଭ୍ରମ ସୃଷ୍ଟି ହେଉଥିଲା । ସେ ଯାହାହେଉ, ସଦ୍ୟ ଯୋଜନାବୋର୍ଡ ଅଧକ୍ଷା ଏବଂ ଦୀର୍ଘ ୨୮ ବର୍ଷର ବିଧାୟିକା କାର୍ଯ୍ୟରୁ ଏକପ୍ରକାର ଅବସର ନେଇ ନନ୍ଦିନୀ ସାରସ୍ୱତ ସାଧନାରେ ବ୍ରତୀ ହୋଇଥିଲେ ।

Digitized by PPRACHIN, SOA

ଏତଦ୍‌ବ୍ୟତୀତ ନିୟମିତ 'ଧରିତ୍ରୀ' ଅଫିସକୁ ଯାଇ ନିବନ୍ଧ ଲେଖାଲେଖି କରିବା, ସାହିତ୍ୟ, ସାମାଜିକ ଓ ସାଂସ୍କୃତିକ ସଭାସମିତିରେ ଯୋଗଦେବା ଏବଂ ଅସୁବିଧାରେ ପଡ଼ି ଦୈନନ୍ଦିନ ସାହାଯ୍ୟ ଆଶାରେ ଆସୁଥିବା ଲୋକମାନଙ୍କୁ ନିଜର ସାମର୍ଥ୍ୟ ଅନୁସାରେ ସହାୟତା କରିବାରେ ତାଙ୍କର ପରବର୍ତ୍ତୀ ସମୟ କଟିଯାଉଥିଲା । ମାତ୍ର ଏହି ସମୟରେ ଅର୍ଥାତ୍, ୨୦୦୨ ମସିହାରେ ସେ ଡିମେନ୍‌ସିଆ (Dementia) ନାମକ ଏକପ୍ରକାର ମସ୍ତିଷ୍କ ରୋଗରେ ପୀଡ଼ିତ ହୋଇପଡ଼ିଲେ । ବମ୍ବେଠାରେ ଉପଯୁକ୍ତ ଚିକିତ୍ସା ହେବାପରେ ନନ୍ଦିନୀ ସୁସ୍ଥ ହୋଇଥିଲେ, ମାତ୍ର ତାଙ୍କର ଚଲାବୁଲାରେ ସାମାନ୍ୟ ଅସୁବିଧା ସୃଷ୍ଟି ହୋଇଥିଲା । ଦୃଢ଼ ମନୋବଳ ଏବଂ ସୃଜନାତ୍ମକ କାର୍ଯ୍ୟରେ ପୁନଃ ମନୋନିବେଶ କରି ସେ ଏଥିରୁ ମୁକ୍ତି ପାଇବାକୁ ସଂଗ୍ରାମ କରୁ କରୁ କେତେବେଳେ ଦୁଇଟି ବର୍ଷ ଅତିକ୍ରାନ୍ତ ହୋଇଯାଇଥିଲା । କିନ୍ତୁ ହଠାତ୍ ୨୦୦୪ ଅଗଷ୍ଟ ମାସ ୪ ତାରିଖ ସନ୍ଧ୍ୟାରେ ସଦ୍ୟ ଧରିତ୍ରୀ ଅଫିସ୍‌ରୁ ଲେଖାଲେଖି ସାରି ଫେରୁଥିବା ସମୟରେ ତାଙ୍କର ମସ୍ତିଷ୍କ ପ୍ରଦାହ (ବ୍ରେନ୍ ହାମ୍‌ରେଜ) ହୋଇ ସାରା ଶରୀରଟାକୁ ପଙ୍ଗୁ କରିଦେଲା । ତୁରନ୍ତ ତାଙ୍କୁ କ୍ୟାପିଟାଲ ହସ୍‌ପିଟାଲ ଏବଂ ପରେ କଳିଙ୍ଗ ହସ୍‌ପିଟାଲରେ ଭର୍ତ୍ତି କରାଯାଇ ସମସ୍ତ ପ୍ରକାର ଅତ୍ୟାଧୁନିକ ଚିକିତ୍ସା ଯୋଗାଇଦେବା ସତ୍ତ୍ୱେ ସେ ଏକପ୍ରକାର 'କୋମା' ଅବସ୍ଥାକୁ ଚାଲିଯାଇଥିଲେ ।

ଏହାପରେ ଅତିକ୍ରାନ୍ତ ହୋଇଯାଇଥିଲା ପୁନଃ ଦୁଇଟି ବର୍ଷ । କିନ୍ତୁ ଫେରିନଥିଲା ତାଙ୍କର ସଂଜ୍ଞା କି ଉଠି ବସିନଥିଲେ ସେ ଆଉ ନିଜର ପ୍ରିୟ ଆରାମଚୌକିରେ । ସେବା, ସଂଗ୍ରାମ ଆଉ ସୃଜନର ଏହି ସାଲିସ୍ ବିହୀନ ଅଦମନୀୟ ଜନନେତ୍ରୀ ନୀରବରେ ସଂଗ୍ରାମ କରିଚାଲିଥିଲେ ମୃତ୍ୟୁ ସହିତ; ଦିନେ ନୁହେଁ, ମାସେ ନୁହେଁ, ବର୍ଷେ ନୁହେଁ, ସମ୍ପୂର୍ଣ୍ଣ ଦୁଇବର୍ଷ ନିରବଚ୍ଛିନ୍ନ ଭାବରେ । ପ୍ରଚାର ପ୍ରତି ସଦା ନିଃସ୍ପୃହ ରହୁଥିବା ଏହି ନୀରବ ସାଧିକାଙ୍କର ଜୀବନ ଓ ମୃତ୍ୟୁ ସହ ସଂଗ୍ରାମ ଥିଲା ଭିନ୍ନ ଏକ ନୀରବ ସାଧନା । ଆଉ ତାଙ୍କର ଏହି ଦୁଇବର୍ଷର ସାଧନା ମଧ୍ୟରେ ଆତ୍ମା-ପରମାତ୍ମାଙ୍କ ଭିତରେ ବିଚାର ବିମର୍ଷ ଚାଲିଥିଲା ନନ୍ଦିନୀଙ୍କର ପୁନଃ ଏହି ପାର୍ଥିବ ଜଗତକୁ ଫେରିଆସିବା କିମ୍ବା ପରମାର୍ଥରେ ଲୀନ ହୋଇଯିବାର ଆବଶ୍ୟକତାକୁ ନେଇ ।

⁂

Digitized by PPRACHIN, SOA

ମାଟିର ନନ୍ଦିନୀ ମାଟିରେ ମିଶିଲେ

୪ ଅଗଷ୍ଟ, ୨୦୦୬ ।

ସବୁରି ଅଜାଣତରେ ସନ୍ଧ୍ୟା ଆକାଶରେ ମେଘମାନେ ମେଳି ବାନ୍ଧୁଥିଲେ । କ୍ରମଶଃ ଘନ ହେଉଥିଲା ସେହି ମେଳି । ସତେ ଅବା କ୍ଷଣକ ପରେ ବର୍ଷି ଉଠିବେ ଚାରିଦିଗରୁ ଚାରିମେଘ । କିନ୍ତୁ କାହାପାଇଁ ଏଭଳି ପଟୁଆର ? କାହାର ସ୍ୱାଗତ ସମ୍ଭାଷଣ ପାଇଁ ଏ ପ୍ରସ୍ତୁତି, ଏ ସଜବାଜ ! ଅନନ୍ତ ମହାକାଶର ଏହି ରହସ୍ୟକୁ ନଗରବାସୀ ଜାଣିବାରେ ପ୍ରତିବନ୍ଧକ ସାଜିଥିଲା ସହରର ଉଜ୍ଜ୍ୱଳ ଆଲୋକ ରଶ୍ମି । ଆତ୍ମା-ପରମାତ୍ମାଙ୍କ ଏହି ଚରମ ନିଷ୍ପତ୍ତିକୁ ଆଗରୁ ଜାଣିପାରି ପ୍ରକୃତି କ'ଣ ବାରିଧାରାର ପୁଷ୍ପାଞ୍ଜଳି ପାଇଁ ଉଦ୍‌ବିଗ୍ନ ! ନା ଧରାଶାୟୀ ନନ୍ଦିନୀଙ୍କ ବିୟୋଗଯାତ୍ରାର ସୂଚନାରେ ଗଭୀର ମର୍ମାହତ ପୂର୍ବକ ନୀରବ ଅଶ୍ରୁସିଞ୍ଚନର ପ୍ରସ୍ତୁତି ! ଏସବୁ କିଛି ବୁଝିହେଉନଥିଲା । ତଥାପି ସନ୍ଦେହର ଘନଘଟା । ସତରେ କ'ଣ ମୃତ୍ୟୁଠାରୁ ହାରିଯିବେ ଆଜୀବନ ଅପରାଜିତା ଲୌହମାନବୀ ? ପ୍ରଶ୍ନ ପରେ ପ୍ରଶ୍ନ କୁଢ଼େଇ ହୋଇପଡୁଥିଲା । ଏତିକିବେଳେ ଅଚାନକ ଛାତିରେ ଯନ୍ତ୍ରଣା ଅନୁଭବ କରି ନନ୍ଦିନୀ ସ୍ଥାନାନ୍ତରୀତ ହୋଇଥିଲେ ରାଜଧାନୀ ଡାକ୍ତରଖାନା । ସତକୁସତ ତାଙ୍କ ଆତ୍ମା ଆଉ ଫେରିବାକୁ ଚାହିଁ ନଥିଲା ଜଡ଼ବତ୍ ପାର୍ଥିବ ଶରୀର ମଧ୍ୟକୁ । ସେହି ମେଘମେଦୁର ରାତ୍ରିର ଆଦ୍ୟ ପ୍ରହର, ଅର୍ଥାତ୍ ୮ ଘଣ୍ଟା ୩୦ ମିନିଟ୍ ସମୟରେ ଲୌହମାନବୀଙ୍କର ଶେଷ ନିଃଶ୍ୱାସ ଲୀନ ହୋଇଗଲା ଅନନ୍ତ ଗଗନରେ ।

ବିଦ୍ୟୁତ୍ ବେଗରେ ଚାରିଆଡ଼େ ଖବର ପ୍ରସାରିତ ହୋଇଗଲା—ନାହାନ୍ତି ଆଉ 'ମାଟିର ନନ୍ଦିନୀ' । ଅନିତ୍ୟ ସଂସାରର ଘନଘଟାକୁ ପଛକରି ଚାଲିଗଲେଣି ମହାନିର୍ବାଣର ନୀରବ ପଥରେ । ଆଉ ବୋଧହୁଏ ଫେରିବେନି ଜୀବନ-ମୃତ୍ୟୁ କବଳିତ ଅନ୍ଧାର

Digitized by PPRACHIN, SOA

ପୃଥିବୀକୁ । ଫେରିଆସିବେନି, ରାଜନୀତି ଚକ୍ରବ୍ୟୂହର ମହାରଥୀମାନଙ୍କର ପରାକ୍ରମକୁ ସୁଦୂର ପରାହତ କରି । ଆଉ ବୋଧେ ଦିଶିବନି ଝିଅଟିଏ ନିଜ ବାପା, କକେଇର ଆଦର୍ଶ ଓ ସ୍ୱାଭିମାନକୁ ମୁଣ୍ଡରେ ମୁଣ୍ଡେଇ ଧାଡ଼ଁ ଧାଡ଼ଁ ସରିଯାଉଥିବାର ଦୃଶ୍ୟ । ଆଉ କେବେ ଆବିର୍ଭୂତ ହେବେନି ମାଟିର ମହାମାୟା ଦୁର୍ଦ୍ଦାନ୍ତ ମହିଷମାନଙ୍କ ବିରୁଦ୍ଧରେ ଶାଣିତ ଖଡ୍‌ଗ ଉତ୍ତୋଳନ କରି । ଆଉ କେହି ଦେଖିବେନି ଶୋଷଣ ଶାସିତ ବୁର୍ଜୁଆ ଭୂଖଣ୍ଡରେ ସାମ୍ୟବାଦୀ ସୃଷ୍ଟିର ସୁନ୍ଦର ସ୍ୱପ୍ନ !

ତାଙ୍କ ଫେରିବାର ପଥକୁ ଦୀର୍ଘ ପ୍ରତୀକ୍ଷା କରିଥିବା ସକଳ ଆତ୍ମୀୟସ୍ୱଜନ, ପ୍ରିୟ ନଗରବାସୀ ସେମାନଙ୍କ ପ୍ରାଣପ୍ରିୟ ନେତ୍ରୀଙ୍କୁ ଶେଷ ସମ୍ମାନ ଜଣାଇବା ପାଇଁ ଭିଡ଼ ଜମାଇବାରେ ଲାଗିଥିଲେ । ବର୍ଷା ହାର ମାନିଥିଲା । ସେଦିନର ବର୍ଷା ଏ ପୃଥିବୀକୁ କେମିତି ପ୍ଲାବିତ କରିଥାନ୍ତା କେଜାଣି, ମାତ୍ର ପୁରବାସୀଙ୍କ ଆଖିର ଅଶ୍ରୁରେ ପ୍ଲାବିତ ହୋଇଗଲା ସମଗ୍ର ଧରଣୀ । ଅନ୍ତିମ ସଂସ୍କାର ପର୍ଯ୍ୟନ୍ତ ଏହି ଲୁହର ବନ୍ୟା ତାଣ୍ଡବ ରଚିଥିଲା ପ୍ରତ୍ୟେକ ପ୍ରତ୍ୟକ୍ଷଦର୍ଶୀଙ୍କ ହୃଦୟରେ । ଦଳ, ମତ, ଜାତି, ସମ୍ପ୍ରଦାୟ ନିର୍ବିଶେଷରେ ତାଙ୍କ ମରଶରୀର ଉପରେ ପ୍ରତ୍ୟେକ ଅର୍ପଣ କରିଥିଲେ ପୁଷ୍ପର ଶ୍ରଦ୍ଧାଞ୍ଜଳି । ଜଣାଇଥିଲେ ଅନ୍ତିମ ସମ୍ମାନ ।

୫ ଅଗଷ୍ଟ, ୨୦୦୬ ।

ଅଶ୍ରୁସିକ୍ତ ସକାଳ କାନ୍ଦୁଥିଲା ସମ୍ବାଦପୃଷ୍ଠାର ଶୋକବାର୍ତ୍ତାରେ । ତାଙ୍କ ମହନୀୟ କାର୍ଯ୍ୟଧାରା ଏବଂ ଗାରିମାମୟ ବ୍ୟକ୍ତିତ୍ୱର ମହାର୍ଘ୍ୟ ମହକ ଭାସି ବୁଲୁଥିଲା ଚତୁର୍ଦ୍ଦିଗରେ । ଏଥିସହିତ ଆରମ୍ଭ ହୋଇଯାଇଥିଲା ମହାନାୟିକାଙ୍କ ମହାଯାତ୍ରା ।

କାଳି ଅନ୍ଧାରରୁ ଭୁବନେଶ୍ୱରସ୍ଥ ୧୦୭, ସୂର୍ଯ୍ୟନଗର ବାସଭବନଟି ଚଳଚଞ୍ଚଳ ହୋଇଉଠିଲା । ନିମିଷକ ମଧ୍ୟରେ ସମ୍ପୂର୍ଣ୍ଣ ପରିସରଟି ଲୋକାରଣ୍ୟ ପାଲଟିଲା । ଚିହ୍ନା, ଅଚିହ୍ନା, ପ୍ରିୟପରିଜନ, ବନ୍ଧୁବାନ୍ଧବ, ସାଧାରଣ, ଅସାଧାରଣ ସବୁବର୍ଗର ମଣିଷମାନେ ଖବର ପାଇ ଏକଜୁଟ୍ ହୋଇଗଲେ ଓଡ଼ିଶାର ଏହି କାଳଜୟୀ, ଲୌହମାନବୀ, ଅଗ୍ନିକନ୍ୟା ନନ୍ଦିନୀଙ୍କୁ ଶେଷ ଅଭିବାଦନ ଜଣାଇବାକୁ । ମହାମହିମ ରାଜ୍ୟପାଳଙ୍କଠାରୁ ଆରମ୍ଭ କରି ସାଧାରଣ ନାଗରିକଙ୍କ ପର୍ଯ୍ୟନ୍ତ କେହି ବି ଭୁଲିନଥିଲେ ତାଙ୍କ ପ୍ରିୟ ନେତ୍ରୀଙ୍କୁ ଶେଷ ସମ୍ଭାଷଣ ଜଣାଇବା ଲାଗି । କିଛିସମୟ ପରେ ତାଙ୍କର ପାର୍ଥିବ ଶରୀରକୁ ନିଜର ପ୍ରିୟ କର୍ମଭୂମି ଢେଙ୍କାନାଳକୁ ନିଆଯାଇ ଅପରାହ୍ନ ୨ଟା ବେଳକୁ ଅତିପ୍ରିୟ ଧରିତ୍ରୀ କାର୍ଯ୍ୟାଳୟକୁ ଅଣାଯାଇଥିଲା । ସେଠାରୁ ନିଜ ହାତରେ ଗଢ଼ିଥିବା କଂଗ୍ରେସ ଭବନରେ କିଛି ସମୟ

Digitized by PPRACHIN, SOA

ରଖାଯାଇଥିଲା ଶେଷ ଦର୍ଶନ ପାଇଁ । ଏହାପରେ ବିଧାନସଭା ଦେଇ ପୁନଃ ସୂର୍ଯ୍ୟନଗରରେ ପଦାର୍ପଣ କରିଥିଲା ଶୋଭାଯାତ୍ରା । ସେଠାରୁ ୩ଟା ୧୪ ମିନିଟ୍‌ରେ ଶେଷ ଶୋଭାଯାତ୍ରା ବାହାରି ପବିତ୍ର ଏକାମ୍ର କ୍ଷେତ୍ରର ଗରାବଡ୍ଡୁ ଶ୍ମଶାନରେ ପହଞ୍ଚିଥିଲା ପ୍ରାୟ ୩.୪୦ ମିନିଟ୍ ବେଳକୁ । ଏହିଠାରେ ହିଁ ଦିନେ ଜଳିଥିଲା ସ୍ୱାମୀ ଦେବେନ୍ଦ୍ର ଶତପଥୀଙ୍କ ଚିତା ।

ଆକାଶ ନୀରବ । ମେଘମାଳା ସ୍ତବ୍ଧ । ଚେଷ୍ଟା କରି ବି ବର୍ଷିପାରୁନଥିଲେ । କୋହର ଆଧିକ୍ୟରେ କାନ୍ଦିପାରୁନଥିଲେ ଯେମିତି । ସହରଟା ଗୁମୁରି ଗୁମୁରି କମ୍ପୁଥିଲା । ଚାରିଆଡ଼େ କିପରି ଗୋଟାଏ ଗୁମ୍‌ସୁମ୍ ଭାବ ଆବୋରି ବସିଥିଲା । ଶୋଭାଯାତ୍ରାରେ ସାମିଲ ହୋଇଥିଲେ ଆବାଳ ବୃଦ୍ଧ ବନିତା, ଜଣା-ଅଜଣା, ସାନ-ବଡ଼, ମହିଳା-ପୁରୁଷ, ଧନୀ-ନିର୍ଦ୍ଧନ, କ୍ଷମତାଶାଳୀ-ସାଧାରଣଙ୍କଠାରୁ ଆରମ୍ଭ କରି ଓଡ଼ିଶାର କୋଣଅନୁକୋଣରୁ ଛୁଟିଆସିଥିବା ନନ୍ଦିନୀପ୍ରେମୀମାନେ । ମା'ଙ୍କ ଶେଷ ଦର୍ଶନ ପାଇଁ ଶୂନ୍‌ଶାନ୍ ଥିବା ଗରାବଡ୍ଡୁ ଶ୍ମଶାନଟା ନିମିଷକ ମଧ୍ୟରେ ଚଳଚଞ୍ଚଳ ହୋଇଉଠିଥିଲା । ନଥିଲା ସେଠାରେ ପଦପଦବୀର ଅହମିକା, ସାନ-ବଡ଼ କି ଛୁଆଁ-ଅଛୁଆଁର ଭେଦାଭେଦ । ସଭିଙ୍କ ଭିତରେ ଠେଲାପେଲା ଲାଗିଥିଲା ନନ୍ଦିନୀଙ୍କ ଜୁଇରେ ତୁଳସୀ-ଚନ୍ଦନ କାଠ ଖଣ୍ଡେ ଦେଇ ଶେଷ ସମ୍ମାନ ଜଣାଇବା ପାଇଁ । ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ବିରୋଧୀଦଳ ନେତାଙ୍କ ପର୍ଯ୍ୟନ୍ତ, ସମସ୍ତ ପୂର୍ବତନ ମୁଖ୍ୟମନ୍ତ୍ରୀ, ରାଜ୍ୟ ମନ୍ତ୍ରିମଣ୍ଡଳର ବହୁ ସଦସ୍ୟ, ବିଧାୟକ, ମେୟର, କର୍ପୋରେଟର, ସ୍ୱେଚ୍ଛାସେବୀ, ଖବରକାଗଜ ସମ୍ପାଦକ, ସାମ୍ବାଦିକ, ସାହିତ୍ୟିକ, ଅଧିବକ୍ତା, ନାଗରିକ ସମାଜର ମୁରବୀ ଏବଂ ସର୍ବୋପରି ପ୍ରଶାସନର ସର୍ବୋଚ୍ଚ ଅଧିକାରୀମାନେ ଏକାକାର ହୋଇଥିଲେ ଶ୍ରଦ୍ଧାଞ୍ଜଳି ଜଣାଇବା ପାଇଁ । ଜୁଇ ସଜଡ଼ା ହେବାଠାରୁ ମୁଖାଗ୍ନି ଦେବାଯାଏ, ପୁଣି ପାର୍ଥିବ ଶରୀର ଭସ୍ମୀଭୂତ ହେବା ପର୍ଯ୍ୟନ୍ତ ସଭିଏଁ ସେଠାରେ ଚାହିଁ ରହିଥିଲେ ମହିୟସୀ ମହାମାନବୀଙ୍କ ଅନ୍ତିମ ବିଦାୟଲଗ୍ନକୁ ।

ଜାତୀୟ ପତାକାରେ ଆବୃତ ହୋଇଥିଲା ନନ୍ଦିନୀଙ୍କ ପାର୍ଥିବ ଶରୀର । ୩.୫୬ ମିନିଟ୍‌ରେ ତାଙ୍କୁ ଯଥୋଚିତ ରାଷ୍ଟ୍ରୀୟ ସମ୍ମାନ ପ୍ରଦର୍ଶନ କରାଯାଇଥିଲା । ୩.୫୯ ମିନିଟ୍‌ରେ ଓଡ଼ିଶା ସଶସ୍ତ୍ର ବାହିନୀର ଯବାନ୍‌ମାନଙ୍କ ବିଗୁଲ୍ ବାଜି ଉଠିଥିଲା । ଏକ... ଦୁଇ... ତିନ... ଚାରି... କରି ୨୧ ଥର ତୋପ ସଲାମି ଦିଆଯିବା ପରେ ୪.୨୭ ମିନିଟ୍‌ରେ ହରିବୋଲ, ହୁଳହୁଳି ଧ୍ୱନୀ ଭିତରେ ବଡ଼ପୁଅ ନଚିକେତା, ସାନପୁଅ ତଥାଗତ ଏବଂ ତାଙ୍କର ପ୍ରିୟ ନାତି ସୁପର୍ଣୋ ଦେଇଥିଲେ ମୁଖାଗ୍ନି । ପାରମ୍ପରିକ କ୍ରିୟାକର୍ମ ଭିତରେ ନନ୍ଦିନୀଙ୍କ ଗୁଣ ସୁମରି ନିଜ ଭିତରେ କୁହୁଳୁଥିବା ସମଗ୍ର ଶୋକାକୁଳ ଜନତା ତାଙ୍କ ପ୍ରିୟ ନେତ୍ରୀଙ୍କ ପାର୍ଥିବ ଶରୀରରେ ଅଗ୍ନିସଂଯୋଗ ହେବାମାତ୍ରେ ପୁଣି ବୁହାଇଥିଲେ ଅଶ୍ରୁର

Digitized by PPRACHIN, SOA

ବନ୍ୟା । 'ନନ୍ଦିନୀଦେବୀ ଅମର ରହେ' ଧ୍ୱନୀରେ ଗରାବଡୁ ଶ୍ମଶାନ କିଛି ସମୟ ପାଇଁ ଥରି ଉଠିଥିଲା । ଶୋକାକୁଳ ଜନତା ମାନିନଥିଲେ ଶୃଙ୍ଖଳା ରକ୍ଷାକାରୀ ଚାରି ପ୍ଲାଟୁନ୍ ପୋଲିସ୍ ଫୋର୍ସର ବାଧାବନ୍ଧନକୁ । ସେମାନଙ୍କ କର୍ଡନ ଭାଙ୍ଗି ପଶିଥିଲେ ଶ୍ମଶାନ ଭିତରେ ତାଙ୍କ ପ୍ରିୟ ମା'ଙ୍କ ଜୁଇରେ ଚନ୍ଦନ କାଠ ଖଣ୍ଡେ ପକାଇ ଶ୍ରଦ୍ଧା ଉତ୍ସର୍ଗ କରିବାକୁ ।

କରୁଣରୁ କରୁଣତର ଶ୍ମଶାନର ପ୍ରଶସ୍ତ ପ୍ରାନ୍ତକୁ ଆହୁରି କରୁଣ କରିଦେଇଥିଲା ଜଣେ ଅଶୀତିପର ବୃଦ୍ଧାଙ୍କ କଇଁ କଇଁ କାନ୍ଦଣାର କ୍ଷୀଣ ସ୍ୱରଟିଏ । ସେହି କାନ୍ଦ କୋଳାହଳର ଶବ୍ଦକୁ ଟପି ଶୁଭିଯାଉଥିଲା ଅନେକ ଦୂର ପର୍ଯ୍ୟନ୍ତ । କ୍ରମଶଃ ଭିଡ଼କୁ ଆଡ଼େଇ ଥରିଲା ଥରିଲା ହାତରେ ତୁଳସୀକାଠ ଖଣ୍ଡେ ଧରି ଜୁଇଆଡ଼କୁ ଅଗ୍ରସର ହୋଇଥିଲେ ବୃଦ୍ଧା । ମା' ମା' କହି ଜୁଇରେ ତୁଳସୀକାଠ ସମର୍ପି ଜଣାଇଥିଲେ ଶେଷ ପ୍ରଣାମ । ହୃଦୟର ନିଭୃତ କୋଠରୀରୁ ପ୍ରାଣପ୍ରିୟ ସନ୍ତାନ ତୁଲ୍ୟ ଏହି ଜନନେତ୍ରୀଙ୍କୁ ଅଜାଡ଼ି ପକେଇଥିଲେ ଆଶୀର୍ବାଦ । ସଭିଙ୍କ ଚକ୍ଷୁ ଲୋତକାପ୍ଳୁତ । କେହି କହୁଥିଲେ, 'ଏମିତି ନନ୍ଦିନୀଟିଏ ପାଇବା ପାଇଁ ହୁଏତ ଓଡ଼ିଶାକୁ ଅପେକ୍ଷା କରିବାକୁ ପଡ଼ିବ ହଜାରେ ବରଷ ।' ପୁଣି କେହି କହୁଥିଲେ 'ବଞ୍ଚିଥିବାବେଳେ ସେ ଥିଲେ ଆମର ମା' ଆଉ ଆଜି ବି ସେ ଆମରି ମା' ।' ଆଉ କେହି ଦୁଃଖରେ କୋଢ଼ି ହେଉଥିଲେ, 'ଆ...ହା...ହା... କି ପୂଣ୍ୟାତ୍ମାରେ ! କ'ଣ ନ କରିଛନ୍ତି ସେ ଓଡ଼ିଶା ପାଇଁ, ଓଡ଼ିଆଙ୍କ ପାଇଁ !' ହେଲେ କିଛି ବି ଶୁଣୁନଥିଲେ, କିଛି ବି ଦେଖୁନଥିଲେ ଅବା କିଛି ବି କହୁନଥିଲେ ମାଟିର ନନ୍ଦିନୀ, ଓଡ଼ିଆ ଜାତିର ଏହି ଲୌହମାନବୀ—ଅଗ୍ନିକନ୍ୟା । ନିଶ୍ଚିତରେ ସେ ଶୋଇଯାଇଥିଲେ ମହାନିଦ୍ରାରେ, ଏକ ନିର୍ବାଣ ନିଦ୍ରାରେ, ମାଟିର ନନ୍ଦିନୀ କ୍ରମଶଃ ମିଶିଯାଇଥିଲେ ପଞ୍ଚଭୂତରେ ।

ଓଡ଼ିଆ ଭାଗବତରେ କଥାଟିଏ ଅଛି—

"ପ୍ରାଣୀର ଭଲ ମନ୍ଦ ବାଣୀ,
ମରଣ କାଳେ ତାହା ଜାଣି ।"

ମଣିଷର ମୃତ୍ୟୁ ସମୟରେ ହିଁ ତାହାର ଭଲ ମନ୍ଦ ବିଚାର ଜଣାପଡ଼ିଥାଏ । ଦୁନିଆଁକୁ ପିଠି କରି ବାହୁଡ଼ି ଯାଉଥିବା ଲୋକର ଅନ୍ତିମ ବେଳାରେ ତାକୁ ହାତ ହଲାଇ ବିଦାୟ ଜଣାଉଥିବା ଲୋକଙ୍କ ସଂଖ୍ୟାରୁ ଜଣାପଡ଼ିଥାଏ ବିଦାୟୀ ଜୀବନଯାତ୍ରାର ସାର୍ଥକତା । ଭଲ କରିଥିଲେ ସବୁରି ଆଖିରୁ ଲୁହ ନିଗିଡ଼େ, ପାର୍ଥିବ ଶରୀର ନଥିଲେ ମଧ୍ୟ ସେ ଜନମାନସରେ ଦିବ୍ୟତ୍ୱ ପ୍ରାପ୍ତ ହୋଇଥାନ୍ତି, ଯୁଗଯୁଗକୁ ତାଙ୍କ କାର୍ଯ୍ୟ ଆଲୋକବର୍ତ୍ତିକା

Digitized by PPRACHIN, SOA

ରୂପେ ପରବର୍ତ୍ତୀ ପିଢ଼ିଙ୍କୁ ମାର୍ଗଦର୍ଶନ ତଥା ପ୍ରେରଣା ଯୋଗାଇବାରେ ସହାୟକ ହୋଇଥାଏ । ମନ୍ଦ କରିଥିଲେ... ! ତେବେ ନନ୍ଦିନୀଙ୍କ ଦେହାବସାନରେ ଦେଶବାସୀଙ୍କ ମୁହଁରୁ ସ୍ୱତଃସ୍ଫୂର୍ତ୍ତ ଭାବରେ ବାହାରିଥିବା କଥା ହିଁ ତାଙ୍କର ଭଲ ମନ୍ଦର ବିଚାର ରଖେ ।

ଏଠାରେ ବିଶେଷ ଭାବରେ ଉଲ୍ଲେଖଯୋଗ୍ୟ ଯେ, ନନ୍ଦିନୀଙ୍କ ବିୟୋଗରେ ତାଙ୍କର ସୁକର୍ମ ଏବଂ ସୁଗୁଣର ଭୂୟସୀ ପ୍ରଶଂସା କରି ସାରା ଦେଶରୁ, ଏପରିକି ଦେଶ ବାହାରୁ ଯେତେସବୁ ଶୋକବାର୍ତ୍ତାମାନ ଗଣମାଧ୍ୟମରେ ପ୍ରକାଶିତ ହୋଇଥିଲା ଏବଂ ତାଙ୍କର ପରିବାରବର୍ଗଙ୍କ ନିକଟରେ ପହଞ୍ଚିଥିଲା, ସେଗୁଡ଼ିକୁ ଏକାଠି କଲେ ଏକ ଗ୍ରନ୍ଥ ଆକାର ଧାରଣ କରିବ, ଯାହାକି ଏହି ପୁସ୍ତକରେ ସ୍ଥାନୀତ କରିବା ଅସମ୍ଭବ । ଦେଶର ମହାମହିମ ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ବାଚସ୍ପତି, ପ୍ରଧାନମନ୍ତ୍ରୀ, ବିରୋଧୀଦଳ ନେତାଙ୍କଠାରୁ ଆରମ୍ଭ କରି ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସମେତ ଓଡ଼ିଶାର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ବାଚସ୍ପତି, ବିରୋଧୀଦଳ ନେତାଙ୍କ ପର୍ଯ୍ୟନ୍ତ, ପୁଣି ରାଜ୍ୟସଭା, ଲୋକସଭାଠାରୁ ଆରମ୍ଭ କରି ରାଜ୍ୟ ବିଧାନସଭା, ଗ୍ରାମସଭା ପର୍ଯ୍ୟନ୍ତ ସବୁଠାରୁ ଦୁଃଖଭରା ଶୋକବାର୍ତ୍ତା ତାଙ୍କ ସାର୍ଥକ ଜୀବନର ଯଥାର୍ଥତା ବହନ କରିଛି । ଓଡ଼ିଶାର ଗ୍ରାମେ ଗ୍ରାମେ, ପ୍ରତ୍ୟେକ ମଣିଷର ହୃଦୟରେ ଯାହାର ମୃତ୍ୟୁ ସୃଷ୍ଟି ରଚିଯାଇଛି ଏକ ବିରାଟ ଶୂନ୍ୟତା, ସେପରି ଏକ ମହାନ୍ ଆତ୍ମାର ଭଲ ମନ୍ଦର ବିଚାର ସେଇମାନଙ୍କ ବ୍ୟତିରେକେ ଆଉ କିଏ କରିପାରିବ !

⁂

Digitized by PPRACHIN, SOA

୩୯

ନନ୍ଦିନୀ : ଏକ ଆଗ୍ନେୟ ଆହ୍ୱାନ

"ନୁହେଁ ବନ୍ଧୁ ନୁହେଁ ଏହା ଚିତା
ଏ ଦେଶ ତିମିର ତଳେ
ଏ ଅଲିଭା ମୁକତି ସଳିତା
ନୁହେଁ ଏହା ଜଳିଯିବା ପାଇଁ
ଏହାର ଜନମ ଏଠି
ଜାଳି ପୋଡ଼ି ଦେବାକୁ ଧସାଇ ।"

ଓଡ଼ିଆ ସାହିତ୍ୟର ପ୍ରବା ପୁରୁଷ କବି ସଚ୍ଚି ରାଉତରାୟଙ୍କ 'ବାଜି ରାଉତ' କବିତାର ଏହି ପଂକ୍ତିଟି ସ୍ୱତଃ ମନକୁ ଆସିଯାଏ ନନ୍ଦିନୀଙ୍କ ଅବର୍ତ୍ତମାନରେ । ଜୀବନକୁ ତିଳ ତିଳ କରି ଜଳାଇ, ଯନ୍ତ୍ରଣାସିକ୍ତ କରି ଯିଏ ଅନ୍ଧକାରାଚ୍ଛନ୍ନ ମାନବ ଜାତିକୁ ମୁକ୍ତିର ମଶାଲ ଦେଖାଇଆସିଥିଲେ, ସାମ୍ୟବାଦୀ ମନ୍ତ୍ରରେ ଉଦ୍‌ଘୋଷିତ କରାଇଥିଲେ, ସେପରି ଜଣେ ବ୍ୟକ୍ତିତ୍ୱଙ୍କୁ ଏଇ ସାମାନ୍ୟ ଚିତା କ'ଣ ଜାଳିପୋଡ଼ି ଭସ୍ମ କରିଦେଇପାରେ ! ଲିଭାଇ ଦେଇପାରେ ତାଙ୍କ ଜୀବନର ଉଚ୍ଚାଟ ଉଦ୍‌ଘୋଷଣାକୁ ? ନନ୍ଦିନୀଙ୍କ ମୃତ୍ୟୁରେ ଅନେକେ ଚିରାଚରିତ ଢଙ୍ଗରେ ଶୋକ ପ୍ରକାଶ କରିଥିଲେ—'ଏକ ଯୁଗର ଅବସାନ ଘଟିଲା', 'ଗୋଟିଏ ଅଧ୍ୟାୟର ପରିସମାପ୍ତି ଘଟିଲା ।' ମାତ୍ର ବାସ୍ତବରେ ନିଜ ଜୀବଦ୍ଦଶାରେ ନନ୍ଦିନୀ ଯାହା କାର୍ଯ୍ୟରେ ପ୍ରମାଣିତ କରିଯାଇଛନ୍ତି, ତାହା ଆଗାମୀ ପିଢ଼ି ପାଇଁ, ଆଗାମୀ ହଜାରେ ବର୍ଷ ପାଇଁ, ସମଗ୍ର ନାରୀ ସମାଜ ପାଇଁ ଯେ ଏକ ବିରାଟ ବଡ଼ ଆହ୍ୱାନ; ଏ କଥାଟିକୁ ହେଜରେ ଆଣିବାକୁ ସଭିଏଁ ପାଶୋରି ଯାଇଛନ୍ତି କିମ୍ବା ଏଭଳି ସତ୍ୟକଥାଟିଏ ପ୍ରକଟ କରିବାକୁ ନିଜ ଭିତରେ ସାହସ ଜୁଟାଇପାରିନାହାନ୍ତି । ସ୍ୱାଧୀନୋତ୍ତର ଓଡ଼ିଶାରୁ ଆଜି

Digitized by PPRACHIN, SOA

ପର୍ଯ୍ୟନ୍ତ ଏକମାତ୍ର ମହିଳା କେନ୍ଦ୍ରମନ୍ତ୍ରୀ ଏବଂ ଭାରତବର୍ଷର ଦ୍ୱିତୀୟ ମହିଳା ମୁଖ୍ୟମନ୍ତ୍ରୀ ହେବାର ସୌଭାଗ୍ୟ ଅର୍ଜନ କରିଥିବା ନନ୍ଦିନୀ, ଏଯାବତ୍ ଓଡ଼ିଶାର 'ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ' ଭାବରେ ଯେଉଁ ଲକ୍ଷ୍ମଣରେଖା ଟାଣିଦେଇଯାଇଛନ୍ତି, ତାହାକୁ ଲିଭାଇଦେଇ ଅତିକ୍ରମିଯିବାର ସ୍ପର୍ଦ୍ଧା ଆଜିଯାଏଁ କେହି ବି ପୋଷଣ କରିପାରିନାହିଁ । ଏକବିଂଶ ଶତାବ୍ଦୀରେ ସଭ୍ୟତାର ନଭଶ୍ଚୁମ୍ବୀ ବିକାଶ ସତ୍ତ୍ୱେ ଓଡ଼ିଶାର ନାରୀ ଏଯାଏଁ ବି କହିଶିଖିପାରିଲାନି—'ମୁଁ ନାରୀ ନୁହେଁ : ବ୍ୟକ୍ତି' କିମ୍ବା 'ସଂରକ୍ଷଣ ସିଡ଼ିରେ ନୁହେଁ, ଦୃଢ଼ ମନୋବଳ ଏବଂ ନିଜ ପରାକାଷ୍ଠାର ସିଡ଼ି ଚଢ଼ି ମୁଁ ସ୍ପର୍ଶ କରିବି ଶୀର୍ଷ ।'

'କାହିଁକି ତୁମେ ମହିଳାଙ୍କ ପାଇଁ ସଂରକ୍ଷଣକୁ ବିରୋଧ କରୁଛ ?' ପ୍ରଶ୍ନର ପ୍ରତ୍ୟୁତ୍ତରରେ ଏକଦା ଅତ୍ୟନ୍ତ ଦୃପ୍ତ କଣ୍ଠରେ, ବେପରୁଆ ଭାବରେ ଉତ୍ତର ତ ନୁହେଁ, ବରଂ ପ୍ରତିପ୍ରଶ୍ନ କରିଥିଲେ ଏହି ଅସାଧାରଣ ନାରୀନେତ୍ରୀ, "I am not only against reservations for women; I am against reservation of any kind. A person, man or woman should try to stand on his or her own feet without any support. What reservation made me ? [Sunday Mid-day, Aug. 23, 1998]" ପ୍ରଶ୍ନକର୍ତ୍ତା ଆଉକିଛି ପଚାରିବାକୁ କୂଳକିନାରା ନ ପାଇ ନନ୍ଦିନୀଙ୍କ ପ୍ରତିପ୍ରଶ୍ନର ଉତ୍ତର ଖୋଜୁଥିଲେ ନିଜ ଭିତରେ ।

ସତରେ ! ଜୀବନ, ଜୀବନଚର୍ଯ୍ୟା ଓ ଜୀବନବୋଧର ଏକ ଅନନ୍ୟ ଉଚ୍ଚାରଣ ନନ୍ଦିନୀ । ସାଧାରଣରୁ ଅସାଧାରଣ ଉତ୍ତରଣର ଏକ ଅନବଦ୍ୟ ଦୃଷ୍ଟାନ୍ତ ନନ୍ଦିନୀ । ଏହି ଉଚ୍ଚାରଣ ଓ ଉତ୍ତରଣର ବିକଳ୍ପ ପାଇଁ ଅପେକ୍ଷାର ଆୟୁଷ ନିମନ୍ତେ ଗୋଟିଏ ଯୁଗ ମଧ୍ୟ ପର୍ଯ୍ୟାପ୍ତ ନୁହେଁ ।

ଶେଷରେ ଏତିକି କୁହାଯାଇପାରେ, ନନ୍ଦିନୀଙ୍କ ପାର୍ଥିବ ଶରୀର ଆଜି ମାଟିରେ ମିଶିଯାଇଛି ସତ, ହେଲେ ତାଙ୍କର ଜାତିପ୍ରେମ, ଜୀବନାଦର୍ଶ, ବଳିଷ୍ଠ ନେତୃତ୍ୱ ଏବଂ ସ୍ୱାଭିମାନ ଆଗାମୀ ପିଢ଼ି ପାଇଁ ଛାଡ଼ିଯାଇଛି ଏକ ଆଗ୍ନେୟ ଆହ୍ୱାନ । ମାଟି କନ୍ୟା ଉତ୍ତରିତ ହୋଇଛନ୍ତି ରାଜନୀତିଜ୍ଞରୁ ରାଷ୍ଟ୍ରନୀତିଜ୍ଞରେ ।

⁂

Digitized by PPRACHIN, SOA

Digitized by PPRACHIN, SOA

ସାତ ବର୍ଷ ବୟସରେ ନନ୍ଦିନୀ

ନନ୍ଦିନୀଙ୍କ ପିତା
ପଦ୍ମଭୂଷଣ ଶ୍ରୀ କାଳିନ୍ଦୀ ଚରଣ ପାଣିଗ୍ରାହୀ

ନନ୍ଦିନୀଙ୍କ କକେଇ
ଶ୍ରୀ ଭଗବତୀ ଚରଣ ପାଣିଗ୍ରାହୀ

ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ଶ୍ରୀମତୀ ନନ୍ଦିନୀ ଶତପଥୀ

Digitized by PPRACHIN, SOA

୧୯୭୧ ମସିହାରେ ବାତ୍ୟା ବିଧ୍ୱସ୍ତ ଅଞ୍ଚଳରେ ଦେବେନ୍ଦ୍ର ଶତପଥୀଙ୍କ ସହିତ ନନ୍ଦିନୀ

ରାଷ୍ଟ୍ରପତି ଶ୍ରୀଯୁକ୍ତ ଭି.ଭି. ଗିରିଙ୍କୁ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥୀ
ନେହେରୁଙ୍କ ଉପରେ ପ୍ରସ୍ତୁତ ଏକ ଫଟୋ ସମ୍ବଳିତ ଜୀବନୀ ପୁସ୍ତକ ଉପହାର ଦେଉଛନ୍ତି ।

ଏକ ସାଧାରଣସଭାରେ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ସହିତ
ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥୀ

Digitized by PPRACHIN, SOA

ପଣ୍ଡିଚେରୀ ଶ୍ରୀଅରବିନ୍ଦଙ୍କ ଆଶ୍ରମରେ ଶ୍ରୀମାଙ୍କ ସହିତ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରାଗାନ୍ଧୀ ଏବଂ କେନ୍ଦ୍ରମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥୀ

ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ସହିତ ଶ୍ରୀମତୀ ନନ୍ଦିନୀ ଶତପଥୀ ଏବଂ ତାଙ୍କ ପରିବାର

ଶ୍ରୀମତୀ ନନ୍ଦିନୀ ଶତପଥୀଙ୍କର ଭୁବନେଶ୍ୱରସ୍ଥ ବାସଭବନରେ ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ଚନ୍ଦ୍ରଶେଖର

Digitized by PPRACHIN, SOA

ତତ୍କାଳୀନ ରାଷ୍ଟ୍ରପତି
ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କୁ
ଶ୍ରୀମତୀ ନନ୍ଦିନୀ ଶତପଥୀଙ୍କ
ପୁଷ୍ପଗୁଚ୍ଛ ଅର୍ପଣ

ସୁପର୍ଣ୍ଣୋ ଶତପଥୀଙ୍କ ଦ୍ୱିତୀୟ ବାର୍ଷିକ ଜନ୍ମଦିନରେ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ
ନିକଟରେ ଶ୍ରୀମତୀ ନନ୍ଦିନୀ ଶତପଥୀ ଏବଂ ଶ୍ରୀ ଦେବେନ୍ଦ୍ର ଶତପଥୀ

ଏକ ସାଧାରଣ ସଭାରେ ଭାଷଣ ଦେଉଛନ୍ତି ଶ୍ରୀମତୀ ନନ୍ଦିନୀ ଶତପଥୀ
ନିକଟରେ ଶ୍ରୀ ମୋରାରଜୀ ଦେଶାଇ

Digitized by PPRACHIN, SOA

ରାଷ୍ଟ୍ରପତି ଡକ୍ଟର ଜାକୀର ହୁସେନ୍‌ଙ୍କ ସହିତ
ଶ୍ରୀମତୀ ନନ୍ଦିନୀ ଶତପଥୀ

ରାଜ୍ୟପାଳ ଶ୍ରୀଯୁକ୍ତ ବି.ଡ଼ି. ଜତି ୧୯୭୪ ମାର୍ଚ୍ଚ ୬ ତାରିଖ ଦିନ
ଶ୍ରୀମତୀ ନନ୍ଦିନୀ ଶତପଥୀଙ୍କୁ ଦ୍ୱିତୀୟ ଥର ମୁଖ୍ୟମନ୍ତ୍ରୀ ରୂପେ ଶପଥ ପାଠ କରାଉଛନ୍ତି

ଶ୍ରୀଯୁକ୍ତ ଦେବେନ୍ଦ୍ର ଶତପଥୀ
ଏବଂ
ଶ୍ରୀମତୀ ନନ୍ଦିନୀ ଶତପଥୀ

Digitized by PPRACHIN, SOA

◀ ଶ୍ରୀମତୀ ମହାଶ୍ୱେତାଦେବୀ ଏବଂ
ଶ୍ରୀମତୀ ନନ୍ଦିନୀ ଶତପଥୀ

ଶ୍ରୀ ସୁପର୍ଣ୍ଣୋ ଶତପଥୀ ଏବଂ
ଶ୍ରୀମତୀ ନନ୍ଦିନୀ ଶତପଥୀ ▶

◀ ଶ୍ରୀ ଆଶିଷ ରଞ୍ଜନ ମହାପାତ୍ର ଏବଂ
ଶ୍ରୀମତୀ ନନ୍ଦିନୀ ଶତପଥୀ

ଓଡ଼ିଶାରେ ନୂତନ ଟେଲିଭିଜନ ସେବାର
ଶୁଭ ଉଦ୍‌ଘାଟନ କରୁଛନ୍ତି
ଶ୍ରୀମତୀ ନନ୍ଦିନୀ ଶତପଥୀ ▶

Digitized by PPRACHIN, SOA

ନିର୍ଭୟ ନନ୍ଦିନୀ ବାଘରାଣୀ ଖଇରୀ ସହିତ

ମଦର ଟେରେସା ଏବଂ
ଶ୍ରୀମତୀ ନନ୍ଦିନୀ ଶତପଥୀ

ବିନୋବା ଭାବେ ଏବଂ
ଶ୍ରୀମତୀ ନନ୍ଦିନୀ ଶତପଥୀ

Digitized by PPRACHIN, SOA



ନନ୍ଦିନୀଙ୍କ ଅନ୍ତିମ ଶୋଭାଯାତ୍ରା

ଗରାବଡୁ ଶ୍ମଶାନରେ ମା'ଙ୍କ ବିୟୋଗରେ ନଚିକେତାଙ୍କ ପଥଶ୍ରାଦ୍ଧ ପ୍ରଦାନ

ପୁତ୍ର ନଚିକେତା ଓ ତଥାଗତ ଏବଂ ନାତି ସୁପର୍ଣ୍ଣୋଙ୍କର ନନ୍ଦିନୀଙ୍କୁ ପିଣ୍ଡଦାନ

Digitized by PPRACHIN, SOA

ସତ୍ୟ ପ୍ରତି ଏବଂ ଅନ୍ୟାୟ, ଶୋଷଣ ବିରୁଦ୍ଧରେ ବିପ୍ଳବ ପ୍ରତି ଲେଖକ ଆଶିଷ ରଞ୍ଜନଙ୍କର ଅହେତୁକ ଆକର୍ଷଣ । ସ୍ୱାଭାବିକ ତାହାହିଁ କରିଛି ତାଙ୍କର କଲମକୁ ଶାଣିତ । ତାଙ୍କର ପ୍ରବନ୍ଧ, ଗଳ୍ପ ଓ ଜୀବନୀରେ ଦେଖାଯାଏ ଅସହାୟ ମଣିଷ ଜୀବନର ଯନ୍ତ୍ରଣା ଓ ଏହି ଯନ୍ତ୍ରଣାକୁ ଲାଘବ କରିବା ପାଇଁ ଉତ୍ସର୍ଗୀକୃତ ବ୍ୟକ୍ତିମାନଙ୍କର ଜୀବନଚର୍ଯ୍ୟାର ଅତି ମାର୍ମିକ ଚିତ୍ର ।

ତାଙ୍କ ଅଭିଜ୍ଞତାର ବିବିଧତା ତାଙ୍କର ଲେଖନୀକୁ କରିଛି ବଳିଷ୍ଠ, ଯାହାର ସ୍ୱାଦ ପାଠକ ପାଏ ଜୀବନୀ 'ମାଟିର ନନ୍ଦିନୀ' (୧୯୯୯) ଓ ଗଳ୍ପ ସଂକଳନ 'ଡୋବରମ୍ୟାନ୍' (୨୦୦୨) ପୁସ୍ତକରୁ ଏବଂ ସମ୍ବାଦପତ୍ରରେ ପ୍ରକାଶିତ ବହୁ ନିର୍ଭୀକ ନିବନ୍ଧମାନଙ୍କରୁ । ଏହି ନିବନ୍ଧଗୁଡ଼ିକୁ ନେଇ 'ନ କହିଲେ କୂଳ ଭାସିଯାଉଛି' ହେବ ଲେଖକଙ୍କର ଆଗାମୀ ପ୍ରକାଶନ ।

'ନନ୍ଦିନୀ ଶତପଥୀ' ଏକ ଭିନ୍ନସ୍ୱାଦର ଜୀବନୀ, ଯାହା ପରିପୁଷ୍ଟ ହୋଇଛି ଉପଲବ୍ଧ ତଥ୍ୟ ତଥା ସନ୍ଧାନୀ ସତ୍ୟ ଦ୍ୱାରା । ଏଯାବତ୍ ଏକମାତ୍ର ନାରୀ ମୁଖ୍ୟମନ୍ତ୍ରୀ ନନ୍ଦିନୀଙ୍କର ଓଡ଼ିଶାର ଜଟିଳ ରାଜନୈତିକ ପରିବେଶରେ ନିର୍ବାହିତ ଭୂମିକାର ଓ ତାଙ୍କ ସୃଜନଶୀଳ ବ୍ୟକ୍ତିତ୍ୱର ଏକ ପ୍ରଭାବଶାଳୀ ପରିବେକ୍ଷଣ ଏହି ପୁସ୍ତକରେ କରାଯାଇଅଛି । ପୁସ୍ତକଟି ନନ୍ଦିନୀଙ୍କ ସମ୍ପର୍କରେ ଅନୁସନ୍ଧିତ୍ସୁଙ୍କ ପାଇଁ ଅତ୍ୟନ୍ତ ଉପାଦେୟ ହେବ ଏବଂ ଆଗାମୀ ପିଢ଼ି ସମ୍ମୁଖରେ ଓଡ଼ିଶା ରାଜନୀତିର ଓ ନନ୍ଦିନୀଙ୍କ ବ୍ୟକ୍ତିତ୍ୱର ଏକ ନିଚ୍ଛକ ଚିତ୍ର ଉପସ୍ଥାପିତ କରିବ ।

www.snsmt.org

Digitized by PPRACHIN, SOA